ମାର୍ଚ୍ଚ ୨୦୨୨



Photo by: Shri Asit Mohanty

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜିର ପୃଥିବୀରେ ସମସ୍ତ ବଡ ବଡ ଦେଶ ନିଜ ନିଜର ଆଧିପତ୍ୟ ବିସ୍ତାର କରିବାରେ ବ୍ୟସ୍ତ । କିଛି ସୁଯୋଗ ପାଇଲେ ଛୋଟ ଛୋଟ ଦେଶକୁ ଅକ୍ତିଆର କରିନେବା, ଧିରେ ଧିରେ ନିଜର ସୈନ୍ୟବାହିନୀ ଏବଂ ଅସ୍ତ୍ରଶସ୍ତ୍ର ବଢାଇବାର ସତେ ଯେପରି ଏକ ପ୍ରତିଯୋଗିତା ବା ଦୌଡ ଚାଲିଛି । ଏଥିରୁ କୌଣସି ଦେଶ ବାଦ ଯାଇନାହାନ୍ତି । ଯେପରିକି ଶୀତଳ ଯୁଦ୍ଧ ସମୟରେ ସୋଭିଏତ୍ ୟୁନିୟନ ବିଭାଜିତ ହୋଇଥିଲା ଏବଂ ଅନେକ ଛୋଟ ଛୋଟ ଦେଶର ଜନ୍ମ ହୋଇଥିଲା । ଏଥିରେ ମୂଖ୍ୟ ଭୂମିକା ଗ୍ରହଣ କରିଥିଲା ଆମେରିକା ଏବଂ ଏହାପରେ ଋଷିଆ ଦୁର୍ବଳ ହୋଇଯାଇଥିଲା ଏବଂ ଆମେରିକା ବହୁତ ଶକ୍ତିଶାଳୀ ଦେଶ ବନିଯାଇଥିଲା । କିନ୍ତୁ ଏବେ ସମୟ ବଦଳିଯାଇଛି । ଆମେରିକା କୁ ଟକ୍କର ଦେବାପାଇଁ ଅନେକ ଦେଶ ଆଗେଇ ଆସିଛନ୍ତି । ସେମାନଙ୍କ ଭିତରେ ଋଷିଆ ଏବଂ ଚୀନ୍ ଅନ୍ୟତମ ଯେଉଁମାନେ ଆଜିକାଲି ସିଧାସଳଖ ଆମେରିକାକୁ ଆଖି ଦେଖାଉଛନ୍ତି । ଆମେରିକା ନାଟୋ ର ସଦସ୍ୟ ସଂଖ୍ୟା ବଢାଇବାରେ ଲାଗିଥିବା ବେଳେ ଅନ୍ୟ ଦେଶମାନେ ସେମାନଙ୍କ ସାମରିକ ଖର୍ଚ୍ଚକୁ ବଢାଇବାରେ ଲାଗିଛନ୍ତି । ଏହିଠାରୁ ଆରମ୍ଭ ହୋଇଯାଇଛି ଯୁଦ୍ଧର ଆଶଙ୍କା । ଏବେ ଋଷିଆ ଏବଂ ୟୁକ୍ରେନ ଭିତରେ ଯେଉଁ ଯୁଦ୍ଧ ଆରମ୍ଭ ହୋଇ ଚରମ ସୀମାରେ ପହଞ୍ଚିଛି ତାହା ହେଉଛି ଆମେରିକା (ନାଟୋ ଦେଶ) ଏବଂ ଋଷିଆ ମଧ୍ୟରେ ହୋଇଥିବା ବିବାଦ ଯୋଗୁ । ନାଟୋର ପ୍ରଥମେ ସଦସ୍ୟ ସଂଖ୍ୟା ୧୬ ଥିବାବେଳେ ଆମେରିକା କ୍ରମାଗତ ଏହାର ସଦସ୍ୟ

ISSN NO.
2582-208X

ସଂଖ୍ୟାକୁ ବଢାଇବାରେ ଲାଗିଛି । ବର୍ତ୍ତମାନ ୧୬ ରୁ ଆରମ୍ଭ ହୋଇଥିବା ନାଟୋ ୩୦ ସଦସ୍ୟ ବା ଦେଶକୁ ନେଇସାରିଛି । ଆଉ ଏଥିରୁ ବର୍ତ୍ତିବାକୁ ଯାଇ ଋଷିଆ ୟୁକ୍ରେନକୁ ନାଟୋରେ ନମିଶିବା ପାଇଁ ଚାପ ପକାଇଥିଲା ବେଳେ ଯେତେବେଳେ ନାଟୋ ସଦସ୍ୟ ଦେଶ ଏଥିରେ ରାଜିହୋଇ ନାହାନ୍ତି, ଋଷିଆ ନିଜର ପରାକ୍ରମ ଦେଖାଇବାକୁ ଚାହିଁଛି । କିନ୍ତୁ ପ୍ରଥମେ ରଣହୁଂକାର ଦେଉଥିବା ନାଟୋ ସଦସ୍ୟଗଣ ଏବେ ୟୁକ୍ରେନର ସାଥିରେ ଯୁଦ୍ଧ ଲଢିବାକୁ ମନାକରି ଦେଇଛନ୍ତି ଯାହା ଅତ୍ୟନ୍ତ ଚିନ୍ତାର ବିଷୟ । ଫଳ ସ୍ୱରୂପ ଏହି ଯୁଦ୍ଧ ପରେ ଅନେକ ବଡ ବଡ ଦେଶ ସେମାନଙ୍କ ପଡୋଶୀ ଦେଶମାନଙ୍କ ପ୍ରତି ବିପଦ ବନିଯିବାର ବିପଦ ରହିଛି । ଯେପରିକି ଚୀନର ଆଖି ତାଇୱାନ୍ ଉପରେ ଅନେକ ବର୍ଷରୁ ପଡିଅଛି ।

ଅବଶ୍ୟ ଏଇ ଦୌଡରେ କିଛିଟା ଦେଶ ନିରପେକ୍ଷ ରହିଛନ୍ତି ଯେପରିକି ଭାରତ । କିନ୍ତୁ ପରିସ୍ଥିତିର ମୁକାବଲା କରିବା ପାଇଁ ଭାରତ ମଧ୍ୟ ଅତ୍ୟନ୍ତ ଉନ୍ନତ ଧରଣର ଅସ୍ତ୍ରଶସ୍ତ୍ର କିଣିବା କିମ୍ବା ତିଆରି କରିବାରେ ଲାଗିଯାଇଛି । କାରଣ ଆଜିର ଦିନରେ ନିଜ ଦେଶର ସାର୍ବଭୌମତାକୁ ନିଜକୁ ହିଁ ରକ୍ଷା କରିବାକୁ ପଡିବ ଆଉ ଶକ୍ତିଶାଳୀ ହେବାଯୋଗୁ ଅନେକ ଦେଶ ଭାରତ ଉପରେ ଆକ୍ରମଣ କରିବା ଆଗରୁ ଅନେକ ଥର ଭାବିବାକୁ ବାଧ୍ୟ ହେବେ । ଏହାହିଁ ହେଉଛି ଆଜିର ଦିନରେ ପୃଥିବୀରେ ତିଷ୍ଠି ରହିବାର ମୂଳ ମନ୍ତ୍ର । ପୁଣି ପୃଥିବୀ ସେଇ ଜଙ୍ଗଲ ରାଜକୁ ଫେରିବାକୁ ଯାଉଛି ଯେଉଁଠାରେ "ଯୋର ଯାର, ମୂଲକ ତାର" ନୀତି ହିଁ ତିଷ୍ଠି ରହିବାର ମୂଳମନ୍ତ୍ର ।

ଜୟ ଉତ୍କଳ, ଜୟ ଭାରତ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଦାମିନୀ ଅପା | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| ଅବିର ଖେଳା ଗୋ | ଡ. ଶକୁନ୍ତଳା ନାଏକ ଗୁପ୍ତା | ୨୩ |
| ମୁଁ ବୋଧେ ଆଶାୟୀ ସକାଳ ଟିଏ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୨୬ |
| କବିତା ର ନାୟିକା | ଡଃ ମାଙ୍ଗଳିକା ମହାପାତ୍ର | ୨୮ |
| ବାସ୍ତବ ପ୍ରଭୁପୂଜା | ବରଦା ପ୍ରସନ୍ନ ଦାସ | ୨୯ |
| ଅଡୁଆ କାଳକାଳକୁ | କୁଞ୍ଜବିହାରୀ ରାଉତ | ୩୨ |
| ଦୁଃଖ ତ ଅସୀମ | ପୁଷ୍ପାଞ୍ଜଳି ପଣ୍ଡା | ୩୪ |
| ଭେଷଜ | ଡ. ଅର୍ଜୁନ ଚରଣ ବାରିକ୍ | ୩୫ |
| ପାରିଜାତ | ଶାନ୍ତିଲତା ମିଶ୍ର | ୩୭ |
| ସହିଷ୍ଣୁତା ଓ ଉଦାରତା | ବାସନ୍ତୀ ଲତା ଜେନା | ୪୨ |
| ମୁଖା | ବିନୟ ମହାପାତ୍ର | ୪୪ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୪୬ |
| ନୀଳ ଗଗନର ବିହଙ୍ଗ | ଝିଲିମିଲି ସାହୁ | ୫୬ |
| କୃପାଭିକ୍ଷା | ପ୍ରାଧାପିକା ଜ୍ୟୋସ୍ନା ରାୟ | ୫୭ |
| ମାଗୁଣି | ରଂଜୀତ ପଣ୍ଡା | ୫୯ |
| ପିଇସି ଅପା | ଡକ୍ଟର ସଙ୍ଘମିତ୍ରା ଭଞ୍ଜ | ୬୦ |
| ଗ୍ରାମ୍ୟ ଲଳନା | ଅଧାପିକା ରେ୍ବଜାଲିନ୍ ବାରିକ୍ | ୬୩ |
| କହିବେକି ? | ଡ. ଜ୍ଞାନେଶ୍ୱର ମିଶ୍ର | ୬୫ |
| ଜୀବନ ନୌକା | ଅଳକା ମହାନ୍ତ | ୬୭ |

ISSN NO.
2582-208X


| | | |
|---|---|---|
| ଏକ କ୍ରୁଜ୍‌ସିପ୍‌ର ଆକ୍ସିଡେଣ୍ଟ କାହାଣୀ | ଶଶଧର ମହାପାତ୍ର | ୬୯ |
| ସବୁଠୁ ସୁନ୍ଦର | ବିନୋଦିନୀ ଦାଶ | ୭୨ |
| ଅନୁଭୂତି | ଡ. ପ୍ରସନ୍ନ କୁମାର ବଳ | ୭୪ |
| ମୋ" ହୃଦୟ ଠାକୁର | ଅମ୍ବିକା ସ୍ୱାଇଁ | ୭୬ |
| ଗୋପବନ୍ଧୁଙ୍କ "କାରା-କବିତା" ରେ ରସ-ଦୃଷ୍ଟିଃ ପ୍ରଥମ ପର୍ଯ୍ୟାୟ | ଶୁଭ୍ରାଂଶୁ କୁମାର ବିଶ୍ୱାଳ | ୭୮ |
| ପ୍ରଚାରରେ ଆଉ ଯିବିନି ଭାଇ | ଶିଶିର ପଣ୍ଡା | ୮୭ |
| ମନ ଜପ ନନ୍ଦସୁତ ରାଧାକାନ୍ତ | ଜୟନ୍ତୀ ଦେବୀ | ୮୯ |
| ବୋଉ | ସଂଯୁକ୍ତା ସାହୁ | ୯୧ |
| ସହିଦ ଭଗତ ସିଂହ | ବୀରକଶୋର ନାୟକ | ୯୩ |
| ଓଡିଶା ର ସ୍ୱାଧୀନତା ସଂଗ୍ରାମ @ ବକ୍ସି ଜଗବନ୍ଧୁ | ସୁଷମା ପରିଜା | ୯୫ |
| ନମନ | ଡଃ ଅଭିମନ୍ୟୁ କାନୁନଗୋ | ୯୯ |
| ପାଦଚିହ୍ନ | ଆଦ୍ୟରଶ୍ମି କର | ୧୦୧ |
| ଭାବ | କୀର୍ତ୍ତି ଦେବୀ | ୧୦୨ |
| ଉଜୁଡା ସ୍ୱପ୍ନ | ଜୟଶ୍ରୀ ପଟ୍ଟନାୟକ | ୧୦୩ |
| ଅସଜଡା ଗୁଲଦସ୍ତା | ଅଜୟ କୁମାର ପଣ୍ଡା | ୧୦୫ |
| ପଥ ଓ ପାଦ | ଦଣ୍ଡାସି ପ୍ରଧାନ | ୧୦୬ |
| ଭାଦ୍ରବ ପୂର୍ଣିମା ବିଶେଷତା | ସୁଲୋଚନା ବେହେରା | ୧୦୯ |
| ଆମ ସମୟର କାହାଣୀ | କୁଞ୍ଜବିହାରୀ ସାହୁ | ୧୧୨ |
| ସେ ଅଭୁଲା ଦିନର ସ୍ମୃତି | ଛବି ରାଣୀ ପତି | ୧୨୧ |
| ଅତୁଲ୍ୟ ଭାରତ | ଅରୁଣ କୁମାର ମହାପାତ୍ର | ୧୨୩ |
| ସ୍ୱପ୍ନ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ | ୧୨୫ |

ISSN NO.
2582-208X


| | | |
|---|---|---|
| ଭାରତ ବିଭାଜନ: ଏକ ପରାଭୂତ ସ୍ୱପ୍ନ | ପ୍ରିୟବ୍ରତ ପାତ୍ର | ୧୨୭ |
| ତ୍ରିରଙ୍ଗା | ପ୍ରିୟଦର୍ଶିନୀ ମହାପାତ୍ର | ୧୩୫ |
| କଲମର ଦାୟୀତ୍ୱ | ପ୍ରଫେସର ସନ୍ତୋଷ କଶୋର ବଳ | ୧୩୬ |
| ମୁଁ ବି ନେତା ହେବି | ରାଧାମୋହନ ପୂଜାହାରୀ | ୧୩୯ |
| ଫ୍ରି ଗୁପଚୁପ୍ | ଆଶୁତୋଷ ମେହେର | ୧୪୩ |
| ଜୀବନ ଏକ ଭଗ୍ନାଂଶ | ରୀତା ଅପରାଜିତା ମହାନ୍ତ | ୧୪୬ |
| ପଦୁଅଁ କହିର ପାଣିଗ୍ରହଣ | ଶୋଭଗିନ ବିଶି | ୧୪୮ |
| ଗଣତନ୍ତ୍ର ଦିବସ | ସୁବ୍ରତ କୁମାର ପ୍ରଧାନ | ୧୫୦ |
| ଅପରିଚିତ | ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ | ୧୫୨ |
| କରଇ ଦୟିନୀ | ତ୍ରିପତି ପ୍ରଧାନ | ୧୫୬ |
| ସନ୍ଧ୍ୟା | ଶୁଭେନ୍ଦୁ ମେହେର | ୧୫୯ |
| ଆସୁଛନ୍ତି ମା ସରସ୍ୱତୀ | ସମ୍ବିତ ଦାଶ | ୧୬୧ |
| ନମାମି ସମେସାନ ନିର୍ବାଣ ରୁପମ | ଅଧର ବିଶ୍ୱାଳ | ୧୬୨ |
| ନିରୂପାୟ | ଗଜାନନ ମିଶ୍ର | ୧୬୬ |
| ଜୀବନ....କ୍ଷଣସ୍ଥାୟୀ | ପ୍ରଶାନ୍ତ କୁମାର ପାଢୀ | ୧୬୮ |
| ନାଟକ- ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୯ |
| ରାତି ପାହିଲାଣି | ହରେରାମ ପଣ୍ଡା | ୧୭୭ |
| ଅନିଶ୍ଚିତତାର ଆଢୁଆଳରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୭୯ |
| ରୋମାଞ୍ଚିତ ଆକର୍ଷଣ | ବେଣୁଧର ସୂତାର | ୧୮୧ |
| ଲଳିତ ନିବନ୍ଧ-ଧନୀ | ବଦ୍ରୀ ମହାନ୍ତ | ୧୮୩ |

ISSN NO.
2582-208X


| | | |
|---|---|---|
| ବିଚ୍ଛେଦ | ଗୋବର୍ଦ୍ଧନ ସେନାପତି | ୧୮୭ |
| ଦିଅ ପ୍ରଭୁ ଆଶିଷ | ସେବାକାନ୍ତ ନନ୍ଦ | ୧୮୮ |
| ଶୁଭ ସକାଳ | ଭଗିରଥୀ ଯାନୀ | ୧୯୦ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୯୩ |
| ହୃଦୟ ରାଣୀ | ଅମୂଲ୍ୟ କୁମାର ପଣ୍ଡା | ୧୯୯ |
| ଚାଲ ଯିବା ଆମେ ଶିରିମନ୍ଦିର | ରଘୁନାଥ ତ୍ରିପାଠୀ | ୨୦୦ |
| ଅତୀତ ହୋଇଛି ଯାହା | ଜୟନ୍ତ କୁମାର ମଲ୍ଲିକ୍ | ୨୦୨ |
| ସ୍ୱଦେଶୀ ଆନ୍ଦୋଳନରେ ନେତାଜୀଙ୍କ ଭୂମିକା | ଅସିତ ମହାନ୍ତ | ୨୦୩ |
| ଖୁସି | ବୈଷ୍ଣବ ମେହେର | ୨୦୮ |
| ଜଗତେ ନାହିଁ | ଖଗେଶ୍ୱର ବାଗ | ୨୧୦ |
| ଘେରାବନ୍ଧୀ | ଦୀନବନ୍ଧୁ ବେଜ | ୨୧୨ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କଶୋର ମହାନ୍ତ | ୨୧୪ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୨୧୮ |
| ବାପା | ଦୀନବନ୍ଧୁ ପୋଇ | ୨୨୧ |
| ଭାଗ୍ୟ ହାତେ ଡୋରୀ | ନିରଞ୍ଜନ ସାହୁ | ୨୨୩ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୨୪ |
| ମୁଠାଏ ଖରା | ଓଜସ୍ୱିନୀ ଶତପଥୀ | ୨୩୦ |
| ବେକାରୀ | ପ୍ରଦୀପ୍ତ କୁମାର ମିଶ୍ର | ୨୩୨ |
| ସୃଜନର ବେଳା | ମହିମା ସାହୁ | ୨୩୪ |
| କ'ଣ ସତରେ | ଝରଣା ବାରିକ | ୨୩୬ |
| ପରିବର୍ତ୍ତନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୩୮ |

ISSN NO.
2582-208X


| | | |
|---|---|---|
| ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି | ରାଜକିଶୋର ସାଇଁ | ୨୪୦ |
| ପ୍ରତ୍ୟୁଷ | କୃଷ୍ଣ ଚନ୍ଦ୍ର ବାରିକ | ୨୪୨ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୨୪୪ |
| ଫେରିଆସନ୍ତ କି ଥରେ | ଜନ୍ମଜୟ ନାୟକ | ୨୫୨ |
| ଜହ୍ନ ଟିଏ ମୋତେ କର | ନନ୍ଦିନୀ ରାଉତ | ୨୫୪ |
| ପ୍ରଜାପତି | ଅଲେଖ ମେହେର | ୨୫୫ |
| ଖୋଲାହସର ମହକ | ପ୍ରତାପ ଚନ୍ଦ୍ର ସାମଲ | ୨୫୬ |
| ବୀର ହନୁମାନ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୬୨ |
| ବିରହ | ବିନୟ ମିଶ୍ର | ୨୬୪ |
| ମିଛ ସ୍ୱାଧୀନତା | ଅମରନାଥ ବାରିକ | ୨୬୬ |
| ଯମରାଜ ଓ ନଚିକେତା ମଧ୍ୟରେ କ'ଣ ଘଟିଲା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୮ |
| ତୁମେ ପ୍ରିୟତମ ଚିରକାଳ | ନୀଳମଣି ରାୟ | ୨୬୧ |
| ମୁଁ ଭାରି ସଚେତନ ଭୋଟର | ସିଦ୍ଧେଶ୍ୱର ତ୍ରିପାଠୀ | ୨୭୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୭୪ |
| ଜଣେ ଉତ୍ତମ ବସ ବା କର୍ତ୍ତୃପକ୍ଷ କିଭଳି ହୋଇପାରିବେ ? | ଲକ୍ଷ୍ମୀନାରାୟଣ ପଟ୍ଟନାୟକ | ୨୭୬ |
| ଅନୁଭୂତିରେ ଧାରା | ଲଲାଟେନ୍ଦୁ ବାରିକ | ୨୮୦ |
| ଜୀବନ ସଙ୍ଗୀତ | ଅଜିତ ପାଢ଼ି | ୨୮୧ |
| ତମ ଅପେକ୍ଷାରେ | ଶୁଭମ୍ କୁମାର ସାହୁ | ୨୮୩ |
| ଶେଷ ରାତି | ପ୍ରଶାନ୍ତ କୁମାର ନାଥ | ୨୮୪ |
| କଳାକାର | ରାମ ଚନ୍ଦ୍ର ପ୍ରଧାନ | ୨୮୬ |
| ମୋ ଗାଆଁ | ଟଙ୍କଧର ସାହୁ | ୨୮୭ |

ISSN NO.
2582-208X


| | | |
|---|---|---|
| ଥିଲା ଆମ ବିଦ୍ୟାଳୟ | ମହେଶ୍ୱର ସାହୁ | ୨୮୯ |
| ଉତ୍କଳୀୟ ସଂସ୍କୃତି ଓ ପ୍ରଥମାଷ୍ଟମୀ | ସାଇପ୍ରସାଦ ସାହୁ | ୨୯୧ |
| ମିଛ ମଣିଷ | ଲୀଳାବତୀ ପରିଡ଼ା | ୨୯୫ |
| ଅନିଶା ମଧ୍ୟରେ ପ୍ରେଷ୍ଠା | ଚୈତନ୍ୟ ବାଗ | ୨୯୭ |
| ସାହିତ୍ୟମୟ ହେବାର ପ୍ରମୁଖ ଉତ୍ସ (ମୋ ଗୁରୁ) | ଦିନେଶ ମେହେର | ୨୯୮ |
| ବିଛିନ୍ନାଞ୍ଚଳ ସିଂହଭୂମିରେ ମକରସଂକ୍ରାନ୍ତି ବନାମ ଭେଜାବିନ୍ଧା ଲୋକପର୍ବ : ଏକ ପରିକ୍ରମା | ଡ଼. ହରିହର ପଧାନ | ୨୯୯ |
| ମା | ଡ. ତନ୍ମୟ କବି | ୩୦୩ |
| ଅତିଥି ଓ ଅଭ୍ୟାଗତ | ଧରିତ୍ରୀ ଦାସ | ୩୦୫ |
| ନାଟକ | ଧୀରେନ୍ଦ୍ର କୁମାର ପ୍ରଧାନ | ୩୦୭ |
| ସ୍ମରଣିୟେସୁ ଅତିବଡି ଜଗନ୍ନାଥ ଦାସ | ପ୍ରତାପ ଚନ୍ଦ୍ର ସାହୁ | ୩୦୮ |
| ଦୁଃଖ | ପ୍ରଶାନ୍ତ ବ୍ରହ୍ମା | ୩୧୦ |
| ଅତୁଟ ବନ୍ଧନ | ସନ୍ତୋଷ ସାହୁ | ୩୧୨ |
| ବନ୍ଦ କୋଠରୀ | ପୂର୍ଣ୍ଣଚନ୍ଦ୍ର ରଣା | ୩୧୩ |
| କାଳିଆ ହୁଅନ୍ତୁ ସାହା | ଝରଣା ବାରିକ | ୩୧୭ |
| ଜୀବନ | ଶିବବ୍ରମ ଦଳେଇ | ୩୧୮ |
| ଖଦ୍ୟୋତ | ସୌମ୍ୟରଞ୍ଜନ ସଂଗ୍ରାମ ସିଂ | ୩୧୯ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୨୦ |
| ଶୀତ | କରଣ ମନଷା ମହାନ୍ତ | ୩୨୪ |
| ମୋ ଭାଗ୍ୟ | ରାଧାରାଣୀ ରାଉଳ | ୩୨୬ |

ISSN NO.
2582-208X


| | | |
|---|---|---|
| ଗଛ ତୁମେ ମୋ ବନ୍ଧୁ | ଦୁଷ୍ମନ୍ତ ବେହେରା | ୩୨୭ |
| ଫେସବୁକ | କଷାନ ମହାକୁର | ୩୨୯ |
| ମୋ ଗାଁ | ପ୍ରକାଶ ନାଗ | ୩୩୩ |
| ମୋ କୃଷ୍ଣ ରେ | ଗୋପାଳ ଭୂଟି | ୩୩୫ |
| ପ୍ରତିଶ୍ରୁତି | ସୂରଜ କୁମାର ମେହେର | ୩୩୭ |

## ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ପ୍ରାକୃତିକ ଉପାୟରେ ଦୀର୍ଘ ଦିନ ବଞ୍ଚି ରହିବାର ଉପାୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୩୯ |

## ଆମ ହାଣ୍ଡିଶାଳ

| | | |
|---|---|---|
| କାଠି ରୋଲ୍ | ଜୟନ୍ତୀ ଦେବୀ | ୩୪୪ |
| ସୁଜି ଗୋଲାପଜାମୁନ୍ | ଅଧାପିକା ରେ଼ଜାଲିନ୍ ବାରିକ୍ | ୩୪୫ |

## ଆଞ୍ଚଳିକ

| | | |
|---|---|---|
| ସମର୍'ପଣ୍ | ବାଙ୍କାବିହାରି ମହାକୁର | ୩୪୭ |
| ଭାରତ ମାଟିର୍ ଛୁଆ ମୁଇଁ | ଦେବାର୍ଚ୍ଚନ ମେହେର | ୩୪୯ |
| ଭାବର ବନ୍ଧନ | ମୀରା ବାଇ ପାଣିଗ୍ରାହୀ | ୩୫୦ |

## ଶିଶୁ ବିଭାଗ

| | | |
|---|---|---|
| ବିଷ ଆଉ ଔଷଧ ମଧ୍ୟ ! | ଡଃ ରଞ୍ଜିତ କୁମାର ସାହୁ | ୩୫୨ |
| ଶିଶୁ ପ୍ରାର୍ଥନା | ଟଙ୍କଧର ଶତପଥି | ୩୫୫ |
| ଗୁଡି | ସରୋଜ କୁମାର ସାହୁ | ୩୫୬ |

ISSN NO.
2582-208X


| | | |
|---|---|---|
| କିଚିରିମିଚିରି ଘରଚଟିଆ | ନୀଳମାଧବ ସାହୁ | ୩୫୭ |
| ଆମ ଗାଆଁରେ ହୋଲି | ଅମରନାଥ ବାରିକ | ୩୬୧ |
| ଜେଜୀ ମାଆ | ମୀନାକ୍ଷି ପାଢ଼ୀ | ୩୬୪ |
| ଚିତ୍ର | ଅଭିକା ପଟ୍ଟନାୟକ | ୩୬୬ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୬୭ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୬୮ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ନିରନ୍ତର ପ୍ରତିମାସ ୧ ତାରିଖରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

ISSN NO.
2582-208X

# ଦାମିନୀ ଅପା



ଡକ୍ଟର ବିଜ୍ଞାନୀ ଦାସ

କାହିଁକି କେଜାଣି ? ଆଜି ଦାମିନୀ ଅପା ମନେ ପଡୁଛନ୍ତି । ତାଙ୍କ ସାଙ୍ଗରେ ଅନେକ ଦିନ ହେଲାଣି କଥାବାର୍ତ୍ତା ବନ୍ଦ । ସେଇସବୁ ଛୋଟ ଛୋଟକାରଣ ପାଇଁ । ଯେଉଁସବୁ କାରଣ ପରେଶ ସୃଷ୍ଟି କରିଥିଲେ ଓ ସେଥିରେ ପମିକୁ ଯୋଡି ଦେଇଥିଲେ ।

"ତମର ଏତେ ଦାମିନୀ ଅପା, ଦାମିନୀ ଅପା ହେଇକ ତାଙ୍କ ପଛେପଛେ ଗୋଡେଇବା କଣ ଦରକାର ? ସିଏ ତ ତମକୁଭେଟିବାକୁ ଏତେଟା ଆଗ୍ରହ ଦେଖାନ୍ତନ ।' – ଏମିତି କହି ପରେଶ ପମିକୁ ଅଟକେଇ ଦିଅନ୍ତ ।

ହେଲେ ଦାମିନୀ ଅପା ସତରେ ସେମିତି ନୁହଁନ୍ତ । ସିଏ ପମିକୁ ଦେଖିଲେ ଡାକକ ପାଖରେ ବସାନ୍ତ । କେତେକେତେ କଥା ସବୁ ପଗ୍ଭରନ୍ତ । ଡାକନ୍ତ, "ଆମ ଘରକୁ ଆସନ୍ତା ସପ୍ତାହରେ ଆସୁନ । ହେଇହେଇ ତ ଦୁଇଘଣ୍ଟାର ବାଟ । ବୋର ହବନ ମ । ଆମର ସେଠି ଅନେକ ଓଡିଆ ଲୋକ ଅଛନ୍ତ । ତମକୁ ଭଲ ଲାଗିବ । ତମର ଗୀତକୁ ସେମାନେ ଅନେକ ଭଲ ପାଇବେ ।'

ପରେଶଙ୍କର କନ୍ତୁ ଅନ୍ୟ ପ୍ରକାର କଥା ମନରେ ଥାଏ । ସିଏ କହନ୍ତ, "ଦାମିନୀ ଅପା ଅତି ପଲିଟିସିଆନ୍ ମ । ଦେଖିବ ଆରଥରକୁ ସିଏ ନଶ୍ଚୟ ଶ୍ରୀଜୟାକଳା ସମାଜର ପ୍ରେସିଡେଣ୍ଟ ପାଇଁ ଠିଆ ହେବେ । ସେଥିପାଇଁ ସମସ୍ତଙ୍କୁ ଏତେ ସବୁ ସ୍ନେହ ଅଜାଡି ପକାଉଛନ୍ତ ।'

ISSN NO.
2582-208X

ପମିର ସେସବୁ ରାଜନୀତିରେ ଆଗ୍ରହ ନଥାଏ । ହେଲେବି ସିଏ ମନ୍ତବ୍ୟ ଦିଏ, "ଦାମିନୀ ଅପା ପ୍ରେସିଡେଣ୍ଟ ହେଲେ ବହୁତ ଭଲହେବ । କାରଣ, ସିଏ ସବୁବେଳେ, ସବୁକଥା ଭାବିଚିନ୍ତି କରିଥାନ୍ତି । ସିଏ ନିଜେ ବି ତ ଜଣେ ଗାୟିକା । ତେଣୁ ଶ୍ରୀଜୟାକଳା ସମାଜ ପାଇଁ ସେଇଟା ବରଦାନ ହେବ ।'

ଏମିତି କହିଲେ ପରେଶ ରାଗିଯାଆନ୍ତି । ଅସଲ କଥା ହେଲା, ପରେଶଙ୍କର ଜଣେ ମାମୁପୁଅ ରାକେଶ ଭାଇ ସବୁବେଳେ ଦାମିନୀ ଅପାଙ୍କ ବିପକ୍ଷରେ ରହିଥାନ୍ତି । ସିଏ ଦାମିନୀ ଅପାଙ୍କୁ ପ୍ରକୃତରେ ଈର୍ଷା କରନ୍ତି । ରାକେଶ ଭାଇ ମଧ୍ୟ ଜଣେ ଭଲ ଗାୟକ । ତେବେ ଯେତେବେଳେ ଶ୍ରୀଜୟାକଳା ସମାଜର କିଛି କାର୍ଯ୍ୟକ୍ରମ ରହେ, ସମସ୍ତେ ଦାମିନୀ ଅପାଙ୍କୁ ପସନ୍ଦ କରନ୍ତି । ତାର କାରଣ ହେଲା, ଦାମିନୀ ଅପାଙ୍କର ହସହସ ମୁହଁ ଓ ମମତାଭରା କଥାବାର୍ତ୍ତା । ରାକେଶ ଭାଇ ଯଦିଓ ଅନେକ କାମ କରିପାରନ୍ତି, ଆୟୋଜକ ହିସାବରେ ତାଙ୍କୁ ଅନେକ କିଛି ଜଣା, ତେବେ ସିଏ ଟିକେଟିକେ କଥାରେ ରାଗିଯାଆନ୍ତି । ସେଥିପାଇଁ ଅନେକ ତାଙ୍କୁ ପ୍ରଶଂସା କରନ୍ତି ସତ, ହେଲେ ତାଙ୍କ ସହିତ ମିଶି କିଛି କାମକରିବା ପାଇଁ ପସନ୍ଦ କରନ୍ତିନି। ଅନ୍ୟ ପକ୍ଷରେ ଯେଉଁକାମ ଦାମିନୀ ଅପା ନେଇଥାନ୍ତି, ସେ ଗୋଷ୍ଠୀରେ ରହିବାକୁ ସମସ୍ତେ ଆଗ୍ରହୀ ହୁଅନ୍ତି ।

ପରେଶ ସବୁବେଳେ ରାକେଶଭାଇଙ୍କ ସହିତ ଥାଆନ୍ତି । ଏଣୁ ପମି ଉପରେ ବି ରୁପ ପକାନ୍ତି। ଜବରଦସ୍ତ ଏମିତି ବେଳେବେଳେ ହୁକୁମ୍ ଦେବାଭଳି କହିଦିଅନ୍ତି, "ଆଜି ଯଦି ପାର୍ଟିରେ ତମେସେ ଦାମିନୀ ଅପା ସହିତ କଥାବାର୍ତ୍ତା କରିଥିବ, ତେବେ ଜାଣିବ । ସିଧା ତାଙ୍କ ଘରେ ଯାଇ ରହିବ । ଆଉ ଏଠିକି ଫେରିବନି ।'

ସେତେବେଳେ ପମି ଅନେକ କିଛି ବୁଝିନଥିଲା । ସ୍ୱାମୀ ନାମକ ବ୍ୟକ୍ତିଟି ଯେ ତାର ଇହକାଳ, ପରକାଳର ଦେବତା, ସେକଥା ତା ମୁଠ ଭିତରେ ଭରି ରହିଥିଲା । ତାର ବିବାହ କରାଇ ବାପା, ବୋଉ ଯେଉଁ ସ୍ୱସ୍ତିର ନିଃଶ୍ୱାସ ନେଇଥିଲେ, ସେକଥା ମନେପଡିଲେ ପମି ଭାବେ, ସତରେ ତ, ପରେଶଙ୍କ ଛଡା ଏ ନୂଆଦେଶରେ କିଏ ଆଉ ତାର ନିଜର ଯେ ସିଏ ତାଙ୍କ କଥାରୁ ବାଦ ଯାଇ ଅନ୍ୟ ମାନଙ୍କ ସହିତ ସଂପର୍କ ଗଢିବ । ତେବେ ସ୍ୱଭାବତଃ ପମି ବଡ ସ୍ନେହୀ ଓ ସମସ୍ତଙ୍କ ସହିତ ଭଲ ସଂପର୍କରେ ରହିବା ତାର ପସନ୍ଦ । ଏତେ

ISSN NO.
2582-208X

ରାଜନୀତିରେ ସିଏ ପଶେନ । ଯିଏ ତାକୁ ସ୍ନେହ ଦେଖାନ୍ତି, ଆଦରରେ ଦୁଇପଦ କଥା କହିଦିଅନ୍ତି, ପମି ସେଥିରେ ଭାସିଯାଏ । ଏବେ ମନେପଡେ ଦାମିନୀ ଅପାଙ୍କ ସହିତ ତାର ପ୍ରଥମ ଦେଖା ।

୨୦୦୦ ମସିହାର କଥା ।ସେଦିନ ଶ୍ରୀଜୟାକଳା ସମାଜର ସରସ୍ୱତୀ ପୂଜା ଥାଏ । ଯେହେତୁ ସେ ସମାଜର ସଭ୍ୟମାନଙ୍କ ମଧ୍ୟରେ ଅନେକ କଳାକାର, କଏ ଗୀତ ଗାଏ ତ, କଏ ଯନ୍ତ୍ର ସଂଗୀତ ବଜାଏ, ଆଉ ଅନ୍ୟମାନେ ସେମାନଙ୍କ ସାଙ୍ଗସାଥୀ ଥାଆନ୍ତି, ମା' ସରସ୍ୱତୀଙ୍କ ପୂଜା ସେ ସମାଜର ସଭ୍ୟମାନେ ଅତି ଧୁମ୍‌ଧାମ୍ ରେ ପାଳନ କରନ୍ତି । ଦିନସାରା କାର୍ଯ୍ୟକ୍ରମ ରହିଥାଏ । ସକାଳେ ପୂଜା ହୁଏ, ପୂଜା ପରେ ମଧ୍ୟାହ୍ନ ଭୋଜନ, ତାପରେ ଗୀତ, ନାଚ, ଭାଷଣ କାର୍ଯ୍ୟକ୍ରମ ଚାଲୁ ରହେ ରାତି ଦଶଟା ପର୍ଯ୍ୟନ୍ତ । ମଝିରେ ଜଳଖିଆ ପରଷାଯାଏ, ରାତ୍ର ଭୋଜନ ବି ରହିଥାଏ । ସେ ବର୍ଷ ରାକେଶ ଭାଇ ସେମାନଙ୍କୁ ଡକେଇଥାନ୍ତି । ସେତେବେଳେ ପରେଶ ଭର୍‌ଜିନଆର ଗ୍ରରଲୋଟସଭିଲ୍ ସହରରେ ଗୋଟିଏ କଂପାନୀ ପାଇଁ କାମକରୁଥାନ୍ତି । ପୂଜା ମେରୀଲାଣ୍ଡରେ ପୋଟୋମାକ୍ ସହରରେ ହେଉଥାଏ। ପମି ପ୍ରଥମ ଥର ପାଇଁ ଗୋଟିଏ ଏତେ ବଡ ସମାରୋହ ଦେଖିଲା । ପୂଜା ବେଳେ ସମସ୍ତ ମିଶି ସରସ୍ୱତୀଙ୍କର ବନ୍ଦନା ଗାଉଥିଲେ । ପମି ବି ଗାଇଲା । ଦାମିନୀ ଅପା ସେତେବେଳେ ତା' ପାଖରେ ବସିଥିଲେ । ବନ୍ଦନା ଗାନ ସରିବା ପରେ ତାକୁ କହିଲେ, "ତମେ ତ ବହୁତ ସୁନ୍ଦର ଗାଉଛ ? କଣ ମେରୀଲାଣ୍ଡକୁ ନୂଆ ଆସିଛ ?'

ପମିକୁ ଲାଜ ଲାଗିଲା । ଯଦିଓ ସିଏ ସ୍କୁଲରେ ଗୀତ ଶିଖୁଥିଲା ଓ ପୂଜାରେ ନିୟମିତ ଭାବେ ଭଜନ ଗାଉଥିଲା, ତେବେ ଅନେକ ଦିନ ଧରି ସିଏ ସେ ସବୁ କରିନଥିଲା । କଲେଜରେ ପଢିବାବେଳେ ସିଏ ସହରର ଝିଅମାନଙ୍କୁ ଦେଖି ଡରିଯାଏ । ସେମାନଙ୍କ କଥା କହିବା ଢଙ୍ଗ ଦେଖି ତା' ପାଟିରୁ କଥା ବାହାରେନ, କାଳେଗାଁର ଅଢଙ୍ଗ କଥା କିଛି ପାଟିରୁ ବାହାରିଯିବ । ବାସ୍, ପାଠଟି ସିଏ ମନଯୋଗ ଦେଇ ପଢେ । ସେଥିପାଇଁ ପରବର୍ତ୍ତୀ ସମୟରେ ତାର କିଛି ସହରରେ ବଢିଥିବା ଝିଅମାନଙ୍କ ସହିତ ବନ୍ଧୁତା ହୋଇଥିଲା । ତାଙ୍କ ଭିତରୁ ଜଣେ ଥିଲା, ରାକେଶ ଭାଇଙ୍କ ସାନ ଭଉଣୀ ରାଣୀ । ତାରି ମାଧ୍ୟମରେ ପମିକୁ ପରେଶ ଦେଖିଲେ, ବାହା ହେବାକୁ ମନ କଲେ ।

ISSN NO.
2582-208X

ତେଣୁ ଦାମିନୀ ଅପାଙ୍କ ମନ୍ତବ୍ୟରେ ପମି ପୁଲକିତ ହୋଇଗଲା । ଅନେକ ଦିନର ବ୍ୟବଧାନ ପରେ ସେଦିନ ସିଏ ତା\' ଗୀତ ଗାଇବା ପାଇଁ ପ୍ରଶଂସିତ ହେଲା । ପମିକୁ ଭାରି ଭଲଲାଗିଲା ।

ସେଦିନ ଅପରାହ୍ନରେ ଗୀତ ଗାଇବା କାର୍ଯ୍ୟକ୍ରମ ବେଳେ ଦାମିନୀ ଅପା ତାକୁ ଆସି ପଚାରିଲେ, "ତମେ ଗୋଟିଏ ଗୀତ ଗାଇବ କି ? ଯଦି କିଛି ମନେ ଥିବ । ନହେଲେ ତମର ଯଦି କିଛି ପସନ୍ଦ ଅଛି, ଜଣାଅ । ମୋ ମନେ ଥିଲେ, ମୁଁ ତମକୁ ସେ ଗୀତ ଦେଇପାରିବି ।'

କଣ କରିବ, ନ କରିବ ଭାବି ସିଏ ରାଜି ହେଲା ଓ "ସୁଲଳିତ ବନଫୁଲହାରେ ଜନନୀକି' ଗାଇଲା । ସେ ଗୀତ ତା' ସ୍କୁଲ୍‌ର ସଂଗୀତ ଶିକ୍ଷକ ସରସ୍ୱତୀ ପୂଜା ପାଇଁ ଶିଖେଇଥିଲେ । ଅନ୍ୟମାନେ ସେ ଗୀତ ପୂର୍ବରୁ ଶୁଣିନଥିଲେ । ଦାମିନୀ ଅପା ଏତେ ମୋହିତ ହେଲେ ଯେ, ପମିକୁ ଆଉ ଛାଡିଲେନି । କହିଲେ, "ଆମର ଗୀତ ଗାଇବାର ସଉକ ଥିବା ଲୋକମାନଙ୍କର ଗୋଟିଏ ଗୋଷ୍ଠୀ ଅଛି । ତମେ ଆମ ସହିତ ନିଶ୍ଚୟ ଯୋଗଦେବ ।'

ପମିର ତ ଇଚ୍ଛା ହେଲା "ହଁ' କହିଦିଅନ୍ତା । ତେବେ ସଂକୋଚରେ ଉତ୍ତର ଦେଇଥିଲା, "ମୁଁ ୟାଙ୍କୁ ପଚାରିକି କହିବି । ଆମେ ତ ଏତେ ଦୂରରେ ଗ୍ରେଟଲେକସଭିଲ୍ ରେ ରହୁଛୁ । ସେଇଥିପାଇଁ ।\'

ପରେ ଦାମିନୀ ଅପା ଯେତେବେଳେ ପରେଶ ତାର ସ୍ୱାମୀ ବୋଲି ଜାଣିଲେ, ପରେଶଙ୍କୁ ଆସି ସିଧସିଧା କହିଲେ, "ଦେଖ ପରେଶ, ତମେ ପମିକୁ ନିଶ୍ଚୟ ଆମର ସମସ୍ତ ସଂଗୀତ କାର୍ଯ୍ୟକ୍ରମକୁ ଆଣିବ ଓ ସଂଗୀତ ଅଭ୍ୟାସ କରିବା ପାଇଁ ବି ଆଣିବ । ଯଦି ଦରକାର ହବ ତ ଆମେମାନେ ବେଳେବେଳେ ମଝି ଜାଗା ମାନଙ୍କରେ ବି ଅଭ୍ୟାସ ରଖିବୁ । ହେଲେ ତମେ ପମିକୁ ନିଶ୍ଚୟ ତାର ଗୀତ ଗାଇବାରେ ସାହାଯ୍ୟ କରିବ । ଆଉ କହିଦେଲି, ଆମ ଘରକୁ କେବେ ପରଘର ବୋଲି ଭାବିବନି । ଏ ବିଦେଶରେ ଆମେ ଓଡିଆ ମାନେ ସବୁ ଗୋଟିଏ ପରିବାରର । ହେଲା ।'

ISSN NO.
2582-208X

ସେଇ ଯେଉଁ ଧାରଣା ରହିଗଲା ପମିର ଦାମିନୀ ଅପାଙ୍କ ଉପରେ, ସେଇଟା ଏପର୍ଯ୍ୟନ୍ତ ବି ଅଛି । ବେଶ୍ କଛିଦିନ ପର୍ଯ୍ୟନ୍ତ ସେମାନଙ୍କର ସଂପର୍କ ଖୁବ୍ ଭଲ ରହିଥିଲା । ଏ ଭିତରେ ପରେଶ ତାଙ୍କ ଚାକରି ବଦଳେଇ ମେରୀଲାଣ୍ଡ ର ସିଲ୍‌ଭର୍ ସ୍ପ୍ରିଙ୍ଗ୍ ସହରକୁ ଚାଲିଆସିଲେ । ସେଠି ସେମାନେ ଘରଟିଏ କିଣିଲେ । ଦାମିନୀ ଅପାଙ୍କ ସହିତ ସେମାନଙ୍କର ସଂପର୍କ ବଢ଼ିଲା । ହେଲେ ୨୦୧୦ ମସିହାରେ ଦାମିନୀ ଅପାଙ୍କ ସହିତ ସେମାନଙ୍କ ସଂପର୍କ ବଦଳଯାଇଥିଲା । ସେବର୍ଷ ଦାମିନୀ ଅପା ଶ୍ରୀଜୟାକଳା ସମାଜର ପ୍ରେସିଡେଣ୍ଟ ଭାବେ ପ୍ରାର୍ଥୀ ଥିଲେ । ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିଲେ ରାକେଶ ଭାଇ । ପମିକୁ ପୂରା ଗୋଡେଗୋଡେ ଜଗି ରହିଲେ ପରେଶ ଓ ପମିକୁଏମତି ଭାବେ ବ୍ୟବହାର କଲେ ଯେ ସମସ୍ତେ ଜାଣିଲେ, ପମି ଦାମିନୀ ଅପାଙ୍କ ବିରୁଦ୍ଧରେ ରାକେଶଭାଇଙ୍କ ପାଇଁ ପ୍ରଚାରକରୁଛି । ଦାମିନୀ ଅପା ସେବର୍ଷ ନିର୍ବାଚନରେ ଜିତିଲେ । ହେଲେ ତାଙ୍କ ଜିତିବାକୁ ରାକେଶଭାଇ ସ୍ୱୀକାର କଲେନ । ସ୍ୱୀକାର ନକଲେ ନାହିଁ, ଯାଇ କୋର୍ଟରେ କେସ୍‌ଟିଏ କରିଦେଲେ । ପମି ଏମିତି ତା' ଭିତରେ ଫସିଗଲା ଯେ, ଦାମିନୀ ଅପାଙ୍କ ସହିତ ସେଇଦିନରୁ ସଂପର୍କ ତିକ୍ତ ହୋଇଗଲା ଓ ଶେଷରେ କଟିଗଲା । ରାକେଶଭାଇ ଆଉ ଗୋଟିଏ କଳା ଅନୁଷ୍ଠାନ ଗଢ଼ିଲେ । ତା'ର ନାମରଖିଲେ "ବିଜୟା କଳା ସମାଜ' । ଦଶହରା ସମୟକୁ ସେମାନେ ବାର୍ଷିକ ଉତ୍ସବ ପାଇଁ ଧାର୍ଯ୍ୟ କଲେ । ରାକେଶଭାଇ ସେ ସମାଜର ପ୍ରଥମ ପ୍ରେସିଡେଣ୍ଟ ହେଲେ । ପରେଶଙ୍କୁ କଲ୍‌ଚରାଲ୍ ସେକ୍ରେଟେରୀ ଭାବେ ରଖିଲେ। ପମି ରହିଲା ମୁଖ୍ୟ କଲ୍‌ଚରାଲ୍ କୋଅର୍ଡିନେଟର । ଏମିତି ଗୋଟିଏ ସମାଜ ଦୁଇଟି ସମାଜରେ ବିଭକ୍ତ ହୋଇଗଲା । ସେସମୟ ବେଳକୁ ମେରୀଲାଣ୍ଡ, ଭର୍ଜିନଆ ଓ ଡିସି ଅଞ୍ଚଳରେ ଅନେକ ଭାରତୀୟ ଲୋକ । ତେଣୁ ଉଭୟ ସମାଜ ଭଲଭାବେ ଚାଲିଲା । ହେଲେ ୨୦୦୦ ମସିହା ବେଳକୁ ଯେଉଁମାନେ ଏତେ ସାଙ୍ଗସାଥୀ ଥିଲେ, ୨୦୨୦ ବେଳକୁ ସେମାନଙ୍କ ମଧ୍ୟରେ ଆଉ ସେ ସ୍ନେହଭାବ ରହିନଥିଲା । ସେମାନେ ସମାନ୍ତରାଳ ଭାବେ ନିଜନିଜର ଗତିପଥ ବାଛି ସେ ଦିଗରେ ଅଗ୍ରସର ହେଉଥିଲେ ।

ଏମିତି ଭାବେ "ଶ୍ରୀଜୟାକଳା ସମାଜ' ଓ "ବିଜୟା କଳା ସମାଜ' ନିଜ ନିଜର ସଂସ୍ଥାମାନଙ୍କୁ ଉଚ୍ଚା ଦେଖାଇବା ପାଇଁ ଅନେକ ଅନେକ ଅଭିନବ ଧାରଣା ସବୁ ସୃଷ୍ଟି କରୁଥିଲେ । ସେମାନଙ୍କର ପ୍ରୋଗ୍ରାମରେ ସବୁବେଳେ ଅଜସ୍ର ଲୋକ ସମାଗମ । ଯଦିଓ ପରେଶଙ୍କ ତାଗିଦ୍ ପାଇଁ ପମି ୨୦୧୦ ପରେ ଆଉ "ଶ୍ରୀଜୟାକଳା ସମାଜ'ର କୌଣସି ସମାରୋହକୁ

ISSN NO.
2582-208X

ଯାଇନ, ତେବେ ଭିଡିଓରେ ଦେଖେ, ଖବରକାଗଜ ସମ୍ବାଦପତ୍ରରେ ଦେଖେ । ଯାହାବି ହେଉ, ଉଭୟ ସାଙ୍ଗରେ ରହି ସଂଘର୍ଷ କରିବା ପରିବର୍ତ୍ତେ ଅଲଗା ହୋଇ ବରଂ ସମୃଦ୍ଧି କରନ୍ତୁ । ପମି ସେଇଆହିଁ କାମନାକରେ ।

ସଂପର୍କ ସବୁ ଏମିତି । କ୍ଷୀରନୀର ଭଳି ଥିବା ସଂପର୍କ ଯେ ଏମିତି କ୍ଷଣକରେ ନଷ୍ଟ ହୋଇଯାଏ, ତାର ଦୃଷ୍ଟାନ୍ତ ଅଗଣିତ । ପୁରାଣ, ଶାସ୍ତ୍ର ଠାରୁ ଆରମ୍ଭ କରି ଇତିହାସରେମଧ୍ୟ କେତେକେତେ କାହାଣୀ ଭରିରହିଛି । ରାଜସିଂହାସନ ପାଇଁ ଭାଇ, ଭାଇର ଲଢେଇକୁ ହିଁ ନେଇ ତ ମହାଭାରତର ସୃଷ୍ଟି । ଆଉ ସେମଧ୍ୟରେ କେତେ ଦ୍ରୋଣ, କେତେ କର୍ଣ୍ଣ, କେତେ ଭୀଷ୍ମ ସବୁ ବଳି ପଡିଯାନ୍ତି । ନିଜ ଇଚ୍ଛା ବିରୁଦ୍ଧରେ ମଧ୍ୟ ସେମାନଙ୍କୁ ଗୋଷ୍ଠୀ ସହିତ ରହିବାକୁ ପଡେ । ସେମିତି ବିଜୟା କଲା ସମାଜ ଓ ଶ୍ରୀଜୟା କଲା ସମାଜ ଅନେକ ସାଙ୍ଗସାଥୀଙ୍କୁ ଅଲଗା କରିଦେଲା ।

ପମି କିନ୍ତୁ ସବୁବେଳେ ଦାମିନୀ ଅପାଙ୍କ କଥା ଭାବେ । ତାଙ୍କ ପ୍ରତି ତାର ଶ୍ରଦ୍ଧା ସମ୍ମାନ ଭରି ରହିଥାଏ । ତେବେ ଘରର ଅଶାନ୍ତି ପାଇଁ ଜଗି ସିଏ ଆଉ ତାଙ୍କ ସହିତ ଯୋଗାଯୋଗ କରିପାରେନି କି ସଂପର୍କ ରଖିପାରେନି ।

୨୦୨୦ରେ ଏ କୋଭିଡ୍-୧୯ ମହାମାରୀ ଯେତେବେଳେ ଆସିଲା, ପରେଶଙ୍କ ସହିତ ପମିର ମନୋମାଳିନ୍ୟ ଦିନକୁ ଦିନ ବଢିବାକୁ ଲାଗିଲା । ଦୁନିଆରେ ମଣିଷ ପୋକମାଛି ଭଳି ମରୁଛନ୍ତି, ସେତେବେଳେ ୟାଙ୍କର ମୁଣ୍ଡର କେବଳ ପଶୁଥିଲା କେମିତି ଏ ସମୟରେ ନାଁ କମେଇବା । ଯଦି ନାଁ କମେଇବାର ଅଛି କମାଅ, ହେଲେ ଜବରଦସ୍ତ ପମିକୁ ସେଥିରେ ଜୋଡି ରଖିବାର ଅର୍ଥ କଣ ?  ଦୁଇବର୍ଷ ତଳେ ୨୦୧୮ରେ ରାକେଶଭାଇଙ୍କର ତାଙ୍କ ସ୍ତ୍ରୀ ରାଧାଙ୍କ ସହିତ ଛାଡପତ୍ର ହୋଇଥିଲା । ତେଣୁ ପରେଶ ପମିକୁ ମନାକରି ଦେଇଥିଲେ ରାଧାଙ୍କ ସହିତ କିଛି ସଂପର୍କ ରଖିବାକୁ । ଏମିତି କଣ ହୁଏ ? ପୁରୁଷମାନେ କେମିତି କେଜାଣି ସଂପର୍କକୁଏମିତି କ୍ଷଣକରେ ତୁଟେଇ ଦେଇପାରନ୍ତି, ହେଲେ ପମିକୁ ବଡ ବାଧିଥିଲା। ପ୍ରଥମେ ତ ଦାମିନୀ ଅପାଙ୍କ ସହିତ ତା' ସଂପର୍କକୁ ଜବରଦସ୍ତ ଭାଙ୍ଗି ଦେଇଥିଲେ ପରେଶ, ଏବେ ରାଧା ଅପାଙ୍କ ସହିତ ସଂପର୍କ ବି ଭାଙ୍ଗିଦେବାର ପ୍ରୟାସରେ ରହିଲେ । ପମି କିନ୍ତୁ ମାନିପାରି ନଥିଲା । ସେଥିପାଇଁ ସେମାନଙ୍କ ଭିତରେ ମଝିରେ

ISSN NO.
2582-208X

ମଝିରେ ଝଗଡା ହେଉଥିଲା । ଏବେ କୋଭିଡ୍‌ସ ସମୟରେ ଦୁଇଜଣ ଯାକ ଏକାଠି ଘରେ ରହିବାରୁ ଝଗଡା ବଢିଲା । ଟିକେଟିକେ କଥାରେ ଖୁଂପାଖୁଂପି । ଆଗେ ପମି କାମ କରିବାକୁ ଅଫିସ୍ ଚାଲିଯାଉଥିଲା । ତା' ଅଫିସ୍ କଲେଜ୍ ପାର୍କରେ । ରାଧା ଅପାଙ୍କ ଅଫିସ୍ ବି କଲେଜ୍ ପାର୍କରେ । ତେଣୁ ଦୁଇ ଯା' ମଝିରେ ମଝିରେ ସାଙ୍ଗ ହୋଇ ଲଞ୍ଚ୍ ଖାଆନ୍ତି, ସେଠି ଥିବା ପାର୍କରେ ଚାଲନ୍ତି ଓ ନିଜନିଜ ଭିତରେ ସଂପର୍କ ରଖିଥାନ୍ତି । ଯଦିଓ ପରେଶଙ୍କ ପାଇଁ କେହି କାହା ଘରକୁ ଯିବାଆସିବା କରନ୍ତୁନି, ହେଲେ ରାଧା ଅପା ବି ବୁଝନ୍ତି । ଏବେ ପରେଶଙ୍କ ଉପସ୍ଥିତିରେ ରାଧା ଅପାଙ୍କ ସହିତ କଥାବାର୍ତ୍ତା ହେବାର ସୁଯୋଗ ମିଳେନି । ତାପରେ ଯଦି କିଛି ଜୁମ୍ ମିଟିଙ୍ଗ୍ ରେ ରାଧା ଅପା ରହିଥାନ୍ତି, ପରେଶ ଯାଇ ଚେକ୍‌କରି ଆସନ୍ତି, କାହା ସହିତ ପମି କଥାବାର୍ତ୍ତା କରୁଛି, ସଂପର୍କ ରଖୁଛି ସେସବୁ ଅନୁଧ୍ୟାନ କରିବାପାଇଁ । ଏମିତିରେ ସିଏ ଏ ଭିତରେ ସାତଟି ଅନୁଷ୍ଠାନ ଗଢି ସାରିଥିଲେ । ପ୍ରତି ଅନୁଷ୍ଠାନର ଜୁମ୍ ମିଟିଙ୍ଗ୍ ଚାଲୁଥିଲା । ଦିନସାରା ସିଏ ସେମିତି କଂପ୍ୟୁଟର୍ ସାମନାରେ ବସିଥିବେ, ଜୁମ୍ ମିଟିଙ୍ଗ୍ ରେ ରହିଥିବେ , ଭାଷଣ ଦେଉଥିବେ, ସେତେବେଳେ ସବୁ ଠିକ୍ । ହେଲେ ପମି ଯଦି ସେସବୁ କଲା, ସେଇଟା ଅପରାଧ ହୋଇଯିବ ।

ସବୁଠାରୁ ବିରକ୍ତ ଲାଗେ ପରେଶଙ୍କର ଦେଖେଇହେବା ଅଭ୍ୟାସଟି । ଯାହା ସହିତ ଫୋନ୍ କରୁଥିବେ, କହିବେ, "ଜାଣିଲ, ଆମ ସଂସ୍ଥାର ଖବର କାଲି ଧରିତ୍ରୀରେ ବାହାରିଥିଲା । ସମାଜରେ ବାହାରିଥିଲା ।' ଯେମିତି ଗୋଟିଏ ଅତି ବିରାଟ ଜିନିଷ କରି ପକାଉଛନ୍ତି । ପରେଶଙ୍କର କିଛି ସାଙ୍ଗସାଥୀ ଓ ସଂପର୍କୀୟ ଅନ୍ୟ ଦେଶମାନଙ୍କରେ ରହନ୍ତି । ଏମିତିକି ପମିର ସଂପର୍କୀୟ ମାନେ ମଧ୍ୟ କିଛି ଅନ୍ୟ ଦେଶମାନଙ୍କରେ ରହନ୍ତି । ଯେଉଁମାନେ ଅନ୍ୟ ଦେଶମାନଙ୍କରେ ରହନ୍ତି, ପରେଶ ସେମାନଙ୍କୁ ସବୁ ଯୋଗାଯୋଗ କରି, ତାଙ୍କ ବିଶ୍ୱ ଓଡିଆ ଐତିହ୍ୟ ସଂସଦର ସଭ୍ୟ ରହିବାକୁ ଅନୁରୋଧ କରନ୍ତି । ସେମାନେ ଯେତେବେଳେ ପମିକୁ ଏସବୁ ବିଷୟରେ ଯୋଗାଯୋଗ କରନ୍ତି, ପମି ତ କିଛି ଜାଣିନଥାଏ । ପରେଶଙ୍କୁ ପଚାରିଲେ, ସିଏ ବିରକ୍ତ ହୁଅନ୍ତି । କୁହନ୍ତି, "ନିଜେ ତ କିଛି କରିବନି । କିଏ କରିଲେ, ତାକୁ କଙ୍କଡା ହେଇ ପଛରୁ ଟାଣିବ । ଜାଣିଲ, କେବଳ ତମ ପାଇଁ ମୋ ଜୀବନର ସବୁସ୍ୱପ୍ନଏମିତି ମଝିରେ ଅଟକି ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି । ମୋର ଦୁର୍ଭାଗ୍ୟଯେ ତମ ଭଳି ଗୋଟିଏ ଅଦ୍‌ଭୁତ ମଣିଷକୁ ବେକରେ ଛନ୍ଦି ରହିବାକୁ ପଡୁଛି ।

ISSN NO.
2582-208X

ପମି ଦିନେ ସେସବୁ ଶୁଣି ଚୁ ପ୍ରହୁଥିଲା । ହେଲେ ଏବେ ଚୁପ୍ ରହେନ । କଥାକୁ କଥା ଲାଗିଯାଏ । "କ ଉଚ୍ଚ ସ୍ୱପ୍ନ ଥିଲା କ ତୁମର ? ଯେମିତି ନୋବେଲ୍ ପୁରସ୍କାର ପାଇଥାଆନ୍ତ, ମୁଁ ଅଟକେଇଦେଲି ।'

ଏତିକରେ ପରେଶ ଚହିଁକ ଉଠନ୍ତ । ତାଙ୍କୁ ପୁରସ୍କାର ଶବ୍ଦଟା ବାଧେ । କାରଣ "ବିଜୟା କଳା ସମାଜ'ର ଗୋଟିଏ ପୁରସ୍କାର ସିଏ ପାଉପାଉ ପାଇଲେନ । ସେଇ କାରଣ ପାଇଁ ଉଭୟ ରାକେଶ ଭାଇ ଓ ସିଏ "ବିଜୟା କଳା ସମାଜ' ଛାଡି ଏବେ ଅନ୍ତର୍ଜାତୀୟ ଅନୁଷ୍ଠାନ ଅର୍ଥାତ୍ ଇଣ୍ଟରନେସନାଲ ସୋସାଇଟି ଆଡକୁ ମନ ବଳେଇଛନ୍ତ । ସେଇଥିପାଇଁ ରାଧା ଅପା ଓ ରାକେଶ ଭାଇଙ୍କର ଝଗଡା ହେଉଥିଲା । ଏବେ ସେଇଥିପାଇଁ ପରେଶ ଓ ପମିଙ୍କର ବି ଝଗଡା ଲାଗିରହିଲା । ଶେଷରେ ପରେଶ ଓ ପମିଙ୍କର ମଧ୍ୟ ୨୦୨୧ ମସିହା ଫେବୃୟାରୀ ମାସରେ ଛାଡପତ୍ର ହୋଇଗଲା ।

ଓଃ । କ ଶାନ୍ତ ଦୁଃଖ ତ ଲାଗୁଥିଲା ପମିକୁ । ହେଲେ ଖୁସିବି ଲାଗୁଥିଲା ଯେ ଏବେ ସିଏ ସ୍ୱାଧିନ । ଏବେ ଅବଶିଷ୍ଟ ଜୀବନ ସିଏ ନିଜ ଇଚ୍ଛାରେ କଟେଇବ; ଆଉ କାହା କଥାରେ ଗାବିଦିଆ କଣ୍ଢେଇ ପରିଚାଲିବନ । କିଏ ଜାଣେ ଏ କୋଭିଡ୍-୧୯ କେବେ ଧରାପୃଷ୍ଠରୁ ଯିବ। ସେଭିତରେ କିଏ ଯାଇଥିବ, କିଏ ରହିଥିବ । ସେ କୋଭିଡ୍-୧୯ ଯେବେ ଯାଉଛି ଯାଉ । ପମି କନ୍ତୁ ଏବେ ପ୍ରତି ମୁହୂର୍ତ୍ତକୁ ତା' ମନ ଅନୁଯାୟୀ ସୁନ୍ଦର କରି ସଜେଇବ ।

ପମିର ଏମିତି ନଷ୍ପତିରେ ରାଧା ଅପାଙ୍କ ହାତ ଅଛି ବୋଲି ପରେଶ ଅଭିଯୋଗ ଆଣିଥିଲେ। ସବୁ ଚହ୍ନାଜଣା ଲୋକଙ୍କୁ ରାଧା ଅପାଙ୍କ ବିରୁଦ୍ଧରେ ଉସୁକେଇଲେ । "ନଜ ଘର ତ ଭାଙ୍ଗିଲେ । ଏବେ ମୋ ଘର ବି ଭାଙ୍ଗିଲେ ।' ଏମିତି କହି ସିଏ ତାଙ୍କ ମାଙ୍କ ପାଖରେ ଅଭିଯୋଗ କରିଥିଲେ । ହେଲେ ପମି ଜାଣିଥିଲା ସତ କଣ । ଏମାନଙ୍କର ସବୁ ଏମିତି ପୁରୁଷ ପଣିଆର ଗର୍ବ ଆଉ ଅହଙ୍କାର ଯେ, ସେସବୁର ତୁଳନାରେ ସବୁ ସଂପର୍କର ମାନ ଗୌଣ ହୋଇଯାଏ । ସେମାନେ ଭାବନ୍ତ ସ୍ତ୍ରୀ ଲୋକମାନେ କେବଳ ପୁରୁଷମାନଙ୍କୁ ଅନୁସରଣ କରିବେ । ସେମାନଙ୍କ ଉପରେ ନଜର ବିଗ୍ଭରଧାରା ଲଦି ଦେବେନ ।

ହେଲେ ପମି ଦେଖିଛି, ଦାମିନୀ ଅପା ଓ ତାଙ୍କ ସ୍ୱାମୀ ରସିକ ଭାଇ କେମିତି ଭଲ ବନ୍ଧୁ ଭାବେ ଚଳନ୍ତି । ଦାମିନୀ ଅପାଙ୍କର ପ୍ରତି କାମରେ ରସିକ ଭାଇ ସହଯୋଗ କରନ୍ତି । ସିଏ ଗୀତ ଗାଆନ୍ତି ବୋଲି ରସିକ ଭାଇ ଆଣି ହାରମୋନୟମ ସେଟ୍ କରିଦିଅନ୍ତି, ଆସ୍ଥାନ ଠିକ୍ କରିଦିଅନ୍ତି, ସାଉଣ୍ଡ ସିଷ୍ଟମ୍ ଚେକ୍କରି, ମାଇକ୍ରୋଫୋନ୍ ସେଟ୍ କରିଦିଅନ୍ତି । ବେଳେବେଳେ ସେକଥା କହିଲେ, ପରେଶ କୁହନ୍ତି, "ରସିକଭାଇ ପକ୍କା ମାଇଚଆ । ତମେ କଣ ଭାବିଚ, ମୁଁ ତାଙ୍କ ଭଳିଆ ତମର ପ୍ରତିକଥାରେ ଉଠ୍ ବସ୍ ହେବି ?'

ପରେଶ ସବୁଆଡେ ଖାଲି ଭାଷଣଦେବାକୁ ଅପେକ୍ଷା କରନ୍ତି । ନେତାଗିରି ଦେଖାନ୍ତି । ସମସ୍ତଙ୍କୁ ଏ କାମ, ସେକାମ କରିବାକୁ ଆଦେଶ ଦିଅନ୍ତି । ନିଜେ ମଞ୍ଚ ଉପରେ ବସି ଭାଷଣ ଦେବା ଓ ଫଟୋରେ ଆସିବାର ମଜ୍ଜା ନିଅନ୍ତି ।

ଏବେ ଦାମିନୀ ଅପାଙ୍କ ସହିତ ସଂପର୍କ ରଖିବାରେ ପମିକୁ କିଏ ଅଟକେଇ ପାରିବେନି । ହେଲେ ଦାମିନୀ ଅପା କଣ ପମିକୁ ସେମିତି ପୂର୍ବଭଳି ସ୍ନେହ, ଆଦର କରିବେ ? ପ୍ରାୟ ଦଶବର୍ଷ ହେଲାଣି, ତାଙ୍କ ସହିତ କଥାବାର୍ତ୍ତା ହୋଇନି । ଏମିତି ଦୁଇ ତିନୋଟି ବାହାଘରରେ ଦୂରରୁ ଦେଖାହୋଇଛି । କିନ୍ତୁ ସେମାନେ ପରସ୍ପରକୁ ନ ଚିହ୍ନିବାଭଳି ଏଡେଇ ଦେଇ ଯାଇଛନ୍ତି ।

ଏମିତି ଭାବି ପମି ଦାମିନୀ ଅପାଙ୍କୁ ଫୋନ୍ ଲଗେଇଲା ।

ସେପଟୁ ଯେଉଁ ସ୍ୱରଟି ଭାସିଆସିଲା, ସେ ସ୍ୱରଟି ସେମିତି ସ୍ନେହଭରା ରହିଥିଲା । ଦାମିନୀ ଅପା କହିଲେ, "ଆରେ ପମି, କି ଭାଗ୍ୟ ମୋର । ଆଜି ଆଉ ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୋଇନାହାନ୍ତି ତ ? ତମେ ମତେ ମନେ ପକେଇଲ । ତମେମାନେ ସବୁ କେମିତି ଅଛ ?'

ପମି ବିଶ୍ୱାସ କରିପାରୁନଥିଲା ନିଜ କାନକୁ । ମଣିଷ କଣ ଏତେ କ୍ଷମାଶୀଳ ହୋଇପାରେ। ଦାମିନୀ ଅପାଙ୍କ କଣ୍ଠରେ କିଛି ବିରାଗ, ଅଭିମାନ ନଥିଲା ।

ISSN NO.
2582-208X

ପମି କାନ୍ଦକାନ୍ଦ ହୋଇଗଲା । ଇଚ୍ଛାହେଲା ସିଏ ଦାମିନୀ ଅପାଙ୍କୁ ଦେଖା କରିବାକୁ ଚାଲିଯାଆନ୍ତା । ତାଙ୍କ ଆଗରେ ନିଜର ସମସ୍ତ ଦୁଃଖ, ବେଦନା କହିପକାନ୍ତା ଓ ତାଙ୍କ ସାଙ୍ଗରେ ମିଶି ଗୀତଟିଏ ଗାଇପକାନ୍ତା । ହେଲେ ତା' ପାଟିରୁ କିଛି ବି ବାହାରୁନଥିଲା ।

ଦାମିନୀ ଅପା ସେପଟରୁ ବ୍ୟସ୍ତ ହୋଇ ପଚାରି ଚାଲିଥାନ୍ତି, "ଆରେ ପମି, ତମେ ଠିକ୍ ଅଛ ତ ?' ସେପଟୁ ସିଏ ରସିକ ଭାଇଙ୍କୁ ବି କହୁଥାଆନ୍ତି, "ଟିକେ ସନ୍ତୋଷକୁ ଲଗେଇଲ, ସିଏ ଯାଇ ପମି ଘରେ ଦେଖିଆସିବ । ସିଏ କଣ ଫୋନ୍‌କରି କିଛି କହୁନ । ତାମାନେ କିଛି ଗୋଟିଏ ଅସୁବିଧା ହୋଇଛି ନିଶ୍ଚୟ ।'

ସେପଟୁ ପୁଣି ଶୁଭିଲା, ରସିକଭାଇଙ୍କର ସନ୍ତୋଷଙ୍କୁ ଫୋନ୍‌କରିବା ଓ ତାଙ୍କର ସାହାଯ୍ୟ ମାଗିବା ଇତ୍ୟାଦି ଇତ୍ୟାଦି ।

ପମି ଆଶ୍ଚର୍ଯ୍ୟ ହୋଇଗଲା । କୃତଜ୍ଞତାରେ ତା' ହୃଦୟ ପୂରିଉଠିଲା । ସିଏ ପାଟି ଖୋଲିଲା ଓ କହିଲା, "ମୁଁ ଭଲ ଅଛି ଅପା । ଏତେଦିନ ପରେ ଆପଣଙ୍କ କଣ୍ଠ ସ୍ୱର ଶୁଣି ବିହ୍ୱଳ ହୋଇଗଲି ଓ ଭାବୁକବି ହୋଇଗଲି । ସେଥିପାଇଁ ପାଟିରୁ କିଛି କଥା ବାହାରିଲାନି । ଆଖିରୁ ଖାଲି ଲୁହ ବାହାରିଗଲା ।

ଦାମିନୀ ଅପା ଉତ୍ତରଦେଲେ, "ହଁରେ ପମି, ଆଜିକାଲିତ ଏ କୋଭିଡ୍ ପାଇଁ ନ ଶୁଣିଲା କଥା ଶୁଣାଯାଉଛି, ନ ଘଟିଲା କଥା ଘଟିଯାଉଛି । ସେଇଥିପାଇଁ ଟିକେ କିଛି ଏପଟସେପଟ ହେଇଗଲେ ଛାତିଟା ଧକ୍‌ଧକ୍ କରୁଛି । ଆଉ ତମେମାନେ ଟିକା ନେଲଣି ନା ନାହିଁ ?'

ପମି – "ହଁ ଅପା, ମୋର ଦିଟା ଡୋଜ୍ ଟିକା ନିଆ ସରିଛି । ଆଉ ଆପଣମାନେ ଟିକା ନେଲେଣି ? ଭାଇନା କେମିତି ଅଛନ୍ତି ?'

ଦାମିନୀ – "ହଁ ଆମେ ସବୁ ଟିକା ନେଇଯାଇଛୁ । ଭାଇନା ଭଲ ଅଛନ୍ତି । ଏବର୍ଷ ରିଟାୟାର୍ଡ କରିବେ ବୋଲି କହି ହେଉଛନ୍ତି । ହେଲେ ମୁଁ ତାଙ୍କୁ କହିଲି, ରିଟାୟାର୍ଡ କରିକି କଣ କରିବ। କୁଆଡେ ତ ଆଉ ବୁଲାବୁଲି କରିବାର ନାହିଁ । ଘରେ ରହି ମନରେ ଏଣୁତେଣୁ

ISSN NO.
2582-208X

କଥା ପୂରେଇବା ବଦଳରେ କାମରେ ମନ ଲଗେଇବା ବରଂ ଭଲ । ଆଉ ପରେଶ କେମିତି ଅଛନ୍ତି ।'

ପମି – "ଆପଣ କଣ କଛି ଶୁଣିନାହାନ୍ତି ?'

ଦାମିନୀ – "କଣ ? ପରେଶଙ୍କର କଣ ହେଲା ? ସିଏ ଠିକ୍ ଅଛନ୍ତି ତ ?'

ପମି – "ସିଏ ଠିକ୍ ଅଛନ୍ତି ନଷ୍ଟୟ । ହେଲେଆମେ ଅଲଗା ହୋଇଗଲୁ । ମୁଁ ଏବେ ଆମ ସିଲ୍‌ଭର୍ ସ୍ପ୍ରିଙ୍ଗ୍ ଘରେ ଏକା ରହୁଛି । ସିଏ ଆଉ ଗୋଟିଏ ଘର କଣି ବାଲ୍‌ଟିମୋର୍ ରେ ରହୁଛନ୍ତି ।'

ସେପଟୁ ଲାଗିଲା ଯେମିତି ଦାମିନୀ ଅପା କଂକର୍ତ୍ତବ୍ୟବିମୂଢ଼ ହୋଇଗଲେ । ତାପରେକହିଲେ, "ପମି, ତମେ ଏବେ ଘରେ ଅଛ ତ ? ନାଁ କୁଆଡେ ଯିବାର ଅଛି ? ଭାଇନା ଓ ମୁଁ ବର୍ତ୍ତମାନ ତମ ପାଖକୁ ବାହାରୁଛୁ ।'

ପମିର ଆନନ୍ଦର ସୀମା ରହିଲାନ । ସିଏ ଗଦ୍‌ଗଦ୍ ହୋଇଗଲା । "ହଁ ଅପା, ମୁଁ ଘରେ ଅଛି। ଆପଣ ଆସନ୍ତୁ । ଆପଣଙ୍କ ଆସିବାକୁ ଅପେକ୍ଷା କରିରହିଲି ।'

ବାରବର୍ଷର ଭଙ୍ଗା ସଂପର୍କଟା ଏମିତି ଗୋଟିଏ ଟେଲିଫୋନ୍ କଲ୍ ରେ ଯୋଡି ହୋଇଯିବ ବୋଲି ସ୍ୱପ୍ନରେ ଭାବି ନଥିଲା ପମି । ଆଜି ଦାମିନୀ ଅପା ଏତେ ବର୍ଷ ପରେ ତା' ଘରକୁ ଆସିବେ । ହଠାତ୍ ସିଏବି ଦାମିନୀ ପାଲଟିଗଲା ଓ ଦାମିନୀ ଅପାଙ୍କର ପ୍ରିୟ ଖାଦ୍ୟ ସବୁ ତିଆରି କରିବା ପାଇଁ ଚଳଚଞ୍ଚଳ ହୋଇଉଠିଲା ।

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଅବିର ଖେଳା ଗୋ



ଡ. ଶକୁନ୍ତଳା ନାଏକ ଗୁପ୍ତା

ରସିକ ନାଗର ସୁରରମଣ, ଅରୂପ କ୍ଷରାକ୍ଷର ଭୂଷଣ
ବିଟପୀ ପାଇଛି ନିବାରଣ
ବିଟପୋଦରେ ଗୋ....(୧)

ଜଟିଆ ବାବାଜୀ ନିକୁଞ୍ଜରେ, ଫେରି ବାନ୍ଧିବ ପୀଡ଼ା–ମଧୁରେ
ତୁଙ୍ଗଭଦ୍ର ଅବିଧି ଖ୍ୟାତରେ
ଉତଳା ଘନ ଗୋ....(୨)

ଗମିଲେ କରିଣ ନାନା ଫନ୍ଦି, ବାସଫୁଲ ଜୁଡ଼ାରେ ଛନ୍ଦି
କାହ୍ନୁମୟ ପୁର ଚକଚାନ୍ଦି
ବଡ଼ଶୀ ମାୟା ଗୋ....(୩)

ତହିଁ ରସ ନିଗୂଢ଼ ରସାବଳୀ, ଦେଲେ ସତୃଷ୍ଣ–ହୃଦ ଚାହାଳି
ଗୋପାଙ୍କର ଅଷ୍ଟାଭଙ୍ଗା ଚାଲି
ବାସନ୍ତୀ ମେଳା ଗୋ....(୪)

କମନୀୟ ଘୃତାର୍ଚ୍ଚିଃ ଦୀଧିତି, ଅୟୁତାୟୁତ ନିତ୍ୟ ପିରତି
ଯୁଗଳ ରାଧାଶ୍ୟାମ ମୂରତି
କୀର୍ତ୍ତି ପ୍ରକଟ ଗୋ...(୫)

ISSN NO.
2582-208X

ବହଇ ପ୍ରେମଧାର ମଉନେ, ସୁଖ ଲୋତକ ଆପଣାମନେ
ଢଳ ଢଳ ରାଇ ପଦ୍ମଲୋଚନେ
ହରଷ ଚିତ୍ତ ଗୋ....(୬)

ପଖାଳି ପୟ ଚକ୍ଷୁନୀରଦେ, ପଦବ୍ରଜ ଲଳିତ ସୁଆଦେ
ମେଣ୍ଟେ ପଦକୁଣ୍ଠ ତୃଷା ମୁଦେ
ଇଷ୍ଟ ଅଭୀଷ୍ଟ ଗୋ.....(୭)

ତୁଳସୀ-କଣ୍ଠି ବନ୍ଧା ପକାଇ, ରସନା ସ୍ୱନେ ବୋଇଲେ ରାଇ
ଘେନା ଘେନ ହେ ଗୋପ-ଗୋସାଇଁ
ଭଞ୍ଜାଇ ମାନ ଗୋ....(୮)

ଲଭିଲେ କସ୍ତୁରିକା-କୁରଙ୍ଗେ, ଧରି ମଦନ-ମଧୁରା ଅଙ୍ଗେ
ରତିକାନ୍ତ ବୋଲେ ମହାରଙ୍ଗେ
ଅବିର ଖେଳା ଗୋ....(୯)

ନୀପ-କଟିବନ୍ଧେ ତମାଳ ଲଇ, ଘୋର ମତି ଆକଟି ଚୁମ୍ବଇ
ଆତଙ୍କୀ ବକ୍ଷେ ବକ୍ଷ ମିଶାଇ
ଦୁକୂଳା କାହିଁ ଗୋ....(୧୦)

ଅଧ୍ୟାପିକା, ସେକ୍ଟର-୧, ରାଉରକେଲା, ଓଡ଼ିଶା

**କିଛି ଶବ୍ଦାର୍ଥ ଭାଷାକୋଷ ରୁ:**

ବିଟପୋଦର— କୁଞ୍ଜ
ତୁଙ୍ଗଭଦ୍ର— ମତ୍ତହସ୍ତୀ

ISSN NO.
2582-208X

ଅବିଧି— ଅବୈଧ; ବେଆଇନ୍
ଘନ— ମେଘ, ଶରୀର, ଘନଶ୍ୟାମର ଡାକ ନାମ
ଫନ୍ଦି—କୌଶଳ, ଚାତୁରୀ
ବଡ଼ଶୀ - ବନଶୀ (କଣ୍ଟା)
ଅଭୀଷ୍ଟ— ବାଞ୍ଛିତ
ବାସନ୍ତୀ— ବସନ୍ତକାଳୀନ
ରସନା— ସପ୍ତକୀ: ବାଦ୍ୟଯନ୍ତ୍ରବିଶେଷ
ଘୃତାର୍ଚ୍ଚିଃ— ଜଳନ୍ତା ନିଆଁ
ଦୀଧିତି - କିରଣ
ନୀପ - କଦମ୍ବଗଛ ଓ ଫୁଲ, ପର୍ବତର ପାଦଦେଶ
ଲଇ— ଲତା
ଦୁକୂଳ— ପାଟଲୁଗା; ପଟ୍ଟବସ୍ତ୍ର, ଉତ୍ତରୀଯ ବସ୍ତ୍ର
ଦୁକୂଳିଆ—ଶ୍ରୀକୃଷ୍ଣ

ISSN NO.
2582-208X

# ମୁଁ ବୋଧେ ଆଶାୟୀ ସକାଳ ଟିଏ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମୁଁ ବୋଧେ ଆଶାୟୀ ସକାଳଟିଏ
ଆଶା ମୋର ଚେତନାରେ ଦୀପ୍ତ
ଅପେକ୍ଷା ମୋ ସୁନେଲି ସୂର୍ଯ୍ୟକୁ
ଅଦୃଷ୍ଟକୁ ଅଙ୍ଗୀକାର କରି
ଶିଶିରର ଶତାଘାତ ପରେ ବ୍ୟକ୍ତ
ସତ୍ତା ମୋର ତଥାପି ନୀରବ ତଥାପି ନିଷ୍ଚଳ।।

ମୁଁ ବୋଧେ ଆଶାୟୀ  ସକାଳ ଟିଏ
ଝରା କୁସୁମର ବେଦନାରେ ସିକ୍ତ
ସ୍ମୃତିସବୁ ପ୍ରେରଣା ମୋ ଅବଶିଷ୍ଟ
ଚଲାପଥ ପାଇଁ, ଦରଫୁଟା କଢ଼ିର
ଶୁଭ୍ରତା ମୋ ଏକାନ୍ତ ନିଜର,
ତା ପୂର୍ଣ୍ଣତାର ମହକରେ ମହକବ
ମୋ ମନ ଅଗଣାର  ଚଉପାଶ।।

ISSN NO.
2582-208X

ମୁଁ ବୋଧେ ଆଶାୟୀ ସକାଳଟିଏ
ନଗ୍ନଶାର ସାଗର ବକ୍ଷରେ ମୁଁ ଖୋଜୁଛି
ଆଶାର ଶାମୁକା, ଧ୍ୟାନସ୍ଥ ମୁଁ ବାଲ୍ମୀକ
ଆଶ୍ରମେ, ଆସନ୍ତାକୁ ଅନେକ ସ୍ୱାଗତ କରି
ଆସିଅଛି ମାଟିର କୋଳରେ,
ଧୂମାୟିତ ଆକାଶ ବକ୍ଷରେ ଦେଖୁଛି ମୁଁ
ଗଭୀର ନଳୀମା
ଅପରିସୀମ ଅପରିମିତ ଯାତ୍ରା ମୋର
ସତ୍ୟ ଓ ସୁନ୍ଦର ।।

ଶିକ୍ଷୟିତ୍ରୀ
କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# କବିତା ର ନାୟିକା



ଡଃ ମାଙ୍ଗଳିକା ମହାପାତ୍ର

ମନେ ଅଛି ...!!!
ଡାକଥିଲ ଯେବେ ତୁମେ ମତେ ଜହ୍ନ
ଉଣା କରିଥିଲି ସେବେ ମୁହିଁ ମନ
ପଗ୍ଭରିଥିଲ ତୁମେ ତାର କାରଣ
କହିଥିଲି ଅମାବାସ୍ୟାରେ ହଜିଯାଏ
ସୂର୍ଯ୍ୟ ଉଇଁଲେ ଲୁଚଯାଏ ସେ
ତା ଭାଗ୍ୟରେ ନାହିଁ ସବୁଦିନଆ ପ୍ରେମ

ସର୍‌ଗରେ ଯେବେ କହିଥିଲ ମତେ ତାର୍
କଥା ହେଇ ନଥିଲି ତୁମ ସହ ବାଟ ସାର୍
ପଗ୍ଭରିଥିଲ ସେବେ ମନ କରି ଉଣା
କହିଥିଲି ମିଟ୍ ମିଟ୍ କରେ ସେ ରାତିସାର୍

କରିବାକୁ ଗ୍ଭହିଁଥିଲ ମତେ ତୁମ କବିତାର ନାୟିକା
କେଜାଣି କାହିଁକ ଭାବନା ଆସିଲା ଦେବ ତୁମେ ଧୋକା
ଗ୍ଭହିଁଲ ତୁମେ ନେଇ ମୋ ସାହାର୍ ପାରିକରିବ ତୁମ ନଉକା
ହେଲେ ଦୁଇ ନାଆରେ ଗୋଡ଼ ଦେଇ ଦେଖ
ରହିଗଲ ତୁମେ ହୋଇ ଏକା ଏକା ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବାସ୍ତବ ପ୍ରଭୁପୂଜା



ବରଦା ପ୍ରସନ୍ନ ଦାସ

ପରମାତ୍ମାଙ୍କ ଶାସନର ସମ୍ବିଧାନ ହେଉଛି ବେଦ। ଭୋଗବିଳାସର ବସ୍ତୁଗୁଡିକୁ ଶ୍ରେଷ୍ଠ ସମ୍ପଦ ମଧ୍ୟରେ ଗଣାଯାଏ ନାହିଁ। ବାସ୍ତବିକ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାସ୍ଥ୍ୟବାନ ଶରୀର ଓ ଉତ୍ତମ ଚରିତ୍ର। ଭାଗବତରେ ଲେଖାଅଛି – "ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତୁ ଆତଯାତ।" ବିଶ୍ୱାସ ଆଧାରରେ ସବୁ କାମ ଚାଲେ। କେତେକ ପୂର୍ବପୁରୁଷ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ। ଆଉ କେତେକ ପୂର୍ବପୁରୁଷ ଅନୁଯାୟୀ ପ୍ରଚଳତ ସମାଜ, ଜାତି, ସମ୍ପ୍ରଦାୟ, ଦେଶ ଦେଶ ମଧ୍ୟରେ ଏହାର ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାର କାରଣ ହେଲା ଭିନ୍ନ ଭାଷା, ବିଭିନ୍ନ ପରମ୍ପରା, ଧର୍ମ ଓ ଧର୍ମ ଧାରଣାର ସ୍ୱାଧୀନତା। ବିଭିନ୍ନ ସମ୍ପ୍ରଦାୟର ଧର୍ମଶାସ୍ତ୍ର ଆଧାରରେ ମଣିଷର ବିଶ୍ୱାସ, ଚନ୍ତନ, ପରମ୍ପରା ଗତି କରେ। ଏ ସବୁ ମଧ୍ୟରେ ଆମର ସର୍ବ ପୁରାତନ ଶାସ୍ତ୍ରକୁ ପରାଧୀନତାର ବନ୍ଧନ ଭିତରେ ରଖି ଆମେ କ୍ରମେ ବହୁ ମାତ୍ରାରେ ଭୁଲିଯିବାକୁ ବାଧ ହେଉଛୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ହେଲା ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କଲା । ଏହା ପୂର୍ବରୁ ବିଦେଶୀ ଶାସନ ଚାଲିଥିଲା। ଆମ ଶାସ୍ତ୍ରକୁ ଘରକୁ ଘର ବୁଲି ନଷ୍ଟ ଭ୍ରଷ୍ଟ କରିଦିଆ ଯାଇଥିଲା ତେଣୁ ସେଥିରୁ ଆମେ ଦୂରେଇ ଯିବାକୁ ବାଧ ହୋଇଛୁ। ମହାନ୍ ବ୍ୟକ୍ତ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆମ ସର୍ବପୁରାତନ ସନାତନ ଧର୍ମଶାସ୍ତ୍ର ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ହୋଇଛି। ଅତୀତରେ ପୁରାଣ, କୋରାନ ଓ ବାଇବେଲର ଅନ୍ଧବିଶ୍ୱାସ ଗୁଡିକୁ ଖଣ୍ଡନ କଲେ ବୋଲି ବୈଜ୍ଞାନକ ଗାଲିଲିଓଙ୍କୁ ଦିଆଗଲା ଆମରଣ ଜେଲ ଯାତନା, ବୈଜ୍ଞାନକ ବ୍ରୁନୋଙ୍କୁ କରୋସିନ ଢାଳ ମାରି ଦିଆଯାଇଥିଲା, ମହର୍ଷି ଦୟାନନ୍ଦଙ୍କୁ ବିଷ ଦେଇ ହତ୍ୟା କରାଗଲା ଓ ମହାତ୍ମା ସକ୍ରେଟିସଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

ISSN NO.
2582-208X

ଅନ୍ଧବିଶ୍ୱାସ ଯୋଗୁ ମାନବ ଜାତି ଭିତରେ ଭେଦଭାବ ବଢି ଚାଲିଛି । ଫଳରେ ଆମେ ଅସହ୍ୟ ଦୁଃଖଦୁର୍ଦ୍ଦଶା ଭୋଗ କରି ଅଶାନ୍ତ ମଧ୍ୟରେ ଗତି କରି ଚାଲିଛୁ । ଏ ସବୁଥିରୁ ଉଦ୍ଧାର ପାଇବାକୁ ହେଲେ ବେଦର ସାରକଥା ଆମକୁ ମାନିବାକୁ ପଡିବ ।

ବେଦର ମର୍ମାର୍ଥ ହେଲା, ଜୀବଗଣଙ୍କୁ ସାହାଯ୍ୟକରିବା ଦ୍ୱାରା ପରମପିତା ପ୍ରସନ୍ନ ହୋଇଥାନ୍ତି । ଅର୍ଥାତ ଦୁଃଖୀର ଦୁଃଖ ନିବାରଣ ରୋଗୀକୁ ଔଷଧ ବଣ୍ଟନ, କ୍ଷୁଧାର୍ଥକୁ ଅନ୍ନଦାନ, ତୃଷାର୍ତ୍ତକୁ ଜଳଦାନ, ନିର୍ବସ୍ତ୍ରକୁ ବସ୍ତ୍ର ଦାନ, ଅଜ୍ଞାନକୁ  ଜ୍ଞାନଦାନ, ଅସହାୟକୁ ସହାୟତା ପ୍ରଦାନ, ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଓ ପର ଉପକାର ଇତ୍ୟାଦି । ଏସବୁ କାର୍ଯ୍ୟ ହେଲା ବାସ୍ତବ ପ୍ରଭୁପୂଜା । ଜୀବ ଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ । ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡି ମନ୍ଦିରରେ ପୂଜାପାଠ କରିବା ଦ୍ୱାରା କିଛି ଲାଭ ହୋଇ ନଥାଏ ।

ସକାଳେ ସନ୍ଧ୍ୟାରେ କିଛି ସମୟ ଈଶ୍ୱର ଚିନ୍ତନ ଏକାଗ୍ର ମନରେ କରିବା ଉଚିତ  । ଏହାକୁ ହିଁ ଧ୍ୟାନ କୁହାଯାଏ । ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚିନ୍ତନ ହିଁ ପ୍ରଭୁପୂଜା । ବେଦ ହେଉଛି ବିଶ୍ୱ ପାଠାଗାରର ସର୍ବପ୍ରାଚୀନ ପୁସ୍ତକ । ବେଦଠାରୁ ମଣିଷ ସମାଜ ଦୂରେଇ ଯିବାର କାରଣ ହେଲା ଏହାକୁ ନିୟମିତ ପାଠ କରୁଥିବା ବ୍ରାହ୍ମଣମାନେ ଏଥିରୁ ନିବୃତ୍ତ ହୋଇ ବିଭିନ୍ନ ପୁରାଣ ଆଦି ପାଠ ଦିଗରେ ଆଗ୍ରହ ପ୍ରକାଶ କଲେ । ଶୃଙ୍ଗାର ରସାତ୍ମକ ସଂସ୍କୃତ କାବ୍ୟ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ପାଇଲା । ସାମ୍ପ୍ରଦାୟିକ ଗୁରୁମାନେ ନିଜ ନିଜର କାୟା ବିସ୍ତାର କରି ସମାଜରେ ଆଧିପତ୍ୟ ଜାହିର କଲେ । ପ୍ରାଦେଶିକ ଭାଷା ପ୍ରଚଳନ ଫଳରେ ସଂସ୍କୃତ ଭାଷା ଅଧ୍ୟୟନ ପ୍ରତି ଆଗ୍ରହ କମିଲା । ସମ୍ପ୍ରତି କେତେଜଣ ମହାନ ବ୍ୟକ୍ତି ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି । ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥାନ୍ତି ।

ସେହିପରି ଭାବେ ସେବା । ଲୋକଙ୍କର ସେବା କରିବା ପାଇଁ ସମସ୍ତ ଯୋଜନା ପ୍ରଣୟନ କରାଯାଇଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାର ଚେଷ୍ଟିତ । ଓଡିଶା ରାଜ୍ୟ ପ୍ରଶାସନର କେନ୍ଦ୍ରସ୍ଥଳୀ ସଚିବାଳୟଠାରେ ନିୟନ୍ତ୍ରଣ ଚାବିକାଠି ରହିଛି । ଲୋକଙ୍କର ସେବା କରିବାକୁ ପ୍ରାଧାନ୍ୟ ଦିଆଯାଇ ପ୍ରଥମେ ରାଜ୍ୟ ସଚିବାଳୟ

ISSN NO.
2582-208X

ନାମକୁ ପରିବର୍ତ୍ତନ କରାଯାଇ "ଲୋକସେବା ଭବନ" ରଖାଯାଇଛି, ଯାହାକି ବେଦର ଆଦର୍ଶକୁ ଯଥାର୍ଥ ସମ୍ମାନ ମିଳିଛି। ପ୍ରତ୍ୟକ୍ଷ ଓ ପରୋକ୍ଷରେ, ଜାଣତ ହେଉ ବା ଅଜାଣତରେ ପ୍ରଭୁପୂଜାର ଅର୍ଥ ଲୋକସେବାକୁ ହିଁ ବୁଝାଇଥାଏ। ଯେଉଁ ହିନ୍ଦୁ ଧର୍ମଶାସ୍ତ୍ର ବେଦ ଏପରି ସତ୍ୟ ଓ ଯଥାର୍ଥ ବିଚାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅଜ୍ଞାନତାର ମହାରୋଗରେ ପୀଡିତ, ଅଜ୍ଞାନତାର ଘନ ଅନ୍ଧକାରରେ ଆଚ୍ଛନ୍ନ ଭ୍ରମ ଏବଂ ଅନ୍ଧବିଶ୍ୱାସର ଅନ୍ଧକୂପରେ ନିପୀଡିତ। ଏଣୁ ଆସନ୍ତୁ, ଆମ ପୁରାତନ ଉପାଦେୟ ଶାସ୍ତ୍ର ବେଦକୁ ଉଦ୍ଧାର ପାଇଁ ଉଦ୍ୟମ କରିବା ପ୍ରକୃତ ଜ୍ଞାନର ପରିଚୟ ପାଇଁ ଜାତି ଓ ଦଳମତ ନିର୍ବିଶେଷରେ ଏକାଠି କାର୍ଯ୍ୟକରିବା। ଏହାର ସରଳୀକରଣ ଏବଂ ଓଡିଆ ଅନୁବାଦ କରାଇ ସମସ୍ତ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବା। ଏ ଦିଗରେ ସର୍ବାଗ୍ରେ ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଇବା ଆଜିର ସବୁଠୁ ବେଶି ଆବଶ୍ୟକତା। ଅତୀତରେ ବେଦଭୂମି ଭାରତରେ ଗୁରୁକୁଳ ଆଶ୍ରମ ଗୁଡିକରେ ସଂସ୍କୃତ ଭାଷା ସହ ଅଧ୍ୟୟନ କରାଯାଉଥିଲା। କାଳକ୍ରମେ ସେଗୁଡିକ ଲୋପ ପାଇବା ପରେ ସଂସ୍କୃତ ଭାଷା ସହ ବେଦପାଠ ଲୋପ ପାଇଥିଲା। ସମ୍ପ୍ରତି ପୁନର୍ବାର ଭାରତରେ ଏକଶହରୁ ଉର୍ଦ୍ଧ୍ୱ ଗୁରୁକୁଳ ଶିକ୍ଷା ଆଶ୍ରମ ଚାଲୁଛି। ଏହାର ସଂଖ୍ୟା ବୃଦ୍ଧି ପାଇଲେ ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ହେଲେ ବେଦପାଠର ଚାହିଦା ବୃଦ୍ଧି ପାଇବ।

ମହାନ୍ତ ଲେନ୍, କେଶରପୁର
କଟକ, ମୋ: ୯୮୬୧୧୪୫୬୮୭

ISSN NO.
2582-208X

# ଅଡୁଆ କାଳକାଳକୁ



କୁଞ୍ଜବିହାରୀ ରାଉତ

ଜୀବନର କଷଟି ପଥରେ
ଘଷି ମାଜି ସଫା ହୋଇଯାଆଛି
ସବୁ ଅଭିଜ୍ଞତା,   ଆଉ ଅଭିଜ୍ଞତା
ଶିଶୁର ଦରେ୍ଟି ହସରେ, ଯେପରି ଭରି ରହିଥାଏ
ଉଦାରତା, ଚପଳତା ଆଉ ଦୁଷ୍ଟାମୀର ଛିଟା
ସେ ସବୁକୁ ସାଉଁଟି ଆଣିଲେ
ଉତଫୁଲ୍ଲିତ ହୋଇଯାଏ ମନ
ହସ ସବୁ ସଂଚରି ଯାଆନ୍ତୁ ଏ ଓଠରୁ ସେ ଓଠକୁ
ହିଂସା, ବାଦ ସବୁ ଲୁଚଯାଆନ୍ତୁ
ବିଷର୍ଣ୍ଣ ହୃଦୟର ଆଢୁଆଳରେ
ଠିକ୍ ଯେପରି ଚନ୍ଦ୍ର ଲୁଚଯାଏ ବାଦଲ ପଛରେ....
ସହନଶୀଳତା, ଶାନ୍ତ, ମୈତ୍ରୀ ବାର୍ତ୍ତାର ଅମୃତକୁ
ବିଛାଡି ଦେଲେ ବି
ତା'ର ମୂଲ୍ୟ କ ବୁଝିବ ସର୍ପ
ଯେତେ କ୍ଷୀର ଦେଇ ପାଳପୋଷିଲେ ବି
ଦିନେ ତ ମାରିବ ଚ୍ଚେଟ......

****************************

ISSN NO.
2582-208X

ଋଣଗ୍ରସ୍ତ ବାପ ଓ ବିଟପି ମା ଅଡୁଆ ପୁଅକୁ
ସୁନ୍ଦରୀ ସ୍ତ୍ରୀ ଅଡୁଆ ସ୍ଵାମୀକୁ
ଅପାଠୁଆ ପୁଅ ଅଡୁଆ ବାପକୁ
ସ୍ଵଳ୍ପ ବିଦ୍ୟା ଭୟଙ୍କରୀ, ଜାଣିଥା ଏକଥା
ଜହ୍ନ ଆଲୁଅ ଅଡୁଆ ଚୋରକୁ
ଜଳକ୍ଲିଷ୍ଟଙ୍କ ପାଇଁ ଅଡୁଆ ମରୁଭୂମି
ସଚେତନ ନାଗରିକ ଅଡୁଆ ନେତାଙ୍କୁ
ଜଳବହୁଳେ ଜଳବିହୁନେ ଅଡୁଆତ କୃଷୀକୁ
ବେଳ ଥାଉ ଥାଉ ସଜାଡି ନଅ ଓ
ପରଖି ନଅ ନିଜକୁ
କଷଟି ପଥରର ଏ କାହାଣୀ
କେବେହେଲେ ନହେବ ଅନ୍ୟଥା
ହେଳାକଲେ, ନମାନିଲେ ଏହି ଅକାଟ୍ୟ ବାରତା
ସାଧୁ ସାବଧାନ!
ନୋହିଲେ ଜୀବନଟା ଭରିଯିବ ବ୍ୟର୍ଥତାରେ
କାଳକାଳ ଭୋଗୁଥିବ ବ୍ୟଥା.....

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଦୁଃଖ ତ ଅସୀମ



ପୁଷ୍ପାଞ୍ଜଳି ପଣ୍ଡା

ଦୁଖଃ ତ ଅସୀମ
ସାଗର ର ସମ
ନୀତି ଆଖି ଭିଜୁଥାଏ ।
ମନତଳ ବ୍ୟଥା
କବିତାରେ କଥା
କହିଦେଲେ ସୁଖ ପାଏ ।।

ବେଦନା ଲଭିଛି
ଯାତନା ପାଇଛି
ପାଇଛି କଣ୍ଟା ଆଘାତ ।
ଅବୁଝା ମନକୁ
ବୁଝାଇ ଦେବାକୁ
ଚେଷ୍ଟା ଗଲେ ଅବିରତ ।।

ଯେବେଠୁ ଆସିଲ
ହୃଦୟରେ ମୋର
ବଢିବଢ଼ି ଗଲ୍ ସ୍ୱପ୍ନ ।
ଦିବସ ରଜନୀ
ଜଣା ତ ପଡେନ
ପ୍ରେମରେ ସଦା ସେ ମଗ୍ନ ।।

ସଂସାର ଜଞ୍ଜାଳ
ସରିଗଲ୍ ପରେ
ଆନମନା କର ମତେ ।
ମନେ ଭାବୁଥାଏ
ଆସନ୍ତା କ ଫେରି
ସୁଖ ଭର୍ ସ୍ମୃତି ଯେତେ ।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

ISSN NO.
2582-208X

# ଭେଷଜ



ଡ. ଅର୍ଜୁନ ଚରଣ ବାରିକ୍

ଅଚ୍ୟୁତ ଅନନ୍ତ ଗୋବିନ୍ଦର ନାମ ସର୍ବରୋଗ ମହୌଷଧି ।
ସକଳ ଭବ ରୋଗ ଦୂରୀକରଣେ ସ୍ମରଣ କର ହେ ସୁଧି ।୧।

ବ୍ୟାୟାମ ସକଳ ରୋଗର ଭେଷଜ ଜାଣି ଏହା ସୁଧିବର ।
ପରିଶ୍ରମ କସରତରେ ରହିଣ ସର୍ବରୋଗ ଦୂର କର ।୨।

ଉପବାସ ଅଟେ ବିକଳ୍ପ ଔଷଧ ସକଳ ରୋଗର ଜାଣ ।
କର ଉପବାସ ଲଭିବ ସନ୍ତୋଷ ସୁସ୍ଥ ହେବ ଦେହ ମନ ।୩।

ପ୍ରକୃତି ତ ଭେଷଜର ଗନ୍ତାଘର ପ୍ରକୃତି ରୋଗ ନିଦାନ ।
ସର୍ବ ରୋଗର ଔଷଧି ଏ ପ୍ରକୃତି ତହିଁ କର ବିଚରଣ ।୪।

ହସ ହରଇ ସକଳ ରୋଗ ଗ୍ଲାଣି ହସିଣ ଦିନ ବିତାଅ ।
ବିକଳ୍ପ ଭେଷଜ ହସ ଜାଣି ନରେ ହସି ହସି ଦିନ ନିଅ ।୫।

ପନିପରିବା ଓ ଫଳମୂଳମାନ ସର୍ବ ରୋଗର ଭେଷଜ ।
ସୁସ୍ଥ ରହିବାକୁ ସବୁଜ ପରିବା ଫଳମୂଳ କର ଭୋଜ୍ୟ ।୬।

ISSN NO.
2582-208X

ତନ୍ଦ୍ରାଟି ଅଟଇ ଶ୍ରେଷ୍ଠ ମହୋଷଧି ସର୍ବରୋଗ ନିବାରଣେ ।
ସୁଖ ନିଦ୍ରା ଲଭ ଆଠଘଣ୍ଟା ଜନ ବ୍ୟାଧି ଚୟର ହରଣେ ।୭।

ସୌର ରଶ୍ମୀ ପୁଣି ଅଟଇ ଭେଷଜ କଅଁଳ ଖରହିଁ ସେବ ।
ସୂର୍ଯ୍ୟ କିରଣ ହରଇ ସର୍ବବ୍ୟାଧି ସେବନ କର ସାଧବ ।୮।

କୃତଜ୍ଞତା ପ୍ରେମ ଏ ବେନି ଔଷଧ ମନରଖେ ରୋଗ ମୁକ୍ତ ।
ଅକୃତଜ୍ଞ ନୋହିଁ ସଭିଙ୍କୁ ଭଲ ପାଇବା ୟାର ମୂଳ ମନ୍ତ୍ର ।୯।

ଉତ୍ତମ ବନ୍ଧୁ ହିଁ ଭେଷଜ ଅଟନ୍ତି ତାଙ୍କ ସମ୍ପର୍କରେ ଆସ ।
ଦୁଃଖ ଶୋକ ରୋଗ ହୋଇଯିବ ଦୂର ଲଭି ବନ୍ଧୁଙ୍କ ସଂସ୍ପର୍ଶ ।୧୦।

ପରିଶେଷେ ଧ୍ୟାନ ଅଟି ଭେଷଜ ହରଇ ସକଳ ବ୍ୟାଧି ।
ପ୍ରତିଦିନ ଧ୍ୟାନ କରି ସୁଧିଜନ ରୋଗକୁ ପାରିବ ସାଧି ।୧୧।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ପାରିଜାତ



ଶାନ୍ତିଲତା ମିଶ୍ର

ଭାତ, ଡାଲମା, ଶାଗ ଟିକେ କରି ଥୋଇ ଦେଇ ଯାଇଛି "ହେମାଙ୍ଗିନୀ' ତାଙ୍କ ପାଇଁ । ଆଖିରୁ ଲୁହ ଝରି ପଡିଲା । ବହୁ କଷ୍ଟରେ ଚୌକି ରୁ ଉଠି ଆସି ଖାଇବା ଦେଖି ମନ ଟା ମରିଗଲା । ଆଜି ତାଙ୍କର ଜନ୍ମ ଦିନ ହେମଙ୍ଗିନୀ କଣ ଭୁଲି ଯାଇଛି ନା ମନେ ରଖିବା ଅନାବଶ୍ୟକ ଭାବିଲା । ହଁ ଅପାରଗ ସ୍ୱାମୀ ଙ୍କର ଜନ୍ମଦିନ ଗୋଟାଏ କଣ ! ସେ ଥିଲେ କେତେ ନଥିଲେ କେତେ !

ଗୋଡ ଭାଙ୍ଗି ଘରେ ବସିଲା ଦିନଠାରୁ ସେ ଭୀଷଣ ହତୋତ୍ସାହ ହୋଇ ପଡିଛନ୍ତି । ନିଜକୁ ବଡ ଅସହାୟ ମନେ କରୁଛନ୍ତି । ଆଶା ବାଡିର ସାହାଯ୍ୟରେ ବି ଦି ଚାରି ପାଦ ମାତ୍ର ଚାଲିବାକୁ ସକ୍ଷମ ହୋଇ ପାରୁଛନ୍ତି । ଯୋଉଠି ବସୁଛନ୍ତି ତ ସେଇଠି । ଗୋଟାଏ ପ୍ରକୋଷ୍ଠ ଭିତରେ ବନ୍ଦୀ ଭାବରେ ଦିନ ବିତେଇବା ବ୍ୟତୀତ ଆଉ କିଛି ଉପାୟ ନାହିଁ । ଏତେ ଅଳ୍ପ ବୟସରୁ ଜୀବନକୁ ଏପରି ଭାବରେ ବିତେଇବେ "ଅଭିଜିତ୍' କେବେ ସ୍ୱପ୍ନରେ ଭାବି ନଥିଲେ।

ତାଙ୍କର ଦିନେ ବଡ କଂପାନୀରେ ଭଲ ଚାକରୀ ଥିଲା । ବୋଉର ବାଧ୍ୟ ପୁତ୍ର ହୋଇ ସେ ହେମାଙ୍ଗିନୀଙ୍କୁ ବିବାହ କରିଥିଲେ ବୋଉ ର କଥାରେ । ବିବାହର ଦଶ ବର୍ଷ, ଦଶ ଦିନ ପରି କୁଆଡେ ଚାଲି ଯାଇଥିଲା । ପ୍ରତି ସପ୍ତାହ ଶେଷରେ କୁଆଡେ ନା କୁଆଡେ ସେମାନେ ବୁଲିବାକୁ ଯାଉଥିଲେ । ଚାକରୀ କରିବାର ଦୁଇ ବର୍ଷ ଓ ବାହାଘରର ବର୍ଷକ ପରେ ସେ ଲୋନ୍ ନେଇ ଗାଡି କିଣିଥିଲେ । କିଛି ବର୍ଷ ପରେ ଖୁସିର ଦୁନିଆଁରୁ ବୋଉ ହଠାତ୍ ଶାରିରୀକ ଅସୁସ୍ଥତା ଯୋଗୁ ଚାଲିଗଲା ।

ISSN NO.
2582-208X

ସେ ଦୁଃଖରୁ ନିଜକୁ ବାହାର କରି ପୁଣି ନୂଆକରି ବଞ୍ଚିବା ଶିଖିବାକୁ ଆରମ୍ଭ କଲା ବେଳକୁ କାର ଦୁର୍ଘଟଣାରେ ଦୁଇଟି ଯାକ ଗୋଡ ଭାଙ୍ଗି ହସ୍ପିଟାଲରେ କିଛି ମାସ ପଡି ରହିବା ପରେ ସେବେଠାରୁ ଘରେ ପଡି ରହିଛନ୍ତି । ହେମାଙ୍ଗିନୀ ସବୁ ପରିସ୍ଥିତିର ମୁକାବିଲା ବେଶ୍ ସାହାସ ଓ ଧୈର୍ଯ୍ୟର ସହିତ କରି ଆସିଛନ୍ତି ସତ କିନ୍ତୁ ମଣିଷର ମନ ବଦଳ ଯିବାକୁ ବେଶୀ ସମୟ କେବେ ଲାଗେନି । ତାଙ୍କ କଂପାନୀ ଦୟା ପରବଶ ହୋଇ ହେମାଙ୍ଗିନୀଙ୍କୁ ଏକ ଛୋଟ ଚାକରୀରେ ରଖି ନେଇଛନ୍ତି । ତାଙ୍କର ଦଶ ବର୍ଷର ଚାକରୀ କାଳରେ ପେନସନ୍ ମିଳିବା ସହଜ ନୁହେଁ । ଯାହା କିଛି କଂପାନୀରୁ ସାମାନ୍ୟ ସାହାଯ୍ୟ ମିଳିଥିଲା ସେତକ ତାଙ୍କ ଚିକିତ୍ସାରେ ସବୁ ଖର୍ଚ୍ଚ ହୋଇଗଲା । ଗାଡି ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଏ ଘର ଖଣ୍ଡିକ ଆଉ ହେମାଙ୍ଗିନୀଙ୍କ ବ୍ୟତୀତ ତାଙ୍କ ପାଖେ ନିଜର କହିବା ପାଇଁ କିଛି ନାହିଁ ।

ଯଦି ହେମାଙ୍ଗିନୀ କୌଣସି କାରଣରୁ ତାଙ୍କ ଜୀବନରୁ ଦୂରେଇ ଯାଏ, ତେବେ… ତେବେ…. କଅଣ ହେବ ସେ ଆଗକୁ ଆଉ ଭାବି ପାରନ୍ତିନି । ଯଦିଓ ହେମାଙ୍ଗିନୀଙ୍କ ହାବଭାବରୁ ସେପରି ଉଦ୍ଦେଶ୍ୟ ଯେ ତାଙ୍କର ଥାଇପାରେ କେବେ ବି ଅଭିଜିତ୍ ତାର ଆଭାସ ପାଇ ନାହାଁନ୍ତି ।

ତଥାପି ସେ ହେମାଙ୍ଗିନୀଙ୍କୁ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି । ସେ କଣ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ତାଙ୍କ ସହିତ ରହି ପାରିବ । ସେ ଯିବାକୁ ଚାହିଁଲେ ତାକୁ ବାଧ କରି ଅଟକାଇ ତ ପାରିବେନି । ତାର ଏବେ ବୟସ ବା କେତେ ମାତ୍ର ଚଉତିସ ବର୍ଷ । ଜୀବନର ଏତେ ଲମ୍ବା ରାସ୍ତା ସେ ଏକ ଅଧମ ଅପାରଗ ସ୍ୱାମୀକୁ ପାଥେୟ କରି କଣ ବଞ୍ଚି ପାରିବ । ଯଦି ହେମାଙ୍ଗିନୀ ଏପରି ଅପାରଗ ହୋଇ ଘରେ ପଡି ରହି ଥାନ୍ତେ, ଅଭିଜିତ୍ ନିଶ୍ଚୟ ହେମାଙ୍ଗିନୀଙ୍କୁ ଏତେ ସେବା, ସହଯୋଗ କରି ନଥାନ୍ତେ। ଅନ୍ୟତ୍ର ବିବାହ କରି ନେଇଥାନ୍ତେ । ନିଜ ଖୁସିରେ ବଞ୍ଚିବାକୁ ଆଗ୍ରହି ହୋଇଥାନ୍ତେ ।

ବୋଉ କହେ ପୁରୁଷର ଭଲ ପାଇବା ଆଉ ନାରୀର ଭଲ ପାଇବା ଭିତରେ ଅନେକ ତଫାତ୍। ପୁରୁଷ ଯେତେ ଭଲ ପାଇ ବାହାହୋଇଥାଉ ପଛେ ଏତେ ସ୍ୱାର୍ଥ ତ୍ୟାଗ କରି ପାରିବନି କୌଣସି ନାରୀ ପାଇଁ । କିନ୍ତୁ ନାରୀ ଚାହିଁଲେ ଭଲ ପାଉଥିବା ପୁରୁଷ ପାଇଁ ସବୁକିଛି ତ୍ୟାଗ କରିପାରେ । ଏ ପରିକି ଜୀବନ । ସବୁ ଜାଣି ସୁଦ୍ଧା ସେ ହେମାଙ୍ଗିନୀଙ୍କୁ

ISSN NO.
2582-208X

ସମୟ ସମୟରେ ସନ୍ଦେହ କରନ୍ତୁ । ଜୀବନ ହାରିବା ପାଇଁ ବି ଚନ୍ତା ତାଙ୍କ ମନକୁ ଆସିଯାଏ । ଯଦିଓ ହେମାଙ୍ଗିନୀ ତାଙ୍କ ସେବା ଯତ୍ନରେ କେବେ ବି କୌଣସି ତ୍ରୁଟି ଏ ଯାଏ ରଖି ନାହାଁନ୍ତୁ । ତାଙ୍କର ଦୃଢ ବିଶ୍ୱାସ ଦିନେ ନା ଦିନେ ଅଭିଜିତ୍ ଭଲ ହୋଇ ଯିବେ । ଯଦିଓ ପାଞ୍ଚ ବର୍ଷ ଗ୍ଲଲିଗଲାଣି ଏହା ଭିତରେ ତାଙ୍କ ପରିସ୍ଥିତିରେ କୌଣସି ସୁଧାର ଆସି ନାହିଁ । ଆସିବାର ସମ୍ଭାବନା ବହୁତ କମ୍ ।

ସବୁ ଜାଣି ସୁଦ୍ଧା ତଥାପି ଯଦି ହେମାଙ୍ଗିନୀ ଘରକୁ କେବେ ଡେରିରେ ପହଞ୍ଚନ୍ତୁ ବା ଫୋନରେ କାହା ସହିତ ହସି ହସି କଥାବାର୍ତ୍ତା କରନ୍ତୁ ତାଙ୍କ ଦେହ ମନରେ ନିଆଁ ଲାଗିଯାଏ କାହିଁକି । ଟିକେ ଟିକେ କଥାରେ ଆଜି କାଲି ତାଙ୍କର ରାଗ ଅଭିମାନ ଟା ବଢି ବଢି ଗ୍ଲଲିଛି। ଯଦିଓ ତାଙ୍କର କୌଣସି ଅଧିକାର ନାହିଁ ରାଗିବାର ତଥାପି ସେ ଭୋକ ନାହିଁ, ଦେହ ଭଲ ନାହିଁ କହି ଅନେକ ସମୟରେ ଖାଆନ୍ତୁନ । ଯଦିଓ ଏହା କୌଣସି ସମସ୍ୟାର ସମାଧାନ ନୁହେଁ ସେ ଜାଣନ୍ତୁ ।

ତେଣୁ ଆଜି ଏ ଭାତ ଡାଲମା ଦେଖି ମୁଣ୍ଡକୁ ପିତ ଚଢିଗଲା । ଖାଇବାକୁ ଇଛା ହେଲାନାହିଁ । ହେମାଙ୍ଗିନୀ ମନେ ରଖିନାହିଁ ନିଶ୍ଚୟ ତାଙ୍କର ଆଜି ଜନ୍ମ ଦିନ ବୋଲି । କିଛି ନହେଲେ ବି ଟିକେ ଖିରୀ ପୁରୀ ତ କରି ଦେଇ ପାରି ଥାନ୍ତା । ତା ବ୍ୟତୀତ ମାସେ ହୋଇଗଲାଣି ସେ ମଝିରେ ମଝିରେ ଘରକୁ କାମ ପରେ ଡେରିରେ ଫେରୁଛି ଆଜି କାଲି ।

ନା ଆଜି ସେ ଏ ଖାଦ୍ୟ ଖାଇବେନ । ରାଗରେ ଥାଳକୁ ତଳକୁ ଫୋପାଡି ଦେଲେ । ଘର ସାରା ଖାଇବା ବିକ୍ଷିପ୍ତ ଭାବରେ ପଡି ରହିଲା । ଦିନ ସାରା ସେ ପଡି ରହିଲେ ଶେଯରେ । ସେଦିନ ସନ୍ଧ୍ୟା ପୂର୍ବରୁ ହେମାଙ୍ଗିନୀ ଘରକୁ ଫେରିଲେ ଏକ ରହସ୍ୟ ମୟ ହସ ମୁହଁରେ ଫୁଟାଇ । ସେତେବେଳକୁ ଅଭିଜିତ ଘର ବାହାର ବାରଣ୍ଡାରେ ବସିଥିଲେ । ହେମାଙ୍ଗିନୀଙ୍କ ହସ ଦେଖି ଦେହରେ ତାଙ୍କର ନିଆଁ ଲାଗିଗଲା ଯେମିତି । ମୁହଁ ଫେରେଇବାକୁ ଯାଉଥିଲେ ହଠାତ୍ ହେମାଙ୍ଗିନୀ କହି ଉଠିଲେ- "ହାପି ବାର୍ଥ ଡେ' । ସକାଳୁ ଆଜି କାମକୁ ଶିଘ୍ର ଯିବାର ଥିଲା । ଶିଘ୍ର ଘରକୁ ଆସିବି ବୋଲି ବସ୍ ଙ୍କ ଠାରୁ ଆଗରୁ କହି ରଖିଥିଲି । ଯିବା ବେଳକୁ ତୁମେ ଶୋଇ ଘୁଂଘୁଡି ମାରୁଥିଲ ତେଣୁ ଉଠେଇବାକୁ ଇଛା ହେଲା ନାହିଁ ।

ISSN NO.
2582-208X

ହାତରେ ଧରିଥିବା ଦୁଇଟା ବ୍ୟାଗକୁ ହେମାଙ୍ଗିନୀ ବହୁ ଖୁସିରେ ଖୋଲିବାକୁ ଲାଗିଲେ । ଗୋଟାକରେ ଅଭିଜିତଙ୍କ ମନ ପସନ୍ଦ ରଙ୍ଗର ଟିଶାର୍ଟ ଥିଲା । ଅନ୍ୟ ବ୍ୟାଗରେ ବିରିୟାନ, ଚକେନ ମାନଚୁରିୟା, ପନିର କ୍ୟାପସିକମ, ରସଗୋଲା । ମନ୍ଦିରରୁ ଆଣିଥିବା କଛି ଭୋଗ ଓ ଫୁଲ ଦେଲେ ।

ଅଭିଜିତ୍ ଙ୍କ ଆଖିରେ ଲୁହ ବନ୍ଧ ବାଡ ମାନିବାକୁ ନାରାଜ । ସକାଳରୁ ଜମାଣ୍ଟ ବାନ୍ଧି ରହିଥିବା  ବିରାଟ ବରଫ ପାହାଡ ଟା ସ୍ନେହ ଶ୍ରଦ୍ଧାର ଟିକେ ଉଷ୍ମସ୍ପର୍ଶରେ ତରଳ ଏକ ଝରଣା ସୃଷ୍ଟି କରିଦେଲା । ଲୁହ ପୋଛିଦେଲେ ହେମାଙ୍ଗିନୀ ଆଖିରୁ ତାଙ୍କର । କାହିଁକ ଏ ଲୁହ ! କଛି ବୁଝି ପାରିଲେନ ହେମାଙ୍ଗିନୀ । ହଁ ସେ ଜାଣେ ଆଜିକାଲି ଏମିତି ସେ ମଝିରେ ମଝିରେ ଲୁହ ଢାଳି ମନକୁ ହାଲକା କରି ନଅନ୍ତି । ତାଙ୍କ ଅସହାୟତାକୁ ବୁଝି ପାରନ୍ତି ହେମାଙ୍ଗିନୀ ତେଣୁ ସେ ବିଷୟରେ କଛି ପ୍ରଶ୍ନ କରନ୍ତିନ ।

ସକାଳେ ହାତରୁ ଖାଇବା ଥାଳଟା ଦୁର୍ଘଟଣା ବସତ ଖସି ପଡିଥିବାର କହି କ୍ଷମା ପ୍ରର୍ଥନା କଲେ ଅଭିଜିତ୍ । କଛି ବ୍ୟସ୍ତ ନାହିଁ କହି ହେମାଙ୍ଗିନୀ ଘର ସଫାକରି ରାତ୍ର ଭୋଜନର ବ୍ୟବସ୍ଥା କରିଦେଲେ ।

ଖାଇବା ଟେବଲରେ ପୁରୁଣା ଅନେକ ସ୍ମୃତିକୁ ଦୋହରାଇ ଅଭିଜିତ୍ କହିଥିଲେ ତୁମେ ସତରେ ଗୋଟିଏ ପାରିଜାତ ଫୁଲ ମୋ ପାଇଁ । ତୁମର ବାସ୍ନା ସାରା ଜୀବନ ମୋ ମନ ଜୀବନକୁ ଏପରି ସୁଗନ୍ଧିତ କରୁଥାଉ । ମନେ ମନେ ଭାବୁଥିଲେ ସତରେ ବୋଉର କଥା କେତେ ସତ ନାରୀ ର ସ୍ନେହ ଶ୍ରଦ୍ଧା ପୁରୁଷ ଠାରୁ କେତେ ତଫାତ୍ । ପୁରୁଷର ମନ ସର୍ବଦା ସନ୍ଦେହ ବଳୟ ଭିତରେ । କାରଣ ସେ ନିଜର ମନ ଓ ଭାବନା ସହିତ ନାରୀକୁ ସବୁବେଳେ ତୁଳନା କରି ଚାଲୁଥାଏ ।

ବୁଝିଲ ! ହେମାଙ୍ଗିନୀ କହିଲେ –"ସବୁର ଦରଦାମ୍ ବେଶ୍ ବଢି ଗଲାଣି । ଏ ମାସରେ ସାତ ଆଠ ଥର ମତେ ଓଭର ଟାଇମ୍ କରିବାକୁ ପଡିଥିଲା ଏତକ ଜିନିଷ ଆଜି ପାଇଁ କିଣିବା ଲାଗି । ଶୁଖି ଆସୁଥିବା ଲୁହ ପୁଣିଥରେ ଗଡି ଆସିଲା ଅଭିଜିତ୍ଙ୍କ ଆଖିରୁ । ଏ ସ୍ୱାର୍ଥତ୍ୟାଗ ବଦଳରେ ସେ ଖାଲି  ସନ୍ଦେହ କରି ଆସିଛନ୍ତି ଏଯାଏ । "ଆରେ ! ହସନା ଥରେ ।

ISSN NO.
2582-208X

କାହିଁକି ଏ ଲୁହ ଆଜିର ଦିନରେ । ତୁମ ଆଖିର ଲୁହ ଦେଖିବାକୁ ମୁଁ ଚାହେଁନା, ତୁମ ଓଠର ହସ ମୋର ଦରକାର ।'

ଲୁହ ପୋଛିଦେଇ ହେମାଙ୍ଗିନୀ କହିଥିଲେ ମୁଁ ଥିବା ପର୍ଯନ୍ତ ତମର କୌଣସି ଅସୁବିଧା ମୁଁ କରିବାକୁ ଦେବିନ । ଜନ୍ମ ଜନ୍ମାନ୍ତରର ସାଥୀ ହେବା ପାଇଁ ବିବାହ ବେଦୀରେ ଶପଥନେଇଥିଲେ । କଣ ଭୁଲିଗଲ । ଅଭିଜିତ୍ ଭଲ ଭାବରେ ଜାଣିଥିଲେ ସେ କେବଳ ମୁହଁର କଥା ସେ କଥାକୁ ହେମାଙ୍ଗିନୀ ଯେପରି ଅକ୍ଷରେ ଅକ୍ଷରେ ପାଳଲେ ସେ ପାଳ ନଥାନ୍ତେ କେବେ ।

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ସହିଷ୍ଣୁତା ଓ ଉଦାରତା



ବାସନ୍ତୀ ଲତା ଜେନା

ମାନବ ଜୀବନ ଦୁଲ୍ଲଭ ଜୀବନ
ଦୟା କ୍ଷମା ଗୁଣେ ଶାନ୍ତ୍ର ତରୀ
ଉନ୍ନତ ଚନ୍ଦନ ସହିଷ୍ଣୁତା ଗୁଣ
ଉଦାରତା ଗୁଣେ ସେ ହୁଏ ମହାନ
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି (ଘୋଷା)

ନିଃସ୍ୱାର୍ଥର ସେବା ଧର୍ମ ପର ଉପକାର
ଜୀବନ ସାର୍ଥକ କରେ ମହୀ ମଣ୍ଡଳର
ପାଣ୍ଡବଙ୍କ ସହିଷ୍ଣୁତା ଇତିହାସ ଗାଏ
ଶ୍ରୀରାମଙ୍କ ଉଦାରତା ନୀତି ଶିକ୍ଷା ଦିଏ
ଦୁଃଖ ସୁଖ ସଂସାରରେ ପ୍ରାଣ ହୁଏ ଘାରି
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି ...... ।୧।

ଉଦାରତା ଗୁଣେ ବୃକ୍ଷ ସଂସାରେ ମହାନ
ଉଦାରତା ଗୁଣେ ସୂର୍ଯ୍ୟ ଆଲୋକ ପ୍ରଦାନ
ସହିଷ୍ଣୁତା ଉଦାରତା ବସୁଧା ଜନନୀ
ଉଦାରତା ଗୁଣେ ଗଙ୍ଗା ଏ ମର୍ତ୍ତ୍ୟେ ପବନୀ
ବିଶ୍ୱ କଲ୍ୟାଣେ ଦଧୀଚ ଅସ୍ଥି ଦାନ କରି
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି....।୨।

ISSN NO.
2582-208X


ଉଦାରତା ସହିଷ୍ଣୁତା କର୍ଣ୍ଣ ପାଖେ ଥିଲା
ନିଜ କବଚ କୁଣ୍ଡଳ ଇନ୍ଦ୍ରଙ୍କୁ ସେ ଦେଲା
ଗାନ୍ଧୀଙ୍କ ଅହିଂସା ନୀତି ଉଦାରତା ଗୁଣ
ବହୁ କଷ୍ଟ ଲବ୍ଧେ ହେଲା ଭାରତ ସ୍ୱାଧୀନ
ଜାତି ଧର୍ମ ନିର୍ବିଶେଷେ ସର୍ବେ ଏକା ପରି
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି……। ୩।

ସହିଷ୍ଣୁତା ଉଦାରତା ଏକ ମୁଦ୍ରା ଗୁଣ
ସତ୍ୟ ଶାନ୍ତ ଦୟା କ୍ଷମା ଜଗତେ ମହାନ
ସଂସ୍କାର ସଂସ୍କୃତି ଆମ ଉଦାର ଅଟଇ
ମାନ ଅପମାନ ସହ୍ୟ ସହିଷ୍ଣୁ ହୁଅଇ
ସହିଷ୍ଣୁତା ଦେବ ଗୁଣ ଦାନ ନର ହରି
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି….. । ୪।

ଉଦାରତା ସହିଷ୍ଣୁତା ମିଳନେ ମଧୁର
ସରଗ ହୋଇବ ଆମ ଏ ସାରା ସଂସାର
ସହିଷ୍ଣୁତା ଉଦାରତା ଯା' ପାଖରେ ଥାଏ
ସଂକୀର୍ଣ୍ଣତା ତାହା ଠାରୁ ବହୁ ଦୂରେ ଯାଏ
ଆପଦେ ବିପଦେ ହୁଏ ପର ଉପକାରୀ
ସହିଷ୍ଣୁତା ଉଦାରତା ପ୍ରାଣେ ଯାଉ ଭରି …… ।୫।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ମୁଖା



ବିନୟ ମହାପାତ୍ର

ମୁଖା ଆମ ସବୁରି ମୁହଁରେ ଲାଗିଛି,
କେବଳ ତଫାତ୍ ଏତିକ,
ତୁମ ମୁଖା କାହାକୁ ଦିଶୁନ
ମୋର କନ୍ତୁ ମୁଁ ଲୁଚ୍ଛାଇ ପାରୁନ
ମୋ ମୁଖା ଜଳ ଜଳ ସଭିଙ୍କୁ ଦିଶୁଛି ।

ତୁମେ ତ କୁଶଳୀ କଳାକାର,
ସବୁ ଭୂମିକାରେ
ନଖୁଣ ଅଭିନୟ କରି ପାର,
ଲୁହକୁ ଲୁଚ୍ଛାଇ ଆଖିରେ
ଓଠରେ ସ୍ମିତ ହସର ରଙ୍ଗ ମାଖି ନଅ,
ହୃଦୟର ସାଇତା ପ୍ରେମକୁ
ବୁଢ଼ି ଅସୁରୁଣୀ ସମ୍ପତି ଯେମିତି
ସାତ ତାଳ ପାଣି ତଳେ, ସୁନା ଫରୁଆରେ
ଜତନେ ଲୁଚ୍ଛାଇ ଦିଅ,
ପଣତରେ ଲୁହକୁ ସାଉଣ୍ଟି
କଛି ନଜାଣିବାର ଅଭିନୟ କର
ବାଟ ଭଙ୍ଗି ଆପଣାର ବାଟେ ଗ୍ଚଲି ଯାଅ ।

ISSN NO.
2582-208X

ଏତେ ସବୁ କଳାକାରଙ୍କ ମେଳେ
ନିଜକୁ ବଡ ଅସହାୟ ଲାଗେ
ଦେହ ଜଳା ଖରାରେ, ପଥର ଭାଙ୍ଗୁ ଭାଙ୍ଗୁ
ଛାଲ ଉଠା ହାତକୁ ନା ଦେଖାଇ ହୁଏ
ନା ଆଂଶୁଘାତେ ଦର ଜଳା
ମୁହଁକୁ ଲୁଚାଇ ହୁଏ ।
ଆଖିର ଲୁହ,
ବେଳେ ବେଳେ କଥା ମାନେ ନାହିଁ,
ଅବେଳରେ ଟପ୍ ଟପ୍ ନିଗିଡି ଯାଏ
ବଡ ଅଣନିଶ୍ବାସୀ ଲାଗେ,
ସେତେ ବେଳେ,
ମୁହଁରେ ବୋଳା ଭାରି ମେକଅପ୍
ଲୁହରେ ବିବର୍ଣ୍ଣ ହୋଇ ଯାଏ ।
ଆଉ ମନେ ହୁଏ,
ବାସ୍ ବହୁତ ହୋଇ ଗଲା
ସଂସାରରେ ମିଛ ମିଛ ଅଭିନୟ,
ଆଉ ଖେଳିବାକୁ ବୟସ ମୋ
ବଳକା ବଞ୍ଚିନି,
ଏଇ ଚୋର ପୋଲିସ ଖେଳରେ
ତୁମକୁ ମୁଁ କେବେ ବି ଖୋଜିକି ପାଏନି
ହେଲେ ନିଜେ,
ବଡ ସହଜରେ ଧରା ପଡି ଯାଏ,
ସମସ୍ତଙ୍କ ସଙ୍ଗେ କଟି କରି ଦେଲି,
ଚୁପଚାପ ଶୋଇ ଯିବି,
ଘରକୁ ମୋ ବାହୁଡିଲା ଯାଏ ।

ପଟିଆ, ଭୁବନେଶ୍ବର, ଓଡିଶା

ISSN NO.
2582-208X

# ଅସାଧାରଣ ସୁନ୍ଦରବନ– ୧୮



ଅଶୋକ ବିଶ୍ୱାଳ

## ନେତି ଧୋପନୀ କ୍ୟାମ୍ପରେ କଥାବାର୍ତ୍ତା

ସେଦିନ ବହୁତ କାମ ଥିଲା । କାମ କରୁ କରୁ ସୂର୍ଯ୍ୟ ଅସ୍ତ ହୋଇଗଲା । ନେତି ଧୋପାନୀ କ୍ୟାମ୍ପରେ ପହଞ୍ଚିଲାବେଳକୁ ସଂନ୍ଧ୍ୟା ଗଡିଯାଇଥିଲା । ସେସ୍ତିରେ ବୋଟରେ ସମୟ ବିତାଇବାକୁ ଥିଲା । ଦିନସାରା ବୋଟରେ ରହିରହି ମାଟିରେ ଚାଲିବାକୁ ଇଚ୍ଛା ହେଉଥିଲା । ବୋଟ ଯେତେ ଭଲ ହେଲେ ମଧ ମଣିଷକୁ ମାଟି ଆକର୍ଷଣ କରେ । ପାଓଲି ମାଇତିବାବୁଙ୍କୁ ଅନାଇଲେ ।

"କ୍ୟାମ୍ପରେ ବଡବାବୁ ଅଛନ୍ତୁ ।" – ମାଇତିବାବୁ କହିଲେ ।

ସବୁ କ୍ୟାମ୍ପ ଭଳ ଏ କ୍ୟାମ୍ପରେ ଏକ ଜେଟି କୂଳକୁ ଲମ୍ବି ଆସିଥିଲା । ତାପରେ କଛି ବାଟ ଚାଲିବାକୁ ପଡେ । ତାପରେ କ୍ୟାମ୍ପର ଫେନସିଙ୍ଗ । ସେଠି ଲୋକ ନସ୍ତପଦ । ଜେଟିରେ ଚାଲିଗଲାବେଳେ ବିପଦ ଅଛି । ମାଇତିବାବୁଙ୍କ ଟର୍ଚ୍ଚ ସବୁଆଡେ ବୁଲିଗଲା । ପାଣି, କାଦୁଅ, ଜଙ୍ଗଲ । କୁଆଡେ କଛି ଦେଖାଯାଉନାହିଁ । କ୍ୟାମ୍ପରୁ ହାଲୁକା ଆଲୋକ ଆସୁଥିଲା। ଜେଟିରେ ପାଇକବାବୁ ଥିଲେ । ତାଙ୍କ ସାଙ୍ଗେ ସମସ୍ତେ ଚାଲିବାକୁ ଲାଗିଲେ ।

"ନେତି ଧୋପନୀ ନାଁ ଟା ଟିକେ ଭିନ୍ନ ଲାଗୁଛି ।" – ପାଓଲି କହିଲେ । ନେତି ଧୋପାନୀ ଏକ ତନ୍ତ୍ର ସାଧିକା । ତାଙ୍କ ନାଁରେ କଣ ଏ ଯାଗାର ନାମ ନେତି ଧୋପାନୀ ହୋଇଛି ?

ISSN NO.
2582-208X

"ଜାଣିନ । କିନ୍ତୁ ଏଠି ବୋଧହୁଏ ମନସା ମନ୍ଦିର ଥିଲା ।"– ପାଇକବାବୁ କହିଲେ । କଥାଟା ବଡ଼ ଆଶ୍ଚର୍ଯ୍ୟ ଜନକ । ସୁନ୍ଦରବନର ଏତେ ଭିତରେ କିଛି କୋଠା ବା ମନ୍ଦିର ଥାଇପାରେ ଶୁଣିକରି ଆଶ୍ଚର୍ଯ୍ୟ ଲାଗୁଥିଲା ।

"ଆସନ୍ତୁ ଜାଲି ଭିତରୁ ଦେଖିବେ ।"– ପାଇକବାବୁ କହି ସେମାନଙ୍କୁ ଅଫିସକୁ ନ ନେଇ କ୍ୟାମ୍ପ ଭିତରେ ଥିବା ରାସ୍ତାରେ ଟିକେ ବୁଲାଇଦେଲେ । ତାଙ୍କର ଟର୍ଚ୍ଚ ସବୁଆଡେ ବୁଲି ଯାଉଥିଲା । ମୁଖ୍ୟ ତାରଜାଲିରୁ ଏକ ଛୋଟ ରାସ୍ତା ଏକ କୁଦକୁ ଯାଇଛି । ବାଉଁଶର ଏକ ପୋଲ ତାରଜାଲି ସେପଟେ ତିଆରି ହୋଇଛି । ସେଇଠି ପୋଲ ଉପରେ ମନ୍ଦାର ଫୁଲ, ଗୁଡ଼ଉଳ କିଛି ରଖାଯାଇଛି । ନେତି ଧୋପାନୀଙ୍କ ପୂଜାପାଇଁ କିଏ କିଛି ଫୁଲ ମଧ୍ୟ ସେଇଠି ରଖି ଦେଇଥିଲା । ସେପଟକୁ ଯାଇହେବନି । ତାରଜାଲି ଭଲଭାବେ ବନ୍ଦ କରି ଦିଆଯାଇଛି। ବାଘର ଭୟ ।

"ନେତି ଧୋପାନୀରେ ମନସା ମନ୍ଦିର ହେବାଟା ସ୍ୱାଭାବିକ । ନେତି ଯେ ମନସାଙ୍କ ସଖୀ । ସର୍ପରାଜ୍ୟରେ ସାପଙ୍କ ଦେବୀ ମନସାଙ୍କ ପାଇଁ ଏକ ମନ୍ଦିର ଗଢି ଉଠିବା ସ୍ୱାଭାବିକ ।"– ପାଓଲି କହିଲେ । ସୁବିମଳର ଟର୍ଚ୍ଚ ଲାଇଟର ଆଲୋକ ଏକ ମାଟି କୁଦ ଉପରେ ପଡିଥିଲା। ସେଠି କିଛି ଇଟା ଅଛି । ଯାହାକିଛି ଗଢିଉଠିଥିଲା ତାହା ଆଜି ମାଟିରେ ପରିଣତ ହୋଇଯାଇଛି ।

"ଏଇଟା କଣ ମନସାଦେବୀଙ୍କ ମନ୍ଦିର ?"– ପାଓଲିଙ୍କ କଣ୍ଠରେ ବିସ୍ମୟ ଥିଲା ।

"କିଏ ଜାଣେ ? କିଛି ଜଣା ନାହିଁ ।" – ସୁବିମଳର ସାଧାରଣ ଉତ୍ତର । ସୁବିମଳ କ୍ୟାମ୍ପର ବଡବାବୁ । ପାଓଲି ଆସିଛନ୍ତି ବୋଲି ସେ ବାହାରି ଆସି ସେମାନଙ୍କ ଦଳ ସହ ଚାଲୁଥିଲା ।

ISSN NO.
2582-208X

ସେମାନେ ଫେନସିଙ୍ଗ ଧାରରେ ଥିବା ସିମେଣ୍ଟ ରାସ୍ତା ଉପରେ ଚାଲୁଥିଲେ । ଅନ୍ଧାର ରାତି । ଟର୍ଚ୍ଚ ଆଲୋକ ସବୁଆଡେ ମଝିରେ ମଝିରେ ବୁଲିଯାଉଥିଲା । ରାସ୍ତାର ଉପରେ ତ ସବୁବେଳେ ଥିଲା । ହୁଏତ ସାପ ରାସ୍ତାର ଉପରେ ଯାଉଥିବ ।

"କିଛି ପ୍ରତ୍ନତାତ୍ୱିକ କୀର୍ତ୍ତୀ ମିଳିଛିକି ? କିଛି ନିଦର୍ଶନ ? ଦୂରରୁ ଲାଗୁଛି ତ କିଛି ଇଟାରେ ତିଆରି ହୋଇଥିଲା ।"– ପାଓଲିଙ୍କ ମନରେ ବହୁତ ଆଗ୍ରହ ଥିଲା । ସେ ସୁନ୍ଦରବନ ଭିତରେ କିଛି ସେମିତି ମନ୍ଦିର ବା ଆଉ କିଛି କୋଠାବାଡି ଥିବ ବୋଲି ଭାବି ମଧ୍ୟ ନଥିଲେ। ତାଙ୍କ ଖୋଜିବା ଭିତରେ ଏହା ଏକ ନୂଆ ଦିଗ । ତାଙ୍କ ଭିତରେ ନୂଆ ଉତ୍ସାହ ଆସିଯାଇଥିଲା ।

"ଲାଲ ଇଟାର ବୋଧହୁଏ ମନ୍ଦିର ଥିଲା । ଆମେ ଦୁଇ ତିନୋଟି ଇଟା ଆଣି କ୍ୟାମ୍ପରେ ରଖିଛୁ ।"– ସୁବିମଳ କହିଲା ।

"ଦେଖିବେ ?"– ସୁବିମଳର ଯେମିତି ସପନବାବୁ ଆଉ ପାଓଲିଙ୍କୁ ନିମନ୍ତ୍ରଣ ଥିଲା । ସେମାନେ ସେମିତି କିଛି ନୂଆ ଜିନିଷ ଖୋଜୁଥିଲେ ।

ଅଫିସ ପାଖ ଗଛମୂଳେ କେତେଟା ଭଲ ଆଉ ଭଙ୍ଗା ଇଟା ରଖାଯାଇଛି । ଦୁଇ ତିନୋଟି ଘଣ୍ଟି ଆକାରର କିଛି ମାଟିର ପାତ୍ର ପାଖରେ । ଇଟା ଗୁଡିକ ଚୖରିକୋଣିଆ ଆଉ ବେଶି ଚଉଡା ଆଉ ଆଜିକାଲିର ଇଟାର ଅଧା ମୋଟ ।

ଏବେକାର ଇଟା ମୋଟେ ନୁହଁ । ସପନବାବୁ ଗୋଟାଏ ଇଟା ଉଠାଇ ଆଣି ଭଲକରି ଦେଖୁଥିଲେ । ପାଓଲି ସେ ଇଟାକୁ ତନ୍ନତନ୍ନ କରି ପରଖୁଥିଲେ । କିଛି ଅବିଶ୍ୱାସନୀୟ ଜିନିଷ ଏଇଠି ଅଛି ।

ISSN NO.
2582-208X

"ଶହ ଶହ ବର୍ଷର ପୁରୁଣା ଇଟା ହେବ ବୋଧହୁଏ । ଏମିତିଆ ଇଟାର ବ୍ୟବହାର ଲୋକେ କେବେଠୁ ଭୁଲି ଗଲେଣି । ଇଟାର ତିଆରି ଅନେକ ପୁରୁଣା କୋଠାବାଡି ଅଛି ।"– ସପନବାବୁ ନିଜର ମତ ଦେଉଥିଲେ ।

"ବୁଦ୍ଧିଷ୍ଟ ମୋନାଷ୍ଟ୍ରୀ ।"– ପାଓଲି କହିଲେ ।

"ବୋଧହୁଏ ନୁହେଁ । ଏମିତିଆ ଇଟା ହୁଏତ ବିଷ୍ଣୁପୁରରେ ମିଳିଯିବ । କିଛି ଭିନ୍ନ ହୋଇପାରେ । କିନ୍ତୁ ଠିକ ଭାବରେ କିଛି କହି ହେବନି ।"– ସପନବାବୁ କଥାକୁ ବିଶ୍ଳେଷଣ କରୁଥିଲେ ।

ଇଟା ପାଖରେ କିଛି ପାତ୍ର ଓଲଟାଇ ରଖାଯାଇଥିଲା । ଗ୍ଲାସ ଭଳି ଆକାର କିନ୍ତୁ ତଳ ପଟ ଗୋଲିଆ । ମାଟିର ପାତ୍ର । ସାଧାରଣ ବଡ଼ ଗ୍ଲାସଠାରୁ ଅନେକ ବଡ଼ । କିଛି ଆକାରରେ ମନ୍ଦିରର ଘଣ୍ଟି ଭଳି ଲାଗୁଥିଲା । ଦୁଇଟି ଉପରେ ଭାଙ୍ଗି ଯାଇଥିଲା । ଗୋଟିଏ ଠିକ ଥିଲା ।

"ମନ୍ଦିରର ଘଣ୍ଟି ।"– ପାଓଲି କହିଲେ ।

"ବୋଧହୁଏ ନୁହେଁ । କାହିଁକିନା ଯେଉଁ ପାତ୍ର ଭାଙ୍ଗି ନାହିଁ ସେ ଭିତରେ କିଛି ବଲ ଆକାରର ପିଣ୍ଡୁଳା ନାହିଁ ।"– ସପନବାବୁ ସେ ଅତୁଟ ଘଣ୍ଟିକୁ ଉଠାଇ ନେଇ କହିଲେ ।

"କଣ ହୋଇପାରେ ? "

"ପାଣି ପିଇବା ପାଇଁ ଗ୍ଲାସ । ହୋଇପାରେ ବା ନହୋଇପାରେ । ଆଗରୁ ଲୋକେ ପାଣି ବା ମଦିରା ଗ୍ଲାସରେ ପିଉଥିଲେ ।"– ସପନବାବୁ କହିଲେ । ପାଓଲି ସେ ପାତ୍ରକୁ ହାତରେ ନେଲେ । ଭଲଭାବେ ପାତ୍ରକୁ ଗଢାଯାଇଛି ।

ISSN NO.
2582-208X

"ଭଲ କାରିଗରୀ ହୋଇଛି । କୁମ୍ଭାର ଚକର ଉଦ୍ଭାବନ ହୋଇସାରିବଣି । ତେଣୁ ଏତେ ଗୋଲ ଲାଗୁଛି ।"– ପାଓଲି କହିଲେ । ସପନବାବୁ ମୁଣ୍ଡ ହଲାଉଥିଲେ । ସେତେବେଳର ଲୋକଙ୍କ ପାଖକୁ କିଛି ଟେକ୍ନୋଲୋଜି ଆସିସାରିଲାଣି ।

"ଯଦି ମନ୍ଦିର ହୋଇଥିବ, ତେବେ କେବେକାର ହୋଇପାରେ ? "– ପାଓଲି ପଚାରିଲେ ।

"କିଏ କହିବ ? କିଛି ଲିଖିତ ଇତିହାସ ଅଛି ବୋଲି ଲାଗୁନି ।"– ସପନବାବୁ କହିଲେ ।

"ଏ ଇଟା ଯେମିତି ଭାବରେ ତିଆରି ହୋଇଛି ସେଥିରୁ ଜଣାପଡୁଛି କେବେ ଏଠି ଲୋକାଳୟ ଥିଲା । ବାଣିଜ୍ୟ ବସତି ଏ ସ୍ଥାନଦେଇ ହେଉଥିବ ।"– ସପନବାବୁ କିଛି ମତ ଦେଉଥିଲେ ।

"ଏ ଘନଘୋର ଅନ୍ଧାରୁଆ ଅରଣ୍ୟରେ ! ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ତାହେଲେ ସେ ଲୋକାଳୟମାନଙ୍କର କଣ ହୋଇଥିବ ? "– ପାଓଲି କହିଲେ ।

"ବାଘ ଆକ୍ରମଣରେ ସମସ୍ତେ ମରିଯାଇଥିବେ ।"– ସୁବିମଳ ଏତେବେଳେ କହିଲା । ସୁନ୍ଦରବନ ଭିତରେ ରହି ସବୁବେଳେ ସେ ବାଘ ବାଘ ହେଉଛି । ସବୁବେଳେ ମଣିଷର ନିଧନ ସହ ବାଘର ସଂପୃକ୍ତି ଅଛି ବୋଲି ସେ ଜାଣିଛି ଆଉ ସେମିତି କିଛି ହେଉଥିବ ବୋଲି ସେ ଭାବିନେଇଛି ।

ବାଘର ଆକ୍ରମଣରେ ଏକ ଲୋକାଳୟ ଲୋପପାଇଯିବ ବିଶ୍ୱାସ ହେଉନି । ଏକଥା ସତ ଯେ ବାଘର ସାମ୍ରାଜ୍ୟ ଦିନେ କଲିକତା ପର୍ଯ୍ୟନ୍ତ ଥିଲା । ଲୁଣା ଜଙ୍ଗଲ ବିଦ୍ୟାଧରୀ ନଦୀର ଆରମ୍ଭ ଅର୍ଥାତ କଲିକତାକୁ ଛୁଇଁଥିଲା । ଏତେ ବଡ଼ ଅଞ୍ଚଳ । ବଞ୍ଚିବାର ସମସ୍ୟା ହେତୁ ଲୋକେ ଏଠାରୁ ହୁଏତ ଚାଲିଯାଇଥିବେ । ହୋଇପାରେ ଜଳଦସ୍ୟୁମାନଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତହୋଇ ଲୋକେ ପଳାୟନ କରିଥିବେ । ବାଙ୍ଗଲାଦେଶରେ ପରା କେଉଁ ଏକ

ISSN NO.
2582-208X

ଲୋକାଳୟ ଜଳଦସ୍ୟୁମାନଙ୍କ ଉତ୍ପାତରେ ଲୋପ ପାଇଯାଇଥିଲା । ହୋଇପାରେ ବଡ଼ ତୋଫାନରେ ଏ ଭିତରର ଜନବସତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଯେଉଁ କେତେଜଣ ବଞ୍ଚିଯାଇଥିବେ ସେମାନେ ବାଘ, ସାପ ଆଉ ଅନ୍ୟ ଜୀବଙ୍କ ଆକ୍ରମଣ ଆଉ ତା' ସାଥିରେ ଦୁର୍ଭିକ୍ଷରେ ପ୍ରାଣ ହରାଇଥିବେ । ଲୋକବସତି ଲୋପ ପାଇଯାଇଛି ।– ସପନବାବୁ ଅନେକ ଭାବି କହୁଥିଲେ ।

ତାହେଲେ ଏ ମନ୍ଦିର ? ମନ୍ଦିରରେ ଦେବୀ କଣ ଅପୂଜାପାଇ ମାଟିରେ ମିଶିଗଲେ ?– ପାଓଲି କହିଲେ । ସେଥିରେ ତାଙ୍କର ମତ ଆଉ ଅବିଶ୍ୱାସ ମିଶି ରହିଥିଲା । ସେ ସେହି ଇଟାମାନଙ୍କୁ ଭଲ ଭାବେ ଅନାଇଲେ । ଏ ଇଟା ସହ କିଛି ବିଶ୍ୱାସ ନିଶ୍ଚିତ ଭାବେ ଯୋଡା ହୋଇ ରହିଛି । ବିଶ୍ୱାସଟା କଣ ସାପ ପୂଜା ? ଏ ପର୍ଯ୍ୟନ୍ତ ସେ ବନବିବିଙ୍କର ପୂଜା ଜଙ୍ଗଲ ଭିତରେ ଦେଖି ଆସିଥିଲେ । ମନସା ଦେବୀଙ୍କ ପୂଜା ଗାଁରେ ହୁଏ ।

"ମନସା ଦେବୀଙ୍କୁ କଣ ସମସ୍ତେ ମାନନ୍ତି ? "– ପାଓଲି ପଚାରିଲେ ।

"ସମସ୍ତେ ।"– ସୁବିମଳ କହିଲା ।

"ସର୍ପାଘାତ ମୃତ୍ୟପରେ କଣ ସମସ୍ତେ ଶବକୁ କଦଳୀ ଗଛର ଭେଳାରେ ପାଣିରେ ଭସାଇ ଦିଅନ୍ତି ? "– ପାଓଲି ପଚାରିଲେ ।

ସୁବିମଳ ମୁଣ୍ଡ ଟୁଙ୍ଗାରୁଥିଲା ।

"ଭେଳା କୁଆଡେ ଚାଲିଯାଏ ? "

"ମୁଦ୍ରକୁ । ଗଙ୍ଗା ସାଗରକୁ । ଏହିତ ବିଶ୍ୱାସ ।" – ସୁବିମଳର ସଂକ୍ଷିପ୍ତ ଉତ୍ତର ଥିଲା ।

ISSN NO.
2582-208X

ଆଉ କିଛି ପ୍ରଶ୍ନ ପଚାରିବାର ନଥିଲା । ଏତିକି ପ୍ରତ୍ନତାତ୍ୱିକ ନିଦର୍ଶନରୁ କିଛି ସିଦ୍ଧାନ୍ତରେ ପହଞ୍ଚାଯାଇ ନପାରେ । ସେମାନେ ଅଫିସରେ ନବସି ଓ୍ୱାଚ ଟାଓ୍ୱାର ଉପରକୁ ଯିବାକୁ ଚାହିଁଲେ । ସେଠି କିଛି ଜୀବ ଜନ୍ତୁ ଦେଖାଯିବେ । ଏକ ମିଠା ପାଣି ପୋଖରୀ ଖୋଳାଯାଇଛି । ପାଣି ପିଇବାପାଇଁ ଜୀବଜନ୍ତୁ ବିଭିନ୍ନ ସମୟରେ ଗଡନ୍ତି । ତେଣୁ ସେମାନଙ୍କୁ ଓ୍ୱାଚ ଟାଓ୍ୱାରରୁ ନିରୀକ୍ଷଣ କରିବା ସହଜ । ସେମାନେ ବ୍ୟସ୍ତ ହେବେନି ଆଉ କି କି ଜୀବ ଜଙ୍ଗଲରେ ଅଛନ୍ତି ତାହା ଜଣା ପଡିଯିବ । ସେମାନେ ଉପରକୁ ଶିଡିରେ ଚଢିଗଲେ । ସବା ଉପରେ ଚାରିପଟେ ପାରାପିଟ କରାଯାଇଛି । ଏକ ଛୋଟ ଘର ଅଛି । ସେଇଠି ସେମାନେ ବସି ଜଙ୍ଗଲ କଥା ଆଉ ଓ୍ୱାଚ ଟାଓ୍ୱାରରୁ ନିରୀକ୍ଷଣ କଥା ଆଲୋଚନା କରିବାକୁ ଲାଗିଲେ ।

"ଏ ଯାଗାଟା ଅନ୍ୟ ସ୍ଥାନର ଟାଓ୍ୱାରଠାରୁ ଭିନ୍ନ । କାରଣ ମୁଁ କହିପାରେ ଯେ ଏଇଠି ଦୁଇଟା ଶଂଖଚିଲ ବା ବ୍ରାହ୍ମନୀ କାଇଟ ଏଇଠି ବସା ବାନ୍ଧିଛନ୍ତି । ଅନ୍ୟ କେଉଁଠି ପୋଖରୀ କୂଳରେ ଶଂଖଚିଲ ବସା ବାନ୍ଧିନାହିଁ ।" ସୁବିମଳ କହିଲା । ତା'ର ସ୍ୱର ଥଣ୍ଡା ରାତିରେ ଥରୁ ନଥିଲା। ଜଳୀୟ ବାଷ୍ପଭରା ପବନ ଶବ୍ଦକୁ ବୋହି ନେଉଥିଲା । ବ୍ରାହ୍ମନୀ କାଇଟ ଏକ ଶିକାରୀ ପକ୍ଷୀ । ବଡ଼ ଆକାରର ।

"ଗୋଟିଏ ଶଙ୍ଖଚିଲ ପ୍ରଥମେ ଆକାଶରେ ଉଡେ ଆଉ ତାପରେ ଗୋଲ ଚକ୍କର କାଟି ମିଠାପାଣି ପୋଖରୀ ଧାରରେ ଥିବା ବଡ଼ ଗଛର ସବୁଠାରୁ ଉଚ୍ଚ ଡାଳରେ ବସିଯାଏ ।"- ସୁବିମଳ ଏକ ଶଂଖଚିଲ ବିଷୟରେ କହୁଥିଲା । ଆକାଶ ଏକଦମ ଅନ୍ଧାର । ଏଠି କ୍ୟାମ୍ପରେ ଏତେ ଆଲୁଅ ନାହିଁ । ସୋଲାର ପ୍ୟାନେଲରୁ କିଛି ବିଜୁଳି ମିଳୁଛି । ସେଥିରେ ଘର ପାଖାପାଖି ଆଲୋକ ଦିଆଯାଇଛି । କେତେଟା ଘରେ ମଧ୍ୟ ଆଲୋକ ଅଛି । କିନ୍ତୁ ଓ୍ୱାଚ ଟାଓ୍ୱାର ଟିକିଏ ଦୂରରେ । ସେଇଠି ଆଲୋକ ପହଞ୍ଚି ପାରୁନି । ଏ ଯାଗାରେ ବହୁତ ସାପ । ନଦେଖି ଚାଲିଲେ କେତେବେଳେ ସାପ ଉପରେ ଚଢି ହୋଇଯିବ । ମୋଟେ ଜାଣି ହେବନାହିଁ । ଅନେକ ସମୟରେ ବିଷାକ୍ତ ଅହିରାଜ ଆଉ ନାଗସାପ ଘର ପାଖକୁ ଚାଲି ଆସୁଛନ୍ତି ।

ISSN NO.
2582-208X

ଆକାଶରେ ଖଣ୍ଡି ଜହ୍ନ ଉଇଁଥିଲା । ବେଶ ଉଜ୍ଜ୍ୱଳ ଲାଲ ରଙ୍ଗର ଜହ୍ନ । ଅନ୍ଧାରୁଆ ଆକାଶରେ କିଛିଟା ତାରା ଥିଲା । କିନ୍ତୁ ସାମାନ୍ୟ କୁହୁଡି ହେତୁ ଭଲଭାବେ ଦେଖାଯାଉ ନଥିଲା । କୁହୁଡିରେ ଭରିଥିବା ଜଳକଣାର ବିଚ୍ଛୁରଣରେ ସାମାନ୍ୟ ଆଲୋକ ହଜିଯାଏ । ସେମିତି ଏକ ଅନ୍ଧାରୁଆ ରାତିରେ ସେମାନେ ଉପରେ ବସିଥିଲେ । ପବନ ବୋହୁନଥିଲା । କିନ୍ତୁ ଥଣ୍ଡା ଜଳକଣା ଯୋଗୁ ଭଲ ଶୀତ ଲାଗୁଥିଲା । ୱାଚ ଟାୱାରରୁ ହାତଧରା ସର୍ଚ୍ଚ ଲାଇଟରୁ ଏକ ମୋଟା ଆଲୋକର ରେଖା ଖୋଲାହୋଇଥିବା ମିଠାପାଣି ପୋଖରୀ ଆଡକୁ ଲମ୍ବିଗଲା । ପୋଖରୀର ବନ୍ଧ ଟିକିଏ ଉଚ୍ଚ। ଚାରିଆଡେ ଗଛ । ଏକ ଚଉଡା ପଟ୍ଟି ଭଳି ଜଙ୍ଗଲର କିଛି ଅଂଶ ସଫା କରାଯାଇଥିଲା । ଏଇଟା ଅବଜରଭେସନ ଲାଇନ ବା ନିରୀକ୍ଷଣ ପଟ୍ଟୀ । ଏଇଠି ବସି ସେ ପଟ୍ଟୀ ଉପରେ ନଜର ରଖିଲେ ଜଙ୍ଗଲର ଜୀବ ଜନ୍ତୁଙ୍କ ବ୍ୟବହାର ଉପରେ କିଛି ଜ୍ଞାନ ହେବ । ଏତେ ଘଞ୍ଚ ଜଙ୍ଗଲରେ କିଛି ଦେଖାଯାଏନା। ଏମିତିଆ ଅଳ୍ପ ଖୋଲାଯାଗାରେ ଜୀବ ଯିବାଆସିବା କଲେ ସେମାନଙ୍କ ଉପସ୍ଥିତି ଜାଣିହେବ । ରାତିରେ ହରିଣମାନେ ଚରା କରନ୍ତିନି । ଅଧିକା ରାତିରେ ବାଘ ମଧ୍ୟ ବେଶି ବୁଲି ନଥାଏ । ଅନ୍ଧାରରେ ପାଣି କାଦୁଆ ଜଙ୍ଗଲରେ ବୁଲିବା ସହଜ ନୁହେଁ ।

"ସେମାନେ ଏ ବଡଗଛ ଉପରେ ତିନି ଚାରିମାସ ହେଲା ଅଛନ୍ତି ।"

– ସୁବିମଳର ସର୍ଚ୍ଚ ଲାଇଟ ଏକ ବଡଗଛ ଉପରେ ଘୁରି ବୁଲୁଥିଲା । ଏତେ ଦୂରରୁ ଗଛ ଚିହ୍ନି ହେଉନଥିଲା । ସେ ଗଛଟା ପାଖ ଆଖର ଗଛଠାରୁ ବେଶ ଲମ୍ବା, ପୋଖରୀ ବନ୍ଧକୁ ଏକଦମ ଲାଗିକରି ଅଛି । ଏତେ ଉପରେ ବସି ପୋଖରୀର ଧାରରେ ଥିବା ଖୋଲା ଜମି ଆଉ ଛୋଟ ଗଛମାନଙ୍କରେ ହେଉଥିବା ହଲଚଲକୁ ଭଲଭାବେ ଲକ୍ଷ୍ୟ କରି ହେବ । ଶଂଖଚିଲ ବା ସେଇପରି ଅନ୍ୟ ଶିକାରୀ ପକ୍ଷୀମାନେ ପ୍ରାୟ ବଡ଼ ଗଛର ଖୋଲା ଡାଳ ବା ସେମିତି ଉଚ୍ଚ ଖୋଲା ସ୍ଥାନ ଯଥା ପାହାଡରୁ ବାହାରି ଆସିଥିବା ଗୋଟିକିଆ ଡିଖ ପଥରରେ ବସି ତଳକୁ ଅନାଇ ରୁହନ୍ତି । ସୁନ୍ଦରବନରେ ପାହାଡ ନାହିଁ । ଏମିତି ଶିକାରୀ ପକ୍ଷୀମାନେ ବଡ଼ ଗଛର ଡାଳରେ ବସି ଶିକାରପାଇଁ ପ୍ରତୀକ୍ଷା କରି ରୁହନ୍ତି । ଶିକାର ଦେଖିଲେ

ISSN NO.
2582-208X

ଆକାଶରେ ଜୋରରେ ଉଡିଯାଇ ଶିକାରକୁ ଧରିନିଅନ୍ତି । ନିରୀକ୍ଷଣପାଇଁ ଉଚ୍ଚ ଯାଗା ହେବା ଆବଶ୍ୟକ ଅଛି ।

"ପକ୍ଷୀଦୁଇଟି ଗୋଟିକ ପରେ ଗୋଟିଏ ହୋଇ ଗଛରୁ ଓହ୍ଲାନ୍ତି । ତା' ପରେ ସେମାନେ ପାଣି ପିଇବାପାଇଁ ପୋଖରୀ କୂଳକୁ ଆସନ୍ତି ।"– ସୁବିମଳ କହୁଥିଲା । ଅନ୍ଧାରରେ କିଛି ଦେଖିବା ସମ୍ଭବ ନଥିଲା । କିନ୍ତୁ ଦିନରେ କଣ ଘଟୁଛି ଭାବି ନିଆଯାଇପାରେ । ଏକ ବିଶାଳକାୟ ଶିକାରୀ ପକ୍ଷୀ ମାଟି ଉପରକୁ ଓହ୍ଲାଇ ଆସିଛି । ଦୃଢ ପଦେକ୍ଷପରେ ଚାଲୁଛି ଆଉ ମୁଣ୍ଡକୁ ତଳକରି ପାଣି ପିଉଛି ।

"ଆଉ କଣ ଦେଖିଛ ? ବାଘ ? "– ପାଓଲି ପଚାରିଲେ ।

"ଥରେ ବାଘ ଆକ୍ରମଣ ଦେଖିଲି ।"– ସୁବିମଳର ସ୍ୱର ଥରୁଥିଲା । ସେଇ ଥରିବାଟା ଥଣ୍ଡା ନା ରୋମାଞ୍ଚ ନା ଦୁଇଟାଯାକ ତାହା ଜଣାପଡୁନଥିଲା । ଶୀତ ରାତିରେ ସ୍ୱର ଥରିବାଟା ସ୍ୱାଭାବିକ । ୱାଚ ଟାୱାରଟା ଚାରି ମହଲା କୋଠା । ସେଠି ସାଧାରଣ ପବନ ମଧ୍ୟ ଜୋରରେ ବୋହିଲା ଭଳି ଜଣାପଡେ । ଗଛ ସବୁ କାହିଁ କେତେ ତଳେ । ଅନ୍ୟ ସ୍ଥାନରେ ଶୀତ ବହୁତ କମିଗଲାଣି । କିନ୍ତୁ ସୁନ୍ଦରବନର ଜଙ୍ଗଲକୁ ଶୀତ ତଥାପି ଧରି ରଖିଛି । ଚାରିଆଡେ ନଦୀନାଳ । ଏମିତି ଜଳୀୟବାଷ୍ପ ପବନରେ ଭରିଯାଏ । ଶୀତ ତେଣୁ ଅଧିକ ଜଣାପଡେ ।

"ବାଘ ଆକ୍ରମଣ ଦେଖିଲ ! ବଡ଼ ଭାଗ୍ୟର କଥା ।"– ସପନବାବୁ କହିଲେ । "କୁହନ୍ତୁ ତ ।" – ପାଓଲି ଯେମିତି ଅଳି କଲାପରି କହୁଥିଲେ । ତାପରେ ସୁବିମଳ କହିବାକୁ ଲାଗିଲା ।

ଦିନ ଗଡି ଆସିଥିଲା । ଟିକିଏ ଖାଲି ବେଳ ହେଲେ ପ୍ରାୟ ମୁଁ ଖୋଲା ପୋଖରୀକୁ ୱାଚ ଟାୱାରରୁ ଅନାଇ ରହେ । ଏ ପୋଖରୀକୁ ହରିଣ ଆଉ ବାରହାମାନେ ପାଣି ପିଇବାକୁ

ISSN NO.
2582-208X

ଗଡିଥାନ୍ତି । ଥରେ ଚାରିଟା ବାରହା ଏକା ସାଙ୍ଗରେ ପାଣି ପିଇବାକୁ ଆସିଥିଲେ । ଦନ୍ତା ବାରହାର ଥୋବଣୀରେ ବଙ୍କା ଜହ୍ନ ଭଳି ଧଳା ଦାନ୍ତ । ସେ ଗୋଜିଆ ଦାନ୍ତ ସହଜରେ ବାଘକୁ ଚିରି ଦେବ । ଏ ବାରହାଗୁଡାକ ବଡ଼ ମାରଣା ।

"କଣ ଏଡେ ବଡ଼ ଦାନ୍ତ! "– ପାଓଲି ପଚାରିଲେ । ତାଙ୍କୁ ସୁବିମଳର କହିବା ଶୈଳୀ ଭଲ ଲାଗୁଥିଲା । ଆଖିଦେଖା କଥା କେତେଜଣ ଭଲ ଭାବରେ କହି ପାରନ୍ତି ।

"ମୋତେ ଲାଗୁଥିଲା ଚାଖେଣ୍ଡରୁ ବଡ଼ ହେବ । ଥୋବଣୀରୁ ବାଙ୍କହୋଇ ଆଗକୁ ବୁଲିଯାଇଛି। କୁହାଯାଇଛି ପରା ବାଘ ଦନ୍ତା ବାରହାକୁ ଡରେ । ଅଣ୍ଡିରା ବାରହା ବାଘକୁ ଚିରି ଫଡାଫଡା କରିଦେବ ।"– ସୁବିମଳ କହିଲା ।

"ହରିଣମାନେ କେମିତି ପାଣି ପିଅନ୍ତି ? "– ପାଓଲି ପଚାରିଲେ ।

"ହରିଣମାନେ ବଡ଼ ସତର୍କତାର ଆସନ୍ତି । ସେମାନଙ୍କ କାନ ସବୁବେଳେ ଏପଟ ସେପଟ ହେଉଥାଏ । ଗୋଡ ଦୌଡିବାପାଇଁ ପ୍ରସ୍ତୁତ । ଚମକି ପଡିଲେ ଏକ ଲମ୍ଫଦେଇ ସେମାନେ ଜୋରରେ ଦୌଡନ୍ତି ।"– ସୁବିମଳ ବୁଝାଉଥିଲା ।

କ୍ରମଶଃ –

ସେକ୍ଟର–୩, ସଲ୍ଟଲେକ, କଲିକତା

ମାର୍ଚ୍ଚ – ୨୦୨୨
www.vedantimagazine.com
ISSN NO.
2582-208X

# ନୀଳ ଗଗନର ବିହଙ୍ଗ....



ଝିଲିମିଲି ସାହୁ

ନୀଳ ଗଗନର ବିହଙ୍ଗ ମୁଁ।
ନିଇତି ଉଡଇ ସ୍ୱପ୍ନ ରାଇଜେ।
ବିଶ୍ୱାସ ଇନ୍ଧନ ଭରି ନିଃଶ୍ୱାସେ
ତଥାପି ତ ହୋଇଯାଏ କ୍ଳାନ୍ତ ଆଉ ବିବ୍ରତ
ହେଲେ ଶୃଙ୍ଖଳତାର ବେଡିରେ ଛନ୍ଦା
ଏ ଅନ୍ଧ ଆଖି ଆଉ ବଧିରା କାନ
ଭଲପାଇବା ରେ ତ ନଥାଏ ମିଶ୍ରଣ
ସେଥିପାଇଁ ବୋଧେ ବାକିସବୁ ମୂଲ୍ୟହୀନ
ସେ ସଞ୍ଚିତ ଅବା ବହି ଯାଇଥିବା
ପ୍ରତି ନୟନାଶ୍ରୁ ନୁହେଁ ତ ବାଦଲ
ଭଙ୍ଗା ହୃଦୟେ, ପକ୍ଷ ଶୂନ୍ୟ ମନେ
ବରଷି ଯିବାକୁ ଅମୃତର ଧାର
ସବୁ ଦ୍ୱନ୍ଦ ଠାରୁ ବହୁ ଊର୍ଦ୍ଧ୍ୱ ରେ
ତୁମ ଆମ ଦୁର୍ଲ୍ଲଭ ଜୀବନ
ହଁ... ଏହାହିଁ ତ ସମସ୍ତ ଖୁସିର ଠିକଣା
ସମ୍ୟକ ସମ୍ମୋହନ ସାଥେ ଆକର୍ଷଣ ଶୂନ୍ୟ
କେବଳ ଆପଣାର ଅତିବ ଆପଣାର
ଭୂମିରୁ ଭୂମା ଯାଏଁ ସମସ୍ତ ବନ୍ଧନ!!!

ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# କୃପାଭିକ୍ଷା



ପ୍ରାଧାପିକା ଜ୍ୟୋସ୍ନା ରାୟ

ଆତ୍ମା ପରମାତ୍ମା  ନିଗୂଢ଼ ସଂଯୋଗ
ଜୀବର ପରମ ତତ୍ତ୍ୱ
ମାନବ ଜୀବନ ନ ହୁଏ ସଫଳ
ଯଦି ହୁଏ କକ୍ଷଚ୍ୟୁତ।।
ଲୋଭ ମୋହ ମଦ ମାତ୍ସର୍ଯ୍ୟ କ୍ରୋଧ ବା
କାମରେ ହୋଇଲେ ବଶ
ମାୟା ମରୀଚିକା ସଂସାରଜାଲରେ
ଦିବ୍ୟଗୁଣ ଯାଏ ନାଶ।।
ଜ୍ଞାନ କର୍ମ ଉପାସନା ବିନା ହେଲେ
ଭୁଲି ନିଜ ଲକ୍ଷ ପଥ
ଚଉରାଅଶୀ ଲକ୍ଷ ଯୋନି ଭ୍ରମୁଥାଏ
ବନ୍ଧନୁ ପାଏନା ମୋକ୍ଷ।।
ପ୍ରାରବ୍ଧର ଫଳ ଭୋଗ କରି ପାପୀ
ଦୁଃଖ ଅନଳରେ ଜଳେ
ସ୍ୱାର୍ଥରେ ଆହୁତି ପାରେନାହିଁ ଦେଇ
ଭୂତଭବ୍ୟର ଜଞ୍ଜାଳେ।।

ISSN NO.
2582-208X


ଜୀବ ପରମର ନିବିଡ଼ ବନ୍ଧନ
ମନରୁ  ପାଶୋରି ଯାଏ
ବିଷମ ସଂସାର ମିଛମାୟାରେ ସେ
ମୋର ମୋର କହୁଥାଏ ।।
ତ୍ୟାଗ ସମର୍ପଣ କାକୁସ୍ଥ ଜଣାଣ
ବିଶ୍ୱାସର  ବିଶ୍ୱାବସୁ
ସବୁ ହରାଇ ସେ ଅନ୍ତିମବେଳାରେ
ଢ଼ାଳେ ଅନୁତାପ ଅଶ୍ରୁ ।।
ବିଭୁପାଦତଳେ  ସମର୍ପି ନିଜକୁ
କରେ ଯେବେ କୃପାଭିକ୍ଷା
ଦୟାବନ୍ତ ପ୍ରଭୁ ଯୋଗ କ୍ଷେମ ବହି
ଅଚିରେ କରନ୍ତି ରକ୍ଷା।।
ମହିମା ତାଙ୍କର  ବର୍ଣ୍ଣି  କେ ପାରିବ
ଗୁଣ ଅନନ୍ତ ଅପାର
ସୃଷ୍ଟି ସ୍ଥିତି ପ୍ରଳୟର ସଂରଚନା
ସବୁ ଲୀଳା  ଯାହାଙ୍କର।।

ବାଲେଶ୍ୱର, ଓଡ଼ିଶା

ISSN NO.
2582-208X

# ମାଗୁଣି



ରଂଜୀତ ପଣ୍ଡା

ଚତୁର୍ଦ୍ଦିଗେ ଅନ୍ଧକାର, ପୃଥିବୀରେ ମହାମାରୀ
ମୁରଲୀଧର ମୁରାରି ଭକ୍ତ ପ୍ରାଣ ହେ ଶ୍ରୀହରି
ବୁଣିଦିଅ ଆଶିଷ ସବୁଠି, ଅକଳନ୍ତା ଲୀଳାଧରି
ମାର୍ଜ୍ଜିତ କର ମହୀ କୁ ନିଜ କୃପା ଦାନ କରି !

ସ୍ୱାର୍ଥ ପଛେ ଧାଇଁ ଧାଇଁ ମଣିଷ ନୟାନ୍ତ
ଘନୀଭୂତ ଅତ୍ୟାଚାର, ଅଧର୍ମର ନାହିଁ ଅନ୍ତ
ପ୍ରାଣୀ ମଧ୍ୟରେ ବିଦ୍ୱେଷ, ସଦା କରେ ଚକ୍ରାନ୍ତ
ତୁମ ସାନ୍ନିଧ୍ୟ ବିନା ପ୍ରଭୁ ! ନିଶ୍ଚେ ଘଟିବ ଯୁଗାନ୍ତ ।

ହାହାକାର ଚତୁର୍ଦ୍ଦିଗେ, ଭୟଭୀତ ସବୁ ମଣିଷ
ଅନାହାର, ରୋଗ ବ୍ୟାଧି, ଘେନିଯାଏ ଆୟୁଷ
ନାହିଁ ବିକଳ୍ପ କିଛି, ପ୍ରାଣୀପ୍ରାଣର ହେବ ବିନାଶ
ତମସା ଦୂର କର ପ୍ରଭୁ ! ବିଂଛିଦିଅ ଦୟା ପିୟୁଷ ।

ନୈରାଜ୍ୟ ପ୍ରତି ଅଂଶରେ, ଲୁପ୍ତପ୍ରାୟ ପ୍ରତି ପ୍ରାଣୀ
ଥାପିଦିଅ ତୁମ କୃପାପାଦ, ଧନ୍ୟହେବ ଧରଣୀ
ଅକଳ୍ପନୀୟ ତୁମ କୃପା, ହେ ସୃଷ୍ଟିର ହୃଦୟମଣି
ଢାଳିଦିଅ ପ୍ରେମ ମୟୂଖ, ଏତିକି କରେ ମାଗୁଣି ।

ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର (ଓଡିଶା)
ହ୍ୱାଟ୍ସଅପ: ୯୮୬୧୪୦୪୭୨୨/E-mail:pandaranjeet@gmail.com

ISSN NO.
2582-208X

# ପିଇସି ଅପା



ଡକ୍ଟର ସଙ୍ଘମିତ୍ରା ଭଞ୍ଜ

ପାହାଡ ତଳେ ସାପ ପରି ଲମ୍ବିଥିବା ଝରଣାଟା ପାର ହେଲେ, ଦୂରରୁ ଯେଉଁ ପଥୁରିଆ-ମାର୍ବଲର ସୁନ୍ଦର ଘରଟି ଦିଶେ ସେଇଟା ମୋ ପିଇସି ଅପାର ଘର । ଚାରିଆଡେ ଖାଲି ମହମହ ଫୁଲଗନ୍ଧ, ଜଙ୍ଗଲି ଚଢେଇଙ୍କ କିଚିରିମିଚିରି ସ୍ୱର । କାଠ ଗେଟ୍ ଟା ଖୋଲି ଭିତରକୁ ପଶିଗଲେ ମଝିରେ ଚଉରାଟେ ଅଛି, ତା'ପରେ ଛାତକୁ ଯିବାକୁ ଦି'ପଟୁ ସିଡି, ମଝିରେ ଠାକୁର ଘରକୁ ଲାଗି ମୋ ପିଇସି ଅପାର ଶୋଇବା ଘର । ପାଖକୁ ପାଖ କେତେ ବଖରା । ଲୋକେ ତ କେହି ନାହାନ୍ତି । କାହିଁକି କେଜାଣି ଅପା ବାହାହେଇନି । ବାପାଙ୍କଠୁଁ ଶୁଣିଛି ଘର ଦାୟିତ୍ୱ ମୁଣ୍ଡେଇ ଅପା ବାହା ହୋଇପାରିଲାନି ।

ମୋ ପିଇସି ଅପା ଭାରି ସୁନ୍ଦରୀ । ଗୋରା, ପତଳା, ଡେଙ୍ଗା, ହସହସ ମୁହଁ, ମିଠା କଥା, ଠିକ୍ ଯେମିତି ଠାକୁରାଣୀ । କେହିକେବେ ତା'ର ମୁହଁ ଶୁଖାଇବା ଦେଖିନି । ଭାରି ପରିଶ୍ରମୀ ପୁଣି ଦୃଢମନା । କୌଣସି ଗୋଟିଏ ଛୋଟିଆ ଅଫିସରେ କିରାଣୀଟିଏ । ଭାଙ୍ଗିଯିବ ସିନା ନଇଁବନି । ପିଇସି ଅପାକୁ ମୁଁ ଛୋଟବେଳୁ ଜାଣିଛି । ବାପା ଯେଉଁବର୍ଷ କୋମାରେ ପଡିଲେ, ସେତେବେଳେ ମୁଁ ହୋଇଥାଏ ଆଠବର୍ଷର । ମାଆ କୋରାପୁଟର କୌଣସି ଏକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଥିବାରୁ ଭାରି ହଇରାଣ ହୁଏ । ବାପାଙ୍କ କଥା-ମୋ କଥା କିଏ ଅବା ବୁଝିବ ! ଦିନେ ଅପା, ବାପାଙ୍କ ଦେହ କଥା ଶୁଣି ସକାଳୁ-ସକାଳୁ ଗାଡିକରି ଆସି ଆମ ଘରେ ହାଜର । ତା' ହାତରେ ଥାଏ ଛୋଟିଆ ହ୍ୟାଣ୍ଡବ୍ୟାଗ୍ ଟିଏ । ଯେଉଁଦିନ ସେ ଆମ ଘରକୁ ପ୍ରଥମ କରି ଆସିଥିଲା, ସେଇଦିନ ହିଁ ଯାହା ଅପାକୁ ମୁଁ ଦେଖିଥିଲି ଥକାମାରି ବସିବାର । ତା'ପରଠୁ ଭୋରୁ କାଉ-କୋଇଲି ଡାକ ନ ଶୁଭୁଣୁ ତା' ବାସି କାମ ଶେଷ । ତା' ସବୁ ଦିନର କାମ ଥିଲା ବାପାଙ୍କ ଦେହକୁ ଗରମ ପାଣିରେ ପୋଛିବା, ରୋଷେଇ କରିବା, ମୋ ଟିଫିନ୍ ତିଆରି କରି, ମତେ ସ୍କୁଲ ପାଇଁ ପ୍ରସ୍ତୁତ

ISSN NO.
2582-208X

କରିବା।  ସନ୍ଧ୍ୟାହେଲେ ମୁଁ ତା'ପାଖରେ ଲେସି ହୋଇବସେ । ମହାପୁରୁଷଙ୍କ ଗପରୁ ଆରମ୍ଭ କରି ଡାହାଣୀ, ପିଶାଚୁଣୀ, ବାବନା ଭୂତ, ବ୍ରତ-ପୁରାଣ ସବୁ ତା'ମୁହଁରେ । ମୋର ପଢାରେ ମନ ନଥାଏ । ଖାଲି ତା'ରି କଥା ସବୁ ଶୁଣିଲେ ପେଟ ପୂରିଯାଏ, ଆରାମରେ ନିଦ ହେଇଯାଏ । ଏମିତି ଏମିତି ଆମ ସାଥିରେ ସେ  ଚାରି ବର୍ଷ ରହିଛି । ତା'ରି ଭିତରେ କେବେକେବେ ଅପାମୁହଁ ମତେ ଆମ ଗାଁ ଠାକୁରାଣୀ ପରି ଗୁମ୍ ସୁମ୍ ଲାଗେ ।  ସଞ୍ଜ ବୁଡ଼ିଗଲେ ଅପାର ମୁହଁ ଅଧିକ ଉଦାସ ଦିଶେ । ଜାଣିନି କାହିଁକି ତା' ଆରକ୍ତ ଆଖିର କୋଣରେ ଥାଏ ଅସଂଖ୍ୟ ଯନ୍ତ୍ରଣା । କେବେ ବୁଝିପାରିନି କାହିଁକି ସେ ଏକାନ୍ତ ଜୀବନକୁ ଆଦରି ନେଇଥିଲା । ମୁଁ ଲକ୍ଷ୍ୟ କରିଛି ତା' ଆଖିରେ ଲୁହର ଝରଣାଟେ ଅହରହ ଝରିପଡିବାର ଉପକ୍ରମ କରୁଥିବାବେଳେ ମୁଁ ତାକୁ କିଛି ପଚାରିବା ପୂର୍ବରୁ, କ'ଣ ଗୋଟେ ପଡିଛି କହି ଲୁହ ପୋଛୁଥିବାରୁ ଦେଖିଛି । ମୁଁ କିଛି ବୁଝିପାରେନା । କିନ୍ତୁ କେମିତି ଓଜନିଆ ଲାଗେ ମନଟା । ମୋ ଭଳେଇ ଦେଇ ସେ ପୁଣି ହସିଦିଏ, ମୁଣ୍ଡରେ ହାତମାରି ଆଉଁସି ଦିଏ । ମା' ପାଖରେ ସେ ଦିନ ମୋ ଅଳି ଶୁଣି ଲୁଚାଇକି ମୋ ହାତରେ ପଚାଶ ଟଙ୍କା ଦେଇ କହିଲା- 'ଯା' ପେଟ ଭରି ଚାଓମିନ୍ ଖାଇବୁ, ଅଣ୍ଡା ଖାଇବୁ-ତୁ ଭଲପାଉ ପରା ।' ଅପା ଆମିଷ ଛୁଏଁନି । ମା' ସ୍କୁଲରୁ ଆସି ସବୁଦିନ ସନ୍ଧ୍ୟାରେ ଅପା ପାଖରେ ବସିଥିବା ଦେଖିଲେ, ୟାଡୁ-ସ୍ୟାଡୁ କେତେକଥା କହି ଗାଳିଦିଅନ୍ତି ଆଉ ପାଠ ପଚାରନ୍ତି ।

ସେଦିନ କଥା ମୋର ଏବେବି ମନେଅଛି ।  ମାଆ ମତେ ପାଖକୁ ଡାକି ପାଠ ପଚାରିଲେ- ଆଉ ମୁଁ କହିପାରିନଥିଲି । ପିଜୁଳି ବାଡିଖଣ୍ଡେ ଆଣି ସେଦିନ ନିସ୍ତୁକ୍ ମାଡ଼ ମାରିଥିଲେ  । "ଦିନରାତି ଏ ଘରେ ଖାଲି ଗପ ଆଉ ଗପ, ପିଲାଟା ଅମଣିଷ ହୋଇଗଲା, ପାଠଶାଠ କିଛି ନାହିଁ, ରାତି ହେଲେ ୟା'କୁ ଖାଲି ଭୂତ ଖାଇଯାଉଛନ୍ତି । ଖାଲି ଯାଇ ତାଙ୍କରି କୋଳରେ ପଶିଥିବ।" ମୁଁ ଜାଣିଛି ମାଆ କାହିଁକି ଏତେ କଥା କହିଲା । ଗପ ଶୁଣିଶୁଣି ମୁଁ ଅପା ପାଖରେ ଜାକିଜୁକି ହୋଇ ଶୋଇଯାଏ; ସେ ଯେତେ ଡାକନ୍ତି ମୁଁ ଯାଏନି । ଅପାର ସେହିଦିନଠୁ ଆଉ ହସ ଦେଖିନି ।  ରୀତିମତ ଏସବୁ ଚାଲେ । ମାଆଙ୍କ ଚିତ୍କାର ଦିନକୁ ଦିନ ବଢେ । ଅପାକୁ ଦେଖେଇ ଶିଖେଇ ମାଆ କେତେ କଥା କୁହନ୍ତି । ଅପାର ଯେ କି ଭୁଲ୍ ମୁଁ ବୁଝିପାରେନି । ବାପା ଧୀରେଧୀରେ ଭଲହେଲେ । ଆଗପରି ସବୁ ତାଙ୍କର ଠିକ୍ ହେଲାପରି ମନେହେଲା । ବାପା ଯେବେ ଧୀରେଧିରେ ଚାଲି ବାହାରକୁ ଗଲେ, ଅପା ସେହିଦିନ ତା'ର ସେଇ ଚାରିବର୍ଷ ତଳର ଛୋଟ ହ୍ୟାଣ୍ଡ ବ୍ୟାଗ୍ ଟିକୁ ଧରି ବାହାରିଲା ।

ISSN NO.
2582-208X

ଏତିକି ବର୍ଷ ଭିତରେ ଅପା ଯେ ତା'ର ଚାକିରୀ ଛାଡି ବାପାଙ୍କ ପାଇଁ ଆସି ଏଠି ରହିଥିଲା ସେ କଥା ମୁଁ ତା' ଯିବାର ବହୁପରେ ଜାଣିଲି । ଅପାର ଯିବାଦିନ ସ୍ଥିର ହେଲା । ଟ୍ରେନ୍ ଛାଡିବା ପୂର୍ବରୁ ମୋ ହାତଧରି ଅପା କହିଲା–'ମନଦୁଃଖ କରିବୁନି, ପାଠପଢା ନଘୋଷିଲେ ହୁଏନି, ପାଠକୁ ବୁଝିଲେ ହୁଏ । ମୋ ଧନ ତୁ ସବୁବେଳେ ହସୁଥା' । ମୋର ମନେଅଛି ଟ୍ରେନ୍ ଛାଡିଲା ବେଳକୁ ଅପା ମୁହଁ ମତେ ଠିକ୍ ରେ ଦିଶୁନଥାଏ । ତା'ହାତରୁ ହାତ ଛାଡିଲାବେଳେ ମୋ ଭିତରୁ ଛାତି ଫଟେଇ କୋହ ଉଠୁଥାଏ । ମୁଁ ବାପାଙ୍କୁ ଜାବୁଡି ଧରି ଭେଁ ଭେଁ କାନ୍ଦୁଥାଏ । ଚାହିଁଲାବେଳକୁ ଟ୍ରେନ୍ ଯାଇସାରିଥିଲା । ଅପା ଯିବାର ଠିକ୍ ପନ୍ଦର ଦିନପରେ ବାପାଙ୍କୁ ଗୋଟେ ଟେଲିଗ୍ରାମ୍ ମିଳିଲା । କାର୍ଯ୍ୟବ୍ୟସ୍ତତାରେ ଆଜି କାଲି ହୋଇ ସପ୍ତାହେ ବିତିଗଲା । ଶେଷରେ ବାପା ଓ ମୁଁ ତା'ରି ପାଖକୁ ଯିବାକୁ ବାହାରିଲୁ । ତା'ଘରର ଗେଟ୍ ଖୋଲି ଯେବେ ବାପା ଓ ମୁଁ ଭିତରକୁ ପଶି ଦେଖିଲୁ କିଛି ପାଖ ପଡୋଶୀ ରୁଣ୍ଡ ହୋଇଛନ୍ତି । ବାପା ମୋ ହାତ ଛାଡି କ'ଣ ହେଇଛି ଜାଣିବା ପାଇଁ ଭିତରକୁ ପଶିଗଲେ । ଅନେକ ସମୟ ବିତିଗଲା ହେଲେ ବାପା ଫେରିଲେନି । ସମସ୍ତେ ଥିଲେ ଚୁପ୍ । ମଝିରେ ମଝିରେ ଅପାର ଦାଣ୍ଡ ଦୁଆରେ ଟଙ୍ଗା ହୋଇଥିବା ପଞ୍ଜୁରିର ଶୁଆଟି ବଡ ପାଟିରେ ମାଆ ମାଆ ଡାକି ଚୁପ୍ ହେଇଯାଉଥାଏ । କିନ୍ତୁ ମୋ ଅପା କାହିଁ ? ଅପା ଅପା ଡାକି ମୁଁ ଘର ଭିତରକୁ ପଶିଯାଇ ଦେଖିଲି, ଖଟ ବାଡାକୁ ଲାଗି ବାପା ଏକଲୟରେ କାନ୍ଥରେ ଟଙ୍ଗା ଫଟୋକୁ ଚାହିଁଛନ୍ତି । ଚନ୍ଦନଫୁଲର ହାର ଭିତରୁ ଉକୁଟି ଉଠୁଛି ମୋ ପିଇସି ଅପାର ମୁହଁ। ବାପା ମତେ ଜୋରରେ ଜାବୁଡିଧରି ରଡିକରି କାନ୍ଦି କହିଲେ – "ବାବୁନାରେ କାହାକୁ ଦେଖାକରି ଆସିଛୁ । ତୋ' ଅପାର ଆଜିକୁ ପରା ଦଶ ।" ବାହାରୁ ଶୁଭିଲା ଆସନ୍ତୁ ବାବୁ ଦଶପତ୍ର ପଡିବ ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ,ବିଭାଗ ମୁଖ୍ୟା

ISSN NO.
2582-208X

# ଗ୍ରାମ୍ୟ ଲଳନା



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ଗ୍ରାମ୍ୟ ଲଳନାର ନାହିଁ ଉପମା । କୀରତି ଶିରୀ ରୂପେ ଅନୁପମା ।

ବାଣୀ ଯା ଅମୃତ ତୁଲ୍ୟ ମଧୁର । ସ୍ମୃତି ମେଧା ଧୃତ କ୍ଷମା ଭଣ୍ଡାର ।

ସକାଳ ସୁନେଲି ସୁରଜ ରଜ । ଧରା ନ ଛୁଉଁଣୁ ଛାଡେ ଯେ ଶେଯ ।

ଯା ପାଦ ପାଉଁଜି ନୂପୂର ସ୍ଵନ । କିଣି ନିଏ ସକଳ ଜନ ମନ ।

ଶେଷ କରି ସ୍ନାନ ନିତ୍ୟ କରମ । ଦେବ ପୂଜା ଆଚରଣ ଧରମ ।

ନିତି କରିବସେ ଘର ପାଇଟି । ତିଳେ ମନେ ତାର ଦୁଃଖ ନାହିଁଟି ।

ସିନିହ ପିରତି ମମତା ଡୋରେ । ଶାଶୁ ଶ୍ଵଶୁରଙ୍କୁ ବାନ୍ଧେ ସେ ଘରେ ।

ସ୍ଵାମୀ ଦେବର ନଣନ୍ଦର ମନ । କିଣି ସେ ନିଜକୁ ମଣଇ ଧନ୍ୟ ।

ସାଇ ପ୍ରତିବେଶୀ ବନ୍ଧୁ ବର୍ଗରେ । ବଚନ ମଧୁ ସାଦରେ ବିତରେ ।

ବ୍ରୀଡା ରସାଣିତ ଲୋଚନ ପାର । ଅବଗୁଣ୍ଠନ ଭୂଷଣ ଯାହାର ।

ବିତରେ ହୃଦୟ ମମତା ମଧୁ । ପୁତ୍ର କନ୍ୟା ଗନେ ସେନେହ ସିନ୍ଧୁ ।

ଥିଲା ଦୁହିତା ଦୁଇ କୁଳ ହିତା । ଆଜି ନବବଧୂ ଜଗତେ ଜିତା ।

ବାପଘର ଖେଳ କୁଆଂରୀ ମେଳ । କୁଆଁର ପୂନିଅଁ ପରବ ଦୋଳ ।

ISSN NO.
2582-208X

ରଜ ଦୋଳି ଖେଳ ବଡ ମଉଜ । ସଙ୍ଗାତ ମକର ଟାପରା ଲାଜ ।

କେତେ ନୂଆ ଆଶା ପଶରା ଧରି । ନବ ବଧୂ ସେ ନବ ପଥଚାରୀ ।

ତିଳ ତିଳ ଜଳି ସଳିତା ସମ । ବିତରେ ଆନନ୍ଦ ସଅଳ ଧାମ ।

ତନୟା ଭଗିନୀ ଜାୟା ଜନନୀ । ନାମକୁ ସାର୍ଥକ କରେ ସେ ପୁଣି ।

ସପତି ପୁରୁଷ ଉଦ୍ଧାର ପାଇଁ । ସତେ କି ସେ ମନ୍ଦାକିନୀ ଅଟଇ ।

ସର୍ବଂସଂହା ସେହୁ ଧରଣୀ ସମ । ସକଳ ଗୁଣ ଅଟେ ଅନୁପମ ।


ପାଦ ଧୂଳି ଯାର ସରଗ ସମ । ଲୁଲୁ ସଦା ମଥା ସେ ପାଦେ ମମ ।

ବୋଉ ବୋଲି ପଦେ ଡାକିବା ପାଇଁ । ମନ ମୋର ସଦା ଅଳି କରଇ ।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ – ୯୯୩୮୫୦୧୧୦୨

ISSN NO.
2582-208X

# କହିବେକି ?



ଡ. ଜ୍ଞାନେଶ୍ୱର ମିଶ୍ର

ଜଙ୍ଗଲରେ ଥିବା ପକ୍ଷୀଟିଏ ଅବାଧରେ ଉଡିପାରେ
କାଶ୍ମୀର ଘାଟୀରେ, ୱାଘା ସୀମାନ୍ତରେ, ପାକସ୍ଥାନ ଆକାଶରେ
ବିନା ପାସପୋର୍ଟ କି ଭିସାରେ
ଶୁଣିଛକି ଜଙ୍ଗଲର ବାଘମାନେ
ହିନ୍ଦୁ ବାଘ, ମୁସଲମାନ ବାଘ କହି ଲଢୁଛନ୍ତି ପରସ୍ପର
ପଡିଛି କି ତୁମ ନଜରରେ
କୋଇଲିଟିଏ ଗାଏନାହିଁ ରଫି, ର୍ହାତ ଫତେଖାଁ ଗୀତ
ହନ ସିଂ ର୍ପ୍ ବି ଗାଏନ,
ବିଡେନ୍ କି ଟ୍ରମ୍ପ କୁ ଡରେନା
କଂଗ୍ରେସ କି ବିଜେପି ଜିତୁ
କୁହୁକୁହୁ ଛଡା ସ୍ୱର ତାର ବଦଳଯାଏନା
ଫୁଲଟିଏ ପାଲେଷ୍ଟାଇନ ରେ ଥାଉ କି ଇସ୍ରାଏଲରେ
ବିଶ୍ୱର ଯେ କୌଣସି କୋଣରେ ରହିଲେ ବି
ରଙ୍ଗ ତାର ବଦଳ ଯାଏନା
ଦିଲ୍ଲୀ ମଲ୍ଲୀ କି ନ୍ୟୁୟର୍କ ମଲ୍ଲୀ
ବାସ ତାର ଅଲଗା ହୁଏନା

ISSN NO.
2582-208X

ଭିନ୍ନତା ସତ୍ତ୍ୱେ ବାଘ, ସିଂହ ଭାଲୁ
ସବୁ ଅଧିବାସୀ ଜଙ୍ଗଲର
ବୁଝିଛନ୍ତ ସେଇଟା ତାଙ୍କ ଘର
ସୁଖରେ ଦୁଃଖରେ ମିଳମିଶି ରହିଥାନ୍ତ ପରସ୍ପର
ଯେତେ ସବୁ ଝାମେଲ୍ ଏ ମନଷ ଜାତିର
ମଣିଷ ସମାଜ କଣ ଜଙ୍ଗଲ ଠୁଁ ହୀନ
ଆମେ ଜ୍ଞାନୀ ଗୁଣୀ, ବିଜ୍ଞ ବୋଲାଉଛେଁ
ଏସବୁ କ ମିଥ୍ୟା ଅକାରଣ ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ଜୀବନ ନୌକା



ଅଳକା ମହାନ୍ତ

ବରଷା ଜଳରେ କାଗଜର ଡଙ୍ଗା ବାହିଲ୍ ନାଉରୀ ଯେତେ,
ନଷ୍ପାପ ହୃଦୟେ ସାହସ ବାନ୍ଧେସେ ଆସିଲେ ତୋଫାନ କେତେ।

ଅଜ୍ଞାନୀ ଶିଶୁ ସେ ଅନଭିଜ୍ଞ ଆତ୍ମା ଭସାଇ ସ୍ରୋତ ରେ ନାଆ,
ଅନ୍ଧାର ରେ ସିଏ ଜାଣି ବି ନଥାଏକିଏ ହେବ ତାର ସାହା।

କାଚ ଗୁଲି, ଖପର୍ କୁ କ ରି ରଖେ ଅଣ୍ଟି ଧନ ଗଣ୍ଠି
ଜିତି ହୁଏ ଖେଳେ କେତେ ବିଜେୟତା ସେଠି।

କେତେ ଜିତ୍ କେତେ ହା ର ନାହିଁ ଯେ ଠିକଣା,
ଶିଶୁ ହୃଦ କନ୍ତୁ କେବେ ନହୁଏ ବାଟ ବଣା।

କେତେ ସାଥୀ, କେତେ ବନ୍ଧୁ କାହିଁ କେତେ ଥିଲେ।
କିଏ କେତେ ସ୍ୱପ୍ନ ନେଇ ସାଥେ ଖେଳୁ ଥିଲେ।।

ଭବିଷ୍ୟତ ବୋଲି କଣ କିଏ ବା କହିବ।।
କିଏ ଅବା ଜାଣୁ ଥାଏ ଆଗେ କସ ହେବ,

କିଏ ଏକ ପ୍ରଜାପତି ହୋଇ ଉଡିଯାଏ,
କିଏ ପୁଣି ପ୍ୟୁପା ମଧ୍ୟେ ରହି ମରିଯାଏ।

କିଏ ଫୁଲ ହୋଇ ମହକାଏ ବିଶ୍ୱ ଦରବାର,
କିଏ ଫୁଟି ଝରିଯାଏ ହୁଏ ନାର ଖାର।।

ISSN NO.
2582-208X

ବାଲ୍ୟ କାଳେ ନଥାଏ ଯେ ଉଚ୍ଚ ନୀଚ ଭାବ,
କଏ ପୁଅ କଏ ଝିଅ  ନଥାଏ ପ୍ରଭେଦ।

ମାନବ ଜୀବନେ ଶିଶୁ  ଅଟେ  ନିଷ୍କଳଙ୍କ,
ସେ ପର୍ ଅଟେ   ଅନ୍ୟ ରୂପ ଈଶ୍ୱରଙ୍କ।

ସତ୍ୟ ଏହା ଚିରନ୍ତନ ଆମେ  ସବୁ ଆମ୍ଭା
ନିଜ ନିଜ ଅଭିନୟ ସାରି ବହୁଡ଼ିବା,

ସେହି ଇଚ୍ଛାମୟଙ୍କ ର ନିର୍ଦ୍ଦେଶ  ମାନିବା।
ନିଜ ହାତେ ନିଜ କର୍ମ କରି ଗ୍ଢଲିଥିବା ।

ନଶ୍ୱର ଦୁନିଆ  ଏ ଯେ  କେ  ନୁହେଁ କାହାର
କର୍ମ ହିଁ ସର୍ବସ୍ୱ ଆମ କର୍ମେ ଜିତେ ନର ।।

ଜୀବନଟା ନୁହେଁ ଖାଲି  ସ୍ୱର୍ଣ୍ଣ ସ୍ୱପ୍ନେ ଭର୍,
କେତେ ଫୁଲ ଫୁଟେ, କଏ ଥାଏ ବାସ ହର୍।

କିଛିଟା ପ୍ରାରବ୍ଧ କିଛି ଟା  ସ୍ୱ-ଲବ୍ଧ, କିଛି ପ୍ରଭୁ ଙ୍କର ଦୟା,
କରିବା କରମ କମଳ ସମାନ  ମନରେ ନଥିବ ମାୟା।

ଜୀବନ ତରି ଟି ବାହିଲ୍ ସମୟେ, ସାଥେ ଥିବେଦୟାମୟ,
କାମନା ବାସନା ରହିତ- ଜୀବନ, ହୋଇବ  ଆନନ୍ଦମୟ।

ଓମ୍ ଶାନ୍ତି।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଏକ କ୍ରୁଜ୍‌ସିପ୍‌ର ଆକ୍ସିଡେଣ୍ଟ୍ କାହାଣୀ



ଶଶଧର ମହାପାତ୍ର

ଖ୍ରୀଷ୍ଟମାସ ସମୟରେ ମୋ'ର ବନ୍ଧୁମାନେ କ ଷ୍ଟାଫ୍‌ମାନେ କଛି ମନକୁ ଛୁଇଁଲା ଭଳ କାହାଣୀ କ ଛୋଟ ଛୋଟ କବିତା ମୋ' ପାଖକୁ ବେଳେବେଳେ ପଠାନ୍ତ ପଢିବାକୁ । ସେ' ସବୁ ପଢିବାକୁ ମୋତେ ଭଲ ଲାଗେ ।

ଇଂରାଜୀରେ ଲେଖା ଏ' ଛୋଟ କାହାଣୀଟି ମୋ'ର ଜଣେ ଛାତ୍ର ଶ୍ରୀଯୁକ୍ତ ଦେବକୀ ନନ୍ଦନ ଚୌଧୂରୀ (ଯିଏ ଆଜକୁ ୩୭ ବର୍ଷ ତଳେ ମୋ'ର ଛାତ୍ର ଥିଲେ ବିଜେବି କଲେଜରେ) ମୋ' ନକଟକୁ ଗତବର୍ଷ ପଠେଇଥିଲେ । ମୁଁ ଯାହା ଲକ୍ଷ୍ୟ କରିଛି "ଦେବକୀ' ଠିକ୍ ମୋ' ଭଳ ଟିକେ ଭାବପ୍ରବଣ ବ୍ୟକ୍ତ । ସିଏ ଜଣେ ଦୃଢ ଈଶ୍ୱର ବିଶ୍ୱାସୀ, ଭଗବତ ପ୍ରେମୀ ମଧ । "ଦେବକୀ' ଭଲ ଓଡିଆ, ହିନ୍ଦି ଭଜନବୋଲି ସମସ୍ତଙ୍କୁ ଖୁସି କରାଇଥାଏ । ହିନ୍ଦୁ ମନ୍ଦିରରେ ଭଜନ ବୋଲିଲେ ବେଳେବେଳେ ଭାବପ୍ରବଣତା ଯୋଗୁ "ଦେବକୀ'ର ଆଖିରେ ଲୁହ ଆସିଯିବାର ଦେଖିଛି । ମୋ' ନିକଟକୁ ଇମେଲ ମାଧ୍ୟମରେ ପଠେଇଥିବା ଏ' କାହାଣୀଟି ପଢିସାରିଲାପରେ ମୋ' ମନକୁ ଖୁବ୍ ଛୁଇଁଥିଲା, ମୋ' ମନକୁ ପ୍ରଭାବିତ କରିଥିଲା । ତେଣୁ "ଦେବକୀ'କୁ ଏହି କାହାଣୀଟି ନଶ୍ଚୟ ଛୁଇଁଥିବ ଏଥିରେ ସନ୍ଦେହର ଅବକାଶ ନାହିଁ । ବାସ୍ତବରେ, ମୋ'ର ଗୋଟିଏ ପ୍ରଶ୍ନର ଉତ୍ତର ଦେବାପାଇଁ ବୋଧହୁଏ ସେ' ଏହି ଲେଖାଟି ମୋ' ପାଖକୁ ପଠେଇଥିଲେ ।

ISSN NO.
2582-208X

ଏ' କାହାଣୀଟି ସ୍ୱତନ୍ତ୍ର, କାରଣ ଏହା ଭିତରେ ବି ଲୁଚିଅଛି ଅନେକ ଛୋଟ ଛୋଟ କାହାଣୀ। ଜଣେ ଗୁରୁଜୀ ତାଙ୍କ ଛାତ୍ରମାନଙ୍କୁ ଦିନେ ଏହି କାହାଣୀଟି କହୁଥିଲେ । ଏହି କାହାଣୀଟି ଏମିତି ।

ଥରେ ଗୋଟିଏ କ୍ରୁଜ୍‌ସିପ୍ (ଯାତ୍ରୀବାହୀ ପାଣି ଜାହାଜ) ସମୁଦ୍ର ମଝିରେ ଗୋଟିଏ ବଡ ଧରଣର ଆକ୍ସିଡେଣ୍ଟ୍ ହେଲା । ସେଥିରେ ଯାଉଥିବା ଯାତ୍ରୀମାନଙ୍କର ବଞ୍ଚିବା ମୁସ୍କିଲ୍ ହେଇପଡିଲା । ସେମାନଙ୍କୁ ଉଦ୍ଧାର କରିବାପାଇଁ ଲାଇଫ୍‌ବୋଟ୍ ଆସି ପହଞ୍ଚିଗଲା । ସେ' କ୍ରୁଜ୍‌ସିପ୍ ରେ ଯାଉଥିବା ଜଣେ ପୁରୁଷ ଓ ତାଙ୍କ ସ୍ତ୍ରୀ ଅନ୍ୟ କିଛି ଉପାୟ ନଦେଖି ଲାଇଫ୍‌ବୋଟ୍ ଆଡକୁ ଚାଲିଲେ ଓ ଦେଖିଲେ ଯେ ଲାଇଫ୍‌ବୋଟ୍ ରେ ମାତ୍ର ଜଣକ ପାଇଁ ସ୍ଥାନ ଅଛି । ଏହି ସମୟରେ ସ୍ୱାମୀଟି ତାଙ୍କ ସ୍ତ୍ରୀଙ୍କୁ ପଛକୁ ଠେଲିଦେଇ ନିଜେ ବୋଟ୍ ଉପରକୁ ଡେଇଁ ପଡିଲେ । ବିଚାରୀ ସ୍ତ୍ରୀଟି ବୁଡିଯାଉଥିବା ଜାହାଜରେ ଥାଇ ତାଙ୍କ ସ୍ୱାମୀଙ୍କୁ କିଛି କହିବାକୁ ଲାଗିଲେ ।

ଗୁରୁଜୀ ଜଣକ ଟିକେ ଅଟକି ଯାଇ ପଚାରିଲେ – "କହିଲ ପିଲାମାନେ, ତୁମେମାନେ କ'ଣ ଭାବୁଛ ସେ' ତାଙ୍କ ସ୍ୱାମୀଙ୍କୁ କହୁଥିବେ ବୋଲି' ? ଅଧିକାଂଶ ପିଲା ଉତ୍ତେଜିତ ହେଇ କହିବାକୁ ଲାଗିଲେ ସେ' ବୋଧହୁଏ କହିଥିବେ – "ମୁଁ ତୁମକୁ ଘୃଣା କରେ, ମୁଁ ତୁମକୁ ଘୃଣା କରେ, ମୁଁ ଏଯାଏ ଅନ୍ଧୁଣୀଟିଏ ଥିଲି, ତୁମକୁ ଚିହ୍ନି ପାରିନଥିଲି' । ଏହି ସମୟରେ ଗୁରୁଜୀ ଦେଖିଲେ ଯେ ଗୋଟିଏ ପିଲା ପୁରାପୁରି ନୀରବ ଓ ସେ' କିଛି କହୁନି । ସେ' ପିଲାଟିକୁ ପଚାରିଲେ ତୁମେ କ'ଣ ଭାବୁଛ ? ପିଲାଟି କହିଲା – ମୁଁ ଭାବୁଛି ସେ' କହିଥିବେ "ଆମ ପିଲାଙ୍କର ଯେମିତି ଯତ୍ନ ନେବ' । ଗୁରୁଜୀ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ – ତୁମେ କ'ଣ ଏ' କାହଣୀଟି ପୂର୍ବରୁ ଶୁଣିଛ କି ? ପିଲାଟି ମୁଣ୍ଡ ହଲାଇ ନାଁ କଲା । କିନ୍ତୁ, ଠିକ୍ ସେଇକଥା ଦିନେ ମୋ' ମା' ରୋଗରେ ପଡି ମରିଯିବା ପୂର୍ବରୁ ମୋ' ବାପାଙ୍କୁ କହିଥିଲା । ଗୁରୁଜୀ ଏ' ଦୁଃଖ କଥା ଶୁଣି ଟିକେ ବିଚଳିତ ହେଲେ ଓ କହିଲେ – "ତୁମ ଉତ୍ତରଟି ପୁରାପୁରି ଠିକ' ।

ଦୁର୍ଭାଗ୍ୟବଶତଃ, କ୍ରୁଜ୍‌ସିପ୍‌ଟି ପାଣିରେ ବୁଡିଗଲା । ସ୍ୱାମୀ ଜଣକ ଦୁଃଖରେ ଘରକୁ ଫେରିଲେ ଓ ତାଙ୍କ ଏକମାତ୍ର ଝିଅଟିକୁ ସ୍ତ୍ରୀ ବିନା ଏକୁଟିଆ ପାଳଲେ । ଏମିତି କେତେ

ISSN NO.
2582-208X

ଦିନ, ମାସ ଓ ବର୍ଷ ବିତିଗଲା ଓ ଶେଷରେ ସେ' ବୁଢାହେଇ ମରିଗଲେ । ମୃତ୍ୟୁର କିଛି ବର୍ଷପରେ ତାଙ୍କ ଝିଅଟି ତାଙ୍କର ଆସବାବପତ୍ର ଖୋଜୁ ଖୋଜୁ ଗୋଟିଏ ଡାଏରୀ ପାଇଲେ । ସେଥିରୁ ସେ' ଜାଣିବାକୁ ପାଇଲେ ଯେ ତାଙ୍କ ବାପା ଓ ମା' ଦିହେଁ କ୍ରୁଜ୍‌ସିପ୍ ରେ ଯିବା ପୂର୍ବରୁ ତାଙ୍କ ମା'ଙ୍କର କ୍ୟାନ୍‌ସର୍ ଯୋଗୁ ସେ' ଜୀବନର ଶେଷ ମୁହୂର୍ତ୍ତରେ ପହଞ୍ଚି ଯାଇଥିଲେ । ସେଥିପାଇଁ ମୃତ୍ୟୁ ଆସିବା ପୂର୍ବରୁ ତାଙ୍କ ସ୍ତ୍ରୀକୁ ଟିକଏ ଖୁସି ଦେବାକୁ ତାଙ୍କ ବାପା ତାଙ୍କପାଇଁ କ୍ରୁଜ୍‌ସିପ୍ ରେ ବୁକ୍ କରିଦେଇଥିଲେ । ଯେମିତି ହେଲେ ତାଙ୍କ ସ୍ତ୍ରୀ କ୍ୟାନ୍‌ସରରେ ଶୀଘ୍ର ମରିଯାଇଥାନ୍ତେ । ଦିହେଁ ମରିଯାଇଥିଲେ ତାଙ୍କ ଝିଅକୁ ପାଳିବାକୁ କେହି ନଥାନ୍ତେ । କିଛି ଉପାୟ ନପାଇ ନିଜ ସ୍ତ୍ରୀକୁ ଠେଲିଦେଇ ସେ' ନିଜର ଝିଅପାଇଁ ବଞ୍ଚିବାକୁ ଚାହିଁଥିଲେ, ଓ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଝିଅର ଭଲ ମନ୍ଦ ବୁଝିଥିଲେ । ସେ' ଲେଖିଥିଲେ ଡାଏରୀରେ – "ମୁଁ ନିଜେ ଇଚ୍ଛା କରିଥିଲି ତୁମ ସହିତ କ୍ରୁଜ୍‌ସିପ୍ ରେ ସମୁଦ୍ର ତଳକୁ ବୁଡିଯିବାକୁ ସବୁଦିନ ପାଇଁ, କିନ୍ତୁ, କେବଳ ଆମର ଏକମାତ୍ର ଝିଅର ଆକର୍ଷଣ ଯୋଗୁ ତୁମକୁ ସବୁଦିନ ପାଇଁ ହରେଇ ମୁଁ ବଞ୍ଚିବାକୁ ଚାହିଁଥିଲି' । ଝିଅଟି ଜାଣିଗଲା ସେଦିନ ଯେ ତାହାର ବାପା ତା' ପାଇଁ କେଡେ ବଡ ତ୍ୟାଗ କରିଛନ୍ତି ।

କାହାଣୀଟି ଏଇଠି ଶେଷହେଲା । ଗୁରୁଜୀ ଜାଣିଗଲେ ଯେ ତାଙ୍କ ଛାତ୍ରମାନେ ସମସ୍ତେ ବୁଝିଯାଇଥିଲେ ଏ' କାହାଣୀଟିରୁ କ'ଣ ଶିକ୍ଷା ମିଳିଲା । ଏ' ଦୁନିଆରେ ବହୁତ ଭଲ ଓ ମନ୍ଦ ଲାଗି ରହିଛି । ସେ' ସବୁ ପଛରେ ବହୁତ ଜଟିଳ ଚିନ୍ତାଧାରା ଜଡିତ ଥାଏ ଯାହା ଜଣେ ସାଧାରଣ ଲୋକ ପକ୍ଷରେ ବୁଝିବା କଷ୍ଟକର ହେଇପଡେ । ବେଳେବେଳେ ଯାହା ସତ ଘଟଣା ବୋଲି ଲାଗୁଥାଏ ତାହା ବାସ୍ତବରେ ସତ ନହେଇପାରେ । ସେଥିପାଇଁ ଆମେମାନେ କେବେ ଉପର ଠାଉରିଆ ଭାବେ ବିଚାର କରି କାହା ଉପରେ ଦୋଷାରୋପ କରିବା ଉଚିତ୍ ନୁହେଁ । ଘଟଣା ଭିତରକୁ ପ୍ରବେଶ କରି, ଅନୁଧ୍ୟାନ ଓ ବିଶ୍ଳେଷଣ କରି, ଭଲ ଭାବେ ବୁଝି, ତାପରେ ନିଜର ମନ୍ତବ୍ୟ ଦେବା ଦରକାର ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସବୁଠୁ ସୁନ୍ଦର



ବିନୋଦିନୀ ଦାଶ

ସ୍ରଷ୍ଟାଙ୍କ ସୃଷ୍ଟିଟି ଅତୀବ ସୁନ୍ଦର
ଯେଉଁ ଅଂଶେ ଯାଅ ନ ଫେରେ ଆଖି,
ସବୁଠୁ ସୁନ୍ଦର ନୀଳାଚଳ ଧାମେ
ରତ୍ନ ସିଂହାସନେ ମୋ ଚକାଆଖି ।

ସୁନ୍ଦର ବି ଅଟେ ଭକତ ହୃଦୟ
ଦୁଇଟି ସୁନ୍ଦର ଯେବେ ମିଶଇ,
ତା' ପାଖେ ନଗଣ୍ୟ ସବୁ ସୁନ୍ଦରତା
ଯେତେ ଧରିଅଛି ଆମ ଏ ମହୀ ।

ଜଣେ ଅପରକୁ ପଢ଼ାପଢ଼ି ପରେ
ଭକ୍ତ ମନସ୍କାମ ହୁଅଇ ପୂର୍ଣ୍ଣ
ସ୍ୱର୍ଣ୍ଣିମ ସ୍ୱାକ୍ଷରେ ଏଠି କାଳ ବକ୍ଷେ
ଉଭୟ ତୋଳନ୍ତୁ ଯଶ ଅକ୍ଷୁଣ୍ଣ ।

ଯାହାଠାରେ ଅଛି ସୁନ୍ଦର ହୃଦୟ
ଜଗତଟା ତା'କୁ ଦିଶେ ସୁନ୍ଦର,
ଜୀବ-ଜନାର୍ଦ୍ଦନ ତୋଷିପାରେ ସିଏ
ସକଳଙ୍କଠାରେ ଦେଖି ଈଶ୍ୱର ।

ISSN NO.
2582-208X

ସକଳେ କହନ୍ତୁ ମାଆର ହୃଦୟ
ଆମ ମରତେ ସବୁଠୁ ସୁନ୍ଦର,
ବାପାଙ୍କ ହୃଦୟ ନୁହେଁ ତା'ଠୁ ନ୍ୟୁନ
ସମକକ୍ଷ ବି ଦୁହେଁ ଦୁହିଁଙ୍କର।

ସୁନ୍ଦରତା ଗୁଣେ ଏକରୁ ଆରେକ
କେହି ଯିବେ ନାହିଁ କାହାକୁ ବଳ,
ସବୁଠୁ ସୁନ୍ଦର ସ୍ରଷ୍ଟା ସଙ୍ଗେ ସୃଷ୍ଟି
ଜଗନ୍ନାଥ ଜଗତ ଗଳାମାଳ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଅନୁଭୂତି



ଡ. ପ୍ରସନ୍ନ କୁମାର ବଳ

ଜୀବନ କାଳରେ ଭିନ୍ନ ଭିନ୍ନ ଜାଗା ମାନବ ଭ୍ରମଣ କରେ,
ଭ୍ରମଣ କାଳରେ ବହୁ ଅନୁଭୂତି ମାନବ ତ ଲଭି ଥାଏ ।୧।
ଏହି ଜୀବନରେ ବହୁତ ଜାଗା ମୁଁ ଭ୍ରମଣ କରିତ ଅଛି,
ଦେଶ, ପରଦେଶ ଭ୍ରମଣ କରିକ ଅନୁଭୂତି ସାଉଁଟିଛି ।୨।
ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ଦୁବାଇ କ ଯାଇ ଅଛି,
ଭୂଟାନର ଅନୁଭୂତି ପୁଣି ମୋର ମନକୁ ତ ମୋହି ଅଛି ।୩।
ଏହି ନକଟରେ ଗସ୍ତ କରି ଫେରି ଆସିଛି ଆମେରିକାରୁ,
ଅନୁଭୂତି ମୋର ଅତ୍ୟନ୍ତ ନଆର୍ ନ ଭୂଲିପାରେ ମନରୁ ।୪।
ପହଞ୍ଚିବା ପରେ ବିମାନ ଘାଟରୁ ଆବାସକୁ ଯେବେ ଯାଏ,
ଗାଡି ପୁଣି ଯାଏ ଏମିତି ବେଗରେ ଦେହ ହାତ ଥରିଯାଏ ।୫।
ରାସ୍ତାକୁ ଦେଖିଲେ ମନ ଲୋଭିଯାଏ ସୋଇ ଯାଆନ୍ତୁକ ସେଠି,
ଧୂଳଟିଏ ପୁଣି ପାଇବା ତ କଷ୍ଟ ଦୂରବିକ୍ଷଣରେ ଏଠି ।୬।
ଗାଡି ପୁଣି କାଳେ ଏହି ତ ରାସ୍ତାରେ ଧିରେ ଯାଇପାରିବେନ,
ନର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ହିଁ ହେବ ମନ ମାନ ଚଳବନ ।୭।
ରାସ୍ତାର ମଧ୍ୟରେ କୁକୁର ବା ଗାଇ, ଅବା ରିକ୍ସା, ଅଟୋ କେହି
କାହାକୁ ଦେଖିବା ଦୁଃର୍ଲଭ ହିଁ ଅଟେ ସତ୍ୟ କଥା ପୁଣି ଏହି ।୮।
ଗାଈ ଗୋରୁଙ୍କର ଚରାଭୂମି ପାଇଁ ସ୍ୱତନ୍ତ୍ର ଜାଗା ହିଁ ଅଛି
ତାର ବାଡ ଦେଇ ରଖାଯାଏ ତାଙ୍କୁ ରାସ୍ତାକୁ ଆସିବେ ନାହିଁ ।୯।
କ ସିନ୍ଦୁର ପୁଣି ବୃକ୍ଷମାନ ସବୁ ମନ ଆକର୍ଷଣ କରେ,
ସବୁଜ, ହଳଦୀ, ଲାଲ ରଙ୍ଗ ପତ୍ର ମନ ମୋହନ କରେ ।୧୦।

ISSN NO.
2582-208X

"ଫଲ୍ ସିଜିନ୍" ପୁଣି ଅତି ଆକର୍ଷଣ ଗଛ ପତ୍ର ଝଡା ହୁଏ,
ପତ୍ର ବିନା ବୃକ୍ଷ ଏତେ ବି ସୁନ୍ଦର ଅତରେ କ ହୋଇପାରେ ।୧୧ ।
ବରଫ ଯେବେ ତ ପଡିବା ଆରମ୍ଭ ହୋଇଥାଏ ସେହିଠାରେ,
ଅତ୍ୟନ୍ତ ସୁନ୍ଦର, ଦୁଃର୍ଲଭ ଏ ଦୃଶ୍ୟ ମନ ବିମୋହନ କରେ ।୧୨ ।
ନଣ୍ଡା ଗଛରେ ସେ ବରଫ ଆସ୍ତର କ ଦୃଶ୍ୟ ସତରେ କରେ,
ମନ ହୁଏ ପୁଣି ତାକୁ ହିଁ ଦେଖନ୍ତୁ ବିନା ପଲକ ଚକ୍ଷୁରେ ।୧୩ ।
ସଦ୍ୟ ସେ ବରଫ ମଧରେ ଗ୍ଲଲିଲେ ପାଦ ପଶେ ତା ମଧରେ,
ସମୟ ଗଡିଲେ ତାହା ପୁଣି ପ୍ରାୟ ପାଷାଣ ପରି ତ ହୁଏ ।୧୪ ।
"ଏକ୍ସ ମାସ୍ ଟ୍ରି" ପରି ହୋଇଯାଏ, ପୂର୍ବ ପରିବେଷ ପ୍ରାୟ,
ଥଣ୍ଡାର ପ୍ରକୋପ ନ କହିଲେ ସରେ କଷ୍ଟ ତ ମିଳବା ସାର ।୧୫ ।
ମଣିଷ ସେଠାରେ ଅତି ଭଦ୍ର ପୁଣି ନଜେ ଅନୁଭୂତି ନେବେ
ପ୍ରଥମ ଦେଖାରେ ଅବଶ୍ୟ ସେମାନେ ସ୍ମିତ ହସ ଟିକେ ଦେବେ ।୧୬ ।
"ଗୁଡ୍ ମର୍ଣ୍ଣି" ବା "ଗୁଡ୍ ଇଭିନଙ୍ଗ୍" ନଷ୍ଟେ ପ୍ରଥମେ କରିବେ,
ଏତେ ଭଦ୍ର ସତେ ସେହି ଲ୍ଲୋକମାନେ ପ୍ରଥମେ ଓ୍ୱିସ୍ କରିବେ ।୧୭ ।
ଏତେ ଶକ୍ତିଶାଳୀ ଦେଶ ହୋଇ ପୁଣି ଅତି ଭଦ୍ର ତ ସେମାନେ,
ତାଙ୍କର ଏ ଗୁଣ ଶିଖିବା ଉଚତ ପୁଣି ସବୁ ଆମ୍ଭେମାନେ ।୧୮ ।
କ ସିନ୍ଦୁର ପ୍ରାକୃତିକ ଦୃଶ୍ୟ ପୁଣି ମନ ଲ୍ଲୋଭିଯାଏ ସତେ,
ସବୁଜ ଗାଇଗ୍ସ ବିଛା ପରି ଲ୍ଲଗେ ସବୁ ଦୃଶ୍ୟ ହୋଇଥାଏ ।୧୯ ।
ଜୀବନ କାଳରେ ସତରେ ତ ଥରେ ଆମେରିକା ଯିବା କଥା,
ବହୁ ଅନୁଭୂତି ଅନୁଭବ କରି ଅନୁପ୍ରାଣିତ ହିଁ ହେବା ।୨୦ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ମୋ" ହୃଦୟ ଠାକୁର



ଅମ୍ବିକା ସ୍ୱାଇଁ

ଆହେ "ଚକାଡୋଳା", ହୃଦୟ ଠାକୁର
ଶୁଣ ଡାକ ମୋର ବାରେ
ନୂତନ ବରଷ ନୂଆ ଖୁସୀ ଆଣୁ
ପ୍ରଣତି ମୋ ତୁମ ଠାରେ ।୧।
ସଜଳ ନୟନେ ଦେଖୁ ଅଛ ରହି
ଦୁନଆର ରୀତି ନୀତି
କେତେବେଳେ କା"କୁ କେଉଁ ବାଟେ ନେଇ
ହଜାଉଛ ତା"ର ସ୍ଥିତି ।୨।
ସତ ରେ, କାଳଆ ତୁମ ଲୀଳା ଖେଳା
କେ" କହି ପାରିବ କୁହ
ଛାର ଏ ମଣିଷ ବୁଝି ପାରୁ ନାହିଁ
ଆଖିରୁ ଝାରୁଛି ଲୁହ ।୩।
ସବୁ ତୁମ ମାୟା ସବୁ ତୁମ କାୟା
ତୁମେ ଜାଣ ଭଲ ମନ୍ଦ
ସତ୍ୟ ଓ ମିଥ୍ୟାର ହକତିରେ ଛନ୍ଦ
କେ ଜାଣିବ ତା"ର ଛନ୍ଦ !!୪।
ନ୍ୟାୟ ରେ ଥାଇ ବି ପରୀକ୍ଷା କର
ନର୍ଦ୍ଦୋଷ କୁ କର ଦୋଷୀ
ଦୋଷୀ ଖସି ଯାଏ ଚତୁର ପଣରେ
ମନେ ମନେ ହୁଏ ଖୁସୀ ।୫।

ISSN NO.
2582-208X

କାହିଁକି କର ଯେ କପଟ କାଳଆ
ବୁଝି ହୁଏ ନାହିଁ ସତେ
ଯେତେ କପଟ କଲେ  କରୁ ଥାଅ
ଛାଡ଼ି ଯା ଅ ନାହିଁ ମୋତେ  ।୬।
ରଖିଛି ଯତନେ ହୃଦୟେ ସାଇତି
ମୋହରି ବିଶ୍ୱାସ ବଳେ
ତୁମେ ସଦା ଅଛ ମୋର ସାଥିରେ
ସ୍ୱପ୍ନ ଦେଖେ ଆଖି ଡୋଳେ ।୭।
ଭକ୍ତ ନୈବେଦ୍ୟ କୁ ପରଷି ଦେବି
ତୁମ ପଦ୍ମ ପାଦ କରେ
ପାଦ ଧୋଇ ଦେବି ଅତି ଶରଧାରେ
ମୋ ଆଖିର ଲୁହ ଧାରେ
ସଂସାର ମଙ୍ଗଳ ପାଇଁ ମୋ ପ୍ରାର୍ଥନା
ରଖ ମହା ବାହୁ ତଳେ । ୮।
ନୂତନ ବରଷ ଆଣୁ ନୂଆ ବାର୍ତ୍ତା
ରହି ତୁମ କୃପା କୋଳେ
ସମସ୍ତେ ରୁହନ୍ତୁ ଆନନ୍ଦ ଖୁସିରେ
ଭିଜନ୍ତୁ ଅମୃତ ଜଳେ ।୯।
ନୂତନ ବର୍ଷ ରେ ନୂଆ ଜାଗରଣ
ସମାଜ ରେ ସୃଷ୍ଟି ହେଉ
ସଂସାର ଅନୀତି, ଦୁଃଖ ଦୂର ହେଉ
ସୁଖ ଶାନ୍ତ ଭରି ଯାଉ ।୧୦।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

ISSN NO.
2582-208X

# ଗୋପବନ୍ଧୁଙ୍କ "କାର୍-କବିତା"ରେ ରସ-ଦୃଷ୍ଟି: ପ୍ରଥମ ପର୍ଯ୍ୟାୟ



ଶୁଭ୍ରାଂଶୁ କୁମାର ବିଶ୍ୱାଳ

ଗୋପବନ୍ଧୁ ଓଡ଼ିଶା ରାଜନୈତିକ କ୍ଷେତ୍ରରେ ଯେତିକ ପରିମାଣରେ ସକ୍ରିୟ ଥିଲେ, ସମପରିମାଣରେ ଭାଷା ସାହିତ୍ୟ କ୍ଷେତ୍ରରେ ମଧ୍ୟ । ସମାଜସେବା, ରାଜନୀତି, ଶିକ୍ଷକତାରେ ସେ ଯେଉଁ ନିଷ୍ଠାପରଭାବ ପୋଷଣ କରିଥିଲେ, ତା'ଠୁ ବଳ ନିଷ୍ଠାପର ଥିଲେ ସାହିତ୍ୟସେବାରେ । ସମ୍ବାଦପତ୍ରଠୁଁ ଆରମ୍ଭ କରି ସତ୍ୟବାଦୀ ଭଳି ସାହିତ୍ୟ ପତ୍ରିକା ଯାଏଁ । ସବୁଥିରେ ସେ ସ୍ଥାନ ଦେଉଥିଲେ ସାହିତ୍ୟକୁ । ଓଡ଼ିଶା ମାଟିରେ ଏ କବି ଜଣେ ଅମ୍ଲାନ ଓ ଶାଶ୍ୱତ ପୁରୁଷ ।  ଜଣେ ମହାନ ସାରସତ୍ୱ ସାଧକ କବି ଗୋପବନ୍ଧୁଙ୍କୁ ସ୍ମରଣ କରି ପୂଣ୍ୟ ଅର୍ଜନ କରିବା ଛଡା ଓଡ଼ିଆ ଜାତି ଆଉ କ'ଣ ବା କରିପାରିବ ।

କବିଙ୍କ କବିତାରେ ଯେତିକି କୁହୁକପଣ ନାହିଁ ତାଠୁ ଢେର ଅଧିକ ପରିମାଣରେ କୋହ ଅଛି। ମିଛ କଳ୍ପନା ନୁହେଁ କାରାଗାରରେ ବେଶି ମନେ ପଡିଛନ୍ତି ଅତ୍ମୀୟ ସ୍ୱଜନ । ଏହି ଦୃଷ୍ଟିରୁ ବନ୍ଦିର ଆତ୍ମକଥା ଓ କାରାକବିତା ଦୁଇଟି ଅଭିନବ କବିତା ସଂକଳନ । ଏ ସଂକଳନ ଦୁଇଟିରେ ଚିନ୍ତାଧାରା ପ୍ରାୟତଃ ସମାନ । ସବୁଠାରୁ ଆକର୍ଷଣର କଥା ଏୟା ଯେ ଏ ଦୁଇଟି କବିତା ସଂକଳନର ସମସ୍ତ କବିତା କବି କାରାଗାରରେ ରହି ରଚନା କରିଛନ୍ତି । ଯେହେତୁ ସେ ଜଣେ ସମାଜସେବୀ ଥିଲେ ଅନ୍ୟ କୌଣସି ସମୟରେ ତାଙ୍କୁ କବିତା ଲେଖିବା ପାଇଁ ସମୟ ହୁଏତଃ ମିଳିପାରୁନଥିବ । କାରାଗାରରେ ବନ୍ଦୀ ହେବା ପରେ ତାଙ୍କ ଭିତରେ ସୁପ୍ତ ଥିବା କବିପଣିଆ ସତେକି ଜାଗ୍ରତ ହୋଇଉଠେ । ବନ୍ଦୀର ଆତ୍ମକଥା ଏକ ଦୀର୍ଘ କବିତା ହୋଇଥିବା ବେଳେ; କାରା କବିତା କେତେ ଗୁଡିଏ କ୍ଷୁଦ୍ର କବିତା ଓ କେତେକ ଦୀର୍ଘ କବିତାର ସମିଶ୍ରଣ ।

ISSN NO.
2582-208X

ସମାଲୋଚକ ସ୍ୱର୍ଗତଃ ନଟବର ସାମନ୍ତରାୟଙ୍କ ଭାଷାରେ, "ବନ୍ଦୀର ଆତ୍ମକଥା ଓଡ଼ିଶାର ସର୍ବଶ୍ରେଷ୍ଠ ସନ୍ତାନର ସର୍ବଶ୍ରେଷ୍ଠ ଆତ୍ମକଥା- ଏ ଆତ୍ମକଥା ଜୀବନୋତ୍ସର୍ଗର ଏକ ଅପୂର୍ବ କାବ୍ୟିକ ପରିପ୍ରକାଶ ମାତ୍ର ।"

କାରା-କବିତା ବାବଦରେ ପୁସ୍ତକର ପଂଚମ ମୁଦ୍ରଣ(୧୯୫୩)ରେ ସ୍ପଷ୍ଟୀକରଣ କରାଯାଇଛି ଯେ, "ପୂଣ୍ୟାତ୍ମା ଗୋପବନ୍ଧୁ ୧୯୨୩-୨୪ ମସିହାରେ ହଜାରୀବାଗ ଜେଲରେ ୨ବର୍ଷ କାଳ ବନ୍ଦୀ ହୋଇଥିବା ବେଳେ 'ବନ୍ଦୀର ଆତ୍ମକଥା' କବିତା ଛଡା ଆଉ ଯେ କେତୋଟି କବିତା ଲେଖିଥିଲେ, ତାହାସବୁ ୧୯୨୮ ଜୁନ ୧୭ ତାରିଖ ତାଙ୍କର ପରଲୋକ ହେବାପରେ 'ସମାଜ'ର ଶ୍ରାଦ୍ଧ ସଂଖ୍ୟା ମାନଙ୍କରେ ପ୍ରକାଶ ପାଇଥିଲା । ସେହି କବିତା ଗୁଡିକୁ ବର୍ତ୍ତମାନ କ୍ଷୁଦ୍ର ପୁସ୍ତକ ଆକାରରେ ପ୍ରକାଶ କରାଯାଉଛି ।"

କାରା କବିତାରେ ସମୁଦାୟ ୧୩ଟି କବିତା ସ୍ଥାନିତ । ଅନେକ ସମାଲୋଚକ ଓ ଛାତ୍ର ଏହି କବିତାକୁ ବିଭିନ୍ନ ଦିଗରୁ ଆଲୋଚନା କରିଛନ୍ତି । ଠିକ ସେହିପରି ଏହି କବିତା ସଂକଳନକୁ ମୁଁ ରସ-ଦୃଷ୍ଟିରୁ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ କଲି । କାରଣ ପୂର୍ବରୁ ଜାତୀୟତାବୋଧ, ବିଭୂପ୍ରେମ, ସ୍ୱର୍ଗୀୟପ୍ରେମ ଦୃଷ୍ଟିରୁ ଏହାର ବାରବାର ଆଲୋଚନା ସରିଛି। ରସ ଦୃଷ୍ଟିରୁ ଏହାର ଏକ ସରଳ ଆଲୋଚନାର ଆବଶ୍ୟକତା ଥିଲା ।

ସାହିତ୍ୟ ହେଉ ବା ଜୀବନ; କେତେକ ରସର ମିଶ୍ରଣରେ ହିଁ ନିର୍ମିତ । ମନୁଷ୍ୟର ସମସ୍ତ କ୍ରିୟା କଳାପ, ହସ-ଲୁହ, ପ୍ରେମ-ଘୃଣା ଏ ସବୁର ପଛରେ ଲୁକ୍କାୟିତ ଭାବରେ ଭରି ରହିଛି କୌଣସି ନା କୌଣସି ରସ । ସାହିତ୍ୟ ଯେହେତୁ ମନୁଷ୍ୟକୃତ ଓ ମନୁଷ୍ୟ ଉଦ୍ଦେଶ୍ୟରେ, ସେଥିଲାଗି ସାହିତ୍ୟର ଆତ୍ମା ଭାବରେ ରସକୁ ବିବେଚନା କରାଯାଏ । ବିଶ୍ୱରେ ପ୍ରଥମ ଥର ପାଇଁ ନାଟ୍ୟଶାସ୍ତ୍ରର ପ୍ରଣେତା ଆଚାର୍ଯ୍ୟ ଭରତ ମୁନି ରସ ବାବଦରେ ମତ ଉପସ୍ଥାପନା କରିଥିଲେ । ତାଙ୍କ ମତରେ ରସ ଆଠ(୮) ପ୍ରକାର । ରସ ପ୍ରଥମେ ନାଟକରେ ଆବିଷ୍କାର ହୋଇଥିଲା ସତ କିନ୍ତୁ ପରବର୍ତ୍ତି ସମୟରେ ସାହିତ୍ୟର ଅନ୍ୟାନ୍ୟ ବିଭାବରେ ମଧ୍ୟ ଏ ରସର ଉପସ୍ଥିତି ଅନୁଭବ ଓ ଆଲୋଚନା କରାଗଲା । ପରବର୍ତ୍ତି ସମୟରେ ଆଚାର୍ଯ୍ୟ ମାନେ ରସର ସଂଖ୍ୟାକୁ ବାର (୧୨)ରେ ପହଂଚଛି । ଯଥାକ୍ରମେ- ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର, ଶାନ୍ତ, ବାତ୍ସଲ୍ୟ, ଭକ୍ତି ଓ ମଧୁର ।

ISSN NO.
2582-208X

ସମୁଦାୟ ୧୩ଟି କବିତା ଯଦିଓ ପରସ୍ପରଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ନୁହନ୍ତୁ ତଥାପି କେତେକ କବିତାରେ ସମାନତା ଦେଖାଯାଇ ଥାଏ ଓ କେତେକ କବିତା ଅନ୍ୟଠାରୁ ସଂପୂର୍ଣ୍ଣ ପୃଥକ । ବିଭୁଭକ୍ତିରୁ ଆରମ୍ଭ କରି ଅଫୁରନ୍ତ କାରୁଣ୍ୟତା ଭରି ରହିଛି ସମଗ୍ର କବିତା ସଂକଳନରେ । 'ନତ୍ୟଧାମ ନଳାଚଳ' ଓ 'କାହିଁ ଅଛ' ଦୁଇଟି କ୍ଷୁଦ୍ର କବିତା ଈଶ୍ୱରୀୟ ଭାବନା ଓ ଭକ୍ତିରସରେ ଜୁଡବୁଡ ହୋଇଥିବା ବେଳେ ଅନ୍ୟ ସମସ୍ତ କବିତା କାରୁଣ୍ୟ, ଶୃଙ୍ଗାର ଓ ବାତ୍ସଲ୍ୟବୋଧକୁ ନେଇ ହୋଇଛି ବଳଷ୍ଠ ।

ସଂଗ୍ରାମୀ ଗୋପବନ୍ଧୁ ଯେତେବେଳେ କାର୍ବାସରେ ଅଛନ୍ତି ସେ ପାଲଟି ଯାଇଛନ୍ତି କବି ଗୋପବନ୍ଧୁ । କାର୍ବାସ ଯେମିତି କ ଅମା ଅଂଧକାର । ବନ୍ଦୀ ହେଇଯିବା ପରେ ସେ ପାଲଟି ଯାଇଛନ୍ତି ଅଂଧାରର ମିତ୍ର । ଅଂଧାର ଭଲ ଲାଗେନା ସଂଗ୍ରାମୀ ପୁରୁଷକୁ । ସେ ଅଂଧାର ସଦାସର୍ବଦା ସତ୍ୟ ଓ ସ୍ୱଚ୍ଛତାକୁ ସାମନାକୁ ଆଣିବାକୁ ଦିଏନା । ସେଇ ସତ୍ୟ ଓ ସ୍ୱଚ୍ଛକୁ ଜାଣିବା ପାଇଁ ଆବଶ୍ୟକତା ଥାଏ ଆଲୋକର । ସତ୍ୟର ଆଲୋକ । କବି କାର୍ବାସରେ ଥାଇ ଆଲୋକର ମୁକ୍ତ ମାର୍ଗଟିକୁ ଏହିପରି ଖୋଜିଛନ୍ତି,

"ସେ ଦିବା ଅଂଜନ ପ୍ରଭୁ ନିରଂଜନ
ଦିଅ ଏ ନେତ୍ରରେ ବାରେ ହେ,
ତବ ଜ୍ୟୋତିରେଖା ଦେଉ ପଥେ ଦେଖା
ଆଜି ଅମା ଅଂଧକାରେ ହେ ।" – କାହିଁଅଛ ?

ସଂକଳନର ୨ୟ କବିତାଟି 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' । କୌଣସି ଜଣେ ଆଜୀବନ ସହକର୍ମୀଙ୍କ ପ୍ରତି ଶ୍ରଦ୍ଧାର ଉପହାର ଏ କବିତାରେ ଯେଉଁ କାରୁଣ୍ୟତା ଦେଖାଦେଇଛି; ତାହାକୁ ଅନୁଭବ କରିବା କଥା । କରୁଣ ରସସିକ୍ତ ଏ କବିତା କେତେବେଳେ ଜୀବନକୁ ନିର୍ବାଶର ବାଲି ଓ ମରୁମରିଚିକା ସହ ତୁଳନା କରିଛି ତ କେତେବେଳେ ହୃଦୟର ସହନ-ସୀମାକୁ ପରଖିବାକୁ ବାଧ୍ୟ କରି ପକାଉଛି ।

ଆପଣାର ଲୋକଟି ଗାଳି କଲେ ମଧ୍ୟ ବାଧେନି । ସୁଖପରି ସହୁ ହୁଏ କେତେ ମିଠା ଲାଂଛନା, କେତେ ମଧୁର ତାଡନା । ଯାହା କବି ଏ କବିତାରେ କହିବାକୁ ଇଚ୍ଛା ପ୍ରକାଶ

ISSN NO.
2582-208X

କରିଛନ୍ତି । ଏଥିରେ ଅଛି ଉଭୟ କାରୁଣ୍ୟତା ଓ ବାତ୍ସଲ୍ୟତା । କବି ଯାହାକୁ ଏପରି ବ୍ୟକ୍ତ କରିଛନ୍ତି ଯେ,

"ତୁମ ଅନୁତାପ ଏକା ଶୋଚନା
ତୁମ ଅନୁତାପ ଏକା ଶୋଚନା,
ପାଅ ଯେବେ ସୁଖ ସେ କଟୁ ବଚନେ
ଦେବ ତା ମୋ ହୃଦେ ମଧୂ-ମୂର୍ଚ୍ଛନା ।"– ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ

ସଂକଳନର ଆଉ ଏକ ଦମଦାର କବିତା ହେଉଛି 'ପିତୃପକ୍ଷ ତର୍ପଣ' । ଏହା ଏକ ଦୀର୍ଘ କବିତା । ବନ୍ଦୀ ହୋଇଥିବା ମହାପୁରୁଷଟିଏ ପୂର୍ବପୁରୁଷଙ୍କୁ ଶ୍ରଦ୍ଧା ପୂର୍ଣ୍ଣ ଶ୍ରାଦ୍ଧ ଅର୍ପଣ ପାଇଁ ଯେଉଁ ଭଳି ବ୍ୟାକୁଳତ ତାହା ଏ କବିତାର ଆତ୍ମା । ସେ କବିତାରେ ନିଜକୁ ପ୍ରଶ୍ନ କରିଛନ୍ତି, 'ବନ୍ଦୀଟିଏର ଅର୍ପଣ କ'ଣ ପୂର୍ବପୁରୁଷ ଗ୍ରହଣ କରିବେ?' ପୁନଶ୍ଚ ସେ ଦୋଷୀ ନୁହନ୍ତି ବୋଲି ସ୍ୱୀକାର କରିଛନ୍ତି । ବନ୍ଦୀଶାଳାରେ ଥାଇ ନାନା ଗୁହାରୀ ଜଣାଇଛନ୍ତି ପୂର୍ବସୂରୀ ମାନଙ୍କୁ । ସଂପୂର୍ଣ୍ଣ କରୁଣରସର ଏ କବିତାରେ କବିଙ୍କ କାବ୍ୟିକ ପରିପ୍ରକାଶଟି ଏହିପରି,

"ବନ୍ଦୀଶାଳେ ଦତ୍ତ ଜଳ ତିଳ ଉପହାର
କରନ୍ତି କି ପିତୃଲୋକେ ଆଦରେ ଆହାର
------
କାର୍‌ଗାରେ କରିବି ମୁଁ କିବା ଆୟୋଜନ?
ଆନ୍ତରିକ ଶ୍ରଦ୍ଧା ମୋର କର ହେ ଗ୍ରହଣ ।"– ପିତୃପକ୍ଷ ତର୍ପଣ

ସଂଘର୍ଷ ଭିତରେ ସଂଗ୍ରାମୀ ପୁରୁଷଟି ତା' ପୂର୍ବଜ ମାନଙ୍କ ପାଇଁ ଯେଉଁ ନୈବେଦ୍ୟ ଅର୍ପଣ କରିଛନ୍ତି ତାହା କେତେକେତେ ଶ୍ରାଦ୍ଧଠୁ ମଧ ଶ୍ରେୟସ୍କର ।

'ବନ୍ଦୀର ବିରହ ଗାଥା' କବିତାଟି ଜଣେ ପ୍ରକୃତି ପ୍ରେମୀର ବିଳାପ । ମନ ମଧ୍ୟରେ ସୁପ୍ତ ଏକ ଶାନ୍ତ ଶୃଙ୍ଗାରୀୟ ଚେତନାକୁ ଏଠାରେ ଅନୁଭବ କର୍‌ଯାଇପାରେ । ପକ୍ଷୀଦଳ କେବେକେବେ କବିଙ୍କୁ ଆଛନ୍ନ କରନ୍ତି ତ ପୁଣି କେତେବେଳେ କବି ବିଭୋର ହୁଅନ୍ତି ଆପଣା

ISSN NO.
2582-208X

ପ୍ରିୟଜନଙ୍କ ବିରହର ପୀଡାରେ । ଏ କବିତାରେ ଶାନ୍ତରସକୁ ମଧ୍ୟ ଠାବ କରିପାରିବା । କବି ଯଦି ପ୍ରକୃତିକୁ ଦେଖି ମୋହାଛନ୍ନ ହୁଅନ୍ତୁ ଓ ଅଶାନ୍ତ ମନକୁ ଶାନ୍ତ ଦିଅନ୍ତୁ । ଏ କଥା କବିତାରେ ଏହିପରି ଲେଖିଛନ୍ତୁ,

"ବିଶ୍ୱ ପ୍ରକୃତିରେ ଦେଖିଲେ ସମ ହୃଦ ବେଦନା
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।" – ବନ୍ଦୀର ବିରହ ଗାଥା

'ବନ୍ଦୀର ସାଂଧ ଭକ୍ତ' କବିତାଟି ମହାନାୟକ ସକ୍ରେଟିସ୍‌ଙ୍କ ଉଦ୍ଦେଶ୍ୟରେ । କବିତାଟି ସଂପୂର୍ଣ୍ଣ ରୂପରେ ବୀର ରସ ଯୁକ୍ତ । ଜଣେ ବୀର ଯେତେବେଳେ ଅନ୍ୟ ଜଣେ ବୀରଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟ ଅର୍ପଣ କରେ; ତେବେ ସେଠାରେ ବୀରତ୍ୱ ବାଦ ଅନ୍ୟ କୌଣସି ପ୍ରଶ୍ନ ଆସେନ । ଏଠାରେ ଜଣେ ବୀର ସ୍ୱାଧୀନତା ଆନ୍ଦୋଳନ ପାଇଁ ବନ୍ଦୀ ତ ଅନ୍ୟ ଜଣେ ବୀର ହସିହସି ବିଷପାତ୍ରକୁ ପାନ କରିଦେଉଛି । କବି ଏଠାରେ ଏହିପରି ଭାବରେ ବୀର ପଣିଆର ଜାହିର ଦେଖାଇଛନ୍ତୁ–

"ପାଷାଣ ଶାସନ ଦଣ୍ଡେ ଦେଖାଇଲେ ଶିର
ମୁଖେ ଯେବେ ବିଷପାତ୍ର ଲଗାଇଲେ ବୀର
----
ଜାଣି ନଥିଲ୍ ଯେ ହୃଦ ଭୟ ପଳାୟନ
ମରଣେ ଯେ ଦେଖୁଥିଲ୍ ଅମର ଜୀବନ ।" –ବନ୍ଦୀର ସାଂଧ ଭକ୍ତ

'ବନ୍ଦୀର ସ୍ୱଦେଶ ଚନ୍ତା'ଏକ ଦୀର୍ଘ କବିତା । ବନ୍ଦୀଶାଳାରେ ଥାଇ କବି ଗୋପବନ୍ଧୁ ବାହାର ଜଗତର ଚନ୍ଦକୁ କଳ୍ପନା କରୁଛନ୍ତୁ । ଯେଉଁ କଳ୍ପନା ମାନ ସେ କରୁଛନ୍ତୁ, ତାହା କୌଣସି ପ୍ରକାରେ ନକରାତ୍ମକ ନୁହେଁ । କବିର ହୃଦୟ ସଦାସର୍ବଦା ପ୍ରେମୀକ । ସେ ମୃତ୍ୟୁବରଣ ପରେ ମଧ୍ୟ ତା' ଦେହରୁ କୌଣସି ଦୁର୍ଗନ୍ଧ ଆସେନ ବରଂ ପ୍ରେମପ୍ରେମ ବାସେ ।

ISSN NO.
2582-208X

ଏ କବିତାରେ ଏମିତି କିଛି କଥା ବର୍ଣ୍ଣନା କରିଛନ୍ତି, ଯାହା କବି ହୃଦୟର ଶୃଙ୍ଗାରୀକତା ଭାବନାକୁ ଦୃଶ୍ୟ କରାଏ । ଗ୍ରାମ୍ୟ ସଧବାଟି ପାଣି କଳସ ନେବା ବେଳର ଯେଉଁ ଦୃଶ୍ୟକୁ କବି ବର୍ଣ୍ଣନା କରିଛନ୍ତି ତାହା କେବଳ ଜଣେ ପ୍ରେମୀକର ଆଖିରେ ହିଁ ଦୃଶ୍ୟମାନ ହୁଏ ।

"ଗ୍ରାମ– ସୀମାନ୍ତିନୀ ଚହାଲାଇ ପାଣି
କଳସରେ ଯେବେ ନଅନ୍ତି ଭରି
ନୀଳମଣି ଦାମ ପ୍ରାଏ ସେ ଲହରୀ
ଖଣ୍ଡଦୂର ଖଲି ଯାଏ ପ୍ରସରି ।"– ବନ୍ଦୀର ସ୍ୱଦେଶ ଚନ୍ତା

ପୁଣି କବିଙ୍କ ଭାବନାକୁ ଆସିଛି ଜଣେ ନବ ଯୌବନାର ଚନ୍ଦ । ସାମାନ୍ୟ ପୃଥୁଳା ନବ ଯୌବନା ଯେତେବେଳେ ମାତୃତ୍ୱ ଲାଭ କରେ ସେତେବେଳର ସାଂଗସାଥି ମେଳର ପରିହାସକୁ କବିଙ୍କ ବର୍ଣ୍ଣନା ଏହିପରି:

"ନବ ଯଉବନୀ କାଖେ ପିଲା ଘେନ
ଗ୍ଲଲି ନପାରଇ ଜଘନଭାରେ
ତା' ଗ୍ଲହିଁ ଚପଳ ଯୁବା ସଙ୍ଗୀଦଳ
ପରିହାସେ ଏକ ଆନକୁ ଠାରେ ।"– ବନ୍ଦୀର ସ୍ୱଦେଶ ଚନ୍ତା

କେବଳ ଏତିକ ନୁହେଁ; ଚିଲିକା ବକ୍ଷରେ ନୀଳମେଘ ମାଳ ଓ ନୀଳାଚଳର ମହୋଦଧି ଜଳ ସଂପର୍କରେ ମଧ କବି ବର୍ଣ୍ଣିଛନ୍ତି ଭାବପୂର୍ଣ୍ଣ ହୋଇ । 'ବନ୍ଦୀର ସ୍ୱଦେଶ ଚନ୍ତା' କବିତାକୁ ଧ୍ୟାନ ଦେଲେ ଜଣେ ଦରଦୀ ଦେଶପ୍ରେମୀ, ଜାତିପ୍ରେମୀ, ଐତିହ ପ୍ରେମୀ ଭିତରେ ଜଣେ ସଚ୍ଚା ପ୍ରେମୀକର ହୃଦୟକୁ ମଧ ଅନୁଭବି ହେବ ।

ଗୋପବନ୍ଧୁଙ୍କ ଶିକ୍ଷାଗୁରୁ ପୁରୀବାସୀ ସ୍ୱର୍ଗୀୟ ଦିବ୍ୟସିଂହ ମିଶ୍ରଙ୍କ ପରଲୋକ ସଂକ୍ରାନ୍ତରେ କବି ଲେଖନ୍ତି 'କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ' ଶିର୍ଷକ କବିତାରେ । ଏ କବିତାରେ କବିଙ୍କ ତରୁଣ ଜୀବନଠାରୁ ଆରମ୍ଭ କରି କାରାବାସ ଜୀବନର କଥା ବଖାଣିଛନ୍ତି । କେବଳ ସୁଖରେ ଦୁଃଖ ସମୟରେ ଜଣେ ବଂଧୁ କପରି ଆପଣା ସାଥ

ISSN NO.
2582-208X

ଦେଇଥିଲେ ସେ କଥା ମଧ୍ୟ ଏଥିରେ ଉତାରିଛନ୍ତି କବି । କପରି ନଜର ସଂଗ୍ରାମୀ ଜୀବନରେ ଓ କାର୍‌ବାସରେ ଥିବା ସମୟରେ ଜଣେ ବଂଧୁ ମାନସିକ ସାହାଯ୍ୟ ଦେଇପାରେ ସେ କଥା ମଧ୍ୟ ଏହାର ଙ୍କଂଚତ ବିଷୟବସ୍ତୁ । ଏ କବିତାଟି ଏକପ୍ରକାରର ନରବ ପ୍ରାର୍ଥନା ଜଣେ ଗୁରୁଙ୍କ ଉଦ୍ଦେଶ୍ୟରେ ଓ ଜଣେ ସ୍ନେହୀ ବଂଧୁ ପାଇଁ । କବିତାରେ କାରୁଣ୍ୟତା ଅଛି । ଅଛି ପୁଣି ବିରତ୍ୱ । ବୀର ରସ ଯୁକ୍ତ ଏ କବିତାର ପଦେ ଏହିପରି,

"ଦେଖିଛି ଅନ୍ତରେ ତବ ଥିଲ୍ ଅଗ୍ନିକଣା
ଜଳଥାନ୍ତା ଲ୍ଗିଥିଲେ ଯଥା କାଳେ ବାୟୁ
କୁହୁଳ କୁହୁଳ ତାହା ଲିଭିଲ୍ ଅଜଣା
ନର୍‌ଶାର ଉଷ୍ଣଶ୍ୱାସେ ତରଳଲ୍ ବାୟୁ ।" –
କାର୍‌ରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ

ଆଜୀବନ କୁହୁଳୁ ଥାଏ ସଂଗ୍ରାମୀ ପ୍ରାଣ । କେବେ ଆସିବ ଦଲକାଏ ପବନ ଯେଉଁ ପବନରେ କୁହୁଳୁ ଥିବା ଧୂଆଁ ନଆଁ ଧରିବ । ନଜେ ସିନା ଜଳଯିବ କନ୍ତୁ ଜଳଯିବା ଆଗରୁ ଜାଳଦେଇ ଯିବ କାପୁରୁଷ ଭୀରୁମାନଙ୍କୁ । ସବୁ ପାପ ସବୁ ବ୍ୟଭିଚାରକୁ ଚରଦିନ ଜାଳଦେଇ ଧୂଳସାତ୍ କରିବାର ଅପେକ୍ଷା କରୁଥିବ । ଅପେକ୍ଷା ଅପେକ୍ଷାରେ ରହେ । କେବେ ଆସେନ ସେଇ ଦଲକାଏ ପବନ । କୁହୁଳା ଧୂଆଁ ଧରିପାରେନ ନଆଁ । ନରବରେ ସମାପ୍ତ ହେଇଯାଏ ସବୁକଛି । କବି ସେଇ ଅବଶୋଷ ଭର୍ ବୀରତ୍ୱକୁ ଉପର କବିତା ପଂକ୍ତରେ ଦର୍ଶାଇଛନ୍ତି ।

'ଦେଖାଦିଅ ବାରେ' କବିତାରେ ବିପ୍ରଲଂଭ ଶୃଙ୍ଗାରର ଏକ ଆଭ୍ସ ଦେଖିବାକୁ ମିଳେ । ଯାହା ଏପରି,

"କାହିଁ ମୋର ସେହି ପ୍ରାଣ ପ୍ରେମଧାର
କାହିଁ ମୋର ସୁଧାମୟ ହୃଦଧାର
ଦେଖାଦିଅ ବାରେ ଏ ଘୋର ଅଂଧାରେ
ଦେଖ ମୁଁ କ ନାରଖାର ।" – ଦେଖାଦିଅ ବାରେ

ISSN NO.
2582-208X

କବିତା ସଂକଳନର ଶେଷ ଦୁଇଟି କବିତା –'ପ୍ରେମର କ ଏହି ପରିଣାମ?' ଓ 'ବିଶ୍ବର ମିଳନ ଚନ୍ଦ' । ଏ ଦୁଇଟି କବିତା ରୋମାଣ୍ଟିକ । ଶୃଙ୍ଗାରରସୀୟ ଏ କବିତା ଦୁଇଟି କନ୍ତୁ ଦୁଇ ପ୍ରକାରର ।

'ପ୍ରେମର କ ଏହି ପରିଣାମ?' କବିତା; ତରୁଣ–କୈଶୋର ଓ ବାର୍ଦ୍ଧକ୍ୟରେ ପ୍ରେମାନୁଭୂତିକୁ ଉପସ୍ଥାପନା କରିଛନ୍ତୁ । ତରୁଣ ବୟସରରେ ପ୍ରେମ– ଢଳଢଳ ଚଂଚଳ । ତରୁଣ ବୟସର ପ୍ରେମୀକ ହିଁ ସର୍ବଶ୍ରେଷ୍ଠ । ଏକଥା ଏଥିପାଇଁ ଯେ, ତରୁଣ କେବଳ ହୃଦୟର କଥା ଶୁଣେ । କୌଣସି ପ୍ରକାର ବାଛବିଗ୍ଭର ତା' ପାଖରେ ନଥାଏ । ପ୍ରେମ ଚୀରକାଳ ପ୍ରେମ ତା' ପାଇଁ । ଏପରି ଏକ ପ୍ରେମ କଥା କବି ଲେଖନ୍ତୁ,

"ତରଳ ତରୁଣେ ବେନ ହୃଦ ଢଳଢଳ
ଭିଶିଲ୍ ସହଜେ ଯଥା ଜଳେ ସଙ୍ଗେ ଜଳ ।
କୋମଳ କୈଶୋରେ ପ୍ରୀତି ହେଲ୍ ଗାଢତର
ସହେ ନାହିଁ ପ୍ରାଣ; ହେଲେ ମୂହୁର୍ତ୍ତେ ଅନ୍ତର ।" – ପ୍ରେମର କ ଏହି ପରିଣାମ?

ଉପରୋକ୍ତ ପଂକ୍ତ ସୂଗ୍ଭଇବାକୁ ଚେଷ୍ଟାକରେ ତରୁଣ ପ୍ରେମୀକ ଗୋପବନ୍ଧୁ ଆଜି ବୟସର ମଧ୍ୟାହ୍ନରେ । ମୁକ୍ତ ଆନ୍ଦୋଳନ ପାଇଁ କାଗ୍ବାସରେ ଅଛନ୍ତୁ । ମନେ ପଡିଛି ପିଲ୍ଦିନ । କଶୋର ବୟସରରେ ପ୍ରେମର ସଂଜ୍ଞା ବାବଦରେ କବି ଲେଖିଛନ୍ତୁ ଏପରି କଛି ।

'ବିଶ୍ବର ମିଳନ ଚନ୍ଦ' କବିତାଟି "କାଗ୍–କବିତା"ସଂକଳନର ଶେଷ କବିତା । କବିତାର ପ୍ରଧାନ ରସ ଶୃଙ୍ଗାର । ରୀତି ଯୁଗୀୟ କବି ଉପେନ୍ଦ୍ର ଭଂଜଙ୍କୁ ମନେ ପକାଇବାକୁ ବାଧ କରେ ଏ କବିତାର ପ୍ରଥମ ପଂକ୍ତ ।

"କାହିଁ ତପନ କେତେ ଦୂର ଅମ୍ବରେ
କାହିଁ ନଳନୀ ତଳେ ଫୁଟଇ ସରେ ।
ଉଇଁବା ମାନେ ରବି କର ବଢାଇ
ନଳନୀ ଅଙ୍ଗେ ଦିଏ ଅଙ୍ଗ ଲଗାଇ ।"– ବିଶ୍ବର ମିଳନ ଚତ

ISSN NO.
2582-208X

ପ୍ରେମରେ ବିରହ ହିଁ ବେଶି ମହକେ । କବିପ୍ରାଣ ଯଦି ବିରହ ଭୋଗେ ତେବେ ସେ ତ ମହାର୍ଘପ୍ରାପ୍ତି । ପ୍ରେମର ବିରହ ବେଦନାକୁ କବି ଅନୁଭବ କରିଛନ୍ତ ବନ୍ଦୀଶାଳାରେ ଥାଇ । ଯାହାର ଝଲକ ଆମେ ଉପରୋକ୍ତ କବିତାରେ ଦେଖୁ ।

"କାରା-କବିତା"କୁ ରସ-ଦୃଷ୍ଟିରୁ ଆଲୋଚନାର ଏ ହେଉଛି ପ୍ରଥମ ପର୍ଯ୍ୟାୟ । କାରାଗାରରେ କବିପ୍ରାଣରେ ମୁଖ୍ୟତଃ ଦେଖା ଦେଇଛି ବିରତ୍ୱ, କାରୁଣ୍ୟ, ଶୃଙ୍ଗାର ଓ ଭକ୍ତରସ । କେବେ ପୂଜ୍ୟପୂଜା ପାଇଁ ମନ ଆନ୍ଦୋଳତ ତ, ପୁଣି କେବେ କାରାବାସରେ ଥାଇ ଗାଁର ଚନ୍ଦ୍ରକୁ ଅନୁଭବ କରି ସେ ହୋଇଛନ୍ତ ଆତ୍ମହରା ।

(ଅଧ୍ୟାପକ) ସ୍ନାତକୋତ୍ତର ଓଡ଼ିଆ ବିଭାଗ
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼
୯୩୪୮୬୦୯୧୧୩

ISSN NO.
2582-208X

# ପ୍ରଶ୍ନରରେ ଆଉ ଯିବିନି ଭାଇ



ଶିଶିର ପଣ୍ଡା

ଜିନ୍ଦାବାଦ କହି ଧାଇଁଲି, ମିଳଲା
ପାଆଁଶ ଟଙ୍କିଆ ନୋଅଟ
ଆଉ ନେତାଙ୍କର ଦେଖା ମିଳୁନାହିଁ
ସରିଗଲା ପରେ ଭୋଅଟ ।

ସେଦିନ ଦେଖିଲି ଦୁଇଦଳ ନେତା
ମଦ ପିଉଛନ୍ତି ବସିକ
ଆମେ ପଡ଼ିଗଲୁ ଚହ୍ଲା ଏଠି ଭାଇ
ସିଏ ରହିଗଲେ ଖସିକ ।

ବିଜୁ ପକ୍କାଘର ମିଳବ ବୋଲିକ
ବୁଝେଇ କହିଲେ ଆମକୁ
ସେଥିପାଇଁ ତାଙ୍କ ଇସାରରେ ଆମେ
କରିଲୁ ନ କଲା କାମକୁ ।

ISSN NO.
2582-208X

ଗୋଟିଏ ଗାଆଁରେ ଚଳୁଥିଲୁ ଆଗେ
ନଥିଲ୍ ଛନ୍ଦ କ କପଟ
ଭୋଟ ଆସିଲ୍ ସବୁ ବିଗାଡ଼ିଲ୍
ଯେ କଲ୍ ଯାହାକୁ ସପଟ ।
ହାତାହାତି ହେଲୁ ମୁଣ୍ଡ ଫଟେଇଲୁ
ପୁଲିସି ରଖିଲ୍ ବାନ୍ଧିକି
ନେତାଙ୍କର ଆଉ ଦେଖା ମିଳଲ୍‌ନ
ଖୋଉଥିଲେ ଯିଏ ରାନ୍ଧିକି ।

ସବୁ ବୁଝିଗଲୁ କାଢ଼ପଣ ତାଙ୍କ
ଏଇ ରାଜନୀତି ଖେଳରେ
ଯିବିନ ଯିବିନ ପ୍ରଗ୍ଭରରେ ଆଉ
କେବେ ନିର୍ବାଚନ ବେଳରେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ମନ ଜପ ନନ୍ଦସୁତ ରାଧାକାନ୍ତ


ଜୟନ୍ତୀ ଦେବୀ

ମନ ଜପ ନନ୍ଦ ସୁତ ରାଧାକାନ୍ତ ଶ୍ରୀଧର ଶ୍ୟାମ ସୁନ୍ଦର ।
ନକରିଣ ଡେରି ଭଜ ନରହରି ତରିବ ଭବ ସାଗର ।୧।

ଜଗମୋହନ ଶ୍ରୀକୃଷ୍ଣ ନାରାୟଣ ନୀଳ କନ୍ଦର ସୁନ୍ଦର ।
ପତିତତାରଣ ସେ ମନ ମୋହନ କେଶବ କରୁଣା କର ।୨।

ନନ୍ଦରଙ୍କ ନଧି କରୁଣାବାରିଧି ରାଧାମୋହନ ଶ୍ରୀଧର ।
ଦଇତ ନାଶନ ଦେବ ଭଗବାନ ଶ୍ରୀକୃଷ୍ଣ ।୩।

ସୁରପତି ଶ୍ରୀପତି ଶ୍ରୀମତୀପତି ଯଦୁପତି ଦାମୋଦର ।
ତରଣୀ ଭବ ସିନ୍ଧୁର ବିଶ୍ୱମ୍ଭର ଶ୍ରୀହରି ନଟନାଗର ।୪।

ରାଧାରସିଆ ସେ କଜ୍ଜ୍ୱଳ କାଳଆମୋହନ ମୂରଲୀଧର ।
ଧାତ୍ରୀ ପଣ କରି ପୁତନାତରିଲ୍ ହରିଭବ ଭୟ ହର ।୫।

କାଞ୍ଚନ କାଞ୍ଚନ ସେ କଳା କାଞ୍ଚନ ନୀଳମଣି ବଂଶୀଧର ।
ତରୁ ଯାମଳା ଭଞ୍ଜନ ନନ୍ଦନାନ ଜନାର୍ଦ୍ଦନ ସୁରେଶ୍ୱର ।୬।

ISSN NO.
2582-208X

ଶ୍ରୀୟାକର ହରି ମାଧବ ମୁରାରୀ କଟୀତଟେ ପୀତାମ୍ବର ।
ଧବଳ ମୂରତ ଦେବ ବଳରାମ ଅଗ୍ରଜ ଅଟେ ଯାହାର ।୭।

ରବି ଉତ ଦର୍ପ ଦଳା ନନ୍ଦବଳା ନରହରି ରାଧାବର ।
ଶ୍ୟାମଘନରୂପ କୋଟୀ ବିଶ୍ୱ ରୂପ ସମାନ କେ ହେବ ତାର ?୮।

ମଦନ ମୋହନ କୃଷ୍ଣ ଘନଶ୍ୟାମ ନୀଳ ମାଧବ ସୁମର ।
ସୁନ୍ଦର ତାହାର ରୀତି ଠାଣି ଚଉବର୍ଗ ଦାନବୀର ।୯।

ଦମନ କରଇ ଶଅନ ଦରପ ସୁମରିଲେ ଚକ୍ରଧର ।
ରତ୍ନ ସିଂହାଅନ ଆସୀନ ମୋହନ ହରି ଶଙ୍ଖ ଚକ୍ରଧର ।୧୦।

ମାର୍ଫତ୍ – ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ବୋଉ



ସଂଯୁକ୍ତା ସାହୁ

ବୋଉଲୋ,
ତୁ କୋଉଥିରେ ଗଢ଼ା ବୁଝିହୁଏନ
ତୁ କେମିତି ସବୁ କଥାକୁ ସଜାଡୁ
ତୁ ଏତେ ଶକ୍ତ କେଉଁଠୁ ପାଇଛୁ
ତୁ ଭାଙ୍ଗି ପଡିଥିବା ମନକୁ ଯୋଡୁ
ତୁ ସନ୍ତାନର ପେଟକୁ ଚହ୍ନି ପାରୁ
ତୁ ସମ୍ପର୍କର ସେତୁକୁ ବାନ୍ଧିପାରୁ
ତୁ କେତେବେଳେ କଠିନ କଥା କହୁ
ତୁ ପୁଣି କଅଁଳ କଥାରେ କ୍ଷମିଆଁ କରୁ
ତୁ କେମିତି ସହିପାରୁ ନିନ୍ଦା ଅପମାନ
ତୁ ଲୁଚେଇପାରୁ ଲୁହ ଆଉ କୋହ
ତୁ ଦାୟିତ୍ୱ ଲିଭେଇପାରୁ ସାର୍ ସଂସାର
ତୁ ହୋଇଉଠୁ ବଳିଦାନରେ ବଳୀୟାନ
ତୁ ସ୍ନେହର ପଣତ ଖୋଲିଦେଉ
ତୁ ହୃଦୟ ଖୋଲି ଆଶୀର୍ବାଦ ଢାଳିଦେଉ
ତୁ ନିଜ ଜୀବନକୁ ଜଳାଞ୍ଜଳି ଦେଉ
ତୁ ତ୍ୟାଗର ମମତାଭର୍ ଗନ୍ତାଘର
ତୁ ସମସ୍ତଙ୍କ ମନକୁ କେମିତି ବୁଝିପାରୁ
ତୁ ଅହରହ ଶୁଭମନାସୁ ସନ୍ତାନ ପାଇଁ
ତୁ କେତେ ତପ ଜପ କରୁଥାଉ

ISSN NO.
2582-208X

ତୁ ଏମିତି କେମିତି ଗଢିହେଲୁ ଏ ସୃଷ୍ଟିରେ
ତୁ ବେଦ, ରାମାୟଣ,ଭାଗବତ,ଗୀତା
ତୁ ତ ସୃଷ୍ଟିର ଆଦ୍ୟ ସର୍ବମୟୀ କର୍ତ୍ତ୍ରୀ
ତୁ ଅସରନ୍ତି ଜ୍ଞାନ ବିଜ୍ଞାନର ଭଣ୍ଡାର
ତୁ ବି ସଂସ୍କାର, ସଂସ୍କୃତିର ପରିଭାଷା
ତୁ କଣ କେବେ ମାପିହେଇପାରିବୁ
ତୁ  ଆମ ପାଇଁ ଚର ନମସ୍ୟା
ତୁ ସମସ୍ତଙ୍କ ଠାରୁ ବହୁତ ଉଚ୍ଚରେ
ତୁ ଅସରନ୍ତି ଧୈର୍ଯ୍ୟର ମାପକାଠି
ତୁ ସର୍ବଦା ଆମ ପାଇଁ ଦେବୀଟିଏ
ତୁ ମନ୍ଦିର, ମସଜିଦ,ଗୀର୍ଜା,ଚର୍ଚ୍ଚ
ତୁ କୋରାନ୍, ବାଇବେଲ, ଗ୍ରନ୍ଥ ସାହେବ
ତୁ ଅସୀମ ସାଗର, ଆକାଶ, ଧରିତ୍ରୀ

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ରାହାମା, ଜଗତସିଂହପୁର

ISSN NO.
2582-208X

# ସହିଦ ଭଗତ ସିଂହ



ବୀରକିଶୋର ନାୟକ

ଦେଶର ସ୍ୱରାଜ ପାଇଁ ଲଢ଼ିଥିଲେ
ସତେ କି ଅଗ୍ନି ଶିଖା,
ଯୁବକ ପ୍ରାଣରେ ନେଇଥିଲେ ସିଏ
ଦେଶ ପ୍ରୀତିର ଦୀକ୍ଷା ।
ତାରୁଣ୍ୟ ତାଙ୍କର ଚେଇଁ ଉଠିଥିଲା
ଦୁର୍ବାର ଥିଲା ଗତି,
ଅହିଂସାରେ ତାଙ୍କ ବିଶ୍ୱାସ ନଥିଲା
ପ୍ରତିହିଂସାର ମତି ।
ସ୍ୱାଧୀନତା କେବେ ଭିକ୍ଷାରେ ମିଳେନା
ଥିଲା ଯେ ତାଙ୍କ ମତ,
ପ୍ରତି ମଣିଷର ଅଧିକାର ତାହା
ବାସ୍ତବ ଜନ୍ମଗତ ।
ପଞ୍ଜାବ ମାଟିରେ ହୋଇଥିଲେ ଜନ୍ମ
ବାଲ୍ୟ ସ୍ୱାଧୀନଚେତା,
ଇଂରେଜ ମାନଙ୍କ ଅନ୍ୟାୟ ଶାସନେ
ଜାଗିଲା ପ୍ରତିହିଂସା ।
ଉଣେଇଶି ଶହ ସାତ ମସିହା ଯେ
ତାଙ୍କ ଜନ୍ମର ବର୍ଷ,
ସେପ୍ଟେମ୍ବର ମାସ ସତାଇଶି ଦିନ
ହୋଇଥିଲେ ଭୂମିଷ୍ଠ ।

ISSN NO.
2582-208X

ମାତା ବିଦ୍ୟାବନ୍ତୀ ପିତାଙ୍କର ନାମ
କିସାନ ସିଂହ ସାଧୁ,
ସାତ ସନ୍ତାନରେ ଦ୍ୱିତୀୟ ଥିଲେ ସେ
ଭଗତ ସିଂହ ସାଧୁ ।
ହତ୍ୟା ଅପରାଧ କରିଥିଲେ ସିଏ
ଦେଶ ସ୍ୱାଧୀନତା ପାଇଁ,
ଦେଶର ଶତ୍ରୁକୁ ହତ୍ୟା କଲେ ତାହା
ଅପରାଧ ହୁଏ ନାହିଁ ।
ଇଂରେଜ ଶାସକ ଫାଶୀଦଣ୍ଡ ଦେଲେ
ଦେଖିଲେ ନେତୃଗଣ,
ପ୍ରତିବାଦ କାହା ତୁଣ୍ଡରେ ନଥିଲା
ଥିଲା ଭିକ୍ଷୁକ ମନ ।
ସମାଜବାଦର ସ୍ୱପ୍ନ ଦେଖିଥିଲେ
ସପନ ଭାଙ୍ଗିଗଲା,
ସହିଦ ହେଲେସେ ଦେଶ ମାତୃକାର
ଦୀପ ଟେ ଲିଭିଥିଲା ।
ଊଣେଇଶି ଶହ ଏକତିରିଶି ର
ମାର୍ଚ୍ଚ ମାସ ତେଇଶି,
ଭଗତ ସିଂହ ଯେ ଲାହୋର ଜେଲ ରେ
ବରିଲେ ହସି ଫାଶୀ ।
ଭାରତେ ପାଳିତ ସହିଦ ଦିବସ
ତାଙ୍କର ମୃତ୍ୟୁ ଦିନ,
ପ୍ରତି ଭାରତୀୟ ସ୍ମୃତି ରୋମନ୍ଥନ
କରି ଢାଳେ ସମ୍ମାନ ।

ଖଣ୍ଡବନ୍ଧ, ଢେଙ୍କାନାଳ

ISSN NO.
2582-208X

# ଓଡିଶା ର ସ୍ୱାଧୀନତା ସଂଗ୍ରାମ @ ବକ୍ସି ଜଗବନ୍ଧୁ



ସୁଷମା ପରିଜା

ମହାନ ସଂସ୍କୃତିର ଦେଶ ଏ ଭାରତ ବର୍ଷ, ଉତ୍ତର ରେ ହିମାଳୟ ପର୍ବତ ରୁ ନେଇ ଦକ୍ଷିଣ ରେ ଦକ୍ଷିଣ ସାଗର ଯାଏଁ, ପୂର୍ବରେ ବଙ୍ଗୋପସାଗର ରୁ ପଶ୍ଚିମ ରେ ଆରବ ସାଗର ଯାଏଁ ବିସ୍ତୃତ ଏ ରତ୍ନଗର୍ଭା ଭୂଖଣ୍ଡ। ଏହାର ଅଧିକାରୀ ହେବାର ଦୁର୍ବାର ଆକର୍ଷଣ ରେ ଟାଣି ହୋଇ ଆସିଥିଲେ ଅନେକ ଲୁଣ୍ଠନକାରୀ ଏସିଆ ମହାଦେଶର ପାର୍ସୀ, କୁଶାଣ, ହୁଣ୍, ଆରବୀ, ତୁର୍କୀ ଆଉ ମୋଗଲମାନେ। ସେମିତି ଆସିଥିଲେ ଇଉରୋପ ମହାଦେଶ ରୁ ପର୍ତ୍ତୁଗୀଜ୍, ଫରାସୀ ଏବଂ ଇଂରେଜ ମାନେ। ସେମାନେ ସମସ୍ତେ ଚାହିଁଥିଲେ ଭାରତ ର ସଭ୍ୟତା, ସଂସ୍କୃତି ଏବଂ ବ ବୈଭବ ଉପରେ ଆଧିପତ୍ୟ ।କଳେ ବେଳ କୌଶଳେ ଲୁଣ୍ଠନ କରି ନେବା ପାଇଁ ଚାହିଁଥିଲେ ଭାରତ ର ସ୍ୱାଧୀନତା। ମାତୃଭୂମି ର ସୁରକ୍ଷା କରିବାକୁ ହଜାର ହଜାର ବର୍ଷ ଧରି ସେମାନଙ୍କ ସହିତ ଯୁଦ୍ଧ କରି କରି ଦୁର୍ବଳ ହୋଇଯାଇଥିଲା ଭାରତୀୟ ଶାସକ ମାନଙ୍କ ମନୋବଳ। ଆର୍ଥିକ ଦୁର୍ବଳତା ସହିତ ମତଭେଦ ଉପୁଜିଥିଲା ତତ୍କାଳୀନ ରାଜା ମାନଙ୍କ ମଧ୍ୟରେ । ସେଇ ଦୁର୍ବଳ ମୁହୂର୍ତ୍ତ ରେ ଅଖଣ୍ଡ ଭାରତ ର କିଛି ଭାଗ ଆବୋରି ବସିଲେ ମୋଗଲ ଶାସନ ଆଉ କିଛି ସେମାନଙ୍କ ଠାରୁ ହାତେଇ ନେଇ ଥିଲେ ବ୍ରିଟିଶ ଶାସନ। ଇଂରେଜ ସରକାର ଇଷ୍ଟ ଇଣ୍ଡିଆ କମ୍ପାନୀ ଗଢି ଭାରତର ମାଡ୍ରାଜ୍, ବମ୍ବେ ଆଉ କାଲିକଟ୍, ରେ ବ୍ୟବସାୟ କରୁ କରୁ ଘୃଣ୍ୟ ରାଜନୀତି କରି ରାଜ୍ୟ ପରେ ରାଜ୍ୟ ଅଧିକାର କରିନେଲେ। ବଙ୍ଗ ଦେଶର ତିନୋଟି ଗ୍ରାମ କାଳୀଘାଟ, ସୂତାନଟୀ, ଗୋବିନ୍ଦପୁର କୁ ଏକତ୍ରିତ କରି କଲିକତା ନାମ ଦେଇ ସେଠାରେ ଗୋଦାମଘର କରିବା ସହିତ ଗଠନ କଲେ ଫୋର୍ଟ ଉଇଲିୟମ୍ ଦୁର୍ଗ । ବଙ୍ଗର ନବାବଙ୍କ ସିରାଜଉଦ୍ଦୌଲା ଙ୍କୁ ପଲାସୀ ଯୁଦ୍ଧ ରେ ପରାସ୍ତ କଲେ ଗୃହଶତ୍ରୁ ମିର୍ ଜାଫର୍ ର ଚକ୍ରାନ୍ତ ରେ। ସେ ସମୟରେ କିଛି ସୁବିଧାବାଦୀ ଶାସକ ମାନେ ଚାହିଁଲେ ଇଂରେଜ ମାନଙ୍କ ସହାୟତା କରି

ISSN NO.
2582-208X

ନିଜ ନିଜର ରାଜ୍ୟକୁ ସୁରକ୍ଷିତ କରି ରଖିବା ପାଇଁ, ତଦ୍ଵାରା ଇଂରେଜମାନେ ଅଧିକ ରୁ ଅଧିକ ରାଜ୍ୟ କୁ ସେମାନଙ୍କ ଅଧୀନକୁ ଆଣି ପାରିଲେ ।

ତତ୍କାଳୀନ ଓଡିଶା ଥିଲା ମରହଟ୍ଟା ଶାସକ ଶ୍ରୀ ରଘୁଜୀ ଭୋନସଲା ଇଂରେଜ ସରକାରଙ୍କ ସହିତ "ଦେଓଗାଁ ସନ୍ଧି" କରି ଓଡିଶା କୁ ଇଂରେଜ ମାନଙ୍କ ହାତକୁ ଟେକି ଦେଲେ । ଓଡିଶା ର ସାମନ୍ତ ରାଜା ଏବଂ ଗଡାଧୀଶ ମାନଙ୍କର ଆଦୌ ସମ୍ମତି ନଥିଲା ସେଥିରେ। ତେଣୁ ବିଦ୍ରୋହ ର ବିଗୁଲ୍ ବାଜି ଉଠିଲା ଓଡିଶା ର ଗଡଜାତ ଏବଂ କର୍ତ୍ତବ୍ୟ ରାଜ୍ୟ ମାନଙ୍କ ରେ। ସେତେବେଳକୁ ଖୋରଧାର ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦଦେବ, ପ୍ରଧାନ ସେନାପତି ଜୟକୃଷ୍ଣ ରାଜଗୁରୁ ମହାପାତ୍ର, ରୋଡଙ୍ଗ ଗଡର ଗଡାଧୀଶ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଥାଆନ୍ତି ଖୋରଧା ର ସେନାପତି। ସେଇ ଦୁଇ ସେନାପତିଙ୍କ ନେତୃତ୍ୱରେ ଖୋରଧାର ପାଇକ ବାହିନୀ ବାଳକାଟି ଠାରେ ଅଚାନକ ଆକ୍ରମଣ କଲେ ଇଂରେଜ ବାହିନୀ କୁ, ଗୋଳା ବାରୁଦ, ଅସ୍ତ୍ରଶସ୍ତ୍ର ଲୁଟିନେଲେ । ଅତର୍କିତ ଆକ୍ରମଣ ରେ ଘାଇଲା ହୋଇ କର୍ଣ୍ଣେଲ୍ ହାରକୋଟ୍ ଙ୍କ ଇଂରେଜ ବାହିନୀ ପଛକୁ ଫେରିଲେ ସିନା, କର୍ଣ୍ଣେଲ୍ ଫ୍ଲେଚର୍ ଙ୍କ ନେତୃତ୍ୱରେ ପୁଣି ଆକ୍ରମଣ କଲେ ଖୋରଧା ରାଜ୍ୟକୁ । ମାଲୁଦ ର ଜମିଦାର ଫତେ ମହମ୍ମଦ ବିଶ୍ୱାସଘାତକତା କରି ଚିଲିକା ଦେଇ ଇଂରେଜ ମାନଙ୍କୁ କଟକ ପର୍ଯ୍ୟନ୍ତ ପହଞ୍ଚିବାରେ ସାହାଯ୍ୟ କଲେ। ବାରବାଟୀ ଦୁର୍ଗ ରେ ଇଂରେଜମାନଙ୍କର ମୂଳଦୁଆ ସୁଦୃଢ଼ ହେଲା। ମିଃ ଫ୍ଲେଚର୍ ହେଲେ ଓଡିଶା ର ଶାସନ ମୁଖ୍ୟ । ତାଙ୍କ ହାତରେ ଶାସନ ଭାର ରହିବା ଦିନୁଁ ଓଡିଆ ମାନଙ୍କର ଦୁଃଖ ଦୁର୍ଦ୍ଦଶା ବଢିଗଲା। ଓଡିଆ ଜମିଦାର, ଜାଗିରଦାରୀ ଉପରେ ଅଧିକ ରୁ ଅଧିକ ଖଜଣା କରାଗଲା। ଅନାଦାୟେ ସେସବୁ ନିଲାମ କରି ବଙ୍ଗୀୟ ଜମିଦାର ମାନଙ୍କୁ ଦେଇ ଦିଆଗଲା। ଫଳରେ ଇଂରେଜମାନେ ପ୍ରତି ବଙ୍ଗୀୟ ମାନଙ୍କ ଅନୁରକ୍ତି ସୁଦୃଢ ହେଲା । ସେଇ ସୁବିଧା ର ଉପଯୋଗ କରି ଇଂରେଜମାନେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଙ୍କର ରୋଡଙ୍ଗଗଡ ଜମିଦାରୀ କୁ ନିଲାମ କରିଦେଲେ । ବକ୍ସି ଜମିଦାରୀ ହରାଇ ଆର୍ଥିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ ହୋଇ ପଡିଲେ।

ଏପଟେ ଖୋରଧାଗଡ ର ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ଦୁର୍ବଳ ଶାସନ ଯୋଗୁଁ ତାଙ୍କ ରାଜଧାନୀ ଖୋରଧା ଗଡ କୁ ସହଜରେ ଅଠରଶହ ଚାରି ମସିହାରେ ଦଖଲ କରିନେଲେ ଇଂରେଜମାନେ । ଖୋରଧା ଛାଡି ଲୁଚି ପଳାଇଲେ ଗଜପତି ତାଙ୍କ ଦଳବଳ

ISSN NO.
2582-208X

ସହିତ ବରୁଣାଇ ଦୁର୍ଗ ରେ ଆଶ୍ରୟ ନେଲେ । ଖୋରଧାର ଅଗଣିତ ଲଢୁଆ ପାଇକ ମାନେ ପ୍ରଧାନ ସେନାପରି ଜୟକୃଷ୍ଣ ରାଜଗୁରୁ ମହାପାତ୍ର, ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦଳେଇ, ଦଳବେହେରା ମାନଙ୍କୁ ଧରି ଗରିଲା ଯୁଦ୍ଧ ଜାରି ରଖିଲେ ଇଂରେଜ ସରକାର ବିପକ୍ଷରେ। ଅଠରଶହ ଚାରି ମସିହାରେ ଇଂରେଜ ସରକାର ଚକ୍ରାନ୍ତ କରି ଗଜପତି ମହାରାଜା ମୁକୁନ୍ଦଦେବ ଦ୍ଵିତୀୟ ଙ୍କୁ ଦେଶଦ୍ରୋହ ଅପରାଧ ରେ ଗିରଫ କରି କଟକ ବାରବାଟୀ ଦୁର୍ଗ ରେ ବନ୍ଦୀ କରି ରଖିଲେ। ପ୍ରଧାନ ସେନାପତି ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଙ୍କୁ ବନ୍ଦୀ କରି ମେଦିନାପୁର ର ବାଗୀତୋଟା ରେ ଫାଶୀ ରେ ଝୁଲାଇ ଦିଆଗଲା। ଅଠରଶହ ଚଉଦ ମସିହା ରେ ଚକ୍ରାନ୍ତ କରି ବକ୍ସି ଜଗବନ୍ଧୁ ବିଦ୍ୟାଧର ଙ୍କ ହାତରୁ ରୋଡଙ୍ଗ ଗଡ ର ଅଧିକାର ସତ୍ତ୍ୱ ଛଡାଇ ନେଇ ତାଙ୍କୁ କେବଳ ନାମକୁ ମାତ୍ର ପାଉଣା ଦେଇ ଆର୍ଥିକ ସ୍ତରରେ ଦୁର୍ବଳ କରି ଦିଆଯାଇଥିଲା । ଏହି ଭଳି ନାନା ପ୍ରକାର କୂଟ ଚକ୍ରାନ୍ତ କରି ସାମନ୍ତ ରାଜାଙ୍କ ପାଖରୁ ରାଜ୍ୟ ଶାସନର ଅଧିକାର, ଗଡାଧୀଶ ମାନଙ୍କ ପାଖରୁ ଗଡର ଅଧିକାର, ଜମିଦାର ମାନଙ୍କ ପାଖରୁ ଜମିଦାରୀ, ପାଇକ ସର୍ଦ୍ଦାର ମାନଙ୍କ ଜାଗିରି ଛଡେଇନେଲେ ବ୍ରିଟିଶ୍ ସରକାର, ତଥାପି ଭୟଭୀତ ନହୋଇ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଗଡଜାତ ର ପାଇକମାନଙ୍କୁ ଭେଳିକି କରି ତାଙ୍କର ସଂଗ୍ରାମ ଜାରି ରଖିଲେ। ତାଙ୍କୁ ନିଜର ସୈନ୍ୟ ସାମନ୍ତ ଦେଇ ସର୍ବୋତଭାବେ ସାହାଯ୍ୟ ସହଯୋଗ କରିଥିଲେ ନୟାଗଡ ଏବଂ ଘୁମୁସର ର ରାଜା । ଏହି ସଂଗ୍ରାମ "ପାଇକ ବିଦ୍ରୋହ" ନାମରେ ପ୍ରସିଦ୍ଧ ହୋଇ ବିଦ୍ରୋହର ଅଗ୍ନି ଜାଳି ଦେଇଥିଲା ସାରା ଓଡିଶାର କୋଣ ଅନୁକୋଣରେ । ଇତିହାସ ଏହାକୁ ସ୍ୱାଧୀନତା ର ପ୍ରଥମ ସଂଗ୍ରାମ ଭାବରେ ସ୍ୱୀକୃତି ନଦେଲେ ମଧ୍ୟ ଏହା ଅଠରଶହ ସତର ମସିହାରୁ ଅଠରଶହ ପଚିଶି ମସିହା ପର୍ଯ୍ୟନ୍ତ ଆଠ ବର୍ଷ ଧରି ଜାରି ରହିଥିଲା ପାଇକ ମାନଙ୍କର ଏହି ସଶସ୍ତ୍ର ଆନ୍ଦୋଳନ। ଓଡିଶା ର ଅନେକ କରଦ ରାଜ୍ୟ ଯେମିତି କି କୁଜଙ୍ଗ, ନୟାଗଡ, ଘୁମୁସୁର, ଏବଂ ଗୋଲରା, କରିପୁର, ମିରଚିପୁର, ରୁପସା, ପଚ୍ଚାମୁଣ୍ଡାଇ ଇତ୍ୟାଦି ର ଜମିଦାର ମାନେ ମଧ୍ୟ ସେମାନଙ୍କ ସୈନ୍ୟବାହିନୀ ଧରି ଯୋଗ ଦେଇଥିଲେ ବକ୍ସିଙ୍କ ନେତୃତ୍ୱରେ ଚାଲିଥିବା ପାଇକ ବିଦ୍ରୋହ ରେ। ସେମାନଙ୍କ ମିଳିତ ଆକ୍ରମଣ ଘାଇଲା କରି ଦେଇଥିଲା ଇଂରେଜ ସରକାର କୁ। ସେମାନେ ବାଧ୍ୟ ହୋଇଥିଲେ ଆହୁରି ସୈନ୍ୟବଳ, ଅର୍ଥ ବଳ ଏକତ୍ର କରି ପାଇକବାହିନୀ ବିରୁଦ୍ଧରେ ଲଢେଇ କରିବା ପାଇଁ । କଳେ, ବଳେ କୌଶଳେ ସେମାନଙ୍କ ମନୋବଳ ଭାଙ୍ଗିଦେବା ପାଇଁ । ଶେଷରେ ଅଠରଶହ ପଚିଶି ମସିହା ରେ କୌଶଳ କରି

ISSN NO.
2582-208X

ବ୍ରିଟିଶ୍ ସରକାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଙ୍କୁ ପ୍ରସ୍ତାବ ଦେଲେ ଯେ ଯଦି ସେ ନିଜ ତରଫରୁ ଆତ୍ମ ସମର୍ପଣ କରିବେ ବ୍ରିଟିଶ୍ ସରକାରଙ୍କ ନିକଟରେ ତେବେ ତାଙ୍କୁ ତାଙ୍କର ରୋଡଙ୍ଗଗଡ ଜମିଦାରୀ ଫେରାଇ ଦେବା ସହିତ ତାଙ୍କର ସମସ୍ତ ଦୋଷ କ୍ଷମା କରିଦିଆଯିବ। ବର୍ଷ ବର୍ଷ ଧରି ନିଜର ଅଭାବନୀୟ ପରିସ୍ଥିତି ଗରିଲା ଯୁଦ୍ଧ ରେ ତାଙ୍କ ସହିତ ଲଢ଼ିଥିବା ପାଇକମାନଙ୍କ ଦୁଃଖ ଦୁର୍ଦ୍ଦଶା ରେ ମ୍ରିୟମାଣ ହୋଇ ପଡିଥିବା ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ନିରୁପାୟ ହୋଇ ଶେଷରେ ନିଜର ଅବଶିଷ୍ଟ ଆଠଜଣ ମେଳିଆ ସର୍ଦ୍ଦାର ଙ୍କୁ ଧରି କଟକ ଆସି ବାରବାଟୀ ଦୁର୍ଗ ରେ ଆତ୍ମ ସମର୍ପଣ କରିଥିଲେ ମେଜର୍ ଫ୍ଲେଚର୍ ଙ୍କ ପାଖରେ। ସର୍ତ୍ତ ମୁତାବକ ତାଙ୍କୁ ଫେରାଇ ଦିଆଯାଇଥିଲା ତାଙ୍କର ଜମିଦାରୀ ଏବଂ ଦିଆଯାଇଥିଲା ମାସିକ ଶହେଟଙ୍କା ଭତ୍ତା । ଶାରିରୀକ ଏବଂ ମାନସିକ ସ୍ତରରେ ଦୁର୍ବଳ ହୋଇ ପଡିଥିବା ବକ୍ସି ଜଗବନ୍ଧୁ ଆଉ ରୋଡଙ୍ଗ ଗଡକୁ ଫେରି ନଥିଲେ । ସେ କଟକରେ ରହି ଗଲେ ପରିବାର ସହିତ ତାଙ୍କର ବଳକା ଆୟୁଷ ସରିବା ପର୍ଯ୍ୟନ୍ତ। ଅଠରଶହ ଅଣତିରିଶ ମସିହା ଜାନୁଆରୀ ଚବିଶି ତାରିଖ ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ କଟକରେ। ସେ ରହୁଥିବା ସ୍ଥାନରେ ତାଙ୍କରି ନାମ ଅନୁସାରେ ଗଢି ଉଠିଲା ବକ୍ସି ବଜାର ।

ସାରା ଜୀବନ ସଂଗ୍ରାମ କରି କରି ଶେଷରେ ଦେଶ ପାଇଁ ବଳି ପଡିଲେ ବକ୍ସି ଜଗବନ୍ଧୁ । ଇଂରେଜ ଶାସନ ବିରୁଦ୍ଧରେ ସେଇ ଲଢୁଆ ସେନାପତି ପାଇକ ମାନଙ୍କୁ ଧରି ଖୋରଧାରେ ଯେଉଁ ମେଳି ଆରମ୍ଭ କରିଥିଲେ ସେଇ ବିଦ୍ରୋହ ର ନିଆଁ ଝୁଲ ଦିନେ ପ୍ରଚଣ୍ଡ ଦାବାନଳ ହୋଇ ସାରା ଦେଶ ରେ ବ୍ୟାପି ଯାଇଥିଲା ଏବଂ ଇଂରେଜ ସରକାର ବାଧ୍ୟ ହୋଇଥିଲେ ଭାରତ ଛାଡି ପଳାୟନ କରିବା ପାଇଁ । ଓଡିଶା ମାଟିର ଗୌରବ ଆମର ପାଇକମାନେ । ଆଜି ନହେଲେ କାଲି, ସାରା ଦେଶ କୁ ଆମ ଓଡିଶାର "ପାଇକ ବିଦ୍ରୋହ" କୁ ଭାରତ ର ପ୍ରଥମ ସଂଗ୍ରାମ ଭାବରେ ସ୍ୱୀକୃତି ଦେଇ ଉପଯୁକ୍ତ ସମ୍ମାନ ଦେବାକୁ ପଡିବ ନିଶ୍ଚୟ ।

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

ISSN NO.
2582-208X

# ନମନ



ଡଃ ଅଭିମନ୍ୟୁ କାନୁନଗୋ

ନମନ କର ଶ୍ରୀହରି ରଙ୍ଗାପଦେ ହରଣ ହେବ ଆପଦ ।
ଅଲୌକିକ ଫଳ ପ୍ରଦାନେ ନମନ ବନ୍ଦ ସଦା ବିଭୂପଦ ।୧।

ପାଣ୍ଡବ ପାଞ୍ଚାଳୀ ପ୍ରଣମିତ ହୋଇ ଭିଷ୍ମଙ୍କ ପଦ ପଙ୍କଜ ।
ଅଖଣ୍ଡ ସୌଭାଗ୍ୟବତୀ ବରଦାନ ପ୍ରଦାନ କରିଲେ ଆର୍ଯ୍ୟ ।୨।

ପତିବ୍ରତା ସତୀ ସାବିତ୍ରୀ ପ୍ରଣମି ଯମରାଜାଙ୍କ ପୟର ।
ସତ୍ୟବାନ ପ୍ରାଣ ଫେରି ପାଇଥିଲେ ନମନ ହିଁ ଶ୍ରେୟଷ୍କର ।୩।

ପ୍ରଣାମ ହିଂ ପ୍ରେମଶାଳୀନତା ଭାବ ଆବର ଅନୁଶାସନ ।
ପ୍ରଣାମ ସଂସ୍କାର ଶ୍ରଦ୍ଧା ସୁବିଗ୍ଯର ଆଦର ଶିଖାଏ ପୁଣ ।୪।

କ୍ରୋଧୀ ଜନ ବଶ ହୁଅଇ ପ୍ରଣାମେ କ୍ରୋଧ ହୁଏ ପ୍ରଶମନ ।
ନମସାର ପ୍ରିୟ ଅଟନ୍ତୁ ମାର୍ତ୍ତଣ୍ଡ ଆବରଶ୍ରୀ ଭଗବାନ ।୫।

ନମ ଗୁରୁଜନ ଶ୍ରୀପଦେ ଆନନ୍ଦେ ଆପଦ ହୋଇବ ଦୂର ।
ନମ୍ରତାର ଭାବ ଶିଖାଏ ପ୍ରଣାମ ଆଶିଷ ପ୍ରଦାନ କର ।୬।

ISSN NO.
2582-208X

ଗର୍ବ ଅହଙ୍କାର ହୋଇଯାଏ ଦୂର ପାବନ ହୁଏ ଶରୀର ।
ପ୍ରଣାମ ଏକ ଅମୋଘ ଅସ୍ତ୍ର ଜିଣିବାକୁ ହୃଦୟକୁ ଅନ୍ୟର ।୭ ।

ପ୍ରାର୍ଥନା ପ୍ରଣାମ ମଧ୍ୟେ ଭେଦଭାବ ନଥାଇଟି ତିଳେଜାଣ ।
ଉଚ୍ଚ ସ୍ୱରେ ପ୍ରାର୍ଥନା ଡାକଆଣେ ସକରାତ୍ମକ ଭାବନା ।୮ ।

ସାନମାନେ ଗୁରୁଜନଙ୍କର ନତି କର ହେ ପଦବନ୍ଦନ ।
ନମନ ପ୍ରଣାମ ଚରଣ ବନ୍ଦନ କରେ ସଂସ୍କାର ପ୍ରଦାନ ।୯ ।

ପ୍ରଣାମ ଶିଖିନାହିଁ ଯେ ବଶ ଜନ ତା ଜୀବନ ଅକାରଣ ।
ଆଶିର୍ବାଦ କେବେ ତାହାର ଶିରରେ ପତିତ ନୁହେଁ ପ୍ରମାଣ ।୧୦ ।

ପ୍ରଣାମ ମୁଦ୍ରାରେ ଶିଶୁ ରହିଥାଏ ଦେଖ ମାତାର ଉଦର ।
ତେଣୁ ପ୍ରଣାମ କୁ ଭୁଲିଯାଅ ନାହିଁ କେବେ ଆହେ ସୁଧିନର ।୧୧ ।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ପାଦଚିହ୍ନ



ଆଦ୍ୟରଶ୍ମି କର

ହଠାତ୍ ଚାଲୁଚାଲୁ ଚାଲିଗଲି ମୁଁ କେତେ ରାସ୍ତା
ଜାଣି ପାରିଲିନ, ମୁଁ କେଉଁଠି ପହଞ୍ଚିଛି
ମୁଁ ଶେଷ ରାସ୍ତାରେ, ନାଁ ମୁଁ ମଝି ରାସ୍ତାରେ,
ହେଲେ, ଏ ରାସ୍ତାର ଦିଗ କୁଆଡେ !!!
ଯୁଆଡେ ଚାହିଁଲେ ଖାଲି ନୀରବତା ଗୋଡାଉଛି
ମନ ଖାଲି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି, ପାଦ ମୋରେ
ଠିକ୍ ରାସ୍ତାରେ ଚାଲିଛି ତ !!
ନାଁ ରାସ୍ତା ସରୁଛି, ନାଁ ପ୍ରଶ୍ନ, ନାଁ ମୁଁ କେଉଁଠି ପହଞ୍ଚି ପାରୁଛି
ପୁଣି ମନ ଭିତରେ ମନକୁ ପଚାରୁଛି,
ଏ ରାସ୍ତାର କଣ ନିର୍ଦ୍ଦିଷ୍ଟ କିଛି ଠିକଣା ଅଛି ???
ନାଁ, ମୁଁ ଏକ ନିର୍ଦ୍ଦିଷ୍ଟ ଠିକଣାହୀନ ରାସ୍ତାରେ ଅଲୋଡା ପଥିକଟିଏ !!
ନାଁ, ଏ ମୋ ରାସ୍ତାର ଶେଷ "ପାଦଚିହ୍ନ" ଟିଏ.....

ସୁନ୍ଦରପଦା, ଭୁବନେଶ୍ୱର, ଓଡିଶା

ISSN NO.
2582-208X

# ଭାବ



କୀର୍ତ୍ତି ଦେବୀ

କେଉଁ ଅର୍ଥରେ ବୁଝାଇବି ତତେ କହ "ଭାବ"

କ ଭାବେ ଲେଖିବି ତୋର ଆବେଗ ।

ତତେ ଯିଏ ଦେଇନାହିଁ ହୃଦୟେ ସ୍ଥାନ

ସେ ଅମଣିଷ ରୂପେ ପରିଚତ ।

ତୋର ଆଦାନେ – ପ୍ରଦାନେ ପଥର ବି କଥା ହୁଏ

ଭାବରେ ବିଭୋର ହେଲେ ଶୂନ୍ୟବାଣୀ ଶୁଭେ

ପ୍ରେମ ଓ ଘୃଣାକୁ ତୁ ଏକାଠି କରି ଧରିଛୁ

ଯାହାକୁ ଯେପରି ଲୋଡା ସେପରି ଦେଉଥାଉ ।

ତୁ ଥିଲେ ଭକ୍ତ ଆସେ

ଭକ୍ତ ଥିଲେ ଭାବ ହୁଏ ପ୍ରେମମୟ ।

ସିଭିଲ୍ ଟାଉନସିପ୍, ରାଉରକେଲା

ISSN NO.
2582-208X

# ଉଜୁଡା ସ୍ୱପ୍ନ



ଜୟଶ୍ରୀ ପଟ୍ଟନାୟକ

ବାରମ୍ବାର ବାତ୍ୟା ଆସି ଉପକୂଳ ଓଡିଶାରେ ପ୍ରତିବର୍ଷ ପ୍ରଚୁର କ୍ଷୟ କ୍ଷତି କରିବାର ଅନୁଭବ ସମସ୍ତଙ୍କ ପାଖରେ ରହିଛି । ସେଦିନ ପାଣିପାଗ ସୂତ୍ରରୁ ସମ୍ଭାବ୍ୟ ବାତ୍ୟା ଆସିବାର ଖବର ଶୁଣି ଖୁବ୍ ଡରି ଯାଇଥିଲା ସନା । ଡରିବନି ବା କେମିତି ? ଚାଷ ହୁଡିଲେ ପର୍ ବରଷେ । ଧାନ ଅମଳ ସମୟ । ଏଇବେଳେ ଯଦି ଲଗାଣ ବରଷା ହେବ ତେବେ ସବୁ ଧାନ ପାଣିରେ ବତୁରି ଗଜା ହୋଇଯିବ, ତେଣୁ ଧାନକେଣ୍ଡା କାଟି ବୋହି ଚାଲିଥିଲା ଘରକୁ । ଆଉ ଅଧେ ଧାନ ରହିଗଲା ବିଲ ଭିତରେ କାଟି ଆଣିପାରିଲାନି ଖଳାକୁ । ତା ଭିତରେ ହେଲା ଲଗାଣ ବରଷା । ପାଣିରେ ଭରିଗଲା ବିଲ । ପାଚଲା ଧାନ ବୁଡି ରହିଲେ ଆଣ୍ଠୁଏ ପାଣିରେ ଧାନ ଗଜା ହୋଇଯିବ । । ଭାଗଚାଷୀ ସିଏ । ନିଜର ତ ଜମି ବାଡି ନାହିଁ ପର ଜମିକୁ ଭାଗରେ ଚାଷ କରି ଧାର ଉଧାର ପଇସା ସୁଝେ, ସଂସାର ଚଳାଏ । ପୁଅ ଝିଅକୁ ପାଠ ପଢ଼ାଏ । ହେଲେ ଏ ଲଗାଣ ବର୍ଷା ଦେଖି ତା ଆଖିରୁ ଝରିଗଲା ପୋଶ ପୋଶ ଲୁହ । ପ୍ରକୃତି ଦେବୀ କଣ ପାଇଁ କୋପ କଲେ ? ବସୁନ୍ଧରାକୁ ଶାନ୍ତ କରି, ଭୋଗରାଗ କରି ତ ଅକ୍ଷି ମୁଠେ ବିଂଚିଥିଲା ଭଲ ଫସଲ ପାଇଁ ଡେରିରେ ପାଗ ଅନୁକୂଳ ଦେଇଥିବାରୁ । ଆଉ ଏବେ କଣ ଭୁଲ ରହିଲା ଯେ ବିଲରୁ ପାଣି ଜମା ଶୁଖୁନି । ଅଳ୍ପ ଧାନ ସିନା କାଟି ନେଇଥିଲା, ପ୍ରଥମାଷ୍ଟମୀ ଆଉ ମା ଲକ୍ଷ୍ମୀଙ୍କ ମାଣଧାନ ପାଇଁ ବାକିତକ ଛାଡି ଦେଇଥିଲା ବିଲରେ ପାକଳ ହେବାପାଇଁ । ସେତକ ବରଷାରେ ଭିଜିଗଲାଣି । ପମ୍ପ ଭଡା ଲଗାଇ ପାଣି କାଢ଼ିଲାବେଳକୁ ମେସିନ ଭଡା ଧାନ ଅମଳ ଖର୍ଚ୍ଚକୁ ବଳେଇଯିବ । ଏପଟେ ବହୁତ ଧାନ ପାଣିରେ ପଡି କଳା ପଡିଲାଣି । କିଛିଧାନ ବତର ଖାଇ ଗଜୁରେଇବାକୁ ଲାଗିଲାଣି । କିଛି ଧାନ ପଙ୍କ ଦେହରେ ପୋତି ହୋଇପଡିଛି । ଧାନବିଲକୁ ଯିବାପାଇଁ ରାସ୍ତା ପାଣି କାଦୁଅରେ ପଚପଚ । ଟ୍ରାକ୍ଟର ଯାଇପାରୁନି ବିଲ ଭିତରକୁ । ଏହି ଆଶଙ୍କାରେ ସେ ଏବେ ବସି ଦିନରାତ କାଟୁଛି । ସେ ତ କ୍ଷୁଦ୍ର ଭାଗଚାଷୀ ଟିଏ । ବର୍ଷ

ISSN NO.
2582-208X

ଶେଷହେବାରୁ ହାତରେ ପଇସା ନାହିଁ । ଏପଟେ ଅମଳ ବେଳକୁ ବର୍ଷା ଦାଉ ସାଧିଲା । ନାହିଁ ନଥିବା ଦୁର୍ଦ୍ଦଶା । ଯାହାର ନିଜ ଜମି ଅଛି ଯାହା ହେଲେ ବି ଲାଭ, କ୍ଷତି ଚଳେଇଦେବ । ସେପଟେ ପରିବା, ଅର୍ଥକାରୀ ଫସଲ, ଗେଣ୍ଡୁଫୁଲ ସବୁ ଗଛ ମାଟିରେ ଶୋଇଲେଣି । ସବୁ ଭାବିଲାବେଳକୁ ସନାର ମେରୁଦଣ୍ଡ ଭାଙ୍ଗିଗଲାଣି । ବିଲରୁ ମୁଠାଏ ଭାତ ପାଇବାପାଇଁ ବର୍ଷକର ପରିଶ୍ରମ, ଧାରକରଜ କରି ବିଲରେ ଖଟାଇଥିବା ପୁଂଜି ସବୁ ଏବେ ପାଣିରେ ଗଲା । ଏବର୍ଷ  ଜଓ୍ୱାଦ ପାଇଁ ଲଗାଣ ବର୍ଷାରେ ଫସଲ ନଷ୍ଟ । ଫନୀ ବାତ୍ୟା ବେଳେ ଘରର ଆଜବେଷ୍ଟସ ଭାଙ୍ଗି  ଯାଇଥିଲା ଯେ ଏଯାଏଁ ସଜାଡିପାରିନି ଘରକୁ । ସରକାର ଯାହା ସହାୟତା ଦେଲେ ତାହା ସମୁଦ୍ରକୁ ଶଂଖେ ପରି ଲାଗିଲା । କି ବେଳ କାଳ ଆସିଛି କେଜାଣି ଗତ ଦୁଇବର୍ଷ ହେଲା କରୋନା ପଶିଲା ଯେ କୁଆଡେ  ମୂଲ ଲାଗି ଯାଇଆସି ହେଲାନି । କରୋନା, କରଜ, କଣ କରିବି, କିପରି ବଂଚବି, କିପରି ପରିବାର ଚଳେଇବି ଏହିକଥା ଭାବି ଭାବି ରକ୍ତଚାପ ବଢ଼ିଗଲାଣି ଯେ ଔଷଧ ଖାଇବାକୁ ବି ପାଖରେ ପଇସା ନାହିଁ। ସରକାର ଯଦି କ୍ଷତିପୂରଣ ରାଶି ଦେବେ, ରବିରତୁରେ ମାଗଣାରେ ଉନ୍ନତ ବିହନ, ସାର, କୀଟନାଶକ ଔଷଧ ଓ ଭାଗଚାଷୀଙ୍କୁ କ୍ଷତିପୂରଣ ଦେବେ ତେବେ ଯାଇ କ୍ଷୁଦ୍ର, ମଧ୍ୟମ ଧରଣର ଚାଷୀ କିଛିଟା ଉପକୃତ ହେବେ ଏହି କଥା ଭାବି ସନା ଏବେ ହାତଟେକି ବସିଛି ସରକାର ରୂପୀ ଭଗବାନଙ୍କୁ । ପ୍ରକୃତି ଦେବୀ ତ କୋପ କଲା ଆଉ କାହା ପାଖରେ ଯାଇକି ହାତ ପତେଇବ ? କିଏ ତାର ଭାତହାଣ୍ଡିରେ ଚାଉଳ ପୂରେଇବ ? ସେହି କଥା ଭାବି ଭାବି ଲୁହ ଗଡାଇ ପାଣିରୁ ଛାଣୁଛି ଧାନତକ । ବର୍ଷା ଛାଡିଲାଣି ଦୁଇଦିନ ହେଲା ହେଲେ ଗହୀରରେ ପାଣି ଜମି ରହିଛି । ଢିପ ଜମିକୁ ବାଦ ଦେଲେ ସବୁ ଖାଲୁଆ ଜମିରେ ପାଣି ଭରି ରହିଛି । ପାଣିରୁ ହାତରେ ଛାଣି ଧାନ ବାହାର କରି କରି ଜୀବନ ଗଲାଣି । ଯେତେସବୁ ସ୍ୱପ୍ନ ଦେଖିଥିଲା ସନା ଫସଲକୁ ଦେଖି ସେସବୁ ସ୍ୱପ୍ନ ଏବେ ଉଜୁଡି ଯାଇଛି ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ISSN NO.
2582-208X

# ଅସଜଡା ଗୁଲଦସ୍ତା

ଅଜୟ କୁମାର ପଣ୍ଡା

ରଙ୍ଗୀନ କଙ୍କିଡେଣା ଚାହିଁ ରହେ ଘରୁ ଅଫିସ୍ ରାସ୍ତା ବାଙ୍କ ମୁଣ୍ଡରେ,
କେତେ କଣ ଝଗଡା ଝାଟି ଥିଲା ଢଳ ଢଳ ବୁନ୍ଦା ସାରୁ ପତ୍ର ପରେ !
ବେଗୀରେ ଯିବାକୁ ହେବ, ଧୂସର ହଳଦିଆ ନଥି ଚାହିଁ ରହିଛନ୍ତି,
ଅନ୍ୟ କିଛି ହେଉ କି ନହେଉ, ନଥିଙ୍କ ଭାଷା ସ୍ୱଷ୍ଟ ଦିଶି ଯାଆନ୍ତି ॥

ଚଉକି ଶିଖାଏନି ଲାଞ୍ଚ, ଖଚ, ମିଛ ଷଠତାର କର୍ଦ୍ଦମାକ୍ତ କଥା,
ତ୍ରୁଟି ନାହିଁ କଲମ ମୁନରେ, ବ୍ୟର୍ଥ ମାପିବାକୁ ଅନ୍ଧାରର ଗଭୀରତା ।
ମିଛ ନୁହେଁ ଆଇ ଗପ ପେଡି ମନଭୁଲା ଶୋରିଷ ଫୁଲିଆ ଲହଡି,
ଶୂନ୍ୟତାର ଚାରି କାନ୍ଥରେ ପଡିରହେ ଖାଲି, ବାଲି ମାଟି କାମୁଡି ॥

ଗଡୁ ଥାଉ ରାସ୍ତାରେ, ପଡୋଶୀ ମଦ ଖଟିର ଅଶ୍ରାବ୍ୟ ଗାଳିମନ୍ଦ,
ଅନାମିକା ଚଢେଇଟି ଅଣ୍ଟା ଭିଡେ ପୋଛିବାକୁ ହୃଦୟରୁ ଅଳିନ୍ଦ ।
ଭାବିଲି କାନ୍ଦିବି, ଆଖି ଲୁହରେ ବୁଡିବ ଆକାଶର ରିକ୍ତ ମରୁଭୂମି,
ଆକାଶ, ଘାସଫୁଲ ହସନ୍ତି ମଣିଷ ବେଦନାରେ, ଲୁହଯାଏ ସରମି ॥

ପୋଖରୀର ତରଙ୍ଗ ମାଳା ଶୃଙ୍ଖଳାରେ ବୃତ୍ତ ହୋଇ କୂଳକୁ ଧାଆଁନ୍ତି,
ଖାଳେଇରୁ ସମୁଦ୍ରକୁ ମାଛଡିଆଁ କି ପଞ୍ଜୁରୀରୁ ଗଗନକୁ ପକ୍ଷୀ ଭାନ୍ତି ।
ଅପହଞ୍ଚ କରେ ମଣିଷକୁ, ଆଗପଛ ଠେଲାପେଲାର ଭିଡାରାସ୍ତା,
ଆଜି ଇଟାତଳେ ଚିପା ଦୁବଘାସ, କାଲିକି ନିଶ୍ଚେ ସଜାଇବ ଗୁଲଦସ୍ତା ॥

ଉପ ନର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନର୍ଦ୍ଦେଶାଳୟ, କଟକ

ISSN NO.
2582-208X

# ପଥ ଓ ପାଦ



ଦଣ୍ଡାସି ପ୍ରଧାନ

ଜୀବନ ଯାତ୍ରା ଯୋଡି ପଥ ପାଦ
ଯୁଗ ଧର୍ମେ ଧାଏଁ ଯାନ,
ଗଡାଇ ଜାଣିଲେ ସୁଗମିତ ହୁଏ
ବଢାଏ ଜିଇଁବା ମାନ ।01

ପଥ ବହୁଦୂର ଯାଏ ଲମ୍ବିଥାଏ
ସୁଗମ ଦୁର୍ଗମ ଘେନ,
ଲକ୍ଷ୍ୟ ସ୍ଥାନ ସ୍ଥଳ ନର୍ଦ୍ଧାରିତ ହେଲେ
କାଳ ରହେ ମନ ମାନ ।।02

ପଥଗାମୀ ଯାତ୍ରୀ ବିବିଧ ବର୍ଣ୍ଣାଳୀ
ଭାଷା ରୁଚ ରଙ୍ଗ ଢଙ୍ଗେ,
ଆନେ ଆନୁ ଆନ ସ୍ୱଭାବରେ ଭିନ୍ନ
ଗ୍ଭଲିବାକୁ ହୁଏ ସଙ୍ଗେ ।03

ପଥ କ ବୁଝିଛି ଅବସ୍ଥା ବ୍ୟବସ୍ଥା
ନର୍ବିକାର ଗତି ବୃତ୍ତେ,
ସାଥୀ ସମଝୋତା ସମ୍ଭାର ବ୍ୟାପାର
ସମତ୍ୱ ମନ୍ତ୍ରର ମତେ ।।04

ISSN NO.
2582-208X

ଦୂର ବା ସମୀପ ଯାନ ଯନ୍ତ୍ର ତନ୍ତ୍ର
ବୁଝେ ନାହିଁ ପଥ ବେଳ,
ବିଶ୍ବର ଯାତ୍ରୀ ମୁଁ ବଢାଇଛି ପାଦ
ଜାଣେ ନାହିଁ ଏତେ ଛଳ ।05

ସକାଳର ମନ୍ତ୍ର ମଧ୍ୟାହ୍ନର ବାସ୍ନା
ସନ୍ଧ୍ୟାର ଭଜନ ସୁରେ,
ବିଶ୍ବର ବୁଦ୍ଧିରେ ବିଭୂତି ରଞ୍ଜିତେ
ଚଳେ ତାଳ ଲୟ ଧାରେ ।।06

ପଥ କ ଜାଣିଛି କଏ କେତେବେଳେ
କେତେ ବା ଥୋଇଛି ଭାର,
ବିସ୍ତାରି ମେଲିଛି ସମୂହ ସେବାରେ
ଦିନ ରାତି ଏକାକାର ।07

ପଥରେ ପଥର ମାଟି କ କଙ୍କର
ବାଲି ଗୋଡି ସମ୍ମିଶ୍ରଣେ
ହିସାବ ନକାଶ ପଚାରି ବୁଝେନା
ଖୁଣ ନଖୁଣ ନିର୍ମାଣେ ।08

ପଥ ଶିଖାଇଛି ସହ ସମାଦର
ବିବିଧ ଗୁଣ ଗାରିମା
ପାଦ ଗାଉଅଛି ପଥର ମହିମା
ପଥରେ ଗଢି ପ୍ରତିମା ।09

ISSN NO.
2582-208X

ରଥ ରଥି ପାଦ ପଥର ଆଶ୍ରିତ
ଶାସ୍ତ୍ର ବଖାଣେ ଗାଥା
ବିନୟ ଭୁବନା ଉଦ୍ଧାରି ସୁଧାରେ
ତତ୍ତ୍ୱ ଦରଶନେ ଯଥା ।10

ବରଷା କାକର ଖର ଶୀତ କୋପ
ଉଜ୍ଜ୍ୱଳ ଘନ ଅନ୍ଧାରେ,
ସମର୍ପିତ କରି ପଡିଛି ପଡିବି
ପାଦକୁ ଛୁଇଁ ଆଦରେ ।।11

ଶରଧା ସମ୍ମାନ ପଦ ପଦକରେ
କେଉଁ ସୁଖ ଅବା ମିଳେ,
ସେବା ଧର୍ମ ପ୍ରୀତି କେତେ ସୁଖମୟ
ଅବତରି ମହୀ ତଳେ । । 12

ପଥ ପାଦ ଧରି ଗ୍ଭଲିଛି ଗ୍ଭଲିବି
ସ୍ୱଚ୍ଛ ସରଳ ଧର୍ମେ
ସମ୍ପତ୍ତି ବିପତ୍ତି ସମାନ ଆହ୍ୱାନେ
ମାଟିର ମର୍ଯ୍ୟାଦା ମର୍ମେ । 13

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ଭାଦ୍ରବ ପୂର୍ଣ୍ଣିମା ବିଶେଷତା



ସୁଲୋଚନା ବେହେରା

ଇନ୍ଦୁ ପୂର୍ଣ୍ଣିମା ରେ ଇନ୍ଦ୍ରଦେବ ଜନ୍ମ
ଜନ୍ମଦିନ ଭାଗବତ
ଇନ୍ଦୁ ଢାଳୁ ଅଛି ରଜତ ମୋହିନୀ
ଭାଦ୍ରବ ଗାଉଛି ଗୀତ ।

ଯେସନେ ପୂର୍ଣ୍ଣିମି ସ୍ୱଚ୍ଛ ସରଳ
ଭାଗବତ ସେହିପରି
ଭାଦ୍ରବ ପୂର୍ଣ୍ଣିମା ଏହି ଗାଥା ଗାଏ
ସର୍ବ ଶ୍ରେଷ୍ଠ ସେହି ହରି ।

ଭାଦ୍ରବ ନବମୀ ତିଥି ଶୁକ୍ଳ ପକ୍ଷ
ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ
ଶ୍ରବଣ ସମାପ୍ତି କଲେ ଶୁକଦେବ
ପରିକ୍ଷିତ ଙ୍କୁ ଭାଗବତ ।

ଭାବ ଜ୍ଞାନ ତତ୍ତ୍ୱ ବ୍ରହ୍ମକୁ ଆଧାର
ଭାଗବତର ବୈଶିଷ୍ଟ୍ୟ
ପାତକ ନାଶନ କରିଲେ ଶ୍ରବଣ
ଆତ୍ମା ଲଭଇ ବୈକୁଣ୍ଠ ।

ISSN NO.
2582-208X

ସଦା ଅଧ୍ୟୟନ ମାୟା ତୁଟେ ଜାଣ
ସ୍ଥିତ ପ୍ରଜ୍ଞ ଆଚରଣ
ଧର୍ମ ପଥ ଯାତ୍ରୀ କର୍ମରେ ସାରଥୀ
ହରି ପାଦେ ସମର୍ପଣ ।

ଭଗବାନଙ୍କର ବିଗ୍ରହ ଭାଗବତ
ବିମାନରେ ପୂଜା ପାଏ
ପ୍ରାତେଃ ବେଦ ପାଠ ସାୟଂ ଭାଗବତ
ଶ୍ରୀମନ୍ଦିରେ ନୀତି ହୁଏ ।

ଅଠର ହଜାର ଶ୍ଳୋକରେ ଆଦୃତ
ଦ୍ୱାଦଶ ସ୍କନ୍ଦ ସଂଯୁକ୍ତ
କାମ କ୍ରୋଧ ମୋହ ଲୋଭ ସମ୍ବରଣ
ପ୍ରଭୁ ଚନ୍ଦନ ରେ ଭକ୍ତ ।

ସବୁ ମିଛ ତୁଛ ସଂସାରର ନାଟ
ସେ ସତ୍ୟ ଶିବ ସୁନ୍ଦର
ଅମୃତଠୁ ସାର ସେ ନାମ କଣ୍ଠର
ଜପି ଭବୁ ହେବ ପାର ।

ପ୍ରସିଦ୍ଧ ପଣ୍ଡିତ ପ୍ରାଜ୍ଞ ବିଶାରଦ
ବ୍ୟାସଦେବ ରଚଥିଲେ
ଜଗନ୍ନାଥ ଦାସ ଓଡ଼ିଆ ଭାଗବତ
ନବାକ୍ଷରୀ ରେ ଛନ୍ଦିଲେ ।

ISSN NO.
2582-208X

ପାର୍ବଣ ଋତୁ ଟି ଆଗମନ ଥାଏ
ଧରଣୀ ଉଲ୍ଲାସ ଚତ୍ତେ
ପ୍ରକୃତି ରାଣୀ ଟି ଶୋଭା ବିମଣ୍ଡିତ
ଝଟକଇ ନା ନା ମତ୍ତେ ।

ନିର୍ମଳ ଆକାଶେ ଶୋଭିତ ଶଶାଙ୍କ
ଶୁଭ୍ର ଜ୍ୟୋସ୍ନା ପ୍ରକାଶଇ
ଜହ୍ନି ଫୁଲ ହସେ ରଙ୍ଗଣୀ ଚହଟେ
ହରଗଉରୀ ନାଚଇ ।

ତୋରଣ ସଜାଇ କାଶତଣ୍ଡୀ ତହିଁ
ତଟିନୀ ତଟ ମଞ୍ଜୁଳ
ଧବଳତ ତନୁ ଧ୍ୱଜା ଉଡାଉଛି
ଧ୍ୱନନ ମୃଦୁ ସମୀର ।

ବଇଁଚୁଆ , ବାଳକାଟି , ଖୋର୍ଦ୍ଧା

ISSN NO.
2582-208X

# ଆମ ସମୟର କାହାଣୀ

କୁଞ୍ଜବିହାରୀ ସାହୁ

ମେଘବତୁର୍ ଆକାଶ । କଳା କଳା ବାଦଲ ପହଁରିଯାଉଛି ଆମ୍ରବିଭ୍ରେର ମନରେ । ଛାଇଛାଇକା ପାଗ । ମାଟି ତିନ୍ତୁଯାଇଛି ଗୋଟାପଣେ । ମାଟିର ଓଦାଳଆ ଚେହେର୍ ଖୁବ୍ ସୁନ୍ଦର ଦିଶୁଛି । କେତେବେଳେ ମେଘରୁ ବରଷା ଝରୁଛି ତ ପୁଣି କେତେବେଳେ ବିନା ବରଷାରେ ମଧୁର ଲଗ୍ନକୁ ଆପଣେଇ ନେଉଛି ପରିବେଶ ।

ସରିତା ବେଶ୍ ଖୁସି ଆଜି । ଆମ୍ବ ବଉଳର ମହ ମହ ବାସ୍ନାକୁ ପାସୋର ହେଇନ ମନରୁ । ନାଁ ଧରି ଡାକବାକୁ ଇଛା ନ ହେଲେ ବି ଖୋଜୁଛି ଦୀପିକାକୁ । ବନ୍ଧୁତାର ନିଆର୍ ଆକର୍ଷଣକୁ ସାଉଁଟି ଦୀପିକାକୁ ଡାକୁଛି - "ଆ ବଉଳ ଆଜି ପର୍ ପହିଲି ରଜ । ପାଦରେ ଅଳତା ନାଇ ଦେ। ମଥାରେ ଚନ୍ଦନ କୁଙ୍କୁମ ଟୀକା ନାଇ ଦେ । ନୁଆ ସାଲଓ୍ବାର ପଞ୍ଜାବୀ ପିନ୍ଧିପକା ସଅଳ ସଅଳ । ଦେଖୁନୁ ମୁଁ କେମିତି ସଜେଇ ହେଇଛି !"

ଦୁଆରବନ୍ଧରେ ଢିଗ୍‌ଦେଇ ଠିଆହେଉ ହେଉ ସରିତାକୁ ଘରଭିତରକୁ ଡାକନେଲା ଦୀପିକା, ତା ଆଦରର ବଉଳକୁ । ବଉଳକୁ ଦଣ୍ଡେ ନ ଦେଖିଲେ ଭାତ ରୁଚେନ ସହଜରେ । ପୁରୁଣାକାଳଆ ଫିଡାଖଟରେ ବସେଇଦେଲା ହାତ ଧରି । ଛାତିକୋହକୁ ଗୁପିଧରିଲା । ସକେଇ ସକେଇ କାନ୍ଦିଲା ।

ଆଖିକୋଣରେ ଆଞ୍ଜୁଳାଏ ଲୁହ ଦେଖି ସରିତା ବି ଅସହାୟ ବୋଧକଲା ନିଜକୁ । ପଗ୍ଗରିଲା - 'ଆଜି ପରି ଖୁସିଦିନରେ ତୁ ମୁହଁ ଶୁଖେଇଛୁ । ସକେଇ ସକେଇ କାନ୍ଦୁଛୁ ?'

ଦୀପିକା ବାଧହେଲା ଅଳ୍ପରେ କହିବାକୁ । ତୋ ପରିକା ମୋର ବି ଜଣେ ସାଙ୍ଗ ଥିଲା । ଦୂର ସମ୍ପର୍କୀୟ ମାଉସୀ ଝିଅ ତୂଳକା । ଭଉଣୀ ହେଲେ ବି ସାଙ୍ଗ ପରି ଖୁବ୍ ନିଜର ।

ISSN NO.
2582-208X

ଖୋଲାଖୋଲି କଥା ହୁଏ । ସବୁ ଦୁଃଖସୁଖକୁ ମୋ ପାଖରେ ଅଜାଡ଼ି ଦିଏ । ଶ୍ୟାମଳ ରଙ୍ଗର ଦେହ, ଆକର୍ଷଣୀୟ ପଦୁଅଁ ପରି ମୁହଁ । ଓଠ ଉପରେ ସରୁ କଳାଜାଇଟେ ବେଶ୍ ମାନେ ତାକୁ । ଗଲାବରଷରେ ଦୋଳ ଖେଳବାକୁ ଯାଇଥିଲା ତୂଳକା ତା ସାଙ୍ଗ ଘରକୁ । ମନ ମଉଜରେ ଦୋଳ ଖେଳଲା । ସଞ୍ଜବେଳକୁ ଗାଁ ସରପଞ୍ଚ ବାଙ୍କନଧିର ବଡ଼ବୋହୂ ଦୋଳ ଖେଳୁ ଖେଳୁ ମଜାମଜଲିସରେ କହିପକେଇଲା – "ତୂଳକା, ତୁମେ ତ ବହୁତ ସୁନ୍ଦର ଦିଶୁଛ ! ତୁମ ଆଖି, ନାକ, ଓଠ, ବିଶେଷତଃ ତୁମର ବିପୁଳ ବକ୍ଷସଂପଦ ମୋ ଗୃହାଁଣୀକୁ ଘାଇଲା କରୁଛି । କୌଣସି ବ୍ରା କମ୍ପାନୀର ମଡ଼େଲ ପରି ଜଣାପଡୁଛ । ଆସ, ଆମ ଘରରକୁ ଯିବା । ପୋଡ଼ପିଠା ଖାଇବା । ମଜା ମଜଲିସ୍, ମସ୍ତି କରିବା ।'

ତୂଳକାକୁ ଦେଖିଦେଲାପରେ ନଜ ଦେହ ପ୍ରତି କ୍ଷୋଭ ଜାଗ୍ରତ ହେଲା ଚଞ୍ଚଳାର । କନ୍ତୁ ମନ ଭିତରେ ତୂଳକାର ଦେହ ଭୂଗୋଳକୁ ଦେଖିବାକୁ ଉନ୍ମାଦ ହୋଇଉଠୁଥିଲା । ଗାଉଁଲୀ ଝିଅ ତୂଳକା ବୁଝିପାରିଲାନ ଚଞ୍ଚଳାର କଥାଟିକୁ ସିଧାସଳଖରେ । ସହଜରେ ବଡ଼ ଲାଜକୁଳୀ । ଅନ୍ୟମନସ୍କ ହୋଇ ହଁ ମାରିଦେଲା ।

ହଁ.... ଶୁଣି ରଙ୍କନଧିର ବଡ଼ବୋହୂ ଚଞ୍ଚଳା ମୁରୁକ ହସିଲା । ଚଞ୍ଚଳାର ଗୋଟେ ଦୁର୍ବଳତା ହେଉଛି ସୁନ୍ଦରୀ ଝିଅଟିଏ ଦେଖିଦେଲେ । ନଜ ସ୍ୱାମୀଙ୍କ ପ୍ରତି ବିଶେଷ ଆକର୍ଷଣ ନାହିଁ ।

ତୂଳକାକୁ ବେଡ଼ରୁମରେ ବସେଇ ଗପିଲା ଚଞ୍ଚଳା ବହୁତ କଛି । ନଜ ଘର ବିଷୟରେ ବି କହିଗଲା ଅନେକ । ଶାଶୁଙ୍କର ହାତ ତିଆରି ପୋଡ଼ପିଠା, ଏଣ୍ଡୁରିପିଠା ଖାଇବାକୁ ଦେଲା । ଚଲି – ପନର ବି ବାଢିଦେଲା ପିଠାସହ । ଲାଜକୁରୀ ତୂଳକା । ମୁହଁ ପୋତି ପିଠା ଖାଇଲା। ଚଞ୍ଚଳାର ମନ ଭିତରେ ତୂଳକା ପ୍ରତି ଆକର୍ଷଣ ଶକ୍ତ୍ତା ପ୍ରଖର ହୋଇଆସିଲା। ତୁଳକାର କେଶକୁ ଆଉଁଶି ଦେଲା ଧୀରଗତିରେ । ପିଠିକୁ ଆଉଁସୁ ଆଉଁସୁ ଅନୁମାନ କଲା ବ୍ରା ପିନ୍ଧିଛି । ପଗ୍ଚରିଲା – ବ୍ରା' ର ସାଇଜ୍ କେତେ ଆଉ କୋଉ କମ୍ପାନୀର। ଟାଇଟ୍ ଜଣାପଡୁଛି । କାରଣ ଚଞ୍ଚଳା ବ୍ରା ପିନ୍ଧେନ କେବେ । ଆବଶ୍ୟକତା ପଡ଼ିନ ତା'କୁ । ମଜାଳଆ କଥା କହିଦେଲା ଚଞ୍ଚଳା । ଅଇଁଠା ଓଠକୁ ଚୁମା ଦେଇଦେଲା । ଅଜାଣତରେ ହାତ ବାଜିଗଲା ତୁଳକାର ଛାତି ଉପରେ । ବୋଉକୁ ଡାକଲା ଚଲି ପନର ଦେବାକୁ । ତୁଳକା ମନାକଲା । ଖାଇସାରି ପାଣି ପିଇଲା । ତଉଲିଆରେ ମୁହଁ ପୋଛୁ ପୋଛୁ ତୁଳକାକୁ

ଶୁଆଇଦେଲା ବେଡ୍ ଉପରେ । ଖାଇସାରି ଟିକେ ରେଷ୍ଟ ନେବାକୁ କହି । ଗାଉଁଲି ଝିଅ । ଗଦିରେ ଶୋଇପଡିଲା କିଛି ସମୟ । ଚଞ୍ଚଳା ସୁଯୋଗକୁ ହାତଛଡ଼ା ନ କରିବା ବାହାନାରେ ତୂଳକାର ଗୋପନ ସ୍ଥାନରେ ହାତ ମାରୁ ମାରୁ ଉଠିପଡ଼ିଲା ତୂଳକା । ସଂଭ୍ରମରେ ଅଟକଗଲା ଚଞ୍ଚଳା । ଛେପ ଢୋକିଲା ନିଜକୁ ନିଜେ । ଠିକ୍ ଏତିକିବେଳେ ଦର ଆଉଜା କବାଟ ଖୋଲି ପଶିଆସିଲେ ଚଞ୍ଚଳାର ସ୍ୱାମୀ । ବାହାରେ ସରକାରୀ ଚାକିରୀ । ଛୁଟିନେଇ ଆସିଛନ୍ତି ରଜପର୍ବରେ । ସେ ଆସିଲେ କେତେ ନ ଆସିଲେ କେତେ । ଫରକ ପଡ଼େନି ଚଞ୍ଚଳାକୁ । ଚଞ୍ଚଳାର ବି ଇଛା ନଥାଏ ସ୍ୱାମୀ ସହ ଏକାଠି ବସି ଗପିବାକୁ । କାରଣ ସେ ଅଧିକାଂଶ ସମୟରେ ନିଶାରେ ଚୁର୍ । ତୂଳକାକୁ ବେଡରେ ଦେଖି ଚମକିପଡିବା ପୂର୍ବରୁ ଚଞ୍ଚଳାର ଏଭଳି ଅମାନବୀୟ କାର୍ଯ୍ୟକଳାପକୁ ଘୃଣା କଲେ । ତଥାପି ମଦନିଶାରେ ଟୁଲ୍ ଟୁଲ୍ ହେଇ ସୁନ୍ଦରୀ ତୂଳକାକୁ ସଂଭୋଗ କରିବାକୁ ଆଗଭର ହେଲେ । ତୂଳକା ଗରିବ ହେଇପାରେ । କିନ୍ତୁ ତା ଦେହ ଗରିବ ନୁହେଁ । ସେ ନିଜ ସ୍ୱାଭିମାନକୁ ହରେଇବାକୁ ଦିଏନି। ତା ବାପ ମା'କୁ ବହୁତ ଭଲପାଏ । ନିଜକୁ ଆୟତ୍ତରେ ରଖି ଖସିଗଲା ଦରଆଉଜା କବାଟ ଖୋଲି ଦୀପିକା । ଏକ ନିଶ୍ୱାସରେ ଧାଇଁଗଲା ଘରକୁ । ନିଷ୍ଟଳ ହୋଇ ପଡ଼ିରହିଲା ଘରେ । ଭୟ ଜମିଯାଇଥିଲା ମନଭିତରେ । ଏମିତି ଅସାମାଜିକ ଆଚରଣ ଓ ଉଚ୍ଚାରଣକୁ ସାମ୍ନାକରିବ ବୋଲି ଭାବିପାରିନଥିଲା ସରଳ, ଶାନ୍ତ ଝିଅ ତୂଳକା । କବିରାଜଙ୍କଠୁ କେତେ ଓଷଦ ଖାଇଲା । କାଟୁ କଲାନି ଓଷଦ । ବରଂ ଗାଁ ଶେଷମୁଣ୍ଡରେ ରହୁଥିବା ଧୋବଣୀକୁ ଡାକି ଝଡ଼ାଫୁଙ୍କା କଲାପରେ ଆଶ୍ୱସ୍ତି ଅନୁଭବ କଲା ତୂଳକା । କିଛି କହି ନ ପାରିଲେ ବି ତା ବାପା ମା' ବୁଝିପାରିଲେ ସବୁ କିଛି ।

ଶୁଣିଲୁ ତ ଦୀପିକା । ନାରୀଟିଏ ହୋଇ ବି ଆଉ ଗୋଟିଏ ଝିଅର ଦେହଟାକୁ ଶୋଷିବାକୁ ଯାଉଥିଲା । ପହିଲି ରଜରେ ଝିଅମାନଙ୍କ ପାଇଁ ଖୁସୀଟା କେତେ ସମୟର କହିଲୁ କହିଲୁ ଦୀପିକା…

ଦୀପିକା ବି ଏକ ଲୟରେ ଚାହିଁରହିଥିଲା ସରିତା ମୁହଁକୁ । ନିଜ ଆଖିରୁ ଲୁହ ପୋଛିଲା । ଆଉ ତା' ପରେ କ'ଣ ହେଲା ବୋଲି ପ୍ରଶ୍ନ ପଚାରି ପାରିଲାନି । ପୁରୁଣା କଥାରେ ଫୁଲଷ୍ଟପ୍ ଦେଇ ବାରି ଅଗଣାରେ ଝୁଲାହୋଇଥିବା ଦୋଳରେ ଝୁଲିଲେ ଦୁହେଁ । ପାଦତଳର ଧୂଳି ଉଡ଼େଇଲେ। ସୁଆଦିଆ ରଜ ପାନ ଖାଉ ଖାଉ ଦୀପିକା ଫିକ୍

ISSN NO.
2582-208X

କନା ହସିଦେଲା । ଫୁଲେଇ ରାଜକନ୍ୟା ପରି କହିଦେଲା – ସତରେ ବଉଳ, ଏ ପାନଟା ବହୁତ ମିଠା ଲାଗୁଛି, ଠିକ୍ ତୋ ମନ ପରି । ଏମିତି ବନ୍ଧୁତା ମିଳବନ କୋଉଠି !

ଖେଳ ସରିସରି ଆସିଲାବେଳକୁ ଦୀପିକା ରେଗିଣା ମାଆକୁ ଦେଖିବାପାଇଁ ବ୍ୟସ୍ତ ହୋଇପଡ଼ିଲା । ପାଣି ପିଇବା ବାହାନାରେ ଘର ଭିତରକୁ ଆସିଲା ।

ଦାଣ୍ଡ କବାଟରେ ଠକ୍ ଠକ୍ ଶବ୍ଦ ଶୁଣିଲା । ନଟଭାଇକୁ ଦେଖି ପଚାରିଲା – ନଟଭାଇ ଏ ଅବେଳରେ ତୁ ? ସାମ୍ନାରେ ନଜ ମନକଥାକୁ ଲୁଚେଇ ନ ପାରି ଉତ୍ତରଦେଲା – "ଦୀପିକା, ତୋ ଭାଇର ଦେହ ଭଲ ନାହିଁ । ମୋ ପାଖକୁ ଖବର ଆସିଛି । ତୋ ରେଗିଣା ବୋଉ ଜାଣିଲେ କାଳେ ତା'ର କିଛି ହେଇଯିବ, ତୋତେ କହିଦେଇ ଯାଉଛି । ଦରକାର ପଡ଼ିଲେ ମୋତେ ଡାକବୁ ।"

ଭାଇ ଯେ ଅସୁସ୍ଥ, ଡରିଗଲା ଏକାବେଳକେ ଦୀପିକା । ବୋଉକୁ କହିବ ନ କହିବ ଭାବିଲା କିଛି ସମୟ ।

ସରିତାର ମନଲାଗୁନ ଖେଳରେ । ଏତେବେଳ ଯାଏଁ କ'ଣ ପାଣି ପିଉଛି ବଉଳ ! ଶଙ୍କା ପଶିଗଲା ମନରେ । ଖେଳ ଆରମ୍ଭରୁ ତା ବଉଳ ମନରେ ଦୁଃଖ ଆବୋରିଥିଲା । ଏବେ କିଛି....! ଦୋଳ ଖେଳ ଛାଡ଼ି ଘରଭିତରକୁ ଯାଇ ଦେଖେ ତ ଦୀପିକା ଛୋଟ ପିଲାଟିପରି କାନ୍ଦୁଛି । ପଚାରିଲାବେଳକୁ ଖନେଇ ଖନେଇ କହୁଛି – ଭାଇର ଦେହ ଭଲ ନାହିଁ । ଏ ରଜପର୍ବରେ ସବୁ ଅଘଟଣ ଘଟିଯାଉଛି ! ତା ବୋଉକୁ ଆଶ୍ୱାସନା ଦେଲା ସରିତା । ବଉଳ ଦୀପିକାକୁ ବୋଧ କରି ଘରକୁ ଫେରିଲା ସରିତା ।

ତା ପରଦିନ ରଜ ସଂକ୍ରାନ୍ତି । ଦୀପିକା ରେଗିଣା ବୋଉକୁ ଧରି ଭୁବନେଶ୍ୱର ବାହାରିଲା । ଗାଁର ନଧିଭାଇ ଅଟାରିକ୍ସାରେ । ଗାଁରୁ ଭୁବନେଶ୍ୱର ପ୍ରାୟ ୧୦-୧୨ କ.ମି. । ବେଶି ବାଟ ନ ହେଲେ ବି ରାସ୍ତା କାମ ହେତୁ ଆବୁଡାଖାବୁଡା ହେଇଛି । ଭୁବନେଶ୍ୱରରେ ପହଞ୍ଚି ଏପଟ ସେପଟ ବୁଲୁ ବୁଲୁ ବାଟବଣା ହେଇଗଲ। ଭୁବନେଶ୍ୱରରେ କେତେ ବିହାର, କେତେ

ISSN NO.
2582-208X

ଗଳିକନ୍ଦି । ପଗ୍ଚରିବୁଝିଲା କଳଙ୍ଗବିହାର ଛକରେ ଥିବା ପାନଦୋକାନୀକୁ । ଠିକଣା ପାଇଗଲା ସେଇଠୁ ।

ଅଟୋବାଲା ଅନେକଦିନ ହେଲା ଭୁବନେଶ୍ୱର ମାଟି ମାଡ଼ିନ । ଏଇଠି ଯେ କେତେ ବିହାର/ ନଗର ଗଢିଉଠିଲାଣି ଜାଣିହେଉନ । ବହୁତ ଦିନ ହେଲା ଆସିନ, ଜାଣିବ ବା କେମିତି ! ବୁଝାବୁଝି କରି ପାଖାପାଖି ପହଞ୍ଚିଗଲା । ଘର ସାମ୍ନାରେ ଅଟୋକୁ ପାର୍କିଂ କଲା । ତଳ ଘର ନା ଉପର ଘର । କଲିଂବେଲରେ ହାତ ମାରିଲା ବଡ଼ ସନ୍ତର୍ପଣରେ । କବାଟ ଖୋଲିଲା ସୋନୁ – ଦୀପିକାର ପୁତୁର । ସୋନୁ ମୁଣ୍ଡିଆ ମାରିଲା ପିଉସୀ ଓ ଜେଜେମାଙ୍କୁ । ନଧି ଅଟୋରୁ ବୁଜୁଳାଟିକୁ ପହଞ୍ଚେଇଦେଲା ଘରେ । ବାହାରେ ଠିଆ ହୋଇ ଗ୍ଚହିଁରହିଲା ପରିବେଶକୁ ।

ଶୋଇବାଖଟରୁ ଉଠିଆସି ଶାଶୁଙ୍କୁ ମୁଣ୍ଡିଆ ମାରିଲେ ବୋହୂ ଅନତା । ଆୟୁଷ୍ମତୀ କହିଲେ ଶାଶୁ ମା ଗେହ୍ଲା ବୋହୁକୁ । ଦୀପିକା ମୁଣ୍ଡିଆ ମାରିଲା ଭାଉଜଙ୍କୁ । ବୁଜୁଳା ଖୋଲିଲା ଖୁସିରେ ଦୀପିକାର ବୋଉ । ପୁଅ ପାଇଁ ଆଣିଥିବା ପିଠା, ବାରି ପିଜୁଳ ବଢେଇଦେଲା ବୋହୁକୁ । ପୁଅର ଦେହ ଭଲ ନାହିଁ ଶୁଣି ଅଥୟ ହୋଇପଡୁଥିଲା ଦୀପିକାର ବୋଉ । ଚନ୍ଦ୍ରକାନ୍ତ ଓରଫ୍ ଚକୁ ମାନେ ଦୀପିକାର ଭାଇ ପହଞ୍ଚିଗଲା। ଚକୁ ବହୁତ ଖୁସି ହେଇଗଲା ଏତେଦିନପରେ ଦୀପିକା ଓ ବୋଉକୁ ଦେଖି । ଚକୁ ଦେଖିଲା ତା ବୋହୁ ଖୁସିରେ ତା ପାଇଁ କେତେ ରକମର ପିଠା ଆଣିଛି। ପୁଣି ବାରି ପିଜୁଳ । ଯୋଉଥିଲେ ଚକୁର ବଡ଼ ଶରଧା ।

ହଠାତ୍ ବୋହୂ ଅନତାର କର୍କଶ ସ୍ୱର ଶୁଭିଲା ଘର ଭିତରୁ । ଏମିତିକା ରଜପର୍ବରେ ମାଂସ ବିରିଆନ ନ ଖାଇ ପୁରୁଣା କାଳିଆ ପିଠା କିଏ ଖାଇବ ଯେ ଗାଁରୁ ବୁଜୁଳାରେ ଧରି ଆଣିଛନ୍ତି ଶାଶୁ ମା । ନଣନ୍ଦ ବି ତା 'ଠୁ ବଳକା । ପାଠ ପଢ଼ି ଗ୍ଚକରି କରିଛି ବୋଲି ସହରିଆ ଢଙ୍ଗ ଭୁଲିଗଲାଣି । ଗାଁ ସ୍କୁଲରେ ମାଷ୍ଟ୍ରାଣୀ ତ । ତାହାର ବା କେତେ ବୁଦ୍ଧି ହେବ !

ନିଜ ସ୍ୱାମୀଙ୍କ ଉପରେ ଚହିଁଙ୍କି ଉଠିଲା ଅନତା । ସତେ ଅବା ଘାଇଲା ବାଘ । "ତୁମେ ପର ସହରରେ ରହୁଛ । ଭଲ ଦାମିକିଆ ଗ୍ଚକରି କରିଛ । ମାଂସ ବିରିଆନ ନ ଖାଇ ଏ ପିଠା,

ISSN NO.
2582-208X

ପିଜୁଳ ଖାଇବାକୁ ହାଉ ହାଉ ହେଉଛ । ଆଉ ତ କଛି ମିଳୁନି ତୁମ ବୋଉଙ୍କୁ । ଏ ଗୁଡ଼ାକ କଏ ଖାଇବ ଯେ । ବୋଉ ପାଇଁ ପ୍ରେମ ଖାଲି ଉଛୁଳ ପଡୁଛି । ଛି...ଛି..."

ଭ୍ରୁକୁଞ୍ଚନ କଲା ଅନତା । ପୋଷା ପଶୁ ପରି ହରବରରେ ଶୁଣୁଥିଲା ଚକୁ । ଏଣୁ ମାଇଲେ ଗୋ ହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା ।

ଗୋଟିଏ ପଟେ ଅନତାର ବିକୃତ ଭାବଭଙ୍ଗି । ସେପଟେ ବୋଉ ଆଉ ଦୀପିକା ପ୍ରତି ଅନାବିଳ ଭକ୍ତି ଓ ସ୍ନେହ । ନଜ ଭିତରେ ଗୁଡ଼ାଏ ପ୍ରଶ୍ନ ଉଙ୍କିମାରୁଥିଲା ଚକୁ ମନରେ ।

ଚକୁର ପିଠିକୁ ଆଉଁସି ପଚାରିଲା – "ପୁଅରେ ତୋ ଦେହ ଭଲ ନାହିଁକି । ମୁହଁଟା କଳାକାଠ ପରି ଦିଶୁଛି । ରଜରେ ଘରକୁ ଆସିବୁ ବୋଲି କହିଥିଲୁ । ମୁଁ ପିଠା କରିଥିଲି । ମୋ ଦେହପା ତ ଭଲ ରହୁନ । ପୁଅଟା ଆସିଲେ ପିଠା ଖାଇବ ବୋଲି ମୁଁ ଭୋରରୁ ଉଠି ଏ ପିଠା ତିଆରିଥିଲି । ତୁ ଆସିଲୁନ । ତୋ ଦେହ ଭଲ ନାହିଁ ବୋଲି ଖବର ପାଇଁ ଧାଇଁଆସିଲି । ଦୀପିକା ପର୍ ବାଧ କଲା ଆସିବାପାଇଁ । ମୋ ମନ ବି ବୁଝିଲାନ । ମୋ ପୁଅ କେତେ ଗେଲ ହେଉଥିଲ । କୁଟାକୁ ଦି ଖଣ୍ଡ କରିବାକୁ ମୁଁ ଦେଉନଥିଲି । ତା ବାପା ଗଲାଦିନୁ ତସ ପୁଅ କଥା ବେଶି ମନେପଡ଼ିଲା ତ । ବୋଉ ମନ ପର୍...।"

ନା ଲୋ ବୋଉ..ଏଇ କେଇଦିନ ହେଲା ଜ୍ୱର ହେଉଥିଲା । ଦୁର୍ବଳରେ ମୁଣ୍ଡ ବୁଲଉଥିଲା । ଏବେ ଏବେ ଭଲ ଲାଗୁଛି । ତୁମ ମାନଙ୍କ କଥା ବେଶି ମନେପଡୁଥିଲା । ତୋ ହାତ ତିଆରି ପିଠା ଖାଇବାକୁ ମନ ହେଉଥିଲା । ଗାଁ ଧୂଳ ମାଟି ଦୋଳଖେଳ ଆମ୍ବତୋଟା ପୋଖରି ନଈ ମୋ ଆଖିରେ ଜଳଜଳ ଦିଶୁଥିଲା । ସବୁ ବର୍ଷ ରଜପର୍ବରେ ଗାଁକୁ ଯାଉଥିଲୁ । କେତେ ମଜା ହେଉଥିଲା । ଏସନ ଯାଇପାରିଲିନ । ଛାଡ ମୋ କଥା । ଏତେ ଦିନ ପରେ ଆସିଛୁ, ରହିଯା ତୋତେ ଭଲ ଲାଗିବ । ତୋ ନାତି ସୋନୁ ବି ଖୁସି ହେଇଯିବ । ଚକୁ ଗୋଟେ ଗଳାରେ କହିପକେଇଲା ।

ସୋନୁ ଶୁଣିଗଲା କ, ଦୌଡ଼ିଆସି ଜେଜେମାକୁ କୁଣ୍ଢେଇ ପକେଇଲା । କହିଲା– "ଜେଜେମା, ଜେଜେମା ତୁମେ ଆମ ଘରେ ସବୁଦିନ ରହିଯାଅ । ମୁଁ ତୁମକୁ ବୁଲେଇନେବି । ବହୁତ

ISSN NO.
2582-208X

ମଜା ହେବ । ନାନୀ ବି ରହିବ ।  ଆଇ ଆସିଲେ ମାସେ ମାସେ ରହୁଛି । ତୁମେ ଆଣିଥିବା ପିଠା ଖାଇଛି । ସୁଆଦ ଲାଗିଲା । ମମି ତ ପିଠା କରୁନ । ରାଗିଲେ କ କାନ୍ଦିଲେ ହୋଟେଲରୁ ପିଠା କଣିଆଣୁଛି ।  ଖେଳବାକୁ ଛାଡୁନ  ।  ରଜରେ ମୁଁ ଏକୁଟିଆ ଘରେ ଅଛି । ଦୋଳ ଖେଳବାକୁ ମନାକଲା । ସାର୍ କହୁଥିଲେ – ରଜପର୍ବ ଓଡ଼ିଆର ସଂସ୍କୃତି ପରମ୍ପରା।  ମିଠା ପିଠା ପାନ ଖାଇ ଦୋଳ ଖେଳବା କଥା । ମମି କହୁଛି କ'ଣ ନା ବଡ଼ ଲୋକର ପିଲାମାନେ ଦୋଳ ଖେଳନ୍ତୁନ । ପ୍ରେଷ୍ଟିଜ ଲିକ୍ ହେଇଯିବ ।  ମୋ ଆଇ ବି ସେୟା। ସେ ଆସିଲେ ଖାଲି କହିବ ପଢ଼..ପଢ଼ ..କେତେ ପଢ଼ିବି ଯେ ।"

ନାତି ସୋନୁକୁ ଗେହ୍ଲାପଣରେ କୋଳେଇନେଲା ତା ଜେଜେମା ।

ଆହତ ବାଘୁଣୀ ପରି ଗର୍ଜିଉଠିଲେ ଅନତା।  ଦେଖେଇ ଦେଖେଇ ସମାଲୋଚନା କରୁଥିଲେ ଶାଶୁ ମା'ଙ୍କୁ ପରୋକ୍ଷରେ । ସ୍ୱାମୀଙ୍କୁ କହିଲେ – "ଯାଉନ ବଜାରକୁ ମଟନ ଆଣିବ । ତୁମର ମନେ ନାହିଁ ନା କ'ଣ । ସକାଳେ ପରା ମୋ ବୋଉ  ଫୋନ କରିଥିଲା । ସେ ଆସିଲେ କ'ଣ ଏ ଗାଁ ପିଠା ଖାଇବ କ ?  ତୁମ ବୋଉ ସିନା ମଟନ ଖାଉନାହାନ୍ତି, ତାହାବୋଲି ମୋ ବୋଉ ଉପାସରେ ଶୋଇବ ?"

ଏକ ଦ୍ୱନ୍ଦ ଗଳରେ ଚକୁ । ନା ଆକାଶକୁ ହାତ ପାଉଛି ନା ମାଟିକୁ ଛୁଇଁ ହେଉଛି । କବାଟ ଖୋଲୁ ଖୋଲୁ ନଧିଭାଇକୁ ଦେଖି ନରମପଣରେ କହିଦେଲା –  ଚକୁ, ତୁମେ ଆଜି ଯାଅନା । ଏଠି ରହିଯାଅ ।

ହଁ ନାହିଁ ଭିତରେ ମୌନ ହୋଇ ରହିଲା ନଧି ।

ଘର ଭିତରେ ଅନଛା ଭାବେ ରାତି ପୁହାଇଦେଲା ଚକୁ ।  କନ୍ତୁ ଶୁଣିପାରୁଥିଲା ଅନତା ଓ ତା ବୋଉର ଅଶାଳୀନ ବ୍ୟବହାର । ବଡ଼ଲୋକର ଠାଣିମାଣି । ଅପସଂସ୍କୃତିକୁ ଆଦରିନେବାର ଏକ ମିଠାପଣ ।

ISSN NO.
2582-208X

ଅନତାର ବୋଉ ଘରେ ପାଦ ଦେଉ ଦେଉ ସମୁଦୁଣୀଙ୍କୁ ଦେଖି ଗ୍ଲପାହସଟିଏ ଓଠରେ ଖେଳେଇଦେଲେ । ନାତି ପାଇଁ ଆଣିଥିବା ଫାଷ୍ଟଫୁଡକୁ ଖାଇବାକୁ ଦେଉ ଦେଉ ମୁହଁ ଛିଞ୍ଚାଡ଼ି କହିଦେଲା ନାତି ଟୋକା – "ଆଜି ରଜ ସଂକ୍ରାନ୍ତିରେ ପିଠା ନ ଆଣି ଏ ଫାଷ୍ଟ ଫୁଡ଼ରେ କ'ଣ ସୁଆଦ ଅଛି କ ଆଇ ମା ? ମୋ ଜେଜେମା କେତେ ପ୍ରକାରର ପିଠା ଆଣିଛନ୍ତି । ମୁଁ ପେଟ ପୂରେଇ ଖାଇଦେଛି। ଆମ ସାର୍ କହୁଥିଲେ ରଜ ପର୍ବ ଆମର ସଂସ୍କୃତି ଆମର ପରମ୍ପରା । ଏହି ପର୍ବରେ ପିଠା ଖାଆନ୍ତି । ବନ୍ଧୁବାନ୍ଧବଙ୍କୁ ବାଣ୍ଟିଦିଅନ୍ତି । ପିଠା ଖାଇ ସଭିଏଁ ଖୁସି ହୁଅନ୍ତି । ଆଇ ମା ତୁମେ ଯଦି ଫାଷ୍ଟ ଫୁଡ଼ ଆଣିଛ, ମମିକୁ ଦେଇଦିଅ । ସେ ଖାଇବ ବୋଲି ଅନେଇବସିଛି କେତେବେଳୁ । ମୋ ଜେଜେମା ଜିନ୍ଦାବାଦ । ହାଃ..ହାଃ..."

ନିଜ ନାତି ଟୋକାଠୁ ଏମିତି ଶୁଣିବ ବୋଲି ଭାବିନଥିଲେ ଅନତାର ବୋଉ । ଜେଜେମା ପାଖରେ ଗେଲ ହେଇଗଲା କିଛି ସମୟ ନାତିଟା । ଜେଜେମା ବୁଝେଇ କହିଲେ – ଛି, ଆଇକୁ ଏମିତି କ'ଣ କହନ୍ତି ? ସେ ତ ସବୁବେଳେ ଆସୁଛନ୍ତି । ମାସମାସ ରହୁଛନ୍ତି । କେତେ ସୁଆଦିଆ ଖାଦ୍ୟ ତୋ ପାଇଁ ଆଣୁଛନ୍ତି । ମୁଁ ତ ଗାଁ ରୁ ଆସିଛି । ବାରି ପିଜୁଳ ଆଉ ରଜ ପିଠା ଆଣିଛି । ହଉ..ହଉ..ଠିକ୍ ଅଛି । ମୁଁ ଆଜି ରହିବି ।

ଦୀପିକା ଓ ତା ବୋଉ ରହିଲେ । କନ୍ଥ ଛାତି ଭିତରଟା ଜଳଯାଉଥିଲା ଆପେ ଆପେ । ସ୍ନାୟୁରେ ନିଆଁ ଲାଗିଯାଇଥିଲା ଆପେ ଆପେ । ରାତିସାରା ଶୁଣୁଥିଲେ ବୋହୂର ଅସଜଡ଼ା ବ୍ୟବହାର, ଷଠଣା । ଦୀପିକା ଓ ତା ବୋଉ ମନସ୍ଥ କଲେ ରାତି ପାହିଲେ ଗାଁକୁ ଫେରିଯିବାପାଇଁ ।

ରାତି ପାହି ସିନ୍ଦୂର ଫାଟିଲା । ସକାଳ ହେଲା । ନିତ୍ୟକର୍ମ ସାରିଦେଲେ ଦୀପିକା ଓ ତା ବୋଉ । ଗୋଡ କାଢ଼ି ଦୁଆରବନ୍ଧ ପାଖରେ ଠିଆ ହେଇଛି, ନାତି ସୋନୁ କହିଲା– ଜେଜେମା, ସତରେ ତୁମେ ଗାଁକୁ ପଳେଇଯିବ ! ମୁଁ ଆଉ ପିଠା ଖାଇପାରିବିନି ! ମମି ତୁମକୁ ଗାଳି କରିଛି ନା !

ସୋନୁ ଦେଖିଲା ଜେଜେମା ଆଖିରେ କେଇଟୋପା ଲୁହ ।

ISSN NO.
2582-208X

ଚକୁର ଜେଜେମାଆ ବେଶୀ ସମୟ ରହିବାକୁ ପସନ୍ଦ କଲେନି । ଗ୍ରତି ସାରା ଶୁଣୁଥିବା ଅସଭ୍ୟ, କଟୁକଥାକୁ ସହଜରେ ହଜମ କରିପାରିଲେନି । ସେ ଘରେ ଅଧିକ ସମୟ ରହିବା ଅର୍ଥ ମିଛ, ଆଭିଜାତ୍ୟକୁ ସମ୍ମାନ ଦେବା । ନଧି ତ ରେଡି ହୋଇଯାଇଥିଲା । ନିଜ ସ୍ୱାଭିମାନକୁ ସମ୍ମାନ ଜଣାଇ ଦୀପିକା ଓ ତା ବୋଉ ଅଟୋରେ ବସିଲେ । ଚକୁ ଅସହାୟ ହୋଇ ଅଟୋ ପର୍ଯ୍ୟନ୍ତ ଆସିଥିଲା । କିନ୍ତୁ ଆଖି କୋଣରେ ଜକେଇଯାଇଥିଲା ଲୁହ ...

ଗାଁରେ ପହଞ୍ଚିଲେ ଦୀପିକା ଓ ତା ବୋଉ । ସାଇ ପଡ଼ୋଶି ଓ ବନ୍ଧୁବାନ୍ଧବଙ୍କ ପ୍ରଶ୍ନବାଣରେ ଘାଇଲା ହେଇଗଲେ ଦୁଇଜଣ । କିଭଳି ଉତ୍ତର ଦେବେ, ଜାଣିପାରିଲେନି ।

ସେତିକବେଳେ ସରିତାର ମନ ଛଟପଟ ହେଉଥିଲା । ଜାଣିପାରିଲା କି କେଜାଣି ଅଧା ଖିଆରେ ମୁହଁ ପୋଛିଦେଇ ଧାଇଁଗଲା ବଉଳ ଦୀପିକା ପାଖକୁ । ଦୀପିକାର ଆଖି ଛଳ ଛଳ । ମାଉସୀଙ୍କ ମୁହଁଟା ଫୁଲିଯାଇଛି ଅସମାପ୍ତ ଦୁଃଖରେ । ପଗ୍ଚରିବାକୁ ସାହସ କଲାନି ସରିତା । ଭଲଭାବରେ ଜାଣିପାରିଲା ବଉଳର ଭାଉଜ ନିଶ୍ଚୟ ଅପମାନ ଦେଇଛନ୍ତି । ଏତେ ବଡ଼ ରଜ ସଂକ୍ରାନ୍ତିରେ ଖୁସୀଟାକୁ ଛଡ଼େଇ ନେଇଛନ୍ତି । ପାଖରେ ବସି ବଉଳକୁ ବୁଝେଇଲା । ମାଉସୀଙ୍କୁ ସାନ୍ତ୍ୱନା ଦେଲା ସରିତା ।

ହଁ ଆଜି ଭୂମି ଦହନ । ଗ୍ରତି ପାହିଲେ ବସୁମାତାଙ୍କ ଗାଧୁଆ । ଗ୍ରୁଷୀଘର ଝିଅ ସରିତା । ନିଜ ମନକୁ ବୁଝେଇଲେ । ଗ୍ରରିଦିନ ରଜ ପର୍ବର ସଂସ୍କୃତି ପରମ୍ପରାକୁ ମନେରଖି ପରସ୍ପର କୋଳେଇନେଲେ ଶାଶ୍ୱତ ବନ୍ଧୁତାରେ । ମନେମନେ ଗୁଣୀ ହେଉଥିଲେ – ସତରେ ରଜପର୍ବର ପରମ୍ପରାକୁ ଭୁଲିଯାଆନ୍ତି ଆଜିକାଲିର ଆଭିଜାତ୍ୟ ଓ ବଡ଼ଲୋକର ଆଦବକାଇଦାକୁ ସମ୍ମାନ ଜଣାଉଥିବା ମଣିଷମାନେ । ଗର୍ବ –ଅହଙ୍କାରରେ ବୁଡ଼ିରହିଥିବା ମଣିଷମାନେ ।

ଏଲ୍.ଆଇ.ଜି. – ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର

ISSN NO.
2582-208X

# ସେ ଅଭୁଲା ଦିନର ସ୍ମୃତି


ଛବି ରାଣୀ ପତି

ଖୋଜୁଥିଲି ଦିନେ....
ତୁମ ପ୍ରୀତି ହୃଦୟର
ଅଜସ୍ର ଲୋମକୂପ ମୂଳରୁ
ଏକମାତ୍ର ସୁରମ୍ୟ ସୁଡ଼ଙ୍ଗ ଟିଏ;
ଯେଉଁ ବାଟଦେଇ ଅବାଧରେ ମୁହିଁ
ଯାଇଁ ଚରକାଳ ରହିଯିବା ପାଇଁ
ରଚ ଏକ ସୁନ୍ଦର ପ୍ରେମର ନଅର ।
ତୁମର ସେ ବ୍ୟକୁଳତ ଆଲିଙ୍ଗନ
ମୋ ଅସ୍ଥିର ମିଯାଜ୍ କୁ ଗରମ କରି
ଛାଡୁଥିଲା ଭକ୍ ଭକ କରି
ଉଷୁମ ନିଃଶ୍ୱାସ ତିହୁଡ଼ିଆ ବାମ୍ପ
ମନେ ଭରିଥିଲା ଅନ୍ତହିନ ଆତ୍ମତୃପ୍ତି ।
ଯୌବନର ଧୁ ଧୂ ନିଦାଘ ବେଳରେ
ଭଷା ବାଦଲର ମେଘଖଣ୍ଡେ ହୋଇ
ଭାସିଆସିଥିଲ ତିନ୍ତାଇ ଦେବାକୁ
ଲୁ' ର ଝାଞ୍ଜିରେ ଝୁଲସି ଯାଉଥିବା
ମନ ପ୍ରାଣ ଆଉ ମୋର ଏ ଶରୀର ।

ISSN NO.
2582-208X

ଅନାୟସେ ବହୁତ ଭିଜିଲି ମୁଁ .....
ହଜି ତୁମ ପିପାସାର ହୃଦୟ କନ୍ଦରେ
ବନ୍ଦ ଆଖିରେ ଉପୋଭୋଗ କଲି
ଅମୃତ ଜାହ୍ନବୀ ର ଜ୍ୟୋସ୍ନା !
ଅନୁଭବ ନେଲି ଜୀବନ ଯାକର ସୁଖ
ଆଉ ,,, ନୀରବରେ କଣି ଆଣିଲି
ହୃଦ ବିଦାରକ ଅମାପ ଯନ୍ତ୍ରଣା
ଅନୁତାପ ଅବଶୋଷ ଓ ହତାଶର
କୁଢ଼ କୁଢ଼ ପ୍ରାୟଶ୍ଚିତ ଅନୁସୋଚନା ।

ମଧ୍ଯ ଶାସନ
ବିରିଡ଼ି,ଜଗତସିଂହପୁର

ISSN NO.
2582-208X

# ଅତୁଲ୍ୟ ଭାରତ


ଅରୁଣ କୁମାର ମହାପାତ୍ର

ସଂସ୍କୃତି ଆଉ ପରମ୍ପରା ଯାର
ଜନ ରକ୍ତେ ପ୍ରବାହିତ
ଗରବ ଗୌରବରେ ମଣ୍ଡିତ ଏହି
ଆମରି ଦେଶ ଭାରତ ।
ଅତିଥିଙ୍କୁ ଦେବ ତୁଲ୍ୟ ମଣି ଯହିଁ
କରିଥାନ୍ତି ମଥା ନତ
ସେହି ଭୂମି ପରା ସରଗଠୁ ବଡ଼
ପୁଣ୍ୟ ଭୂମି ଏ ଭାରତ ।
ଶତ ଶତ ଭାଷା ଅନେକ ବିଭେଦ
ତଥାପି ଯେ ଏକ ହସ୍ତ
ଭେଦ ଭାବ ଭୁଲି ଭାତୃଭାବ ନେଇ
ଗଢା ସମଗ୍ର ଭାରତ ।
ଗଣତନ୍ତ୍ର ରାଷ୍ଟ୍ର ରାଷ୍ଟ୍ରୀୟ ସଙ୍ଗୀତ
ଦେଶ ପାଇଁ ସମର୍ପିତ
ସାର୍ବଭୌମତ୍ୱକୁ ପ୍ରାଧାନ୍ୟ ଦେଇଛି
ଏହି ମୋ ଦେଶ ଭାରତ ।
ବୈବାହିକ ପ୍ରଥା ଆଜି ବି ସମ୍ପନ୍ନ
ବୈଦିକ ରୀତି ସହିତ
ସାବିତ୍ରୀ ଅହଲ୍ୟା ଆଦର୍ଶ ଏଠାରେ

ISSN NO.
2582-208X

ପୁଣ୍ୟଭୂମି ମୋ ଭାରତ।
ପରମ୍ପରା ଭରା ମୋ ଗାଁ ମୋ ସଂସ୍କୃତି
କଥାରା ଭାବେ ଲିଖିତ
କୃଷକ ଯାହାର ସାଜେ ମେରୁଦଣ୍ଡ
ଶସ୍ୟଶ୍ୟାମଳା ଭାରତ।
ଗଙ୍ଗା ଗୋଦାବରୀ ଚରଣ ପଖାଳେ
ହିମାଳୟ ପ୍ରସାରିତ
ଶିରକୁ ମଣ୍ଡିଛି ଶୋଭା ବଢ଼ାଉଛି
ସୁରକ୍ଷିତ ମୋ ଭାରତ।
ଜିବେଦୟା ଭାବ କରନ୍ତୁ ପୋଷଣ
ଦେଖୁଛି ସାରା ଜଗତ
ଗୋମାତାର ପୂଜା ଭକ୍ତ ନୈବେଦ୍ୟରେ
ଶ୍ରେଷ୍ଠ ଏ ମାଟି ଭାରତ।
ଗଣିତ ବିଜ୍ଞାନ ଆୟୁର୍ବେଦ କ୍ଷେତ୍ରେ
ନାମ ଯାହାର ବିଖ୍ୟାତ
ସର୍ବାଗ୍ରେ ଯାହାର ନାମ
ନିଜ ମାଟି ନିଜ ଭୂମି ସୁରକ୍ଷାରେ
ସକ୍ଷମ ଅଟେ ଭାରତ ।
କାଶ୍ମୀର ଠାରୁ କନ୍ୟାକୁମାରୀ
କ୍ଷେତ୍ର ଅଟେ ପ୍ରସାରିତ
ଏ ବିଶାଳ ସ୍ଥିତି ଅବସ୍ଥିତି ସତ୍ତ୍ୱେ
ଅତୁଲ୍ୟ ଆମ ଭାରତ।

ଡି୯–୨/୬,
ଗୌତମୀ ନଗର କଲୋନୀ
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X


# ସ୍ୱପ୍ନ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ସ୍ୱପ୍ନ-ଅବାସ୍ତବ;
ଧରି ହୁଏ ନାହିଁ, ମନର ପର୍ଦ୍ଦାରେ,
ଅବା ଦର୍ପଣର ରୂପେଲି ପୃଷ୍ଠରେ,
ଅନେକଟା ବାକ ରହିଯାଏ,
ଭିଜିଯାଏ ମନ – ରାତିର ସେ ନିଝୁମ ପ୍ରହରେ ॥
ବାସ୍ତବତା ଭୁଲି
ସ୍ୱପ୍ନ ପଛେ ଛାଇଁବାଟା ମସ୍ତବଡ ଭୁଲ;
ସବୁ ସ୍ୱପ୍ନ ସାର୍ଥକ ହୁଏନା;
ସାଗର ଯାଏନା ଶୁଖି
ଦେଖିଲେ ସପନ;
ସ୍ୱପ୍ନ ଦେଖି କେହି କେବେ ବାଦଶା ବନେନା।
ସ୍ୱପ୍ନ ଏକ ମରୁନଦୀ
ଅସ୍ତିତ୍ୱ ତା ହଜିଯାଏ
ମରୁଭୂମି ବାଲୁକା ପୃଷ୍ଠରେ,
ସ୍ଥିତି ତାର ନିମିଷକ ପାଇଁ
ସମାପ୍ତି ତା ନିରାଶାର ଅନ୍ଧାରୀ ଗୁହାରେ।
କିଛି ସ୍ୱପ୍ନ ଭଲ ଲାଗେ,
ରିମ ଝିମ ବରଷା ରାତିରେ;
ଝାଞ୍ଜି ପିଠା ଖରାବେଳେ,

ISSN NO.
2582-208X

ଶୀତ ଋତି ପାହାନ୍ତା – ପ୍ରହରେ;
ନିଜକୁ ହଜାଇ ଦେଲେ ପ୍ରିୟା ପଣତରେ ।
ଏଠି ଜଣେ ସ୍ୱପ୍ନ ଦେଖେ
ଲହୁ ଲୁହ ଏକାକାର କରି;
ଶେଷରେ ସେ ଠକିଯାଏ,
ବିଶ୍ୱାସ ତା ହଜିଯାଏ,
ଦିନ କାଟେ କପାଳ ଆଦରି ।
ସ୍ୱପ୍ନକୁ ସାକାର କରିବାକୁ ହେଲେ
ଲୋଡ଼ାହୁଏ ଅନେକ ସାଧନା;
ସ୍ୱପ୍ନରେ ବାସ୍ତବତା ଆଣିବାକୁ ହେଲେ
ଖଣ୍ଡାଧାରେ ବାଟଚାଲି
ସହିବାକୁ ହୁଏ ଖାଲି ଅସହ୍ୟ ଯନ୍ତ୍ରଣା ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

ISSN NO. 2582-208X

# ଭାରତ ବିଭାଜନ : ଏକ ପରାଭୂତ ସ୍ୱପ୍ନ

ପ୍ରିୟବ୍ରତ ପାତ୍ର

## ସନ୍ଥ ଫ୍ରାନସିସ୍ ଓ ତାଙ୍କର ରହସ୍ୟମୟ ଶବ

ସେ ଦିନଟି ଥିଲା ୧୫ ମାର୍ଚ୍ଚ ୧୫୫୪, ସାରା ଗୋଆ ପାଇଁ ଏକ ଅବିସ୍ମରଣୀୟ ଦିନ। ଗୋଆର ଖ୍ରୀଷ୍ଟିୟ ଧର୍ମ ସଂଗଠନ ଗୋଟିଏ ପୁରୁଣା ଜାହାଜକୁ ରାଜକୀୟ ଢଙ୍ଗରେ ସଜେଇ କରି ରଖିଥିଲେ, କୌଣସି ଏକ ଖାସ୍ ବ୍ୟକ୍ତିଙ୍କୁ ପାଛୋଟି ଆଣିବା ପାଇଁ। ଖବର ପର୍ତ୍ତୁଗୀଜ୍ ଭାଇସରାଏ, ସିନେଟ୍ ଓ ସର୍ବସାଧାରଣଙ୍କ ଠାରେ ପହଞ୍ଚି ସାରିଥାଏ ଯେ ଏକ ଅଲୌକିକ ମର ଶରୀର ଗୋଆ ଆସି ସେହିଦିନ ପହଞ୍ଚୁଛି। ପୁରୁଣା ଗୋଆର ଲୋକେ ଦିନସାରା ନୂଆ ଲୁଗା ପିନ୍ଧି ଏପଟସେପଟ ହେଉଥିଲେ, ସତେକି ନଜର ଅତି ପ୍ରିୟ ଲୋକ ଜଣେ ବହୁ ବର୍ଷ ପରେ ଆସୁଛନ୍ତି। ମାଣ୍ଡବି ନଦୀ ତଟସାରା ଲୋକାରଣ୍ୟ, ଲୋକେ ଫୁଲ, ଧୂପ ଓ ଦୀପ ଧରି ସ୍ୱାଗତ ପାଇଁ ଦିନସାରା ଅପେକ୍ଷା କରିଛନ୍ତି। ପୁରୁଣା ଗୋଆର ପାଖାପାଖି ୫୦ଟି ଚର୍ଚ୍ଚରେ ଘଣ୍ଟି ସବୁ ଢଂ ଢଂ କରି ଦିନସାରା ବାଜୁଥିଲା ଏବଂ ଦୂର ଜାହାଜମାନଙ୍କୁ ଖବର ପହଞ୍ଚିଥିଲା ଯେ କିଛି ଗୋଟିଏ ଘଟିବାକୁ ଯାଉଛି। ଆଗୋଡା ତଥା ରିବନ୍ଦର ପାଖାପାଖି ଦୁର୍ଗମାନଙ୍କରୁ ତୁହାକୁ ତୁହା ତୋପ ଫୁଟୁଥିଲା ଏହି ଭବ୍ୟ ସମ୍ବର୍ଦ୍ଧନା ପାଇଁ। ଅଦିନେ ଏପରି ସୋର ଶବ୍ଦ, ହୁଳହୁଳି, ବାଣ ଫୋଟକା ଓ ଲୋକମାନଙ୍କ ସଜବାଜ ଦେଖି ଆକାଶରେ ପକ୍ଷୀମାନେ ଇତସ୍ତତଃ ରାବ କରି ବୁଲୁଥିଲେ ଏପରିକି ଜେଲରେ ଥିବା କଏଦୀ ମାନଙ୍କୁ ଭଲ ପୋଷାକ, ଭଲ ଖାଦ୍ୟ ଦିଆଯାଇ ସମ୍ମାନର ସହ ବ୍ୟବହାର ପାଇଁ ଆଦେଶ ମିଳିଥିଲା। କିଛି କିଛି ଅପେକ୍ଷାକୃତ କମ ଅପରାଧରେ ଦଣ୍ଡିତ ଅପରାଧି ଓ ବନ୍ଦୀଙ୍କୁ ଦଳଦଳ କରି ମାଣ୍ଡବୀ ନଦୀ ଉପକୂଳକୁ ସଶସ୍ତ୍ର ଜଗୁଆଳୀଙ୍କ ଗହଣରେ ଠିଆ ହେବାକୁ ଅନୁମତି ମିଳିଥିଲା। "ସାନ୍ତାକ୍ରୁଜ୍"ନାମକ ଏକ ଜାହାଜକୁ ଚାରିଟି ଅନ୍ୟ ଜାହାଜ ସାଥୀକରି ନେଇ ଆସୁଥିଲେ। ସ୍ୱୟଂ ଭାଇସରାଏ, ଖ୍ରୀଷ୍ଟିଆନ୍ ପ୍ରୋବିନସିଆଲ୍, ଗଭର୍ଣ୍ଣର ଜେନେରାଲ

ISSN NO.
2582-208X

ତଥା ଆଖପାଖ ଚର୍ଚ୍ଚ ସବୁର ମିସନାରୀ, ସେଣ୍ଟପଲ୍ କଲେଜର ଛାତ୍ର ଓ ଅଧ୍ୟକ୍ଷବୃନ୍ଦ ତଥା ଗୋଆର ଅସଂଖ୍ୟ ଶ୍ରଧାଳୁ ଜନତାଙ୍କ ଗହଣରେ କାଠ କଫିନଟିଏ ଓହ୍ଲାଗଲା ସେହି ଜାହାଜରୁ, ସ୍ଥାନଟି ଥିଲା ଗୋଇ ବନ୍ଦର ଏବଂ ନିକଟସ୍ଥ ଅଜୁଡା ଚର୍ଚ୍ଚରେ ପ୍ରଥମ୍ କଫିନ୍ ଟିକୁ ରଖାଗଲା । ତାହା ଥିଲା ସ୍ଥାନୀୟ ଲୋକଙ୍କ ଅଦ୍ୱିତୀୟ ଜନପ୍ରିୟ ସନ୍ଥ ଫ୍ରାନସିସ୍ ଜାଭିଏର୍ ଙ୍କ ମର ଶରୀର ବହନ କରି ଆସିଥିବା କାଠର କଫିନ୍ । ଏଭଳ ଭବ୍ୟ ସମ୍ବର୍ଦ୍ଧନା କୌଣସି ରାଜାଙ୍କୁ ମିଳେନାହିଁ କି କୌଣସି ରକ୍ଷାକାରୀ ଯୋଦ୍ଧା ବା ସେନାପତିଙ୍କୁ ମିଳେନାହିଁ ।

ଆଧୁନା ଗୋଆର ବାସିଲିକା ଅଫ୍ ଭମ୍ ଜେସସ୍ ଚର୍ଚ୍ଚରେ ରହିଛି ସନ୍ଥ ଫ୍ରାନସିସ୍ ଜାଭିଏରଙ୍କ ସଂରକ୍ଷିତ ମର ଶରୀର । ସାରା ବିଶ୍ୱବାସୀଙ୍କ ପାଇଁ ଏହା ଏକ ଅଦଭୁତ ତଥା ଅଲୌକିକ ଜୀବନ୍ତ ମର ଶରୀର । ବିଜ୍ଞାନ ତଥା ପ୍ରକୃତିର ସମସ୍ତ ନିୟମ ଓ ସୀମାରେଖା ଡେଇଁ ଏହି ଶରୀରଟି ବଡ ବିଚିତ୍ର ଭାବେ କାଳଜୟୀ ହୋଇ ରହିଛି । ଅତି ଭୌତିକ ଘଟଣା ରାଜି ଦ୍ୱାରା କୋଟି କୋଟି ଲୋକଙ୍କ ବିଶ୍ୱାସ ଓ ଧର୍ମ ଧାରଣାକୁ ଉଜ୍ଜିବିତ କରି ଏହା ଅକ୍ଷତ ହୋଇ ରହିଛି । ପୃଥିବୀର କୌଣସି ସନ୍ଥଙ୍କ ମର ଶରୀରକୁ ନେଇ ଏତେ ଚର୍ଚ୍ଚା, ଏତେ ବିଶ୍ୱାସ, ସମ୍ମାନ, ଏତେ ଦ୍ୱନ୍ଦ ଉପୁଜି ନାହିଁ ଯାହାକି ଫ୍ରାନସିସ୍ ଙ୍କ ଶରୀରକୁ ନେଇ ସଂଗଠିତ ହୋଇଛି । ଜାଗା ପରେ ଜାଗା ପରିବର୍ତ୍ତନ କରି ସମସ୍ତ ପରୀକ୍ଷା ନିରୀକ୍ଷାକୁ ଅତିକ୍ରମ କରି ଆଜକୁ ୪୫୦ ବର୍ଷ ଧରି ସାରା ବିଶ୍ୱବାସୀଙ୍କୁ ପ୍ରହେଳିକାମୟ କରି ରଖିଛି ଏହି ଶରୀର । ବିଜ୍ଞାନ ଏହାକୁ "ମମି" ବୋଲି କହୁଛି, କିନ୍ତୁ ମମି ପାଇଁ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଲେପ, ସିଲ୍କ କନାର ଚପା ପରିବେଷ୍ଟନୀ ତଥା ଦେହ ଭିତରର ଅଙ୍ଗପ୍ରତ୍ୟଙ୍ଗର ଅନୁପସ୍ଥିତି – ଏହି ମର ଶରୀରରେ ଦେଖାଯାଏ ନାହିଁ । ତେଣୁ ବିଜ୍ଞାନ ଏହାକୁ କଣ ବୋଲି ନାମିତ କରିବ ?

ଫ୍ରାନସିସ୍ ଜାଭିଏରଙ୍କ ଜୀବନୀ : ୧୫୦୬ ଅପ୍ରିଲ ୭ ତାରିଖରେ ସ୍ପେନ୍ ନିକଟସ୍ଥ Navarra ରେ ଜନ୍ମ ହୋଇଥିଲେ ଫ୍ରାନସିସ୍ । ଫ୍ରାନସିସ୍ ପ୍ୟାରିସ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ନିଜର ପ୍ରିୟ ସାଥୀଙ୍କଠୁ ଶୁଣିଲେ ଯେ ଈଶ୍ୱରଙ୍କୁ ସବୁକିଛି ଦେଇଦେଲେ, ମଣିଷ ସବୁକିଛି ପାଇଯାଏ । ଖ୍ରୀଷ୍ଟଧର୍ମରେ ଉଦବୁଦ୍ଧ ହୋଇ ପୋପ୍

ISSN NO.
2582-208X

ଙ୍କ ପାଖକୁ ଗଲେ ଏବଂ ଆଶୀର୍ବାଦ ନେଇ ଜେରୁଜେଲମ୍ ଯାତ୍ରାରେ ବାହାରିଲେ । ଯୁଦ୍ଧର ଘନଘଟା ଯୋଗୁଁ ଯିବା ନୋହିଲା ଏବଂ ପୋପ୍ ଙ୍କୁ ପ୍ରସ୍ତାବ ଦେଲେ ଯାହାକୁ ଯୁଆଡେ ପଠାଯିବ ସେଠାକୁ ଯାଇ ସେ ଧର୍ମ ପ୍ରଚାର କରିବେ । ପର୍ତ୍ତୁଗାଲର ରାଜା ଫ୍ରାନସିସ୍ ଙ୍କୁ ଭାରତ ପଠେଇଦେଲେ ଧର୍ମ ପ୍ରଚାର ଓ ପ୍ରସାର ପାଇଁ। ଏହି କ୍ରମରେ ୧୫୧୨ ମସିହାରେ ଦୀର୍ଘ ଯାତ୍ରା ଅତିକ୍ରମ କରି ଗୋଆ ଉପକୂଳରେ ପହଞ୍ଚିଲେ ଏବଂ ଏହାକୁ ହିଁ ଜୀବନର କର୍ମଭୂମି ରୂପେ ବାଛିନେଲେ । ତତ୍କାଳୀନ ଗଭର୍ଣ୍ଣର ଓ ବିଶପ୍ ଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣକୁ ଉପେକ୍ଷା କରି ସେ ହସପିଟାଲକୁ ବାଛିନେଲେ । କିଛି ଦିନ ST Paul କଲେଜରେ ଧର୍ମ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ପୁନଶ୍ଚ ନିଜର ମିସନ୍ ରେ ସେ ବାହାରିଗଲେ । କୋଚନ୍ ଗଲେ, ମାଲ୍କା ଗଲେ, ସେଠାରେ ସ୍ଥାନୀୟ ଭାଷା ଶିକ୍ଷା କଲେ, ସ୍ଥାନୀୟ ସମସ୍ୟା, ଲୋକଙ୍କ ସୁଖ, ଦୁଃଖରେ ନିଜକୁ ସାମିଲ କଲେ ଏବଂ ଯୀଶୁଙ୍କ ବାର୍ତ୍ତା ପ୍ରଚାରକୁ ଜୀବନର ଧ୍ୟେୟ କରି ସବୁ କିଛି କଷ୍ଟକୁ ପାରି ହୋଇଗଲେ । ମାଲ୍କା ତଥା କୋଚନ୍ ଉପକୂଳରେ ଥିବା ନୋଳଆ ତଥା ଭେକଲା ଜନଜାତିଙ୍କୁ ବାର୍ତ୍ତା ପହଞ୍ଚାଇବା, ପ୍ରଶ୍ନ ଉତ୍ତର ମାଧ୍ୟମରେ ସମସ୍ତ ସନ୍ଦେହକୁ ଦୂର କରିବା, ସ୍ଥାୟୀ ଚର୍ଚ୍ଚ ପ୍ରତିଷ୍ଠା କରିବା, ଅଧିକରୁ ଅଧିକ ଲୋକଙ୍କୁ ନୂଆ ଧର୍ମରେ ଦୀକ୍ଷିତ କରିବା ତାଙ୍କ ଜୀବନର ମିସନ୍ ହୋଇ ସାରିଥିଲା । ଅନେକ ଅଲୌକିକ ଘଟଣା ଦେଖି ଲୋକେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ଏବଂ ଜଣେ ସନ୍ଥ ଭାବେ ଗୃହୀତ ହୋଇ ପାରିଥିଲେ । ମଝିରେ ମଝିରେ ଗୋଆ ଆସି ପୁଞ୍ଜି ସଂଗ୍ରହ କରି, ଶିକ୍ଷା ଦାନ କରି ସେ ଜନତାଙ୍କ ମଧ୍ୟକୁ ଚାଲିଯାଉଥିଲେ । ତାପରେ ଜାପାନ ଯିବା ପାଇଁ ନିଷ୍ପତ୍ତି ନେଲେ । କିଛି ଜାପାନୀ ଛାତ୍ରଙ୍କ ସହ ପୁଣି ଚୀନ୍ ଯିବାର ଯୋଜନା କଲେ । ଶେଷଥର ପାଇଁ କୋଚନ୍, ମାଲ୍କା ଓ ଗୋଆର ସମସ୍ତ ପ୍ରିୟଜନଙ୍କଠାରୁ ବିଦାୟ ନେଇ ଚୀନ ଅଭିମୂଖେ ବାହାରିଲେ । ଜାହାଜରେ ତୀବ୍ର ଅସୁସ୍ଥତା ଯୋଗୁଁ ଘଣ୍ଟା ଘଣ୍ଟା ଧରି ଶୋଇ ରହି ବିଶ୍ରାମ ନେବାକୁ ପଡିଲା । କିନ୍ତୁ ଅଶାନ୍ତ ସମୁଦ୍ର ଓ ଟଳମଳ ଜାହାଜ ଅସୁସ୍ଥତାକୁ ବଢେଇ ଦେବାରୁ, ଜ୍ୱର ଓ ଅଜଣା ରୋଗରେ ଆକ୍ରାନ୍ତ ଫ୍ରାନସିସ୍ ନିଜର ଦୁଇ ମିତ୍ରଙ୍କ ସହ ସାନସିଆନ ଦ୍ୱୀପରେ ଓହ୍ଲେଇଗଲେ । ଜଣେ ଚୀନା ବ୍ୟବସାୟୀ ଚୀନାରୁ ଫେରି ଆସି ନିଶ୍ଚିତ ରୂପେ ଫ୍ରାନସିସ୍ ଙ୍କୁ ନେଇଯିବା ପାଇଁ କଥା ଦେଇଥିଲେ । କିନ୍ତୁ ସେ ଆଉ ଫେରିଲେ ନାହିଁ । ପ୍ରଚଣ୍ଡ ଶୀତ, କ୍ରମାଗତ ବର୍ଷା ଓ କାଦ ସନ୍ତସନ୍ତିଆ ନିର୍ଜନ ଦ୍ୱୀପରେ ଏକ ଭଙ୍ଗା

ISSN NO.
2582-208X

ମାଟିଝାଟି କୁଟୀର ଭିତରେ ଶେଷ ସମୟକୁ ଅପେକ୍ଷା କରିଥିଲେ ସନ୍ଥ । ଭଙ୍ଗା କବାଟ ଓ ଦୋଦରା ମାଟିବାଡ ଦେଇ ସାଇଁ ସାଇଁ ବହୁଥିବା ହାଡଥରା ଶୀତଳ ପବନରେ କମ୍ପି ଉଠୁଥିବା ଶରୀର ଶେଷରେ ଜୀବନ ହୀନ ହୋଇଗଲା । ଚୀନା ସାଥୀ ଆଣ୍ଟିନଓ ହାତରେ କ୍ରସ୍ ଟିଏ ଧରେଇ ସନ୍ଥକୁ ମର୍ତ୍ତ୍ୟ ଭୂମିରୁ ବିଦାୟ ଦେଲେ । ଡିସେମ୍ବର ୩, ୧୫୫୨, ମାତ୍ର ୪୬ ବର୍ଷ ବୟସରେ ଏହି ମହାନ୍ ସନ୍ଥ ବହୁତ କଛି କରି ଯାଇଥିଲେ । ଏହା ଥିଲା ତାଙ୍କର ସଂକ୍ଷିପ୍ତ ଜୀବନୀ । ଅସଲ କୋଳାହଳ ଓ ଅଲୌକିକତା ଆରମ୍ଭ ହେଲା ତାଙ୍କର ଦୀର୍ଘ ୪୫୦ ବର୍ଷର ବିଘଟିତ ହୋଇ ନଥିବା ଶରୀରକୁ ନେଇ । ମୃତ୍ୟୁ ପରେ, ପାରମ୍ପରିକ ଗ୍ଭଇନା ରୀତିରେ କଫିନ୍ ଭିତରେ, ଚୂନ ପାଣି ଭିତରେ ମର ଶରୀରକୁ ରଖି ଦିଆଗଲା – ଉଦ୍ଦେଶ୍ୟ ଥିଲା ମର ଶରୀରଟି ଶୀଘ୍ର ନଷ୍ଟ ହୋଇଯିବ ଏବଂ ଜାହାଜର ଫେରନ୍ତା ସମୟକୁ ଅସ୍ଥି ସବୁ ପ୍ରସ୍ତୁତ ହୋଇ ସାରିଥିବା ମଲ୍ଲା ଆସିବା ପାଇଁ । ସାନସିଆନ୍ ଦ୍ୱୀପରେ ସେତେବେଳକୁ ପ୍ରଚଣ୍ଡ ଶୀତ ପଡୁଥିଲା ଏବଂ ପର୍ତ୍ତୁଗୀଜମାନେ ସ୍ଥାପନ କରିଥିବା ପାହାଡ ତଳେ ଏକ ଜାଗାରେ ଏହି କଫିନ୍ ଟିକୁ କବର ଦିଆଗଲା, ପାଖରେ କ୍ରସ୍ ଟିଏ ପୋତି ଦିଆଗଲା ଓ କଛି ପଥର ଚହ୍ନ ସ୍ୱରୂପ ରଖି ଦିଆଗଲା । ଫେରନ୍ତା ସମୟରେ ଜାହାଜରୁ ଦୁଇଜଣ ନାବିକ ଆସିଲେ ଏହି କଫିନରୁ ଅସ୍ଥି ସବୁ ଉଦ୍ଧାର କରି ନେଇଯିବା ପାଇଁ, କନ୍ତୁ ହତବାକ ହୋଇଗଲେ ଏକ ବିଚତ୍ର ଦୃଶ୍ୟ ଦେଖି । କଫିନ୍ ଭିତରେ ଚୂନ ପାଣି ତଳେ ଶରୀରଟି ପୁରାପୁରି ଅକ୍ଷତ ଥିଲା, କୌଣସି ପଗ୍ଧ ଗନ୍ଧ ନଥିଲା କ ବିଘଟନ ପ୍ରକ୍ରିୟା ଆରମ୍ଭ ହୋଇ ନଥିଲା । ସେମାନେ ବାମ ଜଙ୍ଘରୁ ଆଙ୍ଗୁଳ ଆକୃତିର ମାଂସ କାଟିଆଣି ଜାହାଜର କପ୍ତାନଙ୍କୁ ଦେଖେଇଲେ । ବିସ୍ମିତ ନାବିକମାନେ ଦେଖିଲେ କ୍ଷତରୁ ରକ୍ତ ବୋହୁଥିଲା ଓ କଟା ମାଂସଟିର ରକ୍ତରେ ଜୁଡୁବୁଡୁ ଥିଲା । ଯାହାହେଉ, ଏହି ଜୀବନ୍ତ ଅଥଚ ମର ଶରୀରଟିକୁ ନେଇ ଜାହାଜ ଗ୍ଭଲିଲା କେରଳର ମାଲ୍କା ଅଭିମୂଖେ । ମାଲ୍କାର ଗଭର୍ଣ୍ଣର ଫ୍ରାନସିସ୍ ଙ୍କ ଲୋକପ୍ରିୟତାରେ ଈର୍ଷାଳୁ ଥିଲେ ଏବଂ ମରଣୋତ୍ତର ଅଲୌକିକତାକୁ ଭୁଲୁଣ୍ଠିତ କରିବା ପାଇଁ, ବିନା କଫିନରେ ଶରୀରଟିକୁ ପୋତି ଦେବା ପାଇଁ ନର୍ଦ୍ଦେଶ ଦେଲେ । Our Lady Church ସନ୍ନକଟ ଏକ ଛୋଟିଆ ଗାତ ଖୋଳ ଫ୍ରାନସିସ୍ ଙ୍କ ଦେହଟିକୁ ବଡ ନର୍ମମ ଭାବେ ମୋଡି ମାଡି ପୋତି ଦିଆଗଲା । ଫଳରେ ବେକ ପାଖରେ ହାଡ ଭାଙ୍ଗିଯାଇ ମୁଣ୍ଡଟି ବଙ୍କା ହୋଇ ଛାତି ଆଡକୁ ଆସି ଯାଇଥିଲା । ମୁହଁ ଉପରେ ରୁମାଲ ଖଣ୍ଡିଏ ଯାହା ପକାଯାଇ

ISSN NO.
2582-208X

ଗାତଟିକୁ ପୋତି ଦିଆଯାଇଥିଲା । ପ୍ରାୟ ଚାରିମାସ ପରେ ଫ୍ରାନସିସ୍ ଙ୍କ ଶେଷ ଇଚ୍ଛାନୁଯାୟୀ ଗୋଆରେ ସମାଧି ସୌଧ ପ୍ରସ୍ତୁତି ନିମନ୍ତେ ଅସ୍ଥି ସବୁ ସଂଗ୍ରହ ପାଇଁ ଗାତଟିକୁ ଖୋଳାଗଲା । ଆଶ୍ଚର୍ଯ୍ୟ କଥା ଶରୀରଟି ଆଦୌ ନଷ୍ଟ ହୋଇ ନଥିଲା । ବେକ ମୋଡି ହୋଇଯିବା ଯୋଗୁଁ ମସ୍ତିଷ୍କରେ କ୍ଷତ ସୃଷ୍ଟି ହୋଇ ନାକପଟେ ରକ୍ତ ବାହାରି ରୁମାଲଟିକୁ ଭିଜାଇ ଦେଇଥିଲା । ଏହି ଖବର ଗୋଆ ଓ ଇଉରୋପରେ ପ୍ରଚାର ହୋଇଗଲା । ସେହି ଶରୀରକୁ ପୁନଶ୍ଚ ଏକ କାଠ କଫିନରେ ରଖି ସାନ୍ତାକ୍ରୁଜ୍ନାମକ ଜାହାଜରେ ଗୋଆ ଅଣାଗଲା ।

ସେ ସମୟରେ ସଂଗଠିତ ଭବ୍ୟ ସମ୍ବର୍ଦ୍ଧନା ଓ ବିଘଟନହୀନ ଶରୀର ବିଷୟରେ ବିଶେଷ ବିବରଣୀ ଦେଇ ଯେଉଁ ବହି ଲେଖା ଯାଇଥିଲା, ତାର ବଞ୍ଚିଯାଇଥିବା ଶେଷ କପିଟି ବର୍ତ୍ତମାନ ରୋମରେ ପୋପ୍ ଙ୍କ ଲାଇବ୍ରେରୀରେ ସୁରକ୍ଷିତ । ସେଥିରେ ଥିବା ବର୍ଣ୍ଣନା ଅନୁଯାୟୀ ଗୋଆରେ ଏତେ ଭିଡ ଲାଗି ରହିଥିଲା ଯେ ସ୍ୱୟଂ ଭାଇସରାଏ ମଧ୍ୟ ତିନଦିନ ପର୍ଯ୍ୟନ୍ତ ଫ୍ରାନସିସ୍ ଙ୍କ ମର ଶରୀର କୁ ଦର୍ଶନ କରିବା ପାଇଁ ସୁଯୋଗ ପାଇ ନଥିଲେ । ଦୁଇ ଜଣ ଡାକ୍ତର ପରୀକ୍ଷା ନିରୀକ୍ଷା କରି ଫ୍ରାନସିସ୍ ଙ୍କ ପେଟରେ ବାମ ପଟେ ଥିବା ଏକ ଛିଦ୍ର ପଟେ ଅଙ୍ଗୁଳି ପ୍ରବେଶ କରାଇ, ଭଗବାନ ଓ ଖ୍ରୀଷ୍ଟର ନାମରେ ଶପଥ ନେଇ ସବିଶେଷ ରିପୋର୍ଟ ଦେଲେ "ଶରୀରର ପେଟ ତଥା ଅନ୍ତସ୍ଥ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଠିକଠାକ୍ ଅଛି, ଦେହ ଉପରେ କୌଣସି ରାସାୟନିକ ପ୍ରଲେପ ଦିଆଯାଇ ନାହିଁ କି କୌଣସି ଝିନ୍ କପଡା ଗୁଡାଯାଇ ନାହିଁ । ଜଙ୍ଘ ସମସ୍ତ ମାଂସପେଶୀ ସମ୍ପୂର୍ଣ୍ଣ ସତେଜ ରହିଛି । ଏଣୁ ଶରୀରର ଏହି ସ୍ଥିତି ବିଜ୍ଞାନର ବୁଝିବା ବାହାରେ ।" ତିନଦିନ କାଳ ସର୍ବସାଧାରଣଙ୍କ ଦର୍ଶନାର୍ଥେ ଶରୀରଟି ଖୋଲା ରଖାଗଲା । ଅଲୌକିକ ଶରୀରରୁ କିଛି ଅଂଶ ଲୁଟି ନେବାର ପ୍ରବୃତ୍ତି ଭକ୍ତମାନଙ୍କ ମନରେ ଦେଖାଗଲା । ଦକ୍ଷିଣ ପାଦର କାଣି ଆଙ୍ଗୁଠିଟି ଏସାବେଲା ନାମକ ପର୍ତ୍ତୁଗୀଜ୍ ମହିଳା ଉପାଡି ନେଇଗଲେ, ବ୍ରାଭୋ ନାମକ ଆଉ ଜଣେ ଭଦ୍ର ଲୋକ ଶରୀରରୁ କିଛି ତାଜା ମାଂସ କାଟିନେଲେ ।

ISSN NO.
2582-208X

ଏହି ସମୟରେ ଶରୀରର ଅଂଶ ବିଶେଷ ନେବା ପାଇଁ ଭିଡା ଓଟର୍ ଆରମ୍ଭ ହୋଇଗଲା । ମର ଶରୀରଟି ପାଇଥିବା ଐଶ୍ୱରିକ ଶକ୍ତିରେ ଈର୍ଷା ତଥା ସନ୍ଦେହୀ ହୋଇ ରୋମରୁ ଖବର ଆସିଲା, ଏପଟେ ମାଲକା, କୋଚନ୍ ତଥା ମାକାଉର ଚର୍ଚ୍ଚମାନେ ମଧ୍ୟ ଶରୀର ଦେହାବଶେଷ ପାଇଁ ଦାବି ଜଣେଇଲେ । କିନ୍ତୁ ସ୍ଥାନୀୟ ଗୋଆ ବାସୀ କିଛି ମଧ ଦେବାକୁ ନାରାଜ ଥିଲେ । ନଭେମ୍ବର ୩, ୧୬୧୪ ର ଗଭୀର ନିଶାର୍ଦ୍ଧରେ ଏକ ବଡ ବିବାଦପୂର୍ଣ୍ଣ ଆଲୋଚନା ପରେ ଗୋଟିଏ ଭୟଙ୍କର ନିଷ୍ପତ୍ତି ନିଆଗଲା । ୪ ଜଣ ମୁଖ୍ୟ ଧର୍ମାଧିକାରୀ ଓ ସରକାରୀ ମୁଖ୍ୟଙ୍କ ସାକ୍ଷ୍ୟ କ୍ରମେ ସନ୍ଥଙ୍କର କହୁଣିଠାରୁ ଡାହାଣ ହାତଟି ଉତ୍ପାଟନ କରାଗଲା ଓ ରୋମ୍ ପଠେଇ ଦିଆଗଲା, ଯାହାକି ଏବେ Gessu ଚର୍ଚ୍ଚରେ ସଂରକ୍ଷିତ । ପରେ ଅପ୍ରେଲ ୨୭, ୧୬୧୯ ରେ କାନ୍ଧ ଠାରୁ କହୁଣି ପର୍ଯ୍ୟନ୍ତ ବାକି ଅଂଶ ଉତ୍ପାଟନ କରି, ତାକୁ ତିନି ଗଡି କରି ପୂର୍ବୋକ୍ତ ଦାବିଦାର ତିନୋଟି ଚର୍ଚ୍ଚକୁ ପଠେଇ ଦିଆଗଲା । ଏସବୁ ଭଙ୍ଗାଭଙ୍ଗି ଓ କଟାକଟିରେ ରକ୍ତସ୍ରାବ ଘଟି ନଥିଲା, କିନ୍ତୁ କ୍ରୁଷ୍ଟା ନିଷ୍ଠୁୟ ଥିଲା । ଯେଉଁ ପୃଥିବୀରେ ଜୀବନ୍ତ ଯୀଶୁଙ୍କ ହାତ ଗୋଡରେ ଲୁହା କଣ୍ଟା ପିଟା ଯାଇପାରେ, ସେଭଳି ନିଷ୍ଠୁର ପୃଥିବୀରେ ଜଣେ ମୃତ ସନ୍ଥଙ୍କ ହାତ ଉପାଡି ଦେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ବମ୍ ଜେସମ୍ ଚର୍ଚ୍ଚ ତିଆରି ପରେ ଧର୍ମାଧିକାରୀ ଓ ଶିକ୍ଷକମାନଙ୍କ ପାଇଁ ସଂଲଗ୍ନ ଆବାସ ସବୁ ତିଆରି ହେଲା ଯାହାର ନାମ ଥିଲା Casa Protesa । ତାହାର ତୃତୀୟ ତାଲାରେ ପ୍ରଥମେ ମର ଶରୀରକୁ ରଖାଯାଇଥିଲା । ପରେ ଚର୍ଚ୍ଚ ମଧ୍ୟସ୍ଥ ଏକ ପ୍ରକୋଷ୍ଠ (Chapel) କୁ ସ୍ଥାନାନ୍ତର କରାଗଲା । ଏହି ପ୍ରକୋଷ୍ଠଟିର ତିନଟି ମୁଖ୍ୟ ଅଂଶ ହେଲା ଚମତ୍କାର ତୋରଣ, ସ୍ତମ୍ଭ ଓ ଚିତ୍ରିତ ଛାତ ଥିବା ପ୍ରକୋଷ୍ଠ, ଇଟାଲୀୟ କଳାର ଚମତ୍କାର ନିଦର୍ଶନ ମାର୍ବଲ ପିଣ୍ଡି ଓ ସ୍ଥାନୀୟ ରୌପ୍ୟ କାରିଗରଙ୍କ ଦ୍ୱାରା ନିର୍ମିତ ରୌପ୍ୟ ବାକ୍ସ, ଯହାର କାଚ ଫ୍ରେମ ଦେଇ ଶରୀରଟି ଦୃଶ୍ୟମାନ ହୋଇଥାଏ । ମାର୍ବଲ ପିଣ୍ଡିର ଇତିହାସ ବିଚିତ୍ର । କୌଣସି ଏକ ସାମରିକ ଅଫିସର ରୋମ୍ ଯିବା ବାଟରେ ଟସକାନର ମହାମହିମ ଡିଉକ୍ ଡିଉକ୍ କାସିମୋ–III କୁ ଦେଇଥିଲେ ଏକ ବିଚିତ୍ର ଉପହାର । ତାହା ଥିଲା ଏକ ତକିଆ ଯାହା ଉପରେ ଫ୍ରାନସିସ୍ ଙ୍କ ମୃତ ଶରୀରର ମୁଣ୍ଡଟି ଦୀର୍ଘ ଦିନ ଧରି ବିଶ୍ରାମ ନେଇଥିଲା । ଡିଉକ୍ କୃତଜ୍ଞତାରେ ଗଦଗଦ ହୋଇ ରଙ୍ଗବେରଙ୍ଗୀ ଇଟାଲୀୟ ମାର୍ବଲ ପିଣ୍ଡିରେ କାରୁକାର୍ଯ୍ୟ କରି

ISSN NO.
2582-208X

ଗୋଆ ପଠେଇ ଥିଲେ । ପିଣ୍ଡି ସାଥିରେ ଆସିଥିବା ଚିତ୍ରକର Ramoni ଙ୍କ ଡାଏରୀରୁ ଜଣାଯାଏ ଯେ ତତ୍କାଳୀନ ଇଟାଲୀ ଦେଶର ସ୍ଥପତି ଫୋଗିନ ଯିଏ କ ମୃତ୍ୟୁକାଳୀନ ସ୍ମୃତି ଉଦ୍ରେକକାରୀ ସାମଗ୍ରୀ ସୃଷ୍ଟି ପାଇଁ ବିଖ୍ୟାତ ଥିଲେ । ସିଏ ହିଁ ଏହି ପିଣ୍ଡିର ନିର୍ମାତା ଥିଲେ । ଫ୍ରାନସିସ୍ ଙ୍କ ମରଣକାଳୀନ ବନ୍ଧୁ Antionio ମୃତ୍ୟୁ ଶଯ୍ୟାରେ ଦେଇଥିବା ସମସ୍ତ ଦାନ ତଥା ଜନସାଧାରଣଙ୍କ ଦାନରେ ତିଆରି ହୋଇଥିଲା ଏକ ରୌପ୍ୟ ବାକ୍ସ । ଏହି ଭବ୍ୟ ରୌପ୍ୟ ବାକ୍ସ ରେ ଫ୍ରାନସିସ୍ ଙ୍କ ଜୀବନର ଅଲୌକିକ ଘଟଣାରାଜି ଖୋଦିତ ହୋଇଛି । ସନ୍ଥଙ୍କର ରୋଗୀ, ଦୁଃଖୀଙ୍କୁ ଭଲ କରିଦେବା, ଦାକ୍ଷିଣାତ୍ୟରେ ବାପଟାଇଜ୍ କରିବା, ମାଲ୍କାର ଭିକାରଙ୍କୁ ଜୀବନଦାନ, ହାତରୁ ଖସି ପଡିଥିବା ସମୁଦ୍ରରେ ନିପତିତ କ୍ରସକୁ କଙ୍କଡାର ଉଦ୍ଧାର କରିବା, ଜାହାଜ ଯାତ୍ରା ସମୟରେ ଝଡ ବନ୍ଦ କରିବା, ସମୁଦ୍ର ଜଳକୁ ମଧୁର କରିବା, ସେଣ୍ଟପଲ୍ ରେ ଅଭିଭାଷଣ ଦେବା, ମୃତ୍ୟୁ ପରେ ମହିଳାଙ୍କୁ ସୂକ୍ଷ୍ମ ଦର୍ଶନ ଆଦିର ଘଟଣା ଚିତ୍ର ସବୁ ସେଠାରେ ଅଙ୍କିତ ।

ସେହି ରୌପ୍ୟ ବାକ୍ସ ଉପରେ କ୍ରସ୍ ଅଛି ଏବଂ ଦୁଇଜଣ ପରୀ ଉଡ୍ଡୀୟମାନ ଅବସ୍ଥାରେ ଅଛନ୍ତି । ଜଣକ ହାତରେ ଏକ ଜ୍ୱଳନ୍ତ ହୃଦୟର ଛବି, ଅନ୍ୟ ଏକ ହାତରେ ରହିଛି ଏକ ବାର୍ତ୍ତା ଯାହାର ଅର୍ଥ ହେଲା – "ଏତିକ ଯଥେଷ୍ଟ ପ୍ରଭୁ, ଏତିକ ଯଥେଷ୍ଟ ।" ଏକ ଚକମକ କରୁଥିବା ଫଳକର୍ଗ ଗୋଆ ରଜତ କାରିଗରୀଙ୍କ ଭୂୟସୀ ପ୍ରଶଂସା ସୂଚକ ସ୍ମାରକଟିଏ ଲାଗିଛି ।

ଏହି ପିଣ୍ଡିରେ ସନ୍ଥଙ୍କର ମର ଶରୀର ରହିବା ପରଠୁ ବିଭିନ୍ନ ପରିସ୍ଥିତିରେ ବାକ୍ସ ଖୋଲାଯାଇଛି ଏବଂ ପ୍ରତ୍ୟେକ ଥର କିଛି କିଛି ଚୋରି ହୋଇଛି । ଏସବୁର ଠିକିନଖି ବିବରଣୀ ମଧ୍ୟ ଆଜି ଉପଲବ୍ଧ । ଅନେକ ସମ୍ଭ୍ରାନ୍ତ ଓ ଧର୍ମଯାଜକମାନଙ୍କ ପାଇଁ ଶରୀରରୁ କିଛି ଅଂଶ ବା ପୋଷାକ ପତ୍ରରୁ କିଛି ରଖିବା ଏକ ସମ୍ଭ୍ରାନ୍ତର ପରିଚୟ ଥିଲା ।ଏହା ଅନେକ ସୌଭାଗ୍ୟ ଆଣିଥାଏ ଏବଂ ରୋଗ, ଶୋକ ଦୂର କରିବାରେ ସକ୍ଷମ ବୋଲି ଏକ ବଦ୍ଧମୂଳ ବିଶ୍ୱାସ ଥିଲା । ସରକାରୀ ତଥା ସ୍ୱୟଂ ପୋପ୍ ଙ୍କ ଠାରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଲୁଚି

ISSN NO.
2582-208X

ଛପାରେ ଏହି ଲୁଣ୍ଠନ ଗ୍ଡଲିଥିଲା । ଗ୍ଡବିଗୁଡିକ ଫ୍ରେମରେ ଥିଲା ସତ, କିନ୍ତୁ ନକଲି ଗ୍ଡବିରେ ବାକ୍ସ ଖୋଲା ଯାଉଥିଲା । କିଏ ପାଦ ଚୁମ୍ବନ କରୁଥିଲା ତ କିଏ ଉତ୍ତରୀୟ ପିନ୍ଧାଉଥିଲା, କିନ୍ତୁ କିଛି ଲୁଟିନେବା ହିଁ ଉଦ୍ଦେଶ୍ୟ ଥିଲା । ବେଳେବେଳେ ଗୁଜବ ଉଠୁଥିଲା ଶରୀର ନଷ୍ଟ ହୋଇଗଲାଣି ବା ତା ଜାଗାରେ ଆଉ କାହାର ମର ଶରୀର ରଖାଗଲାଣି । ଏସବୁ ଦୂରୀକରଣ ପାଇଁ ଓ ଲୋକଙ୍କ ଭିତରେ ବିଶ୍ୱାସ ଦୃଢୀଭୂତ ପାଇଁ ବାରମ୍ବାର ବାକ୍ସ ଖୋଲାଯାଉଥିଲା । ଡାକ୍ତର, ସାମରିକ ଅଫିସର ଓ ବିଗ୍ଡରପତି ତଥା ଧର୍ମାଧିକାରୀଙ୍କ ଉପସ୍ଥିତିରେ ଶରୀରର ସବିଶେଷ ବିବରଣୀ ମଧ୍ୟ ଲେଖା ଯାଇଥିଲା । ୧୯୫୧ ଜୁନ ମାସରେ ଶେଷଥର ରିପୋର୍ଟ ଅନୁଯାୟୀ ମୁଣ୍ଡାଟି ଶରୀର ଠୁ ଅଲଗା ହୋଇଛି, କିଛି ପାଦ ଆଙ୍ଗୁଠି ଝଡି ଯାଇ ଗୁଣ୍ଡ ହୋଇଛି, ହାତ ପାଦର ଶିରା ପ୍ରଶିରା ସ୍ପଷ୍ଟ, କିଛି ଲୋମ ଓ ମୁଣ୍ଡର ବାଳ ତମାମ ଉତ୍ପାଟନ ପରେ ବି ବଞ୍ଚି ଯାଇଛି, ଚର୍ମ ଶୁଖି କଳା ଦିଶୁଛି, ଗୋଟିଏ ଦାନ୍ତ କିଏ ଗ୍ଡେଗ୍ଡାଇ ନେଇଛି, ତିନଟି ଦାନ୍ତ ପଦାକୁ ଦେଖାଯାଉଛି, ପେଟ ଭିତରେ କିଛି ହେଲେ ନାହିଁ ଇତ୍ୟାଦି । ଏବେ ବାକ୍ସ ଖୋଲା ନଯାଇ କାଚ ଏପଟୁ ଯାହା ପରୀକ୍ଷା କରାଯାଉଛି ।

ଅତ୍ୟନ୍ତ ବିନୟୀ ଓ ନମ୍ର ଏହି ସନ୍ଥ ଜଣକ ନିରନ୍ତର ଭଗବତ୍ ପ୍ରାର୍ଥନାରେ ନିମଗ୍ନ ରହୁଥିଲେ । ସେହି ମହାନ ଆତ୍ମାଙ୍କ ମର ଶରୀରକୁ ଅଲୌକିକ ବୋଲି ଡିଣ୍ଡିମ ପିଟିବା, ତାପାଇଁ ପ୍ରମାଣ ଖୋଜିବା, ବିଜ୍ଞାନକୁ ଗ୍ଡଲେଞ୍ଜ କରିବା ଅପେକ୍ଷା ତାଙ୍କରି ପରି ହୋଇଯିବା ହେଉଛି ଫ୍ରାନସିସ୍ ଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ସମ୍ମାନ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ତ୍ରିରଙ୍ଗା



ପ୍ରିୟଦର୍ଶିନୀ ମହାପାତ୍ର

ସେଇ ତିନି ରଙ୍ଗରେ ରଙ୍ଗୀନ ଆଜି
ଦିଶେ ମୋ ଭାରତ ଭୂଇଁ
ଶାନ୍ତି, ମୈତ୍ରୀ, ବୀରତ୍ୱ ପ୍ରତୀକ
ଉଡୁଥାଏ ବାର୍ତ୍ତା ଦେଇ ।।

ମୋ ଦେଶରେ ଆଜି ଗରବେ ସର୍ବେ
ହୁଅନ୍ତି ଏକାଠି ଜନ
ଗୋଟିଏ ଚେତନା କୋଟିଏ ଭିତରେ
ଆମେ ଭାରତ ମାତାର ସନ୍ତାନ ।।


ଏକତା ର ରଙ୍ଗେ ରଙ୍ଗୀନ୍ ଆମେ
ବୋଲି ଦେଲେ ଗାନ୍ଧୀ ମହାନ
ନୂତନ ଭାବନା ଜାଗରଣ କଲା
ଆମ୍ବେଦକର ଙ୍କ ସମ୍ବିଧାନ ।।

ଗାନ୍ଧୀ, ଗୋପବନ୍ଧୁ ସୁବାସ ବୋଷଙ୍କ
ହାତଗଢ଼ା ଦେଶ ଏହି
ଶାନ୍ତି ମୈତ୍ରୀ ବୀରତ୍ୱ ପ୍ରତୀକ
ଉଡୁଥାଏ ବାର୍ତ୍ତା ଦେଇ ।।

ଶିକ୍ଷୟିତ୍ରୀ, ଭୁବନେଶ୍ୱର

ISSN NO.
2582-208X

# କଲମର ଦାୟୀତ୍ୱ !



ପ୍ରଫେସର ସନ୍ତୋଷ କଶୋର ବଳ

*ନାଂ ଧନ, ନା ରୌପ୍ୟମୁଦ୍ରା*
*ନାଂ ଶଗଡଭରା ଗହଣା,*
*ନାଂ ଅମାପ ପ୍ରାଚୁର୍ଯ୍ୟ, ନାଂ*
*ମେଘମାଳା ଟପି ଗଗନଛୁଆଂ ବାସ*
.*କଲମ ଭିତର ଦୁଇବୁଂଦା ମସି(କାଳି)*
*ଶକ୍ତିରେ ପରାସ୍ତ ହୁଏ ଶାଣିତ ଅସି !*
*ଲଖ୍ୟେ ଜନମନ ମୋହିତ କରେ*
*ଉଦବେଳିତ କରେ ମାନସପଟ !*
*ଭରିଦେଇଥାଏ ହୃଦେ ଅମାପ ଶକ୍ତି ,*
*ନିମିଷେକେ କରେ ମର୍ମଭେଦ !*
*ଖଦ୍ୟୋତକୁ କରେ ମୟୂଖମାଳୀ !*
*ବଂଧ୍ୟା ମନେକରେ ଶତମାତାର ଜନନୀ*
*ପଂଗୁ ବି ଲଂଘୟତି ସୁଉଚ୍ଚଗିରି !*
*ବହୁ ତେଜୋଃମୟ ସେହି କଲମ*
*ଯେସନ ଯୋଦ୍ଧାରକଂଧେ ଶୋଭିତ ବଲ୍ଲମ !*
*ଦାସ ମଣେ ନିଜୁ ରାଜା ଦାଶରଥି*
*ଭିଖ୍ୟୁ ମଣେ ନିଜୁ ଉଆସର ଅତିଥି !*
........

ISSN NO.
2582-208X

*କିଯେ ପାଦପ ସିଏ, ଯେ ନଦେଇପାରେ*
*ଶୀତଳଛାୟା, ନୀରାଶ୍ରୟକୁ ଆଶ୍ରା ?*

*କିଯେ ତଟିନୀ ସିଏ ଯିଏ,*
*ନବୋହି ପାରେ*
*ଲକ୍ଷ୍ୟ ତରଣୀର ବୋଝ ,*
*ଯିଏ ନ ମେଣ୍ଟି ପାରେ କୋଟି*
*ତୃଷିତଂକ ଆତୁର କଣ୍ଠ ?*

*କିଯେ ବନ୍ୟା ସେ, ଯେ କରିନପାରେ*
*କୂଳ ପ୍ଳାବିତ, ଶସ୍ୟଖେତ୍ର ଆପ୍ଲୁତ ?*
*ଯିଏ ନକରିପାରେ ଉର୍ବର ମୃର୍ତିକାକୁ*
*ଋରସ, ବଂଧ୍ୟା, ଲବଣାକ୍ତ ?*
*କୋଟି ସଂରକ୍ଷିତ ଜନଂକୁ ନକରିପାରେ*
*ନୀରାଶ୍ରୟ, ପଂଗୁ, ଲାଚ୍ାର !*

*କିଯେ ବନାନୀ ସେ  ଯେ ନକରିପାରେ ସହସା ସୃଷ୍ଟି ପଥିକ ମନେ ଭୟ, ଶଂକା ?*
*ନଦେଇଥାଏ ହିଂସ୍ର ବ୍ୟାଘ୍ର, ଭଲ୍ଲୁକଂକୁ*
*ନିଜ ଗହନେ ନୀରଂକୁଶ ଅଭୟ ?*

*କିଯେ ପ୍ରେମୀକା ସେ,*
*ଯେ ନହୋଇପାରେ ପ୍ରେମିକର*
*ଚିର ଇପସିତା ?*
*ନକରିପାରେ ଉଦ୍ରେକ ତା'ମନେ*
*ପ୍ରେମଭିଖ୍ୟା, ତୀବ୍ର ପ୍ରତୀଖ୍ୟା ?*
*ଘନନୀଦ୍ରାରେ ସୁନେଲି ସ୍ୱପ୍ନରେ*
*ପାଦ ଟିପିଟିପି ତା ଶୟନକକ୍ଷ୍ୟେ*

ISSN NO.
2582-208X


*ପ୍ରବେଶି କରିନପାରେ ତୀବ୍ର ଆଲିଂଗନ ?*
*ଆଦିବସରାତ୍ରୀ ତାପାଂଇ ବୁଣେନି* *ରଂଗୀନ*
*ଅଲ୍ପନା, ଆଂକେନି ଶତ କଳ୍ପନା ?*

*କିଯେ ପ୍ରେମସେ ଯେଉଂଠି ନଥାଏ,*
*ଅଶ୍ରୁଭରା ବିରହ ?*
*ଦଣ୍ଡେ ନଦେଖିଲେ ହୋଇଯାଏ,*
*ସେ ତୀଗ୍ର ମାନସିକରୋଗୀ, ପାଗଳ ?*

*କିଯେ ନାରୀ ସେ, ଯେ ନକରିପାରେ*
*ତା' ନରର ମନସ୍ତାତ୍ୱିକ ଚିକିତ୍ସା ?*
*ଦୁଃଖସୁଖେ ନଦେଇ ପାରେ*
*ନୀଶର୍ତ ବଂଧୁତ୍ୱ, ଦୂର୍ଦିନ ଅବା ସମ୍ଭୋଗେ ?*
*ଯେ ନଦେଇପାରେ ସନ୍ତାନସନ୍ତତୀଂକୁ*
*ସମୟ, ନନେଇପାରେ ଯୌକ୍ତିକ ଯତ୍ନ ?*

*ପରିଶେଷେ:*
*କିଯେ କଲମ ସେ,*
*ଯା'ର ବୁଂଦାବୁଂଦା କାଳି,*
*ନଆଣିପାରେ ସ୍ୱେଚ୍ଛାଚାରୀ ବିରୁଦ୍ଧେ*
*ବିଦ୍ରୋହ, ଉତ୍ତାଳ ଜନଜାଗରଣ ?*
*ଅରାଜକତାକୁ କରିପାରେ ଦମନ ?*
*କରିନପାରେ ଜାଗରିତ ଦେଶବାସୀଂକ ମନେ ଦେଶଭକ୍ତି, ଆଉ ଦେଶପ୍ରେମ ?*
*ଅନାଶକ୍ତ ମନେ ପ୍ରେମ ଗୁଂଜନ ?*
*ନାସ୍ତିକ ମନେ ଦୈବ ଚିନ୍ତନ ?*
*ବିଧଗ୍ଧ ମନେ ବାସନାର ଉର୍ମୀ*
*ନୀଷ୍ଫଳଜୀବନେ ଆଶାର ଅଂକୁରୋଦଗମ ?*

ISSN NO.
2582-208X

# ମୁଁ ବି ନେତା ହେବି



ରାଧାମୋହନ ପୂଜାହାରୀ

ଏକଦା ରାତ୍ରିରେ ଶୋଇବା ସମୟେ
ଦେଖେ ମୁଁ ଗୋଟେ ସପନ,
କାହିଁକି କେଜାଣି ନେତା ହେବା ପାଇଁ
ମନ ହୁଏ ଛନଛନ ! (୧)

ନେତା ହେବା ପାଇଁ ଯେତେକ ପ୍ରସ୍ତୁତି
ଆରମ୍ଭ କଲି ମୁଁ ବସି,
ଲୋକବଳ ଧରି ପ୍ରଚାରେ ମୁଁ ଗଲି
ସପନ ରାଇଜେ ପଶି । (୨)

ସେ ରାଇଜେ ମୋର ସପନ ସୁନ୍ଦରୀ
ମୋ ପାଖକୁ ଆସେ ଧାଇଁ,
ପ୍ରେମାଲିଙ୍ଗନେ ସେ ପ୍ରଶ୍ନ କରେ 'ଏତେ
ସଜବାଜ କାହିଁ ପାଇଁ ?' (୩)

ଦେଖି ତା' ଉକ୍ଣ୍ଠା କହେ ମୁଁ 'ସୁନ୍ଦରୀ !
କ'ଣ ବା ଉତ୍ତର ଦେବି !'
ଏହି ବର୍ଷ ପ୍ରିୟେ ନିର୍ବାଚନ ଲଢ଼ି
ମୁଁ ବି ଜଣେ ନେତା ହେବି !! (୪)

ISSN NO.
2582-208X

ଏ କଥା ଶୁଣି ସେ ପଚାରେ 'କାହାଠୁ
ଶିକ୍ଷା କଲ ଏ ଦୁର୍ଗୁଣ ?'
ସ୍ମିତହାସ୍ୟ ଦେଇ ତା'କୁ ମୁଁ କହଇ
'ନେତା ହେବା ଲାଭ ଶୁଣ ।' (୫)

ନେତା ହେବା ପାଇଁ କରିଛି ଶପଥ
ଜିତିବି ସଭିଙ୍କ ମନ,
ଦେବି ମିଥ୍ୟା ପ୍ରତିଶ୍ରୁତି ଦେଖାଇବି
କେତେ ମିଥ୍ୟା ପ୍ରଲୋଭନ । (୬)

ହାତୀ ଘୋଡ଼ା ଚାନ୍ଦି ଅମୁକ ଢିମୁକ
ଦେବି ବୋଲି ତାଙ୍କୁ କହି,
ମିଥ୍ୟା ପ୍ରବଚନେ ମିଥ୍ୟା ପ୍ରଲୋଭନେ
ମନ ନେବି ତାଙ୍କ ମୋହି । (୭)

ଗରୀବ ସାଥିରେ କୁଡ଼ିଆ ଘରେ ତା'
ଖାଇବି ପଖାଳ ଗଣ୍ଡେ,
ସେଇ ଭରସାରେ ତା' ବନ୍ଧୁବର୍ଗ ଠୁଁ
ପାଇବି ତ ଭୋଟ୍ ଖଣ୍ଡେ ! (୮)

ଆବଶ୍ୟକ ସ୍ଥଳେ ବାଣ୍ଟିବି ପଇସା
ମଦ ମାଂସ ତାଙ୍କୁ ଦେବି,
ଏହି ସମର୍ପଣ ସେବା ଭାବ ରଖି
ମୁଁ ବି ଜଣେ ନେତା ହେବି । (୯)

ଜିତିଗଲା ପରେ ଦର୍ଶନ ନ ଦେବି
ନ ଚାହିଁବି ତାଙ୍କ ମୁଖ,

ISSN NO.
2582-208X

ଜନତାଙ୍କ ଅର୍ଥେ ମରିବା ପର୍ଯ୍ୟନ୍ତ
ଲଭିବି ସଂସାର ସୁଖ । (୧୦)

ପିଅନ ଯନ୍ତ୍ରୀ ଜିଲ୍ଲାପାଳ ସଭିଙ୍କର
ଶିକ୍ଷାର ଯୋଗ୍ୟତା ଥାଏ,
ନେତା ପାଇଁ କିନ୍ତୁ ଶୈକ୍ଷିକ ଯୋଗ୍ୟତା
ଏ ଦେଶେ କିଛି ନ ଥାଏ । (୧୧)

ନାଲିବତୀ ଗାଡ଼ି ଚଢ଼ି ଯେବେ ଯିବି
ଜନହିତ କାର୍ଯ୍ୟ ପାଇଁ,
ସରକାରୀ ବାବୁମାନେ ମୋର ଆଗେ
ପଛେ ଆସୁଥିବେ ଧାଇଁ । (୧୨)

କାମ କରିବାର ବାହାନା ଦେଖାଇ
ସବୁ ଟଙ୍କା ଯିବି ଖାଇ,
ଗାଆଁ ମାଟି ଛାଡ଼ି ତୋଳିବି ବଙ୍ଗଳା
ସହରେ ରହିବି ଯାଇ । (୧୩)

ପାଞ୍ଚ ବର୍ଷ ଯାଏଁ ସହରେ କରିବି
ମୁହିଁ ରାଜସୁଖ ଭୋଗ,
ବୋକା ମୂର୍ଖ ଭଳି ଅନାଇଥିବେ ମୋ
ଅଞ୍ଚଳର ସବୁ ଲୋକ । (୧୪)

ଯିଏ ବି ଆସିବେ ଶୁଣିବିନି କଥା
ସେଠିଥାଇ ମୁଁ କାହାର,
ସହସା ମୋ କାନ ପାଖେ ଶୁଭେ 'ଉଠ,
ଆଜି ପରା ସୋମବାର । (୧୫)

ISSN NO.
2582-208X

'କେତେବେଳ ଯାଏଁ ଶୋଇବ ହୋ ତୁମେ
ସ୍କୁଲ୍ ଯିବନି କି ଆଜି ?'
କାନ ପାଖେ ପତ୍ନୀ ଗର୍ଜନ ଛାଡ଼ିଲା
ଆଠଟା ଗଲାଣି ବାଜି । (୧୬)

କମ୍ବଳ ଟାଣି ମୋ ପତ୍ନୀ କହେ
ମୁହଁ ଧୋଇଦିଅ କଫି ଦେବି,
ନିଦେ ଥାଇ ବିଳିବିଳେଇ ହୁଏ ମୁଁ
ନେତା ହେବି, ନେତା ହେବି ! (୧୭)

ଆଖି ଖୋଲି ଦେଖେ ସ୍ମିତହାସ୍ୟେ ପତ୍ନୀ
ପଚାରୁଛି କ'ଣ ହେଲା ?
ଦେଖୁ ଦେଖୁ ସବୁ ମୋ ଆଖି ସପନ
ନିମିଷକେ ଭାଙ୍ଗିଗଲା । (୧୮)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ତାଳଚେର)

ISSN NO.
2582-208X

# ଫ୍ରି ଗୁପଚୁପ୍



ଆଶୁତୋଷ ମେହେର

ସୁମନ୍ତ ର ଗୁପଚୁପ୍ ଦୋକାନ ଏ ଏରିଆ ସାର୍ ଜଣାଶୁଣା। ତା ହାତରେ ଯାଦୁ ଥିଲ୍ ପରି ତା ଗୁପଚୁପ୍ ଓ ତା'ରି ଧନଆ ପୋଦିନା ପତ୍ର ଦିଆ ପାଣି ଗ୍ରାହକକୁ ଟାଣି ଆଣେ ତା ପାଖକୁ। ସକାଳ ଦଶ ଟା ଠାରୁ ସଂଧ୍ୟା ଆଠ ଟା ଯାଏଁ ତା ଦେକାନରେ ...ସଦା ବେଳେ ତିନ ଗୃରି ଗ୍ରାହକଙ୍କ ଭିଡ।

ହଠାତ୍... ସୁମନ୍ତ ର ଗ୍ରାହକ ସବୁ ଚକତ ହୋଇଗଲେ ଯେତେବେଳେ ସେ ଦିନ ଗୁପଚୁପ୍ ର ଦାମ୍ ନ ନେଇ ଫ୍ରି ରେ ଗୁପଚୁପ୍ ଖାଇବାକୁ ଦେବା ଆରମ୍ଭ କଲ୍। କଏ କଏ ଜଣାଶୁଣା ନତିଦିନଆ ଗ୍ରାହକ ଧରିନେଲେ ଯେ ହୁଏତ ସୁମନ୍ତ ର କଛି ମାନସିକ ପୁରଣ ହେଲ୍ ଅବା ତା ପରିବାର ସଦସ୍ୟଙ୍କ ଭିତରୁ କାହାର ଜନ୍ମଦିନ ହୋଇଥିବ ବେଧେ। କଏ କଏ ଧରି ନେଲେ ଆଜି ସୁମନ୍ତର ବିବାହ ବାର୍ଷିକୀ। ତେବେ ଜଣାଅଜଣା ଯିଏ ବି ଯେତେ ଏହାର କାରଣ ପଗୃରିଲେ...ସୁମନ୍ତ ଗୁପଚୁପ୍ ଖାଲି ମୁରୁକ ହସ ଟିଏ ଦେଉଥିଲ୍ ମାତ୍ର!!

ପ୍ରଥମ ଦିନ ଏମିତି ଗଲ୍...ଦିତ୍ଵୀୟ ଦିନ ରେ ବି ଯେତେ ବେଳେ ଫ୍ରିରେ ଗୁପଚୁପ୍ ବିକ୍ରି କଲ୍ ସୁମନ୍ତ...କଛି ଲେ୍କ ଇଆଡୁ ସେଆଡୁ କହିବା ଆରମ୍ଭ କରିଦେଲେ...କଛି ଗ୍ରାହାକ ମାହାଳଆ ଖାଇବାକୁ ମନା ବି କରି ଫେରିଗଲେ। ତଥାପି ସୁମନ୍ତ ର କଛି ହାବଭାବ ବଦଳଲ୍ ନାହିଁ।

ତୃତୀୟ ଦିନ...ସୁମନ୍ତର ଗୋଟାଏ ଜଣାଶୁଣା ଗରାଖ ପ୍ରିତୀ ଅଡିବସିଲ୍...ସେ ଏମିତି ମହାଳୟା ଖାଇବ ନାହିଁ ଓ ସୁମନ୍ତ ଯଦି ଏ ଫ୍ରି ଗୁପଚୁପ ର ରହସ୍ୟ ନ ବତାଇବ ତେବେ ସେ ତା ଦୋକାନକୁ ଆଉ କେଉଁ ଦିନ ବି ଆସିବ ନାହିଁ।

ISSN NO.
2582-208X

ପ୍ରିତୀ ପାଖ କଲେଜ ର ଛାତ୍ରୀ ଓ ଗଲା ତିନବର୍ଷ ହେଲା ତାର ନିୟମିତ ଗରାଖ। ତା ମନ ଦୁଃଖ ଦେଖି ସୁମନ୍ତ ଆଉ ଚୁପ୍ ରହିବା ପାରିଲା ନାହିଁ। କହିଲା...ସେ ଫ୍ରି ରେ କଛି ଦେଉନ ଦେଉଛନ୍ତ ତା'ର ଜଣେ ଅଜଣା ଗ୍ରାହକ। ଦୁଇ ଦିନ ତଳେ ସେ ଅଜଣା ଗ୍ରାହକ ତାଙ୍କ ସ୍ୱାମୀ ଓ ପରିବାର ସହ ଏ ସହରକୁ ଆସିଥିଲେ ବୁଲିବାକୁ ସଂଧା ବେଳା। ସେ ତାଙ୍କ ସାଥୀଙ୍କ ଠାରୁ ସୁମନ୍ତର ଗୁପଚୁପ୍ ର ପ୍ରଶଂସା ଶୁଣି ଆସିଥିଲେ ଗୁପଚୁପ୍ ଖାଇବା ପାଇଁ। ସେମାନେ ଫେରି ଗଲା ପରେ ସେ ମହିଳା ଜଣକ ତାଙ୍କ ହାତ ପର୍ସ ଟା ଯାହା ସେ ଗୁପଚୁପ୍ ଠେଲା ଉପର ରଖି ଗୁପଚୁପ ଖାଉଥିଲେ ଭୁଲି ଯାଇଥିଲେ ସାଥୀରେ ନେବାକୁ, ଯାହାକ ସେ ଦୋକାନ ବନ୍ଦ କଲାବେଳେ ପାଇଥିଲା। ଭିତରେ ଥିଲା ଦୁଇ ହଜାର ଟଙ୍କା ହେଲେ ଆଉ କଛି କାଗଜପତ୍ର ନ ଥିବାରୁ କଛି ବି ପତ୍ତା ଯୁଟାଇ ପାରି ନ ଥିଲା ସେ ଭଦ୍ରମହିଳାଙ୍କ ସହ। ଦୁଇ ଦିନ ଅପେକ୍ଷା ପରେ ଯେତେବେଳେ କେହି ବି ଦାବିଦାର ଆସିଲେ ନାହିଁ ସେ ଠିକ୍ କରିଥିଲା ଦୋକାନ ଖୋଲିବା ପୂର୍ବରୁ ପୋଲିସ୍ ଥାନାକୁ ଯାଇ ପର୍ସ ଓ ପଇସା ତକ ଜମା ଦେଇଦବ। ହେଲେ ସେତେ ବେଳକୁ ତା ମୋବାଇଲ କୁ ଗୋଟାଏ ଅଜଣା ନମ୍ବର ରୁ କଲ୍ ଆସିଲା ଓ ସେ ପଟୁ ଜଣେ ଭଦ୍ର ମହିଳା ନଜ ପରିଚୟ ଦେଇ କହିଥିଲେ ସେ ଦୁଇଦିନ ତଳେ ତାଙ୍କ ପର୍ସ ଯା ଭିତରେ ଦୁଇହଜାର ଟଙ୍କା ଥିଲା ଭୁଲିଆସିଛନ୍ତ। ସୁମନ୍ତ ତାଙ୍କୁ କହିଥିଲା ପଇସା ଓ ପର୍ସ ତା ପାଖରେ ସୁରକ୍ଷିତ ଅଛି। ପର୍ସ ଭିତରେ ଆଉ କଛି କାଗଜପତ୍ର ନ ଥିବାରୁ ସେ ଯୋଗାଯୋଗ କରିପାରୁ ନ ଥିଲା। ଠିକଣା କହିଲେ ପହଞ୍ଚାଇ ଦେବା କଥା କହିଲାରୁ ସୁମନ୍ତ ଜାଣିଲା ସେ ଗ୍ରାହକ ପଗ୍ଚଶ କମି ଦୂର ପାଖ ସହରରେ ରହନ୍ତ। ଏକାଉଣ୍ଟ ନମ୍ବର ଦେଲେ ପଇସା ଜମା କରିଦେବି କହିଲାରୁ ସେ ମନା କଲେ ଓ କହିଲେ ସେ ପଇସା ତକ ସୁମନ୍ତ ରଖି ନେଉ ନଜ ପାଇଁ। ତା ମନ ବୁଝିନଥିଲା କାହାର ଦୟା ର ପାତ୍ର ହେବାକୁ ଓ ସେ ମନା କଲାରୁ ସେ ପଗ୍ଚରିଥିଲେ...ତୁମେ ଦିନକୁ କେତେ ପଇସା ର ଗୁପଚପ୍ ବିକ। ପ୍ରାୟ ସାତ ସହ ଟଙ୍କାର ସେ କହିଥିଲା। ତେବେ ଗୋଟାଏ କାମ କର...ତୁମେ ସେ ପଇସାରେ ଆସନ୍ତା ତିନ ଦିନ ଧରି ଗ୍ରାହକ ମାନଙ୍କୁ ଫ୍ରି ରେ ଆମ ତରଫରୁ ଗୁପଚୁପ୍ ଖୁଆଇ ଦିଅ। ଆସନ୍ତା ଦିନରେ ଅଛି ଆମ ଜାଆଁଳା ଦୁଇ ଝିଅଙ୍କ ଜନ୍ମଦିନ...ପରୋକ୍ଷରେ ଆମ ତରଫରୁ ତୁମ ଗ୍ରାହକ ଏହା ଆମ ଦୁଇ ଝିଅଙ୍କ ଜନ୍ମଦିନ ଭେଟି ହୋଇଯିବ।

ISSN NO.
2582-208X

ଖୁଅ ଯୋଡୁ ଥିଲା ପ୍ରିତୀ ଏଥରକ। କଛି ଦିନ ତଳେ..ପାଖ ସହରରେ ରହୁଥିବା ତା ମାଉସୀ ଆସିଥିଲେ ତାଙ୍କ ଜାଆଁଳା ଝିଅଙ୍କ ଜନ୍ମଦିନ ପାଇଁ ଲୁଗାପଟା କଣିବାକୁ…ଏ ବଡ ସହରର ମଲ୍ ମାର୍କେଟକୁ । ସଂଧା ବେଳା ନଜ ସହରକୁ ଫେରିବା ବେଳେ ଗୁପଚୁପ୍ ର ସଉକ ରଖୁଥିବା ମାଉସୀଙ୍କୁ, ସେ ହିଁ ସୁମନ୍ତ ର ଦୋକାନ କଥା କହି ଠିକଣା ଦେଇଥିଲା। ପରେ ହଠାତ୍ ପରଦିନ ମାଉସୀ ଟେଲିଫୋନ୍ କରି ଗୁପଚୁପ୍ ଦୋକାନୀ ର ମୋବାଇଲ ନମ୍ବର ମାଗିବା ର କଥା ଓ ସୁମନ୍ତର ଫ୍ରି ଗୁପଚୁପ୍ ର ରହସ୍ୟ ର କାହାଣୀ…ଯୋଡି ହୋଇ ଯାଉଥିଲା ପ୍ରିତୀ ର ମନ ଭିତରେ।

ହସି ହସି କହିଲା…ସୁମନ୍ତ ଭାଇ..ଏଥର .ବୁଝିଗଲି ତୁମ ଫ୍ରି ଗୁପଚୁପ୍ ର ରହସ୍ୟ। ହଉ ତେବେ ଆଜି ମୋ ପାଇଁ ଦୁଇ ପ୍ଲେଟ ସ୍ପେଶିଆଲ୍ ଭେଗ୍ଇଟିର …ହଁ ତୁମର ସେ ମହାନ ଗ୍ରାହକ ହେଲେ ମୋ ମାଉସୀ…ହଁ ତାଙ୍କ ତରଫରୁ ମୋ ଭଉଣୀ ଦି ଜଣଙ୍କ ଟ୍ରିଟ୍!!!

ସୁମନ୍ତ ଲାଗିପଡିଥିଲା… ସ୍ପେଶିଆଲ୍ ଗୁପଚୁପ୍ ଦୁଇ ପ୍ଲେଟ ର ପ୍ରସ୍ତୁତି ପର୍ବରେ ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

ISSN NO.
2582-208X

# ଜୀବନ ଏକ ଭଗ୍ନାଂଶ



ରୀତା ଅପରାଜିତା ମହାନ୍ତ

ଜୀବନ ଏକ ଜଟିଳ ଗଣିତ ।
ଜନ୍ମ ହେବା ପର ଠାରୁ
ଟିକେ ବଡ଼ ହେଲା ପରେ
ମୁଁ ଜୀବନ ଗଣିତର
ସରଳ ସମାଧାନ ପନ୍ଥା ଖୋଜୁଛି
ହେଲେ ମିଳୁଛି କେଉଁଠି ଉତ୍ତର
ଆମେ ହାଲିଆ ହେଲା ପରେ ବି
ସୁଖ ଖୋଜିଲେ ମିଳେ ଦୁଃଖ
ପୂର୍ଣ୍ଣତା ଖୋଜିଲେ ସବୁ ଭଗ୍ନାଂଶ
ମିଳେ ।
ପିଲାଙ୍କୁ ପାଠଶାଠ ପଢେଇ
ବାହାଘର ବାପା ମାଙ୍କ ଭୂମିକା
ଏକଦମ କମି ଆସେ ।
ଜୀବନର ଭଗ୍ନାଂଶ ସାଉଁଟିବା ବେଳେ
ପ୍ରଭୁ ଆଜି ତୁମ କଥା କାହିଁକି
ବେଶୀ ମନେପଡେ
କେବେ ଦିନେ ତୁମେ ମତେ


ISSN NO.
2582-208X

ହାତ ବଢ଼େଇଥିଲ
ସବୁ ଜଞ୍ଜାଳ ଛାଡି
ତୁମ ଶରଣ ନେବାକୁ
ଆଜି ମୁଁ ତୁମ ଗୋଟିଏ ଡାକର
ଅପେକ୍ଷା ରେ।
ଆଉ ଲୋଡ଼ା ଏଇ ଅଯଥା ଚିନ୍ତା
ଅସ୍ତବ୍ୟସ୍ତ ଜୀବନ ।
ତୁମ ଚନ୍ଦନ ଅଗୁରୁ ମହକ
ସବୁ ଆଡେ ବାସୁଛି
ମୋ ଜୀବନ ଭଗ୍ନାଂଶ ରୁ
ପୂର୍ଣ୍ଣତା ଆଡ଼କୁ ଧାଉଁଛି।

ପ୍ଲଟ ନ –୮୩(ସି)
ଆମ୍ରପଲ୍ଲୀ ଭୁବନେଶ୍ୱର –୨୧

ISSN NO.
2582-208X

# ପଦୁଅଁ କଢିର ପାଣିଗ୍ରହଣ



ଶୋଭ୍‌ଗିନ ବିଶି

ସୁନେଲି ସ୍ୱପ୍ନର ତପନ କିରଣେ ପଦ୍ମପୁର ସରୋବରେ,
ପଦୁଅଁ କଢିଟେ ମନର ସରାଗେ ହସୁଥିଲା ପାଦପରେ ॥

ହସଖୁସି ମିଶା ଅନୁଶୋଚନାରେ ଖୋଜଇ ଥରକୁ ଥର,
କେବେ ସେ ଆସିବ ମୋ ମନ କାନନେ ମଧୁ ସଂଗ୍ରହେ ଭଅଁର ॥

ମନ ମାନସରେ ହରି ନାରାୟଣେ ପୂଜୁଥାଏ ନୀତି ପ୍ରତି,
ପିତାମ୍ବର ଦିନେ କରୁଣା କରିବେ ହୃଦୟେ ହୁଏ ପ୍ରତୀତି ॥

ଶୋଭନ ସରିତେ ଦୀପାଳୀ ଆଣିଣ ବିନମ୍ର ହୃଦୟ ବହି,
ଭାବ ବିହ୍ୱଳରେ ଡାକୁଥିବା ବେଳେ ମୂର୍ଚ୍ଛା ହୋଇଗଲା ସେହି ॥

ଏପରି ସମୟେ ପଦ୍ମାବତୀ ପୁରେ ହୋଇଲାକ ଦିବ୍ୟ ବାଣୀ,
ପଦ୍ମପୁରେ ଥାଇ ତପଃରତ ଅଛି ତୁମ୍ଭ ଜ୍ୟେଷ୍ଠ ବୋହୂରାଣୀ ॥

ଏହି ବାରତକୁ ଆପେ କର୍ଣ୍ଣେ ଶୁଣି ପଦ୍ମାବତୀ ଅଥୟରେ
ଗୃହଲକ୍ଷ୍ମୀ ପାଇଁ ଅଳିକଲେ ଯାଇ ସଞ୍ଜେ ପତି ସମ୍ମୁଖରେ ॥

ISSN NO.
2582-208X

କୁଶଳ ବାରତା ପ୍ରିୟାମୁଖେ ଶୁଣି ଆନନ୍ଦେ ସୁଦାମା ମିତ,
ଭାସ୍କର ପାଇଁକି ସନ୍ଧ୍ୟା ଖୋଜିଗଲେ ତିଲେ ହେଁ ନୋହି ବ୍ୟଥିତ ॥

ପଦ୍ମପୁରେ ଯାଇ ହୋଇଲେକ ଉଭା ସାଥେ ବନ୍ଧୁ ସହୋଦର,
ମନର ବାରତା ବିଳମ୍ବ ନକରି ଜଣାଇ ଦେଲେ ସତ୍ୱର ॥

ଅନ୍ତଃପୁରେ ରହି ଶୁଣୁଥିଲା ସବୁ ରେଣୁକା ରାଜନନ୍ଦିନୀ,
ତପନ କିରଣେ ଦେଲେ ରେଣୁ ଝାଡି ନେତ୍ରେ ସଜଳ ଚାହାଣି ॥

ଉଭୟ କୁଳର ମନମିଳନରୁ ଛୁଟେ ଚନ୍ଦନ ମହକ,
ପଣ୍ଡିତ ମହର୍ଷି ତିଥି ସ୍ଥିର କଲେ ପଡିଛି ରାଜଯୋଟକ ॥

ଦଶ ଦିଗପାଳେ ସାକ୍ଷୀ ହୁତାଶନେ ହୋଇଲା ପାଣିଗ୍ରହଣ
ପଦୁଅଁ କଢିର ରେଣୁ ପରଶରେ ନାଚଇ ସଭିଙ୍କ ମନ ॥

ଦୁଆନ ପାଲି,
ସୋହେଲା, ବରଗଡ

ISSN NO.
2582-208X

# ଗଣତନ୍ତ୍ର ଦିବସ



ସୁବ୍ରତ କୁମାର ପ୍ରଧାନ

ତ୍ରିରଙ୍ଗା ପତାକା ଉଡେ ଫରଫର
ଭାତୃତ୍ୱ ର ବାର୍ତ୍ତା ବୁଣି
ଗର୍ବ ରେ କହୁଛୁ ଆମେ ଭାରତୀୟ
ଗଣତନ୍ତ୍ର ର କାହାଣୀ ।
ଜାନୁଆରୀ ମାସ ଛବିଶ ତାରିଖ
ଉଣେଇ ଶହ ପଚାଶ
ସ୍ୱତନ୍ତ୍ର ଆଇନ୍ ସମ୍ବିଧାନେ ହେଲା
ଆମ ଦେଶେ ପ୍ରଚଳିତ ।
ସମ୍ପୂର୍ଣ ସ୍ୱରାଜେ ଗୌରବ ମଣ୍ଡିତ
ଭାରତ ପୂର୍ଣ୍ଣ ସ୍ୱାଧୀନ
ପଶୁବଳ ଭାଙ୍ଗି ନିଜ ଇଚ୍ଛାମତେ
ଚଳିଲା ଗଣ ଶାସନ ।
ଗଣତନ୍ତ୍ର ଆତ୍ମା ସମ୍ବିଧାନେ ଅଛି
କେତେ ନୀତି ଉପାଦାନ
ସେ ନୀତି ଆଧାରେ ଚାଲେ ଦେଶ ଆଜି
ବିଶ୍ୱ ଦିଅଇ ସମ୍ମାନ ।
ସମ୍ବିଧାନ ମନୁ ଶ୍ରୀ ଆମ୍ବେଦକର
ସମ୍ବିଧାନ ର ପ୍ରଣେତା

ISSN NO.
2582-208X

ଯୋଗଜନ୍ମା କ୍ରାନ୍ତିକାରୀ ମୁକ୍ତିଯୋଦ୍ଧା
ସଂଗ୍ରାମେ ବରିଲେ ଚିତା ।
ବଜ୍ର ସମ ରଣେ ସାଜି ଅଗ୍ନିଶିଖା
ବୀରତ୍ୱର ବଳିଦାନ
ଦେଶ ପ୍ରିତି ଯଶ ଆଦର୍ଶ ତ୍ୟାଗର
ସ୍ମୃତି ଗାଏ ଚିରଦିନ ।
ଗଙ୍ଗା ଗୋଦାବରୀ ହେଉସେ କାଶ୍ମୀରି
ଇରମ ରୁ କର୍ଣ୍ଣାଟକ
ସର୍ବ ଧର୍ମ ବର୍ଣ୍ଣ ଏକାକାର ଭାବେ
ରାଜା ହେଉ କିବା ରଙ୍କ ।
ଅଖଣ୍ଡ ଭାରତେ ମୁକ୍ତ ସରବେ
ସତ୍ୟ ଅହିଂସା ମନ୍ତ୍ର
ଜାତୀୟ ସଂହତି ଚେତନାର କ୍ରାନ୍ତି
ହୃଦେ ହେଉ ଉଚ୍ଚାରିତ ।
ସ୍ୱାର୍ଥ ତୋଷାମଦ ଦେଶଦ୍ରୋହ ନୀତି
ତେଜି ମନୁ ଅହଂକାର
ପୁରୁବ ବୀରତ୍ୱ ଗୌରବ ସଙ୍କେତ
ଜାତି ପ୍ରାଣେ ଘେନା କର ।
ପ୍ରଚଣ୍ଡ ପ୍ରେରଣା ସ୍ୱାଭିମାନ ବାହି
ଦେଶ ରହୁ ଅଖଣ୍ଡତା
ପଦ ସେବା କରି ଜୀବନ ଢାଳିଲେ
ଶତ୍ରୁ ପାତିବେ ମଥା ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ –୯୮୬୧୯୭୦୪୧୮

ISSN NO.
2582-208X

# ଅପରିଚିତ



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ସେମିତି କିଛି ବାଧ୍ୟବାଧକତା ନଥିଲା । କୌଣସି ଆଶା ବି ନଥିଲା । କିଏ ପ୍ରଶଂସାରେ ପୋତି ଦେଉ ବା ନିନ୍ଦାରେ ବୁଡେଇ ଦେଉ – ନନ୍ଦିତା ଏ ସବୁ ଭାବିତ ଲେଖୁ ନଥିଲା ନା । ସେ କାହାକୁ ଦୁଃଖ ଜଣେଇ ନଥିଲା କି କାହାଠାରୁ ଆଶ୍ୱାସନା ଆଶା ବି କରି ନଥିଲା । ସବୁଥିଲା ଅଚାନକ । ଲକ ଡାଉନ୍, ସଟ ଡାଉନ୍, ଘଣ୍ଟାପିଟା, ଦୀପ ପ୍ରଜ୍ୱଳନ, ଶଙ୍ଖଧ୍ୱନି, କୁହ କୁହ ଶବ – ଭୟ, ଆଶଙ୍କା, ମାନସିକ ଚାପରେ ମଣିଷ ଯେତେବେଳେ ତ୍ରାହି ତ୍ରାହି ଡାକି ଘର ଭିତରେ ବନ୍ଦୀ ଜୀବନ କାଟୁଥିଲା, ରାସ୍ତାଘାଟ ଶୂନଶାନ ଲାଉଥିଲା, ସେତେବେଳେ ହିଁ ଭଗବାନଙ୍କୁ ବିକଳ ହୋଇ ପ୍ରାର୍ଥନା କଲାବେଳେ ଘରେ, ସନ୍ଧ୍ୟାବେଳେ ପୁଅ କହିଲା, ମା ତମେ ଭଗବାନଙ୍କ ବିଷୟରେ କିଛି ଲେଖ, କୁହ, ମୁଁ ଭିଡିଓ କରି ପଠେଇବି । ଅନେକଙ୍କୁ ଭଲ ଲାଗିବ । ମୋର ବି ସେମିତି କିଛି ଇଚ୍ଛା ନଥାଏ । ପୁଣି ଭାବିଲି ସବୁତ ବନ୍ଦ ଘରୁ ବାହାରୁ ହେଉନି, କୁଆଡେ ଯାଇ ହେଉନି । ଯଦି କିଛି ଲୋକଙ୍କୁ ଆନନ୍ଦ ଦେଇ ପାରିବି ତେବେ କ୍ଷତି କଣ ! ପୁଅ କଥାରେ ରାଜି ହୋଇ ଆରମ୍ଭ କଲି ଦଶ ଅବତାର ପ୍ରସଙ୍ଗ । ସଂପୂର୍ଣ୍ଣ ନୂଆ ଏ ଦିଗରେ । ମୋତେ ଭିଡିଓ ଆଗରେ ବସାଇ ପୁଅ ହିଁ କରୁଥିଲା । ତାର ବି ଓ୍ୱାର୍କ ଫ୍ରମ୍ ହୋମ ଥାଏ । କିଛି ଦିନ ଚାଲିଲା । ଏମିତିରେ ମୋର ବି ଆଗ୍ରହ ବଢୁଥାଏ । ଗ୍ରୁପରେ ମେସେଜ ଆସେ ଭଲ ଲାଉଛି ବୋଲି । ଉତ୍ସାହିତ ବି ହୁଏ । ପ୍ରାୟ ୩୦ଟି ଖଣ୍ଡେ ଭିଡିଓ କଲାପରେ ହଠାତ୍ ଦିନେ ଜଣେ ଭଦ୍ରଲୋକ ଜାଣିବାକୁ ଚାହିଁଲେ ସେ କଥାଟି ମୁଁ କେଉଁ ଉତ୍ସରୁ ସଂଗ୍ରହ କରିଛି ବୋଲି ଏବଂ ଏହାର ଯୁକ୍ତିଯୁକ୍ତତା ନାହିଁ । ମୁଁ ମଧ୍ୟ ଏତେ ଗଭୀର ଭାବରେ ଚିନ୍ତା କରି ନଥିଲି । ଅବଶ୍ୟ ମୋର ମନଗଢା କଥା ନଥିଲା । କିନ୍ତୁ ଯୁକ୍ତିଯୁକ୍ତ ଉତ୍ତର ଦେଇ ଦେଇ ପାରି ନଥିଲି । ଅନ୍ୟମାନେ ବି ସମାଲୋଚନା କଲେ । ଭାବିଲି ଆଉ କରିବିନି । ପୁଣି ଭାବିଲି ଏଥର ସବୁ ପରୀକ୍ଷା ନିରୀକ୍ଷା କରି କରିବି ।

ISSN NO.
2582-208X

ନା ବନ୍ଦକରି ଦେବାଟା କୋଉ ବାହାଦୂରୀର କାମ ଯେ ! ଟିକେ ସଚେତନ ଭାବରେ ପୁଣି କଲି । ଏମିତି ଚାଲିଥାଏ । ଜଗନ୍ନାଥଙ୍କର କଥାତ, ଲୋକେ ଜାଣନ୍ତୁ କ୍ଷତି କଣ !

କିଛିଦିନ ପରେ ମୋର ବ୍ୟକ୍ତିଗତ ହ୍ୱାଟସ୍ ଆପ୍ ରେ ଗୋଟେ ମେସେଜ୍ ପାଇଲି । "ପ୍ରଣାମ, ଶ୍ରୀ ଜଗନ୍ନାଥଙ୍କ ପ୍ରତି ନିଷ୍କାମ ଭକ୍ତି ଓ ଭକ୍ତକୁ ମହାପ୍ରଭୁଙ୍କର କୃପା ସମ୍ବନ୍ଧୀୟ କଥାକୁ ଏକୋଇଶି ଅଧ୍ୟାୟରେ ଉପସ୍ଥାପନା କରିବା ପାଇଁ ଆପଣଙ୍କ ଉଦ୍ୟମର ସାଫଲ୍ୟ କାମନା କରୁଛି ଓ ଏହାର ପ୍ରଥମ ଭାଗ ଦେଖି ଶୁଣି ଖୁସି ହେଲି । ମହାପ୍ରଭୁ ସଦା ଆପଣଙ୍କୁ ସଦୟ ଓ ସହାୟ ହେଉଥାନ୍ତୁ ଓ ଆପଣ ଯଶସ୍ୱିନୀ ହୁଅନ୍ତୁ । ଆପଣଙ୍କ ପରିଚିତ ବନ୍ଧୁଙ୍କ ଠାରୁ ଆପଣଙ୍କ ପ୍ରଶଂସା ଶୁଣିଥିଲି, ଏବେ ହୃଦୟଙ୍ଗମ କରୁଛି । ସମ୍ମାନ ସହ ଶୁଭେଚ୍ଛା ଜଣାଉଛି ।" ତଳେ ତାଙ୍କ ନାମ ଲେଖା ଯାଇଥିଲା ।

ସେ ମୋତେ ଆଶ୍ଚର୍ଯ୍ୟ କରି ଦେଇଥିଲେ । ମୋତେ ପ୍ରଶ୍ନ କରି ଅପ୍ରସ୍ତୁତ କରିଦେଇଥିବା ବନ୍ଧୁ ଜଣକ ମୋ ଠାରୁ ବଡ ହେବେ କି ସାନ ହେବେ ଜାଣିବାର ଉପାୟ ନଥିଲା । କିନ୍ତୁ ମୋର ସବୁ ଲେଖା ସେ ଧ୍ୟାନର ସହ ଶୁଣି ମତାମତ ପ୍ରାୟ ଦେଉଥାନ୍ତି । ଯାହାହେଉ ଜଣେ ତ ଆଗ୍ରହରେ ପଢୁଛନ୍ତି ଆଉ ମତାମତ ବି ରଖୁଛନ୍ତି । ଅନେକ ମତାମତ ଭିତରୁ ତାଙ୍କର ମତାମତ ନିଆରା ଧରଣର । ମୋତେ ସମ୍ମାନ ବି ଥାଏ ଆଦର ବି ଥାଏ, ଶ୍ରଦ୍ଧା ବି ଥାଏ ଆଉ ଉନ୍ନତି ପାଇଁ ପରାମର୍ଶ ବି ଥାଏ । କ୍ରମଶଃ ଭିଡିଓ ଗୁଡିକ ଓଡିଶାର ଅପହଞ୍ଚ ମାଲକାନଗିରି ଆଦି ପର୍ଯ୍ୟନ୍ତ ଏବଂ ପୁଅର ବମ୍ବେ, ଚେନ୍ନାଇ, ଦିଲ୍ଲୀ ଆଦି ସାଙ୍ଗମାନଙ୍କ ପାଖରେ ଏବଂ ଅନ୍ୟ ପରିଚିତ ଲୋକମାନଙ୍କ ପାଖରେ ପହଞ୍ଚୁଥିଲା । ଭାରତ ବାହାରକୁ ମୋର ପରିଚିତ କିଛି ଲୋକ ତାଙ୍କ ପିଲାମାନଙ୍କ ପାଖକୁ ପଠାଉଥିବା କଥା ମଧ୍ୟ କହୁଥିଲେ । ମୋତେ କେତେଜଣ ସଚେତନ କରି ବି ଲେଖୁଥିଲେ ଆଉ କଣ କଲେ ଆହୁରି ଭଲ ହେବ ବୋଲି । ଏ ଭିତରେ କେବଳ ସବୁ ଲେଖା ଲେଖି ଛାଡି ସେଇ କାମରେ ଲାଗି ରହିଲି । ଭଦ୍ରଲୋକ ମତାମତ ଲେଖିବା ବନ୍ଦ କରି ନଥିଲେ । ମୋତେ ବହୁତ ଉତ୍ସାହିତ ଲାଗୁଥିଲା । ଗୋଟିଏ ଛୋଟିଆ ଉଦ୍ୟମ ଯେ ହଜାର ହଜାର ଲୋକଙ୍କୁ ଆନନ୍ଦ ଦେବ, ଏ କଥା ମୋତେ ପ୍ରଥମେ ଜଣା ନଥିଲା ।

ISSN NO.
2582-208X

ମାନସିକ ଚାପରେ ବ୍ୟତୀବ୍ୟସ୍ତ ନନ୍ଦିତା ଏମିତି ମୋଡରେ ଠିଆ ହୋଇଥିଲେ ଯେଉଁଠି କିଛି ବି ତାଙ୍କୁ ବାନ୍ଧି ପାରୁ ନଥିଲା । ସବୁ ଭିତରେ ଯେମିତି ସେ ଜଣେ ଅପରିଚିତ ଅତିଥି । ଚାଲିଛି ତ ଚାଲିଛି ଚାଲୁ ଜୀବନ ଯେମେତି ପାରି ସେମିତି । ପ୍ରତିଦିନ କରୋନାର କରାଳ ଛାୟା କାହାକୁ ନା କାହାକୁ ଗ୍ରାସ କରି ଚାଲିଥିଲା । ହୃଦୟ ବିଦାରକ ଖବର ସାଙ୍ଗକୁ ଆତ୍ମୀୟ ମାନଙ୍କର ବିଚ୍ଛେଦ – ପ୍ରତିଦିନ ଫୋନ ବି ଖୋଲିବାକୁ ଭୟ ଲାଗୁଥିଲା । ଡେଜୀର ଫୋନ୍ ଆସିଥିଲା ତା ଶ୍ୱଶୁର ଚାଲିଗଲେ । ଶାଶୁ ହସପିଟାଲରେ । ତା ସ୍ୱାମୀ  ଡାକ୍ତରବାବୁ ମଧ୍ୟ ସେଇ ହସପିଟାଲ ବେଡରେ । ଚାରିଭାଇଯାକ ବେଡରେ । ଶ୍ୱଶୁରଙ୍କୁ କିଟ୍ ପିନ୍ଧି ମୁଖାଗ୍ନି ଦେଲା ଡେଜୀ । କାନ୍ଦି କାନ୍ଦି ବର୍ଣ୍ଣନା କରୁଥିଲା ସେ  । ମୋ ଆଖିରେ ଲୁହଧାର ଛୁଟୁଥିଲା । କିନ୍ତୁ ଫୋନ୍ ହିଁ ଥିଲା ଏକମାତ୍ର ଭରସା । ଟିଭି ଦେଖିବାକୁକ୍ ଭୟ ଲାଗୁଥିଲା । କୋଉଠି ସୁରଟରୁ ଆସି ଭୁବନେଶ୍ୱର ଷ୍ଟେସନରେ ପହଞ୍ଚି ଗାଡିରୁ ଓହ୍ଲାଇ ଷ୍ଟେସନରେ ମରି ଶୋଇଛି ମା, ଆଉ ମଲା ମା ର ଶବ ଦେହରୁ କିଛି ବୁଝି ନଥିବା ଛୁଆ କ୍ଷୀର ଶୋଷୁଛି । ଭଣ ଭଣ ହେଉଛନ୍ତି ମାଛି । ଉଠେଇବାକୁ କେହି ଆସି ନଥାନ୍ତି । କଣ ହେବ ସେ ଛୁଆର ଅବସ୍ଥା ଭାବିଭାବି ରାତିସାରା ସେ ଅଦୌ ଶୋଇ ପାରିନି । ମଣିଷ ଜୀବନର ଏ ବାସ୍ତବତା କେଉଁ ଆଡକୁ ନିର୍ଦ୍ଦେଶ ଦେଉଛି? ମଣିଷର ପାପର ଭାରା ଓ ବିଚିତ୍ର ସ୍ୱଭାବର ଏ ପରିଣତି ନୁହେଁକି? ସଂଗଠନ ଭିତରେ ଯେଉଁମାନଙ୍କ ସହିତ ୩୦/୪୦ ବର୍ଷ ଧରି ସାଙ୍ଗ ହୋଇ କାମ କରି ଆସିଥିଲି, ସେମାନେ ପ୍ରତିଦିନ କେହି ନା କେହି ଛାଡି ଯାଉଛନ୍ତି । ଦାଣ୍ଡ ଦୁଆରେ ପଞ୍ଝାମେଲି ଝାମ୍ପିନେବାକୁ ଠିଆ ହୋଇଛି କରୋନା । କାଲି ମୋ ପାଳି ପଡିବନି ତ! ଜୀବନ ଅଟକି ଯିବା ପରି ମନେ ହେଉଛି । ଆଉ ତା ସାଙ୍ଗକୁ ଏକୁଟିଆ ପଣ ନନ୍ଦିତାକୁ ଭାଙ୍ଗିଭୁଙ୍ଗି ଏକାକାର କରିବାକୁ ଚେଷ୍ଟା କରୁଥିଲା । ବହୁ ସଂଘର୍ଷକୁ ସାମ୍ନା କରିଛି ସେ । ଏଇ ସଂସାର ସରିଯିବ ସରିଯିବ ବୋଲି ମୃତ୍ୟୁକୁ ବହୁ ପାଖରୁ ଅଙ୍ଗେ ନିଭେଇଛି ସେ  । ଅତି କମ ବୟସରୁ ମାତ୍ର ୧୯ ବର୍ଷ ବୟସରୁ ସଂଘର୍ଷ ତାର ଚିର ସହଚର । କେବେ କୋଉଠି ଟିକିଏ ଆଶ୍ୱାସନାର ବାଣୀ ଶୁଣିଛି କି ନାହିଁ – କାହିଁ ମନେ ପଡୁନି ତ  ।

ପ୍ରତିଥର ସେହି ନନ୍ଦିତାର ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ । ନନ୍ଦିତାର ଗୋଟିଏ ପଂକ୍ତିକୁ ସଂଶୋଧନ କରିବାକୁ ପ୍ରସ୍ତାବ ଦେଉଥିଲେ । ତା ପରେ ବିଭିନ୍ନ ସେମିନାର ଓ ଆଲୋଚନା ସଭାରେ ଯୋଗ ଦେବାକୁ ନିମନ୍ତ୍ରଣ ଅନଲାଇନରେ । କେମିତି ଗୋଟେ ଆତ୍ମୀୟତାର ଭାବରେ ବାନ୍ଧି ହୋଇ ଯାଇଥିଲୁ ଆମେ । ଅହେତୁକ ଭାବରେ ଯାହା ପ୍ରାପ୍ୟ ତାକୁ

ISSN NO.
2582-208X

ମହାପ୍ରାପ୍ୟ ଭାବୁଥିଲା ନନ୍ଦିତା । ପୁଣି ସେ ସମ୍ମାନର ସହ ଚାହିଁଥିଲେ କେହି କାହାରିକୁ ନ ଦେଖିବି ଆମ ଭିତରେ ସମ୍ପର୍କ ଏହିପରି ମଧୁମୟ ଓ ନିବିଡ ହୋଇ ରହିଥାଉ । ବାରମ୍ବାର ଏ କଥା ଲେଖୁଥିଲେ ସେ । ସତରେ ଆମେ ଗୋଟେ ନିବିଡ ବନ୍ଧନର ସ୍ୱପ୍ନ ଉଚ୍ଛରେ ବାନ୍ଧି ହୋଇ ଯାଇଥିଲୁ । କେହିତ ମୋତେ ସମ୍ମାଅର ସହ ମୋର ଶୁଭ ମନାସେ, ମଙ୍ଗଳ କାମନା କରେ, ମୋତେ ଶୁଣେ ଆଉ ମୋ ଲେଖାକୁ ଭଲପାଏ ।

ଅକସ୍ମାତ ନନ୍ଦିତାର ଲେଖା ଶବ୍ଦମୟ ହୋଇଗଲା ଦେଖି ନଥିବା ସେହି ଅପରିଚିତଙ୍କ ପାଇଁ । ଏ ସଂସାରର ବିଚିତ୍ରତା ଦେଖନ୍ତୁ ତ ! ପ୍ରଶଂସା ଓ ପ୍ରେରଣାର ଶକ୍ତି କେତେ ଅମାପ ! ଏମିତି କଣ କେହି ପ୍ରେରଣାର ଉତ୍ସ ହୋଇପାରେ । ଶୁଷ୍କ ମରୁରେ ଶବ୍ଦର ଓଏସିସ୍ ବୁହାଇ ପାରେ ! ସ୍ୱପ୍ନ ସବୁ ଜୀବନ୍ୟାସ ପାଉଥିଲେ । ଶବ୍ଦ ସବୁ ଆପେ ଆପେ ଗୁନ୍ଥି ହୋଇ ଯାଉଥିଲେ । ଆକାଶ ମେଘମୁକ୍ତ ହୋଇ ଫର୍ଚ୍ଚା ଦିଶୁଥିଲା, ପବନରେ ଅସୁମାରୀ ଫୁଲର ସୁଗନ୍ଧିରେ ଆପଣାପଣ । ସାମ୍ନା କଦମ୍ବ ଗଛରେ ସହସ୍ର ଫୁଲର ସମ୍ଭାର ଚୁନା ଚୁନା ଜହ୍ନ ଜ୍ୟୋସ୍ନାରେ କୋଣାର୍କ ଗଢୁଥିଲା । ମାଟିମଗ୍ନା ବର୍ଷା ଛୁଇଁ ଯାଉଥିଲା ଅଙ୍କୁରିତ ହେବାକୁ ଅପେକ୍ଷାରତ ମାଟିର ବୀଜକୁ । ମାଟିର କ୍ୟାନଭାସ ଉପରେ ଆଙ୍କି ହୋଇଯିବାକୁ ଛଟପଟ ହେଉଥିଲା ବର୍ଷା । ଅନ୍ଧାର ଭିତରୁ ଅନୁଚାରିତ ସ୍ୱପ୍ନର କଳିକାମାନେ ଆଲୋକ ଆଡକୁ ଝପଟି ଆସୁଥିଲେ । ଇଏ କି ଭାବଟିଏ – ମୋତେ ଅଚିହ୍ନା ଅଚିହ୍ନା ଲାଗୁଥିଲା । କେବେ ଦେଖିନଥିବା ଛୁଇଁ ନଥିବା ଶବ୍ଦମାନେ ଇତିହାସ ରଚୁଥିଲେ – ରୋମାଞ୍ଚର ଇତିହାସ – ରଙ୍ଗରେ ବିଭୋର ହେବାର ଇତିହାସ, ସୃଜନର ଇତିହାସ – ସମ୍ଭାରର ଇତିହାସ । କେତେ ଯେ ବିନିଦ୍ର ରଜନୀ ପାହିଗଲା ଲେଖାର ନୂତନ ବିଭାବ, ସୃଜନର ଇସ୍ତାହାର ଯୋଡି ଯୋଡି । ବିଶ୍ୱାସ ହେଉ ନଥିଲା । ସେ କିଏ – କେଇତି ଦିଶନ୍ତି – ବ୍ୟକ୍ତିତ୍ୱ କେମିତି – କଣ କରନ୍ତି – କେଉଁଠି ରହନ୍ତି ? ଏ ସବୁ ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ନ ଥିଲା ମୋ ପାଖରେ । କିନ୍ତୁ ବିହ୍ୱଳିତ ଭାବରେ ମୋତେ ମୁଗ୍ଧ, ଚକିତ, ଚଞ୍ଚଳ, ଛଳ ଛଳ କରି ଦେଇଥିଲେ ସେ । ପ୍ରେରଣାର ଉତ୍ସଙ୍କର କି ଅଦ୍ଭୁତ ଆକର୍ଷଣ !

ହଠାତ୍ ସେ ଫୋନ୍ କଲେ । କେବେ ସ୍ୱର ଶୁଣି ନଥିବା ସ୍ୱର ମୋତେ ବଂଶୀର ସ୍ୱର ପରି ଲାଗିଲା । ସେ କହୁଥିଲେ, "ମୁଁ ଭାରତ ବାହାରକୁ ଯାଉଛି । ଦେଖା ହୋଇ ପାରୁନି । ନିକଟର ମଧ୍ୟ ଫେରିବାର ନାହିଁ । ଆପଣ ବ୍ୟସ୍ତ ହେବେନି । ହ୍ୱାଟସ ଆପ୍ ରେ

ISSN NO.
2582-208X

ପଠେଇବେ, ପଢ଼ିବି ଶୁଣିବି ।" ମୁଁ କଣ ଦେଖିବାକୁ ଚାହୁଁଥିଲି କି ? ନିଶ୍ଚୟ – ନିଜ ପ୍ରଶ୍ନର ଉତ୍ତର ନିଜେ ଦେଉଥିଲି । ସେ ଆଶା ବି ମରି ଯାଇଥିଲା । ଆଉ ଶବ୍ଦ ସବୁ ଚୋରାବାଲି ପରି ଖସି ଯାଉଥିଲେ ମୋ ହାତରୁ, କଲମରୁ, କାଗଜରୁ, ମନରୁ, ସ୍ୱପ୍ନରୁ, ଓଠରୁ ଓ ଜୀବନରୁ । ଭାଙ୍ଗି ଯାଉଥିଲା ବିଭୋରତା । କୋଉ ଆବେଗରେ ମଣିଷର ମନ କାହିଁକି ବାନ୍ଧି ହୁଏ – ପୁଣି ଭାଙ୍ଗିଯାଏ – ଅନୁଚ୍ଚାରିତ ଶବ୍ଦର ଭଉଁରୀରେ ମୁଁ ଥିଲି ସେଇ ଅପରିଚିତଙ୍କ କଥା ଭାବି । ସେ ତ ମୋତେ କୌଣସି ପ୍ରତିଶ୍ରୁତି ଦେଇ ନଥିଲେ । ଲେଖା ବ୍ୟତୀତ ଆଉ କୌଣସି ଆଲୋଚନା ତାଙ୍କ ହିତ କେବେ ହୋଇନି । ତେବେ ଏତେ ବ୍ୟସ୍ତତା କାହିଁକି? ନିଜଠାରୁ ଉତ୍ତର ଆଶା କରୁଥିଲି ଅତି ଅସହଜ ଭାବରେ ।

ପ୍ଲଟ ନ.–୪୭୧୯/୨୧, ପୋଖରିପୁଟ ବିଲେଜ,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର

ISSN NO.
2582-208X

# କରଇ ଦୟିନୀ



ତ୍ରିପତି ପ୍ରଧାନ

କରଇ ଦୟିନୀ  ହେ ମାଆ ଶିବାନୀ
ଫେରିତ ଯିବ ହଷ୍ଟୟ
ତବ ସାଥେ ନେଇ  ଯାଅ ମହାମାୟୀ
ଆସୁରିକ ଭାବମୟ (1)
ଖଳ ଯା ପ୍ରକୃତି ଧରି ମହାଶକ୍ତ
ଗମ ଗୋ ଅମର ଧାମ
ଦେବ ପୁରେ ରହି ପଞ୍ଚବିଂଶ ସେହି
ଭୁଲିବେ ମର୍ତ୍ତ୍ୟ ଭୁବନ (2)
ସୁଭାବନାମାନ ଭକ୍ତ, ଦୟା, ଦାନ
କ୍ଷମା, ଅନାଳସ୍ୟ, ଧର୍ମ
ପ୍ରତି ଚଣ୍ଡେ ବୁଣି ଗଢ଼ ତାକୁ ପୁଣି
ଶ୍ରେଷ୍ଠ ପାଦପର ସମ (3)
ହାତହତିଆର  ରଖି ତୁମ ଠାର
ଯାଅ ମା କୈଳାଶ ପୁର
ସେ ବୃକ୍ଷର ଡାଳ ବସି ଲୀଳା ଖେଳ
କରିବେ ତିନ ଠାକୁର (4)
ରୂପ ଅରୂପରେ ନାମ ଅନାମରେ
ସେବିବୁ ସର୍ବଦା ତୋତେ
ସ୍ୱର୍ଗ ଛାଡି ଆସ  ଅବା କ ନ ଆସ
ଥିବ ପ୍ରାଣୀ ହୃଦ ଗତେ (5)

ISSN NO.
2582-208X

ଆବାହନ ନାହିଁ  ବିସର୍ଜନ କାହିଁ
ମାସେ, ବର୍ଷେ, କବା ଯୁଗେ
ପ୍ରତି କ୍ଷଣେ କ୍ଷଣେ ପୂଜୁଥିବେ ଜନେ
ଭକତି ଭର୍‌ ସର୍‌ଗେ (6)
ସନ୍ଥ ଯା କହିଛି ଶାସ୍ତ୍ରେ ଲେଖା ଅଛି
ପାପମୟ ହେଲେ ଧାର୍‌
ଆସ ଅବତାରୀ ପାପୀଙ୍କୁ ସଂହାରୀ
ବୁହାଅ ଧର୍ମର ଧାର୍‌ (7)
ନଥିଲେ କୁଭ୍‌ବ  ପାପୀ କ ଜନ୍ମବ
ଧର୍ମ ଗ୍ଲାନ ହେବ କାହିଁ
ତୁମ୍ଭେ ବାରମ୍ବାର ଛାଡି ସ୍ୱର୍ଗ ପୁର
ମହୀରେ ଜାତ ନ ହୋଇ (8)
ମହାତ୍ମା ବଚନ ସତ୍ୟ ହେବ ଜାଣ
ର୍‌ମ ର୍‌ଜ୍ୟ ବିର୍‌ଜିବ
ପଶୁ ଠାରୁ ନର ହେବ ସୁବିଗ୍ଣର
ପର ଆପଣା ନଥିବ (୨)

ସଂସ୍କୃ  ତଶିକ୍ଷକ, ଚିକିଟି

ISSN NO.
2582-208X

# ସନ୍ଧ୍ୟା



ଶୁଭେନ୍ଦୁ ମେହେର

ସନ୍ଧ୍ୟା ଗୋ ତୁମେ
ଫେରିଯାଅ ଦୁରେ
ତୁମକୁ କରୁଚି ମନା ।
ତମେ ଆସୁ ଆସୁ
ଆମ ଗାଈ ଗୋଠ
ଲାଗେ ଭାରି ଛିନା ଛିନା ।।

ଆମ ଗାଁ ଆକାଶେ
ଶୁଭୁନାହିଁ ଆଉ
କିଚିରି ମିଚିରି ଶବ୍ଦ ।
ତୁମେ ଆସିଲେ ତ
ଗାଁ ବିଲ ବଣେ
ଶୁଭେ ଝିଙ୍କାରୀର ଶବ୍ଦ ।।

ତୁମେ ଯେବେ ଆସ
ନଈ କୂଳ ଦେଇ
ସୁରୁଜ ଯାଆନ୍ତି ଲୁଚି ।

ISSN NO.
2582-208X

ତୁମେ ଆସୁ ଆସୁ
ଅନ୍ଧାର ଘୋଟଇ
ଜନଶୂନ୍ୟ ହୁଏ ବିଚୀ ।।

ତୁମେ ଆସୁ ଆସୁ
ଚାଷୀଭାଇ ଫେରେ
ଅବସ ଅଧିର ହୋଇ ।
ତୁମେ ଯେବେ ଆସ
ଆମ ନଈକୂଳେ
ନାଆ ବାନ୍ଧେ ନାଆସାଇଁ ।।

ତୁମେ ଯେବେ ଆସ
କୁଆଁରୀ ଜହ୍ନ
ଲାଯେ ଲାଯେ ଧିରେ ଆସେ ।
ତୁମ ରୂପ ଶୋଭା
ଅନୁପମ ଆଭା
ପ୍ରେମିକା ପ୍ରେମିକା ବାସେ ।।

ଯାଲ୍ଲେଏ, ସୁବର୍ଣ୍ଣପୁର-୧୮

ISSN NO.
2582-208X

# ଆସୁଛନ୍ତି ମା ସରସ୍ୱତୀ



ସମ୍ବିତ ଦାଶ

ହେ ହଂସ ବାହିନୀ ମଙ୍ଗଳକାରିଣୀ
ଦେବୀ ଜ୍ଞାନ ଭୂଷିତ,
ଶ୍ରୀ ପଞ୍ଚମୀ ଶୁଭତିଥିରେ ତୁମ୍ଭେ
ମାତା ବିରାଜିତ ।।

ଧବଳ ବସନା ମାତା ବୀଣା ପୁସ୍ତକ
ଧାରିଣୀ ଜ୍ଞାନ ଦାୟିନୀ,
ସବୁରି କଣ୍ଠରେ ରହୁ ତୁମ ନାମ
ଆହେ ବୀଣାପାଣି ।।

ବସନ୍ତ ପଞ୍ଚମୀ ତିଥିରେ ମାଆ ତୁହି
ପୂଜା ପାଇ ଥାଉ,
ଯେଉଁ ବ୍ୟକ୍ତି ଭକ୍ତି ସହ ପୂଜା କରେ
ତାକୁ ବିଦ୍ୟା ଦେଇଥାଉ ।।

ମାଘ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ
ମାଆ ସୁଶୋଭିତ,
ଅଜ୍ଞାନୀ ମାନଙ୍କୁ ଜ୍ଞାନ ଦେଇ ତୁହି
ଉଦ୍ଧାର କର ଜଗତ ।।

ଜୟ ମା ସରସ୍ୱତୀ ହସ୍ତରେ ଥାଏ
ବୀଣା ଓ ପୁସ୍ତକ,
ଫୁଲେ ପୁଷ୍ପାଞ୍ଜଳି ଦେଇ ଛାତ୍ରଛାତ୍ରୀ
କରନ୍ତି ଫୁଲକିତ ।।

ପଲ୍ଲିକଣ୍ଠା,ଏରସମା,ଜଗତସିଂହପୁର
ମୋ –୯୧୭୮୮୦୪୬୪୫

ISSN NO.
2582-208X

# ନମାମି ସମେସାନ
# ନିର୍ବାଣ ରୁପମ



ଅଧର ବିଶ୍ୱାଳ

ଟୁନକୁ ମାସେ ହେଲାଣି ଜର ହେଉଛି । ଡୁଟୁକା ମୁଟୁକା ବହୁତ ଖାଇ ସାରିଲାଣି, ହେଲେ ଜର କମୁନ । ବାପା କହୁଥିଲେ, ରବିଦାଦାଙ୍କ ପାଖକୁ ଚଠି ଲେଖିଛନ୍ତି, ପଇସା ପଠାଇଲେ ଡାକ୍ତର ଦେଖାଇବେ । ପନ୍ଦରଦିନ ହେଲା ଟୁନର ସ୍କୁଲଯିବା ବନ୍ଦ । ସାଙ୍ଗସାଥୀଙ୍କ ପାଖରୁ ସ୍କୁଲରେ କଣ ପଢ଼ାହେଲା ବୁଝିନଏ । ଆଗକୁ ମାଟ୍ରିକ ପରୀକ୍ଷା, ତେଣୁ ଜରରେ ବି ବହିଧରି ବସେ । ଆଜି କଣ କେଜାଣି ଟୁନ ଖାଲି ଦାଣ୍ଡ ଦୁଆର ବାଡ଼ି ଦୁଆର ହଉଚ । ମନେପଡୁଛି, ସେ ଯେତେବେଳେ ଛୋଟଥିଲା, ରବିଦାଦା ଭୁବନେଶ୍ୱରରୁ ଆସିଲେ ଦାଣ୍ଡରୁ ଟୁନ ଟୁନ ବୋଲି ଡାକ ଛାଡ଼ନ୍ତୁ । କାନ୍ଧରେ ବସାଇ ବହେ ବୁଲାନ୍ତୁ । ଜାମାପଟା ଆଣିଥିଲେ ନିଜ ହାତରେ ପିନ୍ଧାଇ ଦିଅନ୍ତୁ । ଚକଲେଟ ପୁଳାଏ ହାତରେ ଧରାଇଦେଇ କହନ୍ତୁ ତୁ ଖାଇବୁ, ତୋ ସାଙ୍ଗଙ୍କୁ ବାଂଟିବୁ । ବାପା ବୋଉର ତ ଗୋଡ ତଳେ ଲାଗେନା । ବୋଉର ଚନ୍ତା ଦାଦା କଣ ଖାଇବେ । ବାପା ବୁଲିବୁଲି କଉ ମାଛ ନେଇକ ଆସନ୍ତୁ । ଦାଦା କଉ ମାଛ ଖାଇବାକୁ ଭାରି ଭଲ ପାଆନ୍ତୁ । ଘରେ ପର୍ବାଣିର ଆସର ଜମେ । ପାଖ ପଡିଶା ବି ପିଣ୍ଡାରେ ଭିଡ ଜମାନ୍ତୁ । କେହିକେହି ବାପାଙ୍କୁ ଥଟ୍ଟାରେ କୁହନ୍ତୁ, ଆରେ ନବ, ଆମକୁ ଚହିଁ ପାରୁଛୁ ତ ! ଭାରି ମଜା ଲାଗେ । ଗଲାବେଳେ ମୋ ହାତରେ କିଛି ପଇସା ଧରାଇ ଦେଇ କହନ୍ତୁ, ଖାତା କଲମ କିଣିବୁ, ମନଦେଇ ପାଠ ପଢ଼ିବୁ, ଯାହା ଯେତେବେଳେ ଦରକାର ହେବ ମୋ ପାଖକୁ ଚଠି ଲେଖିବୁ । ହେଲେ ଚାରିବର୍ଷ ହେଲା ରବିଦାଦା ଘରକୁ ଆସୁନାହାନ୍ତୁ । ଚଠିପତ୍ର ବି ଦେଉନାହାନ୍ତୁ । ଗାଁରେ ଟୁପୁରୁଟାପର ହେଉଥିଲେ, ରବି ବାହାହୋଇ ସାରିଲାଣି, ସେଥିଲାଗି ନବକୁ ଆଉ ପଚାରୁନ । ଆଜି କିନ୍ତୁ ଟୁନର ଆଶା

ISSN NO.
2582-208X

ବନ୍ଧବାଡ଼ ମାନୁନ । ତାର ବିଶ୍ୱାସ, ତା ଦେହ ଖରାପ ଖବର ଶୁଣି ଦାଦା ନିଷ୍ଚୟ ଆସିବେ ।

ନବ ଆଜି ବିଲକୁ ଯାଇନ, ଦାଣ୍ଡପିଣ୍ଡାରେ ଗୁମମାରି ବସିଛି । ରବି କଥା ଆଜି ଭାରି ମନେପଡୁଛି । ରବି ଚାରିବର୍ଷର ଥିଲାବେଳେ ବାପାବୋଉ ଚାଲିଗଲେ । ରବିକି ସେ କାଖେଇ କୋଳେଇ ପୁଅ ପରି ମଣିଷ କରିଛି । ତା ଆଖିରେ ନଜର ଅଧୁରା ସ୍ୱପ୍ନ ଦେଖୁଚ । ନଜେ ଛିଣ୍ଡା ପିନ୍ଧି, ମାଟିରେ ନଜକୁ ମାଟି କରି ରବିକୁ ଭଲ କଲେଜରେ ପଢ଼େଇଚ । ଯେଉଁଦିନ ରବି ଓଏସ ପାଇଲା, ଗାଁ ଲୋକମାନେ କହିଲେ ଏ ନବଟା ପାଗଳ ହେଇଗଲାଣି, ଗାଁ ଦାଣ୍ଡରେ ପିଲାଙ୍କ ପରି ନାଚୁଛି ।

ଘରଭିତରୁ ସୁମୀର ପାଟି ଶୁଣି ପ୍ରକୃତିସ୍ଥ ହେଲା ନବ । ଏ ଶୁଣ, ଘରେ ଯୋଉ ଢିମା ଗାରଟା ଅଛି ତାକୁ ଟିକ ବୋଉ ପାଖରେ ବନ୍ଧକ ରଖି କଛି ପଇସା ଆଣି ଟୁନକୁ ଡାକ୍ତରଖାନା ନେଇଯା । ନବ ଗାରଟା ଧରି ଏକମୁହାଁ ହେଇ ଦୌଡିଲା ଟିକ ବୋଉ ପାଖକୁ। ଟୁନକୁ ଡାକ୍ତରଖାନା ନେଇକ ଗଲା । ଡାକ୍ତର ପରୀକ୍ଷା କରି ଯାହା କହିଲେ ନବର ହୋସ ଉଡ଼ିଗଲା । ତାକୁ ଲାଗିଲା, ସତେଯେମିତି ଗୋଡ ତଳର ମାଟି ଗୁଡାକ ଧସି ଯାଉଛି, ଲଥକରି ବସିପଡିଲା । ଟୁନକୁ ବ୍ରେନ ଟ୍ୟୁମର, ଅପରେସନ କଲେ ବି ଭଲ ହବନ । ଘରକୁ ଫେରିଲା ନବ । ରାତିରେ ଟୁନ ଶୋଇସାରିବା ପରେ ସ୍ୱାମୀ–ସ୍ତ୍ରୀ ଦୁହେଁ କବାଟ କଳ ବହୁତ କାନ୍ଦିଲେ ।

ଆ ଭିତରେ କଛିଦିନ ବିତିଯାଇଛି, ଟୁନକୁ ବାଦଦେଇ ଜୀବନଯାତ୍ରା ପୁଣି ସ୍ୱାଭାବିକ ହୋଇଛି ନବର । ହଳରୁ ଫେରି ପଖାଳ ଗଣ୍ଡେ ଖାଇ କ୍ଳାନ୍ତ ଶରୀରଟାକୁ ଲେଟାଇ ଦେଇଛି ଦାଣ୍ଡପିଣ୍ଡାରେ ପଡିଥିବା ଖଜୁରୀ ଚଟିଆ ଉପରେ । ଏଣୁତେଣୁ ଗୁଡ଼ାଏ କଣ ଭାବୁଚ ଓ ଦେଖୁଚ ଚାଳରେ ଘରଚଟିଆ ଛୁଆମାନେ କେମିତି ଖଣ୍ଡିଉଡା ଦେଉଛନ୍ତି । ଆଉ କେତେଦିନ ପରେ ଉଡି ଚାଲିଯିବେ । ହଠାତ କାହାର "ଭାଇ" ଡାକ ଶୁଣି ଚାଇଁକ ଉଠିଲା ନବ, ସ୍ୱପ୍ନ ରାଇଜରୁ ଫେରି ପ୍ରକୃତିସ୍ଥ ହେଲା । ଦେଖିଲା ପାଖରେ ଠିଆହୋଇଛି ରବି,

ISSN NO.
2582-208X

ସାଙ୍ଗରେ ଜଣେ ଜିନ୍ସ କମିଜ ପିନ୍ଧା ସ୍ତ୍ରୀ ଲୋକ । ନିଜକୁ ବିଶ୍ୱାସ କରିପାରିଲାନି । ଟିକେ ଆଖି ମଳିଦେଇ ପଚାରିଲା ଆରେ କେମିତି ଅଛୁ , ଏ ବୋଧେ ମୋ ବୋହୁ? ରବି ନବର ପାଦଛୁଇଁ ପ୍ରଣାମକଲା ଓ ସ୍ତ୍ରୀ କୁ କହିଲା ପ୍ରୀତି ଏ ମୋ ଭାଇ । ପ୍ରିତୀ ହାତଯୋଡି ନମସ୍କାର କରୁକରୁ ନବ କହିଲା ହଉ ହେଲା ହେଲା, ଘରକୁ ଆସ । ଦୁହେଁ ମେଲାଘରେ ବସିଲେ । ରବି ପଚାରିଲା ଭାଇ, ଟୁନି ଘରେ ନାହିଁକି? ନବ ନିରବ ରହିଲା! କଥା ବଦଳେଇ ଡାକ ଛାଡିଲା ଏ ଶୁଣୁଛ, ରବି ଆସିଛି । ଭିତରୁ କିଛି ଜବାବ ମିଳିଲାନାହିଁ । ରବି ଡାକିଲା ଭାଇ, ଏଠିକି ଆସ, ଆମେ ପଳେଇବୁ, ବ୍ୟସ୍ତ ହବାରେ କିଛିନାହିଁ । ନବ ଦୁଆରବନ୍ଧକୁ ଆଉଜି ହେଇ ଠିଆହେଲା । ଟିକେ ଦୀର୍ଘଶ୍ୱାସ ନେଇ ରବି କହିଲା, ଭାଇ ପ୍ରିତୀ କହୁଥିଲା କି .., ଏତିକିରେ ପ୍ରିତୀ କଥା ଛଡାଇନେଇ କହିଲା, ଦେଖନ୍ତୁ ଆମର ଏବେ ପଇସା ନିହାତି ଦରକାର । ଗାଁରେ ଆମର ଏ ଜମିବାଡ଼ି ରହି କଣ ହେବ, ଆମକୁ ଆମ ଭାଗ ଦେଇଦିଅ । ନବର ଆପାଦମସ୍ତକ ଝିମଝିମ ହେଇଗଲା । କିଛି ସମୟ ନିରବ ରହି କହିଲା, ଜମି ବୋଲି ତ ମୋଟ ଚାରିମାଣ, ସେଥିରୁ ରବିର ପଢାପାଇଁ ଦୁଇମାଣ ବିକ୍ରି ସରିଛି, ଯଦି ରବିର ପଇସା ଦରକାର, ସେ ନେଇଯାଉ । ପ୍ରିତୀ କହିଲା ଠିକଅଛି, ଆମକୁ ଆମ ଭାଗଟା ଅଲଗାକରି ଦେଖେଇଦିଅ, ଆମେ ପଛରେ ଆସି ବିକ୍ରି କରି ଦେଇଯିବୁ, ଯଦି ଆପଣ ବି କିଣିବେ ଆମର କିଛି କହିବାର ନାହିଁ । କିନ୍ତୁ ଘରର ଅନ୍ୟ ଜିନିଷଗୁଡାକ ଆଜି ବାଣ୍ଟିଦେଲେ ଆମେ ପଳେଇବୁ । ହଁ, ଗାଁରୁ ଦୁଇଜଣଙ୍କୁ ଡାକିଦିଅନ୍ତୁ, ନହେଲେ ପଛରେ କହିବେ ଆମେ ବେଶୀ ନେଇଗଲୁ ବୋଲି । ନବର ମୁଣ୍ଡ ଆଉ କିଛି କାମକଲାନି । ଖାଲି ରବିକୁ ଜଳଜଳ କରି ଅନାଇ କରିଥାଏ । ଘରଭିତରୁ ସୁମିର ପାଟି ଶୁଭିଲା, ସବୁ ଜିନିଷପତ୍ର ଅଗଣାରେ ରଖି ସାରିଲିଣି, ଆସି ଭାଗ କରିଦିଅ । ଜିନିଷ କହିଲେ, କାଠ ଦସ୍ତା ବାକ୍ସ ମିଶି ଚାରିଖଣ୍ଡ, ବିରି, କୋଳଥ, ମୁଗ ବସ୍ତା ଓ କୁଲା, ଛାଞ୍ଚୁଣି, ଟୋକେଇ କୁଣ୍ଡେଇ କେତେଖଣ୍ଡ । ଅଗଣା ମଝିରେ ସବୁଗୁଡ଼ାକ ଥୁଆହୋଇଛି, ଟୁନିର ସେ ପୋଷା ବିଲେଇଟା ତା ଚାରିପଟେ ବୁଲିବୁଲି ମ୍ୟାଓଁ ମ୍ୟାଓଁ କରୁଛି । ପଡିଶାରୁ ଦୁଇଜଣଙ୍କୁ ଡକାଗଲା, ସମସ୍ତେ ଅଗଣାରେ ବସିଲେ । ସୁମି ବାରିଦୁଆରକୁ ଆଉଜି ବସିଥାଏ, ଭାଗବଣ୍ଟା ଆରମ୍ଭ ହେବାକୁ ଯାଉଛି, ରବିର ସ୍ତ୍ରୀ ପ୍ରିତୀ କହିଲା, ଭାଇଙ୍କ ହାତରେ ଯେଉଁ ଘଣ୍ଟାଟା ଅଛି, ସେଟା ବି ଭାଗରେ ପଡୁ । ରବିର କାନଟା ଭାଏଂ ଭାଏଂ ଡାକିଲା, ସତେ ଯେମିତି ତା କାନମୁଣ୍ଡାରେ

ISSN NO.
2582-208X

କେହିଜଣେ ଶକ୍ତ ଗୁପୁଡ଼ା ପକେଇଛି । ମନେପଡିଗଲା ତାର ସେ ପିଲାଦିନର କଥା । ବର୍ଷାଦିନ ଗ୍ରତିରେ ଭାଇ ତାକୁ କେମିତି କାନ୍ଧରେ ବସାଇ ଗହୀରଟାକୁ ପାର କରାନ୍ତୁ, ପାଖ ଗାଁକୁ ଟ୍ୟୁସନ ଯିବାପାଇଁ । ଗୋଟିଏ ହାତରେ ଲଣ୍ଠନ, ଆଉ ଗୋଟିଏ ହାତରେ କଣ୍ଟା ବାଉଁଶର ଠେଙ୍ଗାଟା । ଠେଙ୍ଗା ଧରିଥିବା ହାତଟାରେ ଏଚଏମଟି ର ସେହି ରେଡ଼ିଅମ ଦିଆ ଘଡ଼ିଟା ଚକଚକ କରେ । ରବି ଜଡ ପାଲଟିଗଲାଣି । ଆ ଭିତରେ ଘଣ୍ଟାଏ ଗଡ଼ିଗଲାଣି ସରିଲାଣି । ନବ ବାଉଁଙ୍ଗୀ ଶିକା ସଜ କରୁଛି ରବିର ଜିନଷପତ୍ର ଗୁଡାକ ଗାଡିପାଖକୁ ନେବାକୁ । ସୂର୍ଯ୍ୟ ଲେଉଟାଣି ନେଲେଣି, ସନ୍ଧ୍ୟା ଆଗତପ୍ରାୟ । ରବିକୁ ସବୁ ଅନ୍ଧାର ଦେଖାଯାଉଛି । ସେ ଅନ୍ଧାର ଭିତରେ ସେ ଖାଲି ଦେଖୁଛି ଭାଇ ହାତରେ ସେଇ କଣ୍ଟା ବାଉଁଶର ଠେଙ୍ଗାଟା ତା ସାଙ୍ଗରେ ଚକଚକ କରୁଥିବା ସେଇ ରେଡ଼ିଅମ ଦିଆ ଘଡ଼ିଟା । କାନରେ ବାଜୁଛି ପିଲାଦିନେ ଭାଇ ଶିଖାଇଥିବା ସେଇ ରୁଦ୍ରାଷ୍ଟକମ ଧ୍ୱନଗୁଡାକ "ନମାମି ସମେସାନ ନର୍ବାଣ ରୁପମ" ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ନରୂପାୟ



ଗଜାନନ ମିଶ୍ର

ଘର,
ଘର କଅାଁ ତିଆରି କଲ ଦିବାକର ?
ଘରେ ରଖିଲ କଅାଁ ଏତେ ସେତେ ଦ୍ୱାର ?
ତୁମକୁ ସତ ମତେ ମିଛ
କରୁଛ କମିଅାଁ ଆଉ ଦେଖାଉଛ
ଗମ୍ଭୀର ଗମ୍ଭୀର ଲୁଚକାଳି ଖେଳର ସମ୍ଭାର !

ଦୁନଆଁସାର୍ ଗୁଳବୁଲ କରୁଛି ଘର,
ଦେଖିଲାବେଳକୁ ହେଇ ଅଛି
ନ ଦେଖିଲାବେଳକୁ ହେଇ ନାଇଁ!
ଘରେ ଲୋକର ଘର,
ଘର, ଏଠି ସେଠି, ମାଟିରେ, ଆକାଶରେ,
ପାଣିରେ ପବନରେ।

ପାଣି ଫୋଟକା ଘର,
କେତେ ରଙ୍ଗର, କେତେ ଢଙ୍ଗର,
କେତେ ରସର ଘସର ହାସର
ଆନନ୍ଦର ଅଶ୍ରୁର ଘର।

ISSN NO.
2582-208X

ସବୁ ଘରେ ସ୍ୱୀକୃତି ତୁମର
ସବୁ ତୁମେ, ଘର ସମେତ ସବୁ ତୁମର।

ଭକୁଆ ଆମେ,
ଗୋଟି ତୁମର ପଶାପାଲିର,
ପଟିବନ୍ଧା ଆଖି ଆଗରେ ନାଚୁଛି
ସଦାବେଳ ଘନଘୋର ଅନ୍ଧକାର,
ନିରୂପାୟ, ଲଂଘିବୁ କେମିତି ପାରିବାର!
ଘର, ନିଜ ପର
ଅବୁଝା ଘର ସଂସାର।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଜୀବନ....କ୍ଷଣସ୍ଥାୟୀ



ପ୍ରଶାନ୍ତ କୁମାର ପାଢ଼ୀ

କାହିଁକି ଏତେ ଅହଂକାର
ପୁଣି ଛଳନା ଆଉ ପ୍ରବଞ୍ଚନା
ତୀବ୍ର ପ୍ରତିଯୋଗିତାର ମୋହରେ
ସତ୍ୟକୁ ଉପହାସ କରିବାରେ ଧୃଷ୍ଟତା ।୦।
ଜୀବନ ରଙ୍ଗମଞ୍ଚରେ......
ମିଛ ନାଟକରେ କିଏ ଅଭିନେତା... ଅଭିନେତ୍ରୀ
ଅଭିନୟ ଛଳରେ
ଆସେ କେବେ ହସ.... କେବେ କାନ୍ଦ ।୧।
ସକାଳର ସଙ୍ଗୀତକୁ
ରଜନୀର ମହ ମହ ବାସ
ସ୍ୱପ୍ନର ଅଜଣା ରାଇଜରେ
କରିଦିଏ ମତୁଆଲା ଅତିଥି ।୨।
ମନର ନିର୍ବୋଧତାରେ
ସମୟ ହସୁଥାଏ
ଏକ ଅନିଶ୍ଚିତ .... ବଳୟରେ
ଜୀବନ ଯେ...... କ୍ଷଣସ୍ଥାୟୀ ।୩।

ସିଆରସିସି,
ନୀଳକଣ୍ଠପୁର କ୍ଲଷ୍ଟର, ଯାଜପୁର

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୧୭ ଦୃଶ୍ୟ ।।

(ରାଣା ସାମନ୍ତରାୟର ବଙ୍ଗଳା। ସ୍ୱୟଂ ରାଣା ଚୁରୁଟ ଟାଣି ଟାଣି ଏପଟ ସେପଟ ହେଉଥାନ୍ତି।ପଛେ ପଛେ କାଶୀନାଥ ବି ତାଙ୍କ ସହିତ ପାଦରେ ପାଦ ମିଳାଇ ଟହଲ ମାରୁଥାଏ।ହଠାତ ରାଣା ଜୋରରେ ହସି ଉଠନ୍ତି)

ରାଣା– (ହସ)

କାଶୀ– ଏଭଳି ହସର ରହସ୍ୟ ମୁଁ କିଛି ବୁଝି ପାରୁନାହିଁ ରାଣା ବାବୁ।

ରାଣା– କାଶୀନାଥ–

କାଶୀ– ଆଜ୍ଞା କିଛି କହିବେ?

ରାଣା – କହିବାର ତ ଅନେକ କିଛି ଅଛି। ହେଲେ ଆଜିର ଦୁନିଆରେ ଶୁଣୁଛି କିଏ? ସମସ୍ତେ ନିଜ ନିଜ ପାଇଁ ବ୍ୟସ୍ତ ବିବ୍ରତ। ସମସ୍ତେ ଆଜି ନିଜ ପାଇଁ ନିଜର ସିଂହାସନ ନିର୍ମାଣ କରିବାରେ କାରିଗର।

କାଶୀ– ଆଜ୍ଞା–

ରାଣା– ତୁମେ ଜାଣ କାଶୀନାଥ ବିଲାତ ସମ୍ବିଧାନରେ ଅଛି, king may dai, long leave the king। ଅର୍ଥାତ– ରାଜା ମରିପାରନ୍ତି ପୁଣି ଦୀର୍ଘ ଦିନ ଯାଏ ବଞ୍ଚି ପାରନ୍ତି। ବୁଝିଲ କାଶୀନାଥ

ISSN NO.
2582-208X

ହାରି ଯାଇଥିବା ବ୍ୟକ୍ତି କେବେବି ଜୀବନରେ ଜିତି ପାରେନାହିଁ। ଦଶରଥ ସିଂହ ହାରିଛି। ତାକୁ ମୁଁ ହରେଉଛି। ତାକୁ ମୁଁ ଫସେଇଛି।(ହସ)

କାଶୀ– ଆପଣ ସିନା ଭିଣୋଇ ବାବୁଙ୍କୁ ହରଡ଼ ଘଣାରେ ପକାଇ ଦେଲେ କିନ୍ତୁ ତାଙ୍କର ସେ ଯେଉଁ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପୁଅ ରମଣ ତା ସାଙ୍ଗକୁ ସେ ଦିନ ମଜୁରିଆର ଝିଅ। ଏବେ ଦୁହେଁ ମିଶି ତ ଆମ ସମସ୍ତଙ୍କୁ କଞ୍ଚାଲଙ୍କା ଶୁଙ୍ଘେଇଲେଣି।

ରାଣା– ସେ ଦୁହେଁ କିଛି କରିପାରିବେନି କାଶୀନାଥ ତୁମେ ଜମା ବ୍ୟସ୍ତ ହୁଅନା ମୁଁ ଅଛି।

କାଶୀ– ଘୋଡାଡିମ୍ବ ଅଛି। କୁମ୍ଭୀର ମଝି ନଇ ଧରିଲାଣି। ଧୀବର କହୁଛି ବଡ଼ ମାଛ ପହଁରୁଛି।

ରାଣା– ତାମାନେ ତୁମେ କଣ କହିବାକୁ ଚାହଁ।

କାଶୀ– ଆଜ୍ଞା ମୁଁ ପରା ନିଜେ ଶୁଣିଛି ଭିଣୋଇ ବାବୁ ସମସ୍ତ ସମ୍ପତ୍ତି ରମଣ ନାଁରେ କରିବେ ବୋଲି ଓକିଲ ଡାକି ସଲା ସୁତରା ହେଉ ଥିଲେ। ରମଣ ଯଦି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହୁଏ ତାହେଲେ ଆପଣଙ୍କର ବି ବାଜା ବଜେଇବା ବନ୍ଦ କରିଦେବ।

ରାଣା– ଫସେଇଦିଅନି କାଶୀନାଥ ଏତେ ସରଳ କଥା କହି ମୋତେ ଆଉ ଫସେଇ ଦିଅନି। ହୁଁ– ସମୁଦ୍ରରେ ଥିବା ଛୋଟ ମାଛ ସେ ପୁଣି ତିମି ସହିତ ଟକ୍କର ଦେବ। ସେ ଜାଣେନାହିଁ ମୋର ଗୋଟିଏ ଚୁଟିକିରେ ତାକୁ ମୁଁ ତଳିତଳାନ୍ତ କରିଦେବି।

କାଶୀ– ସାପକୁ ଛୋଟ ଭାବି ଛାଡ଼ିଦେବା ଉଚିତ ନୁହେଁ ରାଣା ବାବୁ। ଦରକାର ପଡ଼ିଲେ କୌଣସି ଦିନ ଆପଣଙ୍କୁ ଚୋଟ ମାରିବାକୁ ପଛେଇବ ନାହିଁ।

ରାଣା– ରାଣା ସାମନ୍ତରାୟର ଟାର୍ଗେଟ କେବେ ଭୁଲ ହୁଏନି କାଶୀନାଥ।

କାଶୀ– ସେସବୁ ମୁଁ ଜାଣେ କିନ୍ତୁ.....

ରାଣା– ପୁଣି ସେଇ କିନ୍ତୁ ଫିନ୍ତୁ ପରନ୍ତୁ କଣପାଇଁ?

ISSN NO.
2582-208X

କାଶୀ– ସେ ଓକିଲ ପ୍ରତି ନଜର ରଖିଥିବେ ଆଜ୍ଞା। ମୁଁ ଯେପରି ଭିତରେ ଭିତରେ ରହି ଭିଣୋଇ ବାବୁଙ୍କ ନାଇଚା ଚେରକୁ କାଟି ବାସନ୍ତୀ ଜଙ୍ଗଲର ସମସ୍ତ ଦଲିଲ ଆପଣଙ୍କ ନାମରେ ଅବୈଧ ଉଇଲ କରାଇ ଦେଇଛି ହୁଏତ କେବେ ସେ ଓକିଲ ଆପଣଙ୍କୁ ବି ଜେରା କରିପାରେ।

ରାଣା– ତୁମେ ଠିକ କହିଛ କାଶୀନାଥ। ବାସନ୍ତୀ ଜଙ୍ଗଲର ସମସ୍ତ ଉଇଲ, ଫୋଟ କପି ଇତ୍ୟାଦି ଓକିଲ ପାଖରେ ଅଛି। ଶାସ୍ତ୍ର କହିଛି ନିଜ ଲୋକ ପ୍ରତି ଦୃଢ଼ ନଜର ନ ରଖିଲେ ଉଇ ଭଳି ଭିତରେ ଭିତରେ କୁରି ଫମ୍ପା କରିଦେବ।

(ଗାବରୁ ଧଇଁ ସଇଁ ହୋଇ ଦୌଡି ଦୌଡି ଆସେ)

ଗାବରୁ– ମାଲିକ…ମାଲିକ..ମା.ଲି.କ….

କାଶୀ– ଏଇଟା ଶଳା ଏମିତି ଧଇଁ ପେଲା ରୋଗୀ ଭଳି ହେଉଛି କାହିଁକି? କାହାକୁ ମାରିଦେଇ ପଳେଇ ଆସିଛିକିରେ!!

ରାଣା– କ୍ୟା ହୁଆ ଗାବରୁ?

ଗାବରୁ– ସବକୁଛ ଗଡ଼ବଡ଼ ହୋ ଗୟା ମାଲିକ।

ରାଣା– what do you mean?

ଗାବରୁ– ଓ ଶାଲା ଜଟା ହମାରା ସାଥ ବେଇମାନି କରିଛି।

ରାଣା– ଜଟା ବେଇମାନି କରିଛି?

ଗାବରୁ– ଜୀ ମାଲିକ ହମାରା ଗୋଦାମ ମେ ଜଙ୍ଗଲୀ ପଶୁ କା ଖାଲ ସିଙ୍ଗ, ଦାନ୍ତ, ହଡ୍ଡୀ ବେଗେରା ହେ ଏସବ ବାତ ଛୋଟା ମାଲିକ କୋ ବତାଦିଆ।

ରାଣା– ଛୋଟା ମାଲିକ? ତାମାନେ ମୁଁ ଜଙ୍ଗଲରେ କଳା କାରନାମା କରୁଛି ବୋଲି ବିଭିଷଣ ଜାଣିଯାଇଛି।

ISSN NO.
2582-208X

ଗାବରୁ– ଜୀ ମାଲିକ, ଆପକା ହୁକୁମ ପାନେ ସେ ପହଲେ ଔର ଛୋଟା ମାଲିକ ୟାହାଁ ଆନେ ସେ ପହଲେ ଜଟା କୋ ମେ ଆପକା ରଙ୍ଗ ମହଲ ମେ ବାନ୍ଧ କେ ରଖା ହୁଁ।

ରାଣା– ସାବାସ ଗାବରୁ ସାବାସ, ବ୍ରାଭୋ ବ୍ରାଭୋ ମାଇଁ ଡିଅର। (ହସ)

କାଶୀ– ଆଉ ଏତେ ଜୋର ହସନ୍ତୁ ନାହିଁ ଆଜ୍ଞା। ସେପଟକୁ ଦେଖନ୍ତୁ ଆପଣଙ୍କ ଭାଇ ହାତରେ ହାତକଡ଼ା ଧରି ଏଠିକୁ ଆସୁଛନ୍ତି।

ରାଣା– ତଥାପି ରାଣା ହସିବ। ହସି ହସି ସଭିଙ୍କୁ ଫସେଇଦେବ।(ହସ)

ବିଭିଷଣ(ପ୍ରବେଶି)– ଏମିତି ଦିନେ ଗର୍ବୀ ରାବଣ ହସିଥିଲା ବୋଲି ସୁନାର ଲଙ୍କା ପୋଡି ଜଳି ଧ୍ୱଂସ ହୋଇଯାଇଥିଲା।

ରାଣା– ଆରେ ବିଭି ତୁ କେମିତି ଏଠିକୁ ଚାଲିଆସିଲୁ ?

ବିଭି– ମୁଁ ଅଦାଲତରୁ ଆପଣଙ୍କ ନିମନ୍ତେ ସୂଚନା ନେଇ ଆସିଛି।

ରାଣା– ସୂଚନା ?

ବିଭି– ଆପଣଙ୍କ ଗୋଦାମ ଘର ସିଜ କରିବାର ସୂଚନା।

ରାଣା– ମୋ ଗୋଦାମ ଘର ସିଜ କରିବୁ ? କାହିଁକି କୋଉ ଅପରାଧରେ ? କୋଉ ଉଦ୍ଦେଶ୍ୟରେ ?

ବିଭି– ବିନା ଉଦ୍ଦେଶ୍ୟରେ ବିନା ପ୍ରମାଣରେ ଇନ୍ସପେକ୍ଟର ବିଭିଷଣ ସାମନ୍ତରାୟ କାହାରି ପାଖକୁ ଏତେ ସହଜରେ ଆସେନାହିଁ। ଆପଣଙ୍କ ଗୋଦାମ ଘରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ମାନଙ୍କର ଚମଡା, ଦାନ୍ତ, ସିଙ୍ଘ, ମୂଲ୍ୟବାନ କାଠ, ଜଙ୍ଗଲଜାତ ଦ୍ରବ୍ୟ ପ୍ରଭୃତି ମହଜୁଦ ଅଛି ବୋଲି ରିପୋର୍ଟ ପାଇଛି। ଜଙ୍ଗଲର ସବୁଜିମାକୁ ନଷ୍ଟ କରି ସରକାରଙ୍କର ବନ୍ୟ ସଂରକ୍ଷଣକୁ ଅମାନ୍ୟ କରି ସେସବୁ ମୂଲ୍ୟ ବାନ ବସ୍ତୁକୁ ଆପଣ ବିଦେଶକୁ ରପ୍ତାନି କରୁଛନ୍ତି।

ରାଣା– ମିଛ ସୁଉଦ ମିଛ, ଏମିତି ଭୁଲ ରିପୋର୍ଟ ତୋତେ କିଏ ଦେଲା ?

ISSN NO.
2582-208X

ବିଭି– ମିଛ ନୁହେଁ ମୋତେ ନିରାଟ ସତ୍ୟ ରିପୋର୍ଟ ମିଳିଛି।

ରାଣା– ମିଛ ବାହାନା କରି ମୋତେ ଫସେଇ ଦେଏନାରେ ବିଭି। ମୁଁ ପରା ତୋ ନିଜ ଭାଇରେ...!

ବିଭି– ଆଇନ ପାଖେ କେହି ଭାଇ ନୁହେଁ କି କେହି ଭଗାରୀ ନୁହେଁ। ଆପଣଙ୍କ ଅଣ୍ଡରରେ କାମ କରୁଥିବା ଜଟା ମୁଣ୍ଡା ଯେଉଁସବୁ ରିପୋର୍ଟ ମୋତେ ଦେଇଛି ତାହା କେବେ ମିଛ ହୋଇନପାରେ।

ରାଣା– ଜଟା? କୋଉ ଜଟା? ଜଟା କିଏ? କିରେ ଗାବରୁ ଜଟା ନାମକ ଆମର କେହି ଓ୍ୱାର୍କର ଥିଲେ କି?

ଗାବରୁ– ଉଁ... ଉଁ..(ଭାବିହୁଏ)ନା ମାଲିକ ଜଟା ନାମକା କୋଇ ଭି ନେହିଁ ଥା।

ବିଭି– କେତେଦିନ ଏମିତି ମିଛ କହି ଦୁନିଆକୁ ଆପଣ ଆଖିଠାର ମାରିବେ?ଜଟା ଅଛି ଆପଣ ଜଟାକୁ କୋଉଠି ଲୁଚେଇ ରଖିଛନ୍ତି କୁହନ୍ତୁ?

କାଶୀ– ଆପଣଙ୍କର ଇଏ ଭୁଲ ଧାରଣା ଆଜ୍ଞା। କଞ୍ଚାଲଙ୍କା ପରି ସନ୍ଦେହ କରି କରି ଆପଣ ନିଜ ଭାଇଙ୍କ ଉପରେ ତୁଚ୍ଛାଟାରେ ଜଳୁଛନ୍ତି।

ବିଭି– ୟୁ ସଟଆପ! ଦୁଇ ଭାଇ କଥା ହେଉଥିବା ସମୟରେ ଅଜ୍ଞାନ କୁଳଶୀଳର ଏଣ୍ଟ୍ରିକୁ ମୁଁ ପସନ୍ଦ କରେନା।

କାଶୀ– ଆରେ ଆପଣଙ୍କ ମୁଣ୍ଡ ଖରାପ ନା କଣ? ଆପଣ ପରା ମୋ ନିଜ ଭଣଜାର ନିଜ ସାଙ୍ଗ। ତାମାନେ ମୋ ଭଣଜା ପରି। ମୁଁ କେବେ ଅଜ୍ଞାତ କୁଳଶୀଳ ହେଇଗଲି?

ବିଭି– ଆପଣ ଯିଏବି ହୁଅନ୍ତୁ ଚୁପ ରହିବେ ନା ....?

ରାଣା– ଓ ହୋ କାଶୀବାବୁ ଆପଣ ଚୁପ ରୁହନ୍ତୁ। ବିଭିର କଥା ମାନନ୍ତୁ। ସେ ଯଦି ଚାହୁଁଛି ନିଜ ଭାଇକୁ ସନ୍ଦେହ କରି ଗୋଦାମ ଘର ସିଜ କରିବ, କରୁ। ମୋର କିଛି ଆପତ୍ତି ନାହିଁ।

ବିଭି– କନେଷ୍ଟବଳ?

ISSN NO.
2582-208X

ଗୁଣ୍ଡୁଚି– (ପ୍ରବେଶି ସେଲ୍ୟୁଟ ଲଗାଏ)ଇଏସ ସାର!

ବିଭି– ଯାଅ ତୁମେ ଓ ଅନ୍ୟମାନେ ମିଶି ଗୋଦାମ ଘର ସିଜ କର।

ଗୁଣ୍ଡୁଚି– ଇଏସ ସାର!(ପୁନଃ ସେଲ୍ୟୁଟ ମାରି ପ୍ରସ୍ଥାନ)

ରାଣା– ଆରେ ବିଭି ଶେଷରେ ତୁ ମୋତେ ସନ୍ଦେହ ଚକ୍ଷୁରେ ଦେଖିଲୁ? ବାପା ମା' ଯିବାପରେ ଯିଏ ତୋତେ ପିଲାଟି ଦିନରୁ ପାଳି ପୋଷି ମଣିଷ କଲା ଇଭିନ ମୁଁ ଜେଲରେ ଥିବାବେଳେ ତୋର ପାଠ ପଢା ରହିବା,ଖାଇବାରେ ଯେମିତି କିଛି ଉଣା ନହୁଏ ତାର ବ୍ୟବସ୍ଥା କଲି। ପ୍ରତିବଦଳରେ ଏଇ ଉପହାର ଦେଲୁ? ମୁଁ ସ୍ମଗଲର ମୁଁ ଜଙ୍ଗଲଜାତ ଦ୍ରବ୍ୟକୁ ବିଦେଶରେ ବିକ୍ରି କରୁଛି। ସତରେ ତୋତେ ପୋଲିସରେ ଭର୍ତ୍ତି କରି ମୁଁ ମସ୍ତବଡ ଭୁଲ କରିଛି।

ବିଭି– ଭୁଲ ଆପଣ କରି ନାହାନ୍ତି ଭାଇ, ଯେଉଁଦିନଠାରୁ ମୁଁ ଏଇ ଖାକି ପୋଷାକ ପିନ୍ଧିଲି ସେଇଦିନଠାରୁ ମୁଁ ଆଇନର ଦାସ ହୋଇ ଯାଇଛି। ମୋ ଦୃଷ୍ଟିରେ ଯିଏ ବି ଅନ୍ୟାୟ କରିବ ସେ ଦୋଷୀ।

ରାଣା– ବ୍ରାଭୋ ବ୍ରାଭୋ ମାଇଁ ବ୍ରଦର।

ଗୁଣ୍ଡୁଚି– ସାର!(ସେଲ୍ୟୁଟ)

ବିଭି–କଣ ହେଲା କିଛି ସନ୍ଧାନ ପାଇଲ?

ଗୁଣ୍ଡୁଚି– ନା ସାର, ଗୋଦାମ ଘର ରେଡ଼ କଲୁ କିଛି ମିଳିଲା ନାହିଁ । କେବଳ ଜାଳେଣି କାଠ ବ୍ୟତୀତ ଆଉ କିଛି ନାହିଁ।

ବିଭି– ସବୁ ଭଲଭାବେ ତନ୍ନ ତନ୍ନ କରି ଦେଖିଛ ତ?

ଗୁଣ୍ଡୁଚି– ଇଏସ ସାର, ଜନତା ଦଳ ଅମଳରୁ କନେଷ୍ଟବଳ ଗୁଣ୍ଡୁଚି ଦାସ ଯେଉଁଠାରେ ରେଡ଼ କରେ ଚାରିଶବିଶର ଲେସ ରଖେନାହିଁ।

ବିଭି– ଆଚ୍ଛା ଠିକଅଛି ହଁ ତୁମେ ଜଟାର କିଛି ସନ୍ଧାନ ପାଇଲ?

ISSN NO.
2582-208X

ଗୁଣ୍ଡୁଚି– ସେ କିଏ ସାର ମୁଁ ତାର କିଛି କୂଳ କିନାର ପାଉନି। ସନ୍ଧାନ ପାଇବି କୋଉଠୁ?

ବିଭି– ତାହେଲେ ଲୋକଟା କଣ ଗାଏପ ହୋଇଗଲା?

ରାଣା– ତୁ ମୋ ଉପରେ ଭରଷା ରଖ, ସେଭଳି କେହି ୱାର୍କର ମୋର ନାହାନ୍ତି। କାହାର ଭୁଲ ଇନଫରମେସନ ପାଇ ନିଜ ଭାଇ ହାତରେ ହାତକଡି ଲଗେଇବାକୁ ଚାଲିଆସିଛୁ।
ବିଭୁ– ଆଇ ଏମ ଏକ୍ସଟ୍ରିମଲି ସରି ଭାଇ। ମୋତେ କ୍ଷମା କରିଦେବ।

ରାଣା– ଆରେ ନା ରେ ମୁଁ ଯଦି ତୋ ସ୍ଥାନରେ ଥାଆନ୍ତି ଠିକ ତୋହରି ପରି ସନ୍ଦେହ କରିଥାନ୍ତି। ପାଗଳଟା ତୁ କଣ ଭାବିଛୁ ମୁଁ ଆଉ ସେ କଳା କାରନାମା କରୁଛି? ଦୀର୍ଘ ୧୫ ବର୍ଷ ଜେଲ ଜୀବନ ବିତାଇ ସାରିବା ପରେ ପୁଣିଥରେ କେହି କଣ ସେ ପାପର ପିଙ୍କିଳ ପଥରେ ଗୋଡ଼ ଥୋଇପାରେ?

ବିଭି– ଓକେ ଭାଇ ମୁଁ ଆସୁଛି। ଆସ କନେଷ୍ଟବଳ (ପ୍ରସ୍ଥାନ)

ରାଣା– ଫସେଇଦେଲି (ହସ) ଫସେଇଦେଲିରେ ଫସେଇଦେଲି।

କାଶୀ– କାହାକୁ ଫସେଇଦେଲେ ଆଜ୍ଞା?

ଗୁଣ୍ଡୁଚି– ସେ ଫସା ଫସି କଥା ଛାଡି ମୋ ପାଉଣା ଦେଇ ଦିଅନ୍ତୁ ମୁଁ ଯାଏଁ।

ରାଣା– ଏଇ ନିଅ ଗୁଣ୍ଡୁଚି।(ଟଙ୍କା ବଣ୍ଡଲ ଦିଅନ୍ତି)

ଗୁଣ୍ଡୁଚି– ଚଳିବ ଆଜ୍ଞା, ଜନତା ଦଳ ଅମଳର ଗୁଣ୍ଡୁଚି ଦାସ ଯାହା ପାଇଲା ସେଥିରେ ଖୁସି। ହେଲେ ଆପଣ ଖାଲି ମୋ ସହିତ ଯୋଗସୂତ୍ର ରଖିଥିଲେ ହେଲା। ଓକେ ବାୟ(ପ୍ରସ୍ଥାନ)

ରାଣା– ଦେଖି ପାରିଲ କାଶୀନାଥ ଉତ୍ତରକବାଟ, ମୋ ନିଜ ଭାଇକୁ କେମିତି ସରଳ ନିର୍ମଳ ଭାବମୂର୍ତ୍ତିରେ ଫସେଇଦେଲି। ପୋଲିସ ହେଇଛି ପୋଲିସ ସୁଉଦ ଫୋଲିସଟା।(ହସ)

କାଶୀ– ସତରେ ଆଜ୍ଞା ମୁଁ ତ ଭାବିଥିଲି ଏଥର ଆପଣଙ୍କ ଭେଳା ଗୁଡୁମ ହେଇଯିବ। ହେଲେ ବନ୍ଧୁକରୁ ଗୁଳି ଫୁଟିଲାନି କି ଗୁଡୁମ ଶବ୍ଦ ଶୁଭିଲାନି।

ISSN NO.
2582-208X

ରାଣା– କିନ୍ତୁ ସେ ପାହାଡ଼ି ଜଟାର ଛାତିରେ ଗୁଡ଼ମ ଶବ୍ଦ ଶୁଣିବା ପାଇଁ ମୋ ରଙ୍ଗ ମହଲରେ ଅଟକା ହୋଇଛି କାଶୀନାଥ। ଗାବରୁ...!

ଗାବରୁ– ଜୀ ମାଲିକ!

ରାଣା– ମୁଁ ଶୁଣିଛି ଆଦିବାସୀ ଟୋକା ଜଟା ମୁଣ୍ଡାର କୁଆଡେ ଜଣେ ଛନଛନିଆ ମାଇକିନା ଅଛି।

ଗାବରୁ– ଆପ ସହି ଶୁନେ ହେଁ ମାଲିକ।

ରାଣା– ରାଣା ସାମନ୍ତରାୟ ବହୁଦିନରୁ ନାରୀ ମାଂସ ଚାଖିନାହିଁରେ ଗାବରୁ..।

ଗାବରୁ– ହୋ ଯାଏଗା ମାଲିକ। ଆପ ଫିକର ମତ କିଜିଏ।

ରାଣା–(ଠୋ ଠୋ ହୋଇ ହସୁଥାଏ)

କ୍ରମଶଃ.........

ବିସି–୭୪, ସେକ୍ଟର–୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ରାତି ପାହିଲାଣି



ହରେରାମ ପଣ୍ଡା

ରାତି ପାହିଲାଣି ସକାଳ ହେଲାଣି
ଡାମରା ଡାକୁଛି କାଆ,
ସାଥିହୋଇ ଚାଲ ଯିବାଲୋ ସଜନୀ
ଡାକୁଛି ମଙ୍ଗଳା ମାଆ ।୦।

ଆଜି ତ ମଙ୍ଗଳ ବାର ଲୋ ସଜନୀ
କରିଲେ ଦର୍ଶନ ତାର,
ଭାବ ଭକତିରେ ପୂଜିଲେ ମାଆଙ୍କୁ
ସବୁ ରିଷ୍ଟ ହେବ ଦୂର,
ମଙ୍ଗଳ ମୂରତି ଦେବୀ ଭଗବତୀ
ବିପଦେ ଆପଦେ ସାହା ।୧।

ମନ୍ଦିର ଦୁଆରେ ଦୀପଟିଏ ଜାଳି
ଦର୍ଶନ କରିବା ତାର,
ଲାଗି କରାଇବା ଶଙ୍ଖା ଓ ସିନ୍ଦୂର
ତା'ସାଥେ ମନ୍ଦାର ମାଳ,
ଶ୍ରଦ୍ଧାରେ ପାଇବା ତା ଚରଣୋଦକ
ଦୂରିତ ଖଣ୍ଡିବେ ମାଆ ।୨।

ISSN NO.
2582-208X

ସାରା ଜଗତର ମଙ୍ଗଳ କାରିଣୀ
ନାମ ତାହାର ମଙ୍ଗଳା,
ରୁଦ୍ରାଣୀ ଭବାନୀ ସତ୍ୟ ସନାତନୀ
ଅପୂର୍ବ ତାହାର ଲୀଳା,
ଯାହାର କରୁଣା ଆଶିଷ ଲଭିଲେ
ପବିତ୍ର ହୋଇବ କାୟା ।୩।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

ISSN NO.
2582-208X

# ଅନିଶ୍ଚିତତାର ଆଢୁଆଳରେ



ଭାସ୍କର ଚନ୍ଦ୍ର ଖଣ୍ଡା

ଗୁମ୍ ସୁମ୍ ମନଟା
ବେଳେ ବେଳେ ବସା ବାନ୍ଧେ
ଅତୀତର ସ୍ମୃତିକୁ ନେଇ
ବାଇଚଟିଆର ବସା ଭିତରେ
ଅଜ୍ଞାତ ଶାବକ ସବୁ
ମାଆର ଫେରନ୍ତା ପଥକୁ ଚାହିଁ
ଚିଁ ଚାଁ ଡାକ ପରି
ପାରେନା ବୁଝି କିଛି ସିଏ
ଅନିଶ୍ଚିତତାର ଆଢୁଆଳରେ ।୧।

ଏଇତ ଭିତ୍ତିଭୂମି ଜୀବନର
ହସ କାନ୍ଦ ଭଂଗା ଗଢା ଭିତରେ
ଜୀବନର ଛନ୍ଦ ଦେଇ
ଆଗେଇ ଚାଲିଛି ମନଟା
ସିଏବି ବେଳେ ବେଳେ ଅବୁଝା ହୁଏ
ବୁଝି ସବୁ ନ ବୁଝିବାର ନାଟକ କରେ
ହେଲେ କଣ ବା କରନ୍ତା ସିଏ
କେହି ତା'ର ମାଲିକ ନୁହଁନ୍ତି
କିପରି ବା ହୁଅନ୍ତା କାହାର ଆଜ୍ଞାଧୀନ
ପାରିଲେନି ରଖି କେହିବି ତାକୁ ଆୟତ୍ତରେ

ISSN NO.
2582-208X

ସେଇଥିପାଇଁ ହୁଏତ
ବାନ୍ଧିଛି ବସା ସିଏ
ଅନିଶ୍ଚିତତାର ଆଢୁଆଳରେ ।୨।

ବେଳେ ବେଳେ ଭଲ ଧାରଣା ସବୁ
ଧାଡି ବାନ୍ଧି ଚାଲିଥିବା
ଶୃଙ୍ଖଳିତ ପିମ୍ପୁଡି ସମୂହର ଧାଡି ପରି
ଦେଇ ସୁରକ୍ଷା ମର୍ଯ୍ୟାଦାକୁ
ନ ହୋଇ ଚିନ୍ତାଗ୍ରସ୍ତ
କରି ସାଥି ଉତ୍ସୁକତା କୁ
ନିଏ ପଣ
ଆଗାମୀ ସମୟର ବେଳାଭୂମି ଉପରେ
କରିବ ବୋଲି ଭ୍ରମଣ
ଅନିଶ୍ଚିତତାର ଆଢୁଆଳରେ ।୩।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁରା
ଭୁବନେଶ୍ୱର

ISSN NO.
2582-208X

# ରୋମାଞ୍ଚିତ ଆକର୍ଷଣ

ବେଣୁଧର ସୂତାର

ଝୁମା ଝୁମା ଏଇ ଗୋଧୂଳି ଲଗ୍ନରେ
ମଧୁଝରା ଅଳସୀ ସଞ୍ଜର ଅୟସ
ପ୍ରଶାନ୍ତିର ଏ ଶୁଭ ଅବସରେ
ଶାରଦୀୟ ପ୍ରକୃତିର ବର୍ଣ୍ଣିଳବିଳାସ
ନୈସର୍ଗିକ ଉପମାରେ ଭରା
ଲାସ୍ୟମୟୀ ଉର୍ବୀର ସୁଷମା
ଭୂମି ଠାରୁ ଭୂମା ସୌନ୍ଦର୍ଯ୍ୟର
ଅପୂର୍ବ ବିନ୍ୟାସ ।।

ମିଠା ମିଠା ଏଇ ଶୁଭ ଅବସରେ
ଫୁଲେ ଫୁଲେ ହାସ୍ୟ ଛନ୍ଦ ତୋରା
ମଧୁଝରା ମହକ ପସରା
ଜ୍ୟୋସ୍ନାଭିଜା ଏମାଟିର
ଶ୍ୟାମଳଅଗଣା
ପ୍ରଭଞ୍ଜନ ସୁରଧାରା ମଧୁବର୍ଷିବୀଣା
ଶେଫାଳି ମଧୁର ବାସେ
କାଶଫୁଲ ସ୍ମିତ ହାସେ
ଜ୍ୟୋସ୍ନା ମୟ ଜହ୍ନରାତି
ମହା ଭୂଗୋଳର ସ୍ଥିତି
ଜୋଛନାର ଅଭିସାର
ପ୍ରୀତି ରଙ୍ଗ ଉପହାର
ସାଗରର ଉର୍ମିମାଳା ଉତ୍ତାଳ ଅଧିର ।

ISSN NO.
2582-208X

ବିବିଧ କସୁମ ତୋରା
ଶୋଭମୟୀ ବସୁନ୍ଧରା
ଆକାଶରେ ରୂପାଝରା
ଫୁଲର ବସେରା
ବିଜନଏ ବନବିଥି
ଗାଉଛି ପ୍ରୀତିର ଗୀତି
ସପନ ଫୁଲର ବାସେ
ରୂପସୀ ପ୍ରକୃତି ହସେ
ହୀରାମୋତି ଶୋଭା ଝରା
ଅନୁପମ ତୃପ୍ତିର ପସରା ।

ମାଦକରେ ପରିପୂର୍ଣ୍ଣ
ସୁଷମାର ଆକର୍ଷଣ
ସପନ ଭଉଁରୀ ଖେଳେ
ଇନ୍ଦ୍ରନୀଳ ଆଖିତଳେ
ରୋମାଞ୍ଚ ଭରା ଏଇ
ରାକା ରଜନୀରେ
ଶ୍ୟାମଳ ସ୍ୱପ୍ନର ତୀରେ
ମନହଜେ ଧିରେଧିରେ
ଶୋଭାର ପୀୟୂଷ ଧାରା
କରିଦିଏ ଆତ୍ମହରା
ସମ୍ମୋହନୀ ଶାରଦୀୟ
କାଉଁରୀ ମାୟାରେ ।

କେଶବଦୁର୍ଗପାଳ
କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ଲଳିତ ନିବନ୍ଧ–
# ଧନୀ



ବଦ୍ରୀ ମହାନ୍ତ

ଯସ୍ୟାସ୍ତି ବିତ୍ତ ସ ନରଃ କୁଳୀନଃ
ସ ପଣ୍ଡିତଃ ସ ଶୃତବାନ୍ ଗୁଣଜ୍ଞ
ସ ଏବ ବକ୍ତା ସ ଚ ଦର୍ଶନୀୟଃ
ସର୍ବେ ଗୁଣା କାଞ୍ଚନମାକ୍ରୟନ୍ତି ।

'ଯାହା ନିକଟରେ ଧନ ଅଛି ସେ ମଣିଷ କୁଳୀନ, ସେ ପଣ୍ଡିତ, ସେ ଶାସ୍ତ୍ରଜ୍ଞ, ଗୁଣଜ୍ଞ, ସେ ହିଁ ବକ୍ତା। ସେ ଦର୍ଶନୀୟ କାରଣ ସମସ୍ତ ଗୁଣ ଧନର ଆଶ୍ରିତ।' ଭର୍ତ୍ତୃହରିଙ୍କ ଏ ଉକ୍ତି କାଳ କାଳ ବ୍ୟାପି ଆମକୁ ଓ ଆମ ଚିନ୍ତା ଚେତନାକୁ ଏପରି ମହୋଗ୍ରସ୍ତ କରି ରଖିଛି ଯେ ସେଥିରୁ ଆମେ ସହଜରେ ମୁକ୍ତ ହୋଇ ପାରୁନାହୁଁ। ମାତ୍ର ଏହା କଣ ସୂର୍ଯ୍ୟ ଚନ୍ଦ୍ର ପରି ସତ୍ୟ ? ଏହା ବ୍ୟତୀତ ସମୟ ସାରଣୀରେ ଏ ଉକ୍ତିର ପରିଭାଷା କଣ ବଦଳି ପାରିନାହିଁ ? ଚାରିପାଖର ବିସ୍ତୃତି ଓ ଚିତ୍ର ଚରିତ୍ରକୁ ଅନୁଶୀଳନ କଲେ ପ୍ରସଙ୍ଗଟିର ପରିସର ବ୍ୟାପକ ଓ ଅଧିକ ଗ୍ରହଣୀୟ ହୋଇଉଠେ।

ଜୀବନ ଧାରଣ ପାଇଁ ଧନର ଆବଶ୍ୟକତା ଅଛି, କିନ୍ତୁ ଧନ କଣ ସବୁକିଛି ! ମଣିଷ ଜୀବନ ପାଇଁ ପ୍ରେମ ଓ ଧନ ଉଭୟ ଲୋଡା । ଆଧୁନିକ ଜୀବନ ଶୈଳୀକୁ ଆପଣେଇ ନେଇ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ସମୟ କାଟିବା ପାଇଁ ପ୍ରୟୋଜନ ହୋଇଥାଏ ପ୍ରଚୁର ଧନ। ପ୍ରତିଯୋଗିତାମୂଳକ ଜୀବନ, ବ୍ୟାପାର, ଉଚ୍ଚ ଚାକିରୀ ଓ ବ୍ୟବସାୟ ସାଧାରଣତଃ ଆବଶ୍ୟକତା ପୂରଣ କରିଥାଏ। ଚଳଣୀରେ ଶ୍ରେଷ୍ଠତ୍ୱ; ଭଲ ଖାଇବା, ଭଲ ପିନ୍ଧିବା ରହିବା, ଭଲ ହସ୍ପିଟାଲ, ଭଲ ସ୍କୁଲ ବିଶ୍ୱବିଦ୍ୟାଳୟ ଏପରିକି ବିଦେଶ ଯାତ୍ରା ପାଇଁ ଉପାର୍ଜନ କରିବାକୁ ହୁଏ ଅଧିକ ଅର୍ଥ। ସ୍ୱପ୍ନପ୍ରବଣ ଓ ସ୍ୱପ୍ନର ଅଧିକାରୀ ଧନୀ ବ୍ୟକ୍ତି ନିଜର

ISSN NO.
2582-208X

ଗରିବୀର ମୃତ୍ୟୁ ପାଇଁ ଆପ୍ରାଣ ଉଦ୍ୟମ କରିଥାଏ। ଧନସର୍ବସ୍ୱ ପ୍ରାଣୀ ସାମ୍ନାରେ ସାଧୁ-ଅସାଧୁ, ନୀତି-ଅନୀତି, ପାପ ପୁଣ୍ୟ ସବୁ ଏକାକାର ହୋଇଯାଆନ୍ତି। ନିଜକୁ ସଫଳତମ ଶ୍ରେଷ୍ଠ ବ୍ୟକ୍ତି ରୂପେ ପ୍ରଦର୍ଶିତ କରିବା ନିମନ୍ତେ କୌଣସି ସୁଯୋଗ ହାତଛଡା କରିବାକୁ ଇଚ୍ଛା ହୁଏ ନାହିଁ। ସେତେବେଳେ ଆତ୍ମୀୟ ସମ୍ପର୍କ ବନ୍ଧୁତା ପ୍ରୀତି ମନେ ହୁଅନ୍ତି ଗୌଣ ।

ମନର ଏକ ଅବସ୍ଥା ଧନ, ଯାହାକୁ କୌଣସି ମଣିଷ ନିଜର କରିପାରେ ଧନ୍ୟାଢ଼ ଚିନ୍ତନ ଦ୍ୱାରା। ଆତ୍ମବିଶ୍ୱାସ ବିନା ଧନୀ ହେବା ଅସମ୍ଭବ। ନିଜର କର୍ମ କରଣୀ ଶିକ୍ଷା ବୁଦ୍ଧି ଓ ବିବେକ ର ଉପଯୋଗ ଦ୍ୱାରା ଏହା ହାସଲ କରାଯାଇପାରେ। ଅର୍ଥ ନାହିଁ ତ ଅନର୍ଥ ନାହିଁ, ଧନ ନାହିଁ ତ ସମସ୍ୟା ନାହିଁ। ସାଧାରଣରେ ଧାରଣା ରହିଛି ସଫଳତମ ବ୍ୟକ୍ତି ତାକୁ କୁହାଯିବ ଯେ କୌଣସି ଉପାୟ ଅବଲମ୍ବନ କରି ପ୍ରଚୁର ଧନ ଅର୍ଜନ କରିପାରିଛି ଏବଂ ଏହି ଶକ୍ତି ଦ୍ୱାରା ସବୁକିଛି ଆୟତ୍ତ କରାଯାଇପାରେ। ତା ପାଇଁ ହିମାଳୟର ଶୃଙ୍ଗ ଉଚ୍ଚ ନୁହେଁ, ନୁହେଁ ଗଭୀର ରସାତଳ। ମରୁଭୂମି ହେଉ ଅଥବା ହେଉ ହିମ ଶୀତଳ ଉତ୍ତର ଗୋଲାର୍ଦ୍ଧ ଧରିତ୍ରୀ ର ସୁଷମା ସେମାନେ ଉପଭୋଗ କରିପାରନ୍ତି। ଯାହା ନିକଟରେ ଧନ ଅଛି ଦିଲ୍ଲୀ ତା ପାଇଁ ଦୂର ନୁହେଁ। ବିତ୍ତଶାଳୀ ବ୍ୟକ୍ତି କଲିକତାରେ ଚା ପିଇ ଦିଲ୍ଲୀରେ ଜଳଖିଆ ଖାଇ ଚେନ୍ନାଇରେ ମଧ୍ୟାହ୍ନ ଭୋଜନ ପରେ ରାତ୍ରି ଭୋଜନ ଓ ବିଶ୍ରାମ କରିପାରେ ମୁମ୍ବାଇରେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂସାରର ସୁଖ ସୁବିଧା ସେମାନଙ୍କ ହାତ ପାଆନ୍ତାରେ ପହଞ୍ଚାଇ ଦେଇଛି। ଅଭାବ ସ୍ପର୍ଶ କରିପାରିନାହିଁ ସେମାନଙ୍କୁ। ସାଧାରଣ ଜନତା ସେମାନଙ୍କୁ ଓ ସେମାନଙ୍କ ସମ୍ପତ୍ତିକୁ ସଲାମ କରନ୍ତି। ସମ୍ମାନ କରନ୍ତି !

ଧନୀର ଆଲୋକିତ ପକ୍ଷ ଯେତିକି ଉଜ୍ଜ୍ୱଳ ସେତିକି ଅନ୍ଧକାର ଗ୍ରସ୍ତ ବିପରୀତ ଦିଗଟି। ତାର ଦୁଷ୍ପରିଣାମ ସାମ୍ନାରେ ଦୃଶ୍ୟ ହୁଏନାହିଁ। ଅନେକ ସମୟରେ ଭିତରେ ଭିତରେ ଘୂଣ ଖାଇ ସମ୍ପ୍ରସାରିତ ହୁଏ ସମାଜ ଜୀବନକୁ। ନିଜର ତୁଙ୍ଗିମା ଓ ମିଥ୍ୟା ଅହଙ୍କାର ଭିତରେ ବୁଡି ରହି ନିଜର ଜୟଯୁକ୍ତ ଜୀବନ ଶୈଳୀକୁ ବଞ୍ଚାଇବା ପାଇଁ କୌଣସି ନିକୃଷ୍ଟତର କାମ କରିବାକୁ ପାଶ୍ଚାତ୍ପଦ ହୁଅନ୍ତିନାହିଁ। ଧନୀର ବଂଶ ବୃକ୍ଷରେ ପରିଦୃଷ୍ଟ ହୁଏନା ମାନବୀୟ ପ୍ରେମ। ଧନୀ ହେବାର ସଳଖ ଉପାୟ ଶୀଘ୍ରତା। ଅନେକ କ୍ଷେତ୍ରରେ ଜଣେ ବ୍ୟକ୍ତି ଧନୀ ହେବାପାଇଁ ହଜାର ହଜାର ଙ୍କୁ ଗରୀବ ଓ ଅସହାୟ ଅବସ୍ଥାକୁ ନେଇଆସେ। ବିପନ୍ନ ହୋଇଉଠେ ମାନବୀୟ ଭାବନା ସ୍ରୋତ। ତୁଟିଯାଏ ସମ୍ପର୍କ। ଦୟା ମାୟା ତ୍ୟାଗ ତପଶ୍ଚର୍ଯ୍ୟ ପ୍ରେମ ଉଦାରତା ଆଦି କେବଳ ଶ୍ୱାସ ରୁଦ୍ଧ ହୋଇ ଉଠନ୍ତି ପୁସ୍ତକର ପୃଷ୍ଠା ମାନଙ୍କରେ।

ISSN NO.
2582-208X

ଗରୀବ ଓ ବିତ୍ତଶାଳୀ ମଧ୍ୟରେ ଦୂରତ୍ୱ ବଢାଇ ଅସମାନତାକୁ ଜନ୍ମ ଦିଏ ଧନ। ସନ୍ତୁଳନ ରକ୍ଷା ନହୋଇପାରିବା କାରଣରୁ ଅବରୁଦ୍ଧ ହୋଇଯାଏ ସମାଜ ଜୀବନର ପ୍ରଗତି। ସେଥିପାଇଁ ଭାରତୀୟ ସଂସ୍କୃତି କସ୍ମିନ କାଳେ ଧନ ସଂଗ୍ରହକୁ ଗୁରୁତ୍ୱ ପ୍ରଦାନ କରେନା। ଅତୀତରେ ଧନବାନର ଅତ୍ୟଧିକ ପ୍ରଭାବ ଯୋଗୁଁ ବଦଳୁ ନଥିଲା ଗରୀବର ସ୍ଥିତି। କମ୍ ପାରିଶ୍ରମିକ ରେ ସୀମିତ ସାଧନ କୁ ନେଇ ଜୀବନ ଧାରଣ କରୁଥିବା ଦରିଦ୍ରର ସଂସାରରେ ସମ୍ପ୍ରତି ପରିବର୍ତ୍ତନ ଆସିଛି। ସରକାରଙ୍କ ନୀତି ନିୟମ କାନୁନ ଓ ସହଯୋଗ ଦ୍ୱାରା ସମାନତା ଅଧିକାର ପରିପୃଷ୍ଟ ହୋଇପାରିଥିବା ମନେହୁଏ।

ଅନେକ ଭାବନ୍ତି ଧନ ହିଁ ମନର ଖରାପ ଅବସ୍ଥାକୁ ଜନ୍ମ ଦିଏ। ଏ ବିଚାର ମଣିଷ ଶରୀରର ଏକ କ୍ରିୟା। କେବଳ ଧନ ଅର୍ଜନ କ୍ଷେତ୍ରରେ ନୁହେଁ, ଅନ୍ୟ ଅନେକ ପ୍ରସଙ୍ଗରେ ଏହା ଉପଲବ୍ଧ ହୋଇଥାଏ। ଧନକୁ ଜୀବନର ସବୁକିଛି ମନେ କରୁଥିବା ବ୍ୟକ୍ତିଟି ନିଜର ଭୌତିକ ସୁଖ ସୁବିଧା ନିମନ୍ତେ ଧନପ୍ରାପ୍ତି ଲକ୍ଷ୍ୟରେ କୌଣସି ଅପରାଧ କରିବାକୁ ଘୃଣା କରେନାହିଁ। ହତ୍ୟା ଚୋରି ଡକାୟତି ଭ୍ରଷ୍ଟାଚାର ଲାଞ୍ଚ ତା ପାଇଁ ମନେହୁଏ ସାଧାରଣ କଥାଟିଏ। ସ୍ୱଳ୍ପ ସମୟରେ ସଂଗ୍ରହ କରାଯାଉଥିବା ଏ ବିତ୍ତ ଅସ୍ଥାୟୀ। ଯେ କୌଣସି ସମୟରେ ଏହା ଅପାତ୍ରରେ ସମୟରେ ଓ ଅସ୍ଥାନରେ  ଲୋପ ପାଇଯାଇପାରେ। ସାଇତି ରଖିବା ପରି ଲୁଚାଇବା ସୁଦ୍ଧା ଖୁବ୍ କଷ୍ଟକର ହୋଇପଡେ। ଅବଳୀଳାକ୍ରମେ ଧନ ନିଜର ସ୍ୱରୂପ ସହ ଆତ୍ମପ୍ରକାଶ କରେ। ସମୟକୁ ଏହା କ୍ରୟ କରିପରେନା ବା ଅବରୋଧ କରି ପାରେନା।

ଚେତନାର ଏକ ନିଭୃତ କୋଣରେ ଧନର ପ୍ରକରାନ୍ତ ବ୍ୟାଖ୍ୟାଟିକୁ ସହଜରେ ଏଡେଇ ଯାଇ ହେବନାହିଁ। ବାଇ ମହାନ୍ତି ଙ୍କ ଦୃଷ୍ଟିରେ 'ନିର୍ଦ୍ଧନ ପାଇଁ ପଇସା ହିଁ ଧନ। ନିଃସନ୍ତାନ ମାତା ନିମନ୍ତେ ସନ୍ତାନ ଧନ । ଅନାଥ ପାଇଁ ପରିବାର, ଅଭାଗା ପାଇଁ ଭାଗ୍ୟ, ବେମାର ବ୍ୟକ୍ତି ନିମନ୍ତେ ସ୍ୱାସ୍ଥ୍ୟ ଓ ମୂର୍ଖ ପାଇଁ ବୁଦ୍ଧି ଇ ଧନ। ଦୁର୍ବଳ କୁ ଶକ୍ତି, ବିକଳାଙ୍ଗ କୁ ଅଙ୍ଗ, ନିରାଶ ବ୍ୟକ୍ତି ପାଇଁ ଆଶାର କିରଣ ଓ କୃଷକ ନିମନ୍ତେ ବର୍ଷା ଇ ଧନ। କ୍ଷୁଧାର୍ତ୍ତ ପାଇଁ ଅନ୍ନ, ଏକଲା ବ୍ୟକ୍ତି ପାଇଁ ସାହାରା ଓ ଜୀବନର ଭବିଷ୍ୟତ ପାଇଁ ଯଥାର୍ଥ ରାସ୍ତା ହିଁ ଧନ।'

ଧନ ର ଅଭାବ ଅନେକ ସମୟରେ ଲଢ଼ାଇ ଝଗଡ଼ା ଓ ବିଦ୍ୱେଷ କୁ ଜନ୍ମ ଦିଏ। ମାତ୍ର ସଠିକ୍ ଉପଚାର ଦ୍ୱାରା ଏହାକୁ ସହଜରେ ଏଡାଇ ଦିଆଯାଇ ପାରେ। ଆବଶ୍ୟକତା ଓ

ISSN NO.
2582-208X

ଅଭାବ ମଣିଷର ଚିର ସହଚର କୌଣସି ନା କୌଣସି ସମୟରେ ଅବସ୍ଥାରେ ଓ ବସ୍ତୁରେ। ତେଣୁ ବାଇ ମହାନ୍ତି କହନ୍ତି,' ଦୁନିଆର ସବୁଠୁ ଧନୀ ବ୍ୟକ୍ତି ସେ – ଯେ ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଆନନ୍ଦରେ ରହେ। ନିଷ୍କପଟ ହୃଦୟ ନେଇ ପରିବାରକୁ ଖୁବ୍ ପ୍ରେମ କରେ ଆଉ ପରିବାରର ସଭିଏଁ ତାକୁ ଭଲ ପାଆନ୍ତି। ସନ୍ତୋଷ ଓ ଖୁସି ବ୍ୟତିରେକ ସେ କିଛି ଇ ଆବଶ୍ୟକ କରେନା। ଧନୀ ବ୍ୟକ୍ତି ସେ,ଯାହା ମୁହଁରେ ହସ ଓ ମନରେ ଥାଏ ଶାନ୍ତି।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ବିଚ୍ଛେଦ



ଗୋବର୍ଦ୍ଧନ ସେନାପତି

ରୂପତ ନଥାଏ ତୁମର
ବର୍ଣ୍ଣବି ନଥାଏ
ଅଜଣା ଅଶୁଣା
ଆସତ ତୁମେ
ମିଳନର କେତେଟା ମୁହୂର୍ତ୍ତ ପରେ।

ଆଖିର ଲୁହରେ
ମନର ଚଞ୍ଚଳତାରେ
କେବେ ନିରାଶ
ଆଉ କେବେ କ୍ରୋଧ
ତୁମେ ଆସ
କିଛି ଘେନି ଆଘାତ ସାଥିରେ।

ସେତେବେଳେ ମନେପଡେ
ମିଳନର ସ୍ୱରୂପ କଣ
କେତେ ମଧୁର ସେ
ସ୍ୱାଦର ବାସ୍ତବତା
ସାଥେ ରଙ୍ଗର ପରିଚୟ ମିଳେ
ଥାଏ ଅପେକ୍ଷା କେବଳ
ତୁମର ଶେଷ ସମୟକୁ
ଧୈର୍ଯ୍ୟର ସୀମା ରେଖାରେ।

ନୂଆଦିଲ୍ଲୀ

ISSN NO.
2582-208X

# ଦିଅ ପ୍ରଭୁ ଆଶିଷ



ସେବାକାନ୍ତ ନନ୍ଦ

ଲୋଡାନାହିଁ ଧନ ଲୋଡା ନାହିଁ ଜନ
ଲୋଡା ତୋ କରୁଣା ଟିକେ,
ନିଃସ୍ୱ ହୋଇ ମୁହିଁ ମୁକତି ଲଭିବି
ଏ ମାୟା ସଂସାର ପଥେ ।

ଲୋଡାନାହିଁ ଉଚ୍ଚ ପଦ ପଦବୀ
ଲୋଡା ନାହିଁ ମୋର ଅତ୍ରକଂସ କୋଠାବାଡି
ଧ୍ୱଂସ ହୋଇଗଲା ଅତ୍ରକଂସ ପ୍ରାସାଦ
ଭଗ୍ନ ହୋଇ ଦିନେ ଗଲା ପଡି ।

ଅଷ୍ଟ ପାଟବଂଶୀ ଅଗଣିତ ପୁତ୍ର କନ୍ୟା
ବିନାସ ହୋଇଲେ ଗଲେ ବାହୁଡି ।
ଗର୍ବ, ଅହଂକାର ଚୂର୍ଣ୍ଣ କର ହେ ନର
ପରହିତେ ଦିଅ ମନ ।

ସ୍ୱୟଂ କୃଷ୍ଣ ଭଗବାନ ହୋଇଲେ ନିଧନ
ତୁମ୍ଭେ କି ଧରିବ ପ୍ରାଣ ।
ଗର୍ବ ଅଭିମାନେ ମଲା ଦୁର୍ଯ୍ୟୋଧନ

ISSN NO.
2582-208X

ଧର୍ମେ ହୋଇଲେ ପାଣ୍ଡାବେ ବିଜୟ,
ଅତି ଗର୍ବେ ଲଙ୍କା ହୋଇଲା ନିଧନ
ରାବଣର ହେଲା ପରାଜୟ ।

ଧର୍ମ ବଳେ ରାମ ହୋଇଲେ ବିଜୟ
ରଖିଗଲେ ମହାଯଶ,
ଧର୍ମ କାର୍ଯ୍ୟେ ସଦା ଲୀନ ହୁଅ ହେ ନର
ସଦାଥିବ ପ୍ରଭୁ ଆଶିଷ ॥

ସଂସ୍କୃ ତଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ମଲ୍ଲାଡ, ଗଞ୍ଜାମ

ISSN NO.
2582-208X

# ଶୁଭ ସକାଳ



ଭଗିରଥୀ ଯାନୀ

ବଞ୍ଚିବାର ରାହା ସର୍ବଦା ଦେଖାଏ
ନୂତନ ଶୁଭ ସକାଳ,
ମନେ ଭରିଦିଏ ନୂଆ ଏକ ବଳ
ମନକୁ କରେ ଚଞ୍ଚଳ ।

କର୍ମ ତତ୍ପରତା ଦିଅଇ ବାରତା
ପ୍ରତ୍ୟହ ଶୁଭ ସକାଳ,
ପୂରୁବ ଦିଗରୁ ଦିବାକର ଆସି
କହେ ହେବାକୁ ସଅଳ ।

ସକାଳର ଖରା ପଡିଲେ ଧରାରେ
ହସିଉଠେ ଚତୁର୍ଦ୍ଦିଗ,
ସୂରୁଜ କିରଣେ ଶିଶିର ବିନ୍ଦୁଟି
ମୁକ୍ତା ପରି ଦିଶେ ଆଗ ।

ଲାଲ ରଙ୍ଗେ ଆସି ଧରଣୀ ବକ୍ଷକୁ
କରିଥାଏ ଆଲୋକିତ,
ତରୁତୃଣ ଠାରୁ କୀଟ ପ୍ରାଣୀ ଯାଏ
ହୁଅନ୍ତି ସର୍ବେ ଜୀବିତ ।

ISSN NO.
2582-208X

ନାନାଜାତି ପକ୍ଷୀ କଳରବ ଶବ୍ଦେ
ନିଜ ବସା ତ୍ୟାଗ କରି,
ଖାଦ୍ୟ ଆହରଣେ ଦୂର ଦୂରାନ୍ତକୁ
ଉଡି ଯା'ନ୍ତି ଲକ୍ଷ୍ୟ ଧରି।

ଓଁକାର ଧ୍ୱନିରେ ଶୀତଳ ପ୍ରଭାତ
ଲାଗୁଥାଏ ମଧୁମୟ,
ଶୁଣି ବେଦ ଧ୍ୱନି ଏହି ମୂଢ଼ ମନ
ପ୍ରଭୁ ପାଶେ ଦିଏ ଲୟ।

ଶୁଭ ସକାଳରେ ନୂତନ ଭାବନା
ମନରେ ଅନେକ ସ୍ୱପ୍ନ,
ପ୍ରଭୁଙ୍କୁ ସୁମରି ଜୀବନର ପଥେ
ଆରମ୍ଭ ହୁଅଇ ଦିନ।

ସୁସ୍ଥ ମନ ପ୍ରାଣ ଉତ୍ତମ ଚିନ୍ତନ
ସର୍ବଦା ଦିଅଇ ଖୁସି,
କରି ନିଜ କର୍ମ ସୁଖେ ବିତେ ଦିନ
ମୃତ୍ୟୁ ମନ୍ଦେ ଦେଲେ ହସି।

ଛାୟା ମାୟା ଡେଇଁ ଆଲୋକର ପଥେ
ଦୃଢ଼ କରି ମନ ବଳ,
ଦୂର ନୁହେଁ ଲକ୍ଷ୍ୟ ଅଦମ୍ୟ ଚେଷ୍ଟାରେ
ବାହାର କଲେ କୌଶଳ।

ISSN NO.
2582-208X

ଜୀବନର ମାନ କରି କି ସନ୍ଧାନ
ଲକ୍ଷ୍ୟ ପଥେ ଚାଲ ଚାଲ,
ନିଶ୍ଚେ ନିଶ୍ଚେ ଦିନେ ସବୁ ମିଳିଯିବ
ପାଇବ ଅମୂଲ ମୂଲ।

ଆପଣାର ଲୋକ ମୃଦୁ୍ୟ ଆଳାପରେ
ସଭିଏଁ ହୁଅନ୍ତି ମେଳ,
ନିଜ ନିଜ କର୍ମେ ବାହାରି ଯାଆନ୍ତି
ଦେଖିକି ସମୟ କାଳ।

ଜୀବନ ଜୀବିକା ଗୁଜୁରାଣ ପାଇଁ
ଏ ଜୀବନ କର୍ମମୟ,
ଉଚତ୍ କରମ ଠିକ୍ ଠିକ୍ କଲେ
ଜୀବନର ହେବ ଜୟ।

ଜୀବନରେ କେବେ ନ ହୋଇ ଅଳସ
ଜୀବନ କର ସରସ,
ଜୀବନ ଜଞ୍ଜାଳ ହେବ ମଧୁମୟ
ଦୂରେଇ ଯିବ ବିରସ।

କଣ୍ଟକିତ ପଥେ ହେବ ପୁଷ୍ପ ବୃଷ୍ଟି
ଧରିଲେ ଉତ୍ତମ ପଥ,
ସତ୍ୟ ପଥେ ଥିଲେ ଦିନେ ଦିନେ ନିଶ୍ଚେ
ସତ୍ୟ ବି ହେବ ଜୀବନ୍ତ।

କନ୍ଧମାଳ, ଓଡିଶା

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ – ୬ )

ସେଦିନ ସ୍କୁଲରେ କେବଳ ଦୁଇଜଣ ରହି ଯାଇଥାଉଁ । ମୁଁ ଆଉ ବିବେକା ମାଷ୍ଟର । ଜଣେ ଅଗାଧ ସାଗର, ଆଉ ଜଣେ ବିନ୍ଦୁ ବିନ୍ଦୁ ଜଳ ସାଉଁଟୁଥିବା ଟିକି ଗଡ଼ିଆ । ଜଣେ ସୁଦକ୍ଷ ମୂର୍ତ୍ତିକାର, ଜଣେ ସୁଦ୍ଦୁ  କଞ୍ଚା ମାଟି ।

ସଞ୍ଜ ନଇଁ ଆସୁଥାଏ । ଦେବାଳୟ  ମାନଙ୍କରୁ ସାନ୍ଧ୍ୟକାଳୀନ ଆରତୀର ଶୁଭ ଘଣ୍ଟଧ୍ୱନି ସହିତ ଗାଁ ଭିତରୁ ଚଉରା ପାଖରେ ସନ୍ତାନ ସନ୍ତତିଙ୍କର ଶୁଭ ମନାସି  ସଞ୍ଜବତୀ ଜାଳୁଥିବା ଗୃହିଣୀ ମାନଙ୍କର ଶଙ୍ଖନାଦ ଭାସି ଆସୁଥାଏ । ବଗାଳ ମାନେ ଗାଈ ଗୋଠକୁ ଅଡେଇ ଅଡେଇ ନେଉଥାନ୍ତି, ପଛରୁ ଧୂଳି ଉଡେଇ । ଚାଷୀ ମୂଲିଆ ମାନେ ଥକିଲା ମୁହଁ, ଭୋକିଲା ପେଟ, ଦବିଲା ମନ ନେଇ ଫେରୁଥାନ୍ତି ହଳ ଲଙ୍ଗଳ, କୁରାଢ଼ି କୁଦାଳି ଧରି ।

ସ୍କୁଲ୍ ପାଖରେ ରହୁଥିବା ହରିଆ ଅଜା ଖୁରୁପିଟାଏ ଧରି ନାଳିଆ କଡ଼ର ମାଟିକୁ ଖୋଳି ଚାଲିଥାନ୍ତି । ତାଙ୍କର ପୋଷା ବତଖ ମାନେ ହଲି ହଲି ଖୋଳା ମାଟିରୁ ଜିଆ ଖୋଜି କଡ଼ କଡ଼ ଶବ୍ଦ କରି ଗିଳି ପକାଉଥାନ୍ତି ।  ଅଜା  ପାଟିରୁ ହୁଁଫ୍ ହୁଁଫ୍ ଶବ୍ଦ କରି ହେଁସରୁ ଥାନ୍ତି । ତାଙ୍କୁ ଶ୍ୱାସ ବେମାରୀ ।

ସ୍କୁଲ୍ ହତାରେ ଥିବା ଘଞ୍ଚ ଦେବଦାରୁ ଗଛରେ ନାନା ପ୍ରକାର ପକ୍ଷୀ ମାନଙ୍କର ମେଳି । ଦିନ ଯାକର ଖବର ଜବର,  ସୁଖ ଦୁଃଖ, ହାନି ଲାଭ ବିଷୟରେ ପରସ୍ପର ସହିତ ନିଜ ନିଜ ଭାଷାରେ କଥା ହେଉଥାନ୍ତି ।  ଜୋରରେ କୋଳାହଳ କରି ଜାଗାଟାକୁ କମ୍ପାଉଥାନ୍ତି । ସବା

ISSN NO.
2582-208X

ଉପରେ ଲମ୍ବା ଗୋଡ଼ିଆ ଗର୍ବୀ, ଅଭିମାନୀ ବଗ ମାନେ ବଡ଼ ବଡ଼ ଧଳା କଢ଼ ପରି ଉପରକୁ ଟେକି ହେଇ ଏକା ଏକା ବସିଥାନ୍ତି । କେହି କାହାକୁ ଆଡ଼ ଆଖିରେ ବି ଚାହୁଁ ନଥାନ୍ତି । କଥାଭାଷା ହେବା ଦୂରର କଥା ।

ଇଆଡେ ବଜାର ମଝିରେ ଥିବା ଉଚ୍ଚା ବେଦି ଉପରେ ଏତେ କାଉ ମେଳି ହେଇଥାନ୍ତି ଯେ ବେଦିଟା କଳା ଦେଖା ଯାଉଥାଏ । ଦିବସ ଶେଷର ମିଟିଂ ଚାଲିଥାଏ ତାଙ୍କର ।

ସଞ୍ଜାତାରାଟା ମଧ୍ୟ ମିଞ୍ଜି ମିଞ୍ଜି ହେଇ ଦିନର ସୂର୍ଯ୍ୟ ଆଲୁଅକୁ ଚିରି ପୃଥିବୀକୁ ଦେଖିବା ପାଇଁ ବ୍ୟାକୁଳ ହେଇ ପଡୁଥାଏ । ଥରେ ଦୃଶ୍ୟମାନ ତ ଥରେ ଅଦୃଶ୍ୟ । ମୁଁ ଚାହିଁଥାଏ ସେହି ଦିଗକୁ ।

ବିବେକା ମାଷ୍ଟର ଓ ମୁଁ ବସିଥାଉଁ ସ୍କୁଲ୍ ବାରଣ୍ଡାରେ । ଏମିତି ବି ଆମେ ଟିକେ ଘନିଷ୍ଠ ହେଇ ଯାଇଥାଉଁ । ଆମ ଘରଠାରୁ ତାଙ୍କ ଘର ମଧ୍ୟ ପାଖ । ମାଆ ସବୁବେଳେ ତାଙ୍କର ଭୁଜା ଭାଜିଦିଏ । ବିରି ବାଟି, ଫେଣେଇ ବଡ଼ି ପାରିଦିଏ । ବାପା ବି ସାରଙ୍କର ବାତ ବେମାରିଆଣୀ ବୁଢ଼ୀ ମାଆ ପାଇଁ ଇଚ୍ଛାପୁର ଯାଇ ଓଷଦ କଷା, ପଥି ପାଚନ ଆଣି ଦିଅନ୍ତି । ମାଷ୍ଟ୍ରଙ୍କୁ ବେଳ କାହିଁ ଯେ ଘର କଥା ବୁଝିବାକୁ ? ସ୍କୁଲ ସମୟ ତକ ଛାଡ଼ିଦେଲେ ହରମିଶା ସେ ପୋଥି ପତ୍ର ନେଇ ବସିଥାନ୍ତି ତାଙ୍କର ସରୁଆ ଲମ୍ବାଳିଆ କୋଠରୀ ଭିତରେ । କିରାସିନି ଅଭାବରୁ ଡିବିରି, ଲଣ୍ଠନ ଲିଭିଗଲେ ସେ ଜହ୍ନ ଆଲୁଅରେ ପଢ଼ି ପକାନ୍ତି । ପଢୁ ପଢୁ କେତେବେଳେ ରାତି ପାହିଯାଏ ଆଉ କୁମ୍ଭାଟୁଆ ରାବେ ଜାଣି ପାରନ୍ତି ନାହିଁ । ଏଇ ଗୁଣଟା ତାଙ୍କର ଶୈଶବରୁ । ତେଣୁ ତାଙ୍କର ବୁଢ଼ୀ ମାଆ ତାଙ୍କୁ କେତେବେଳେ ପେଚା ତ କେତେବେଳେ ନିଶାଚର ବୋଲି ଡାକନ୍ତି ।

ସାର୍ ମୋତେ କହୁଥାନ୍ତି, – ହେଇ ଦେଖ, ସଞ୍ଜାତାରାକୁ । ସେ କେମିତି ପ୍ରତିଯୋଗିତା ଚଲେଇଛି ସୂର୍ଯ୍ୟ ସହିତ । ଧୀରେ ଧୀରେ ସେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବ । ଦୁନିଆକୁ ରାତ୍ରୀର ଘମାଘୋଟ ଅନ୍ଧକାର ସହିତ ପରିଚୟ କରାଇବ । ଅମା ଅନ୍ଧାର ଚିରି ନିଜର ଅସ୍ତିତ୍ୱ ପ୍ରତିପାଦନ କରିବ । ଏକଥା ବୁଝେଇବ ଯେ ଜୀବନଟା ସବୁବେଳେ ଆଲୋକପୂର୍ଣ୍ଣ ନୁହେଁ । ଜୀବନରେ ଅନ୍ଧାର ମଧ୍ୟ ଆସିବ । ସଫଳତାର ସହିତ ଅନ୍ଧାରକୁ

ISSN NO.
2582-208X

କାଟିଦେଲେ ପୁଣିଥରେ ଆଲୋକରେ ଉଦ୍ଭାସିତ ହେବ ଜୀବନ । ନୂତନ ଆଶାର ସଞ୍ଚାର ହେବ ।

ଆମେ କହୁଛୁ ସଞ୍ଜାତାରା କିନ୍ତୁ ପ୍ରକୃତରେ ଏହା ସୂର୍ଯ୍ୟଭଳି ଏକ ନକ୍ଷତ୍ର ନୁହେଁ । ଗ୍ରହଟାଏ, ଶୁକ୍ର ଗ୍ରହ, ଆମରି ସୌରମଣ୍ଡଳର । ତୁ ତ ପଢିଥିବୁ ।

ମୁଁ ମୁଣ୍ଡ ଟୁଙ୍ଗାରେ ।

ଧ୍ରୁବତାରା ବିଷୟରେ ମଧ୍ୟ ଜାଣିଥିବୁ । ସବୁଠାରୁ ଉଜ୍ଜ୍ୱଳ ସବୁଠାରୁ ପୃଥକ ସେଇଟା । ତୋତେ ମଧ୍ୟ ବାପା, ସବୁଠାରୁ ପୃଥକ ଓ ସବୁଠାରୁ ଉଜ୍ଜ୍ୱଳ ତାରକା ରୂପରେ ଦେଖିବାକୁ ଚାହେଁ ମୁଁ । ତୁମର ବଂଶର ମର୍ଯ୍ୟାଦା ଓ ହୃତ୍ ଗୌରବ ତୋତେ ଫେରେଇ ଆଣିବାକୁ ଅଛି । ତୋଠାରେ ପ୍ରତିଭା ଓ ଉଦଯୋଗର ସନ୍ଧାନ ମୁଁ ପାଇ ସାରିଛି । ସେହି ପ୍ରତିଭାକୁ କେବଳ ଭଙ୍ଗେଇବାକୁ ହେବ ତୋତେ ।

ବିବେକା ମାଷ୍ଟର ଅନର୍ଗଳ କହି ଚାଲିଥାନ୍ତି ମୁଁ ଶୁଣୁଥାଏ ମୂର୍ତ୍ତିବତ ।

ଏପର୍ଯ୍ୟନ୍ତ ମୋ ମନରୁ ସରସ୍ୱତୀ ସାଧନା ପ୍ରସଙ୍ଗଟି ଲିଭି ନଥାଏ । ହେଉ ନହେଉ, ସାର ସରସ୍ୱତୀ ସାଧନା କରୁଥିବେ ନିଶ୍ଚିତ । ନହେଲେ ଏତେ ଜ୍ଞାନ କୋଉଠୁ ଆସିବ କିଓ ?

– ସାର୍, ସାଧନା କଣ ?

ସାର୍ ହସିଲେ ।

– ହେଇ ପରା ତୁ ଏଇ କିଛି ସମୟ ପୂର୍ବରୁ ସାଧନା କରୁଥିଲୁ ଶତକଡ଼ା ଅଙ୍କଟିଏ ଧରି । ଘଣ୍ଟିଶବ୍ଦ ଶୁଣି ପାରିଲୁନି । ସ୍କୁଲ ନିର୍ଜନ ହେଇଗଲା ପଛେ ଜାଣି ପାରିଲୁନି ।

ISSN NO.
2582-208X

– ଠିକ୍ ଯେ, ମୁଁ ପୁଣି ସାହସ କରି ଥଙ୍ଗେଇ ଥଙ୍ଗେଇ ଅଧା ଶବ୍ଦ ଗିଳି ପଚାରିଦେଲି ମଞ୍ଜି କଥାଟା ।

– ସାର ତୁମେ କି ସରସ୍ୱତୀ ସାଧନା କର ? ନିବୁଜ କୋଠରୀ ଭିତରେ ? ମାଆ ସରସ୍ୱତୀ କଣ ତୁମ ଆଗରେ ଆସ୍ଥାନ ଲଗେଇ ବସନ୍ତି ?

ସାରଙ୍କୁ ବି ଆମେ "ତୁମେ" ବୋଲି ସମ୍ବୋଧନ କରୁଥିଲୁ, "ଆପଣ" ଭଳି ଏତେ ଟାଣୁଆ ଓ ଭାରି ଶବ୍ଦର ପ୍ରଚଳନ ଆମଆଡେ ନଥିଲା । ବର୍ତ୍ତମାନ ତ ମାଡ଼ି ବସିଲାଣି ଏହି ଅତ୍ୟନ୍ତ ସଭ୍ୟ ପରକୀୟା ଶବ୍ଦଟା । ସମ୍ମାନ ଓ ଇଜ୍ଜତ ପଛେ ଚୁଲୀକୁ ଯାଉ । ଇଂରେଜ ମାନଙ୍କ ପରି ଆସ୍ଥାନ ଜମେଇ ସାରିଲାଣି । ସମ୍ବନ୍ଧ ମାନଙ୍କୁ ଦୂରେଇ ଦେଲାଣି । ଆବିଳତା ଧସେଇ ପଶିଲାଣି ବର୍ତ୍ତମାନ । "ତୁ" ସମ୍ବୋଧନଟା ସବୁଠୁ ନିଜର । ଏକାନ୍ତ ଆପଣାର । ଆମ ମାଆ ପରି । ଆମ ଭଉଣୀ ପରି । ତେଣୁ ତୁ କହିଲେ ସମ୍ପର୍କଟା ସବୁଠାରୁ ପ୍ରଗାଢ଼ ବୋଲି ବୁଝାଏ । ସେହି ସମ୍ପର୍କରେ ଥାଏ ଏକ ସହଜତା, ନଥାଏ ରଞ୍ଚମାତ୍ର ଔପଚାରିକତା । ମଝିରେ ବାଡ଼ ବତା ନଥାଏ । ଭୟ, ସମ୍ମାନ ଇତ୍ୟାଦିର ଆବଶ୍ୟକତା ନଥାଏ ।

"ତୁମେ" ସମ୍ବୋଧନ ଟିକିଏ ଦୂର । ଟିକିଏ ସମ୍ଭ୍ରମିତ, ଭୟ ମିଶ୍ରିତ ଓ ଟିକେ ଔପଚାରିକ । ଆମ ବାପାଙ୍କ ପରି, ଆମ ବଡ଼ଭାଇଙ୍କ ପରି । ଆଉ ଆମ ବିବେକା ମାଷ୍ଟର ପରି ।

"ଆପଣ" କହିଲେ ସମ୍ପର୍କକୁ ଦୂରେଇ ଠେଲି ଦେଲା ପରି ଲାଗେ । ଅପହଞ୍ଚ, ଅଗମ୍ୟ ।

"ଆପଣ" ଶବ୍ଦଟା ଅବଶ୍ୟ ସଭ୍ୟତାର ପରିଚାୟକ । କିନ୍ତୁ ଆମ ଆଡ଼େ ଏଇଟା ସମ୍ପୂର୍ଣ୍ଣ ଅପରିଚିତ ଥିଲା ।

ବର୍ତ୍ତମାନ ସ୍କୁଲ ମାନଙ୍କରେ ବାଡ଼ ଲାଗି ଗଲାଣି । ଗାଁଠାରୁ ସ୍କୁଲ ଦୂରେଇ ଗଲାଣି । ଗୁରୁ ଶିଷ୍ୟ ମଝିରେ ପ୍ରାଚୀର ଉଠି ଗଲାଣି । ଶିଷ୍ୟ ମାନେ ଗୁରୁଙ୍କର କୌଣସି କାମରେ ଆସୁ

ନାହାନ୍ତି କି ଗୁରୁ ଶିଷ୍ୟ ମଧ୍ୟରେ ସେହି ସହଜ ସ୍ନେହ ସୌହାର୍ଦ୍ଦ୍ୟ ନାହିଁ । ଛାତ୍ର ମାନେ ସଭ୍ୟ ହେଇ ଗଲେଣି, ତେଣୁ ସାର ମାନେ "ଆପଣ" ହେଇଗଲେଣି । ତଥାପି ଗୋଟିଏ ବ୍ୟାବସାୟିକ ସମ୍ପର୍କ ମାତ୍ର ଆଜିର ଗୁରୁ ଶିଷ୍ୟ ମାନଙ୍କ ମଧ୍ୟରେ ।

– ସାର, ତୁମେ ସତରେ ସରସ୍ୱତୀଙ୍କୁ ଆବାହନ କର ?

– ହଁ, କରେ ବାପା ।

ମୁଁ ଉତ୍ସୁକ ହେଇ ପଡ଼ିଲି । ଦୃଷ୍ଟି ଜମି ରହିଲା ତାଙ୍କର ଭାବଗମ୍ଭିର ଚେହେରାରେ ।

– ଏଇ ରଇବାର ଦିନ ଆସିବୁ ଆମ ଘରକୁ । ମୁଁ ତୋତେ ମଧ୍ୟ ଶିଖେଇଦେବି ସରସ୍ୱତୀ ସାଧନା ।

ଅନ୍ଧାର ଗୁଡ଼ା ପୁରି ଯାଇଥିଲା ଗଛ ବୁଦା ମାନଙ୍କରୁ, ଢାଳ ଉଢାଳରୁ ବାହାରି । ଝିଙ୍କାରୀର ଶବ୍ଦ ନୀରବ ରାତିଟାକୁ ଆହୁରି ନିଶବ୍ଦ କରୁଥିଲା । ସାର ଉଠୁଥିଲେ ମୋ ହାତ ଧରି ।

– ଚାଲ ଯିବା । ତୋ ମାଆ ସେଣେ ଖୋଜୁଥିବ ।

କହୁ କହୁ କେହିଜଣେ ଲଣ୍ଠନ ଧରି ଆସିବାର ଦେଖାଗଲା । ଓଓଓ ବାପା । ବାପା ମୋତେ ଖୋଜି ଆସିଥିଲେ । ଯଦିଓ ତାଙ୍କୁ ଜଣା ଥିଲା ମୁଁ କୌଣସି ଜରୁରୀ କାର୍ଯ୍ୟ ବଶତଃ ବିଳମ୍ବ କରୁଥିବି ଓ ବିବେକା ମାଷ୍ଟର କଦାପି ମୋତେ ଏକୁଟିଆ ଛାଡ଼ିବେ ନାହିଁ ।

ମାଘ ଫାଲ୍ଗୁନ ମାସର ସନ୍ଧି ସମୟ । ଶୀତ ସେତିକି ନଥିଲେ ମଧ୍ୟ ଦେହକୁ ଶିରଶିରିଆ ଲାଗୁଥାଏ ଟିକେ । ବାପା ତାଙ୍କ ଗାମୁଛାଟି ପକେଇ ଦିଅନ୍ତି ମୋ ଦେହରେ । ଗାମୁଛାରେ ରଚିବସି ନେସି ହେଇ ଯାଇଥିବା ପରିଶ୍ରମର ସୁଗନ୍ଧରେ ମୁଁ ମୋହାଚ୍ଛନ୍ନ ହେଇ ପଡେ । ଦୁହିଁଙ୍କ ମଝିରେ ମୁଁ ଚାଲିଥାଏ । ଜଣେ ଜନ୍ମଦାତା, ଆଉ ଜଣେ ଜ୍ଞାନଦାତା । ମୋ

ISSN NO.
2582-208X

ଜୀବନର ସବୁଠାରୁ ମହନୀୟ ବ୍ୟକ୍ତି ଦୁଇଜଣ । ରାତି ଧିରେ ଧୀରେ ନିଜର ପ୍ରଭାବ ବିସ୍ତାରୁଥାଏ ଗାଁଟାରେ । ନିର୍ଜନ ଗାଁ ଦାଣ୍ଡରେ ଆମେ ଚାଲୁଥାଉଁ । ମାଆ କିନ୍ତୁ ଦାଣ୍ଡ ଧଡ଼ା ପାଖରେ ଚିନ୍ତିତ ହେଇ ଠିଆ ହେଇଥାଏ । ଆମକୁ ଦେଖି କପାଳରେ ଦୁଇ ହାତ ଯୋଡେ ।

ମୁଁ ଭାରି ଉତ୍କଣ୍ଠିତ ହେଇ ଜଗି ବସିଥାଏ ରଇବାର ଦିନଟାକୁ । ମୁଁ ମଧ୍ୟ ସରସ୍ଵତୀ ସାଧନା କରିବି । ସାର ଙ୍କ ପରି ସବୁ ବିଷୟକୁ ଆୟତ୍ତ କରିବି । ଏ ବିଷୟରେ ମୁଁ କାହାକୁ ହେଲେ କିଛି ବି କହି ନଥାଏ । ସରସ୍ଵତୀଙ୍କୁ ସାକ୍ଷାତ ଦର୍ଶନ କଲା ପରେ ଯାଇଁ ମୁଁ ସମସ୍ତଙ୍କୁ ଏକାବେଳକେ ଚମକେଇ ଦେବି ।

ଫି ବର୍ଷ ସରସ୍ଵତୀ ପୂଜାରେ ଆମେ ସ୍କୁଲ ପାଇଁ ସରସ୍ଵତୀ ମୂର୍ତ୍ତି କିଣି ଆଣୁ ମାଳହାଟ ବଜାରରୁ । ସରସ୍ଵତୀ କଣ ସେହି ମୂର୍ତ୍ତି ପରି ହେଇଥିବେ ? ନା ମୋ ମାଆ ପରି ହେଇଥିବେ ? ମୋତେ ତ ସବୁ ଠାକୁର ବାପା ବାପା ଆଉ ସବୁ ଠାକୁରାଣୀ ମାଆ ମାଆ ଲାଗନ୍ତି । ରଇବାର ଦିନ ରାତି ଥାଉଣୁ, ମାଆ ନ ଉଠୁଣୁ ମୋର ନିଦ ଭାଙ୍ଗିଯାଏ ।

ଉଠ୍ ପୁଟୁର୍ ବୋଲି ପୁଅକୁ ଉଠେଇବାକୁ କବ୍ରା ବି ଆସି ନଥାଏ । ମୁଁ କାନ ପାରିଥାଏ । ମାଆ ସେହି ଉଠ୍ ପୁଟୁର୍ ଶବ୍ଦ ଶୁଣି ନିଦରୁ ଉଠେ ନିଇତ୍ । ସେଇଟା ଜାଣି ତାର ଏଲାର୍ମ ଘଣ୍ଟା ।

ମୋତେ କିନ୍ତୁ ଆଉ ନିଦ ହେଉ ନଥାଏ । ଖାଲି ଏକଡ଼ ସେକଡ଼ ହେଇ ଉସୁପୁସୁ ହେଉଥାଏ। କେତେବେଳେ ସକାଳ ପାହିବ ଯେ ? କେତେବେଳେ କବ୍ରା ଆସିବ ଯେ ?

ଉଠ୍ ପୁଟୁର୍, ଉଠ୍ ପୁଟୁର୍। ମୋର ଛାତି ଦାଉଁ ଦାଉଁ ପଡେ ଉଠେ । ମୁଁ ଧଡ଼ପଡ଼ ଉଠି ପଡେ ।
– ଏ ମାଆ ଉଠ୍ ଗୋ ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ହୃଦୟ ରାଣୀ



ଅମୂଲ୍ୟ କୁମାର ପଣ୍ଡା

ଆଗୋ ଯୋଷାମଣି ନବ ଭୁଆସୁଣୀ
ମୋ ମନ ହୃଦୟ ରାଣୀ,
ତନୁ ଯେ ନିର୍ମଳ ପାଣି ଢଳ ଢଳ
ସାରୁ ପତ୍ରେ ଯେହ୍ନେ ପାଣି ।

ଚରଣ କମଳେ ରେଣୁ ଯେବେ ଢଳେ
ଝୁମୁକା ବିଷାଦେ ମରେ,
ପିକ ବେଣୁ ତାନ ହରାଏ ତା ମାନ
କଣ୍ଠୁ ସ୍ୱର ଜ୍ଞାନ ହରେ ।

ଅନୁରାଗିଣୀ ଗୋ ହସ ତରଙ୍ଗିନୀ
ମୃଣାଳ କାମିନୀ ରମ୍ୟା,
ସୁ କବରୀ ବାଳା ତୋହର ମେଖଳା
ଅଙ୍ଗଦେ ପଙ୍ଗଦ ସୋମ୍ୟା ।

ଅରଙ୍ଗାବାଦ, ବରୀ, ଯାଜପୁର

ISSN NO.
2582-208X

# ଚାଲ ଯିବା ଆମେ ଶିରିମନ୍ଦିର



ରଘୁନାଥ ତ୍ରିପାଠୀ

ଚାଲ ଯିବା ଆମେ ଶିରିମନ୍ଦିର
ଭାଇ ଭଉଣୀଙ୍କ ଦେଖ ହୁନ୍ଦର
ରତ୍ନ ସିଂହାସନେ ସଜେଇ ହୋଇକି
ଦେଖା ଯାଉଛନ୍ତି କେଡେ ସୁନ୍ଦର ।

ବାମରେ ବଳିଆ ଡାହାଣେ ଜଗା
ହଳଦୀ ମୁହଁ ତ ମଝିରେ ଉଭା
ଦୁଇ ଭାଇଙ୍କର ସେନେହ ଆଦରେ
ଭଉଣୀ ମୁଖରେ ପ୍ରକାଶେ ଆଭା ।

ଭକତ ଆରତ ଫେଡନ୍ତି ସଦା
ତାଙ୍କରି ପ୍ରେମରେ ସେମାନେ ବନ୍ଧା
ବିନା ମାଗୁଣିରେ ଆଶିଷ ଢାଳନ୍ତି
ବିନା ହାତବାଲା ମୂର୍ତ୍ତି ଚତୁର୍ଦ୍ଧା ।

ଦାସିଆ ଭକ୍ତିରେ ବାଇଆ ହୋଇ
ଶୂନ୍ୟହସ୍ତେ ତାର ନଡ଼ିଆ ନେଇ
ସବୁବେଳେ ଖାଲି ହସନ୍ତି ଅଧା ଯେ
ଭକ୍ତର ଉତ୍ତର କେବେ ନ ଦେଇ ।

ISSN NO.
2582-208X

ନ 'ଦିନ ରହନ୍ତି ମାଉସୀ ଘରେ
ସୁଦର୍ଶନ ପରା ଥାନ୍ତି ସାଙ୍ଗରେ
ଘର ବୋହୁଟାକୁ ସାଙ୍ଗରେ ନ ନେଇ
କେତେ ହୀନିମାନ ହେଲେ ସତରେ ।

ବାହୁଡ଼ା ତିଥିରେ ଫେରି ଝଟତି
ମାଆ ଲକ୍ଷ୍ମୀଙ୍କର ମାନ ଭାଙ୍ଗନ୍ତି
ଶିରିମନ୍ଦିରକୁ ଆସିଛନ୍ତି ଫେରି
ଭକ୍ତଜନେ ଦେଇ ପରମ ତୃପ୍ତି ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ଅତୀତ ହୋଇଛି ଯାହା



ଜୟନ୍ତ କୁମାର ମଲ୍ଲିକ୍

ତୁମ ବଗିଛାର ଭଅଁର ଟିଏ ମୁଁ
ମୋହର ଦୁଇଟି ଡେଣା
ଫୁଲକୁ ଫୁଲ ମୁଁ ଘୁରି ବୁଲୁଥାଏ
ହୁଏ ନାହିଁ ବାଟ ବଣା ।
ମିଠା ମିଠା ଆଗେ ଗୋଲାପର ରସ
ବେସି ଭଲ ଲାଗେ ମଲ୍ଲୀ
ସେଥି ପାଇଁ ଆଜି ତୁମ ବଗିଚାକୁ
କେବେ ମୁଁ ପାରୁନି ଭୁଲି ।
କେତେ ଦିନ ହେଲା ଯାଇ ପାରୁନାହିଁ
ଫୁଲତ ଗଲାଣି ଝଡ଼ି
ବୟସ ବଢ଼ିଲା ଡେଣା ବଥେଇଲା
ଆଉ ପାରୁନାହିଁ ଉଡ଼ି ।
ଆଜି ମନେ ପଡ଼େ ଫୁଲ କଥା ସବୁ
ଅତୀତ ହୋଇଛି ଯାହା
ଅବଶ ଶରୀର ହୁଏ ଥର ଥର
କେହି କହୁ ନାହିଁ ଆହା ।

ଶୁରଡିହ, ନନ୍ଦିପୁର, ଯାଜପୁର

ISSN NO.
2582-208X

# ସ୍ୱଦେଶୀ ଆନ୍ଦୋଳନରେ ନେତାଜୀଙ୍କ ଭୂମିକା



ଅସିତ ମହାନ୍ତ

ନେତାଜୀ ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ ଇଂରେଜ ମାନଙ୍କ ସହିତ ଏ ଦେଶର ପୁଞ୍ଜିପତି ଶ୍ରେଣୀକୁ ସମୂଳେ ସମାପ୍ତ କରିବାପାଇଁ ସଶସ୍ତ୍ର ବିପ୍ଳବର ରାସ୍ତା ବାଛି ନେଇଥିଲେ। ସେ ଅନୁଭବ କରିପାରିଥିଲେ ଯେ ସ୍ୱାଧୀନତା ପ୍ରାପ୍ତି ପରେ ଏହି ଦେଶର ପୁଞ୍ଜିପତିମାନେ ଇଂରେଜ ମାନଙ୍କ ସ୍ଥାନଟିକୁ ନେବେ ଏବଂ ଲୋକମାନଙ୍କର ଶୋଷଣ ଜାରି ରଖିବେ I ଏହି ଶୋଷଣକୁ ଜାରି ରଖିବା ପାଇଁ ଇଂରେଜ ମାନଙ୍କର ସମସ୍ତ ନୀତିକୁ ଲାଗୁକରିବେ I ତାଙ୍କର ସେହି ଦୁରଦୃଷ୍ଟି ଆଜି ସତ୍ୟରେ ପରିଣତ ହୋଇଛି I ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଅତୁଳନୀୟ, କିନ୍ତୁ ଦୁଃଖର କଥା ଏହି ମହାନ ଦେଶପ୍ରେମୀଙ୍କର ଭାରତୀୟ ରାଜନୀତିରେ ଠିକ ଠିକ ମୂଲ୍ୟାଙ୍କନ ହୋଇ ନାହିଁ, ଯାହାଫଳରେ ବର୍ତ୍ତମାନ ପିଢ଼ି ନେତାଜୀ ଏବଂ ତାଙ୍କର ରାଜନୈତିକ ଜୀବନ ସଂଘର୍ଷକୁ ବୁଝିବାରେ ସମର୍ଥ ହୋଇପାରି ନାହାନ୍ତି I ନେତାଜୀ ଶୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ୨୩ ଜାନୁଆରୀ ୧୮୯୭ କଟକ, ଓଡିଶାରେ ହୋଇଥିଲା I ତାଙ୍କର ଜନ୍ମଦିନରେ ଆମର ଦାୟିତ୍ୱ ଯେ ତାଙ୍କର ରାଜନୈତିକ ଜୀବନ ଏବଂ ସଂଘର୍ଷକୁ ଯୁବ ସମାଜ ସମ୍ମୁଖରେ ଉପସ୍ଥାପନା କରିବା I ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ରାଜନୈତିକ ଧାରା ଦୁଇଟି ଥିଲା – ଗୋଟିଏ ଧାରା ଥିଲା ଆପୋଷ ପଥରେ ସ୍ୱାଧୀନତା ପ୍ରାପ୍ତି କରିବା, ଅନ୍ୟଟି ଥିଲା ଆପୋଷ ହୀନ ଧାରା ମାନେ ସଶସ୍ତ୍ର ସଂଗ୍ରାମ ଦ୍ୱାରା I ଏହି ଦୁଇଟି ଧାରା ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ବାରମ୍ବାର ଦୁଇ ନେତୃତ୍ୱ ମଧ୍ୟରେ ମତପାର୍ଥକ୍ୟ ହୋଇଛି I ଆପୋଷ ଧାରାର ବାହକ ଥିଲେ ଗାନ୍ଧିଜୀ ଏବଂ ଆପୋଷହୀନ ଧାରାର ବାହକ ଥିଲେ ନେତାଜୀ ଶୁଭାଷ ଚନ୍ଦ୍ର ବୋଷ। ଉଲ୍ଲେଖନୀୟ ତଥ୍ୟ ହେଉଛି ବିଚାର ଚିନ୍ତନ କ୍ଷେତ୍ରରେ ଘୋର ମତ ପାର୍ଥକ୍ୟ ଥାଇ ମଧ୍ୟ ନେତାଜୀଙ୍କର ଗାନ୍ଧିଜୀଙ୍କ ପ୍ରତି ସମ୍ମାନ କେବେ କମ ହୋଇ ନାହିଁ I

ISSN NO.
2582-208X

ଏକଥା ସତ୍ୟ ଯେ ନେତାଜୀ ରାଜନୈତିକ ମଞ୍ଚକୁ ଆସିବା ପୂର୍ବରୁ ଆମଦେଶରେ ସଶସ୍ତ୍ର ବିପ୍ଲବବାଦ ବିଦ୍ୟମାନ ଥିଲା, କିନ୍ତୁ ବିକ୍ଷିପ୍ତ ରୂପରେ I

ନେତାଜୀ ଆସିବା ପରେ ବିକ୍ଷିପ୍ତ ଗୋଷ୍ଠୀ ଗୁଡିକୁ ଏକତ୍ର କରି ନେତୃତ୍ୱକୁ ଜନ୍ମ ଦେଲେ I ନେତାଜୀଙ୍କର ଏହି ଭୂମିକା ଐତିହାସିକ I ଏହି ସକାରାତ୍ମକ ପକ୍ଷ ନେଇ ସୁଭାଷ ବୋଷ ହରିପୁରା କଂଗ୍ରେସରେ ସଭାପତି ପଦରେ ନିର୍ବାଚିତ ହୋଇଥିଲେ I ନିର୍ବାଚିତ ନହେବା ପାଇଁ ଗାନ୍ଧିବାଦୀମାନେ ଆପ୍ରାଣ ଚେଷ୍ଟା ଚଳାଇ ଥିଲେ I ଗାନ୍ଧିବାଦୀମାନେ ନେତାଜୀଙ୍କ ବିରୁଦ୍ଧରେ ପଟ୍ଟାଭି ସୀତାରମୟାଙ୍କୁ ଛିଡ଼ାକରାଇଲେ, କିନ୍ତୁ ସେଥିରେ ସେମାନେ ସଫଳ ହୋଇନଥିଲେ, ନେତାଜୀ ବିଜୟୀ ହେଲେ I ଏହି ବିଜୟ ବିପକ୍ଷରେ ଗାନ୍ଧିଜୀଙ୍କ ବିବୃତି ଥିଲା – "ସୀତାରମୟାଙ୍କ ପରାଜୟ ମୋର ପରାଜୟ", ଏହି ବିବୃତି ଦେଇ ଗାନ୍ଧିଜୀ ନେତାଜୀଙ୍କୁ ଅଭିନନ୍ଦନ କରିଥିଲେ, ଯାହା ଏକ ଇତିହାସ ହୋଇ ରହିଯାଇଥିଲା I ଏହାପରେ ୱାର୍କିଂଗ କମିଟିର ସଦସ୍ୟମାନେ ଆହୁରି ନିକୃଷ୍ଟ ଷଡଯନ୍ତ୍ରରେ ଲିପ୍ତ ହେଲେ I ନେତାଜୀ ଅସୁସ୍ଥ ଅଛନ୍ତି, ଏହା ଜାଣି ମଧ୍ୟ ତାଙ୍କର ଅନୁପସ୍ଥିତିରେ ୱାର୍କିଂଗ କମିଟିର ମିଟିଂ ଡାକିଲେ ଏବଂ ନେତାଜୀ ନିଜର ଅସୁସ୍ଥତା କଥା ଜଣାଇ ମିଟିଂକୁ କିଛିଦିନ ଆଗକୁ ବଢାଇବା ପାଇଁ ଅନୁରୋଧ କରିବାର ପ୍ରତ୍ୟୁତ୍ତରରେ ଗାନ୍ଧିବାଦୀମାନେ ତାଙ୍କୁ ପଦତ୍ୟାଗର ଧମକ ଦେଇଥିଲେ I ନେହେରୁ ତାଙ୍କ ବିବୃତିରେ କହିଥିଲେ ଯେ କଂଗ୍ରେସର ସଙ୍କଟ ପାଇଁ ସୁଭାଷ ବୋଷ ଦାୟୀ I ଗାନ୍ଧିବାଦୀମାନେ ନେତାଜୀଙ୍କ ଅସୁସ୍ଥତାକୁ "ରାଜନୈତିକ ଜ୍ୱରର "ଆଖ୍ୟା ଦେଇଥିଲେ I ଯେତେବେଳେ ଡାକ୍ତରମାନେ ନେତାଜୀଙ୍କୁ ପରୀକ୍ଷା କରିଥିଲେ ସତକୁ ସତ ତାଙ୍କର ହାଇଟେମ୍ପରଚର ଥିଲା, ଛିଡା ହେବାର ଶକ୍ତି ମଧ୍ୟ ନଥିଲା I ଏହା ସତ୍ତ୍ୱେ ନେହେରୁ, ପଟେଲଙ୍କର ବିଶ୍ୱାସ ହୋଇନଥିଲା I ସେମାନେ ଡାକ୍ତର ଥରମୋମିଟର ଧରିଥିଲେ କି ନାହିଁ ପ୍ରଶ୍ନ ଉଠାଇଥିଲେ I ଏହା ଥିଲା ନେତାଜୀଙ୍କ ବିରୁଦ୍ଧରେ ଗାନ୍ଧିବାଦୀ ମାନଙ୍କର ଷଡଯନ୍ତ୍ର I ଗାନ୍ଧିବାଦୀମାନେ ଯେତେବେଳେ ଦେଖିଲେ ପ୍ରେସିଡେଣ୍ଟ ପଦରେ ସୁଭାଷ ବୋଷଙ୍କ ପୁନଃ ନିର୍ବାଚନ କୌଣସିମତେ ଅଟକାଯାଇ ପାରିଲା ନାହିଁ, ସେତେବେଳେ ସେମାନେ ଅନ୍ୟ ଏକ କୌଶଳ ଅବଲମ୍ବନ କଲେ – ସମସ୍ତ କ୍ଷମତାକୁ କମିଟି ହାତରେ ରଖି ନେତାଜୀଙ୍କୁ କେବଳ ପଦରେ ବସାଇବାକୁ ସ୍ଥିର କଲେ, ଯାହାଫଳରେ ନେତାଜୀ ନିଜ ପଦରୁ ଇସ୍ତଫା ଦେବାପାଇଁ ବାଧ୍ୟ ହେବେ, ମାନେ ପ୍ରେସିଡେଣ୍ଟ ଜୀଏବି ହୁଅନ୍ତୁନା କାହିଁକି କଂଗ୍ରେସ ୱାର୍କିଂଗ କମିଟି ପାଖରେ କ୍ଷମତା ରଖିବାକୁ ହେବ I ଗୋଟାଏ ଦିଗରେ କଂଗ୍ରେସ ସୋସାଲିଷ୍ଟ ଦଳର ନେତାମାନେ ଚରମ

ISSN NO.
2582-208X

ବିଶ୍ୱାସଘାତକତା କରି ପନ୍ଥ ପ୍ରସ୍ତାବର ସପକ୍ଷରେ ଠିଆ ହେଲେ, ଅନ୍ୟ ଦିଗରେ ଏହି ସଙ୍କଟ ଜନକ ମୁହୂର୍ତ୍ତରେ ମାର୍କ୍ସବାଦୀ ବୋଲି ପରିଚିତ ବର୍ତ୍ତମାନ ସିପିଆଇ, ସିପିଏମ ରେ ବିଭକ୍ତ, ତତ୍କାଳୀନ ଅବିଭକ୍ତ ସିପିଆଇ ନେତୃତ୍ୱ ଚରମ ସୁବିଧାବାଦ ଓ ବିଶ୍ୱାସଘାତକତାର ପରିଚୟ ଦେଇ ସୁଭାଷ ବୋଷଙ୍କ ପକ୍ଷରେ ଠିଆ ନ ହୋଇ ନିରପେକ୍ଷ ରହି ଗାନ୍ଧିବାଦୀମାନଙ୍କୁ ଜୟଯୁକ୍ତ କରିବାରେ ସାହାଯ୍ୟ କରିଥିଲେ । ପନ୍ଥ ପ୍ରସ୍ତାବ ଗୃହୀତ ହେଲା, ସୁଭାଷ ବୋଷ ପରାଜିତ ହେଲେ । ତ୍ରିପୁରୀ ଅଧିବେଶନର ଏହି ଦୁଃଖଦ ଅଧ୍ୟାୟ ବିଷୟରେ ନେତାଜୀ ଦୁଃଖ କରି କହିଥିଲେ, ତ୍ରିପୁରୀରେ ସତରେ ଆମର ପରାଜୟ ହେଲା, କିନ୍ତୁ ଏହା ରୋଗଶଯ୍ୟାରେ ଶାୟିତ ଜଣେ ଅସୁସ୍ଥ ମଣିଷର ଚାରୋଟି ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ଯାଇ ପରାଜୟ ହେଲା ଯଥା – ଗାନ୍ଧିବାଦୀ ରକ୍ଷଣଶୀଳ ମାନଙ୍କ ମଧ୍ୟରେ ବାରଜଣ ବଛାବଛା ଲୋକ, ନେହେରୁ, ସାତଜଣ ପ୍ରାଦେଶିକ ମନ୍ତ୍ରୀ ଏବଂ ମହାତ୍ମା ଗାନ୍ଧୀଙ୍କର ନାମ, ପ୍ରଭାବ ଓ ପ୍ରତିପତ୍ତି । ନେହେରୁଙ୍କ ଭୂମିକା ସମ୍ପର୍କରେ ନେତାଜୀ କହିଥିଲେ "ଏହି ସଙ୍କଟ ସମୟରେ ବ୍ୟକ୍ତିଗତ ଭାବରେ ମୋର ଏବଂ ଆମମାନଙ୍କ ଆଦର୍ଶରେ ଯେତେ କ୍ଷତି ନେହେରୁ କରିଥିଲେ, ତାହା ଆଉ କେହି କରି ନାହାନ୍ତି । ଗାନ୍ଧିଜୀ ଏତେ ବଡ ବ୍ୟକ୍ତିତ୍ୱ ହେବାପରେ ମଧ୍ୟ ଚିନ୍ତନ କ୍ଷେତ୍ରରେ ସତ୍ୟ ଅନୁସନ୍ଧାନ ଏବଂ ବିଜ୍ଞାନର ନିୟମକୁ ମାନୁନଥିଲେ । ସମାଜ ବିକାଶ କ୍ଷେତ୍ରରେ  ଇତିହାସର ନିୟମକୁ ଅସ୍ୱୀକାର କରୁଥିଲେ । ସେଥିପାଇଁ ଅଜଣାତରେ ସେ ପୁଞ୍ଜିପତିମାନଙ୍କ ପକ୍ଷରେ କାମ କରିଯାଇଛନ୍ତି । ନିଜର ଅଜ୍ଞାତସାରରେ ଏହି ପୁଞ୍ଜିବାଦୀ ଦୃଷ୍ଟିଭଙ୍ଗୀ ଓ ସ୍ୱାର୍ଥ ଦ୍ୱାରା ପରିଚାଳିତ ହୋଇ ଗାନ୍ଧିଜୀ ମନପ୍ରାଣରେ ବିଶ୍ୱାସ କରୁଥିଲେ ଯେ ବିପ୍ଳବ ଓ ବିପ୍ଳବୀମାନେ ଭାରତବର୍ଷ ପକ୍ଷରେ ବିପଜ୍ଜନକ । ଶାନ୍ତି ଓ ଅହିଂସାର ପଥ ହିଁ ଏକମାତ୍ର ସ୍ୱାଧୀନତାର ପଥ। ଏଇଥିପାଇଁ ନେତାଜୀଙ୍କ ନେତୃତ୍ୱକୁ ଆତଙ୍କପୂର୍ଣ୍ଣ ଦୃଷ୍ଟିରେ ଦେଖିଥିଲେ । ଇଂରେଜ ସାମ୍ରାଜ୍ୟବାଦୀ ଶାସନ ଯୁଗରେ ଜାତୀୟ ସ୍ୱାଧୀନତା ଦାବି ଉତ୍ଥାପିତ ହେଲେ ବି ସେଦିନ ଭାରତବର୍ଷ ଶ୍ରେଣୀ ବିଭକ୍ତ ଥିଲା । ଗୋଟିଏ ଦିଗରେ ଥିଲା ଟାଟା ବିରଳା ପରି ମୁଷ୍ଟିମେୟ ମାଲିକ ଶ୍ରେଣୀ, ଅନ୍ୟ ଦିଗରେ ଥିଲା ଅଗଣିତ ଶୋଷିତ ଶ୍ରମିକ, ଖେତ ମଜଦୁର, ଗରିବ କୃଷକ ଏବଂ ମଧ୍ୟବିତ୍ତ ଶ୍ରେଣୀ । ସ୍ୱାଧୀନତା ଆନ୍ଦୋଳନର ଲକ୍ଷ ହିସାବରେ ଉଭୟଙ୍କ ଉଦ୍ଦେଶ୍ୟ ଏକ ନଥିଲା । ଏହି ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀର ଏକମାତ୍ର ଉଦ୍ଦେଶ୍ୟ ଥିଲା ଜନଗଣଙ୍କର ଦେଶପ୍ରେମକୁ କାମରେ ଲଗାଇ ଇଂରେଜ ସାମ୍ରାଜ୍ୟବାଦ ପରିବର୍ତ୍ତେ ଏ ଦେଶରେ ନିଜର ଶୋଷଣର ରାଜତ୍ୱ ପ୍ରତିଷ୍ଠା କରିବା, ଯାହା ଆଜି ସେମାନେ କରି

ISSN NO.
2582-208X

ଚାଲିଛନ୍ତି । ଅନ୍ୟ ଦିଗରେ ବିଦେଶୀ ଓ ଦେଶୀ ସମସ୍ତ ପ୍ରକାରର ଶୋଷଣ ଅତ୍ୟାଚାରକୁ ଉଚ୍ଛେଦ କରି ଶ୍ରେଣୀ ଶୋଷଣମୁକ୍ତ ସମାଜ ପ୍ରତିଷ୍ଠା କରାଯାଇ ଶୋଷିତ ଜନଗଣଙ୍କ ଶ୍ରେଣୀ ସ୍ୱାର୍ଥ ଚରିତାର୍ଥ ହୋଇପାରି ଥାଆନ୍ତା । ଏ ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀ ତାର ଶ୍ରେଣୀସ୍ୱାର୍ଥ ପୁରଣ ଉଦ୍ଦେଶ୍ୟରେ ଗାନ୍ଧିଜୀଙ୍କୁ ସମ୍ପୂର୍ଣ୍ଣ କାମରେ ଲଗାଇଥିଲା । ଏହି ପୁଞ୍ଜିପତି ଶ୍ରେଣୀ ସଶସ୍ତ୍ର ବିପ୍ଲବର ତୀବ୍ର ବିରୋଧୀ ଥିଲା, କାରଣ ସେମାନଙ୍କ ନିକଟରେ ଏଥିମଧ୍ୟରେ ରୁଷରେ ପୁଞ୍ଜିବାଦକୁ ଉଚ୍ଛେଦ କରି ୧୯୧୭ ରେ ଶ୍ରମିକ ଶ୍ରେଣୀର ନେତୃତ୍ୱରେ ସମଜାତନ୍ତ୍ର ପ୍ରତିଷ୍ଠାର ବାର୍ତ୍ତା ପହଞ୍ଚି ଯାଇଥିଲା, ଫଳରେ ସେମାନେ ଇଂରେଜ ସାମ୍ରାଜ୍ୟବାଦ ହାତରୁ କ୍ଷମତା ଦାଖଲ କରିବାକୁ ଚାହିଁଲେ ମଧ୍ୟ ଶ୍ରମିକ ବିପ୍ଳବର ଭୟରେ ଆତଙ୍କିତ ହୋଇ ପଡ଼ିଥିଲେ । ସୁତରାଂ କୌଣସି ମୂଲ୍ୟରେ ସଶସ୍ତ୍ର ବିପ୍ଲବ ଘଟିବାକୁ ଦିଆଯାଇ ନପାରେ, ଏହା ଘଟିଲେ, ଶୋଷିତ ଜନଗଣ ଯେଉଁ ଅସ୍ତ୍ର ବ୍ୟବହାର କରିବାକୁ ଶିଖିବେ, ତାହା କେବଳ ସାମ୍ରାଜ୍ୟବାଦୀ ଶାସନର ଅବସାନ ଘଟାଇବା ନାହିଁ, ବରଂ ପୁଞ୍ଜିବାଦକୁ ମଧ୍ୟ ଉଚ୍ଛେଦ କରିବ, ଏହିଠାରେ ହିଁ ଥିଲା ପୁଞ୍ଜିବାଦୀ ଶ୍ରେଣୀର ଆତଙ୍କ । ତେଣୁ ଯେକୌଣସି ଉପାୟରେ ହେଉ ସଶସ୍ତ୍ର ବିପ୍ଲବକୁ ରୋକିବାକୁ ହେବ, ଏପରିକି ସାମ୍ରାଜ୍ୟବାଦୀ ଶାସନ ଅବସାନ ଅପେକ୍ଷା ଏହା ଆହୁରି ବେଶୀ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆବେଦନ ନିବେଦନ, ଧାରଣା ଅହିଂସା ଏସବୁ ପଥରେ ଯେଉଁ ଟିକକ କ୍ଷମତା ମିଳିପାରେ ତାହା ହିଁ ଭଲ । ଆଉ ଏହି କ୍ଷେତ୍ରରେ ଗାନ୍ଧିଜୀ ହେଲେ ସେମାନଙ୍କର ସର୍ବାପେକ୍ଷା ବିଶ୍ୱସ୍ଥ ପ୍ରତିନିଧି । ଏହି କଥାକୁ ସାହିତ୍ୟକ ଶରତଚନ୍ଦ୍ର ବୁଝିବାକୁ ଭୁଲ କରି ନାହାନ୍ତି । ସେ ଏକଦା କହିଥିଲେ, "ଗାନ୍ଧିଜୀଙ୍କୁ ଘେରି ରହିଛନ୍ତି ବଣିକମାନେ, ତାଙ୍କର ଅସଲ ଭୟ ବିପ୍ଳବକୁ, ସମଜାତନ୍ତ୍ରକୁ" । ଏଇଥିପାଇଁ ହିଁ ପୁଞ୍ଜିବାଦର ପ୍ରୟୋଜନ ଥିଲା, ନେତାଜୀଙ୍କ କୌଣସିମତେ କଂଗ୍ରେସ ନେତୃତ୍ୱରେ ଅଧିଷ୍ଠିତ ହେବାକୁ ନଦେବା । ଯେ କୌଣସି ଉପାୟରେ ହେଉ, ତାଙ୍କୁ ନେତୃତ୍ୱରୁ, କଂଗ୍ରେସରୁ ଅପସାରିତ କରିବା, ଆଉ ଏଥର ପୁଞ୍ଜିବାଦର ପ୍ରୟୋଜନରେ ଗାନ୍ଧିବାଦୀମାନେ ଗୋଟାକ ପରେ ଗୋଟାଏ ଷଡଯନ୍ତ୍ର କଲେ ଏବଂ ଶେଷ ପର୍ଯ୍ୟନ୍ତ ସେମାନଙ୍କର ଘୃଣ୍ୟ ଉଦ୍ଦେଶ୍ୟ ହାସଲ କଲେ । ଏହା ହିଁ ହେଉଛି ପ୍ରକୃତ ଇତିହାସ ଯାହାକୁ ଲୋକଲୋଚନକୁ ଆସିବାକୁ ଦିଆଯାଉନାହିଁ, ଯାହାଫଳରେ ଦେଶର ଯୁବ ସମାଜ ଏହି ଇତିହାସଟିକୁ ଜାଣିବାରେ ଅସମର୍ଥ ହେଉଛନ୍ତି ।ଯଦି ନେତାଜୀଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ଆନ୍ଦୋଳନ ହୋଇଥାନ୍ତା ତାହେଲେ ବର୍ତ୍ତମାନ ଦେଶର ସ୍ଥିତି ଅଲଗା ହୋଇଥାନ୍ତା । ଆଜି ସରକାର ପୁଞ୍ଜିବାଦର ଘେରା ଭିତରେ ରହିଛି, ଗଣତନ୍ତ୍ର ନାମରେ

ISSN NO.
2582-208X

ସରକାର ପୁଞ୍ଜିପତିମାନଙ୍କ ହିତରେ କାମ କରୁଛନ୍ତି । ସମାଜରେ ଘଟୁଥିବା ସମସ୍ତ ପ୍ରକାର ସମସ୍ୟା ପାଇଁ ଏହି ସମାଜ ବ୍ୟବସ୍ଥା ଦାୟୀ । ଏକଦା ନେତାଜୀ କହିଥିଲେ, "ପିଲାଦିନେ ମୁଁ ଭାବୁଥିଲି ଯେ ଇଂରେଜମାନଙ୍କୁ ଦେଶରୁ ତଡ଼ିଦେବା ହିଁ ହେଉଛି ମୋର ମୁଖ୍ୟ କାର୍ଯ୍ୟ ଅଟେ, କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ମୁଁ ପୁଙ୍ଖାନୁପୁଙ୍ଖ ଭାବେ ଚିନ୍ତନ ମନନ କଲି, ମତେ ଜଣାପଡିଲା ଯେ ଆମ ଦେଶରେ ଗୋଟିଏ ସାଂସ୍କୃତିକ ବିପ୍ଲବର ନିତ୍ୟାନ୍ତ ଦରକାର ଅଛି । ପ୍ରକୃତରେ ଏହି ସାଂସ୍କୃତିକ କ୍ରାନ୍ତି ସଶସ୍ତ୍ର ବିପ୍ଳବ ମାଧ୍ୟମରେ ହୋଇଥାନ୍ତା, କିନ୍ତୁ ଗାନ୍ଧିବାଦୀ ମାନଙ୍କପାଇଁ ଏହା ସମ୍ଭବ ହୋଇପାରିଲା ନାହିଁ । ନେତାଜୀଙ୍କ ଅଧୁରା ସ୍ୱପ୍ନକୁ ପୁରା କରିବାର ଦାୟିତ୍ୱ ଆଜି ଯୁବ ସମାଜ ଉପରେ । ଯଦି ଏହା ଆମେ କରିପାରିଲେ ତେବେ ନେତାଜୀଙ୍କ ପ୍ରତି ଏହା ହେବ ପ୍ରକୃତ ସମ୍ମାନ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଖୁସି



ବୈଷ୍ଣବ ମେହେର

ମୁଁ ଶିଖିନି ପୁରା ଖେଳ,
କିନ୍ତୁ...
ମୁଁ ଧିରେ ଧିରେ ଶିଖୁଛି;
ଜାଣିନି କେବେ ପୁରା ଶିଖିବି,
ହେଲେ...
ଖେଳରେ ଅନେକ ଆଗେଇ ଯାଇଛି ।

ମୁଁ ଖୁସି ପାଇବା ପାଇଁ....
ଅନେକ କିଛି ଏକାଠି କରିଛି,
ଆଉ..
ଖୁସିକୁ ଉପଭୋଗ କରିବା ପାଇଁ...
ଅନେକ ଖୁସିର ଜଳାଞ୍ଜଳି ଦେଇଛି ।

ଏକାଥରେ କିଛି ବଡ଼ କରିନି,
କଷ୍ଟ ଦେଇନି କାହାକୁ ଜ୍ଞାତରେ,
ଛୋଟ ଛୋଟ ଖୁସି ପାଇଁ...
ଦୁଃଖକୁ ପିଉଛି ଅତି ସରାଗରେ ।

ISSN NO.
2582-208X

ମୁଁ କିଛି ପାଇବା ଆଶାରେ...
ଅନେକ ରାତିର ନିଦ ହଜେଇଛି,
ସ୍ୱପ୍ନମାନଙ୍କର ତଣ୍ଟି ଚିପି ଚିପି...
ନିଜେ ଅପରାଧି ପାଲଟି ଯାଇଛି ।

ଖୋଜୁଛି ଖୁସିକୁ ଦିନ ରାତି,
କହୁଛି ମନକୁ ଆଶ୍ୱାସନା ଦେଇ,
ଶୀତ କେବେ ଚାଲିଯାଏ ଯଦି,
ବସନ୍ତେ ଅବିର ଆସିବ ନେଇ ।

ଗଣ୍ଡାବାହାଲି, ନୂଆପଡା

ISSN NO.
2582-208X

# ଜଗତେ ନାହିଁ



ଖଗେଶ୍ୱର ବାଗ

ଯିଏ ପ୍ରଶାନ୍ତିର ଚିର ବାର୍ତ୍ତା ଦିଏ
ପରକୁ ଆପଣାର କରାଇ ନିଏ
ବିଶ୍ୱ ଦରବାରେ ସାକ୍ଷ୍ୟ ଦେବା ପାଇଁ
ପଚାର ଯେଉଁଠି ଯାଇ
ଏମିତି ଦେଶ ଜଗତେ ନାହିଁ।।
ଯହିଁ ଚଣ୍ଡ ହୋଇଛି ପ୍ରଚଣ୍ଡ ନମ୍ର
ଚେତନାଧିକାରୀ ଅତୀବ ବିନମ୍ର
କୋଟି କୋଟି ହୃଦ କୋଣ ଅନୁକୋଣ
ଜଳାଏ ଆଲୋକ ଦେଇ
ଏମିତି ଦେଶ ଜଗତେ ନାହିଁ।।
ଶତ କେଶରୀର ପରାକ୍ରମ ଆଜି
କାଳ ଠାରେ ପୁଣି ମହାକାଳ ସାଜି
ଦେଖିନିଅ ପ୍ରଜ୍ଞା ସୋମ୍ୟ ପ୍ରଭାଧାରୀ
ଠିଆ ପଥରୋଧ ପାଇଁ
ଏମିତି ଦେଶ ଜଗତେ ନାହିଁ।।
ଯହିଁ ଗିରିକନ୍ଦରେ ପାଦପ ଲତା
ବନରାଜ ସଙ୍ଗେ ରଙ୍ଗେ ଚପଳତା
ବାଳ ବୀର ଶସ୍ତ୍ର ଶାସ୍ତ୍ର ଶରୀରସ୍ତ
ଯା' ନାମେ ଭାରତ ହୋଇ
ଏମିତି ଦେଶ ଜଗତେ ନାହିଁ।।

ISSN NO.
2582-208X

ତାପସୀର ତ୍ୟାଗ ଜନାଦୃତ ଯହିଁ
ଏକତ୍ୱ ରଜ୍ଜୁରେ ବାନ୍ଧିବାର ପାଇଁ
ନବ ଚେତନାର ଆଲୋକବର୍ତ୍ତିକା
ଗଢ଼ାଯାଏ ନିତି ତହିଁ
ଏମିତି ଦେଶ ଜଗତେ ନାହିଁ।।
ଚିର ବନ୍ଦନୀୟ ଜନନୀ ଚରଣ
ଗୁରୁ ଗୁରୁଜନ ପୂର୍ବଜଗଣ
ଯହିଁ ଅଗ୍ରଜ ଆଗେ ନତ ମସ୍ତକ
ବଳୀଦାନ ମାଟି ପାଇଁ
ଏମିତି ଦେଶ ଜଗତେ ନାହିଁ।।
ମୃଣ୍ମୟ ମଳୟ ନୀର ପୂତ ଚିର
ଲଭିବାକୁ ଜନ୍ମ ଆଶା ଦେବତାର
ଈପସିତ ସୁଖ ଯୁଗଯୁଗାନ୍ତର
ଚନ୍ଦନ ଏ ମାଟି ପାଇଁ
ଏମିତି ଦେଶ ଜଗତେ ନାହିଁ

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଘେର୍‌ବନ୍ଦୀ



ଦୀନବନ୍ଧୁ ବେଜ

ହୋଇଛି ଘେରାବନ୍ଦୀ ଅବେଳରେ ଯେପରି ଖସି ଯାଇଥିବା
ଗଞ୍ଜାକୁ ଚକ୍ରବ୍ୟୁହ ମଧ୍ୟରେ ଧରିବାକୁ
ଚେଷ୍ଟା କରନ୍ତି ଗାଁଗଣ୍ଡାର
ବରାଦି ମେଞ୍ଚଡ଼ ।

ଏହାବି ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ପର୍ବ ଘେରାବନ୍ଦୀ ଭିତରେ ନିରିହତା
ମାଡିଯିବକି ଏଣେତେଣେ
ବିସ୍ତାରବାଦୀଙ୍କ ପଞ୍ଝାରୁ ।

ଏଠାରେ ଘାଟ ଜଗୁଆଳିବି ପରତ୍ମା
ଛେଳି ଜଗୁଆଳିଏ ଦିବ୍ୟାତ୍ମା
କୁକୁଡ଼ା ଘଟରେ ବିଷ୍ଣୁ ଥାଇ
ତଥାପି ତଣ୍ଟି ଚିପିଲେ
ବାହାରୁଛି ଦୁଧ ।

ଏମିତି ବାଘ ଉପରେ ଛେଳି ବସେ
ଗୋଟିଏ ତୁଠରେ ବାଘ ଛେଳି
ଶୋଷପାଇଁ ଖୁସିରେ ପିଇଲେ
ପାଣି ତାଙ୍କ ମିଠାବାସେ ।

ISSN NO.
2582-208X

ନଦୀପାଖ ଗଛରେବି ମାଙ୍କଡ଼ର
ସଙ୍ଗାତ ହୋଇଥାଏ କୁମ୍ଭୀର
ମିଠା କୋଳିର ସ୍ଵାଦ ସହ
ତଉଲିଥାଏ କଲିଜାର ।

ଏହି ସବୁର ସାରାଂଶ ଘେରାବନ୍ଦୀ
ସରଳ ଆଖିକୁ ଲୁହର ଅବିଶ୍ୱାସ
ଗଭୀର ହୃଦୟରୁ କରେ ପ୍ରଶ୍ନ,
କଣପାଇଁ ଏ ଘେରାବନ୍ଧୀରେ
ଧର୍ମକୁ ପକାଉଛ ବାନ୍ଧି ?

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ହଜି ଯାଇଥିବା ଈଶ୍ୱର

[ଏକ ପ୍ରତୀକଧର୍ମୀ ନାଟକ]



ଡକ୍ଟର କିଶୋର ମହାନ୍ତି

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନିରାକାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

ବିସ୍ମୟ – କାହିଁ ମୁଁ ତ ଦେଖିପାରୁନି ?

ପ୍ରବୀଣ – (ଆଉ ଟିକିଏ ପାଖକୁ ଆସି – ଆଲୋକ ସେଇ ବସ୍ତୁଟି ଉପରେ ପଡୁଥିବ–)

ତୁମ ଆଖିରୁ ଅନ୍ଧ ପୁଟୁଳି ଖୋଲି ଦଉଚି ବାବା । ଦେଖିଲ, ଦେଖ ଭଲକରି ଦେଖ । ଶୟନେ ସ୍ୱପନେ ଜାଗରଣରେ ଯାହାଙ୍କୁ ଏତେ ତୁମେ ଖୋଜୁଥିଲ – ସେଇ ଦିବ୍ୟ ପୁରୁଷତ ଇଏ – ସେହି ହିଁ ଆମକୁ ଉଦ୍ଧାର କରିବେ । ସମଗ୍ର ବିଶ୍ୱକୁ ନୂତନ ଆଲୋକରେ ଆଲୋକିତ କରିବେ ।

ନିରାକାର – ଯାହାଙ୍କୁ ପାଇବା ପାଇଁ ମାତା ଦେବକୀ ପିତା ବସୁଦେବ ଅତ୍ୟାଚାରୀ କଂସର ନିଷ୍ଠୁର ଆଉ ନିର୍ମମ ଅତ୍ୟାଚାରର ଶୀକାର ହୋଇଛନ୍ତି ।

ବିସ୍ମୟ – ସେ ଯୁଗେ ଯୁଗେ ପାପୀକୁ ଦମନ କରନ୍ତି ।

ISSN NO.
2582-208X


ନାରୀ – ସେ ଏବେ ସେଇ ପରିବ୍ୟାପ୍ତ ପୃଥିବୀ ଭିତରେ ନାହାଁନ୍ତି ।

ପ୍ରବୀଣ – ନା, ସେ କୌଣସି ସୀମିତ ପରିସର ଭିତରେ ରହିପାରିବେ ନାହିଁ । ସେ ସର୍ବଶକ୍ତିମାନ ସେ ସର୍ବ ବ୍ୟାପକ ପୁଣି ସେ ସର୍ବଜ୍ଞ ।

ନାରୀ – ତାହାହେଲେ ସେ କଣ ଶୂନ୍ୟ ମନ୍ଦିରରେ ବିଦ୍ୟମାନ !

ପ୍ରବୀଣ – ସବୁଠି ଶୂନ୍ୟ – ସବୁଠି ପୂର୍ଣ୍ଣ । ଦେଖ ! ସମସ୍ତେ ଦୁଃଖ ଶୋକ କଳୁଷ କେମିତି ଉଭେଇ ଯାଉଛି ଆପେ ଆପେ – ସେ କେତେଦିନ ସେଇ ଗମ୍ଭୀରା ଭିତରେ ଚୁପଚାପ୍ ହେଇ ରହିଥାନ୍ତେ । ସେ ନିଜେ ହଜିଗଲେ – ନିରୁଦ୍ଦିଷ୍ଟ ହେଲେ । (ଶ୍ଲୋକ-ଶାନ୍ତକାରଂ ଭୂଜଗସୟନମ୍ ଆବୃତ୍ତି)

ପ୍ରତିଧ୍ୱନି – ଶୂନ୍ୟରେ ମୋର ଘର ! ଶୂନ୍ୟରେ ମୁଁ ଆତଯାତ ହେଉଛି, କେହି ଦେଖିପାରୁ ନାହାଁନ୍ତି ଅଥଚ ମୁଁ ସବୁ ଦେଖି ପାରୁଚି । ମୋରି ହାତରେ ଗଢା ଏ ମଣିଷ ଏତେ ନୀଚସ୍ତରକୁ ଚାଲିଯିବ ବୋଲି ମୁଁ ଜାଣିନଥିଲି । ଏ ମଣିଷର ରାକ୍ଷସୀ ପ୍ରକୃତି ମୋ ହାତରେ ତିଆରି ସୁନ୍ଦର ସବୁଜ ସୃଷ୍ଟିକୁ ଧ୍ୱଂସ କରିବାକୁ ଆଗେଇ ଆସିଲା । ଆତଙ୍କବାଦୀଙ୍କର ଗୁଳି ଗୁଳାର ଶବ୍ଦ, ତା ସାଥିରେ ଲୁଣ୍ଠନ, ଅତ୍ୟାଚାର, ଧର୍ଷଣରେ ବଳି ପଡିଥିବା ଅସହାୟ ନାରୀମାନଙ୍କର ବୁକୁଫଟା ଚିତ୍କାର, କରୁଣ କ୍ରନ୍ଦନ ମୋ ମନକୁ ଅଶାନ୍ତ ଓ ଅସ୍ଥିର କରିଦେଲା । ମୁଁ ଅସହାୟ ହୋଇପଡିଲି, ମୋତେ ତୁମେମାନେ ପାଇଲ ମନ୍ଦିରରେ ନା ଗୀର୍ଜାରେ ନା ମସଜିଦ୍ ରେ ? ଏଇ ଅମାନୁଷିକ ଅତ୍ୟାଚାର ସହିନପାରି ନୀରିହମାନଙ୍କୁ ସୁରକ୍ଷା ଦେବାପାଇଁ ମୁଁ ମଝିରେ ମଝିରେ ମୋର ଅମାନୁଷିକ ଲୀଳାମାନ ରଚନା କଲି । ପୃଥିବୀକୁ ଧ୍ୱଂସ କରିବାପାଇଁ ମୁଁ ନିଜେ ଗୋପ୍ୟ ହୋଇଗଲି ।

ପ୍ରବୀଣ – ଆମମାନଙ୍କର ଭୁଲ ପାଇଁ ଆମେ କ୍ଷମା ମାଗୁଛୁ । ଆମକୁ କି ଶାସ୍ତି ବିଧାନ କରିବେ କରନ୍ତୁ । ହେଲେ ଅସହାୟ ମଣିଷ ପ୍ରତି ଦୟା ପ୍ରଦର୍ଶନ କରନ୍ତୁ ପ୍ରଭୁ !

ନିରାକାର – ଆମେ ମଥାପାତି ସବୁ ସହିନେବୁ ।

ନାରୀ – ସମଗ୍ର ନାରୀ ସମାଜ ଆଜି ଦୁର୍ବଳ ନୁହଁନ୍ତି । ଆସୁରୀୟ ଶକ୍ତିର ବିନାଶ ପାଇଁ ଆମ ଭିଗରେ ଭରି ଦିଅନ୍ତୁ ଅସୀମ ଶକ୍ତି । ଆମ ଭିତରେ ଜାଳି ଦିଅନ୍ତୁ ଅଗ୍ନି ସ୍ଫୁଲିଙ୍ଗ ।

ISSN NO.
2582-208X

ଅଗ୍ନିବୀଣାର ଶନରେ ଚମକିଯାଉ ଏ ସମଗ୍ର ବିଶ୍ୱ । ପାପୀମାନଙ୍କର ବିନାଶ ପାଇଁ ଆମ ଭିତରେ ଶକ୍ତି, ସାହସ ଓ ଅସୀମ ଉତ୍ସାହ ଭରି ଦିଅନ୍ତୁ ।

ବିପ୍ଳବ – ଆମର ଅଭିଯାନ ହେଉ ଶାନ୍ତି ପାଇଁ । ଆତଙ୍କରାଜ ସନ୍ତ୍ରାସବାଦର ସମୂଳ ବିନାଶ ପାଇଁ ଆମକୁ ସଜାଇ ଦିଅନ୍ତୁ ଯୋଦ୍ଧା ସେନାନୀ ।

ପ୍ରତିଧ୍ୱନୀ – ହେ ! ଅମୃତସ୍ୟ ପୁତ୍ର ।

ମୁଁ ଜାଣେ ତୁମେ ନିଜେ ନିଜକୁ ସମର୍ପଣ କରିଦେଇଛ ମୋ ପାଖରେ... । ଦୁଷ୍ଟ ନାଶ କରି ସନ୍ଥ ପାଳନ ହେଉଛି ମୋର ପରମ ଧର୍ମ ।

ବୃଦ୍ଧା – (ଡାକି ଡାକି ପ୍ରବେଶ) କାଳିଆରେ – କାଳିଆ – ଆ – ବାପ ଆ– (ହଠାତ୍ ଚମକି–ପ୍ରବୀଣାନନ୍ଦଜୀଙ୍କ ହାତରୁ ମୂର୍ତ୍ତିଟିକୁ ଟାଣି ନେଇ ଗେଲ କରିବା ଭଙ୍ଗୀରେ)

ଏଇତ ମୋ ପୁତ୍ର ଫେରି ଆସିଛି ମୋ କୋଳକୁ । ଏତେଦିନ କୋଉଠି ଥିଲୁରେ ପୁଅ – ତୋତେ ଚାହିଁ ଚାହିଁ ମୋ ଆଖିରୁ ପାଣି ମଲାଣି – ତୋତେ ନ ପାଇ ମୁଁ କେତେ କାନ୍ଦିଛି – ଆଖିରୁ ଲୁହ ଗଡାଇଛି – କେହି ମୋତେ ଖୋଜି ଆଣିଦେଲେ ନି ତୋତେ । ହେଲେ – ତୁ ଆପେ ଆପେ ଆସିଛୁ ପୁଅ – ଆ–ତୋତେ ମୁଁ ଗେହ୍ଲ କରେ ।

ପ୍ରବୀଣା – ମା ! ପ୍ରକୃତରେ ତୁମେ ସମସ୍ତଙ୍କର ମା ତୁମର ସନ୍ତାନ ସମସ୍ତେ । ଦେଖିପାରୁଛ ମା ତାଙ୍କ ହାତରେ ମୂରଲୀ, ମୟୂର ପୁଚ୍ଛରେ ଶୋଭା ପାଉଛି ତାଙ୍କ ମସ୍ତକ । କେମିତି ତୁମକୁ ଦେଖି ମୁରୁକି ମୁରୁକି ହସି ଦଉଛନ୍ତି ଦେଖି ପାରୁଛ !

ବୃଦ୍ଧା – ମୋ ପୁଅକୁ ପାଇଛି – ଆଉ ତାକୁ ଜମା ମୋ ପାଖରୁ ଛାଡିବିନି । ସେ ସବୁଦିନେ ମୋ ପାଖରେ ରହିବ – ହଁ – ସେ ସବୁଦିନେ ମୋ ପାଖରେ ରହିବ ।

ପ୍ରବୀଣାନନ୍ଦଜୀ – ହେଇ ଦେଖ, ସେ ବ୍ରହ୍ମ–ପୂର୍ଣ୍ଣବ୍ରହ୍ମ ତାଙ୍କ ଭିତରୁ ଜ୍ୟୋତି କେମିତି ଉକୁଟି ଉଠୁଛି । ସକାଳର ବାଳାରଣ ପରି ତାଙ୍କର ହସର ଛିଟା । ସେ କିପରି ପରିବ୍ୟାପ୍ତ ହେଉଛନ୍ତି ଦେଖ ! ଭଲ ଭାବରେ ଦେଖ ।

ISSN NO.
2582-208X

(ପଶ୍ଚାତ୍ ଭାଗରେ ଜଗନ୍ନାଥଙ୍କ ମୂର୍ତ୍ତି ଉନ୍ମୋଚିତ ହୋଇଯିବ – ସମସ୍ତେ ସେ ଆଡକୁ ଚାହିଁ – ପ୍ରାର୍ଥନା କରିବା ଭଙ୍ଗୀରେ-

ଶ୍ଲୋକ – ଓଁ ପୂର୍ଣ୍ଣ ମଦଃ ପୂର୍ଣ୍ଣମିଦଂ

ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ

ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା

ବଶିଷ୍ୟତେ

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ..

(ସମସ୍ତେ ଭାକ୍ତିକ ଭଂଗୀରେ ଫ୍ରିଜ ହୋଇଯିବେ – ଆସ୍ତେ ଆସ୍ତେ ମଂଚ ଅନ୍ଧକାର ହେବ – ଭକ୍ତି ସଂଗୀତର ଧ୍ୱନି ବା ଆଳାପ ଆସୁଥିବ)

ସମାପ୍ତ....

ସି.ଡି.ଏ, କଟକ

ISSN NO.
2582-208X

# ଭାଗବତ
# ଅମୃତ ଧାର୍



ବିଜୟ କୁମାର ସାହୁ

## ଏକାଦଶ ସ୍କନ୍ଧର ଅବଶିଷ୍ଟ ଅଂଶ

ତଥାପି ମନୁଷ୍ୟ ଶରୀରେ । ଯେ ଭଜେ ଗୋବିନ୍ଦ ପୟରେ ॥
ତାହାଙ୍କୁ ଭଜନ୍ତି ଯେ ପ୍ରାଣୀ । ତରନ୍ତି ଭବ ତରଙ୍ଗିଣୀ ॥
କ୍ଷଣେ ନିମିଷେ ଲବେଶିଲେ । ଯେବେ ସେ ସାଧୁଜନ ପାଶେ ॥
ଚିତ୍ତେ ଚିନ୍ତଇ ବିଷ୍ଣୁ ଭାବ । ତାହାକୁ ବୋଲି ନିଧି ଲାଭ ॥
ଜୀବର ସ୍ୱଧର୍ମ ଏ ଭାବ । ହରି ଚରଣେ ସମର୍ପିବ ॥
ଯିବ ଅଜ୍ଞାନ ଭାବ ଦେଖ । ଦୁଃଖକୁ ମଣେ ମହାସୁଖ ॥
ଯେସନେ ସ୍ୱପ୍ନ ମନୋରଥେ । ଭ୍ରମଇ ନିଦ୍ରାର ଆୟତ୍ତେ ॥
ମଣଇ ସତ୍ୟ ପ୍ରାୟ ତାହା । ନିଦ୍ରା ବୋଧନେ ସର୍ବ ମାୟା ॥
କୃଷ୍ଣର ଜନ୍ମ କର୍ମ ଯେତେ । ନାନା ଚରିତ ଏ ଜଗତେ ॥
ଶ୍ରବଣେ ସ୍ମରଣେ ମଙ୍ଗଳ । ତାରଇ ଭୁବନ ମଣ୍ଡଳ ॥
ସେ ନାମ ଭାବ ଚିତ୍ତ ଜଡି । ହୃଦରୁ ଲାଜ ଭୟ ଛାଡି ॥
ଉଚ୍ଚେ ଡାକିବ ନାମ ଗୁଣ । ଶୁଭିବ ସକଳ ଶ୍ରବଣ ॥
ଆନନ୍ଦେ ତୋଳି ବେନି କର । କଣ୍ଠ ଗର୍ଜନ ଉଚ୍ଚେସ୍ୱର ॥
ଉନ୍ମତ୍ତ ପ୍ରାୟ ନୃତ୍ୟ କରେ । ଲୋକବେଭାର ପରିହରେ ॥
ଗଗନ ସମୀରଣ ଜ୍ୟୋତି । ଯେ ଅବା ସଲିଳ ଧରିତ୍ରୀ ॥
ନଦୀ ସରିତ ତରୁଗଣ । ପର୍ବତ ସ୍ଥାବର ଜଙ୍ଗମ ॥
ଏ ସବୁ କୃଷ୍ଣଙ୍କ ଶରୀର । ଜନ୍ତୁଙ୍କ ବାହ୍ୟ ଅବ୍ୟନ୍ତର ॥
ଅନାଦି ପୁରୁଷ ଅନନ୍ତ । ଯେମନ୍ତେ ସୃଜିଲା ଜଗତ ॥
ନିର୍ଲେପ ପ୍ରଭୁ ଭଗବାନ । ମାୟାର ପରମ କାରଣ ॥

ISSN NO.
2582-208X

ସଂସାରେ କ୍ରିଡା ଇଚ୍ଛା କରି । ଭାବେ ଈଶ୍ୱର ରୂପ ଧରି ॥
ଦେହ ବ୍ୟୋଗ କର୍ମ ଘେନି । ଜନ୍ମ ଲଭଇ ନାନା ଯୋନି ॥
ଅଶେଷ ଦେହ କର୍ମ ଭଜେ । ଦୁର୍ଗମ ଦୁଃଖ ସୁଖ ଭୁଞ୍ଜେ ॥
ଯାବତ ମାୟା ନୁହେଁ ହତ । ତାବତ ଦୁଃଖ ସୁଖ ଗ୍ରସ୍ତ ॥
ଭବ ସଙ୍କଟେ ଏହି ମତେ । ଭ୍ରମଇ ଦୁଃଖ ସୁଖ ପଥେ ॥
ଏ ବିଷ୍ଣୁ ମାୟାର ବିଧାନ । ଶୁଣ ହୋ ବିଦେହ ରାଜନ ॥
କାମିନୀ ସଙ୍ଗେ କଲେ ଭାବ । କେବଳ ଦୁଃଖ ମାତ୍ର ଲାଭ ॥
ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୁହେଁ ସୁଖେ ପ୍ରୟୋଜନ ॥
ସୁତ ତନୟ ଦାରା ଦାସ । ଏସବୁ ବିଜୁଳି ପ୍ରକାଶ ॥
ଏହାଙ୍କ ସ୍ନେହେ ବନ୍ଦୀ ହୋଇ । ପୋଷଇ ଦୁଃଖ ଭାର ବିହି ॥
ଏ ପୁଣି ଯାନ୍ତି କର୍ମ ପଥେ । ଶୋକ ସଂତାପ ଦେଇ ଚିତ୍ତେ ॥
ଏହାଙ୍କ ସଙ୍ଗେ ଲାଭ ଏହି । ଏ ଭାବ ମୂଢ଼ ନ ଜାଣଇ ॥
ଉତ୍ତମ ଗୁରୁ ଆଶ୍ରା କରି । ଗୁରୁ ବଚନ ଶିରେ ଧରି ॥
ଯେ ଗୁରୁ ଜାଣେ ବେଦ ତତ୍ତ୍ୱ । ନିର୍ଗୁଣ ଆତ୍ମ ଜ୍ଞାନେ ରତ ॥
ସମଦରଶୀ ନିଷ୍ଠାପର । ତପ କଷଣ ସହେ ଧୀର ॥
ନିରତେ ଥାଇ ପରହିତେ । ଈଶ୍ୱର ମାୟା ଜାଣି ଚିତ୍ତେ ॥
ଏମନ୍ତ ଗୁରୁ ପାଦେ ଭଜି । ହିଂସା କପଟ ଦୂରେ ତେଜି ॥
ସେବା କରିବ ଦୃଢ଼ ଚିତ୍ତେ । ଜନ୍ତୁଙ୍କ ଦୟା ହୃଦଗତେ ॥
କେବଳ ଦେବତା ବିଶ୍ୱାସେ । ନ ଜାଣି ଯଜ୍ଞେ ପଶୁ ହିଂସେ ॥
ପଶୁଏ ଥାନ୍ତି ପଶୁ ମେଳେ । ତାର ଜୀବନ ଅନ୍ତକାଳେ ॥
ଧରି ଭକ୍ଷନ୍ତି ତାର ମାଂସ । କେବଳ ଅସ୍ଥି ରହେ ଶେଷ ॥
ଯେ ଯାକୁ ମାରେ ସୁଖ ଭୋଜେ । ସେ ତାକୁ ହିଂସେ ଅନ୍ତକାଳେ ॥
ଏଣୁ ପଣ୍ଡିତ ଜନ ମଧ୍ୟେ । ତାପ ଲଭିଛି ପଶୁ ବଧେ ॥
ସକଳ ଜୀବେ ନରହରି । ବସଇ ଆତ୍ମା ରୂପ ଧରି ॥
ସମେ ବସଇ ସର୍ବ ଦେହେ । ମୂଢ଼ ନ ଜାଣେ ମାୟା ମୋହେ ॥
ସୁଖାନୁଭବେ ଜୀବ ମାରେ । କେବଳ ବିଷ୍ଣୁ ଦ୍ରୋହ କରେ ॥
ଦୁଃଖେ ସଞ୍ଚିତ ଦାରା ସୁତ । ଧନ ସମ୍ପଦ ପଶୁ ଭୃତ୍ୟ ॥

ISSN NO.
2582-208X

ଏ ସର୍ବ ଛାଡି ଅନ୍ତକାଳେ । ଚଳଇ ନିଜ ପାପ ଫଳେ ॥
ନରକେ ପଡି ଦୁଃଖେ ଭୁଞ୍ଜେ । ଯମ ଯାତନା ଘୋର ପୁଞ୍ଜେ ॥
ହରି ବିମୁଖ ଯେହୁ ପ୍ରାଣୀ । ନତରେ ଭବ ତରଙ୍ଗିଣୀ ॥
କୃଷ୍ଣେ ବଇରି ଭାବ ବହି । ପଶିଲେ କୃଷ୍ଣ ଦେହେ ଯାଇ ॥
କୃଷ୍ଣଙ୍କୁ ପୁତ୍ର ତୁ ନ ମଣ । ସେ ଯେ ଅନାଦି ନାରାୟଣ ॥
ଆଦି ପୁରୁଷ ତୋର ଘରେ । ମାୟା ମନୁଷ୍ୟ ରୂପ ଧରେ ॥
ହେଲେ ଅସୁର ବଳ ମାରି । ଆପଦୁ ଅବନୀ ଉଦ୍ଧରି ॥
ତେବେ ମୁଁ ଯିବି ନିଜ ପୁରୀ । ମହୀ ଦିଶିବ ହତଶିରୀ ॥
ଏ ଘୋର କଳିଯୁଗ ଗତି । ଲୋକେ ହୋଇବେ ଦୁଷ୍ଟ ମତି ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X

# ବାପା



ଦୀନବନ୍ଧୁ ପୋଇ

ପ୍ରତ୍ୟକ୍ଷ ଦେବତା ହେ ମୋ ପୂଜ୍ୟ ପିତା
ଜୀବନ୍ତ ଠାକୁର ମୋର
ପିଣ୍ଡେ ପ୍ରାଣଭରି ହାତ ମୋର ଧରି
ଶିରେ ରଖିଥାଅ କର ॥

ଦେଇ ପରିଚୟ କରି ଅଭିନୟ
ଗଢିଛ ମୋତେ ସଂସାରେ
ଚାପିରଖି ଦୁଃଖ ଦେଇଅଛ ସୁଖ
ତୁମେ ହିଁ ଶ୍ରେଷ୍ଠ ବିଶ୍ୱରେ ॥

ଚାଲିବା ବୁଲିବା କହିବା ଗାଇବା
ଶିଖାଇଛ ସବୁ ମୋତେ
ଖାଇବା ପିନ୍ଧିବା ଯାହା ମୋର ଲୋଡ଼ା
ମନଜାଣିଦିଅ କେତେ ॥

ମନ୍ଦିରକୁ ନେଇ କାନ୍ଧରେ ବସାଇ
ଦିଅଁ ଦେଖାଅ ମନ୍ଦିରେ
ତୁମରି ଭିତରେ ଦିଅଁ ଅଛି ବୋଲି
କହିନ କେବେ ସତରେ ॥

ISSN NO.
2582-208X

ତୁମ ବଳିଦାନ    ତ୍ୟାଗ ପୂତ ମନ
  ସନ୍ତାନ ପାଇଁ କି କେତେ
ତୁମ ଋଣ କେବେ   ଶୁଝିହେବ ନାହିଁ
   ପୂଜିଲେ ମନ୍ଦିରେ ଯେତେ ॥

ତୁମରି ଶାସନ    କରିଛି ଆସିନ
     ମୋତେ ଶିକ୍ଷକ ରୂପରେ
ତୁମ ନୀତି ମାନି   ହୋଇ ସ୍ୱାଭିମାନୀ
      କରୁଛି କାମ ସଂସାରେ ॥

ବ୍ରହ୍ମା ବିଷ୍ଣୁ ଶିବ  ତିନି ରୂପେ ତୁମେ
    ଅବତ୍ତୀର୍ଣ୍ଣ ମୋଓ ପାଇଁ
ତୁମକୁ ନ ପୂଜି     ଶିଳାକୁ ପୂଜିଲେ
    କେବେ ନ ଶୁଣିବେ ସାଇଁ ॥

ମୋର   ନିବେଦନ    ହେ ସୁଜ୍ଞାନୀ ନର
  ତାଙ୍କ ବାର୍ଦ୍ଧକ୍ୟରେ ଆମେ
ଦିଅ କି ନ ଦିଅ ତାଙ୍କ ପାଖେ ରହି
    କରି ସେବା ଦେଖା କାମେ  ॥

ତୋରଡାପାଳ
ଢେଙ୍କାନାଳ
ଦୂରଭାଷ ୯୯୩୮୮୦୨୪୧୨

ISSN NO.
2582-208X

# ଭାଗ୍ୟ ହାତେ ଡୋରୀ

ନରଞ୍ଜନ ସାହୁ

ମଣିଷ ତ ଯଦି ଭାଗ୍ୟ ହାତେ ବନ୍ଧା
କି କରମ ସିଏ କରିବ
ଭାଗ୍ୟବାଦୀ ହୋଇ ବଞ୍ଚିବ କେବଳ
ନ ହେଲେ ନିଶ୍ଚୟ ମରିବ ।

କର୍ମମୟ ଏହି ଜଗତେ ମଣିଷ
ସର୍ବଦା କର୍ମରେ ରତ
କର୍ମବାଦୀ ହୋଇ କର୍ମ କରିଚାଲେ
ଏକଥା ନିଶ୍ଚୟ ସତ
ତଥାପି କେମିତି ଫଳ ମିଳେନାହିଁ
ଯନ୍ତ୍ରଣା କାହିଁକି ବରିବ ?

ଦଇବ ଦଉଡି ଧରିକି ନଚାଏ
ମଣିଷ ନାଚଇ ଏଠି
ତାହେଲେ ବୁଝିବା ସମୟ ଦୁଆରେ
ମଣିଷ ଖଟଇ ବେଠି
ପରିଶ୍ରମ ଫଳ ହୋଇଲେ ନିଷ୍ଫଳ
କିଏ ସେ କ୍ଷତିକୁ ଭରିବ। ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାର୍ବାହିକ)



ଜୟଲକ୍ଷ୍ମୀ ସେଠୀ

ପନ୍ଦର ଦିନ ପରେ .. .. ..                    ଗୋଧୂଳିର ଅବସାନ .. ... ...

ଭଗ୍ନ ହୃଦୟର ଅନେକ ଦୁଃଖକୁ ଭୁଲିଯାଇ ଆଉ ଗୋଟିଏ ସ୍ୱପ୍ନକୁ ନେଇ ମନଟିକୁ ମୁଁ ତିଆରି କରିଥିଲି । ଯାଇଛି ଯେ ଯାଇଛି, ଆଜିକୁ ପନ୍ଦର ଦିନ ବିତି ଗଲାଣି । ଫୋନ୍ ବି କରୁନାହିଁ ଜଗନ । ଇନ୍ଦୁମତୀ ଭାବିଚାଲିଥାନ୍ତି । ସନ୍ଧ୍ୟା ଧିରେ ଧିରେ ନଇଁ ଆସିଲାଣି । କିଛି ଭଲ ଲାଗୁନାହିଁ ମନଟା । ଚଉରା ପାଖରେ ଚେୟାର ଗୋଟେ ପକାଇ ବସିଥାନ୍ତି ସିଦ୍ଧେଶ୍ୱର ବାବୁ । ସେଇଠାରେ ଇନ୍ଦୁମତୀ ଯାଇ ବସି ପଡିଲେ । ମନ ଭିତରେ ଅଶାନ୍ତ ମରୁଭୂମିର ଜ୍ୱାଳା ଦିନକୁ ଦିନ ବଢି ଚାଲିଛି । ମନଟା ଛଟପଟ ହୋଇ ବାରମ୍ବାର ଧିକ୍କାର କରୁଛି ମାତୃତ୍ୱକୁ । ପନ୍ଦର ଦିନ ପନ୍ଦରଟି ଯୁଗ ପରି ଲାଗୁଛି । ପରିବାର ସାରା ଚିନ୍ତିତ ହୋଇ ଖାଇବା ଭୁଲିଗଲେଣି । କଥାରେ ଅଛି ପରା କ୍ଷୀର ଉତୁରିଲେ ଚୁଲିକୁ, ମଣିଷ ଉତୁରିଲେ ଗାତକୁ । ସମାଜରେ ନୀତିନିୟମ ସହିତ ଆମ୍ଭେମାନେ ବାନ୍ଧି ହୋଇଯାଇଛେ, ତାକୁ କଣ ଭୁଲିପାରିବା ? ରକ୍ଷଣଶୀଳ ସଂସାରରେଜ ଜୀବନଟା ବହୁ ଦୁର୍ବିଷହରେ ଗତି କରିଥାଏ । ନିଜ କର୍ମ ଅନୁସାରେ ଫଳ ମଧ୍ୟ ମିଳିଥାଏ । ହେଲେ ଆଜି କାଲିର ପିଲା କଣ ଜାଣିବେ ଆମ ପରମ୍ପରା, ରୀତିନୀତି, ସଂସ୍କାର ବିଷୟରେ ଆମ୍ଭମାନଙ୍କର ଅନେକ ଭୁଲ ରହୁଛି ଆଧୁନିକତାକୁ ପ୍ରୟାସ କରି ଅଭିମାନ କରିବାର ଫଳ ମିଳୁଛି । ଛାତିରେ ହାତ ପିଟି ଆଖି ଲୁହରେ ଗାଧୋଇବା ଏକ ଅଭିଶାପ ହୋଇଯାଇଛି । ଗାଁ ସାରା ଟୁପୁରଟାପୁର ଆଜିଯାଏ ଶେଷ ହୋଇନାହିଁ । ଇନ୍ଦୁମତୀଙ୍କ ଜୀବନରେ ଯେମିତି ଆଶା, ନିରାଶା, ହତାଶା, ପ୍ରେରଣା, ଉପଦେଶ, ଆଦେଶ ସବୁ ଛାଇ ଆଲୁଅ ଭିତରେ ପାଣି ଫୋଟକା ଭଳି ମିଳାଇ

ISSN NO. 2582-208X

ଯାଇଥିଲା । ଦୁଃଖ ଯନ୍ତ୍ରଣା ଅପମାନର ଅନ୍ଧାର ଭିତରେ ପହଁରି ପହଁରି ଆଲୁଅକୁ ଅପେକ୍ଷା ଗୋଟେ ଆଶାର ଉଦ୍ଦୀପନା ମଣିଷ ଜୀବନରେ ଯାହାକୁ ଜାବୁଡି ଧରି ବଞ୍ଚିବାକୁ ପଡିଥାଏ । ଅମାନିଆ ଲୁହ କେଇବୁନ୍ଦା ଇନ୍ଦୁମତୀଙ୍କ ଆଖିରୁ ଝରିପଡିଲା । ସନ୍ଧ୍ୟା ନଇଁ ଆସିଲାଣି । ଠାକୁରଘରକୁ ସନ୍ଧ୍ୟା ଦେବାପାଇଁ ଯିବାକୁ ଉଠିପଡିଲେ ଇନ୍ଦୁମତୀ । ପୂଜାର ବାହାଘର ପାଖେଇ ଆସିଲାଣି । ଭଉଣୀ ବାହାଘର ପାଇଁ ଟଙ୍କା ଦେବାକୁ କହିଥିଲା ଜଗନ । ହେଲେ ଟଙ୍କା ଦେବା ତ ଦୂର କଥା, ଟିକିଏ ଫୋନ ବି କରୁନାହିଁ । ସମସ୍ତେ ଯାଇ ଠାକୁରଙ୍କ ଘରେ ବସିପଡିଲେ । ସିଦ୍ଧେଶ୍ୱରବାବୁ ଭାଗବତ ପଢି ବସିଲେ । ତା ଭିତରେ ସମସ୍ତିଙ୍କର ଆଖି ଲୁହରେ ଓଦା ହୋଇ ଯାଉଥାଏ । କେହି କିଛି କଥା ନ ହୋଇ ନିଜ କାମରେ ବ୍ୟସ୍ତ ହୋଇ ଗଲେ ।

ଚିନ୍ତାର ଲହରୀ ମନର ସାଗର ବେଳାରେ ଅନେକ ଥର ଧକ୍କା ମାରୁଥିଲା । ଅନ୍ଧକାର ନିର୍ଜନ କଥାଟି ସବୁବେଳେ ହୃଦୟକୁ ଛୁଇଁଯାଉଛି । ଜଗତର ଅସ୍ପଷ୍ଟ ଅତୀତ ସ୍ପଷ୍ଟ ପ୍ରତୀତ ହେଉଥିଲା । ଜୀବନଟାର ସଲିଳ ସମାଧି ତୋଳା ହୋଇ ଯାଆନ୍ତା କି, ଏମିତି ଭାବି ଇନ୍ଦୁମତୀ ଓ ସିଦ୍ଧେଶ୍ୱରବାବୁ ଭାରସାମ୍ୟ ହରାଇ ବସୁଥିଲେ । କ୍ଲାନ୍ତ ଅବସନ୍ନ ହୋଇପଡୁଥିଲେ । ସମ୍ପର୍କର ଓ ରକ୍ତର ଡୋରି କଣ ଏତେ ଦୁର୍ବଳ । ଆମ ଶିକ୍ଷା ଦୀକ୍ଷା କଣ ଏତେ ମୂଲ୍ୟହୀନ । ଏମିତି କେତେକଣ ମନକୁ ଯନ୍ତ୍ରଣାସିକ୍ତ କରିଦେଉଥିଲା ।

ସାମ୍ପ୍ରତିକ ଅବକ୍ଷୟକୁ ସମାଜରେ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ଘଟିବା ସଙ୍ଗେ ସଙ୍ଗେ ଅଶିକ୍ଷା ଓ କୁଶିକ୍ଷାର ଦ୍ରୁତ ଉନ୍ନତି ପରିଲକ୍ଷିତ ହୋଇଚି । ପେଟ ଭୋକମାରି ପିଠିରେ ଯନ୍ତ୍ରଣାକୁ ଲୁଚାଇ ଆଖିରେ ଆଖିଏ ସ୍ୱପ୍ନ ବୋଳି ଯେଉଁ ଉଚ୍ଚ ଶିକ୍ଷା ଲାଭ କରିବା କଣ ମିଥ୍ୟା, ଅଶାନ୍ତି, ନିଷ୍ଠୁରତା, ହିଂସା, ସଂକୀର୍ଣ୍ଣତା ବିଶ୍ୱାସଘାତକତା ଓ ବର୍ବରତାକୁ ଗୋଟେଇ କରି ସମାଜରେ ବଡପଣ୍ଡା ସାଜିବାର ନିମ୍ନ ଚିନ୍ତାଧାରା ଦିଗଭ୍ରଷ୍ଟ କରିଦେଇଛି ଆଜିର ପିଲାମାନଙ୍କୁ । ହୃଦୟର କ୍ରୋଧ ଭରିଗଲା ଇନ୍ଦୁମତୀଙ୍କର ଅଭିମାନରେ ପ୍ରଭୁଙ୍କ ପାଖରେ ଗୁହାରି ବାଢି ବସୁଥାନ୍ତି । କାହିଁକି ପ୍ରଭୁ ? କି ଅପରାଧ ଆମ୍ଭମାନଙ୍କର ହୋଇଗଲା ଜଗନ ପ୍ରତି । ଭଗବତ ଚେତନା ଶୁଣାଇ ଶୁଣାଇ ତାକୁ ବଡ କରିଛି । ଆଜି ସୁନ୍ଦରୀ ନାରୀ ପ୍ରତି

ଅନ୍ଧ ହୋଇ ନିଜ ବାପମାଆଙ୍କୁ ପଛ କରି, ନିନ୍ଦା ଅପବାଦରେ ବୁଡେଇ ଦେଇ ଯାଇଛି । ଏହା କଣ ଉଚ୍ଚଶିକ୍ଷିତା କରିବାର ଉପହାର । ଲୁହଗୁଡାକ ଅମାନିଆ ହୋଇ ଝରିପଡୁଥିଲେ । ବାହାରୁ ଡାକ ଦେଲେ । କଣ କରୁଛ, ପୂଜା ମା, କହିକହି କାର ଭିତରୁ ପଶି ଆସିଲେ ବିକାଶଙ୍କ ମା ।

ସିଦ୍ଧେଶ୍ୱରବାବୁ ଦେଖି, ଆରେ ସମୁଦୁଣୀ ନମସ୍କାର କହିଲେ । ମୋତେ କହିଥିଲେ ଯାଇ ନେଇ ଆସିଥାନ୍ତି । ଆପଣ ଏତେ ପରିଶ୍ରମ କାହିଁକି କଲେ? ପୂଜା ମା ଦେଖ ବିକାଶଙ୍କ ମା ଆସିଛନ୍ତି । ଜୁହାର କର । ଇନ୍ଦୁମତୀ ଯାଇ ଜୁହାର କଲେ ।

ହାତଧରି ଦାଣ୍ଡ ଘରକୁ ବସାଇ ଟେବୁଲ ଫ୍ୟାନ ଦେଇଦେଲେ । ଏ ଖରା ସମୟରେ କାହିଁକି ଆସିଲେ ସମୁଦୁଣୀ? କହିଥିଲେ ପୂଜାର ବାପା ଚାଲିଯାଇଥାନ୍ତେ । ଏଇଟା କେମିତି କଥା ମୋ ସମୁଦୁଣୀ ।

ବିକାଶଙ୍କ ମା କହିଲେ, ଆସନ୍ତା କାଲି ବାହାଘର । ଆପଣମାନେ ଏତେ ଶିଘ୍ର ଆୟୋଜନ ଏକା ଏକା କରିଥାନ୍ତେ? ମୁଁ ଜାଣିଛି ଜଗନ ପଳେଇ ଯିବାର, ତେଣୁ ଆପଣମାନେ କିଛି ଭାବନ୍ତୁ ନାହିଁ, ମୁଁ ସବୁ ବ୍ୟବସ୍ଥା କରିଦେଇଛି । ବିକାଶ ଗୋଟେ ଗାଡିରେ ସବୁପ୍ରକାର ଜିନିଷ ପଠାଇ ଦେଇଛି । ସମୁଦୀ ଏଥିରେ କିଛି ଭାଙ୍ଗିପଡନ୍ତୁ ନାହିଁ ।

ପୂଜା ମୋ ବୋହୂ ନୁହଁ ସେ ମୋ ଝିଅ । ଆପଣମାନେ କିଛି ବି ଦୁଃଖ କରିବା ଆବଶ୍ୟକତା ନାହିଁ । ଶାନ୍ତଶିଷ୍ଟ, ମାର୍ଜିତ, ସର୍ବଗୁଣସମ୍ପର୍ଣ ପୂଜା, ତା ପାଇଁ ଯାହା କଲେ ବୋଧେ କମ ହୋଇଯିବ ।

ଜିନା, ସିନା ଓ ପୂଜା ଆସି ବିକାଶଙ୍କ ମାଙ୍କୁ ପ୍ରଣାମ କଲେ । ଇନ୍ଦୁମତୀ ସରବତ ପିଇବାକୁ ଦେବାରୁ କିଛି ଖାଇବାକୁ ଦେବାକୁ ସିଦ୍ଧେଶ୍ୱରବାବୁ କହିଲେ । ଦୁଃଖର ବିଭିନ୍ନ ରଙ୍ଗ, କଷ୍ଟର ବହୁଧା ରୂପ ତାଛଲ୍ୟର ପ୍ରତିମୂର୍ତ୍ତିଟିଏ ହୋଇ ଛିଡା ହୋଇଥାଏ ଖୁଣ୍ଟଟିଏ ହୋଇ ପୂଜା । ଆନନ୍ଦ କି ଦୁଃଖି ତ ଭାବିପାରିନି । ଆଖିର କରୁଣ ଚାହାଣି ଦେଖି ବିକାଶଙ୍କ ମା କହିଲେ

ISSN NO.
2582-208X

ପୂଜା ଆସ ମୋ ପାଖରେ ବସ । ପୂଜା ତାଙ୍କ ପାଖରେ ବସି ସ୍ମିତ ହସ ଟିକିଏ ହସିଦେଲେ । ଯେମିତି ଜମାରୁ ଇଚ୍ଛା ନାହିଁ । ଜୋର କରି ଓଠରେ ରଖିଦଉଛି । ବିକାଶଙ୍କ ମା ପୂଜାକୁ ଲକ୍ଷ୍ୟକରି ମୁଣ୍ଡକୁ ଆଉଁସୁ ଆଉଁସୁ କହିଲେ ମାରେ, ମୁଁ ବି ତୋର ମା, କେବେ କିଛି ଲୁଚାଇବ ନାହିଁ । ଯାହା ଦରକାର ଝିଅପରି ଅଳି କରିବ ମୋ ପାଖରେ । ଇନ୍ଦୁମତୀ କାନ୍ଦି ପକାଇଲେ, କହିଲେ ସମୁଦୁଣୀ ସେ ବେଶୀ ଅଭିମାନିଟେ, ବଦରାଗୀଟେ ବି । ତାର ସବୁ ଭୁଲକୁ କ୍ଷମା କରିଦେବେ । ସେ ଜାଣିଜାଣି କାହାକୁ ଦୁଃଖ ଦିଏନା ସମୁଦୁଣୀ । ଯେତେ କଷ୍ଟ ହେଉ ପଛେ କାହାକୁ ସୁଖ ମାଗେନା । ଚମସ୍ତେ ଚୁପଚାପ୍ ହୋଇଗଲେ । କେବଳ ସବୁ ଆଖିରେ ଲୁହ ଢଳ ଢଳ ହେଉଥାଏ । ସମସ୍ତିଙ୍କ ଆନନ୍ଦ ଭିତରେ ପୂଜା ଖୋଜି ବୁଲୁଥିଲା ଅତୀତକୁ । ପ୍ରତାରଣାର ଯନ୍ତ୍ରଣାକୁ ଚାପିଧରି ପୂଜା ଭାଗ୍ୟ ବୋଲି ମାନିନେଇଥିଲା । ମୁକ୍ତାଗର୍ଭା ଶାମୁକାଟେ ହୋଇ ବାଲିରେ ଧସିଯାଇ ଧୂଳିଧୂସର ଆତ୍ମାରେ ଅନୁସାରେ ବିସର୍ଗହୀନ କ୍ଳାନ୍ତି ଚେତନାର କ୍ରୀତଦାସ ପରି ପରସ୍ତ ପରସ୍ତ ଅନ୍ଧାରକୁ ଆଡେଇ ଆଡେଇ ଆଗକୁ ଯିବାକୁ ହେବ । ହୃଦୟର ଦ୍ୱାର ଖୋଲି ନିଶ୍ୱାସର ନିର୍ମଳ ବିଶ୍ୱାସ ମଡେଇ ଭୂମିଠାରୁ ଭୂମାଯାଏ ବିସ୍ତରି ଯିବା ପୂଜାର ଅସ୍ତିତ୍ୱ ହୋଇଯାଇଛି । କାଲିର ସକାଳକୁ ବିଚିତ୍ର ଆଭାରେ ବର୍ଣ୍ଣମୟ କରି ଅନୁଶାସନର ଚାରି କାନ୍ଥକୁ ଭାଙ୍ଗି ଦେବାକୁ ହେବ । ସାତ ଦରିଆର କାହାଣୀକୁ ଛାତି ତଳେ ଗୁପ୍ତ ଗୃହରେ ସୁନାର ପଞ୍ଜୁରିରେ ବନ୍ଦ କରି ସବୁ କ୍ଷତକୁ ଆପଣାର କରିବାକୁ ହେବ । ଅସୀମ ସୀମାରେ ମନର ମାଣିକ ସାଇତି ରଖିଛି କେତେ ରୂପ ଗୀତି ଓ କବିତାର ଗୁଣ ମଧୁଝରା ଶିହରଣ ଭରା ହୀରା ଓ ମୁକୁତା ଖଞ୍ଜି କରି ତାକୁ ସେମିତି ରହିବାକୁ ପଡିବ । ଜୀବନ ଅଲିଭା ସପନ ସେ ଆଖିର ଗୋପନ ମଉନ ଦରଦୀ ଭାଷା । ଅବୁଝା ବୀଣାର ମୁଗ୍ଧ ମଧୁର ସ୍ମୃତି ଆଙ୍କି ନିଜର ଛାତିରେ ପ୍ରୀତିର ଢେଉ ହୋଇ ଖୋଜୁଥାଏ ଜହ୍ନର ଶୀତଳାକୁ ମୁଠେଇ ମୁଠେଇ କରୁଣ ଦରଦ ବିରହରେ ସହିବ ବୋଲିତ ଲୁହ ଆଉ ଗଡଉନି ଛାଡିଗଲା ଦିନୁ କାଳେ ଲେଉଟି ଆସିବ ବୋଲି । ଭାବକୁ ମୂର୍ତ୍ତି କରି ରାଜସୁଖ ସବୁ ଛତୁ କରି ପାଗଳି ବାୟାଣୀ ପରି ଛୋଟିଆ ହୃଦୟ ମରୁଭୂମିର ମୀରା ସାଜିଛି ତୁମପାଇଁ କହ୍ନେଇ । ଆନେକ ଅପବାଦ, ଅପନିନ୍ଦାକୁ ମୋର ଆଉ ଡର ନାହିଁ । ଗଢିଥିବା ସୁଖର ଅଟ୍ଟାଳିକାକୁ ଫିଙ୍ଗିଦେଇ ତୁମ ସହ ଏକାକାର ପାଇଁ ଅପେକ୍ଷା କରିଛି କହ୍ନେଇ । ମୁଁ ଜାଣିଛି ତୁମର ସବୁ କାମ ଶେଷ ପରେ ମୋ ପାଖକୁ ନିଶ୍ଚୟ ଆସିବ । ତୁମର

ISSN NO.
2582-208X

ସବୁ ଅଭିମାନ ଦୁର୍ବଳ ହେଲାପରେ ମତେ ହିଁ ଦରାଣ୍ଡି ଖୋଜିବ ତା ପରେ ମୋ ବିନା ଉପସ୍ଥିତି ତୁମେ ସହି ପାରିବ ନାହିଁ। ସେଥିପାଇଁ ତ ତୁମପାଇଁ ତପସ୍ୱିନୀ ହୋଇ ରହିଛି, ଆଖିର ଲୁହକୁ ଶୁଖେଇ ଦେଇଛି । ଓଠର ହସକୁ ଲିଭେଇ ଦେଇଛି । ମୁଁ ଜାଣିଛି ଜଗତରେ ସତ୍ୟ ଯଦି ଅଛି ପ୍ରେମ ଓ ଭରସାର କସ୍ତୁରୀ ମହକ କେବେ ମିଥ୍ୟା ହୋଇପାରେନା କହ୍ନେଇ । ତୁମ ଛଡା ଆଉ କିଏ ବେଶୀ ଜାଣିଛି କେମିତି ଲୁଚିଲୁଚି ଲୁଟି ପଡେ ପ୍ରୀତିର ବାସ୍ନା ସବୁ ପ୍ରଣୟର ଛୁଆଁ ଭିତରେ । ତୁମେ ତ ସେଦିନ କହୁଥିଲ କୋମଳ ପଦ୍ମପାଖୁଡାରେ ତପ୍ତ ତପନକୁ ଧାରଣ କରିବାର ଶ୍ରଦ୍ଧା ଥାଏ ବୋଲି ତ କାଳ ରାତ୍ରି ଆଡେଇ ଆଡେଇ କମଳା ରଙ୍ଗର ପ୍ରଭାତ ଟିଏ ଉଇଁଆସେ କମଳିନୀର ଦେହ ଦେଉଳକୁ । ତୁମେ ମଧ୍ୟ ସେମିତି ମୋ ପ୍ରେମ ମନ୍ଦିରରେ ସକାଳ ହୋଇ ରହିଛ ପ୍ରାଣପ୍ରିୟ, ଯେବେ ଆସିବ ତୁମ ହାତରେ ଗୋଧୂଳି ତିଆରି କରିବ ମୋ ଭାବନାକୁ । ଅବସାନ ହେବ ମୋ ପ୍ରତୀକ୍ଷା, ଆୟୁ ଓ ଯୁଗର ତୃଷ୍ଣା ଶତାଧିକ ପ୍ରୀତିଛୁଆଁ ତୋଳିନେବ ତୁମ ବାହୁରେ । ମୋ ମନର ନିରୋଳା ରାତିରେ । ଜେଜ୍ଜରୁ ସମସ୍ତ ଅନ୍ଧାର ଚୋରାଇ ନେଇ ମଦିରାର ଶେଷ ନିର୍ଭୟ ନିଃଶ୍ୱାସରେ ମିଳନର ଝଡ ଆଙ୍କେ । ଜାଣିଛନା ମାୟା ରାତିଟା ବିରହର ଗୀତ ଗାଏ, ମୋ ଛାତିରେ ବିଜୁଳି ଚମକେ ନିଆଁ ଲାଗେ ଦେହ ଅରଣ୍ୟରେ କୁହୁଳେ ମନ ଆକାଶର ନିୟମକୁ ଧରି ଧର୍ମ, ପରାକାଷ୍ଠାକୁ ଗୋଟେଇ ଦେଖେ ପାଏନା ପୂଣ୍ୟ, ସମ୍ପର୍କର ଆତଙ୍କ ନା ଆତ୍ମୀୟ ରହସ୍ୟ ? ଅପେକ୍ଷାରତ ଗୋଟେ ରାତି ପାଇଁ ଯାହା ଏକ ଅନାୟାସ ସିଦ୍ଧି ଆଙ୍କି ବିଷାଦର ସ୍ମୃତିକୁ ତୋଳିନେବ ଓଠ ଚୁମ୍ବନରେ ଭେଟିଦେବ ନିୟତ ବିଳାସର ଦୃଶ୍ୟମୟ ଆଲିଙ୍ଗନେ ।

ଦି ଦି .... ଚମକି ପଡିଲା ପୂଜା, ସମସ୍ତେ ଚାଲିଗଲେଣି । ତୁ ଏକା ବସି କଣ ଭାବୁଛୁ କାଲି କେମିତି ବାହା ବେଦିରେ ବସିବୁ । ତା ପରେ ଆମକୁ ଭୁଲିଯିବୁ । ବିକାଶ ଭାଇ ତ କେତେ ସୁନ୍ଦର ବ୍ୟକ୍ତିତ୍ୱଟେ । ତେଣୁ ଆମକୁ ଭୁଲିଯିବା ସହଜ ହେବ । କହୁ କହୁ ଜିନା ଓ ସିନା ଭେଁ ଭେଁ କରି କାନ୍ଦି ପକାଇଲେ ।

ISSN NO.
2582-208X

ତୁମେ ଦୁଇଜଣ କଣ ବାଇୟାଣୀକି ? ମୁଁ କଣ ସ୍ୱର୍ଗକୁ ଯାଉଛି କି ? ଏମିତି କାହିଁକି ଭାବୁଛ ? ନାଇଁ ଲୋ ଦିଦି ତୋ ଚାଲିଗଲେ ଆମକୁ ବହୁତ ଏକା ଏକା ଲାଗିବ ଜିନା କହିଲା । ତାହାହେଲେ ତୋର ବି ଯିବା ବ୍ୟବସ୍ଥା କରିଦେବା ତୁ ଆଉ ନାକ କାନ୍ଦୁରୀ ହେବୁନାହିଁ । ଲାଜରେ ଜିନା ଫେଏଁ କରି ହସିଦେଲା, ସିନା ପାଖେଇ ଆସି କହିଲା, ଆଲୋ ଦିଦି, ତୋ ଶାଶୁଘର ବହୁତ ଧନୀ ସବୁ ମାସର ଚାରିଛଅଟା ମୋ ପାଇଁ ସେଠୁ ପଠାଇଦେବୁ, ଦୁଇଟି ଲିପଷ୍ଟିକ୍ ହେଲେ ଚଳିବ । ବାପା ମା ସହିତ ସମସ୍ତେ ଯନ୍ତ୍ରଣା ଆଖିରେ ହସି ଉଠିଲେ ।

ହଉ ବାବା ତୁ ବ୍ୟସ୍ତ ହଅନା । ଏହା ସହିତ ଅତିପ୍ରିୟ ଆଇସକ୍ରିମ୍ ବି ପଠେଇ ଦେବି । ଦୂରରେ ଛିଡା ହୋଇ ଶୁଣୁଥିବା ବାପା ମା ଆନନ୍ଦାଶ୍ରୁ ଝରାଇ ହସି ଉଠିଲେ, ସିନା ମୁହଁ ଫୁଲେଇ କହିଲା – ହଁ, ମୋ ଦିଦି ଖାଲି କହିଲେ ହବନି । ଦେଇ ସାରେଲେ ଯାହା କହିବୁ ହେଲା । ଆଉ ଥରେ ସମସ୍ତେ ମିଶି ହସି ଉଠିଲେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

ISSN NO.
2582-208X

# ମୁଠାଏ ଖରା



ଓଜସ୍ୱିନୀ ଶତପଥୀ



ଅନେକ ଦିନ ର ଅପେକ୍ଷା ପରେ
ହାଡ଼ଭଙ୍ଗା ଶୀତ ର ପ୍ରକୋପ ସରେ
ସୂର୍ଯ୍ୟ ଯେବେ ଆକାଶରେ ଉଙ୍କି ମାରେ
ମନ, ପ୍ରାଣ ଶରୀର ଜୀଇ ଉଠେ ପୁଣି ଥରେ।

ହାତ ପାପୁଲିରେ ଆଞ୍ଜୁଳାଏ ଖରା
ଚିକ୍ ଚିକ୍ କରୁଥାଏ ସତେ କି ହୀରା!!
ସୁନା ରୁପା ନୀଳା ମୋତି ଓ ମାଣିକ
ନବରତ୍ନ ପରି ଥାଏ ଖରା ର ଚମକ

ISSN NO.
2582-208X

ତରୁ ଲତା ଜୀବ ଜନ୍ତୁ ପାହାଡ଼ ପର୍ବତ
କନକ ଧାରା ରେ  ହୋଇ ସଦ୍ୟସ୍ନାତ
ସୁନେଲି ପୋଷାକ ପିନ୍ଧି ହୋଇ ପଲ୍ଲବିତ
ଆନନ୍ଦ ଉଲ୍ଲାସରେ କଲେ ନୃତ୍ୟନାଟ

ନୀଳାଭ ଆକାଶେ  ହେଲା ପକ୍ଷୀ ସମାବେଶ
ସମବେତ କଣ୍ଠ ରେ ଖଗ ଗାଇଲେ କୋରସ୍
ସବୁଜ ଧରଣି  ରେ ହେଲା ମହୋତ୍ସବ
ନାନା ରଙ୍ଗ ନେଇ ପୁଣି ବସନ୍ତ ଆସିବ

ସିନ୍ଦୂର ଫଟା ନାଲି ଆକାଶ ବକ୍ଷରେ
ସୂର୍ଯ୍ୟ ଯେବେ ମୂରୁକି ହସ  ଟିଏ ମାରେ
ମନେ ହୁଏ ସତେ କି ରେଡ୍ କାରପେଟ୍ ଉପରେ
କ୍ୟାଟ୍ ଓ୍ୱକ୍  କରିବ  ସୂର୍ଯ୍ୟ ମଡେଲ ଷ୍ଟାଇଲ ରେ

ବଞ୍ଚିବା ର ପ୍ରେରଣା ସର୍ବ  ଶକ୍ତି ର ଆଧାର
ଦୂର କରି ପାରେ ସକଳ ନିରାଶା ଅନ୍ଧାର
ଆରୋଗ୍ୟ, ନୀରୋଗ ରହିବାର ମୂଳମନ୍ତ୍ର
ସକାଳୁ ଉଠି କର ସୂର୍ଯ୍ୟ ନମସ୍କାର।

ହେ ଇଶ୍ୱର!!
ମତେ ଅସୁମାରୀ ଧନ ଦିଅ ବା ନ ଦିଅ
ଯଶ, ଖ୍ୟାତି, ପ୍ରସିଦ୍ଧି ଦିଅ ବା ନ ଦିଅ
କେବଳ ମାତ୍ର ଏହି ପ୍ରତିଶ୍ରୁତି ଦିଅ
ଆଜୀବନ "ମୁଠାଏ ଖରା" ମୁଁ ପାଇବି ନିଶ୍ଚୟ।

ନୂଆଦିଲ୍ଲୀ

ISSN NO.
2582-208X

# ବେକାରୀ....



ପ୍ରଦୀପ୍ତ କୁମାର ମିଶ୍ର

ବୋଉ କହିଥିଲା ଚାକିରୀ କଲେତୁ
  ଦେଉଦେବୁ ମୋତେ ଦିପଟ ସୁନାର ଚୁଡି
ସପନ ଦେଖିବା ମୁଁ ଛାଡ଼ି ସାରିଲିଣି
  ବାପା ଚାଲିଗଲେ ଏକାକରି ସେ ଆରପାରି ।

ମରଣ ଯୌବନ ଦୁଃଖ ବୁଝିଲେନି
  ଆସିଲେ ଚାଲିଲେ ସମୟକୁ କରି ପାଥେୟ
ଏବେ ବୋଉ ମୋର ବୋହୁ ପାଇଁକି
  ନକହି ପାରିକି ଆଖିଲୁହ ଢାଳି ହୁଏ ଅଥୟ ।

ବାପା କହୁଥିଲେ ମୋତେ କଣଦେବୁ
  ନିଜ ଗୋଡରେ ନିଜେ ଭଲକରି ହୁଅତ ଛିଡା
କେତେ ଇତିହାସ ଭୂଗୋଳ ଘୋଷି ମୁଁ
  ବେକାରୀ ଧାଡିରେ ସେମିତି ହୋଇଛି ଖାଡା ।

ଲୁହ ନାହିଁ ଆଉ ମୋ ବୋଉ ଆଖିରେ
  ସରାଗ ମୋଠାରେ କେବେଠାରୁ ଗଲାଣି ସରି
ପୁଞ୍ଜି ନାହିଁ ଅବାକଣ ବେପାର କରିବି
  ମଣିଷ ହୋଇକି ବଞ୍ଚିଛି ସତ କିନ୍ତୁ ଯାଇଛି ମରି ।

ISSN NO.
2582-208X

ପ୍ରେମିକା ମୋର ଏବେ ବିଦେଶରେ
ତାର ପିଲାମାନଙ୍କୁ ଦେଖାଏ କେତେ ସପନ
ମୋର ସପନ କେବେଠୁଁ ସରିଲାଣି
ଭାବୁଛି ଯିବି ଭିଟାମାଟି ଛାଡି ଏବେ ଦାଦନ ।

ପେଟଖଣ୍ଡ ପାଇଁ ସିନା ମରିବା ପର୍ଯ୍ୟନ୍ତ
ବଞ୍ଚିବାକୁ ହେବ ବାପାଙ୍କ ପ୍ରଦତ୍ତ ପରିଚୟ ଧରି
କିଛି ପାରିଲିନି ମୁଁ ଏହି ଜନମରେ ଯେ
ଆଶା ସମସ୍ତ ସ୍ଥିର ହୋଇଗଲା ହୋଇ ବେକାରୀ ।

ଉତରଙ୍ଗ, ଯାଜପୁର, ଓଡିଶା

ISSN NO.
2582-208X

# ସୃଜନର ବେଳା



ମହିମା ସାହୁ

ଝଡ଼ ପରର ନୀରବତା ପରି
ନୀରବି ଯାଇଛି ମାଟି,
ନୀରବି ଯାଇଛି – ଗଗନ, ପବନ ଆଉ ଉପବନ
ସତେ ଅବା ଆଜି ଆତଙ୍କିତ ....
ନଈ, ପାହାଡ଼ ଆଉ ମିଠା ମିଠା ଜହ୍ନରାତି,
ଆଜି ଘାସଫୁଲ ନିଜ ଯୌବନର ବିଜ୍ଞାପନ କରୁନାହିଁ
କି ବାଳସୂର୍ଯ୍ୟ ଧୋଇ ଦେଉନି
ତା ' ର ଅରୁଣିମାରେ ସକାଳକୁ
ଚାରି ଆଡ଼େ ଚୁପ୍ ଚାପ୍ ନିରବ ନିଥର।

ମୁହୂର୍ତ୍ତ ସବୁ ମୁହଁରେ ସ୍ମୃତିର ରଙ୍ଗ ମାରି,
ଅଜଣା ଅତିଥି ପରି ମୋ ଚାରିପଟେ ନୃତ୍ୟରତ
ପୀଡ଼ା ଦୂର କରିବାର ଚେଷ୍ଟା କରି ....
ପ୍ରକାରାନ୍ତରେ ପୀଡ଼ା ଦେଉଛନ୍ତି ।

ଜଲ୍ଲାଦର ନିର୍ଦ୍ଦୟତା ପରି
ଏଇ ସମୟଟା ତାଣ୍ଡବ କରୁଛି,
ଆଉ ମୁହିଁ ଭାରାକ୍ରାନ୍ତ ହୋଇ ମଧ୍ୟ ଆଗଭଳି ସୂର୍ଯ୍ୟୋଦୟ ଅପେକ୍ଷା ରେ ।

ISSN NO.
2582-208X

ମୋ ମୁହଁ ରେ ପରିତୃପ୍ତିର ଭାଷ
ସବୁଜ ସମ୍ଭାବନାରେ ଉଦବେଳିତ ଦୃଶ୍ୟ
ଆଉ ମୋ ସର୍ବାଙ୍ଗରେ ମଧୁର ଆଶ୍ଳେଷ,
ଏହା ବୋଧେ ସୃଜନର ବେଳା, ପ୍ରାପ୍ତିର ଉଲ୍ଲାସ
ଆଉ ବ୍ୟଥା ଦୂର ହେବାର ଜ୍ୱଳନ
ଏବେ ଖାଲି ଚାହେଁ ମୁହିଁ ତୁମ ଆଗମନ
ପୁଣି ତୁମ ଉଷ୍ମ ଆଲିଙ୍ଗନ ।

ସ୍ନାତକୋତ୍ତର ଓଡ଼ିଆ ଭଷା ଓ ସାହିତ୍ୟ ବିଭଗ (ଦ୍ୱିତୀୟ ବର୍ଷ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା

ISSN NO.
2582-208X

# କ'ଣ ସତରେ



ଝରଣା ବାରିକ

ଖରା ଦିନ ଆରମ୍ଭ ହୋଇଗଲେ ଆଇସକ୍ରିମ ବିକ୍ରି କରିବା ପାଇଁ ଗୋଟିଏ ଆଇସକ୍ରିମ ବାଲା ଆସେ। ଆଇସକ୍ରିମ ଗୋଟିଏ କୁ ପଚିଶ ପଇସା। ଆମେ ଭାଇ ଭଉଣୀ ପାଞ୍ଚ ଜଣ ଟଙ୍କା ଟିଏ ଦେଲେ ସିଏ ପାଞ୍ଚଟି ଆଇସକ୍ରିମ ବଢେଇ ଦିଏ। ମୋର ଗୋଟିଏ ଛୋଟ ଭାଇ ଥାଏ ତା ନାଁ ବାବୁନା । ଆଇସକ୍ରିମ ବାଲା କୁ ଦେଖିଲେ ତାର ଭାରି ଖୁସି । ମୋ ପାଖକୁ ଦୌଡି ଆସି କହିବ ଦିଦି ଆଇସକ୍ରିମ ବାଲା ଆସିଛି। ମୁଁ ଯାଇ କିଣି ଆଣେ ଆମେ ସମସ୍ତେ ମିଶିକି ଖାଉ। ମୁଁ ତାକୁ କହିଦେଇ ଥାଏ ମୁଁ ଯଦି ଘରେ ନ ଥାଏ ତମେ ମୋ ଭାଇ କୁ ଆଇସକ୍ରିମ ଦେଇକି ଯିବ।ସିଏ ବି ମୋ କଥାରେ ରାଜି ହୋଇଯାଏ।

କିଛି ଦିନ ହେଲା ଆଇସକ୍ରିମ ବାଲା ଆଉ ଆସୁନାହିଁ। ଆଉ ଯୋଉ ଆଇସକ୍ରିମ ବାଲା ଆସନ୍ତି ତାଙ୍କ କଥା ପଚାରିଲେ କିଛି କହନ୍ତି ନାହିଁ। ସେଦିନ ସଙ୍କ୍ରାନ୍ତୀ ହୋଇଥାଏ। ମୁଁ ମନ୍ଦିର ଯାଇଥାଏ। ଭୋଗ କିଣି ସାରି ଫୁଲ ଦୋକାନ କୁ ଯିବା ସମୟରେ କେହି ଜଣେ ପଛରୁ ଡାକିଲା ଏ ଝିଅ । ମୁଁ ବୁଲି ପଡି ଚାହିଁ ଲି  କଣ୍ଠ ସ୍ୱର ଟି ଚିହ୍ନା ଚିହ୍ନା ପରି ଲାଗୁଥିଲା। ହାତ ଠାରି ଇସାରା କଲା ତା ପାଖକୁ ଯିବାପାଇଁ। ପାଖକୁ ଯାଇ ଦେଖିଲି ସେଇ ଆଇସକ୍ରିମ ବାଲା । ପଚାରିଲି ମଉସା ତମେ ଏଠି! ପୁଣି ଫୁଲ ମାଳ ଆଉ ଦୀପ ବିକ୍ରି କରୁଛ। ଆଇସକ୍ରିମ ବେପାର କଣ ଭଲ ହେଲାନି।

ମଉସା ଆଖି ଛଳଛଳ କରି କହିଲେ ଭଲ ହେଉଥିଲା ରେ ମାଆ। ତତେ ଯେଉଁ ଦିନ ମୁଁ ପ୍ରଥମେ ଆଇସକ୍ରିମ ଦେଇ ଯାଏ। ସେଦିନ ମୋର ବଢିଆ ବେପାର ହୁଏ। ଖୁବ୍ ଶୀଘ୍ର ସବୁ ଆଇସକ୍ରିମ ସରିଯାଏ। ସେଇ ଖୁସିରେ ମୁଁ ତତେ ଅଧିକ ଗୋଟିଏ ଆଇସକ୍ରିମ ଦେଇ ଥାଏ। ସେଦିନ ଖୁବ୍ ଖୁସିରେ ମୁଁ ଘରକୁ ଫେରୁଥାଏ। ପଛ ପଟୁ ଗୋଟିଏ ମଟର ସାଇକେଲ ଆସି

ISSN NO.
2582-208X

ମତେ ବାଡ଼େଇ ଦେଲା। ମୁଁ ଛିଟକି ପଡିଲି । ମୋ ଗୋଡ଼ ଭାଙ୍ଗିଗଲା। ବୟସ ଅଧିକ ହେଇ ଥିବାରୁ ହାଡ଼ ଟିଆଉ ଜଏଣ୍ଟ ହେବ ନାହିଁ ବୋଲି ଡାକ୍ତର କହିଲେ । ସେଥିପାଇଁ ସାଇ କେଲ ଚଳେଇବା ଭାରି କଷ୍ଟ ହେଉଛି। ଗୋଡ଼ ଟିକେ ଭଲ ହେଲା ପରେ ମନ୍ଦିର ରେ ଫୁଲ ବିକ୍ରି କରୁଛି ଲୋ ମାଆ। ତୁ ମୋଠୁ ଗୋଟିଏ ଫୁଲ ମାଳ ନେ, ଏପର୍ଯ୍ୟନ୍ତ ବଉନି ପଡିନି। ତୋ ହାତରୁ ବଉନି ହେଲେ ମୋର ସବୁ ମାଳ ବିକ୍ରି ହେଇଯିବ। ମୁଁ ଦୁଇଟି ମାଳ ନେଇ ମନ୍ଦିର ଭିତରକୁ ଗଲି। ସେଦିନ କାହିଁକି କେଜାଣି ସେହି ମଉସା ଙ୍କ ପାଇଁ ଠାକୁରଙ୍କୁ ଡାକିଲି। ମନ୍ଦିର ରେ ସେଦିନ ଭାରି ଭିଡ଼ ହେଇଥାଏ। ଭୋଗ ସାରି ଆସିଲା ବେଳକୁ ମୋର ଟିକେ ଡେରି ହେଇଗଲା। ମଉସା ଙ୍କୁ ଭୋଗ ଦେବାକୁ ତାଙ୍କ ପାଖରେ ପହଞ୍ଚିଲି। ସେଠି ମଉସା ଆଉ ନଥିଲେ। ପାଖ ଫୁଲ ଦୋକାନୀ ଠୁ ବୁଝିଲି । ସେ କହିଲା ତାଙ୍କର ଫୁଲ ଦୀପ ସରିଗଲା ସେ ଚାଲି ଗଲେଣି।

ମୁଁ କିନ୍ତୁ ଭାବୁଥିଲି ସତରେ କ'ଣ ଏମିତି ହୁଏ ?

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X

# ପରିବର୍ତ୍ତନ



ପ୍ରକାଶ ଚନ୍ଦ୍ର ପଣ୍ଡା

ଏ ଜାତି ଭୁଲିଛି ଆଜି ତା ମାଟିର ଭାଷା
ଏ ମାନବ ଭୁଲିଛି ତା କୂଳର ବେଉଷା
କୂଳବୋହୁ ଦେଉନାହିଁ ମୁଣ୍ଡରେ ଓଢଣୀ
ନାତି ଆଉ ଶୁଣୁନାହିଁ ଆଇମା କାହାଣୀ ।

ଆଗପରି ଜଳୁନାହିଁ ଚଉର୍‌ରେ ଦୀପ
ସନ୍ଧ୍ୟାବେଳେ ବାଜୁନାହିଁ ମନ୍ଦିରରେ ଶଙ୍ଖ
ଶୁଭୁନାହିଁ ହୁଳହୁଳ ଶୁଭକାମ କାର୍ଯ୍ୟେ
ଆଧୁନକତାର ତାଳେ ନଜେ ନଜେ ହଜେ ।

ଭଗବତ ଟୁଙ୍ଗୀ ସବୁ ଭଗ୍ନାବଶେଷରେ
ଧର୍ମଶାସ୍ତ୍ର, ଗୀତା ଯଜ୍ଞ କେ ଅବା ପଗୃରେ ।
ଭୁଲିଛି ମାନବ ତାର ପୁରୁଣା ସଂସ୍କୃ ତି
ବାଟବଣା ଆଜି ଭାଷା ଦିଗହର୍‌ ଜାତି ।

ଆଧୁନକତା ନାଁଆରେ ଯେତେକ ଅନତୀ
କହିବାକ ଆକୁ ଆମ ଜାତିର ପ୍ରଗତି
ଆମ ପୂର୍ବପୁରୁଷଙ୍କୁ ଭୁଲିଯାଇ ଆମେ
ଜୟଧ୍ୱନୀ ଦେଉଛନ୍ତୁ ଆଉ କାହା ନାମେ ।

ISSN NO.
2582-208X

କାହିଁକ ଏ ହତାଦାର ତୋଷାମତ ଗୁଣ
ନିଜ ଟାଙ୍ଗିଆରେ ନିଜେ ନିଜ ଗୋଡ ହାଣ ।
ଏହି ମାଟି ମାଆର ଟେକ ପାଇଁ ଥରେ
ଗାଇଯିବା ମିଳମିଶି ଏକତାର ସୁରେ ।

ଏହିମାଟି ମା ଠାରୁ ନୁହେଁ କେ ମହାନ
ଭୁଲିବିନି କେବେ ତାକୁ ରଖିବି ତା ମାନ
ରଖିବି ତା ମାନ.........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି



ରାଜକିଶୋର ସାଇଁ

କିଏ ଗଢିଥିଲେ ଆମର
ଏ ସ୍ୱତନ୍ତ୍ର ଓଡିଶା,
କାନ୍ଦିଥିଲେ କିଏ ନିରେଖି
ଓଡିଆଙ୍କ ଦୁର୍ଦ୍ଦଶା ।୧।
କାହାପାଇଁ ଆମେ ପାଇଛେ
ଆମର ପରିଚୟ,
ଇତିହାସେ ଯୋଡିଥିଲେ କେ
ଏକ ନୂଆ ଅଧ୍ୟାୟ ।୨।
ଜାତିପ୍ରୀତି ରବି ଉଦୟ
ପାଇଁ ମନ ଆକାଶେ,
ଗଢିଥିଲେ କିଏ ଉତ୍କଳ
ସମ୍ମିଳନୀ ଏ ଦେଶେ ।୩।
ରାଇଜେ ଶିଳ୍ପର ବିକାଶ
ଦୂର ପାଇଁ ବେକାରୀ,
ଗଢିଥିଲେ ନିଜ ଚେଷ୍ଟାରେ
କେ ଉତ୍କଳ ଟ୍ୟାନେରୀ ।୪।
ରଚିଳିଜୟୀ କବିତା
ଜାତି ମଉଡମଣି,

ISSN NO.
2582-208X

ଜାଳିଥିଲେ ସବୁ ପରାଣେ
ଦେଶ ପ୍ରେମର ବହ୍ନି ।୫
ଦେଖି ପାରିଲେନି ତାଙ୍କର
ସପନର ଓଡିଶା,
ଜୀବନ ପାଣିର ଫୋଟକା
ତାକୁ କିବା ଭରସା ।୬ ।
ସେ ପରା ଉତ୍କଳ ଗୌରବ
ଓଡିଆ ତ୍ରାଣକର୍ତ୍ତା,
ସେ ନଥିଲେ ଆଜି ନଥାନ୍ତା
ଆମ ଓଡିଶା ସତ୍ତା ।୭ ।
ହେ ମୋ ପ୍ରିୟ ଭାଇ ଭଉଣୀ
ସର୍ବେ ଆସରେ ଆସ
ଶ୍ରଦ୍ଧା ସହ ଆମେ ପାଳିବା
ତାଙ୍କ ନୀତି ଆଦର୍ଶ ।୮ ।
ଫୁଟାଇଲେ ମିଶି ସଭିଙ୍କ
ମୁହଁରେ ଆମେ ହଅ,
ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ପାଇବେ
ସ୍ୱାଭିମାନୀ ପୁରୁଷ ।୯ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ପ୍ରତ୍ୟୁଷ



କୃଷ୍ଣ ଚନ୍ଦ୍ର ବାରିକ

ପୁରବୀ ପାଉଁଜି ବାଜେ ଛମ୍ ଛମ୍
ପୁଷ୍କର ମେଘର ପାଦେ
ପଶ୍ଚିମ ପଟରେ ମୁଠାଏ ଅବିର
ଲମ୍ବି ଯାଇ ଥାଏ ସ୍ୱେଦେ

ବିବର୍ଣ୍ଣା ସକାଳ କଚରି ମିଚରି
ସୁମନ ଶୋଭର ତାଳେ
ତାଳ ବଣ ଗା ଏ ମାଟିର ସଙ୍ଗୀତ
ଚଷା ନାଚେ ଖେତ ମାଳେ

ଦେହର ଦେଉଳେ ବାଜେ ଶୁଭ ଶଙ୍ଖ
ଘଣ୍ଟି ଘାଗର୍ ସ୍ୱନ୍ଦନ
କଦମ୍ବ ରୋମାଞ୍ଚ ଫଗୁଣର ଗାନ୍ଧେ
ନବ ପୁଲକତ ମନ

ବାଜେ ଯେବେ ତୋର ପାଉଁଜି ପାଦର
ମୋର ନାଟ୍ୟ ମଣ୍ଡପରେ
ଭୀତ ତ୍ରସ୍ତ ମନେ ଅସଂଖ୍ୟ ଆକାଂକ୍ଷା
ସ୍ୱେଦ ସିକ୍ତ ବଦନରେ

ISSN NO.
2582-208X

ସ୍ୱର୍ଗ ଅପସରୀ ଲଭିଲି କ ଆଜି
ଶୋଭି ସମ୍ଭାର ସଂଯୁକ୍ତା
ମହେନ୍ଦ୍ର ମୁହୂର୍ତ୍ତେ ପ୍ରଭାତିର ଛନ୍ଦେ
ଶାମୁକା ବୁକୁରୁ ମୁକ୍ତା

ପବିତ୍ର ପ୍ରତ୍ୟୁଷ ଖିଲି ଖିଲି ହସ
କୋଣାର୍କ କବିତା ମାଳ।
ଜନ ମନ ତୋଷେ ପାର୍ବଣ ସନ୍ତୋଷେ
ପ୍ରତିଭାର ଗ୍ବରୁ ଶିଳା ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ଆଲିଶାନ୍ ଘର

ସୁବିଜୟ, ମୋ' ପୁଅର ଅନ୍ତରଙ୍ଗ ବନ୍ଧୁ । ଦୁଇଜଣଙ୍କୁ ମୁଁ ପିଲାଟି ଦିନୁ ସବୁବେଳେ ଏକାଠି ଦେଖି ଆସିଛି । ସୁବିଜୟ ପ୍ରାୟତଃ ଶନିବାର, ରବିବାର ଦିନ ଆମ ଘରକୁ ଆସେ । ଦୁହିଙ୍କର ସମୟ ଖୁବ୍ ଆନନ୍ଦରେ କଟିଯାଏ । ଆମେ ସାଉଥ୍ ଦିଲ୍ଲୀରେ ରହୁ । ଦୁର୍ଗା ପୂଜା ପେଣ୍ଡାଲ୍‌ରେ ଯେତେ ପ୍ରକାର ସଂଗୀତ ପ୍ରତିଯୋଗିତା ହୁଏ, ସବୁଥିରେ ଦୁହିଁଙ୍କର ନାମ ଥାଏ। ପ୍ରତିଯୋଗିତା ମାନ ଭିନ୍ନ ଭିନ୍ନ ସମୟରେ । ବସରେ ଗଲେ ସବୁ ଗୁଡିକରେ ଯୋଗଦାନ ଦେଇ ପାରିବେନି । ତେଣୁ ମୁଁ ଦୁହିଁଙ୍କୁ ଗାଡିରେ ନେଇ ଯାଇଥାଏ ସୁବିଜୟ ବଡି ଭୋରୁ ଆମ ଘରେ ପହଞ୍ଚିଯାଇଥାଏ । ମଝି ରାସ୍ତାରେ 'ମାଲୋ' ଗାଡିରେ ଉଠିବ ବୋଲି କୁହନ୍ତି । ତେଣୁ ମାଲୋ ସହ ମୋର କଥା ବାର୍ତ୍ତା ହୋଇପାରେନା, ଦିନେ ପୁଅକୁ ପଚାରିଲି ଏ "ମାଲୋ" କେମିତିଆ ନାମ, ଦୁଇବନ୍ଧୁ ଉତ୍ତର ଦେଲେ "ମାରସ୍ ମାଲୋ" । ଆମେ ତାକୁ ଛୋଟ କରି ମାଲୋ ଡାକଥାଉ । ମେଡ଼ିକାଲ ପଢ଼ିବା ପାଇଁ ପୁଅ ବାଙ୍ଗାଲୋର୍‌ରେ ରହୁଥିଲା । ପ୍ରତି ଦୁଇମାସରେ ଥରେ ଆସେ । ସେ ପହଞ୍ଚିବା ପୂର୍ବରୁ ସୁବିଜୟ ପହଞ୍ଚି ଯାଇଥାଏ ।

ସେଦିନ ସେତା'ର ବନ୍ଧୁ ସୁପ୍ରଭକୁ ନେଇ ଘରକୁ ଆସିଥିଲା । ମାତ୍ର କୋଡ଼ିଏ ବର୍ଷର ପିଲାଟା। ଷାଠିଏ ବର୍ଷ ବୁଢ଼ା ଭଳି କଥାବାର୍ତ୍ତା କରୁଥିଲା । ତା' ବ୍ୟବହାରରୁ ମନେ ହେଲା ସେ ଖୁବ୍ ସଂସ୍କାରୀ । ତା' ପରିବାର ବିଷୟରେ ପଚାରିଲି । ଏତେଗୁଡ଼ାଏ ବିଷୟ ବର୍ଣ୍ଣନା କରିବା ମୋ' ପକ୍ଷରେ ସମ୍ଭବ ନୁହେଁ ଆଣ୍ଟି । ଆପଣ ଯେଉଁଦିନ ଫ୍ରି ଥିବେ ଆପଣଙ୍କ ନିକଟରେ "ରେକର୍ଡ଼େଡ୍ ମେସେଜ୍ ପ୍ଲେ କରାଇ ଦେବି ।" କହି ସେ ନିଜର ଅଇଁଠା ପ୍ଲେଟ୍‌ଟି ଟେବୁଲ୍ ଉପରୁ ଉଠାଇ ରନ୍ଧାଘର ବେସିନ୍ ଆଡ଼କୁ ଗଲା ।

ISSN NO.
2582-208X

ପୁଅ ଯିବାର ଗୋଟିଏ ସପ୍ତାହ ହୋଇ ଯାଇଥାଏ । ମନଟା ଖୁବ୍ ଅବଶ ଲାଗୁଥାଏ । ବାଲ୍‌କୋନୀରେ ଛିଡ଼ା ହୋଇ କୁଣ୍ଡରେ ଥିବା ଗଛମାନଙ୍କ ଉପରେ ହାତ ବୁଲାଉଥିଲି । ଦେଖିଲି ତା'ର ବାରଫୁଟିଆ ଗାଡ଼ିଟା ପାର୍କ କରୁଛି । ମନେ ମନେ ଟିକଏ ବିରକ୍ତ ପ୍ରକାଶ କଲି । ମା', ବାପା କେମିତି ପିଲାଟାକୁ ନଷ୍ଟ କରୁଛନ୍ତି । ଏଇ କଥା ଉପରେ ପୁଅ ମତେ କେତେ ଥର "ଚେତାବନୀ ଦେଇଛି" । ମାଲେ୍ କଛି କହିବନ ମା' । ସେ ଖୁବ୍ ଧନୀଘରର ପିଲା । ଆମମାନଙ୍କ ଭଳ ସରକାରୀ ଗ୍ଚାକରୀଆ ମାନଙ୍କ ଘରର ପୁଅ ନୁହେଁ । ଅଜସ୍ର ପଇସା । ଏଇଟା ତା' ବାପାଙ୍କର ସବୁଠାରୁ ଛୋଟ ଗାଡ଼ି । ତେଣୁ ତା' ଭାଗରେ ପଡ଼ିଛି ।"

"ଫ୍ରିଜ୍‌ରେ କଛି ଖାଇବାକୁ ଅଛି ଆଣ୍ଟି ? ବହୁ ଭୋକ ହେଲେ ଆପଣ ନଶ୍ଚୟ ଫ୍ରି ଅଛନ୍ତି । ଗଛ ପନ୍ର ମାନଙ୍କର ସେବା କରୁଥିଲେ ।" ଆଜି ଆପଣଙ୍କୁ ବାହାରେ ଦୁଇଘେ଼ା ବୁଲାଇ ଆଣିବି ।" ଏତେ ଗୁଡ଼ାଏ କଥା ଏକା ସଂଗେ କହି ପକାଇ ଶୋଫା ଉପରେ ରୀତିମତ ଗଡ଼ି ପଡ଼ିଲା । ଡାଇନଂ ଟେବୁଲ୍ ଉପରେ ଖାଇବା ପ୍ଲେଟ୍ ରଖି ତାକୁ ଡାକଲି । ଖାଉ ଖାଉ କହିଲା, "ଏବେ ଯିବା ଆଣ୍ଟି ?"

କୁଆଡ଼େ ଯିବା ଦରକାର ନାହିଁ ମାଲେ୍ । ଏଇଠି ବସି ଗପ କରିବା । ଆଜି ତୋ'ଠାରୁ ବହୁତ ଗୀତ ଶୁଣିବି । ପୁରୁଣା ହିନ୍ଦୀ ଗୀତ । ମାଲେ୍ ସ୍ପେଶିଆଲ୍ । ତୁମ ତିନଙ୍କୁ ପୂଜା ସମୟରେ ପୁରୁଣା ହିନ୍ଦୀ ଗୀତ ପ୍ରତିଯୋଗୀତା ପାଇଁ ଗୋଟିଏ ପେଣ୍ଡାଲରୁ ଅନ୍ୟ ପେଣ୍ଡାଲ ଦଉଡ଼ାଇ ଦଉଡ଼ାଇ ଭଲ କରି ଗୀତ ଶୁଣିବାର ସୁଯୋଗ ପାଇନାହିଁ । ଆଜି ନଶ୍ଚେ ଶୁଣିବି।

ପ୍ରଥମ କଥା ନାଁ ମାଲେ୍ ନୁହେଁ ସୁପ୍ରଭାତ ଆଣ୍ଟି, ଗୀତ ଆଉ ଦିନେ । ଆଜି ମୁଁ ସ୍ଥିର କରିଛି ଆପଣଙ୍କ ପ୍ରଶ୍ନ ଉତ୍ତର ପ୍ରାଞ୍ଜଳ ଭାବେ ଦେବି, ମୋ' ପରିବାର ବିଷୟରେ । ମନା କରନ୍ତୁନ। ଇଚ୍ଛା ନ ଥିଲେ ମଧ୍ୟ ସୁପ୍ରଭାତର କଥା ଭାଙ୍ଗି ପାରିଲିନ । ତା' ହାତରୁ ପ୍ଲେଟ୍‌ଟା ନେଇ ବେସିନ୍‌ରେ ରଖି ପାଦରେ ଜୋତା ଗଳାଇଲି ।

ଏଭର ଗ୍ରୀନ୍ ସ୍ୱିଟ୍ ହାଉସ୍ ପାଖରେ ସୁପ୍ରଭାତ ଗାଡ଼ି ପାର୍କ କଲା । ଏସିଆଡ୍ ଭିଲେଜ୍‌ରୁ ଗ୍ରୀନ୍ ପାର୍କ ଏଭର ଗ୍ରୀନ୍ ସ୍ୱିଟ୍ ହାଉସ୍ ଅତି ବେଶୀରେ ତିନ କଲେ୍ ମିଟର ହେବ । ଫଟ୍

ISSN NO.
2582-208X

କରି ପହଞ୍ଚି ଯାଇଥିଲୁ । ନିଜକୁ ନିଜେ ଲଜ୍ଜିତା ଅନୁଭବ କଲି । ପିଲାଟା ପେଟରେ ବହୁତ ଭୋକ ଥିଲା । ଭଲ କରି ଖାଇବାକୁ ଦେଇ ପାରିଲିନି । ମୁହଁ ଖୋଲିଲି । "ବୁଲାଇବୁ ପରା। ଏଠାରେ ଗାଡ଼ି ରଖିଲୁ ଯେ!"

ଆପଣ ଭାବୁଛନ୍ତି ଖାଇବା ପାଇଁ ପାଇଁ ଗାଡି ରଖିଲି । ଠୁସି ଠୁସି ଖୁଆଇଛନ୍ତି ଏଭରଗ୍ରୀନ୍ ଯିବାନି । ଏଇ ଯୋଉ ବିଲଡ଼ିଂଟା ଦେଖୁ ନାହାନ୍ତି ତା' ଉପରର ବର୍ଷାତିକୁ ଯିବା । ଦୁଇ ତିନିଟା ବିଲଡ଼ିଂ ଛାଡ଼ି ଅନ୍ୟ ବିଲଡ଼ିଂ ଆଡ଼କୁ ଆଙ୍ଗୁଠି ଦେଖାଇ ସୁପ୍ରଭାତ ଚାଲିଲା । କିଛି ନ ବୁଝି ବାଧ ଶିଶୁଟି ଭଳି ମୁଁ ତା' ପଛେ ପଛେ ଚାଲିଲି ।

ଚଢ଼ିବା ପାଇଁ କଷ୍ଟ ହେଲାନି ତ ଆଣ୍ଟି । ଆର୍.ପି.ସେଣ୍ଟରରେ ସବୁଦିନ ସାତ ତଳା ପର୍ଯ୍ୟନ୍ତ ଉଠି ଉଠି ଅଭ୍ୟାସ ଥିବ । ତେଣୁ ପଚାରି ନ ଥିଲି । କ୍ଷମା କରିବେ, ଆପଣ ଜେମା ସଂଗେ ଆଳାପ କରନ୍ତୁ । ମୁଁ ଜେମା ପାଇଁ କିଛି ଜିନିଷ ନେଇ ଆସୁଛି । "କହି ସୁପ୍ରଭାତ ବୃଦ୍ଧାଙ୍କ ହାତରୁ ଗୋଟିଏ ତାଲିକା ଏବଂ ବ୍ୟାଗ୍ ନେଇ ତଳକୁ ଓହ୍ଲାଇଲା । ଏସବୁ ମତେ ଏକ ପ୍ରହେଳିକା ଭଳି ମନେ ହେଉଥିଲା । କିଏ ଏଇ "ଜେମା" । କିଏ ଏଇ ବୃଦ୍ଧା ସୁପ୍ରଭାତର ଏମାନଙ୍କ ସହ କ'ଣ ସଂପର୍କ । ଖରାପ ଚିନ୍ତା ମଣିଷ ମନକୁ ପ୍ରଥମ କରି ଆସିଥାଏ । ମୁଁ ବି ତ ମଣିଷ ବାଦ୍ କେମିତି ଯାଇଥାନ୍ତି? ଟିନ୍ ଏଜର୍ ପିଲା ସୁପ୍ରଭାତ । ହୁଏତ ଏଇ ବୃଦ୍ଧାଙ୍କୁ ନାତୁଣୀ ଜେମାର ପ୍ରେମରେ ପଡ଼ିଛି । ଏମାନଙ୍କର ଆର୍ଥିକ ପରିସ୍ଥିତି ଦେଖି ମା' ବାପାଙ୍କୁ କହିବା ପାଇଁ ସାହସ କରୁନି । ମାତ୍ର ନିଜର ପ୍ରେମକୁ ବଜାୟ ରଖିବାର ପ୍ରୟାସ କରୁଛି ।"

ବୃଦ୍ଧାଙ୍କ ସ୍ୱରରେ ମୁଁ ଚିନ୍ତା ରାଜ୍ୟରୁ ଅବତରଣ କରିଥିଲି । ତୁମ ବିଷୟରେ ମୁଁ ସବୁଜାଣେ ମା' । ସୁବା କହୁଥିଲା ତୁମେ ଆମ ପରିବାର ସମ୍ବନ୍ଧରେ ଜାଣିବାକୁ ଆଗ୍ରହୀ ।

ସୁବା... ଆଶ୍ଚର୍ଯ୍ୟ ହୋଇ ମୁଁ ବୃଦ୍ଧାଙ୍କ ଆଡ଼େ ଚାହିଁଲି ।

ସୁପ୍ରଭାତ । ତୁମ ହିନ୍ଦୀରେ ମା' ତାକୁ ଅପଭ୍ରଷ୍ଟ କରି ସୁବାହା ଡାକୁ ଥିଲେ । ସେଇଠୁ ମୋ'ର ହେଇଗଲା ସୁବା । କହି ବୃଦ୍ଧା ଟିକଏ ସାମାନ୍ୟ ନୀରବ ରହିଲେ । କ'ଣ ପ୍ରଶ୍ନ

ISSN NO.
2582-208X

କରିବି ନ ଜାଣିପାରି କହିଲି, ସୁବା କୋଟିକରେ ଗୋଟିଏ । ପାଠ ସଂଗେ ସଂଗେ ସୁଗାୟକ ମଧ୍ୟ । ଭଗବାନ୍ ତାକୁ କୋଟି ପରମାୟୁ ଦିଅନ୍ତୁ । ମୋ' ଆୟୁଷ ତାକୁ ଲାଗିଯାଉ ।

ଆମ ପରିବାର ବିଷୟରେ କହୁଛି । ରାମ, ଲକ୍ଷ୍ମଣ ଭଳି ମୋର ଦୁଇ ପୁଅ । ଆକାଶ ଆଉ ଆଲୋକ । ଆକାଶର ପତ୍ନୀ ଜାନକୀ । ସୀତା ମାତାଙ୍କ ଠାରୁ କୋଉ ଗୁଣରେ କମ ନୁହେଁ। ଆଲୋକର ପତ୍ନୀ ସୁମିତ୍ରା ନାଁକୁ ମାତ୍ର ପତ୍ନୀ ଥିଲା । ବାହାଘରର ବର୍ଷଟାଏ ନ ପୂରୁଣୁ ସୁପ୍ରଭାତକୁ ଜନ୍ମଦେଇ ସେ ଇହଧାମ ତ୍ୟାଗ କରିଥିଲା । ସେଇ ଥିଲା ଆମ ପରିବାର ଶାନ୍ତିର ଅଧୋପନେ ।

ସୁପ୍ରଭାତକୁ କଏ ବଡ଼ କଲା ମାଉସୀ?

କହନ୍ତୁ ନା ମୂଳଠାରୁ ସୁଧ ବେଶି ମହତ୍ୱପୂର୍ଣ୍ଣ । ମୋ'ରି କୋଡ଼ରେ ସେ ମାସକରୁ ବଡ଼ ହୋଇଛି । ଶାନ୍ତି... ସୁବାର କନଅା ମା' । ଅର୍ଥାଭାବରୁ ତା' ବାପା ତା'ର ବାହାଘର କରେଇ ପାରୁ ନ ଥିଲା । ରନ୍ଧାବଢ଼ା କରି ଘର ଘର "ଟିଫିନ୍" ବାଣ୍ଟିବା ଶାନ୍ତିର ପେଷାଥିଲା। ଆଲୋକ ଅଫିସର କେହି ଜଣେ ସହକର୍ମ୍ମୀ ଏଇ ପ୍ରସ୍ତାବଟି ଦେଇଥିଲେ । ମୁଁ ନିଜେ ଆଲୋକ ସଂଗେ ଯାଇ ଝିଅଟିକୁ ବୋହୂ କରି ନେଇଆସିଥିଲି । ଦିଲ୍ଲୀର ଉଚ୍ଚବର୍ଗୀୟ ସ୍ଥାନରେ ଆଲିଶାନ ବିଲଡ଼ିଂ । ଶତ୍ରୁ ଶଙ୍କିଲା ଭଳି । ତଳେ ଆମେ ରହୁଥିଲୁ । ବଡ଼ପୁଅ ଆକାଶ ପ୍ରଥମ ତଳା ଏବଂ ଆଲୋକ ଦ୍ୱିତୀୟ ତଳା । ସୁବା ମୋ' ପାଖରେ । ରନ୍ଧା ବଢ଼ା ତଳେ ହୁଏ । ଖାଇବା ସମୟରେ ସମସ୍ତେ ଏକାଠି ହୁଅନ୍ତି । ଆଲୋକର ଦ୍ୱିତୀୟ ବିବାହର କେତେଦିନ ପରେ । ବଡ଼ବୋହୂ ଆସି ମୋ' ପାଖରେ ବସିଲା । "ଟିକଏ ଗୋଡ଼ ଘଷି ଦେବି କି ମା'!"

"ଜାମିନୀ ଆଜି ଆସିବନି କି?"

"ପିଲା ଦୁହେଁ ଆମେରିକା ଗ୍ଲିଯିବା ପରେ ଘରେ ଏକା ଏକା ଲାଗୁଛି ।"

ISSN NO.
2582-208X

ନଜ କାମରେ ମନ ଦେ । ପିଲାଙ୍କ ପଛରେ ଲାଗି ଆକାଶର ଦେଖାଶୁଣା ଭଲରେ କରି ପାରିନୁ । ମା' କେତେଦିନ କରିବ! ମୁହଁ କାହିଁକି ଶୁଖେଇଛୁ । ଜାଣିଛି ଲୋ ମା', ଯେତେହେଲେ ମା' ମନ ତ । ପିଲାଙ୍କୁ ଝୁରୁଛି ।

ଅବନୀ, ଆସ୍ଥାଙ୍କ ସଂଗେ ପ୍ରତିଦିନ କଥା ହେଉଛି ମା' । ଖୁବ୍ ଭଲ ଅଛନ୍ତି । ଗୋଟାଏ କଥା କହିବି ମା'?

କହୁନୁ । ଏଥିପାଇଁ କ'ଣ ଆଜ୍ଞା ଦରକାର । ତୁ ପରା ମୋ' ଗେହ୍ଲେଇ ଝିଅଟା...

ଶାନ୍ତୁ...

କ'ଣ ହେଲା ଶାନ୍ତୁର! ଚୁପ୍‌ଚାପ୍ ଝିଅଟା । ବେଶୀ କଥା କହେ ନା । ମୁଁ ତ ଦୁଇତାଲାକୁ ଉଠି ପାରୁନ । ତୁ ତା' ପାଖକୁ ଟିକଏ ବେଶୀ ଯିବା ଆସିବା କରୁନୁ । ଦେହ ଭଲ ଅଛି ତ!

ଦେହ ଭଲ ଅଛି ଯେ, ମାତ୍ର କହୁଥିଲା ଏତେଥର ତଳକୁ ଖାଇବାକୁ ଆସିବାକୁ ପଡୁଛି ଡାକ୍ତର ତାକୁ ବେଶୀ ସିଢ଼ି ଚଢ଼ିବାକୁ ମନା କରିଛନ୍ତି ।

କ'ଣ କଛି ଖୁସି ଖବର! ହଁ ବୟସ ଟିକଏ ବେଶୀ ହେଇଯାଇଛି ତ । ପ୍ରଥମ ଛୁଆ । ତାକୁ ସାବଧାନରେ ରହିବାକୁ କହ । ମୁଁ ବି ଆଜି ଆଲୋକକୁ କହିବି । ବାଇଆଟା । ବୋହୂ କଥା ବୁଝୁନ । ଖାଲି କାମ କାମ... ପଇସା, କ'ଣ ହବ ଏତେ ପଇସା ।

ତା' ନୁହେଁ ମା'...

ତେବେ କ'ଣ? ଖୋଲି କରି କହୁନୁ ।

ତା' ରନ୍ଧା ଘର ସେ ଉପରେ ଚଳାଇବାକୁ ଚାହୁଁଛି । ସତେ ଯେମିତି ମତେ କିଏ ଧକ୍କାଟାଏ ପକାଇଲା । ଟିକଏ ରହି କହିଲି, "ଆଲୋକ ଜାଣିଛି ତ?"

ISSN NO.
2582-208X

ଶାନ୍ତ କଥାରୁ ଆଲୋକ ବାହାରି ଯିବେନ ।

୧୯ ସେପ୍ଟେମ୍ବର ୧୯୮୯ ପ୍ଲେନ୍ କ୍ରାସ୍ ବିଷୟରେ ତ ଜାଣିଥିବ ମା' । ଇଉ.ଟି.ଏ ଫ୍ଲାଇଟ୍ ୭୭୨! ସାହାରା ଡ଼େଜର୍ଟ ଉପରେ ଉଡୁଥିବା ସମୟରେ ଦୁର୍ଘଟଣା । ଦୁର୍ଘଟଣା କଥା କହୁଛନ୍ତୁ ତ! ଯାହାର ଯୋଜନା ଲିବିଆନ ଟେରୋରିଷ୍ଟ ଦ୍ୱାରାରଚତ ହୋଇଥିଲା । ମାକ୍ ଡ଼ୋନେଲ୍ ଡଗଲାସ ପୁରା ପୁରି ଭସ୍ମ ହୋଇ ଯାଇଥିଲା । ୧୫୬ ପ୍ୟାସେଞ୍ଜର, ୧୪ ଜଣ କ୍ରୁଙ୍କ ସମେତ ଆମେରିକାନ ଆମ୍ବାସାଡ଼ରଙ୍କର ପତ୍ନୀ ମଧ... ଆଉ ମୋ' ଆକାଶ ମଧ ।

ବୃଦ୍ଧା ଆଖି ପୋଛିଲେ । ମୋ' ମୁହଁରେ ଭାଷା ନ ଥିଲା । ଆଲୋକକୁ ମୁଁ ସବୁବେଳେ ଫୁଲା ଫାଙ୍କିଆ କହିଥାଏ । ବଡ଼ବୋହୂ ପୁଅ, ବୋହୂ ଦୁହିଙ୍କ କାମ ସମ୍ଭାଳଲା । ନିଜେ ସ୍ୱାମୀ ହରେଇବା ଦୁଃଖ ଭୁଲି ମୋତେ ପୁତ୍ରହରା ଦୁଃଖ ଲାଘବ କରିବା ପାଇଁ ପ୍ରୟାସ କରୁଥିଲା । ଦୁଃଖ ଉପରେ ଦୁଃଖ ଦେବା ବୋଧେ ଭଗବାନଙ୍କର ନୀତି । ରମା ପକ୍ଷାଘାତ ରୋଗର ଶୀକାର ହେଲା । ରାତି ଖାଦ୍ୟ ରାନ୍ଧୁଣୀଆ ଟେବୁଲ୍ ଉପରେ ରଖିଲା । ମୋ' ପାଇଁ ବାଢ଼ିବାକୁ ମନା କଲି । ମୁଁ ରମା ପାଖରେ ବସି ଖାଇବି । ଏଇ କଥା ପଦକରେ ଶାନ୍ତ ଖୁସିରେ ଡ଼େଇଁ ପଡ଼ିଲା ଯେମିତି । ମୁଁ ଆଲୋକଙ୍କୁ ସେଇଆ କହିବାକୁ ଭାବୁଥିଲି, ମାତ୍ର କହି ପାରୁ ନ ଥିଲି। ଉପର ଘରେ(ଦୁଇ ମହଲା) ରନ୍ଧାର ସବୁ ବ୍ୟବସ୍ଥା ଅଛି । ନାନୀଙ୍କୁ ସେଇଠିକୁ ସିଫ୍ଟ କରେଇଦେବା । ଆପଣ ମଧ ସେଇଠିକୁ ଚାଲିଯାଆନ୍ତୁ । ରାନ୍ଧିବା ଲୋକ ତ ଅଛି ।

ସୁବା କ'ଣ ତା' ରୁମ୍ ଛାଡ଼ି ଯିବାକୁ ରାଜି ହେବ ?

ପ୍ରଭାତ ଆଲୋକଙ୍କର ରକ୍ତ । ଆଉ ମୁଁ ଆଲୋକଙ୍କର ପତ୍ନୀ । ତେଣୁ ଆମ ପୁଅ ଆମ ପାଖରେ ରହିବ । ଆମେ ତଳ ମହଲାକୁ ଆସିଯିବୁ ତା'ଛଡ଼ା ପ୍ରଥମ ମହଲା ଘରେ ଏତେ ଝାଡ଼ା ପରିସ୍ରା ଗନ୍ଧ ହେଉଛି ଯେ ସେଠାରେ ଏବେ କେହି ରହିବା ସମ୍ଭବ ନୁହେଁ ।

କେତେ ମାସ ପରେ – ମନେ ହେଲା ପ୍ରଥମ ମହଲାରେ କେହି ରହୁଛନ୍ତୁ । କାମବାଲୀକୁ ପଚାରିଲି । ଶାନ୍ତର ବଡ଼ ଭଉଣୀ ରହୁଛି ବୋଲି କହିଲା । ବୋଧେ କେତେଦିନ ପାଇଁ

ବୁଲିବାକୁ ଆସିଛନ୍ତି । ଭଦ୍ରତା ଦୃଷ୍ଟିରୁ ତାଙ୍କୁ ଦେଖା କରିବାକୁ ଗଲି । ଦୁଇ ଭଉଣୀ ଗପସପରେ ବ୍ୟସ୍ତ ଥିଲେ ।

ପ୍ରଭାତକୁ ଶାଶୁ ହାତରେ ଦେଇ ବଡ଼ ଭୁଲ୍ କରିଛୁ ଶାନ୍ତି, ଆଉ ସେ ବଡ଼ ହୋଇ ତୋ ଆକଟରେ ରହିବ ।– ସେଥିପାଇଁ ତୁ ଚିନ୍ତା କରନା ନାନୀ, ତାଙ୍କର ଜନ୍ମିତ ପୁଅକୁ ଯଦି ତାଙ୍କଠାରୁ ଅଲଗା କରି ପାରିଲି, ଇଏ ତ ଆଲୋକଙ୍କର ପୁଅ । ସେଇଠି ମୋ' ପାଦ ଅଟକି ଗଲା, ଭିତରକୁ ଯାଇ ପାରିଲିନି । ନା ଡାକ୍ତର, ନା ଔଷଧି, ମଉଷଧି । ବିଛଣାରେ ପଡ଼ି ପଡ଼ି ଦିନେ ଗାଳକୀ ଆଖି ବୁଜିଲା ।

ପୁଣି ଦିନକର କଥା । ଶାନ୍ତି ମୋ' ପାଖରେ ଆସି ବସିଲା । ଚାରିଆଡ଼କୁ ଥରେ ଆଖି ବୁଲାଇ କହିଲା, ଏହାର ମଧ୍ୟ ସଫାଇ ଦରକାର । ମୁଁ କିଛି ନ କହି କେବଳ ତା' ମୁହଁକୁ ଚାହିଁଲି । ଶାନ୍ତି ପୂର୍ବ ଭଳି କହି ଚାଲିଲା, ଆପଣ ତ ଜାଣିଛନ୍ତି ଆଜିକାଲିକା ପିଲା ମା', ବାପା ପାଖରେ ବନ୍ଧା ଗାଈ ହୋଇ ରହିବାକୁ ଚାହାନ୍ତିନି । ନାନୀ ପୁଅର ବାହାଘର ପରେ ତାକୁ ଏଇ ମହଲଟା ଦେଇ ଦେବାକୁ ସ୍ଥିର କରିଛି । ଆପଣଙ୍କ ପାଇଁ ଆଲୋକ ଗ୍ରୀନ୍ ପାର୍କରେ ଗୋଟିଏ ଖୁବ୍ ଭଲ ଘର ଦେଖିଛନ୍ତି । ଆପଣଙ୍କ ପୂଜା ପାଠରେ ବ୍ୟାଘାତ ଘଟିବନି । ଭଡ଼ା ଦିଆ ସରିଛି । ଯେଉଁଦିନ କହିବେ ଆଲୋକ ନେଇ ଆପଣଙ୍କୁ ଛାଡ଼ି ଦେଇ ଆସିବେ । ଏଇ ହେଉଛି ସେଇ ଆଲିଶାନ୍ ଘର । ଏଇଠି ଆଠବର୍ଷ କଟିଗଲାଣି । ପାରୁଥିଲା ଯାକେ ତଳକୁ ଯାଇ ନିଜର ଦୈନନ୍ଦିନ ବ୍ୟବହାର ଜିନିଷ ପତ୍ର କିଣି ଆଣୁଥିଲି । ଗଲା ସାତବର୍ଷ ହେଲା ସୁବା ସେଇ କାମକୁ ଆବୁରି ନେଇଛି । ପ୍ରତ୍ୟେକ ସପ୍ତାହରେ ଥରଟେ ଆସି ଜିନିଷ ପତ୍ର କିଣି ରଖି ଦେଇଯାଇଥାଏ । ମଝିରେ ମଝିରେ ଫୋନ୍ କରେ । ଆଉ କିଛି ଦରକାର ଥିଲେ ଆଣି ଦେଇଯାଏ । ମତେ ତା'ର ଋଣୀ କରିଦେଉଛି । ବୃଦ୍ଧାଙ୍କ କଥା ଶୁଣି ମୁଁ ପୁରାପୁରି କାଠ ପାଲଟି ଯାଇଥିଲି । ସୁପ୍ରଭାତର ଜୋତା ଶବ୍ଦରେ ମୁଁ ପ୍ରକୃତିସ୍ଥ ହେଲି ।

ଏଇ ଦୁଇଟା ପ୍ୟାକେଟ୍ କେଉଁଠି ଭଲରେ ରଖିଦିଅ ଜେମା । ଡାଲି, ଚାଉଳ ପରିବା ମୁଁ ସଜାଡ଼ି ରଖି ଦେଉଛି । ତୁ ମାଉସୀକୁ ନେଇ ଯା'ରେ ବାଇଆ । ମୁଁ ସେସବୁ ରଖିଦେବି । ତୁମ ଯୋଗେ ଏ ସବୁ ହେବନି ଜେମା । କହି ସୁପ୍ରଭାତ ଜିନିଷ ରଖିବା ଆରମ୍ଭ କଲା ।

ISSN NO.
2582-208X

ଆଉ ଜାଣିଛ ମା', ତା'ର ଭାଇ ଭଉଣୀ ଦିଟା କାନାଡ଼ାରେ ରହୁଛନ୍ତି । ଆଲୋକ ୟା'ର ଯିବା ପାଇଁ ସବୁ ବ୍ୟବସ୍ଥା କରିଥିଲା ଋଜିହେଲାନ । ଜେମାକୁ ଛାଡ଼ି ମୁଁ କୁଆଡ଼େ ଯିବିନ । ଏଇଠି ଦିଲ୍ଲୀ ୟୁନଭରସିଟିରେ ପଢ଼ିବି ।

ଥରେ ବୃଦ୍ଧାଙ୍କ ମୁହଁକୁ ଆଉଥରେ ସୁପ୍ରଭାତ ମୁହଁକୁ ଗ୍ଭହିଁ ଯିବା ପାଇଁ ଉଠି ଛିଡ଼ାହେଲି । ରବିବାର ଦିନ ଆଉଥରେ ଆସିବ କହି, ମୋ' ସହ ସିଢ଼ିରେ ତଳକୁ ଓହ୍ଲାଇଲା । ସୁପ୍ରଭାତ।

## ଦୁଃଖ ସାଗରରେ ସନ୍ତରଣ

### ଜୀବନ ଓ ଜୀବିକା ମଧ୍ଯରେ ପ୍ରିୟଜନ –

କହନ୍ତି ଯେତେବେଳେ ମଣିଷମାନେ ଜୀବନ ଓ ଜୀବିକା ପଛରେ ଅଣନିଃଶ୍ୱାସୀ ହୋଇ ଧାଇଁଥାନ୍ତି ଅନ୍ୟ ପାଇଁ କାହା ପାଖରେ ସମୟ ନ ଥାଏ! ଏଇଟା କେବଳ ଲୋକ କଥା ନୁହେଁ, ମୁଁ ତା'ର ଜୀବନ୍ତ ପ୍ରମାଣ । ତାହା ନ ହୋଇଥିଲେ ମୋ'ର କୋମଳମତି ସରଳା ଭଉଣୀଟି କ'ଣ ପିଲାଟିକୁ ଜନ୍ମ ଦେଇସାରି ମୃତ୍ୟୁବରଣ କରିଥାଆନ୍ତା । ପୁଣି ଆସିବା ଦେବଙ୍କଠାରୁ ଉଚ୍ଚ ପିତାଙ୍କ ନିକଟକୁ । ସଂସାର ଆଖି ଆଗରେ ସଂପୂର୍ଣ୍ଣ ସୁସ୍ଥର ଦ୍ୱାହି ଦେଇ ନିଜ ସ୍ୱାର୍ଥ ପୂରଣ କରିବା ପାଇଁ ତାଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇ ଥାଆନ୍ତି । ଶେଷରେ ଥିଲା ନାନୀ, ଯାହାର ଶତବାର୍ଷିକୀ ଦେଖିବାର ଲୁପ୍ତ ଅଭିଳାଷା ରଖିଥିଲେ ମଧ୍ଯ ତାହା କ'ଣ କାର୍ଯ୍ୟରେ ପରିଣତ କରି ପାରିଥିଲି । ମୃତ୍ୟୁ ପୂର୍ବରୁ ତାକୁ ଜଳନ୍ତା ନିଆଁରେ ଦଗ୍ଧ କରାଉଥିଲେ ମଧ୍ଯ ମୃତ୍ୟୁ ପରେ ତା' ମୁହଁରେ ନିଆଁ ଟିକିଏ ଦେବାପାଇଁ ମଧ୍ଯ ହାର ମାନିଯାଇଥିଲି । ଏଇ ସବୁ ପାଇଁ ଦାୟୀ କିଏ? ମୋ'ର ଅପାରଗତା କିମ୍ବା ନିଜର ସ୍ୱାର୍ଥ!

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଫେରିଆସନ୍ତ କ ଥରେ



ଜନ୍ମଜୟ ନାୟକ

ଫେରି ଆସନ୍ତ କ ଜହ୍ନ ଜୋଛନାରେ
ମନ ଅଗଣାକୁ ଥରେ,
ଭିଜେଇ ଦିଅନ୍ତ ସୁଶୀତଳ ଧାରେ
ପ୍ରେମାସିକ୍ତ ପୁଲକରେ ।
ସ୍ମୃତି ତବ ହାତ ଠାରେ,
ସତେକ ଗ୍ଧତକ ଭିଜିବ ପ୍ରାଙ୍ଗଣେ
ଆଶା କେତେ ଉଙ୍କି ମାରେ ।।

ଫେରି ଆସନ୍ତ କ ପାହାନ୍ତ ସପନେ
ସାଜି ମୋ ସପନ ରାଣୀ,
ସତ ନ ହେଲେ ବି ସପନରେ ଥରେ
ପାଶେ ନଅ ତୁମ ଟାଣି ।
ପ୍ରିୟତମା ମୋର ଜେମା,
ସାଜିବି ସପନ ସୌଦାଗର ତୁମ
ଖୁସିର ନଥିବ ସୀମା ।।

ଫେରି ଆସନ୍ତକ ବରଷା ସାଥିରେ
ସାଜି ତୁମେ ସୌଦାମିନୀ,
ତୁମ ଚମକରେ ଅମା ଅନ୍ଧକାରେ
ଜଳନ୍ତା ପ୍ରେମର ବହ୍ନି ।

ISSN NO.
2582-208X

ଆଜିବି ମୁଁ ପ୍ରତୀକ୍ଷାରେ,
ତବ ପରଶ ପାଇଁ ରହିଛି ଗୁହିଁ
ଫେରି ଆସନ୍ତ କ ଥରେ ।।

ଫେରି ଆସନ୍ତ କ ଗୋଧୂଳ ଲଗନେ
ହୃଦ ଉପବନେ ମୋର,
ମହକରେ ତୁମ ଶିହରି ଉଠନ୍ତା
ଛାତି ତଳ କାର୍‌ଗାର ।
ଆଗୋ ଅଭିମାନୀ ମୋର,
ବିରହ ଫଗୁଣ ନକ୍ଷେପ କରିଣ
ଫେରି ଆସ ଏଇ ଥର ।।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

ISSN NO.
2582-208X

# ଜହ୍ନ ଟିଏ ମୋତେ କର



ନନ୍ଦିନୀ ରାଉତ

ଜହ୍ନ ଟିଏ ମୋତେ କରିଦିଅ ପ୍ରଭୁ
ସୁଶୀତଳ ଛାୟା ଦେବି
ଆକାଶ ରେ ରହି ସବୁ ପ୍ରାଣୀ ଙ୍କର
ଦୁଃଖ ସୁଖେ ଭାଗୀ ହେବି...... 1

ପଥ ଦେଖାଇବି ଅନ୍ଧାର ରାତିରେ
ପଥ ହରା ପାଥିକ ଙ୍କୁ
ଶୀତଳତା ଦେବି ପୃଥିବୀ ରେ ଥିବା
ସବୁ ଜୀବ ଜଗତ କୁ... 2

ସ୍ଥାବର ଜଙ୍ଗମ କୀଟ ତରୁ ତୃଣ
ପାଇବେ ପରଶ ମୋର
ଧନ୍ୟ ହୋଇଯିବି ପର ଉପକାରେ
ଧନ୍ୟ ହେବ ମୋ ଶରୀର.... 3

ଜହ୍ନ ଟିଏ ମୋତେ କର ମହାପ୍ରଭୁ
ସତ୍ୟ ଶାନ୍ତ କଥା କହି
ମାନବ ମନ ରୁ ହିଂସା ଦ୍ୱେଷ କ୍ରୋଧ
ସବୁ କୁ ଦେବି ଦୂରେଇ...... 4

ଶତ୍ରୁ ଆଉ କେହି ରହିବେନ ମୋର
ସଭିଙ୍କୁ କରିବି ବନ୍ଧୁ
ଏତିକ ସୁଦୟା କର ମୋ ଉପରେ
ତୁମେ ପରା କୃପାସିନ୍ଧୁ.... 5

ବାଲିପଟା, ଅନୁଗୁଳ

ISSN NO.
2582-208X

# ପ୍ରଜାପତି



ଅଲେଖ ମେହେର

କେଡେ ଜତନରେ   ଅମୃତ ବେଳାରେ
ସୃଜିଲେ ତତେ ବିଧାତା,
ଫୁଲ ଗହଣରେ   ମନ ଉଚ୍ଛାଟରେ
ଲ୍ଗୁଛୁ ଜଗତଜିତା।
ବିଲୋ୍କଲେ ରୂପ   ଲ୍ଗିଯାଏ ଛାପ
ଗହନ ହୃଦ ପ୍ରଦେଶେ,
ଅଫୁରନ୍ତ ଶୋଭ୍   ସପ୍ତରଙ୍ଗ ଆଭ୍
ବଇଦୁର୍ଯ୍ୟ ରତ୍ନ  କ 'ସେ ।
ଫୁଲରୁ ଫୁଲକୁ   ମଧୁ ପିଇବାକୁ
ଯାଉ ଯେତେବେଳେ ଉଡ଼ି,
ମନର ଉଚ୍ଛାଟେ   ଏ ଭ୍ବ ଉକୁଟେ
ଧରନ୍ତୁ କ ବାହୁ ଭିଡ଼ି।
ହସ୍ତ ଲମ୍ବି ପୁଣି   କ୍ଷାନ୍ତ ହୁଏ ଜାଣି
କୋମଳ ପକ୍ଷତୋ' ଦୁଇ,
କରସ୍ପର୍ଶେ ମୋର   କାଳେ ହେବ ଚୁର
ବିଭୁଦତ୍ତ ରୂପ ନଇ।
ସପତ ସାଗର   ଜିଣଇ ଗଭୀର
ଅଙ୍ଗ ବଲ୍ଲରୀର ଶୋଭ୍,
କ୍ଷଣିକ ଦର୍ଶନେ   ମାନବ ପର୍‌ଣେ
ମଧୁମୟ ମନ ଲୋ୍ଭ୍।

ସୋହେଲା, ବରଗଡ

ISSN NO.
2582-208X

# ଖୋଲାହସର ମହକ

ପ୍ରତାପ ଚନ୍ଦ୍ର ସାମଲ

ଯେଉଁଦିନ ଭର୍ଚୁଆଲ ମିଟିଂରେ ନିଷ୍ପତ୍ତି ହେଲା ଯେ, ଆସନ୍ତା ମାସ ଶେଷ ସପ୍ତାହରେ ସମସ୍ତେ ଆସି ଘରେ ପହଞ୍ଚିବେ ଆଉ ଅତି କମରେ ପନ୍ଦର ଦିନ ରହିବେ; ସେବେଠାରୁ ଲତିକା ଦେବୀଙ୍କ ମନରେ ଖୁସି ପହଁରିଯାଉଛି । ଏତେ ଦିନ ପରେ ସବୁ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି – ନାତୁଣୀ ଏକାଥରକେ ପନ୍ଦର ଦିନ ରହିବେ। ପିଲାଙ୍କ କୋଳାହଳରେ ଏ ଘର ଉଛୁଳି ଉଠିବ ।

ତିନି ପୁଅ ଓ ଗୋଟିଏ ଝିଅରେ ତାଙ୍କ ପରିବାର। ସାତ ଜଣ ନାତି ନାତୁଣୀ। ଭାଗ ବାଣ୍ଟିଲା ପରି ସମସ୍ତଙ୍କର ପୁଅଟିଏ ଝିଅଟିଏ । ଖାଲି ମଝିଆଁ ପୁଅର ଗୋଟିଏ ଝିଅ । ବୋହୂର ଗାଇନିକ ପ୍ରୋବ୍ଲେମ୍ ଯୋଗୁଁ ଡାକ୍ତର ମନା କରିଛନ୍ତି ଦ୍ୱିତୀୟ ସନ୍ତାନ ପାଇଁ।

ଯଥା ସମୟରେ ଫ୍ଲାଇଟ୍ ଲାଣ୍ଡିଙ୍ଗ କରିଛି । ଘରେ ପହଞ୍ଚିଯାଇଛନ୍ତି ପୁଅ ବୋହୂ, ଝିଅ ଜ୍ୱାଇଁ ଓ ଗେହ୍ଲା ନାତିନାତୁଣୀ। ଲତିକା ଦେବୀ ଆନନ୍ଦରେ କୁରୁଳି ଉଠିଛନ୍ତି । ଏ ସମାବେଶରେ ସତରେ ଘରଟି ପୂରିଲା ପୂରିଲା ଲାଗୁଛି ।

ଖାଇବା ରୁଚି ଅନୁସାରେ ବରାଦ ପରେ ବରାଦ ଚାଲିଛି । ରୋଷେଇ ଘରେ ସତେ ଯେମିତି ଛୋଟକାଟିଆ ଗହଳି ଜମିଯାଉଛି ମନକୁମନ । କୋଉ ଦିନ କଅଣ ରୋଷେଇ ହେବ, ତାଲିକା ପ୍ରସ୍ତୁତ । ପିଲାଏ ଯେତିକି ଦିନ ରହିବେ ମଉଜ କରି ଯାଆନ୍ତୁ। ଯିବାବେଳକୁ କାହାପାଇଁ ଫୁଲବଡ଼ି ତ କାହା ପାଇଁ ଶୁଖୁଆ । ବାସୁମତୀ ଚାଉଳର ପଲଉ ସାଥିରେ ଦେଶୀ ଘିଅ। ସମସ୍ତଙ୍କ ପାଇଁ ଅଲଗା ଅଲଗା ପୁଡିଆ। ଯେତେ ହେଲେ ବି ମନ ବୁଝୁନି। ଗନି ମିଆଁ କିନ୍ତୁ ଏଥିରୁ ବାଦ ପଡୁନି । ତା ଯାଦୁକରୀ ହାତରେ ସବୁ ଜିନିଷ ଠୁଳ ହେଇଯାଉଛି ଆପେ ଆପେ ।

ISSN NO.
2582-208X

ଚାହୁଁଚାହୁଁ ଆଠ ବର୍ଷ ହୋଇଗଲାଣି ଲତିକାଦେବୀଙ୍କ ମଥାର ସିନ୍ଦୁର ଲିଭିଯିବାର । ଶିକ୍ଷୟତ୍ରୀ ପଦରୁ ଅବସର ନେବାର ଅଳ୍ପ ଦିନ ପରେ ସ୍ୱାମୀଙ୍କର ଦେହାନ୍ତ ହୋଇଗଲା ଏକ ଦୂରାରୋଗ୍ୟରେ । ଆକାଶଟା ଛିଣ୍ଡିଗଲା ଅଜାଣତେ । ପାଦତଳର ମାଟି ବି ଧସେଇ ଖସିଗଲା ଆପେ ଆପେ । ଆଖିଲୁହକୁ ପିଇ ପିଇ ଏକା ଏକା ସମୟ କାଟୁଥିଲେ ନିରବରେ ।

ମନ ଭିତରେ ଏକ ଆପଣାପଣ ଜାହିର ହେଇଯାଇଥିଲା ଗନୀ ମିଆଁ ପରିବାର ପାଇଁ । ଅସମୟରେ ତାଙ୍କୁ ବାହାର ଘରେ ରଖେଇଲେ। ସେ ଅନେକ ଦିନ ଆଗରୁ ଚିହ୍ନା, ପାଖ ବସ୍ତିରେ ରହୁଥିଲା, ତାଙ୍କୁ ସ୍କୁଲକୁ ନବା ଆଣିବା କରୁଥିଲା ରିକ୍ସାରେ। କିଛି ଦିନ ପରେ ସେ ତାକୁ ଗୋଟିଏ ଅଟୋ କିଣିକି ଦେଲେ, ଝିଅର କଲେଜ ସରିଲା ପର୍ଯ୍ୟନ୍ତ ପିଲାମାନେ ସେଇ ଗନୀ ମିଆଁ ଅଟୋରେ ଯିବା ଆସିବା କରୁଥିଲେ।

ଗନିମିଆଁ ପାଇଗଲା ସୁନ୍ଦର ପଡ଼ୋଶୀ । ଲତିକାଦେବୀ ତାକୁ ବାଧ୍ୟ କରି କାର ଡ୍ରାଇଭିଂ ଶିଖେଇଲେ । ଏବେ ସେ ତାଙ୍କ ଘରୋଇ ଗାଡ଼ିର ଚାଳକ। ତା ସ୍ତ୍ରୀ ଭଲ-ମନ୍ଦ କାମରେ ହାତ ଲଗାଇଲା। ତାଙ୍କର ଦୁଇଟି ଝିଅ ନିକହା ବେଳକୁ କିଛି ସାହାଯ୍ୟ ବି କରିଥିଲେ। ଏବେ ସେଇ ଗନୀ ମିଆଁ ହିଁ ତାଙ୍କ ଭଲମନ୍ଦର ସାହାରା। ଘର ହାତ ପାଇଟିଠାରୁ ମେଡିକାଲ ଯାଏଁ ସବୁ କଥାରେ ଗନୀ ଆଉ ତା'ର ବିବିକୁ ହିଁ ଖୋଜା ପଡୁଛି ।

ମଧ୍ୟ ରାତ୍ରୀ ଯାଏଁ ଗହଳି ଘର ଭିତରେ । ସାଇ ପଡ଼ିଶା ଲୋକେ ଚିହିଁକି ଉଠିଲେ ଏତେ କୋଳାହଳ ଦେଖି। ଟେବୁଲ୍ ସହିତ ଟେବୁଲ୍ ଯୋଡ଼ି ଏକାଠି ବସି ଖାଇବା, ଗୁଲି ଖଟି କରିବାରେ ଅଧିକାଂଶ ସମୟ ବିତିଯାଉଥିଲା । ଭାଇବୋହୁ ଦେଢଶୁରର ବାରଣ ନଥିଲା କି, ଶାଢ଼ୀ/ସାଲଓ୍ୱାର ପଞ୍ଜାବୀ ପିନ୍ଧିବାରେ କଟକଣା ନଥିଲା । ସମସ୍ତେ ସ୍ୱାଧୀନ। ଏକାଠି ବସି ଲୁଡୁ, ତାସ କ୍ୟାରମ୍ ଖେଳୁଛନ୍ତି। ଯେମିତି ପୁରୁଣା ସ୍କୁଲଦିନର ସାଙ୍ଗ, ଅନେକ ବର୍ଷ ପରେ ଭେଟାଭେଟି ହେଉଛନ୍ତି। ପ୍ରଥମେ ପ୍ରଥମେ ଏତେଟା ଖୋଲା ଖୋଲି ମିଳାମିଶାକୁ ବିରୋଧ କରୁ ନ ଥିଲେ ବି ଖୁସି ହେଇ ପାରୁ ନଥିଲେ ଲତିକା ଦେବୀ।

ISSN NO.
2582-208X

ବଡ଼ ପୁଅ ବୁଝେଇଦେଲା, ୫୦ ବର୍ଷ ତଳର ତୋ ସମୟ କଥା ଭୁଲିଯା ବୋଉ, ସମସ୍ତେ ଯେଉଁଥିରେ ଖୁସି ତାକୁ ଗ୍ରହଣ କରି ଯା..। ଦେଖିବୁ, ସମସ୍ତେ ତତେ ସମ୍ମାନ ଦେବେ, ଆଦର କରିବେ। ସେଇୟା ହିଁ ହେଲା, କଠୋର ବାସ୍ତବତାକୁ ନୀରବରେ ଆପଣେଇ ନେଲେ ଲତିକା ଦେବୀ।

ପିଲାଏ ଆସିବାର ଦିନ କେଇଟା ପରେ ଲତିକା ଦେବୀଙ୍କୁ ଏତେ ସୁନ୍ଦର ପରିବେଶଟା କେମିତି କେଜାଣି ଖାପଛଡ଼ା ଲାଗିଲା । ଏତେ ବଡ ପରିବାର ଆଉ ଗହଳି ଭିତରେ ମନର ସରାଗ କମିବାକୁ ଲାଗିଲା ଧୀରେ ଧୀରେ। ପିଲାମାନେ ଯେମିତି ଲୋକ ଦେଖାଣିଆ ଭାବେ କାମ କରୁଛନ୍ତି, ହାବଭାବରୁ ଜଣାପଡୁଛି ଅନିଚ୍ଛାକୃତ ଭାବେ ଏଇଠିକୁ ଆସିଛନ୍ତି। ହୃଦୟ ଭିତରେ କେହି କାହାକୁ ଗ୍ରହଣ କରି ପାରୁନାହାନ୍ତି, ସହି ପାରୁନାହାନ୍ତି । ସମସ୍ତଙ୍କ ପେଟରେ ଗୋଟିଏ, ମୁହଁରେ ଆଉ ଗୋଟେ କଥା। ଭାଇ ଭଗାରି ଘର ପରି ଟୁପୁରୁ ଟାପୁରୁ ହେଉଛନ୍ତି । ଆନ୍ତରିକତାହୀନ ଭଲ ପାଇବା ସମସ୍ତଙ୍କର ନିଖୁଣ ଅଭିନୟ ବୋଲି ଠିକ୍ ଅନୁଭବ କରିପାରୁଥିଲେ ଲତିକା ଦେବୀ ଏ ପାକଳ ବୟସରେ ।

ସଭିଙ୍କୁ ଜଗିଥାଏ ବଡ଼ ପୁଅ, କେଉଁଠି ଟିକେ ସେମିତିକା ଆଭାସ ପାଇଲେ ପ୍ରସଙ୍ଗ ବଦଳେଇ ଚଳେଇ ନିଏ। ସବୁ ଜାଣିପାରନ୍ତି ଲତିକା ଦେବୀ ନେପଥ୍ୟରେ ରହିଯାଆନ୍ତି ।

ମନେ ମନେ ଖୁବ୍ ହସନ୍ତି ଲତିକା ଦେବୀ । ବଡ଼ ପୁଅ ସେଇ ଚଳେଇବା ଗୁଣ ଏବେ ଯାଏଁ ଛାଡି ନ ଥିବାରୁ। ପିଲାଦିନୁ ସେ ସେମିତିଆ, ଅନ୍ୟର ଦୋଷ ନିଜ ମୁଣ୍ଡକୁ ନେଇ ଯିବ। ଫାଳେ ପିଆଜ ଦେଲେବି ଭାତ ଖାଇଦେବ। କେବେ ଆପତ୍ତି କି ଅଭିଯୋଗ କରିବନି, ପ୍ରତିବାଦ ତ ଦୂରର କଥା। ସେଇଥିପାଇଁ ସବୁ ବନ୍ଧୁବାନ୍ଧବ, ପଡ଼ା ପଡୋଶୀଙ୍କ ଘରେ ତାହାର ଆଦର ବେଶୀ। ପରିସ୍ଥିତିକୁ ସାମ୍ନା କରି କଥାର ମୋଡ଼ ବଦଳେଇପାରିବ ସହଜରେ ।

ଏବେ ଲତିକା ଦେବୀଙ୍କ ଘର ଆଗ ଭଳି ଲାଗୁଚି, ଏତେ ଲୋକ ଅଛନ୍ତି ବୋଲି କିଛି ଜଣା ପଡୁନି। ବାପାମାନେ ଲାପଟପ୍ ଧରି work from home କରୁଛନ୍ତି । ମାଆମାନେ ସବୁବେଳେ ଟିଭି, ମୋବାଇଲରେ ବ୍ୟସ୍ତ। ସମୟ ପାଇଲେ ମାର୍କେଟିଂ। ପିଲାମାନେ

ISSN NO.
2582-208X


ଜେଜେମାଙ୍କ ସହିତ ବସିଥାନ୍ତି । ଗପ ଶୁଣୁଥାନ୍ତି । ଇଛା ହେଲେ ଯେଝା କାମରେ ଯିଏ ଲାଗିପଡ଼ନ୍ତି । କିଏ online କ୍ଲାସ କରୁଛି ତ କିଏ ମୋବାଇଲରେ game ଖେଳୁଛି। କିଏ Facebook ଦେଖୁଛି ତ କିଏ whatsappରେ ସମୟ କାଟୁଛି। କିଏ ଚାଟିଂ କରୁଛି ତ କାହାର ଇନଷ୍ଟାଗ୍ରାମ ଖୋଲା ଅଛି।

ସମୟ ବିତାଇବାର ସର୍ବୋତ୍କୃଷ୍ଟ ମାଧ୍ୟମ ପାଲଟିଛି ମୋବାଇଲ। କାହାକୁ ବାଧା ଦେଲେ ସେ ହିଂସ୍ର ହୋଇ ଉଠୁଛି। ଲତିକା ଦେବୀ ସମସ୍ତଙ୍କୁ ଦେଖନ୍ତି ଯେମିତିକି ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ। ପରସ୍ପର ଭିତରେ ଗପସପ ଜୋରଦାର । ହେଲେ ମା ଙ୍କ ସହ ପଦୁଟେ ଗପିବାକୁ ବେଳ ନାହିଁ ।

ମନେ ମନେ ଚିନ୍ତା କରନ୍ତି ଲତିକା ଦେବୀ । ବିଜ୍ଞାନ କ'ଣ ମଣିଷକୁ ଏତେ ପଙ୍ଗୁ କରିଦେଲା । ସ୍ନେହ, ମାୟା – ବନ୍ଧନର ଡୋରକୁ ଛିଣ୍ଡେଇଦେଲା ! ରକ୍ତର ସମ୍ପର୍କକୁ ଗୁରୁତ୍ୱ ହୀନ କରିଦେଲା !

ଆଖି ବୁଜି ଦୀର୍ଘଶ୍ୱାସ ଛାଡନ୍ତି ଲତିକା ଦେବୀ। କ'ଣ ସମସ୍ତଙ୍କ ଘରେ ଏମିତି ଚାଲିଛି। ତାଙ୍କ ପରି ସବୁ ବୁଢ଼ା ବୁଢ଼ୀ କ'ଣ ଏସବୁର ନୀରବ ଦ୍ରଷ୍ଟା ହୋଇ ରହିଛନ୍ତି। ପରିବାର, ସଂସାରର ମୂଲ୍ୟ କିଛି ନାହିଁ। ମଣିଷ ମେସିନ ତିଆରି କରିଚି ତା'ର କାମ ହାଲକା କରିବା ପାଇଁ, ନିୟନ୍ତ୍ରଣ କରିବାକୁ ନୁହେଁ। ହେଲେ ଏବେ ମଣିଷ ପରୋକ୍ଷରେ କ୍ରୀତଦାସ ବନିଗଲେଣି ଅଜାଣତରେ । ମନରେ ବୁଣିହେଇଯାଉଥିଲା ଅସମାହିତ ପ୍ରଶ୍ନର ବୁଢ଼ିଆଣି ଜାଲ ।

ଚାହୁଁ ଚାହୁଁ ସମସ୍ତଙ୍କ ଫେରିବା ବେଳ ଆସିଗଲା। ଜଣକ ପରେ ଜଣେ ଫେରିବାକୁ ଗୋଡ କାଢ଼ିଲେ । ସବୁ ପିଲାଙ୍କ ମୋବାଇଲରେ ଜେଜେମାଙ୍କ ସହିତ ସେଲଫି ରହିଗଲା ସ୍ମୃତି ସ୍ୱରୂପ। ହାୟ, ବାୟ, see you again, we miss you ଏମିତି କେତେଟା ଚିକ୍କଣିଆ କଥା ସହିତ ସମସ୍ତେ ବିଦାୟ ନେଲେ ଆପଣା ବାଟରେ । କେହି ବୁଝିଲେନି ଏତେ ବଡ ଘରର ଅବସ୍ଥା । ବୁଝିପାରିଲେନି ସେମାନଙ୍କ ଅନ୍ତରଙ୍ଗ ମଣିଷଟି ଏକୁଟିଆ ରହିବ କେମିତି। ଲୁହ ଓ କୋହରେ ତିନ୍ତିଯାଉଥିଲା ସ୍ଥାନୀୟ ପରିବେଶ ।

ISSN NO.
2582-208X

ପୁଣି ଏକା ହେଇଗଲେ ଲତିକା ଦେବୀ । ମନରେ ଦୁଃଖ ଅସମାପ୍ତ । କିନ୍ତୁ ବିଚ୍ଛେଦର ଲୁହ ଟୋପେ ଝରିଲାନି ଆଖିକୁ। କଷ୍ଟ କରି ତିଆରିଥିବା ଏତେ ବଡ ଘର, ବାଡ଼ି ବଗିଚା, ନୂଆ ମଡେଲର କାର ସବୁ ଯେମିତି ଉପହାସ କରୁଥିଲା ଗୋଟାପଣେ । ଘର ତିଆରି ସମୟରେ ତିନି ବୋହୂମାନେ ଜିଦି କରି ନିଜ ପାଇଁ ଅଲଗା ଅଲଗା ରୁମ ବନେଇଲେ । ତାଙ୍କ ପସନ୍ଦର ଜିନିଷ ଆଣି ରଖିଲେ । ପରେ ପରେ ଜ୍ୱାଇଁ ବୋଲରେ ଅଭିମାନୀ ଝିଅ ଆସି ଆହୁରି ଗୋଟିଏ ରୁମ ତିଆରି କଲା। ଘର ପ୍ରତିଷ୍ଠା ବେଳେ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ ପ୍ରତିବର୍ଷ ଆସି ଅତି କମରେ ମାସେ ଲେଖାଏଁ ରହିବେ। ହେଲେ ସବୁ ମିଥ୍ୟା, ଖାଲି ମୋହ ଆଉ ମୋହ ।

ତିନି ଦିନ ଯାଏଁ ଗୁମସୁମ୍ ହେଇ ବସି ରହିଲେ ଲତିକା ଦେବୀ । ମାଆ ହେବାର ସୌଭାଗ୍ୟ ନା ଦୁର୍ଭାଗ୍ୟ, କଥାଟା ଆନ୍ଦୋଳିତ କରୁଥିଲା ମନକୁ । ଚିରି ହେଇଯାଉଥିଲା ଛାତି । ତା ଭିତରେ ପିଲାମାନେ ଭଲରେ ଭଲରେ ପହଞ୍ଚିଥିବାର ଖବର ତାଙ୍କୁ ପ୍ରଭାବିତ କଲାପରି ମନେ ହେଲାନାହିଁ।

ଏକ ଅସଜଡ଼ା ଚିନ୍ତା ଘାରିଦେଉଥିଲା ଲତିକା ଦେବୀଙ୍କୁ । ଏକା ଏକା ରହିବାର କଷ୍ଟକୁ ସମ୍ବରଣ କରିପାରୁନଥିଲେ ସହଜରେ । ଅତି ଆପଣାର ଜଣେ ଆଡଭୋକେଟଙ୍କୁ ଘରକୁ ଡକାଇ ମାନସିକ ଭଗ୍ନାଂଶର ପୂର୍ଣ୍ଣଛେଦ ଟାଣିବାକୁ ମନସ୍ଥ କଲେ । ତାଙ୍କ ନାଁ ରେ ଥିବା କୋଠାବାଡି, ଗାଡ଼ି ସବୁ ଉଇଲ କରିଦେଲେ ଗନୀ ମିଆଁ ନାଁରେ । ଜୀବନର ଶେଷ ଦୀପଟି ଜଳିବା ପର୍ଯ୍ୟନ୍ତ ଗନିମିଆଁ ଦାୟିତ୍ୱ ନେବ ଆଉ ତା ପରେ ଏ ଅଚଳାଚଳ ସମ୍ପତ୍ତି ତାହାର। କିଏ ଯଦି ଅବୁଝାପଣରେ ହସ୍ତକ୍ଷେପ କରେ ତେବେ କୌଣସି ଅନାଥାଶ୍ରମକୁ ସମର୍ପି ଦିଆ ଯିବ। ସେବେ ଯାଏଁ ଓକିଲ ବାବୁ ତା'ର ମାରଫରଦାର ହୋଇ ରହିବେ। ସହରତଳି ଅଞ୍ଚଳର ଜାଗାଟିକୁ ପିଲାମାନଙ୍କ ପାଇଁ ଛାଡ଼ିଦେଲେ। ପିଲାମାନେ ଯାହା ଚାହିଁବେ ତାଙ୍କ ଇଛମୁତାବକ କରିପାରିବେ। ସେଥିରେ କାହାରି କିଛି ଆପତ୍ତି ରହିବ ନାହିଁ।

ଏତକ କରିସାରି ପିଲାମାନଙ୍କ ପାଖକୁ ଖବର ପଠାଇବାକୁ ଓକିଲ ବାବୁଙ୍କୁ ପରାମର୍ଶ ଦେଲେ । ଶ୍ରଦ୍ଧାପୂର୍ବକ ଗନି ମିଆଁକୁ ଡାକି ସମସ୍ତ ତଥ୍ୟକୁ ସରଳ ଭାବରେ ବୁଝେଇ ଦେଲେ।

ISSN NO.
2582-208X

ସରଳ ନିଷ୍କପଟ ଗନିମିଆଁ ମୁଣ୍ଡରେ ଏତେ ଅକଲ କାହିଁ । କିଛି ବୁଝି ପାରୁ ନଥିଲା ସେ। madamଙ୍କ ମେହେରବାନି ପାଇଁ ଆଲ୍ଲାହଙ୍କୁ ଶୁକ୍ରିୟା ଅଦା କରିବ ନା ଲତିକା ଦେବୀଙ୍କ ଗୋଡ଼ ତଳେ ପଡ଼ି କୃତଜ୍ଞତା ଜଣେଇବ। ଦୋ ଛକିରେ ଠିଆହେଇଥିଲା ପ୍ରଣାମ କରି ।

ଲତିକା ଦେବୀ ବଡ଼ ଆତ୍ମତୃପ୍ତିର ସହିତ ସ୍ୱାମୀଙ୍କ ଫଟୋଚିତ୍ରରେ ଫୁଲମାଳଟିଏ ଦେଇ ମୁଣ୍ଡିଆ ମାରିଲେ । ବୈଧବ୍ୟର ସାୟାହ୍ନରେ ପହଞ୍ଚିବାକୁ ବେଶୀ ବାଟ ଦୂର ନଥିଲା ତାଙ୍କ ପାଇଁ । ଏକ ନିରଳସ ଖୋଲାହସରେ ପୂରିଉଠୁଥିଲା ତାଙ୍କ ହୃଦୟ, ଏ ଘର । ମନେହେଉଥିଲା ଆରପାରିରେ ସ୍ୱାମୀ ଥାଇ ବି ଆଶୀର୍ବାଦ ଦେଉଛନ୍ତି ଆପଣାଛାଏଁ ।

ନିକଟସ୍ଥ ମା' ଙ୍କ ମନ୍ଦିରର ଆଳତି ଶୁଭୁଥିଲା କାନପାଖରେ ।

ପାଣ୍ଡବ ନଗର, ଭୁବନେଶ୍ୱର

ISSN NO.
2582-208X

# ବୀର ହନୁମାନ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ଶିବ ଉପାସନା
କରି ମା' ଅଂଜନୀ
ପାଇଲେ ପବନସୂତ
ପିଲାବେଳୁ ସିଏ
ଅତି ଶକ୍ତିଶାଳୀ
କରୁଥିଲେ ଭୟଭୀତ ।

ନୋହିବା କାମକୁ
ହୋଇବା କରନ୍ତି
ଡର ବି ନଥିଲା କା'ରେ
ଦୁନିଆଁର ଯେତେ
ନଟଖଟ କାମ
କରନ୍ତି ସେ ଅକ୍ଲେଶରେ ।

ମୁନିଋଷିମାନେ
ଆଶ୍ରମକୁ ଛାଡି
ଯଦି କେବେ କାହିଁ ଯାନ୍ତି
ବୀର ହନୁମାନ
ଆଶ୍ରମ ଘରକୁ
ଏଣେ ତେଣେ କରିଥାନ୍ତି ।

ଅତିଷ୍ଠ ହୋଇ ସେ
ଦେବତାଂକ ପାଶେ
ଅଭିଯୋଗ କରିଥିଲେ
"ବିନା ଅଭିଶାପେ
କିଛି ହେବ ନାହିଁ"
ସେମାନେ ହିଁ କହିଥିଲେ ।

ଡଉଲ ଡାଉଲ
ପିଲାଟିଏ  ସିଏ
କିଏ ଅଭିଶାପ ଦେବ ?
ମୁନିଋଷିମାନେ
ବହୁ ଚିନ୍ତା କଲେ
କେମିତି ସୁଧାରି ହେବ ।

ସର୍ବଶେଷେ ତାଂକୁ
ଅଭିଶାପ ଦେଲେ
ସବୁ  ସିଏ ଭୁଲିଯିବେ
ମନେ ପଡିଯିବ
ଯଦି କେହି ତାଙ୍କୁ
କଥାଟା ସୂଚାଇ ଦେବେ ।

ISSN NO.
2582-208X


ଏହି ଶାପବଳେ
ନିଜ ଶକ୍ତିକୁ ସେ
ସଦାବେଳେ ଭୁଲୁଥିଲେ
ତାଂକୁ ଶକ୍ତି କଥା
ମନେ ପକାଇଲେ
ଶକ୍ତିମାନ୍ ହେଉଥିଲେ ।

ଧନ୍ୟ ହନୁମାନ
ଅତି ଶକ୍ତିମାନ
ତୁମକୁ ଡରନ୍ତି ସର୍ବେ
ତୁମ ମଥା ପରେ
ବିଜୟର ଟୀକା,
ହାରି ନାହଁ ତୁମେ କେବେ ।

ମୋ ନଂ 9937462507

ISSN NO.
2582-208X

# ବିରହ



ବିନୟ ମିଶ୍ର

ତୁମ ବିବାହର ନିମନ୍ତ୍ରଣ ପତ୍ର
ଦେଲା ଆମ ଘରେ ତୁମ ଭାଇ,
ଆଖି ସେଇଦିନୁ ଲାଲ ପଡ଼ିଅଛି
ଭୁଲିଗଲ ଅବା କାହିଁ।

ଯିବି କି ନ ଯିବି ଭାବୁଥିଲି ବସି
ଅଲାଜୁକ ମୁହଁ କାହିଁକି ନେଇ,
ଚାଲିଗଲି ତୁମ ଭଲପାଇବାର
ହାତବନ୍ଧା ସେଇ ଡୋରୀକୁ ନେଇ।

ଲାଲ ଦିଶୁଥିଲା ମୟୂରକଂଠିଆ
ଶାଢ଼ୀଟା ଓଢଣୀ ସାଥେ,
ମଥାର ସିନ୍ଦୁର, ପାଦର ଅଳତା
ଶଙ୍ଖା, ଓଠ ସବୁ ଯେତେ।

ନାଲି ବୋତଲରୁ ସରିଗଲା ସବୁ
ତୁମେ ଦିଶୁ ଥିଲ ନାଲି,
ନାଳରେ ନ ପଡି ତୁମ ବେଦୀ ପାଖୁ
ଯାଇଥିଲି କହ ଚାଲି।

ISSN NO.
2582-208X

ତୁମକୁ ନ ପାରି ଭୁଲି,
ମୁହଁରେ ରୁମାଲ ଦେଲି,
ତୁମ ବର ଯଦି ଦେଖି ଦେଇଥାନ୍ତା
ଗାଲ ଯାଇଥାନ୍ତା ଫୁଲି ।

ରାତିଟାରେ ସେଥିପାଇଁ ପରା
କଳା ଚଷମା ବି ପିନ୍ଧି ଥିଲି,
କଥା ଦେଇ କଥା ରଖି ପାରିଲନି
ମୁଣ୍ଡ ଯାଉଥିଲା ଘୁରି ।

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ମିଛ ସ୍ୱାଧୀନତା



ଅମରନାଥ ବାରିକ

ଦେଖ ଦେଖ ଆଜି ଜାତୀୟ ପତାକା
ଉଡୁଅଛି ଫରଫର
ତଳେ ରାଜନେତା ରୁଣ୍ଡିଭୁତ ହୋଇ
ନିଜକୁ ମଣନ୍ତି ବୀର
ସବୁଠାରୁ ବଡ଼ ଚୋର
ଆଇନ ଭକ୍ଷକ ପୋଲିସ ସେଠାରେ
ନୁଆଁଇ ଅଛନ୍ତି ଶିର ।

ଦିଅନ୍ତି ଭାଷଣ ନିଜ ଦଳ ପାଇଁ
କରିଛି କେ କେତେ କାମ
ଉପର ଖୋଳପା ମାତୃଭକ୍ତି ଛାପ
ହୃଦେ ନାହିଁ ଦେଶ ପ୍ରେମ
କରୁଥାନ୍ତି କୃତ କର୍ମ
ଆଇନ ଆଖିରେ କଳାପଟି ବନ୍ଧା
ଭାସି ଯାଏ ଦେଶ ଆମ ।

ପ୍ରକୃତ ସଂଗ୍ରାମୀ ଫଟୋ ଉଇ ଖାଏ
ପୋଷ୍ଟର ୟାଙ୍କର ଛପେ
ସ୍ଲୋଗାନରେ ନିଜ ମନ୍ତ୍ରୀ ନାମ ଯୋଡ଼ି
ଭୋକି ହେଉଥାନ୍ତି ଆପେ

ISSN NO.
2582-208X

ଭୋଟର ବାପୁଡା ଜପେ
ଇଲେକ୍ସନ ବେଳେ ପିଇଥିଲେ ବୋଲି
ନାଲି ପାଣି କପେ କପେ ।

ମିଛେ ଉଡ଼ାଉଛ ତ୍ରିରଙ୍ଗା ପତାକା
ଜାତୀୟ ସଙ୍ଗୀତ ଗାଇ
କହି ପାରିବ କି ଗଣତନ୍ତ୍ର କ'ଣ
ପୁଣି ହେଉଅଛ ବାଇ
ସମ୍ବିଧାନ ଜଣା ନାହିଁ
କେଉଁଥିରେ ଲେଖା ଶୋଷଣ କରିବା
କହି କି ପାରିବ ଭାଇ !

ଯାଜପୁର, ମଙ୍ଗଳପୁର, କୟାଁ

ISSN NO.
2582-208X

# ଯମରାଜ ଓ ନଚକେତା ମଧ୍ୟରେ କ'ଣ ଘଟିଲା



ନରେନ୍ଦ୍ର ପ୍ରସାଦ ବେହେରା

## କଠ ଉପନିଷଦରେ ବର୍ଣ୍ଣିତ ଏକ କାହାଣୀ

ବାଜଶ୍ରବସ ଋଷିଙ୍କ ଆଶ୍ରମରେ ଏକ ବିରାଟ ଯଜ୍ଞ ଅନୁଷ୍ଠିତ ହେଉଥାଏ । ଆଶ୍ରମର ଚତୁର୍ଦ୍ଦିଗରେ କୋଳାହଳ ଲାଗି ରହିଥାଏ । ତପୋବନର ପାର୍ଶ୍ୱରେ ଏକ ଖୋଲା ଜାଗାରେ ପତ୍ରପୁଷ୍ପଶୋଭିତ ଯଜ୍ଞ ମଣ୍ଡପରେ ବିଭିନ୍ନ ଆଶ୍ରମରୁ ନିମନ୍ତ୍ରିତ ହୋଇ ଆସିଥିବା ଋଷିମୁନିମାନେ ବସି ବେଦମନ୍ତ୍ର ଉଚ୍ଚାରଣ କରୁଥାନ୍ତି । ଯଜ୍ଞ ଶେଷ ହେବା ଉପରେ । ହୋମଅଗ୍ନିରେ ପୂର୍ଣ୍ଣାହୁତି ଦିଆ ହେଉଥାଏ । ଯଜ୍ଞସ୍ଥଳରେ ବାଜଶ୍ରବସ ଋଷି ଘୋଷଣା କରିଥାନ୍ତି ଯେ ସେ ତାଙ୍କର ସର୍ବସ୍ୱ ଦାନ କରିଦେବେ ।

ଯଜ୍ଞାନୁଷ୍ଠାନ ପରେ ଦାନ କାର୍ଯ୍ୟ ଚାଲିଥାଏ । ଦାନ ଦେବା ପାଇଁ ବହୁ ଲୋକଙ୍କର ସମାଗମ ହୋଇଥାଏ । ଋଷି ତାଙ୍କ ଆଶ୍ରମର ଗାଈ ଗୁଡିକୁ ଦାନ ଦେଉଥାନ୍ତି । ଏହି କୋଳାହଳମୟ ପରିବେଶରେ ଗୋଟିଏ ବାଳକ ଆଶ୍ରମର ଏକ ନିଛାଟିଆ ସ୍ଥାନରେ ଠିଆ ହୋଇ ଯଜ୍ଞକର୍ତ୍ତାଙ୍କର ଦାନ ଦେବା କାର୍ଯ୍ୟ ଲକ୍ଷ୍ୟ କରି ଦେଖୁଥାଏ । ପିଲାଟି ବାଜଶ୍ରବସ ଋଷିଙ୍କର ଏକମାତ୍ର ସନ୍ତାନ ନଚକେତା । ସେ ମନେ ମନେ ଭାବୁଥାଏ-ଆଶ୍ରମରେ ତ ଏତେ ହୃଷ୍ଟପୁଷ୍ଟ ଗାଈ ରହିଛନ୍ତି, ତା' ହେଲେ ପିତା କାହିଁକି ବାଛି ବାଛି ଅସ୍ଥିକଙ୍କାଳସାର ଗାଈମାନଙ୍କୁ ଦାନ କରୁଛନ୍ତି ? ପିତାଙ୍କର ଏ ପ୍ରକାର କାର୍ଯ୍ୟ ଦେଖି ବାଳକ ନଚକେତା ମନେ ମନେ ଘୋର ବ୍ୟଥିତ ହେଲା । ସେ ଭାବିଲା, ପିତା ଏପରି ଗର୍ହିତ କାର୍ଯ୍ୟ କରୁଛନ୍ତି କାହିଁକି ? କିନ୍ତୁ ସେ ତ ପିଲାଲୋକ । ପିତା ହେଉଛନ୍ତି ଜଣେ ପୂଜ୍ୟ ବ୍ୟକ୍ତି, ଗୁରୁଜନ । ସେ ମୁହଁ ଖୋଲି ତାଙ୍କ ତ୍ରୁଟି ଦର୍ଶାଇବ କିପରି ?

ISSN NO.
2582-208X

ଯଜ୍ଞାନୁଷ୍ଠାନ ପରେ ନିମନ୍ତ୍ରିତ ବ୍ୟକ୍ତିମାନେ ବିଦାୟ ନେଇ ଚାଲିଗଲେ । ଦାନ କାର୍ଯ୍ୟ ମଧ୍ୟ ଶେଷ ହୋଇ ଯାଇଥାଏ । ଏତିକି ବେଳେ ନଚିକେତା ପିତାଙ୍କ ନିକଟରେ ଉପସ୍ଥିତ ହୋଇ କହିଲା, ହେ ପିତାଶ୍ରୀ, ଆପଣ ତ ଘୋଷଣା କରିଥିଲେ ସର୍ବସ୍ୱ ଦେଇଦେବେ ବୋଲି । ମୋତେ ତ କାହାକୁ ଦାନ ଦେଲେ ନାହିଁ । ମୋତେ କାହାକୁ ଦାନ ଦେବେ କୁହନ୍ତୁ !

ନିଜର ଏକମାତ୍ର ପୁତ୍ର ନଚିକେତା ମୁଖରୁ ଏପ୍ରକାର କଥା ଶୁଣି ଋଷି ବାଜଶ୍ରବସ ଚମକି ପଡିଲେ । ଭାବିଲେ, ପୁତ୍ର ହୁଏତ ବାଲ୍ୟଚପଳତା ଯୋଗୁଁ ଏପରି କହୁଛି । ସେ ପୁତ୍ରର କଥା ଉପରେ କୌଣସି ଗୁରୁତ୍ୱ ନ ଦେଇ ଶୁଣି ନ ଶୁଣିଲା ଭଳି ହୋଇ ଅନ୍ୟ କାର୍ଯ୍ୟରେ ଯିବା ନିମନ୍ତେ ଉଦ୍ୟତ ହେଉଥିବା ବେଳେ ନଚିକେତା ପୁଣି ପ୍ରଶ୍ନ କଲା, ପିତାଶ୍ରୀ, ଆପଣ ତ ସର୍ବସ୍ୱ ଦାନ କରିଦେବେ ବୋଲି ଘୋଷଣା କରିଥିଲେ, ମୁଁ କ'ଣ ଆପଣଙ୍କର ସର୍ବସ୍ୱ ନୁହେଁ? କୁହନ୍ତୁ, ମୋତେ କାହାକୁ ଦାନ କରିବେ ।

ବାଜଶ୍ରବସ ଉତ୍ତର ଦେଇ କହିଲେ, ଛି ପୁତ୍ର, ଏପରି କଥା କ'ଣ କହନ୍ତୁ ? ନିଜର ଏକମାତ୍ର ଆଦରର ପୁତ୍ରକୁ କ'ଣ କେହି ଦାନ ଦେଇପାରେ ? ଏହା କହି ଋଷି ଆଗକୁ ପାଦ ବଢାଉଥିବା ସମୟରେ ନଚିକେତା ପିତାଙ୍କ ହାତ ଧରି ପକାଇ କହିଲା, ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ ପିତା । ମୋତେ କାହାକୁ ଦାନ ଦେବେ କୁହନ୍ତୁ । ମୁଁ କ'ଣ ଆପଣଙ୍କର ସର୍ବସ୍ୱ ନୁହେଁ ? ପ୍ରତିଶ୍ରୁତି ପାଳନ କରନ୍ତୁ ପିତା । ପୁତ୍ର ମୁଖରୁ ବାରମ୍ବାର ଗୋଟିଏ ପ୍ରକାର ପ୍ରଶ୍ନ ଶୁଣି ପିତା ବିରକ୍ତି ପ୍ରକାଶ କରି କହିଲେ, ମୁଁ ତୁମକୁ ଯମରାଜଙ୍କୁ ଦାନ କଲି । ଏହା କହି ଋଷି ଦ୍ରୁତ ପଦବିକ୍ଷେପରେ ଅନ୍ୟତ୍ର ଚାଲିଗଲେ । ସେ ଉପରଠାଉରିଆ ଭାବରେ ଏହା କହି ଦେଇଥିଲେ ।

ଏହାପରେ ବାଳକ ନଚିକେତାର ହୃଦୟରେ ସୃଷ୍ଟି ହୁଏ ଏକ ତୀବ୍ର ଆଲୋଡନ । ପିତାଙ୍କ ମୁଖନିସୃତ ବାକ୍ୟ ସେ ଅବଶ୍ୟ ପାଳନ କରିବ । ଯମରାଜଙ୍କ ନିକଟକୁ ଯିବା ନିମନ୍ତେ ନଚିକେତା କୃତସଂକଳ୍ପ ହେଲା । ସେ ପିତାଙ୍କ ନିକଟରୁ ବିଦାୟ ନେଇ ଯିବାକୁ ଉଦ୍ୟତ ହେଉଥିବା ଦେଖି ବାଜଶ୍ରବସ ଆତଙ୍କିତ ହୋଇ ଉଠିଲେ । ରାଗରେ ସେ ଗୋଟାଏ କ'ଣ କହି ଦେଇଥିଲେ । ତାଙ୍କ ମୁହଁରୁ ଏପରି ଗୋଟିଏ କଥା ବାହାରି ପଡିଥିଲା ବୋଲି କ'ଣ

ISSN NO.
2582-208X

ସେ ସତରେ ନିଜ ପୁତ୍ରକୁ ଯମଲୋକକୁ ପଠାଇବାକୁ ଚାହୁଁଥିଲେ । ବାଜଶ୍ରବସ ହତବାକ ଅବସ୍ଥାରେ ଠିଆ ହୋଇ ରହିଲେ ତାଙ୍କ ଆଖି ଲୁହ ଛଳଛଳ ହୋଇଉଠିଲା । ସେ ପୁତ୍ରକୁ କୁଣ୍ଢାଇଧରି ଛାଡିବାର ନ ଦେଖି ନଚକେତା ପିତାଙ୍କୁ ବୁଝାଇ କହିଲେ, ହେ ପିତା, ସତ୍ୟରକ୍ଷା କରିବା ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ । ଯମଲୋକକୁ ଯିବା ପାଇଁ ମୋତେ ଅନୁମତି ପ୍ରଦାନ କରନ୍ତୁ । ମର୍ତ୍ତ୍ୟ ଲୋକର ମନୁଷ୍ୟ ସଶରୀରେ ଯମପୁରୀରେ ଯାଇ ପହଞ୍ଚିବା ଅସମ୍ଭବ ହୋଇଥିଲେ ମଧ୍ୟ ମୁଁ ନିଶ୍ଚୟ ଯାଇ ପହଞ୍ଚିବି । ବାଜଶ୍ରବସ ପୁତ୍ରର ଯୁକ୍ତି ନିକଟରେ ନିରୁତ୍ତର ହୋଇ ଅଗତ୍ୟା ଅନୁମତି ଦେଲେ ଏବଂ ଅଶ୍ରୁପୂର୍ଣ୍ଣ ନୟନରେ ପୁତ୍ରକୁ ବିଦାୟ ଦେଲେ । (କ୍ରମଶଃ.....)

ଆଳନ୍ଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ତୁମେ ପ୍ରିୟତମ ଚିରକାଳ



ନୀଳମଣି ଗୁନ୍ଦ

ମୁଁ ଅପରାହ୍ନର ଛାଇ
ତୁମେ କଢ଼ ଲେଉଟାଣି ଖରା
ମୁଁ ଅପରାହ୍ନର ମେଘ
ତୁମେ ଇନ୍ଦ୍ରଧନୁଟିଏ ପରା।
ମୁଁ ଅପରାହ୍ନର ଯୋଗୀ
ତୁମେ ସାହାଡ଼ାସୁନ୍ଦରୀ ମୋ'ର
ମୁଁ ଏପଟେ କେନ୍ଦରା ବାଏ
ତୁମେ ଢାଳିଦିଅ ଲୁହଧାର।
ମୁଁ ଲୁହଭିଜା ମଣିଷଟେ
ତୁମେ ହଳଦିବସନ୍ତଟିଏ
ମୁଁ କ୍ଲାନ୍ତ ଅପରାହ୍ନ ହୋଇ
ତୁମ ମନକୁ ଭୁଲେଇ ନିଏ।
ମୁଁ ଧରିତ୍ରୀର ଦୁର୍ବାଦଳ
ତୁମେ ସାଧବବୋହୂଟି ପରା
ମୁଁ ଶେଷ ବସନ୍ତର ଚିଠି
ତୁମେ ପଢି ହୁଅ ଆତ୍ମହରା।

ISSN NO.
2582-208X

ମୁଁ ଫିକା ଏକ ଅପରାହ୍ନ
ତୁମେ ପଉଷ ଧୂସର ସଞ୍ଜ
ମୁଁ ନିଷ୍ପାପ ଅପରାହ୍ନ
ତୁମେ ପ୍ରସ୍ଫୁଟିତ ଶୁଭ୍ରକଞ୍ଜ ।
ମୁଁ ଚିରକାଳ ଅପରାହ୍ନ
ତୁମେ ଦିଗ୍ ବଳୟ ଚକ୍ରବାଳ
ମୁଁ ସମ୍ପର୍କର ଛନ୍ଦଟିଏ
ତୁମେ ପ୍ରିୟତମ ଚିରକାଳ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ମୁଁ ଭାରି ସଚେତନ ଭୋଟର



ସିଦ୍ଧେଶ୍ୱର ତ୍ରିପାଠୀ

ମୁଁ ଭାରି ସଚେତନ ଭୋଟର
ମୁହଁରେ ମାରିକି ବଟର
ଏଦଳ ସେଦଳ ସଭିଙ୍କୁ କହେ ମୁଁ
ତୁମେ ସବୁଠାରୁ ବେଟର
ମୁଁ ଭାରି ସଚେତନ ଭୋଟର

ପାଟି ଦେଖିକି ପଇସା ଖସାଏ
ମଦ ମାଉଁସରେ ଯିଏ ଭସାଏ
ହୋ ହଲ୍ଲା କରି ଘର ଘର ବୁଲି
ହୁଏ ମୁଁ ନଟର ପଟର
ମୁଁ ଭାରି ସଚେତନ ଭୋଟର

ଚୁଗୁଲି ଚପଟ କରିକି
ଆଣେ ମୁଁ ମୋଭାଗ ମାରିକି
ଆଜିତ ୟାର କାଲି ତ ତାର
ଧରିକି ବୁଲେ ମୁଁ ପୋଷ୍ଟର
ମୁଁ ଭାରି ସଚେତନ ଭୋଟର

ନିର୍ବାଚନ ଯେବେ ସରିଲା
ଯୋଉ ଦଳ ଗୋଟେ ଜିତିଲା
ଜିତେଇଛି କହି ଝଡେଇବି ବୋଲି
ହୁଏ ମୁଁ ନଟର ପଟର
ମୁଁ ଭାରି ସଚେତନ ଭୋଟର

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

ସର୍ବଜ୍ଞତର ଯୋଗବଳେ ଜାଣି – ପୁତ୍ରକୁ ଝିଙ୍ଗାସି କହିଲେ ବାଣୀ
ଅନର୍ଥ ତୁତ ଆଜ ଦେଲୁକରି – ବିରାଟ ଶ୍ରେଷ୍ଠ ଅଭିଶପ୍ତ କରି ସେ
ତୁଚ୍ଛ ଭୁଲଟିଏ ପାଇଁ ଯେ
ଧର୍ମ ଧୂରନ୍ଧର ମହାତେଜୋବନ୍ତେ ମହାଶାପ ଦେଲୁ ଦେଇ ଯେ ।୩୧ ।
କର୍ତ୍ତବ୍ୟନିଷ୍ଠ ଗୋ-ବ୍ରାହ୍ମଣ ହିତେ – ପୁତ୍ରସମ ପାଳେ ପ୍ରଜା ଜଗତେ
ବିବୁଧନିକର ଦ୍ୟନ୍ତି ସମ୍ମାନ – ବୁଜିନଚାରୀଙ୍କ ଯିଏ ସମନ ସେ
ତାରେ ଅଭିଶପ୍ତ କରି ଯେ
ପ୍ରମାଣିତ କଲୁ ମୂଢ ଅଧମ ତୁ ଅନାଚାରକୁ ଆଚରି ଯେ ।୩୨ ।
କାମିନୀ ନିର୍ମୂଳୀ ଲତା ଯେସନ – ବିନାଶ୍ରିତେ ନ ବର୍ତ୍ତଇ ଜୀବନ
ବାରିଧି ବିହୁନେ ଯେସନେ ଧରା – ବହ୍ନି ଯୋଗ ହେବ ସଂସାରସାରା ସେ
ଦଣ୍ଡାଧାରୀଙ୍କ ବିହୁନେ ଯେ
ନ୍ୟାୟ ବରଜିତ ବୃଜିନ ବଢିବ ବାରିବାହ ଯେହ୍ନେ ଘନେ ଯେ ।୩୩ ।
ଉଦକ ତ୍ୟଜନ୍ତେ ଯେସନେ ମୀନ – ଅରାଜକ ଯୋଗ ବିନା ରାଜନ
ନୃପତି ଈଶ୍ୱରଙ୍କ ପ୍ରତିନିଧି – ସତ୍ୟ ଧର୍ମ ରକ୍ଷା ନ୍ୟାୟ ବାରିଧି ସେ
ହେବ ଶ୍ରୀହୀନ ମୂଳକ ଯେ
ଅସମୟେ ପ୍ରାପ୍ତ ତୁମ୍ଭ ବଳବୀର୍ଯ୍ୟ ହେଲା ଧର୍ମର ବାଧକ ଯେ ।୩୪ ।
ଚୋର ଡକାୟତ ହୋଇ ପ୍ରବଳ – ଧନରତ୍ନ ବୋହି କରିବେ ଗୋଳ
ଲୁପ୍ତ ହୋଇବ ବୈଦିକ ଧର୍ମର – ଲୋକେ ପାଲଟିବେ ବର୍ଣ୍ଣସକର ସେ
ତୋର ପ୍ରତିଶୋଧ ଦାନେ ଯେ
ତପରୁ ନିସୃତ ଶକ୍ତି ପ୍ରୟୋଗରେ ବିନାଶର ଆଉହାନେ ଯେ ।୩୫ ।
ତପରୁ ସଞ୍ଚିତ ଶକ୍ତି ପ୍ରୟୋଗ – ବରଜିତ କରଇ ମହାଭାଗ
ପ୍ରଭୁଙ୍କ ପଦାରବିନ୍ଦକୁ ଧ୍ୟାୟୀ – ଖଳ ଜନରେ କ୍ଷମା ଆଚରଇ ସେ

ISSN NO.
2582-208X

କ୍ରୋଧକୁ ସମାଧି ଦେଇ ଯେ
ଜଗତ କଲ୍ୟାଣେ ସ୍ୱ-ଅର୍ଜିତଫଳ ଆନଜନେ ବିତରଇ ଯେ ।୩୬ ।
ପ୍ରତିହିଂସା ପ୍ରତିଶୋଧ ଆପେକ୍ଷ – ଭକ୍ତ ହୃଦୟକୁ ଛୁଏନା କୋପ
ପରୀକ୍ଷ ନୃପତି ଧର୍ମ ରକ୍ଷକ – ପୁତ୍ରସମ ପ୍ରିୟ ପ୍ରଜାପାଳକ ସେ
ସୁମନା ସେ ଯେ ଧରାରେ ଯେ
କୃତକର୍ମେ ତାଙ୍କ ନାହିଁ ତିଳେ ତ୍ରୁଟି ସୁନାଶିର ସେ ମହୀରେ ଯେ ।୩୭ ।

-:ଟୀକା:-
ସର୍ବଜ୍ଞତର – ସର୍ବଜ୍ଞାତା
ବିବୁଧନିକର – ସ୍ୱର୍ଗର ଦେବତାମାନେ
ସମନ – ଯମ
ନ୍ୟାୟ ବରଜିତ – ନ୍ୟାୟକୁ ଛାଡି
ଘନେ – ଆକାଶରେ
ଆଉହାନେ – ଡାକରାରେ
ବିରାଟ ଶ୍ରେଷ୍ଠ – କ୍ଷତ୍ରୀୟଶ୍ରେଷ୍ଠ
ବୃଜିନଚାରୀ – ପାପାଚାରୀ
ବହ୍ନିଯୋଗ – ଅଗ୍ନିସଂଯୋଗ
ବାରିବହ – ମେଘ
ଉଦକ – ଜଳ
ସୁନାଶୀର - ଇନ୍ଦ୍ର

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଜଣେ ଉତ୍ତମ ବସ ବା କର୍ତ୍ତୁପକ୍ଷ କଭଳି ହୋଇପାରିବେ ?



ଲକ୍ଷ୍ମୀନାରାୟଣ ପଟ୍ଟନାୟକ

ଜଣେ ଉତ୍ତମ କର୍ତ୍ତୁପକ୍ଷ, ପରିଚାଳକ ଅଥବା ବସ ହେବା ଦ୍ୱାରା ଅଧସ୍ତନ କର୍ମଚାରୀ ମାନଙ୍କର ମନୋବଳ ବୃଦ୍ଧି ହେବା ସହ କମ୍ପାନୀ ବା କାର୍ଯ୍ୟାଳୟର ଉନ୍ନତ୍ତି ସାଧନ ହୋଇଥାଏ । ନିହାତି ପକ୍ଷେ ଜଣେ ଉତ୍ତମ ବସ ହେବା ନିମନ୍ତେ ସମସ୍ତେ ଚେଷ୍ଟା କରିବା ଉଚିତ । ଜଣେ ମହାନ ବସ ହେବାର ତାରିକା ସମସ୍ତଙ୍କୁ ଜଣା ନଥାଏ । କୌଣସି କାର୍ଯ୍ୟାଳୟର ସର୍ବୋଚ୍ଚ ଅଧିକାରୀ, କର୍ତ୍ତୁପକ୍ଷ ବା ବସ ଯଦି ନକରାତ୍ମକ ଭାବନାର ବଶବର୍ତ୍ତୀ ହୁଅନ୍ତି, କ୍ରୋଧିତ ବା ଚିଡିଚିଡା ସ୍ୱଭାବର ହୋଇଥାନ୍ତି, କାର୍ଯ୍ୟାଳୟର ପ୍ରଶାସନିକ ଖସଡାକୁ ସଠିକ ଭାବେ ବୁଝି ନଥାନ୍ତି, ଏବଂ ଅଧସ୍ତନ କର୍ମଚାରୀ ମାନଙ୍କୁ ସଠିକ ଭାବେ ଶୁଣିବାକୁ ଓ ବୁଝିବାକୁ ଚେଷ୍ଟା କରିନଥାନ୍ତି ଏବଂ ଅଧସ୍ତନ କର୍ମଚାରୀମାନଙ୍କ ମଧ୍ୟରେ ପାତର ଅନ୍ତର ମନୋଭାବ ପୋଷଣ କରନ୍ତି, ତେବେ କର୍ମଚାରୀମାନଙ୍କ ମନୋବଳ ଉପରେ କ୍ଷତି ପହଞ୍ଚାଇ ଥାଏ । କର୍ତ୍ତୁପକ୍ଷଙ୍କ ଏତାଦୃଶ ଆଚରଣ କମ୍ପାନୀ ବା କାର୍ଯ୍ୟାଳୟର କାର୍ଯ୍ୟଧାରା ଓ ଉତ୍ପାଦକତାକୁ ପ୍ରଭାବିତ କରିଥାଏ ।

ଅଧିକାଂଶ ଦେଖାଯାଏ, ଅନ୍ୟ ଲୋକଙ୍କ ସାମନାରେ ଉଚ୍ଚ ଅଧିକାରୀ ମାନେ ଅଧସ୍ତନ କର୍ମଚାରୀ ମାନଙ୍କୁ ଚିତ୍କାର କରି ଗାଳି ଗୁଲ୍ଲଜ କରିଥାନ୍ତି । ଯାହାଫଳରେ ଅଧସ୍ତନ କର୍ମଚାରୀଟି ଏକ ଖରାପ ବସ ବା କର୍ତ୍ତୁପକ୍ଷଙ୍କୁ ମୁକାବିଲା କରିବାକୁ ବାଧ୍ୟ ହୁଏ । ଅଯଥା ଚାପରେ ତା'ର ମନୋବଳ ଭୁଷୁଡି ପଡିବା ସହ ଅସହଯୋଗ ବୃଦ୍ଧି ପାଏ । କୌଣସି କାର୍ଯ୍ୟାଳୟ, ସେ ସରକାରୀ ହେଉ ଅଥବା ବେସରକାରୀ ହେଉ, ଯଦି ଉଚ୍ଚ କର୍ତ୍ତୁପକ୍ଷଙ୍କ ଉଚ୍ଚାରଣ ଓ ଆଚରଣରେ ଶାଳୀନତା ସହ ସ୍ନେହ, ସୌହାର୍ଦ୍ଦ୍ୟ, ଉତ୍ସାହ ଓ ଅନୁଶାସନ ଠିକ ନଥାଏ, ତେବେ ସେଠାରେ ଏକ ଅସନ୍ତୁଳିତ ବାତାବରଣ ସୃଷ୍ଟି ହୁଏ । ଏହି ସମସ୍ୟାକୁ ଏଡାଇବା ପାଇଁ ଜଣେ ଉତ୍ତମ କର୍ତ୍ତୁପକ୍ଷ ବା ବସ ଙ୍କ ଭୂମିକା ଅତ୍ୟନ୍ତ

ISSN NO.
2582-208X

ଗୁରୁତ୍ୱପୂର୍ଣ୍ଣ । କାରଣ ଜଣେ କର୍ମଚାରୀ ତା' ଜୀବନର ଏକ ତୃତୀୟାଂଶ ସମୟ ନିଜ କର୍ମକ୍ଷେତ୍ରରେ ହିଁ ନିର୍ବାହ କରିଥାଏ । ଦୈନନ୍ଦିନ ଜୀବନରେ ଅଧିକାଂଶ ସମୟ ତା'ର କର୍ମକ୍ଷେତ୍ରରେ ଅତିବାହିତ ହୁଏ । ତେଣୁ ସେଠାରେ ଏକ ମନୋଜ୍ଞ, ସ୍ନେହପୂର୍ଣ୍ଣ ଏବଂ ଅନୁଶାସନପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ନିମନ୍ତେ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁ ପରିବେଶ ଜଣେ କର୍ମଚାରୀଙ୍କୁ କର୍ମଠ ହେବାର ଖୋରାକ ଯୋଗାଇଥାଏ, ଏଭଳି ଏକ ମଜାଳିଆ ପରିବେଶ କାମ କରିବାକୁ ଉତ୍ସାହିତ କରିବା ସହ ଉତ୍ପାଦକତା ବୃଦ୍ଧିରେ ସହାୟକ ହୋଇଥାଏ ।

'ଆମେ' ବନାମ 'ସେମାନେ' ଭାବନାଠାରୁ ଜଣେ କର୍ତ୍ତୃପକ୍ଷ ନିବୃତ୍ତ ରହିବା ଉଚିତ । ଟିମ ଲିଡରସିପ ଦକ୍ଷତା ନଥିଲେ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ କଦାପି ହୋଇପାରନ୍ତି ନାହିଁ । ଜଣେ ସଫଳ କର୍ତ୍ତୃପକ୍ଷ, ପରିଚାଳକ ଅଥବା ବସ ହେବା ନିମନ୍ତେ ଯେଉଁ ଦକ୍ଷତା ଓ ଗୁଣବତ୍ତାର ଆବଶ୍ୟକ ହୋଇଥାଏ, ତାହାର କେତୋଟି ମୁଖ୍ୟ ଆକଳନ ଏହି ଆଲେଖ୍ୟରେ ଉଲ୍ଲେଖ କରାଯାଇଛି, ଯାହା ଜଣେ ଉତ୍ତମ ପରିଚାଳକ ବା ବସ ସୃଷ୍ଟି କରିବା ନିମନ୍ତେ ସାମାନ୍ୟ ସହାୟକ ହୋଇପାରେ ।

ପ୍ରତ୍ୟେକ ଅନୁଷ୍ଠାନ ବା ସଂସ୍ଥା ଗୁଡ଼ିକ ପାଇଁ ଏକ ସ୍ପଷ୍ଟ କାର୍ଯ୍ୟ-ଖସଡା ବା କାର୍ଯ୍ୟ-ଧାରା ରହିଥାଏ । ଏହାକୁ ପରିଚାଳିତ କରିବାପାଇଁ ଭିନ୍ନ ଭିନ୍ନ ପ୍ରକାରର କର୍ମଚାରୀମାନେ ନିୟୋଜିତ ହୋଇଥାନ୍ତି । ସେମାନେ ଯେଉଁ ଯେଉଁ କାର୍ଯ୍ୟ ସମ୍ପାଦନ କରନ୍ତି ସେଗୁଡ଼ିକୁ ଜଣେ ବସ ନିହାତି ଭାବେ ବୁଝିବା ଓ ଅନୁଧ୍ୟାନ କରିବା ଆବଶ୍ୟକ । ଯାହାଦ୍ୱାରା କର୍ମଚାରୀମାନଙ୍କୁ ଜଡିତ ଥିବା କାର୍ଯ୍ୟରେ ଅଧିକରୁ ଅଧିକ ସଫଳତା ହାସଲ ନିମନ୍ତେ ସେମାନଙ୍କ ମନରେ କାର୍ଯ୍ୟ କରିବାର ଉତ୍ସାହ ସୃଷ୍ଟି ହେବା ସହ କାର୍ଯ୍ୟାଳୟକୁ ଏହାର ଲକ୍ଷ୍ୟ ହାସଲ ଦିଗରେ ସାହାଯ୍ୟ କରେ ।

ପ୍ରତ୍ୟେକ ଅନୁଷ୍ଠାନ ବା ସଂଗଠନର ସଫଳତା ନିମନ୍ତେ ଏକ ବ୍ୟବସାୟିକ ରଣନୀତି ପ୍ରସ୍ତୁତ କରିବା ଦିଗରେ ଜଣେ ବସ ଙ୍କ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ଅଧସ୍ତନ କର୍ମଚାରୀମାନେ ସଂଗଠନର ମିଶନକୁ କିଭଳି ସମର୍ଥନ କରନ୍ତି, ପ୍ରତ୍ୟେକ କାର୍ଯ୍ୟ ଦିବସରେ ସେମାନଙ୍କ କାର୍ଯ୍ୟଧାରାର ଏକ ସ୍ପଷ୍ଟ ରେଖାଚିତ୍ର ସହ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ । କର୍ମଚାରୀ ମାନଙ୍କ ଉପରେ ଥିବା କାର୍ଯ୍ୟଭାର ଗୁଡ଼ିକର ସୁଚାରୁ

ISSN NO.
2582-208X

ସମ୍ପାଦନା ଓ ସ୍ୱଚ୍ଛ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ବିଚାର ଆଲୋଚନା, ପ୍ରଶିକ୍ଷଣ ଓ କର୍ମଶାଳା ଆଦିର ଆୟୋଜନ କରିବା ଉଚିତ । ଏହାଦ୍ୱାରା କର୍ମଚାରୀ ମାନଙ୍କ ଠାରୁ ସ୍ୱଚ୍ଛ ଓ ନିର୍ଭୁଲ କାର୍ଯ୍ୟଦକ୍ଷତାର ଆଶା ସ୍ଥିର କରାଯାଇପାରେ । ଯାହାଫଳରେ କର୍ମଚାରୀ ଜଣଙ୍କ ଯେଉଁ କାର୍ଯ୍ୟଭାର ଗୁଡିକୁ ଧାରଣ କରିଥାନ୍ତି, ସେହି ଦିଗରେ ତାଙ୍କ ଲକ୍ଷ୍ୟ କେନ୍ଦ୍ରୀଭୂତ ହେବ । ଦାୟିତ୍ୱରେ ଥିବା ନିରୀକ୍ଷକ ସମ୍ପୃକ୍ତ କର୍ମଚାରୀଙ୍କ ସହ ବିଭିନ୍ନ ବର୍ତ୍ତାଳାପ ଓ ଆଲୋଚନା ମାଧ୍ୟମରେ କର୍ମଚାରୀଙ୍କ ଦାୟିତ୍ୱବୋଧ ଓ ଭୂମିକା ବିଷୟରେ ସ୍ୱଷ୍ଟ କରିପାରିବେ । ଯାହାଫଳରେ ନିର୍ଦ୍ଧିଷ୍ଟ କାର୍ଯ୍ୟଟି ସୁଚାରୁରୂପେ ସମ୍ପାଦିତ ହୋଇପାରିବ। କର୍ମଚାରୀମାନେ ନିଜ ଉପରେ ଥିବା କାର୍ଯ୍ୟଭାରକୁ କେତେ ପୂରଣ କରୁଛନ୍ତି ତାହା ଉପରେ କର୍ମଚାରୀମାନେ ନିରନ୍ତର ମତାମତ ଆବଶ୍ୟକ କରନ୍ତି । ଯେତେବେଳେ ସେମାନେ ଦକ୍ଷତାର ସହ ଭଲ କାମ କରୁଛନ୍ତି, ସେତେବେଳେ ସେମାନଙ୍କୁ ସାବାସୀ, ପ୍ରଶଂସା ଓ ପୁରସ୍କୃତ କରିବା ଉଚିତ ।

କର୍ମଚାରୀମାନେ ଯଦି ସୁଚାରୁରୂପେ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରୁଛନ୍ତି, ତେବେ ଏହାକୁ ଉଲ୍ଲେଖ କରନ୍ତୁ । ଯଦି ସେମାନଙ୍କ କାର୍ଯ୍ୟଶୈଳୀକୁ ବଦଳାଇବା ଆବଶ୍ୟକ ପଡୁଥାଏ, ତେବେ ସେମାନଙ୍କୁ ସଚେତନ ହେବା ପାଇଁ ଉପଦେଶ ଦିଅନ୍ତୁ । ଯଦି କୌଣସି କର୍ମଚାରୀ ଅନୁଷ୍ଠାନର ଉପଭୋକ୍ତା ଅଥବା ଗ୍ରାହକ ସେବାକୁ ଠିକରେ ପାଳନ କରୁନାହାଁନ୍ତି ସେମାନଙ୍କୁ ବିଧିବଦ୍ଧ ତାରିକାରେ ତାଗିଦ କରନ୍ତୁ । ଯଦି କର୍ତ୍ତୃପକ୍ଷ ବା ବସ ଫୋନରେ ଉପଭୋକ୍ତା ଅଥବା ଗ୍ରାହକଙ୍କ ପ୍ରତି କର୍ମଚାରୀଙ୍କ ଅଶାଳୀନ ବ୍ୟବହାର ବିଷୟରେ ଶୁଣନ୍ତି, ତେବେ ସେମାନଙ୍କୁ ଏହାକୁ ସୂଚାଇ ଦେଇ ଗ୍ରାହକଙ୍କ ସହ ଯୋଗାଯୋଗ କରିବା ପାଇଁ ସେମାନଙ୍କୁ ଏକ ଉତ୍ତମ ଉପାୟରେ ପ୍ରଶିକ୍ଷଣ ଦିଅନ୍ତୁ ।

ଜଣେ ଉତ୍ତମ ବସ ଜଣେ କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଏବଂ ସେମାନେ କାର୍ଯ୍ୟରେ ନଥିବାବେଳେ କ'ଣ କରନ୍ତି ତାହା ପଚାରିବାକୁ ସମୟ ନେବା ଉଚିତ । ଯଦି ଆପଣ ଜଣେ କର୍ମଚାରୀଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ସେମାନଙ୍କ ପିଲାମାନଙ୍କ ବିଷୟରେ ପଚାରନ୍ତୁ । ସେମାନଙ୍କ ରୁଚି ଇତ୍ୟାଦି ବିଷୟରେ ଆଲୋଚନା କରନ୍ତୁ ।

ISSN NO.
2582-208X

ବ୍ୟକ୍ତିଗତ ଅଭିଜ୍ଞତା ଗୁଡିକୁ ନିଜ କର୍ମଚାରୀ ମାନଙ୍କ ମଧ୍ୟରେ ବାଣ୍ଟନ୍ତୁ । ଯେତେବେଳେ ଜଣେ ବସ ନିଜର ରିଅଲ୍ ଲାଇଫ୍ ସଂଘର୍ଷଗୁଡିକ କର୍ମଚାରୀ ମାନଙ୍କ ଗହଣରେ ଅଂଶୀଦାର କରନ୍ତି, ଏହା କର୍ମଚାରୀଙ୍କ ଜୀବନ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଉଦାହରଣ ସ୍ୱରୂପ, ଯଦି ଜଣେ ବସ୍ ପଡ଼ୋଶୀ ସହିତ ଥିବା ବିବାଦକୁ କର୍ମଚାରୀ ମାନଙ୍କ ସହ ଅଂଶୀଦାର କରନ୍ତି, ଏବଂ କିପରି ବିବାଦର ସମାଧାନ କରନ୍ତି, ଏହା ଏକ ଅତିରିକ୍ତ ଶିକ୍ଷାର ସୁଯୋଗ ପ୍ରଦାନ କରେ । ଏଭଳି ଆଲୋଚନା କର୍ମଚାରୀଙ୍କୁ ସେମାନଙ୍କ ବସ ଙ୍କ ବ୍ୟକ୍ତିଗତ ଜୀବନର ଆଦର୍ଶ ଆଡକୁ ଅନୁପ୍ରାଣିତ କରିଥାଏ ।

ଜଣେ ସଫଳ ବସ କହନ୍ତି "ଯଦି ତୁମେ କାମରେ ଖୁସି ମଜା କରୁନାହଁ, ତେବେ ତୁମେ ଭୁଲ୍ କାମରେ ଅଛ ।" ମଜାଳିଆ କାର୍ଯ୍ୟକଳାପ, ଇଭେଣ୍ଟ, ଏବଂ କର୍ମଚାରୀଙ୍କ ପାଇଁ ସଂଗଠିତ ବଣଭୋଜି ଓ ପ୍ଲେ-ଟାଇମ୍ ଆଦି ଅନ୍ତର୍ଭୁକ୍ତ କରିବା ଦ୍ୱାରା କର୍ମଚାରୀ ମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ଆନ୍ତରିକତା ସୃଷ୍ଟି ହୋଇଥାଏ । ଏକତା ସୂତ୍ରରେ ସମସ୍ତଙ୍କୁ ଆବଦ୍ଧ କରିବା ସମ୍ଭବ ହୋଇଥାଏ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା କର୍ମଚାରୀ ମାନଙ୍କ ଦୃଷ୍ଟିକୋଣକୁ ଖୁବ ସହଜରେ ବୁଝି ହୋଇଥାଏ । ସେମାନଙ୍କ ମତାମତ ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଥିବା ଅସୁବିଧା ଗୁଡିକୁ ଖୁବ ସହଜରେ ଠାବ କରିହୁଏ ।

କର୍ମଚାରୀମାନେ ଭଲ କାମ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକୁ ଯାଆନ୍ତି । ସେମାନଙ୍କ କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ସମ୍ପାଦନକୁ ଅନୁଶୀଳନ କରି ଭଲ କାମ ନିମନ୍ତେ ପୁରସ୍କୃତ କରାଯିବା ଉଚିତ । ସେମାନଙ୍କ କାର୍ଯ୍ୟ କରିବା ପାଇଁ ସଠିକ ଉପକରଣ ଏବଂ ତାଲିମ ଦିଆଯାଏ ଏବଂ ଏକ ଭଲ କାମ କରିବା ପାଇଁ ପୁରସ୍କୃତ କରାଯାଏ, ସେମାନେ ନିଶ୍ଚିତ ଭାବରେ କର୍ମକ୍ଷେତ୍ର ସହିତ ଜଡିତ ରହି ସଠିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି । ଏଭଳି ପରିବେଶ ସୃଷ୍ଟି କରିବା, ଯାହା କେବଳ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ ଙ୍କ ଉପରେ ନିର୍ଭର କରେ ।

ଇରିଗେସନ କଲୋନୀ, ଖୋରଧା
ଦୂରଭାଷ : ୯୮୬୧୬୧୬୧୨୬

ISSN NO.
2582-208X

# ଅନୁଭୂତିରେ ଧାର



ଲଲ୍ଟେନ୍ଦୁ ବାରିକ

ଶେଷ ଜୀବନ ରେ ଗୋଟିଏ ଆଶା
ଜୀବ ଗଲା ବେଳେ ହେବେ ଭରସା
ରହିବାକୁ ଚାହେଁ ତୁମ ସ୍ୱର୍ଗ ଦ୍ୱାରେ
ଆଶ୍ରା ଦେବ ପ୍ରଭୁ ତୁମ ଶ୍ରୀ ପୟ ରେ
ସଂସାର ରେ ଥିଲି ହେବି ଏକୁଟିଆ
ଡର ଲାଗିବ ପ୍ରଭୁ ସେ ନୂଆ ଦୁନିଆ
ସାଥେ ରହି ପ୍ରଭୁ ଭୁଜ ଦେବ ବଢାଇ
ବିପଦ ମୋ ପାଶ ଯେବେ ମାଡଇ
ଆସିଥିଲି ଯେବେ ମୁଁ ଖାଲି ହାତରେ
ଯିବି ତ ଦିନେ ପ୍ରଭୁ ତୁମ ଇଙ୍ଗିତ ରେ
ମୋହ ମାୟା ଲୋଭ ପଛରେ ପକାଇ
ଚାଲି ଯିବି ପ୍ରଭୁ ସଭିଙ୍କୁ ଲୁହେ ଭସାଇ
ଜୀବ ଆତ୍ମା ଯେ ନୁହେଁ କାହା ଅଧୀନ
ଛାଡି ଯିବ କେବେ ନ ଜାଣି ପାରିବେ ଜନ
ଏକ ଦୁଇ କରି ନଅ ଦଶ ଏଗାର ଦିନ
ଝୁରି ବେ ଭାବି ବେ ବସି ରାତି ଦିନ
ବୁଝନ୍ତି ନାହିଁ କେହି ଏଠି ନୁହେଁ ଅମର
ସଭିଏ ଯିବେ ଆଗ ପଛ କରି ବିଚାର
ମଶାଣି ଭୁଇଁରେ ଯିବା ସଭିଏ ଲୋଟି

କିଆଁ ସପନ ଦେଖୁ ଗଢି କୋଠାଭାଟି
ଧନୀକ ଗରିବ ଦେଖେନି ଶ୍ମଶାନ ଭୂଇଁ
ଆଦରେ ସଭିଙ୍କୁ ନିଏ ସେ କୋଳାଇ
ମନରେ ଅଶାନ୍ତି ଯଦି ଯେବେ ଆସଇ
ବୁଲି ଆସ ଟିକିଏ ଶ୍ମଶାନ ଭୂଇଁ ଯାଇ

ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ଜୀବନ ସଙ୍ଗୀତ



ଅଜିତ ପାଢ଼ି

ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲି ପାଇଁ ମୁଁ ହେ ଗାଇଯିବି ଗୀତ
ଜୀବନ ଭିତରେ କରିଯିବି କର୍ମ '
ରଖିଯିବି କିଛି କର୍ମ ର ସଙ୍ଗୀତ ।
****। *****। ***

ଏଠି ମୋର ଜନ୍ମ ଏଠି ମୋର ମୃତ୍ୟୁ
ଅଟେ ଏଠି ସ୍ୱର୍ଗ ଜୀବନ ସଙ୍ଗୀତ
ଅଟେ ଏଥି ନର୍କ ଦୁର୍ଦ୍ଦିନ ର ପଥ
କର୍ମ ସରିଗଲେ ବାଜିବ ସଙ୍ଗୀତ ।
ଜୀବନ ର ଗୀତ ବାଜିବ ସଙ୍ଗୀତ ।
ଏହି ମୋର ଗୀତ """""" ଜୀବନ
ସଙ୍ଗୀତ।
*************""""""
ମିଥ୍ୟା ପ୍ରେମ ଦୁନିଆଁ ଆଜି ଗାଉଛି
ସଙ୍ଗୀତ
ମାୟା ପ୍ରେମ ପ୍ରୀତି ଆଜି ସବୁ ହେ
ଅସତ୍ୟ
ଶତାବ୍ଦୀ ସ୍ୱର ରେ ବେଦନା ସଙ୍ଗୀତ
ନିଶବ୍ଦ ସଙ୍ଗୀତ ବେଦନା ରେ ଭୀତ

ISSN NO.
2582-208X

ସବୁଠି ଶୁଭୁଚି ଆଜି ସମାଧି ସଙ୍ଗୀତ
ପ୍ରେମ ଆଜି ମିଥ୍ୟା ସାଜେ କରୁଅଛୁ
ଭୀତ
ମାୟା ପ୍ରେମ ଖାପ ଛଡ଼ା
ସମାଧି ଆଜି ଖାପ ଛଡ଼ା
ସମାଧି ଗାଉଛି ଆଜି ବେଦନା
ସଙ୍ଗୀତ ।
ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲି ପାଇଁ ମୁ ହେ ରଖିବି ସଙ୍ଗୀତ ?

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ତମ ଅପେକ୍ଷାରେ



ଶୁଭମ୍ କୁମାର ସାହୁ

ତମ ଅପେକ୍ଷାରେ ମୋ ଜୀବନେ ଅନ୍ତ ନାହିଁ
ତମ ଅପେକ୍ଷାରେ ଜହ୍ନ ବି ଆଜି ଝାଉଁଳେ
ବିତୁଛି ଏ ଜୀବନ କେବଳ ତମ ଅପେକ୍ଷାରେ
ଜଣେନା,
ତମେ କେଉଁଦିନ ଫେରିବ
ଜଣେନା,
କେବେ ମୋ ଅପେକ୍ଷାର ଅନ୍ତ ହେବ
ତଥାପି ତମ ଅପେକ୍ଷାରେ
ନସ୍ତବ୍ଧ ରହିଯାଏ ଏ ଜଙ୍ଗଲ
କେବଳ ଶୁଭେ
କାଠହଣା ଚଢେଇ ର ଠକ୍ ଠକ୍ ଶବ୍ଦ
ଯେପରି ଲାଗେ
ସତେ ଯେମିତି ତମେ ଫେରିଆସିଛ
ମୋର ସେଇ ହୃଦୟ ପାଚେରୀ ଭିତରକୁ
ଆଉ ହାତ ଠାରି ମୋତେ ପାଖେ ଡାକୁଛ
ଧେତ୍ ଏ ତ ମୋ ସ୍ୱପ୍ନ;
ତମ ବିନା ମୋ ହୃଦୟେ ଜୀବନ ହିଁ ନାହିଁ
ପାଗଳ ପରି ମୁଁ ଖୋଜି ବୁଲୁଛି ତମ ଟିକେ ଛାଇ କୁ
ସତରେ,
ତମ ଅପେକ୍ଷାରେ ମୋ ଅନ୍ତ ନାହିଁ ।

ପଦାପଡ଼ା, ଗୁଡ଼ିଖାଳ, ବାଲେଶ୍ୱର
Contact no. 8917512747
Mail : sahoosubham603@gmail.com

ISSN NO.
2582-208X

# ଶେଷ ରାତି



ପ୍ରଶାନ୍ତ କୁମାର ନାଥ

ସୁନନ୍ଦ ବାଲକୋନୀରେ ବସି ଦେଖୁଛି ବର୍ଷ ଶେଷର ଶେଷ ଦୃଶ୍ୟ। ରଜନୀ ଶୋଇ ଯାଇଥିଲେ ମଧ୍ୟ ଆଜି ଚଳଚଞ୍ଚଳ ଲାଗୁଛି। ଶୂନ ଶାନ୍ ରାତିକୁ ଭେଦକରି ଭାସି ଆସୁଛି ପ୍ରତ୍ୟେକ ଲୋକଙ୍କର ବାର୍ତ୍ତା ଆଳାପ।ସତେ ଯେମିତି ରାତି ଚେଇଁ ଉଠିଛି। ସୁନନ୍ଦ ଏମିତି ଭାବନାରେ ଥାଇ ହଜିଯାଇଛି ତା'ର ଅତିତକୁ ଆଜିର ଦିନ ଠିକ୍ ଏହି ସମୟରେ କେଉଁ ଏକ ଶେଷ ବର୍ଷକୁ ବିଦାୟ ଦେଉଥିଲା।

ସୁନନ୍ଦକୁ ବାର ବାର ଫୋନ୍ କରି ସୁନନ୍ଦା ଘରକୁ ଡାକୁଥାଏ ତୁମେ ଆଜି ଆସ ଆମେ ଦୁହେଁ ମିଶି ଏବର୍ଷର ଶେଷ ରାତିକୁ ବିଦାୟ ଦେବା ଆଉ ନୂଆ ବର୍ଷକୁ ସ୍ୱାଗତ କରିବା। ଖୁବ ମଜା ହେବ ତମ ପାଇଁ ମୁଁ ରୋଷେଇ କରୁଛି କ'ଣ ଖାଇବ କୁହ। ସୁନନ୍ଦ ଘର ଲୋକଙ୍କୁ ଏଡ଼େଇ ବାହାରକୁ ଯାଇ ପାରିବ ନାହିଁ ବୋଲି ସୁନନ୍ଦାକୁ କହୁଥାଏ କିନ୍ତୁ ସୁନନ୍ଦା ତା'ର ଜିଦ୍ ରେ ରହିଥାଏ। କହୁଥାଏ ମୁଁ ଯାହା କହୁଛି କର ମୋ କଥା ତମକୁ ମାନିବାକୁ ପଡିବ। ଏକଥା ସୁନନ୍ଦାର ସୁନନ୍ଦ ପ୍ରତି ଭଲ ପାଇବା ଦୃଢ ଉକ୍ତି। ସୁନନ୍ଦ ଘରେ ବାହାନା କରି ଚାଲିଆସିଥିଲା ସୁନନ୍ଦା ପାଖକୁ। ଦୁହେଁ ମିଶି ଖୁବ ମଜା ମସ୍ତି କରିଥିଲେ ଏବଂ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ କରିଥିଲେ। ସୁନନ୍ଦାର ମନ ସେଦିନ ଖୁବ ଖୁସି ଥିଲା ସୁନନ୍ଦକୁ ପାଖରେ ପାଇ। ସୁନନ୍ଦ ବି ବହୁତ ଖୁସି। ସୁନନ୍ଦା ଯେତେ ନିକଟତର ହେଲେ ବି ସୁନନ୍ଦର ଆହୁରି ମନବଳ ବଢିଯାଏ ତାକୁ ଅନୁଭବ ହୁଏ ତା ହାତ ପାନ୍ତାରେ ପୁନେଇଁର ଜହ୍ନ। ନୂଆ ବର୍ଷର ଆଗମନରେ ମନରେ ଯେତିକି ଖୁସି ହେଉନଥିଲା ସୁନନ୍ଦ ତାଠୁ ଅଧିକ ଖୁସି ଅନୁଭବ ହେଉଥିଲା ସୁନନ୍ଦାକୁ ପାଖରେ ପାଇ। ଏମିତି ମଜା ମସ୍ତି ଭିତରେ ରାତି ଦୁଇଟା ହେଇ ସାରିଥାଏ। ସୁନନ୍ଦ କହିଲା ଏବେ ଯାଓ ଶୋଇବ ମୁଁ ମଧ୍ୟ ଯାଉଛି ଶୋଇବାକୁ। ସୁନନ୍ଦାର ମନ ନଥାଏ ସୁନନ୍ଦକୁ ପାଖରୁ ଛାଡି ଯିବା ପାଇଁ। ସୁନନ୍ଦ

ISSN NO.
2582-208X

ବାଧ୍ୟହୋଇ ସୁନନ୍ଦାର ହାତ ଧରି ତା ଶୋଇବା ଘରକୁ ନେଇ ଶୁଆଇ ଦେଇ ଆସିଲା। ସୁନନ୍ଦ ଆସି ସୁନନ୍ଦା ଙ୍କ ଗେଷ୍ଟ ହାଉସ ରୁମ୍ ରେ ବିଶ୍ରାମ ନେଲା। ସୁନନ୍ଦ କେବଳ ସୁନନ୍ଦା କଥା ଭାବୁଥାଏ ସତରେ ସୁନନ୍ଦା ଏତେ ଭଲ ପାଏ। ସୁନନ୍ଦକୁ ଲାଗିଲା ଯେମିତି ଏ କିଛି ମୁହୂର୍ତ୍ତ ଏ ବର୍ଷର ସବୁ ସୁଖ ମିଳିଯାଇଛି ଆଉ କିଛି ଦରକାର ନାହିଁ। ଏମିତି ଭାବୁ ଭାବୁ ଭୋର ହେଇ ଯାଇଥାଏ। ସୁନନ୍ଦ ଆଖି ନିଦରେ ବୁଜି ହେଇ ଯାଉଥାଏ। କେତେବେଳେ ସେ ଶୋଇଯାଇଛି ତାକୁ ଜଣା ନାହିଁ। ସୁନନ୍ଦା ତା ଥଣ୍ଡା ହାତର ସ୍ପର୍ଶ ରେ ତା ନିଦ ଭାଙ୍ଗି ଯାଏ। ସୁନନ୍ଦ କହେ ରୁହ ମୁଁ ଆଉ ଟିକେ ଶୋଇବି ତମେ ଥଣ୍ଡା ହାତ ଲଗାଓ ନାହିଁ। କିନ୍ତୁ ସୁନନ୍ଦର ମନ ଆଉ ଟିକେ ସୁନନ୍ଦାର ହାତ ସ୍ପର୍ଶ ପାଇବା ପାଇଁ। ସୁନନ୍ଦ ସୁନ୍ଦାର ହାତକୁ ଭିଡିଧରି କହେ ରୁହ ନା ସୁନନ୍ଦା ଛାଡିଦେଇ କହେ ମୁଁ ଯାଉଛି ତମ ପାଇଁ କ'ଣ କରିବି ଖାଇବ ସୁନନ୍ଦ କହେ ନା ମୁଁ ଏବେ ଚାଲିଯିବି।

ଏହି ସମୟରେ ସୁନନ୍ଦର ପଛପଟରୁ କେହି ଜଣେ ଆସି କହେ ହ୍ୟାପି ନିୟୁ ୟର । ସୁନନ୍ଦ ବାସ୍ତବକୁ ଫେରିଆସେ କହେ ହ୍ୟାପି ନିୟୁ ୟର। ଆରେ ସେଦିନ ବି ଠିକ୍ ଏଇ ସମୟ ଥିଲା। ଶେଷ ରାତିର ଶେଷ ଦୃଶ୍ୟ ସୁନନ୍ଦର ମାନସ ପଟରେ ଆଜିବି ସଜେଇ ହୋଇ ରହିଛି। ଯେବେ ଡିସେମ୍ବର ଏକ ତିରିଶି ହୁଏ। ବହୁ ବର୍ଷ ବିତିଯାଇଥିଲେ ବି ଆଉ ସେ ରାତି ଆସୁନାହିଁ ଆସୁଛି କେବଳ ଡିସେମ୍ବର ଏକ ତିରିଶି ରାତି ସୁନନ୍ଦ ପାଇଁ ଆସେ ଶେଷ ରାତିର ଖବର ନେଇ ନୂଆ ବର୍ଷ।।

ଜୁଣଗଡି (ରାଜନଗର), କେନ୍ଦ୍ରାପଡ଼ା

ISSN NO.
2582-208X

# କଳାକାର



ରାମ ଚନ୍ଦ୍ର ପ୍ରଧାନ

କେବେ ସେ ଜୋକର କେବେ ସେ ଫକିର
କେବେ ପୁଣି ଯାଯାବର
କେବେ ସେ ନାୟକ କେବେ ସେ ଗାୟକ
ଆଉ କେବେ ସୁରବୀର ।
ହସି ସେ ହସାଏ ନାଚି ସେ ନଚାଏ
ଛାତି ତଳେ ଚାପି ଦୁଃଖ
କାନ୍ଦି ସେ କନ୍ଦାଏ ଭୁଲି ସେ ଭୁଲାଏ
ସାଉଁଟି ଅଲୋଡ଼ା ସୁଖ ।
ମୁହେଁ ରଙ୍ଗମାଖି କରେ ଅଭିନୟ
ଛାଡି ନିଜ ପରିବାର
ନୁହେଁ ସେ ପଥର ସେ ଏକ ମଣିଷ
ଅଟେ ସିଏ କଳାକାର ।
କଳାରେ ତା'ମନ କଳା ତା' ଜୀବନ
କଳା ତା'ର ପରିଚୟ
କଳାରେ ମରଣ କଳାରେ ସମ୍ମାନ
କଳାରେ ତା'ର ବିଜୟ ।

କଳାକାର ଆଜି ଥୁଣ୍ଟା ଗଛ ପରି
ହୁଅଇ ଅଦରକାରୀ
କିଏ ବା ବୁଝିବ ତା' ଅନ୍ତର ଦୁଃଖ
ହୋଇ କଳାର ପୂଜାରୀ ।

ହେ ପାଠକ ବନ୍ଧୁ ହେଜ ଟିକେ ସର୍ବେ
ବୁଝି କଳାକାର ମନ
ଆସ ହେ ଗଢ଼ିବା କଳାର କୋଣାର୍କ
କଳାକୁ ଦେଇ ସମ୍ମାନ ।

ଶିକ୍ଷକ, ସାନ୍ତରାପଲ୍ଲୀ,
ଗଞ୍ଜାମ, ମୋ:9861638736

ISSN NO.
2582-208X

# ମୋ ଗାଆଁ



ଟଙ୍କଧର ସାହୁ

ପୁନ୍ୟତୟା ସୁକତେଲ
ତୀରେ ସୁଶୋଭିତ,
ମୋ' ଗାଆଁ ଗରଜନ
ପଲ୍ଲୀଟି ଅଖ୍ୟାତ।
ପ୍ରକୃତିର ମନୋହର
କୋଳେ ରହି ଅଛି,
ସହରର କୋଳାହଳ
ଆଦୌ ଶୁଭେ ନାହିଁ।
ମୋ' ଗାଆଁ ମନ୍ଦିର ଘଣ୍ଟ
ସ୍ୱରେ ନିଦ୍ରା ଭାଙ୍ଗେ,
ଗ୍ରାମ ଦେବତୀଙ୍କୁ ହସ୍ତ
ଯୋଡ଼ି କୃପା ମାଗେ।
ଶ୍ରଦ୍ଧା ସହଯୋଗପୂର୍ଣ୍ଣ
ସଭିଙ୍କ ହୃଦୟ,
ଈଶ୍ୱର ବିଶ୍ୱାସୀ ସର୍ବେ
କର୍ମକ୍ଷେତ୍ରେ ଲୟ।
କୃଷକ ଶ୍ରମିକ ଅଳ୍ପ
ରାଜ କର୍ମଚାରୀ,
ରହିଛନ୍ତି ମୋ' ଗାଆଁରେ
ଏକତାକୁ ଧରି।
ରମ୍ୟ ପ୍ରକୃତିର କୋଳେ

ISSN NO.
2582-208X

ସବୁଜ ବନାନୀ,
ଏ ଗାଆଁକୁ ଆବୋରିଛି
ଚିର ଶୋଭା ଘେନି ।
ଜନମି ଏହି ପଲ୍ଲୀରେ
ଲାଗଇ ଗରବ,
ସବୁ ଋତୁ ଦିଅନ୍ତି ବସ –
ନ୍ତର ଅନୁଭବ ।
ମଧୁର ମମତା ଅଟେ
ମା' ମାଟି ମୋର,
ମୋ ଦେହେ ବହୁଛି
ତା' ପାଣି ରକତ ।
ତାର ଫଳ ଫୁଲ ଶସ୍ୟେ
ଏ କାୟ ଶକତ,
ଏ ଗ୍ରାମବାସୀ ଆଶିଷେ
ହେବ ସଫଳତା ପ୍ରାପତ ।
କର୍ମବସେ ଏଣେତେଣେ
ଯଦି ଥିବି ରହି,
ଶେଷ ସମୟ ଏଠାରେ
କାଟିବି ଭାବଇ ।
ନୀଳାଦ୍ରିନାଥଙ୍କ ପାଦେ
ମୋର ଏକ ଅଳି,
ମୋ' ଗାଆଁକୁ ରଖିଥାନ୍ତୁ
ସଦା ଘଣ୍ଟ ଘୋଡ଼ି ।

+୩ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ,ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର

ISSN NO.
2582-208X

# ଥିଲା ଆମ ବିଦ୍ୟାଳୟ



ମହେଶ୍ୱର ସାହୁ

ବିଦ୍ୟାଳୟ ଥିଲା, ସୁତୁରା ନିଆରା,
ଭୟ ଥିଲା ଆମ ହୃଦେ ।
ଦଣ୍ଡ ମୁକ୍ତ ହୋଇ, ଦଣ୍ଡ ହରାଶିଷ୍ୟ,
ହାରେ ଜୀବନର ଯୁଦ୍ଧେ ।।
ସଂସ୍କାର ବି ଥିଲା, ଥିଲା ଯେ ନମ୍ରତା,
ଅନ୍ତରରେ ଥିଲା ଭକ୍ତି ।
ଅଜ୍ଞାନ ଅନ୍ଧାରୁ, ଗୁରୁଦେବ ଆମ,
ଦିଅନ୍ତି ଆଲୋକ ଶକ୍ତି ।।
ଆଜିର ଦୁନିଆ, ଆଧୁନିକ ପଥେ,
ହେଉଅଛି ଅଗ୍ରସର ।
ସଂସ୍କାର ହଜୁଛି, ନାହିଁ ଶାଳୀନତା,
ଶିକ୍ଷା ହୀନ ଦରବାର ।।
ମୋବାଇଲ କରେ, କୁପଥକୁ ଯାତ୍ରା,
ଇଣ୍ଟର ନେଟରେ ଛନ୍ଦି ।
କୁପ୍ରଭାବରେ, ଶିଷ୍ୟ ଦିଗହରା,
ଅଶ୍ଳୀଳତା ଦିଏ ବାନ୍ଧି ।।
ହଳେ ଦୁଇ ହଳ, ପୋଷାକରୁ ଚଳୁ,
ଦୁଇ ବରଷର ପାଇଁ ।
ଚପଲ ନ ଥାଏ, ନାହିଁ ସାଇକେଲ,
ସମୟରେ ଆସୁ ଧାଇଁ ।।

ISSN NO.
2582-208X


ମୋବାଇଲ ଯୋଗେ, ଛାତ୍ର ପଥ ହରା,
ଷଷ୍ଠରୁ ହୁଅଇ ନଷ୍ଟ ।
ପ୍ରେମ ବାର୍ତ୍ତା କରେ, ଶ୍ରେଣୀ ଗୃହେ ବସି,
ଗୁରୁ ଶିଷ୍ୟ ପଥଭ୍ରଷ୍ଟ ।।
ମଦ୍ୟପାନ କରି, ଆସେ ବିଦ୍ୟାଳୟ,
ଖାଏ ଖଇନି ଗୁଟୁଖା ।
ପାଠ ନାହିଁ ଲୋଡ଼ା, ଆଜିର ସମାଜେ,
ସିବା ମୋବାଇଲ ଛଡା ।।
ଦେଖାଣିଆ ଯୁଗ, ଆଜିର ସମାଜ,
ଫେସବୁକ ହ୍ୱାଟ୍ସଆପ ।
ସଭିଏଁ ପାଗଳ, ନିଜ ପ୍ରଶଂସାରେ,
ହୃଦୟରେ ରଖି ପାପ ।।
ଛୁଟି ସମୟରେ, ଫାଟକ ସମ୍ମୁଖେ,
ଛାତ୍ରଙ୍କର ବିଶୃଙ୍ଖଳା ।
ଆଶ୍ଚର୍ଯ୍ୟ ଲାଗିବ, ନିଶ୍ଚୟ ଦେଖିଲେ,
ଛାତ୍ର ଛାତ୍ରୀଙ୍କର ଲୀଳା ।।
ଚରିତ୍ର ଗଠନ, ଶିଖାନ୍ତୁ ଗୁରୁଜୀ,
ଦେଇ ନମ୍ରତାର ବାଣୀ ।
ନଚାଲୁ ଶ୍ରେଣୀରେ, ଛାତ୍ର ଛାତ୍ରୀ ମଧ୍ୟେ,
ପ୍ରେମ ଆଳାପର ବାଣୀ ।।
ଆଧୁନିକ ହେଉ, ଚାଲୁ ରାଜନୀତି,
ପ୍ରଭାବ ନପଡୁ ଶିକ୍ଷେ୍ୟ ।
ଛାତ୍ର ଛାତ୍ରୀ ଯଦି, ହୋଇବେ ସଂଶ୍ଳିଷ୍ଟ,
ପଥଭ୍ରଷ୍ଟ ହିଁ ଭବିଷ୍ୟେ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର
9668363270

ISSN NO.
2582-208X

# ଉତ୍କଳୀୟ ସଂସ୍କୃତି ଓ ପ୍ରଥମାଷ୍ଟମୀ



ସାଇପ୍ରସାଦ ସାହୁ

ସଂସ୍କୃତି ସମୃଦ୍ଧ ଏବଂ ପରମ୍ପରା ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ସଂସ୍କୃତି ଓ ସଭ୍ୟତା ବହୁ ପ୍ରାଚୀନ । ଏଠାରେ ବାର ମାସରେ ତେର ପର୍ବ । ବିଭିନ୍ନ ସମୟରେ ଆମ ରାଜ୍ୟ ଓଡ଼ିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଇଥାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡ଼ିଶାର ସମ୍ପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସଂପନ୍ନ ଓ ମହତ୍ତ୍ୱ ପୂର୍ଣ୍ଣ । କାହିଁ କେଉଁ କାଳରୁ ଦେବତାମାନଙ୍କୁ ମର୍ତ୍ତ୍ୟରେ ମାନବ ରୂପରେ ସଜେଇ ଓଡ଼ିଶା ପାଳି ଆସୁଛି ଅନେକ ଓଷା, ବାର, ବ୍ରତ ଓ ପର୍ବ । ଦେବତ୍ୱ ଓ ମାନବୀୟ ଭାବନାର ସମନ୍ୱୟର ପରିପ୍ରକାଶ ଓଡ଼ିଶାର ମାଟି, ପାଣି,ପବନ ଓ ଜନଜୀବନକୁ କରିଛି ଆହୁରି ପବିତ୍ର ଓ ସ୍ୱତନ୍ତ୍ର । ପର୍ବମାନଙ୍କ ମଧ୍ୟରେ ଓଡ଼ିଆମାନଙ୍କର ନିଜସ୍ୱ ପର୍ବ ହେଉଛି ପ୍ରଥମାଷ୍ଟମୀ । ଭାରତର ଅନ୍ୟ କୌଣସି ରାଜ୍ୟରେ ଏହି ପର୍ବ ପାଳନ କରାଯାଉଥିବାର ବେଶ୍ ଦେଖିବାକୁ ମିଳେ ନାହିଁ । ଏଥିରେ ଓଡ଼ିଆ ମାନଙ୍କ ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ମାସ ଚକ୍ରରେ ମାର୍ଗଶୀର ମାସ ଶ୍ରେଷ୍ଠ ହୋଇଥିବାରୁ ଏହି ମାସର ମାହାତ୍ମ୍ୟ ପୁରାଣ ଓ ଧର୍ମ ଶାସ୍ତ୍ର ମାନଙ୍କରେ କୀର୍ତ୍ତିତ ହୋଇଛି । ଏହି ମାସର ପ୍ରାଧାନ୍ୟ ମଧ୍ୟ ଅନେକ । ପ୍ରଥମାଷ୍ଟମୀ ଓଡ଼ିଆଙ୍କର ଏକ ସୁପରିଚିତ ଓ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଯାହାକୁ ପ୍ରଥମାଷ୍ଟମୀ ବା ଲୋକମୁଖରେ ଅଷ୍ଟେଇଁ ବୋଲି କୁହାଯାଇଥାଏ ।

ପ୍ରଥମାର ଅପଭ୍ରଂଶ ହେଉଛି ପଢୁଆଁ । ପରିବାରରେ ଜ୍ୟେଷ୍ଠଙ୍କୁ ସମ୍ମାନ, ଦାୟିତ୍ୱବୋଧ ଓ ଆୟୁବୃଦ୍ଧିର କାମନା ସହ ମାମୁଁଘର ସହିତ ସମ୍ପର୍କକୁ ନିବିଡ଼ ଓ ଦୃଢ଼ିଭୂତ କରାଇବା ଏହି ପର୍ବର ମୁଖ୍ୟ ବୈଶିଷ୍ଟ୍ୟ । ସାଧାରଣତଃ ଏହି ପର୍ବରେ ଘରର ପ୍ରଥମ ସନ୍ତାନକୁ ବିଶେଷ

ISSN NO.
2582-208X

ସମ୍ମାନ ଦିଆଯାଇଥାଏ । ବଂଶାନୁକ୍ରମେ ପରିବାରରେ ଯେଉଁମାନେ ଜ୍ୟେଷ୍ଠ, ପିଢ଼ି ପରେ ପିଢ଼ି ତାଙ୍କରି ଉପରେ ଘର ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ ।

ଅଧିକ ଦାୟିତ୍ୱ ସମ୍ପନ୍ନ ହୋଇ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ସଚେତନତା ସହ ପରିବାରର ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମହାନତା ସମ୍ପର୍କରେ ଶୈଶବ ଦିନରୁ ହିଁ ଏଥିରୁ ଶିକ୍ଷା ମିଳିଥାଏ । ପରୁହାଁ ହେବାକୁ ନେଇ ଘରର ବଡ଼ପୁଅ ଝିଅମାନେ ଏବଂ ଭଣଜା ଭାଣିଜୀମାନଙ୍କ ମନରେ ଉଦ୍ଦୀପନା ଓ ଆଗ୍ରହ ସୃଷ୍ଟି ହୋଇଥାଏ । ଶାସ୍ତ୍ର ଏବଂ ପଣ୍ଡିତଙ୍କ ମତାନୁଯାୟୀ, ଏହି ପର୍ବ  ଜ୍ୟେଷ୍ଠମାନଙ୍କର ଆୟୁବୃଦ୍ଧି ପାଇଁ କରାଯାଉଥିବାରୁ ଭଣଜା ଭାଣିଜୀ ଓ ଘରର ବଡ଼ ପୁଅଝିଅ ପରୁହାଁ  ହେବାର ପରମ୍ପରା ପର୍ବର ମୁଖ୍ୟ ଆକର୍ଷଣ । ଜ୍ୟେଷ୍ଠ ସନ୍ତାନଗଣ ପିଣ୍ଡଦାନ ଅଧିକାରୀ, ପରିବାରର ପ୍ରତିପୋଷକ ଓ ପିତାମାତାଙ୍କର ହିତକାରୀ ।

ଏହିଦିନ ପ୍ରତ୍ୟୁଷରୁ ଘରର ଜ୍ୟେଷ୍ଠ ପିଲାମାନଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ନୂଆ ବସ୍ତ୍ର ପରିଧାନ କରାଇବା ପରେ ଅଗଣାରେ ଥିବା ତୁଳସୀ ଚଉଁରା ନିକଟରେ ପୂଜା କରାଯାଏ । ହଳଦୀ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହାପରେ ମାମୁଁ ଘରୁ ଆସିଥିବା ନୂଆ ପୋଷାକ ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା ଲଗାଇ ପରିବାରର ମା, ଜେଜେମା'ଙ୍କ ଦ୍ୱାରା ବନ୍ଦାପନା ହୋଇ ପରୁହାଁ ହୋଇଥାନ୍ତି । ଏହି ପର୍ବର ଅନ୍ୟ ଏକ ବୈଶିଷ୍ଟ୍ୟ ସ୍ୱରୂପ କେବଳ ମାମୁଁଘରୁ ଆସିଥିବା ପୋଷାକ ପରିଧାନ କରି ଜ୍ୟେଷ୍ଠମାନେ ହିଁ ପରୁହାଁ  ହୋଇଥାନ୍ତି । ପୌରଣିକ  ତଥ୍ୟ ଅନୁଯାୟୀ, ଏହି ଦିନ ମା' ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିଲେ ଏବଂ ଦଶମାସ ଦଶଦିନ ପରେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣ । ଜଗନ୍ନାଥଙ୍କ ପାଇଁ ଏହି ପର୍ବ ପାଳନ ହେଉଥିବା ବେଳେ ଏହିଦିନ ମନ୍ଦିର ମାନଙ୍କରେ ବଡ଼ଭାଇ ବଳଭଦ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇ ହଳଦୀ ପତ୍ରରେ ପ୍ରସ୍ତୁତ ସୁସ୍ୱାଦୁ ଏଣ୍ଡୁରୀ ପିଠା ଭୋଗ ଲାଗି କରାଯାଇଥାଏ ।

ISSN NO.
2582-208X

ହଳଦୀ ପତ୍ରରେ ତିଆରି ଏଣ୍ଡୁରୀ ପିଠା ପ୍ରଥମାଷ୍ଟମୀର ପ୍ରଧାନ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏ ନାହିଁ । ଆମ ସଂସ୍କୃତିରେ ହଳଦୀ ଏକ ଦିବ୍ୟ ଏବଂ ଶୁଭ ଦ୍ରବ୍ୟ । ଓଡ଼ିଆ ଘରର ଯେକୌଣସି ଶୁଭ କାର୍ଯ୍ୟରେ ଗୋଟା ହଳଦୀ ଖଣ୍ଡିଏ କିମ୍ବା କଟା ହଳଦୀ ଗୁଳାଟିଏ ବନ୍ଦାପନା ଥାଳିରେ ରଖାଯାଏ । ଏପରିକି ଝିଅ ଶାଶୁ ଘରକୁ ଯିବା ସମୟରେ ମା' ମାନେ ତାଙ୍କ ପେଡ଼ିରେ ଝିଅର ଶୁଭ ମନାସୀ ସାତଖଣ୍ଡି ଗୋଟା ହଳଦୀ ପକାଇଥାନ୍ତି ।

ପ୍ରଥମାଷ୍ଟମୀରେ ହଳଦୀପତ୍ରର ବ୍ୟବହାର ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଥମାଷ୍ଟମୀର ଏଣ୍ଡୁରୀ ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଏକ ଅନନ୍ୟ ପରମ୍ପରା । ପ୍ରଥମାଷ୍ଟମୀର ପୂର୍ବଦିନ ଏଣ୍ଡୁରୀ ପିଠା ପାଇଁ ଅଥାର ହାଣ୍ଡି ପ୍ରସ୍ତୁତ କରାଯାଇଥାଏ । ଅଥାର ହାଣ୍ଡି ମଧ୍ୟରେ ସରୁ ସରୁ କାଠି ଖଞ୍ଜା ହୋଇ ସ୍ୱତନ୍ତ୍ର ଶୈଳୀରେ ଏହା ତିଆରି ହୋଇଥାଏ । ହଳଦୀପତ୍ରରେ ବଟାଯାଇଥିବା ଉଆପାଖିଆ ଚାଉଳ ଏବଂ ବିରି ସହ ଏହି ପିଠାରେ ନଡ଼ିଆ, ଛେନା ଓ ଖସାପୁର ମଧ୍ୟ ଦିଆଯାଏ । ଗାଁ ଗହଳିରେ ଏହି ପିଠା ଅଷ୍ଟମୀ ଦିନରୁ ଆଠଦିନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥାଏ ଏବଂ ଶେଷଦିନ ଯେଉଁ ପିଠା ପ୍ରସ୍ତୁତ ହୋଇଥାଏ ତାକୁ ଅଥାର ଭଙ୍ଗା ପିଠା ବୋଲି ମଧ୍ୟ କୁହାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏହି ପିଠାର ଔଷଧୀୟ ଗୁଣ ମଧ୍ୟ ରହିଛି । ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ ଏହା ଜୀବାଣୁନାଶକ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

ଅରୁଆ ଚାଉଳରେ ତିଆରି ଏଣ୍ଡୁରୀ ପିଠା ମଧ୍ୟରେ ଯଥେଷ୍ଟ ଫରକ ଥାଏ । ଅରୁଆ ଚାଉଳ ତିଆରି ପିଠା ସହଜରେ ହଜମ ହୋଇନଥାଏ । କିନ୍ତୁ ଉଆପାଖିଆ ଚାଉଳରେ ଶର୍କରା, ଶ୍ୱେତସାର ଓ ପୁଷ୍ଟିସାର ରହିଥିବାରୁ ତାହା ସହଜରେ ହଜମ ହୋଇଥାଏ । ଅରୁଆ ଧାନକୁ ଉଆପାଖିଆ କରାଯିବା ପରେ ଏହାର ମାନ ବଢ଼ିଥାଏ । ଏଣ୍ଡୁରୀ ପିଠା ତିଆରିରେ ହଳଦୀ ପତ୍ର ବ୍ୟବହାର ହେଉଥିବାରୁ ହଳଦୀ ପତ୍ରର ଚାହିଦା ସବୁଠୁ ଅଧିକ ।

ପ୍ରଥମାଷ୍ଟମୀର ଅନ୍ୟ ଏକ ନାମ ହେଉଛି "ସୌଭାଗିନୀ ଅଷ୍ଟମୀ" । ଏହି ସମୟରେ କୃଷକ କ୍ଷେତ୍ରରୁ ପ୍ରଥମ ଧାନ ଅମଳ କରି ଘରକୁ ଆଣିଥାଏ । ଧାନ ହେଉଛି କୃଷକର

ISSN NO.
2582-208X

ସୌଭାଗ୍ୟର ପ୍ରତୀକ । ତେଣୁ ଧାନ ଆଦାୟ ଓ ଅମଳକୁ କୃଷକ ଘରେ ସନ୍ତାନ ଜନ୍ମ ହେଲେ ଯେପରି ଖୁସି ମନାନ୍ତି, ଅମାରକୁ ପ୍ରଥମ ଫସଲର ଧାନ ଆସିଲେ ସେପରି ଅନୁଭବ କରନ୍ତି । ଘରେ ଧନଧାନ୍ୟରେ ଭରପୁର ହେଲେ କୃଷକ ସର୍ବଦା ଖୁସିରେ ରହେ। ତେଣୁ ପ୍ରଥମାଷ୍ଟମୀକୁ ସୌଭାଗିନୀ ଅଷ୍ଟମୀ ବୋଲି କୁହାଯାଇଥାଏ । ତାନ୍ତ୍ରିକମାନଙ୍କ ପାଇଁ ପ୍ରଥମାଷ୍ଟମୀର ରାତ୍ରି ହେଉଛି ତନ୍ତ୍ର ସାଧନର ପ୍ରକୃଷ୍ଟ ସମୟ । ଏହି ଅଷ୍ଟମୀ ଦିନ କାଳ ଭୈରବଙ୍କ ବ୍ରତ ଉପବାସ କଲେ ମନୁଷ୍ୟ ପୂର୍ବ ପାପରୁ ମୁକ୍ତି ପାଇଥାଏ । ତେଣୁ ପ୍ରଥମାଷ୍ଟମୀକୁ "କାଳଭୈରବାଷ୍ଟମୀ" ମଧ୍ୟ କୁହାଯାଏ । କାଳଭୈରବାଷ୍ଟମୀକୁ କେହି କେହି ପାପନାଶିନୀ ଅଷ୍ଟମୀ ବୋଲି ମଧ୍ୟ କହିଥାନ୍ତି । ଏହି ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁଘର କପାଳି ମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ପରିବାରର ପ୍ରଥମ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଏହାର ଭାବାର୍ଥ । ପ୍ରଥମାଷ୍ଟମୀର ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବାର ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀର ମୂଳଭିତ୍ତି । ପ୍ରଥମାଷ୍ଟମୀ ହେଉଛି ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ ।

ସିନ୍ଧେକେଲ୍ ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ISSN NO.
2582-208X

# ମିଛ ମଣିଷ



ଲୀଳାବତୀ ପରିଡ଼ା

ମିଛ ମଣିଷର ମିଛ ମାୟା ଜାଲେ
କୁହୁଡ଼ି ଘେରା ବଳୟେ,
ପଡିଗଲେ ଥରେ ଆଉ ନ ବାହାରେ
ଛନ୍ଦି ହୁଏ ସେ ଅଥୟେ ।୧।

ମିଛ ଦୁନିଆରେ ସତ ନର ହାରେ
ମିଛ ମଣିଷ ଟି ଜିତେ,
ସତର କାନ୍ଧ ରେ ବନ୍ଧୁକ ରଖିଣ
ସ୍ୱାର୍ଥପର ହୁଏ କେତେ।୨।

ମିଛ ଅହମିକା ଚାଦର ଭିତରେ
ସତକୁ ଘୋଡେଇ ଦିଏ,
ମିଛ ମଣିଷ ଟି ବାରମ୍ବାର ଜିତେ
ଶେଷେ କିନ୍ତୁ ହାରିଥାଏ ।୩।

ମିଛ ସତ କହି ମନ ମୋହି ନିଏ
ଭରି ହୃଦେ କେତେ ବିଷ,
ସେମିତି ଜନ ଯେ ସରପ ସମାନ
ତାଠାରୁ ଦୂରେଇ ଆସ ।୪।

ISSN NO.
2582-208X

ମିଛ ମରୀଚିକା ପରି ତା ପଛରେ
ଦଉଡାଇ ମାରିଥାଏ,
ମିଛ ମଣିଷ କୁ ଚିହ୍ନିବା କେମିତି
କଠିନ କାମ ତ ଇଏ ।୫।

ମିଛ ରେ ପ୍ରଶଂସା କରୁଥାଏ ତୁମ
ପଛରେ ମାରଇ ଛୁରୀ,
ସ୍ୱାର୍ଥ ସରିଗଲେ ଠେଲି ଦିଏ ଦୁରେ
ମିଛ ମଣିଷ ବଇରୀ ।୬।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ – ୯୮୬୧୯୪୫୬୨୬

ISSN NO.
2582-208X

# ଅନିଶା ମଧ୍ୟରେ ପ୍ରେଷ୍ଠା



ଚୈତନ୍ୟ ବାଗ

ରୁଣୁ ଝୁଣୁ ଶବ୍ଦ ପାଉଜି ତାହାର
ନିଦ ମୋ ଚୋରେଇ ନିଏ,
ତା'ଗୋରା ପାଦେ  ଶୁଭ୍ର ମୁକ୍ତ
ମାଣିକ୍ୟ ପାଉଜି ଶୋଭା ପାଏ  ।।

ବାଙ୍କ ଚାହାଣୀ ରେ ମନ କୁ ମୋ କିଣେ
ମୃଗିଣୀ ପରି ତା ନୟନ,
ତା 'ଚୋର ପୀରତି କୁ ଦେଖି ସୁମନେ
ଭୃଙ୍ଗ ବସି ଦିଏ ଚୁମ୍ବନ  ।।

ଚାଲି ତାର ଅଳସି ନଈ ପରି
ସାଗର ରେ ମିଶିବାକୁ ଇଛା,
ସାଗର ଗଭୀର ର ମୁକ୍ତା ଆଣିଦେବୀ
ପାଗଳ ପ୍ରେମିକ ମୁଁ ସଚ୍ଚା   ।।

ଇନ୍ଦୁକାନ୍ତା ର ମୋ ପାହାନ୍ତିଆ ଅଲଭ୍ୟ
ତା ବିନା ପହେନା ସର୍ବରୀ,
ଅନିଶା ମଧ୍ୟ ରେ ପ୍ରେଷ୍ଠା କୁ  ଖୋଜେ
ପ୍ରାଣୟଣ ସମ୍ଭାଷଣ ର କଲା କୋଇଲି  ।

ଦିବସ ସର୍ବରୀ ଆଖିର ପଲକେ
ସଜାଇ ରଖିଛି ନୀତି,
ପ୍ରତିଟି ମୁହୂର୍ତ୍ତେ ପ୍ରତିଟି ସ୍ପନ୍ଦନେ
ସେ ମୋ ଶେଷ ପ୍ରେମ ପ୍ରୀତି   ।।

ଚଚଆ, କଳାହାଣ୍ଡି

ISSN NO.
2582-208X

# ସାହିତ୍ୟମୟ ହେବାର ପ୍ରମୁଖ ଉତ୍ସ (ମୋ ଗୁରୁ)



ଦିନେଶ ମେହେର

ଇଛା ହୁଏ ତୁମ ଚରଣ ତଳେ

କିଙ୍କର ଟିଏ ହୋଇଥିବି

ନିତି ତୁମ ଚରଣ ସ୍ପର୍ଶ ଲଭୁଥିବି

ତୁମ ଚରଣରେ ଲାଗି ରହି

ତୁମ ଆଦର୍ଶ ର ପଥକୁ

ନିତି ଅନୁସରଣ କରୁଥିବି

ଗୁରୁ ହେ !

ନୁହେଁ ମୁଁ ଏକଲବ୍ୟ ସମ

କିନ୍ତୁ

ତୁମକୁ ଦେଇଛି ଦ୍ରୋଣ ର ଆସନ।

ପଳାସ, କଳାହାଣ୍ଡି
(ଡ଼ି. ଏସ୍. ଏସ୍. ଧର୍ମଗଡ଼)
ମୋ - ୮୦୧୮୮୨୮୪୫୬

ISSN NO.
2582-208X

# ବିଚ୍ଛିନ୍ନାଞ୍ଚଳ ସିଂହଭୂମିରେ ମକରସଂକ୍ରାନ୍ତି ବନାମ ଭେଜାବିନ୍ଧା ଲୋକପର୍ବ : ଏକ ପରିକ୍ରମା

ଡ଼: ହରିହର ପଧାନ

ମକରସଂକ୍ରାନ୍ତି କୁ ସମଗ୍ର ଭାରତବର୍ଷରେ ଓ ସମଗ୍ର ପୃଥିବୀରେ ବିଭିନ୍ନ ପ୍ରକାରର ଲୋକ ବିଶ୍ୱାସ ଓ ପ୍ରାମାଣିକ ଜାଗତିକ ପରିବର୍ତ୍ତନର ଦୃଷ୍ଟାନ୍ତସହ ପାଳିତ ହୋଇଥାଏ। ହୋଲି, ଦୀପାବଳି, ଶିବରାତ୍ରି ଇତ୍ୟାଦି ବହୁ ଭାରତୀୟ ପର୍ବ ଭଳି ମକରସଠକ୍ରାନ୍ତି ମଧ୍ୟ ମୂଖ୍ୟତଃ ଏକ ଋତୁ ଆଧାରିତ ଲୋକପର୍ବ। ସାଧାରଣତଃ ସୂର୍ଯ୍ୟର ଗତି ଉତ୍ତରାୟଣ ହେବାର ସନ୍ଧି ଦିବସକୁ ହିଁ  ସାଧାରଣତଃ ମକରସଂକ୍ରାନ୍ତି ରୂପେ ପାଳନ କରାଯାଇଥାଏ। ଏହିପର୍ବ ଉତ୍ତର, ମଧ୍ୟ ଓ ଅଧିକାଂଶ ପୂର୍ବ ଭାରତୀୟ ରାଜ୍ୟ ଗୁଡିକରେ ମକରସଂକ୍ରାନ୍ତି, ଉତ୍ତରାଖଣ୍ଡ ରେ ଉତ୍ତରାୟଣୀ, କେରଳରେ ପୋଙ୍ଗଳ, ଆନ୍ଧ୍ରପ୍ରଦେଶ ରେ ପେଡ୍ଡା-ପାଣ୍ଡୁଗା ଓ ଗୁଜରାଟ ରେ ଉତ୍ତରାୟଣ ପର୍ବ ରୂପେ ପାଳନ କରାଯାଇଥାଏ। ଆସାମ ରେ ଭୋଗାଲି-ବିହୁ ରୂପେ ପାଳନ କରାଯାଇଥାଏ। ମାତ୍ର ସର୍ବତ୍ର ଏହି ପର୍ବ ଋତୁ ପରିବର୍ତନ ଓ ତଦନୁଯାୟୀ ନବ୍ୟ ବ୍ୟଞ୍ଜନର ଏକ ମହାପର୍ବ ରୂପରେ ମଧ୍ୟ ଦେଖାଯାଏ। ଏବଂ ପ୍ରତ୍ୟେକ ପ୍ରସଙ୍ଗରେ ସୂର୍ଯ୍ୟ ର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ। ଏମିତି ବି ଭାରତୀୟ ସଂସ୍କୃତିରେ ସୂର୍ଯ୍ୟ ର ମହତ୍ୱ କେବଳ ବର୍ଣ୍ଣିତ ନୁହେଁ, ପ୍ରମାଣିତ ମଧ୍ୟ। ଋଗ୍ ବେଦରେ ଉଲ୍ଲେଖ ଅଛି ଯେ, "ତମ ଆସୀତ ତମସା ଗୁଢ଼ ମଗ୍ରେ", ଅର୍ଥାତ, ସୃଷ୍ଟି ପୂର୍ବରୁ ସର୍ବତ୍ର ଅମା ଅନ୍ଧକାର ମୟ ଥିଲା ଏବଂ ସୂର୍ଯ୍ୟ ପ୍ରକାଶରୁ ହିଁ ସର୍ବତ୍ର ଶକ୍ତି ର ସଂଚାର, ଉଭୟ ଜୀବଜଗତ ଓ ଉଦ୍ଭିଦ ଜଗତରେ ସମ୍ଭବ ହୋଇପାରିଛି। ଯଜୁର୍ବେଦରେ ମଧ୍ୟ,"ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁପସ୍ଚ " ବୋଲି ଉଲ୍ଲେଖ ଅଛି। ସେ ଯାହା ହେଉ, ଏହି ନିବନ୍ଧ ରେ ମକରସଂକ୍ରାନ୍ତି ପାଳନର ଏକ ଭିନ୍ନରୂପ ସଂପର୍କରେ ସୂଚନା ଦିଆଯିବ।

ISSN NO.
2582-208X

ବର୍ତ୍ତମାନର ଝାଡ଼ଖଣ୍ଡ (ପୂର୍ବବର୍ତୀ ବିହାର), ଛତିଶଗଡ଼ (ପୂର୍ବବର୍ତୀ ମଧ୍ୟ ପ୍ରଦେଶ) ଏବଂ ଓଡ଼ିଶାର ମିଶ୍ରିତ ସୀମାଂଚଳରେ ଏହିପର୍ବ ପାଳନରେ କିଂଚିତ୍ ଅଧିକ ଉତ୍ସାହ କେବଳ ନୁହେଁ, ଅଧିକ ଲୋକରୀତି ଓ ଲୋକ ବିଶ୍ୱାସ ମଧ୍ୟ ଦେଖାଯାଏ। କୁରମୀ ମହତୋ ସଂପ୍ରଦାୟ ଅଧ୍ୟୁଷିତ ଏହି ଅଂଚଳରେ ମକରସଂକ୍ରାନ୍ତି କୁ ଟୁସୁ ପର୍ବ ରୂପେ ପାଳନ କରାଯାଏ, ଏହା ଅନେକେ ଜାଣନ୍ତି। ଟୁସୁ ଏକ କୁମାରୀ ଯୁବତୀ ପ୍ରତିମା। ଲୋକ ବିଶ୍ୱାସ ଅନୁସାରେ ଉଭୟ ଦୁର୍ଗା ଓ ଧନଧାନ୍ୟ ର ଦେବୀଙ୍କ ଏକ ମିଶ୍ର ରୂପ। ସଚରାଚର ମୂର୍ତ୍ତିପୂଜା ରେ ବିଶ୍ୱାସ କରୁନଥିବା ଆଦିବାସୀ ଓ କୁରମୀ ସଂପ୍ରଦାୟ ର ଲୋକମାନେ ଟୁସୁ ଦେବୀ (ଟୁସୁ ମୁନି) କୁ ବହୁ ନୀତି, ନିୟମ ଓ ନିଷ୍ଠା ସହକାରେ ପୂଜା ଓ ବିସର୍ଜନ କରିଥାନ୍ତି। ଏହି ଉତ୍ସବରେ କୁମାରୀ କନ୍ୟା ମାନଙ୍କର ମୁଖ୍ୟ ଭୂମିକା ଦେଖାଯାଏ। ଏବଂ ବହୁ ସଂଖ୍ୟକ ଟୁସୁ ନିର୍ଦ୍ଧାରିତ ସମ୍ବୋଧନ ଗୀତି ଗାନ କରି ଏମାନେ ନୃତ୍ୟ ମଧ୍ୟ କରିବାର ନିୟମ ଅଛି। କୁମାରୀ କନ୍ୟାର ସତୀତ୍ୱ ର ନିଷ୍ଠା ଏଥିରେ ମୁଖ୍ୟ ଅବଚେତନ। ଲୋକକଥା ଅନୁସାରେ 'ଟୁସୁ' ଗୋଟିଏ ଗରିବ କୃଷକର ଅନନ୍ୟ ସୁନ୍ଦରୀ କନ୍ୟା ଥିଲା ଏବଂ ଯୌ।ନହିଂସାରୁ ନିଜକୁ ବଂଚେଇବା କ୍ରମେ ଅସହାୟ ମନେ କରି ସତୀତ୍ୱ ବଜାୟ ରଖିବା ପାଇଁ ଜଳମଗ୍ନ ହୋଇ ଇହଲୀଳା ତ୍ୟାଗ କରିଥିଲା। କୃଷି ଆଧାରିତ ଜନମାନସର ଭୂମି ସଂଲଗ୍ନ ଶୁଦ୍ଧତା ବଜାୟ ରଖିବାର  ଅବଚେତନିକ ମାନସିକତା ମଧ୍ୟ ଏହାର କାରଣ ହେଇଥାଇପାରେ। ସେହି ଘଟଣା ପରଠାରୁ ଆଲୋଚିତ ଅଂଚଳର କୁର୍ମି ସଂପ୍ରଦାୟ ର କୁମାରୀ କନ୍ୟାମାନେ ଅତି ଶୁଦ୍ଧପୂତ ଭାବେ ଟୁସୁ କୁ ସ୍ମରଣଯୋଗ୍ୟ ଲୋକଦେବୀ ରୂପେ ପ୍ରତିଷ୍ଠା କରିଛନ୍ତି। କାଳକ୍ରମେ ଋତୁଚକ୍ରର ପରିବର୍ତ୍ତନ ଆଣିବାକୁ ମାଇଲ ଖୁଣ୍ଟ ପ୍ରମାଣିତ ହେଉଥିବା ଏହି ଟୁସୁ (ମକର) ପର୍ବ  ନବୀନ ଯୁବକ ଯୁବତୀ ମାନଙ୍କ ପରିଚୟ ଓ ପରିଣୟ ପର୍ବରେ ପରିଣତ ହୋଇଛି। ଏହିପର୍ବର ଅନ୍ୟ ଏକ ନୂତନ ଲକ୍ଷଣୀୟ  ଦିଗନ୍ତ ହେଉଛି, ମକରସଂକ୍ରାନ୍ତି ରୁ ଆରମ୍ଭ ଟୁସୁ ମେଳା ଆଗକୁ ସପ୍ତାହେ ଦୁଇ ସପ୍ତାହ ବ୍ୟାପି ପୂର୍ବ ନିର୍ଦ୍ଧାରିତ ସ୍ଥାନ ଗୁଡିକରେ ନାଚ-ଗୀତ ଓ ବିଭିନ୍ନ ପ୍ରକାରର ମନୋରଞ୍ଜନ ଧର୍ମୀ ଅନୁଷ୍ଠାନ ସହ ଆୟୋଜିତ ହୋଇଥାଏ  ତଥା ଯୁବକ ମାନେ ବହୁରୂପୀ ଯୁବତୀ ବେଶ ରେ ଯୁବତୀ ଗୋଷ୍ଠୀରେ ପ୍ରବେଶ କରିବାର ସୁଯୋଗ କରିଥାନ୍ତି । ବ୍ୟଭିଚାର ଯୁକ୍ତ ଦାୟିତ୍ୱହୀନ ମିଳନ ସ୍ଥାନରେ ଶୁଦ୍ଧପୂତ ଦାମ୍ପତ୍ୟ ଭବିଷ୍ୟତର  ଆଦିବାର୍ତ୍ତା ମଧ୍ୟ  ଏଠାରେ ଟୁସୁପର୍ବ ଆଳରେ ହିଁ ଆସିଥାଏ। ଅଧୁନା ଜନବସତି ଭିନ୍ନତା ରେ ଏକାଧିକ ଟୁସୁମୂର୍ତ୍ତି ହେଉଥିବା ରୁ ଶୋଭାଯାତ୍ରା ରୂପେ ବିସ୍ତୃତ ପଡ଼ିଆରେ ଏକତ୍ରିତ ହେବାର ପରମ୍ପରା ମଧ୍ୟ ବଢ଼ିବାରେ

ISSN NO.
2582-208X

ଲାଗିଲାଣି। ଏତଦବ୍ୟତୀତ ଉଲ୍ଲିଖିତ ଏହି ଅଂଚଳରେ ଏହି ଟୁସୁପର୍ବ ସମୟକୁ "ଭେଜାବିନ୍ଧା" ନାମକ ଅନ୍ୟ ଏକ ଲୋକାଚାରର ଆଧିକ୍ୟ ମଧ୍ୟ ଦେଖାଯାଇଥାଏ।

ବହୁପ୍ରାଚୀନ କାଳରୁ, ଛୋଟନାଗପୁର ଓ ସନ୍ତାଳ ପ୍ରଗଣାରେ ତ୍ରିସ୍ତରୀୟ ଆଧୁନିକ ପଂଚାୟତୀ ରାଜ ବ୍ୟବସ୍ଥା ରହିଛି, ଏହାକୁ ଏଠାରେ ଗ୍ରାମ-ଗଣରାଜ୍ୟ ବ୍ୟବସ୍ଥା କୁହାଯାଏ। ତିନି ସ୍ତରର ମୁଖ୍ୟକୁ ଯଥାକ୍ରମେ, ମୁଣ୍ଡା, ମାନକୀ ଓ ପୀଢ଼ପତି କୁହାଯାଏ। ଆମ ଦେଶରେ ପଠଚାୟତୀ ରାଜ ଲାଗୁ ହେବା ପରେ ମଧ୍ୟ ଏହି ଆଦିବାସୀ ଅଧ୍ୟୁଷିତ ଝାଡ଼ଖଣ୍ଡରେ ସଚରାଚର ପଂଚାୟତ ନିର୍ବାଚନ ସରକାରୀ ଭାବେ ନହୋଇ ଗ୍ରାମ ଗଣରାଜ୍ୟ ବ୍ୟବସ୍ଥା ଅନୁସାରେ ମୁଣ୍ଡା, ମାନକୀ, ପୀଢ଼ପତି, ଜନତାଙ୍କ ଦ୍ୱାରା ସ୍ଥିର ହୋଇଥାନ୍ତି। ଗ୍ରାମର ସାଧାରଣ ଲୋକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ନିର୍ଣ୍ଣୟାତ୍ମକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଯଥେଷ୍ଟ। ଟୁସୁ ଶୋଭାଯାତ୍ରା କେତେ ବେଳେ ବାହାରିବ, କେମିତି ଯିବ, କେତେ ବେଳେ ଫେରିବ, ଆଦି ସିଏ ଠିକ କରନ୍ତି। ଠିକ ସେହି ପରି 'ଭେଜାବିନ୍ଧା' ର ଆନୁଷ୍ଠାନିକ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମଧ୍ୟ ସେ ଅଧିକାରୀ।

ଭେଜାବିନ୍ଧା ପର୍ବରେ ମଧ୍ୟ ସେହି ଗ୍ରାମ ମୁଖ୍ୟ ସମସ୍ତ ଆୟୋଜନ ର ତଦାରଖକାରୀ ଏବଂ ଆୟୋଜନ କାରୀ ମଧ୍ୟ। ଝାଡ଼ଖଣ୍ଡ ରେ ଆଦିବାସୀ ମାନଙ୍କ ର ମୁଖ୍ୟ ଅସ୍ତ୍ର ହେଉଛି ତୀର ଓ ଧନୁ। ଗୋଚାରଣ ରେ ହେଉ, ଜଂଗଲ ଯାତ୍ରାରେ ହେଉ କି ପର୍ବପର୍ବାଣି ରେ, ତୀରଧନୁ ହିଁ ମୁଖ୍ୟ। ଭେଜାବିନ୍ଧା ଶବ୍ଦ ଟି ଭେଜା ଓ ବିନ୍ଧା ଏହି ଦୁଇଟି ଶବ୍ଦର ସମାହାର। ଏହି ଦୁଇଟି ଶବ୍ଦ ପୁଣି ଏଠାରେ ନିଜ ନିଜର ଅର୍ଥକୁ ଅପରିବର୍ତ୍ତିତ ରଖି ଏଠାରେ ବ୍ୟବହୃତ। ଭେଜା ଅର୍ଥାତ ମସ୍ତିଷ୍କ ଓ ବିନ୍ଧା ଅର୍ଥାତ ବିନ୍ଧିବା। ସମୁଦାୟ ଅର୍ଥ, ତୀରଧନୁ ଦ୍ୱାରା ମୁଣ୍ଡକୁ ବିନ୍ଧିବା। ଏଥିପାଇଁ ପୂର୍ବରୁ ନିର୍ମିତ ଏକ କଞ୍ଚା କାଠର ଆକୃତି କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଦୂରରେ ପୋତା ଯାଏ। ଏବଂ ଉତ୍ସବ ଦିନ, ପ୍ରତିଭାଗୀ ଯୁବକ ମାନେ ତୀର ଦ୍ୱାରା ଭେଜା ଭେଦିବାର ଚେଷ୍ଟା କରିଥାନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବେଶ ଦୂରରେ ପୋତା ଯାଇଥିବା କାଠର ଭେଜା କୁ ବିନ୍ଧିବା ରେ କେହି ସଫଳ ନହେଲେ, ଦ୍ୱିତୀୟ ପର୍ଯ୍ୟାୟରେ ଦୂରତା କମ କରି ପୋତା ଯାଏ। ଭେଜା ଟି ତୀର ଦ୍ୱାରା ବିନ୍ଧା ନ ହେବା ଯାଏ ଏହାର ଦୂରତା ଅଳ୍ପ

ISSN NO.
2582-208X

କମୁଥାଏ। ହାଲୁକା ଓ ନରମ କଂଚା କାଠର ମଣିଷ ପ୍ରତିମାର ଭେଜାରେ ତୀର ଲାଗିଲା ମାତ୍ରେ ଅବଶ୍ୟ ଛିଟିକି ନଯାଇ ଆରପାରିକି ଭେଦି ଚାଲି ଯାଇଥାଏ।

ଅବଶେଷରେ ଯେଉଁ ଯୁବକ ଭେଜାବିନ୍ଧା ରେ ସଫଳ ହୁଏ, ତାକୁ ବିଜେତାର ସମ୍ମାନ ସହକାରେ ଅଣାଯାଇ ଥାଏ ଏବଂ ଉପହାର ସ୍ୱରୂପ ନିର୍ଦ୍ଦିଷ୍ଟ ନିଷ୍କର ଭୂ-ଖଣ୍ଡ, ଗଣବର୍ଷ ର ବିଜତାଠାରୁ ଫେରସ୍ତ ଆଣି ପରବର୍ତ୍ତୀ ବର୍ଷକ ପାଇଁ ଭୋଗଦଖଲ କରିବାକୁ ଦାନ କରାଯାଏ। ଭେଜାବିନ୍ଧା ମୁଖ୍ୟ ପର୍ବର ଏହା ମୁଖ୍ୟ ଆକର୍ଷଣ ଓ କେନ୍ଦ୍ର ବିନ୍ଦୁ ହୋଇ ଥିଲେ ମଧ୍ୟ, ଆନୁଷଙ୍ଗିକ ଭାବେ ପ୍ରତ୍ୟେକ ପର୍ବରେ ଏଠାରେ ନାଚଗୀତ, କୁକୁଡା ଲଢ଼େଇ, ପାରମ୍ପରିକ ଖାଦ୍ୟ ପେୟ ତଥା ଜୀବନସାଥୀ ର ଅନ୍ୱେଷଣ ଅନ୍ୟତମ ଦିଗନ୍ତ।

ବିଭାଗୀୟ ମୁଖ୍ୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲାଣ ବିଶ୍ୱବିଦ୍ୟାଳୟ, ଚାଇବସା, ଝାଡ଼ଖଣ୍ଡ

ISSN NO.
2582-208X

# ମା.....



ଡ. ତନ୍ମୟ କବି

କିଏ ତୁମେ......?
ଧରିତ୍ରୀ.......!
ପୁଣି ଜନନୀ,
କେତେ ଦୁଃଖ ସହିବ......
କୋଟିଏ ନାଁ ରେ......
ଗୋଟିଏ  ନାମ ମା......
ଆଉ ଥରେ ଆସୁନୁ ;
ଯେଉଁ ରୂପ ରେ
ମୋ ସଂସାର
ତୋ ପାଦ........
ଥିଲା ଆମ ଅଗଣାରେ
ଟିକିଏ ଆଶିଷ ଦେ......।

କେତେ ବେଳୁ ତୁ ଯାଇଛୁ,
ମୁଁ ଜାଣେନା
ମୁଁ ଖୋଜେ ତୋତେ,
ମୋ ଖୋଲା
ହୃଦୟ ରେ.......
ଫୁଲ ର ସୁରଭି ସାଥିରେ.......

ISSN NO.
2582-208X

ଖୋଜେ ତୋତେ
ଶାଳ ଗଛର କଅଁଳ ପତ୍ରରେ
ଖୋଜିଛି ପୁଣି ତୋ
ରାଗ, ମାନ, ଅଭିମାନ କଥାରେ……
ମା,,,,,
ଆଉ ଥରେ ଆସିବୁ ନା…….

ପ୍ରାଧ୍ୟାପକ(ଓଡ଼ିଆ ବିଭାଗ)
ମହିମା ମହାବିଦ୍ୟାଳୟ, ଯୋରନ୍ଦା
ଯୋଗାଯୋଗ : ୯୫୮୩୭୪୨୩୫୩

ISSN NO.
2582-208X

# ଅତିଥି ଓ ଅଭ୍ୟାଗତ



ଧରିତ୍ରୀ ଦାସ

ଆସ ଆସ ମାଆ ମାଉସୀ ମୋହର
ପଢ଼ିବା ପୁରାଣ ଗୀତା
ନିତିପ୍ରତି ଘରେ ଦେଉଥିବା ଆମେ
ସନ୍ଧ୍ୟାଧୂପ ଓ ସଳିତା।

ହିନ୍ଦୁ ଘର ରୀତି ନିତିକୁ ମାନିବା
ଖାଣ୍ଟି ଓଡ଼ିଆଣୀ ହେବା
ଅତିଥି ଅଭ୍ୟାଗତଙ୍କର ସେବାରେ
ନିଜକୁ ମଜାଇ ଦେବା।

ସେ ପରା ଅଟନ୍ତି ଈଶ୍ୱର ଜଗତେ
କଥାଟିକୁ ନ ଭୁଲିବା
ସାଧ୍ୟ ଅନୁସାରେ ତାଙ୍କରି ସେବାରେ
କୁଣ୍ଠାବୋଧ ନ କରିବା।

ପତ୍ର ଫୁଲ ଜଳ ଯାହାବି ମିଳିବ
ଆନନ୍ଦରେ ସମର୍ପିବା
ତାଙ୍କ ସେବା କଲେ ମାତା ମହାଲକ୍ଷ୍ମୀ
ସନ୍ତୁଷ୍ଟ ବୋଲି ଜାଣିବା।

ISSN NO.
2582-208X

ଏହାକୁ ଆମର        ପରମ୍ପରା ମଣି
ନିତି କାର୍ଯ୍ୟ କରୁଥିବା
କେବେବି ତାହାଙ୍କୁ   ଦୁଆରୁ ଆମର
ନିରାଶ ତ ନ କରିବା ।

ଲୀଳାମୟ ପୁରୁଷଙ୍କ ଲୀଳା ବୁଝି
ବାରେ କେ ଅଛି ସମର୍ଥ
କେତେବେଳେ କେଉଁ ରୂପେ ଆସିଥାନ୍ତି
କିଏ କହିବରେ ମିତ।

ସେଥିପାଇଁ ସଦା   ହେଉଥିବା ଆମେ
ଅତିଥି ସେବାରେ ରତ
ମନ ଜାଣି ସେବା       କରୁଥିବା ନିତି
ଅତିଥି ଓ ଅଭ୍ୟାଗତ।

ଗ୍ରଉତର୍ ପୁର, ପହଙ୍ଗା, ଯାଜପୁର।
୯୨୩୮୯୦୨୯୩୦

ISSN NO.
2582-208X

# ନାଟକ



ଧୀରେନ୍ଦ୍ର କୁମାର ପ୍ରଧାନ

ଖୋଜୁଛି ଶୁଖିଲା ମରୁରେ ମୁଁ ଜଳ
ମରିଚୀକା ସିଏ ସଜେଇ ହୁଏ
ଖୋଲିଦିଏ ମୋର ଅନ୍ତର ଆତ୍ମାକୁ
ନିଜକୁ ତ ସିଏ ଲୁଚେଇ ଦିଏ।

ଖୋଜୁଛି ହୃଦୟ ବଦଳେ ହୃଦୟ
ଆଞ୍ଜୁଳେ ହୃଦୟ ଯାଚି ମୁଁ ଦିଏ
ପରଦା ଉହାଡେ ଛପି ସେ ହୃଦୟ
କେତେ ଜାତି ହୃଦ ସିଏ ଦେଖାଏ।

କିଯାଦୁ କରିଲା ତାଆଖି ତାକଥା
ମନ ତା'ର ପାଶେ ହାରି ମୁଁ ଗଲି
ହତ୍ୟା କରୁଥିଲା ଯେ ପ୍ରତି ନିମିଷେ
ବାହୁବନ୍ଧନରେ ସାଇତି ଥିଲି।

ମନ ଖୋଲି ଟିକେ କାନ୍ଦିବାକୁ ଇଛା
ଭୋ ଭୋ କରି କାନ୍ଦି ପାରୁନି
ଜୀବନ ସାଜିଛି ଶ୍ରାବଣର ଋତୁ
ଫଗୁଣ ଯାଇଛି ଆଉ ଫେରୁନି।

ଜୀବନର ଏଇ ରଙ୍ଗମଞ୍ଚପରେ
ମୋଭାଗ ର ନାଟ କରିଚାଲିଛି
କୂଳକି କିନାରା ନପାଇଲେ ନାହିଁ
ସମ୍ପର୍କ ସୁଅରେ ଭାସି ଚାଲିଛି।

ଅନୁଗୋଳ

ISSN NO.
2582-208X

# ସ୍ମରଣିୟେସୁ ଅତିବଡି ଜଗନ୍ନାଥ ଦାସ



ପ୍ରତାପ ଚନ୍ଦ୍ର ସାହୁ

ଘରେ ଘରେ ପରିଚିତ ଏବଂ ଓଡ଼ିଆ ଜାତିର ଅତି ଆଦରଣିୟ ଭାଗବତ ର ରଚୟିତା ହେଉଛନ୍ତି ସେଇ ମହାନ ଅତିବଡି ଜଗନ୍ନାଥ ଦାସ। ଏବେ ବି ସ୍ମରଣୀୟ ହୋଇ ରହିଛି ସେଇ ସାଧନା ପୀଠ "ବଡ ଓଡ଼ିଆ ମଠ" ଓ ସମାଧି ପୀଠ " ସାତ ଲହଡି ମଠ"। ପୁରୀ ଜିଲ୍ଲା ସ୍ଥିତ ବ୍ରହ୍ମ ଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱର ବ୍ରାହ୍ମଣ ଶାସନ ଗାଁ ରେ ଅତିବଡି ଜଗନ୍ନାଥ ଦାସ ଏକ କୁଳିନ ବ୍ରାହ୍ମଣ ପରିବାର ରେ ୧୪୯୧ ମସିହା ପବିତ୍ର ରାଧା ଷ୍ଟମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ। ବାପା ଜେଜେ ବାପା ଙ୍କ ଅମଳ ରୁ ଶ୍ରୀ ଜଗନ୍ନାଥ ମନ୍ଦିର ରେ ତାଙ୍କର ପୁରାଣ ପଣ୍ଡା ସେବା ରହି ଆସିଛି। ଗଜପତି ଙ୍କ ନିର୍ଦ୍ଦେଶ ରେ ପ୍ରତ୍ୟେକ ଦିନ ସନ୍ଧ୍ୟା ରେ ମନ୍ଦିର ହତା ମଧ୍ୟକୁ ଆସି ଭାଗବତ ପଢି ଯିବାର ବ୍ୟବସ୍ଥା ରହିଥିଲା। କପିଳେଶ୍ୱର ପୀଠ ରେ ଜଗନ୍ନାଥ ଦାସ ଙ୍କ ଉଦେଶ୍ୟ ରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଏଇ ମନ୍ଦିର ମଧ୍ୟରେ ଜଗନ୍ନାଥ ଦାସ ଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ସ୍ଥାପନ ବି କରାଯାଇ ପୂଜା ଅର୍ଚ୍ଚନା ର ବ୍ୟବସ୍ଥା କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ କୁ ଜଗନ୍ନାଥ ଦାସ ଙ୍କ ର ସର୍ବ ଶ୍ରେଷ୍ଠ ଅବଦାନ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଘରେ ଘରେ ପରିଚିତ ଓଡ଼ିଆ ଭାଗବତ ପାଇଁ ସେ ବି ଆଜି ସୁ-ପରିଚିତ । ଭାଗବତ ବାନ୍ଧି ରଖିଛି କୋଟି କୋଟି ଓଡ଼ିଆ ଙ୍କୁ ଭାତୃତ୍ୱ ର ଡୋରିରେ । ଓଡ଼ିଆ ଅସ୍ମିତା ର ପରିଚୟ ହେଉଛି "ଭାଗବତ"। କୁହାଯାଏ ଯେ ଜଗନ୍ନାଥ ଦାସ ହେଉଛନ୍ତି, ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କର ଜଣେ ପ୍ରିୟ ଭକ୍ତ। କିମ୍ବଦନ୍ତୀ ରୁ ଯାହା ଜଣା ଯାଏ ଜଗନ୍ନାଥ ଦାସ ଙ୍କ ପାଇଁ ସମୁଦ୍ର ବି କୁଆଡେ ସାତଟି ଲହଡି ଘୁଞ୍ଚି ଯାଇଥିଲା ପଛକୁ। ଏଥିରୁ ଅନୁମେୟ ତାଙ୍କର ଭକ୍ତି ର ଗଭୀର ତା ଓ ଆତ୍ମିୟତା ପ୍ରଭୁଙ୍କ ପ୍ରତି। ଅବଶ୍ୟ କିଛି ଅବହେଳା ରୁ ହେଉ କି ରକ୍ଷଣା ବେକ୍ଷଣ ର ଅଭାବ ରୁ ହେଉ ତାଙ୍କ ପାଇଁ ନିର୍ମିତ ମନ୍ଦିର, ତାଙ୍କରି ଗାଁ ରେ, ତାଙ୍କରି

ISSN NO.
2582-208X

ସାଧନା ପୀଠ ବଡ଼ ଓଡ଼ିଆ ମଠ ଓ ସମାଧି ପୀଠ ସାତ ଲହଡି ମଠ ର ଅବସ୍ଥା ଟିକେ ଖରାପ ଆଡକୁ ଗତି କଲାଣି।ଏ ସବୁର ପୁନଃଉଦ୍ଧାର ହେବାର ଆବଶ୍ୟକତା ଦେଖା ଦେଇଛି। ଭାଗବତ ଟୁଙ୍ଗି ର ସୁରକ୍ଷା ଓ ପୁନଃଉଦ୍ଧାର ନିମନ୍ତେ ସରକାର ନିକଟ ଅତୀତ ରେ ଅର୍ଥ ମଂଜୁର କରିଛନ୍ତି। ବନ୍ଦ ହୋଇଯାଇଥିବା ଭାଗବତ ଟୁଙ୍ଗି ପୁଣି ଚାଲିବ। ପୁରୀ ସ୍ୱର୍ଗ ଦ୍ୱାର କୁ ଲାଗି ରହିଥିବା ସାତ ଲହଡି ମଠ, ଯାହାକି ତାଙ୍କର ସମାଧି ପୀଠ, ବର୍ତ୍ତମାନ ଅବହେଳିତ ହୋଇ ପଡିରହିଚି। ଏ ସବୁର ପୁନଃଉଦ୍ଧାର କରି ରକ୍ଷଣାବ୍ୟକ୍ଷଣ ପ୍ରତି ଦୃଷ୍ଟି ଦେବାକୁ ସର୍ବ ସାଧାରଣ ରେ ଦାବି ହେଉଛି। ବୁଦ୍ଧିଜୀବୀ ମହଲ ରେ ଏ ସବୁର ପୁନଃଉଦ୍ଧାର କରିବା ପାଇଁ ଦାବି ହେଉଛି। ତାଙ୍କର ସ୍ମୃତି ରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆ ଯିବାର ଆବଶ୍ୟକତା ରହିଚି। ସେଇ ମଠ ମାନଙ୍କରେ ଏବେ ମହନ୍ତ ମହାରାଜ ମାନେ ରୁହନ୍ତି। କିନ୍ତୁ ଘର ଗଳୁଥିବାରୁ ଓ ଅନ୍ୟାନ୍ୟ ଅସୁବିଧା ହେତୁ ରହିବାରେ ଅସୁବିଧା ହେଉଛି ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରୁଛନ୍ତି। ଭାଗବତ ର ମହତ୍ୱ କୁ ଆଖି ଆଗରେ ରଖି ଅତିବଡି ଜଗନ୍ନାଥ ଦାସ ଙ୍କ ଜନ୍ମ ସ୍ଥାନ, ସାଧନା ପୀଠ ଓ ସମାଧି ସ୍ଥଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ପୁନଃଉଦ୍ଧାର ହେଉ । ସଂସ୍କୃତ ଭାଗବତ କୁ ଓଡ଼ିଆ ରେ ଅନୁବାଦ କରି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସେହି ଅତିବଡି ଜଗନ୍ନାଥ ଦାସ ଙ୍କର ୧୫୫୦ ମସିହା ମାଘ ସପ୍ତମି ତିଥିରେ ମହା ପ୍ରୟାଣ ଘଟି ଥିଲା। ଭାଗବତ ଓ ଭାଗବତ ଟୁଙ୍ଗି ନିଶ୍ଚିତ ଭାବେ ତାଙ୍କୁ ଚିର ସ୍ମରଣୀୟ କରି ରଖିବ।

ନବରଙ୍ଗପୁର

ISSN NO.
2582-208X

# ଦୁଃଖ



ପ୍ରଶାନ୍ତ ବ୍ରହ୍ମା

କାହାକୁ କହିବୁ କେମିତି କହିବୁ
କିଏ ବା ବୁଝିବ ତୋ କଥା
ଆଖି ଲୁହ କନାରେ ପୋଛି
ଯାଉଅଛି ଦିନ ସର୍ବ ସର୍ବଦା ।

ନିଜର ଲୋକ ହୋଇଲେ ପର
ପରକୁ କିପରି ଭାବିବୁ ଆପଣାର
କରୁଥିବୁ ଯେତେଦିନ ରୋଜଗାର
ରହୁଥିବୁ ସେତେଦିନ ବାସ ଖୁସିର ।

ମିଛ ମାୟା ଏସାରା ସଂସାର
ଏଠି କିଏ ନୁହେଁ କାହାର
ତୁ କାହାକୁ କହିବୁ ମୋର ମୋର
ଏଠି  ନିଶ୍ଚେ ସବୁ ତୋ ପର ।

ଜନ୍ମ ଦେଲୁ ଯାହାକୁ
ଚାହିଁଲା ସେ ନାହିଁ
ଘରୁ ବାହାର କରି ରହିଲା
ସ୍ତ୍ରୀ ମୁହଁକୁ ଚାହିଁ ।

ISSN NO.
2582-208X

ଭାବିଥିଲୁ ମନେ
କରିବ ସେବା  ସେ ପୁଅ ମୋର
ଆସା ତ ଆସା ରେ ରହିଲା
ସବୁ ତୁଛ ହୋଇଗଲା ତୋର ।

ଏସାରା ସଂସାର ଖାଲି ସିନା ମିଛ ଦୁନିଆ
ଜାଣି ପାରିଲୁ ନାହିଁ ଖାଲି ହୋଇଲୁ କଲ ବଲିଆ ।
ବାରେ ଦୁନିଆ ବା କିମିତିକା ଏ ସଂସାର
ନିଜ ଘର ଛାଡ଼ି ରହିଲା ଯାଇ ସେ ଆଶ୍ରମର ।

ପଲାଶପୁର
ଖୋର୍ଦ୍ଧା

ISSN NO.
2582-208X

# ଅତୁଟ ବନ୍ଧନ

ସନ୍ତୋଷ ସାହୁ

ପବିତ୍ର ବନ୍ଧନ  ଭାଇ ଭଉଣୀର
ରହିଥାଏ ଚିରଦିନ
ଅତୁଟ ଅନନ୍ତ  ଚିର ଅମଳିନ
ବିଶ୍ୱାସର ରକ୍ଷାବନ୍ଧନ ।।(୧)

ଜୀବନର ପଥେ  ଥିଲେ ଭାଇସାଥେ
ନ ଲାଗଇ ଡର କେବେ
ନିଜେ ଜଳିଯାଇ  ମୁହେ ହସଦେଇ
ଚାଲେ ଭାଇ ଯୁଗେଯୁଗେ ।।(୨)

ସଂପର୍କ ଅମର  ଭାଇ ଭଉଣୀର
ମରେ ନାହିଁ ସରେ ନାହିଁ
ବିଶ୍ୱାସରେ ରଜ୍ଜୁ  ବାନ୍ଧଇ ଭଉଣୀ
ସାରା ଯୁଗଯୁଗ ପାଇଁ ।।(୩)

ବିପଦ ଆପଦେ  ଅବା ସୁଖ ଦୁଃଖେ
ଭରଷା ଆସଇ ମନେ
ଭାଇ ଡାକରାରେ  ଶତ ସାହସରେ
ଦୁଃଖ ଛାଡ଼ଇ କ୍ଷଣେ ।।(୪)

ରକ୍ଷାର କବଚ  ଭଗ୍ନୀ ଜୀବନର
ଏହି ଧରାଧାମେ ଭାଇ
ପ୍ରତି ମୁହୂର୍ତ୍ତରେ  ଚାଲିବା ପଥରେ
ରକ୍ଷାକରେ ପ୍ରାଣଦେଇ ।।(୫)

ଚତାବେଡ଼ା

ISSN NO.
2582-208X

# ବନ୍ଦ କୋଠରୀ



ପୂର୍ଣ୍ଣଚନ୍ଦ୍ର ରଣା

ସମୟ ରାତ୍ରୀ ଘ.୧୨.୩୫ମି, ଡକ୍ଟର ସାହାବ ଓ.ଟି ରୁ ଅପରେସନ୍ ସାରି ବାହାରକୁ ବାହାରୁ ଥାଆନ୍ତି, ହଠାତ୍ ହସ୍ପିଟାଲ ଆଢୁଆଳରେ ଥିବା କୋଠରୀରୁ ଏକ ଅଜଣା ଶବ୍ଦ ଶୁଣାଗଲା ।

ୱାଚମ୍ୟାନ୍ ଦେଖିଲ ଦେଖିଲ ସେ କୋଠରୀ ଭିତରେ କଏ ଚତ୍କାର କରୁଛି ।

ଓକେ ସାର୍, ମୁଁ ଦେଖୁଛି । ୱାଚମ୍ୟାନ ଏହା କହି ହସ୍ପିଟାଲର ଆଢୁଆଳରେ ଥିବା କୋଠରୀ ପାଖକୁ ଧାଇଁ ଚାଲିଗଲା । ପୁଣି ଚଲେଇ ଚଲେଇ କହିଲା, କଏ ? କଏ ? ସେ କୋଠରୀ ଭିତରେ ? ୱାଚମ୍ୟାନର ଶବ୍ଦ ଶୁଣି ହଠାତ୍ ସେ ଅଜଣା ଶବ୍ଦଟି କିଛି କ୍ଷଣ ପାଇଁ ବନ୍ଦ ହେଇଗଲା ।

ୱାଚମ୍ୟାନ ଫେରି ଆସି ଡକ୍ଟର ସାହାବଙ୍କୁ କହିଲା, ସାର୍ ସେଠାରେ କେହି ବି ନାହାନ୍ତି, ସେଇଟା ଗୋଟିଏ "ବନ୍ଦ କୋଠରୀ" । ଠିକ୍ ଅଛି ୱାଚମ୍ୟାନ ତୁମେ ଦେଖି ଚାହିଁ ନିଜ ଡ୍ୟୁଟି କରୁଥିବା । ଓକେ ସାର୍ ମୁଁ ତ ଏଠି ସବୁ ଦିନଆ, ଆପଣ ଯାଆନ୍ତୁ ସାର୍ ମୋ'ର ଡ୍ୟୁଟି ସରିଲେ ସକାଳେ ଚାଲିଯିବି ।

ଡକ୍ଟର ସାହାବ ଗାଡ଼ିରେ ବସିବା ମାତ୍ରେ ଠିକ୍ ସେହି ଅଜଣା ଶବ୍ଦଟି ପୁନଶ୍ଚ ଶୁଣାଗଲା ହସ୍ପିଟାଲର ସେହି ବନ୍ଦ କୋଠରୀ ମଧ୍ୟରୁ । ଡକ୍ଟର ସାହାବ ସେ ଶବ୍ଦ ଶୁଣି ପୁନଶ୍ଚ ଧାଇଁ ଆସିଲେ ।

ୱାଚମ୍ୟାନ ୱାଚମ୍ୟାନ କୁଆଡେ ଗଲ, ଦେଖ ଦେଖ ପୁଣି ସେମିତି ଭୟଙ୍କର ଶବ୍ଦ ଶୁଣାଯାଉଛି । କିନ୍ତୁ ୱାଚମ୍ୟାନର କୌଣସି ଜବାବ ଶୁଣାଗଲାନି, କୁଆଡେ ଗଲ ୱାଚମ୍ୟାନ କୁଆଡେ ଗଲ ତୁମ ଡ୍ୟୁଟି ସମୟରେ କୁଆଡେ ଗଲ । ଡକ୍ଟର ସାହାବ କୋଠରୀ ପାଖକୁ

ISSN NO.
2582-208X

ଯାଇ ଦେଖିଲେ ବନ୍ଦ କୋଠରୀ ଭିତରୁ ରକ୍ତର ଶୁଅ ଛୁଟୁଛି । ଏହା ଦେଖି ଡକ୍ଟର ସାହାବଙ୍କ ଦେହରୁ ଝାଳ ବାହାରି ଗଲା ଏବଂ ସେ ଭୟାନକ ଶବ୍ଦ ଶୁଣି ଆହୁରି ଡରିଗଲେ। ଡରି ଡରି ଖନେଇ ଖନେଇ କହୁଥିଲେ କ...ଏ ? କ...ଏ ? ସେ କୋଠରୀ ଭିତରେ । ଏହା କହିବା ମାତ୍ରେ ସେ ବନ୍ଦ କୋଠରୀ ଭିତରୁ ଓ୍ୱାଚମ୍ୟାନର ପିନ୍ଧା ଜୋତା, ପୋଷାକ ଆଦି ଡକ୍ଟର ସାହାବଙ୍କ ଉପରେ ପଡ଼ିଲା ଏବଂ ଡକ୍ଟର ସାହାବ ସେ ଭୂଇଁ ଉପରେ ଗଡ଼ି ପଡ଼ି ବେହୋସ୍ ହୋଇଗଲେ ।

ଦଶ ମିନଟ ପରେ ସେ ଶୁନଶାନ୍ ରାତିରେ ପାଖାପାଖି ଗୋଟିଏ ଦଶ ବର୍ଷର ଝିଅ ଗ୍ଲାସରେ ପାଣି ଧରି ଡକ୍ଟର ସାହାବଙ୍କ ନିକଟକୁ ଆସିଲା, ଡକ୍ଟରଙ୍କ ମୁହଁରେ ପାଣି ପକେଇ ତାଙ୍କର ଚେତା ଫେରାଇଲା । ଡକ୍ଟର ସାହାବଙ୍କ ଚେତା ଆସିବା ମାତ୍ରେ ତତକ୍ଷଣାତ୍ ଝିଅଟି ଅଦୃଶ୍ୟ ହୋଇଗଲା । କିଛି ସମୟ ପରେ ଡକ୍ଟର ଛିଡ଼ା ହେଲେ । ପୁନଶ୍ଚ ଝିଅଟି ସାହାବଙ୍କ ପଛପଟୁ ଆସି ହାତ ମାରି ହସି ହସି କହିଲା ଏ ଡକ୍ଟର ସାହାବ କ'ଣ ମତେ ଦେଖି ଡରିଗଲ କି ? ଡକ୍ଟର ସାହାବ ଡରି ଡରି ଝିଅଟିକୁ ପଚାରିଲେ ମାଆ ତୁ କିଏ ? ତୁ ଏତେ ରାତିରେ ଏଠି ଏକା କ'ଣ କରୁଛୁ ? ଝିଅଟି ନମ୍ର ହୋଇ କହିଲା, ସାହାବ ମୋ ନାଁ ପରୀ। ମୁଁ ଏଠି ଏ ରାକ୍ଷସ ମାନଙ୍କ ରକ୍ତ ପିଇବାକୁ ଆସିଛି । ଆଉ ସେମାନେ ଯେମିତି ମୋ ବାପା ମାଆଙ୍କ ଠାରୁ ମତେ ଯେମିତି ଅଲଗା କରି ଏ ମାସୁମ୍ ଜୀବନ ସହ ଖେଳ ଖେଳଛନ୍ତି, ମୁଁ ସେ ରାକ୍ଷସ ମାନଙ୍କୁ କେବେ ଛାଡିବିନି । ସାହାବ ଗୋଟି ଗୋଟି କରି ତାଙ୍କ ପରିବାର ଠୁ ତାଙ୍କୁ ଅଲଗା କରିବି ।

ଡକ୍ଟର ସାହାବ ସହାନୁଭୂତି ହୋଇ ପରୀକୁ କହିଲେ, ଶାନ୍ତ ହେଇଯାଅ ମାଆ, ଏହାଶୁଣି ପରୀ ବହୁତ କାନ୍ଦିଲା ଆଉ କହିଲା କେମିତି ଶାନ୍ତ ହେବି ସାହାବ ସେମାନେ ତ ମୋ ଖୁସି ଛଡ଼ାଇ ନେଲେ । ପୁନଶ୍ଚ ପରୀ ଚୁପ ହୋଇ ଡକ୍ଟର ସାହାବଙ୍କୁ ତା ସହ କରିଥିବା କାହାଣୀକୁ ବଖାଣିଲା ।

ସେଦିନ ଥାଏ ମୋ ବଡ଼ ଭଉଣୀ ପ୍ରିୟା ଦିଦିର ଜନ୍ମ ଦିନ ଆମ ଘରେ ଖୁସିର ଉତ୍ସବ । ବାପା ଡ୍ୟୁଟି ସାରି ଘରକୁ ଫେରୁ ଫେରୁ ରାତି ହୋଇ ଯାଇଥିଲା, ଅପେକ୍ଷାରେ ଆମ ସାରା ଘର ପରିବାର । ବାପା ଘରକୁ ଆସିଲେ କେକ୍ କଟାଯିବ ଆଉ ଦିଦିର ଜନ୍ମ ଦିନ ପାଳନ କରାଯିବ । ଭଗବାନ ଏତେ ନିଷ୍ଠୁର ହେଲେ ଯେ, ବାପା ରାସ୍ତାରେ ଆସୁ ଆସୁ ବାପାଙ୍କୁ ଏକ

ଅଜଣା ଗାଡ଼ି ଧକ୍କା ଦେଲା ଏବଂ ବାପା ବେହୋସ୍ ହୋଇ ତଳେ ପଡିଗଲେ । ବାପାଙ୍କ ହାତ ଗୋଡରେ ବହୁତ ଆଘାତ ଲାଗିଥିଲା ତେଣୁ ଏହି ହସ୍ପିଟାଲର ବାପାଙ୍କୁ ଆଡମିଟ୍ କରି ଦିଆଗଲା । ଡକ୍ଟର ଚକଷା କରି କହିଲେ, ସାର୍ ଆପଣ ଚାରି ପାଞ୍ଚ ଦିନ ବିଶ୍ରାମ ନଅନ୍ତୁ ଠିକ୍ ହୋଇଯିବେ ।

ବାପା ଆଡମିଟ୍ ହେବା ଦୁଇଦିନ ପରେ ମାଆ ଆଉ ମୁଁ ବାପାଙ୍କୁ ଦେଖିବାକୁ ହସ୍ପିଟାଲ ଆସିଥାଉ । ଅଧିକ ରାତ୍ରୀ ହେବା ଫଳରେ ମାଆ ଆଉ ମୁଁ ହସ୍ପିଟାଲରେ ରାତ୍ରୀଯାପନ କରିଥିଲୁ । ରାତ୍ରୀ ଘ.୧୨.୧୦ମି ମୁଁ ଓ୍ୟାସରୁମ ଯିବା ବାଟରେ ଜଣେ ଓ୍ୱାଚମ୍ୟାନ ମତେ ଦେଖି ପଚାରିଲେ, ଏତେ ରାତିରେ କୁଆଡେ ଯାଉଛ ?

ମୁଁ ପଚାରିଲି ଅଙ୍କଲ ଓ୍ୟାସରୁମ କୋଉପଟେ ? ଓ୍ୱାଚମ୍ୟାନ ମତେ ଦେଖି ଅନ୍ତରରେ ଏକ ରାକ୍ଷସକୁ ମୋ ଅଜାଣତରେ ଏକ ରାକ୍ଷସକୁ ଜାଗ୍ରତ କରି ସାରିଥିଲା । ଓ୍ୱାଚମ୍ୟାନଟି ମତେ ଡାକ ନେଇ କହିଲା, ମୋ ସହ ଆସ ମୁଁ ଓ୍ୟାସରୁମ ଦେଖେଇବି । ମୁଁ ତାଙ୍କ ସହ ହସ୍ପିଟାଲର ଆଢୁଆଳରେ ଥିବା କୋଠରୀକୁ ଗଲି ।

ଓ୍ୱାଚମ୍ୟାନ ମତେ କହିଲା ଏଇଟା ଓ୍ୟାସରୁମ । ସେ କୋଠରୀକୁ ପଶିବା ମାତ୍ରେ ଦୁଇଜଣ ଓ୍ୱାଚମ୍ୟାନ ସେ କୋଠରୀକୁ ପଶିଯାଇ ଭିତର ପଟୁ ବନ୍ଦ କରିଦେଲେ ଆଉ ମୋ ସହ ବଳାତ୍କାର କଲେ । ହାତ ଯୋଡ଼ି ବହୁତ ବିନତୀ କଲି, ଅଙ୍କଲ ମୋତେ ଛାଡ଼ିଦିଅ, ମୁଁ ଛୋଟ ପିଲାଟେ, ଆପଣଙ୍କ ଝିଅ ପରି । କିନ୍ତୁ ସେ ରାକ୍ଷସ ଦୁଇଜଣ ମତେ ବଳାତ୍କାର କରି ଜୀବନରୁ ମାରିଦେଲେ । ଆଉ ସେ କୋଠରୀକୁ ବନ୍ଦ କରି ଚାଲିଗଲେ । ଆଉ ମୋ'ର ସେହି ଆତ୍ମାଟି ସେ ବନ୍ଦ କୋଠରୀ ଭିତରେ ବିକଳ ହେଉଥିଲା । ସକାଳୁ ମୋ ବାପା ମାଆ ମତେ ବହୁତ ଖୋଜିଲେ । ଆଉ ପୋଲିସରେ ଏଫ୍.ଆଇ.ଆର ଦେଲେ, କିନ୍ତୁ ମୋ'ର କୌଣସି ବି ଖବର ମିଳିଲାନି । ମୁଁ ଖୁସି ଟିକେ ନ ପାଇ ଅତୃପ୍ତ ଆତ୍ମା ହୋଇ ଘୁରି ବୁଲିଲି। ଆଉ ଏଇ ବନ୍ଦ କୋଠରୀ ଭିତରେ ରହି, ଏହିପରି ରାକ୍ଷସ ମାନଙ୍କୁ ଉଚିତ୍ ସବକ୍ ଶିଖାଇବି ।

ISSN NO.
2582-208X

ସେ କୁନ ପରୀ କାନ୍ଦି କାନ୍ଦି ଡକ୍ଟର ସାହାବଙ୍କୁ କହିଲା, ଯଦି ମୁଁ କଛି ଭୁଲ କରିଥାଏ ମତେ କ୍ଷମା କରିଦେବେ । ମୋ ବାପା ମାଆ ଆଉ ମୋ ପରିବାର କଥା ଆଜି ମୋର ବହୁତ ମନେ ପଡୁଛି । ଏହା ଶୁଣି ଡକ୍ଟର ସାହାବଙ୍କ ଆଖିରୁ ଦୁଇ ଟୋପା ଲୁହ ବହିଗଲା ।

ଡକ୍ଟର ସାହାବ ସେ କୁନ ପରୀକୁ ପ୍ରତିଶ୍ରୁତି ଦେଲେ ଯେ ଭବିଷ୍ୟତରେ ଏ ପରି ନିନ୍ଦିତ କାର୍ଯ୍ୟକୁ ପ୍ରତିରୋଧ କରିବାକୁ । କଛି ଦିନ ପରେ ଡକ୍ଟର ସାହାବ ଝିଅଟିର କାହାଣୀକୁ ଶୁଣାଇବାକୁ ଏକ ଶଭାର ଆୟୋଜନ କଲେ ଏବଂ ଶଭାରେ ଘୋଷଣା କଲେ ଯେ ନାବାଳକା ବଳାତ୍କାର ଭଳ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ହାଟସିଂହାପୁର, ଯାଜପୁର

ISSN NO.
2582-208X

# କାଳିଆ ହୁଅନ୍ତୁ ସାହା



ଝରଣା ବାରିକ

ଗର୍ଭେ ଧରିଥିଲି ଦଶ ମାସ ତତେ
ହେଉଥିଲି ଖୁସି କେତେ,
ତୋ କୁନି ପାଦର ଗୋଇଠା ମାଡ଼ରେ
ହସୁଥିଲି ମୁହିଁ ସେତେ।

ଦୁଃଖ ସବୁ ମୋର ଭୁଲି ଯାଇଥିଲି
ତୋତେ ପାଇ ମୋର କୋଳେ,
ଖୁସିରେ ବିଭୋର ହୋଇ ଉଠୁଥିଲି
ହସୁ ଥିଲୁ ଯେତେ ବେଳେ।

ହାତ ଧରି ତୋତେ ଚାଲି ଶିଖାଇଲି
ହେବୁ ମୋର ଦିନେ ସାହା,
ବୁଝିବୁ ମୋ ଦୁଃଖ ବଡ଼ ହେବା ପରେ
ଦୁଃଖିନିର ହେବୁ ରାହା।

ମୁହିଁ ନ ଖାଇଲେ ଖୋଇ ଦେଉଥିଲୁ
କୁନି କୁନି ହାତେ ତୋର,
କାହିଁକି ଏମିତି ଭୁଲି ଗଲୁ ଧନ
ଛିଡିଲା ସମ୍ପର୍କ ଡୋର।

ତଥାପି ପାର୍ଥନା କାଳିଆ ପାଖରେ
ତୋତେ ହେଉଥାନ୍ତୁ ସାହା
ଭୁଲି ଯାଆ ପଛେ ଏ ବୁଢ଼ୀ ମାଆକୁ
ତୁ ଧନ ଭଲରେ ଥାଆ।

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X

# ଜୀବନ



ଶିବରାମ ଦଳେଇ

ତୁହାଏ ତୁହାଏ ଆଶା ର  ସ୍ୱପ୍ନକୁ
ଆଞ୍ଜୁଳା ଆଞ୍ଜୁଳା
ତୋଳିବାକୁ ଇଚ୍ଛା କରି
ହଠାତ ଝାଉଁଳି ଆସେ
ଆୟୁଷ ର ରଙ୍ଗ ।

ଏବେ ବୁଝି ସାରିଛି
ଜୀବନରେ ଅନ୍ଧାର ମାଡ଼ି ଆସିଲେ
ନିଜ ଛାଇ କିପରି
ନିଜ ଠୁ ବି ଦୂରେଇ ଯାଏ ।।

ଶୁଖିଲା ପତ୍ରଟିଏ
ମୂଲ୍ୟହୀନ ଅହମିକା ସାଜି
ଛିଡେଇ ଦିଏ
ଆୟୁଷ ର ଡେମ୍ଫ ।

ଜୀବନ ଓ ମୃତ୍ୟୁ ର
ଲୁଚକାଳି ଖେଳ ଭିତରେ
ସମୟର ହାତ ଧରି
ଶିଖିଗଲିଣି ଦୁଃଖ ପାହାଡ଼କୁ
ପାରି ହେବା କୌଶଳ ।

ଆଉ
ବାଇ ଚଢେଇ ଠୁ ଶିଖିସାରିଛି
ଶୁଖିଲା ବରଡ଼ା ରେ
ବସା ବାନ୍ଧିବାର କୌଶଳ ।

ଲେଖନପୁର, ସାଲେପୁର

ISSN NO.
2582-208X

# ଖଦ୍ୟୋତ



ସୌମ୍ୟରଞ୍ଜନ ସଂଗ୍ରାମ ସିଂ

ଅନେକ ବିରାଟ କବି ଲେଖିଛନ୍ତି
ତା' ସୌନ୍ଦର୍ଯ୍ୟର ପରିଭାଷା
ମହାନତା ବଦାନ୍ୟତା
ଗୁଣର ଲକ୍ଷଣ
ବିଶାଳ ହୃଦୟର ପରିଣାମ
ରୂପର କବିତା!
ନିଜକୁ ଭୁଲିଯାଇ
ଅତୀତକୁ ମନେଧରି
ଆଜି ମୋ ମଶାରୀ ଉପରେ ବସି
ଗୁମୁରୁଛି ନିଜେ ନିଜ ଅସ୍ତିତ୍ୱ ଖୋଜୁଛି,
ପୁରୁଣା ପୃଷ୍ଠା ଓଲଟାଇ
ବର୍ଣ୍ଣନାକୁ ଉପହାସ କରୁଛି।
"ଆଜି ମୁଁ ଅବହେଳିତ ନିହାତି
ସୌନ୍ଦର୍ଯ୍ୟ ମୋର ଲୁଣ୍ଠିତ ବୋଧେ,
ଏଇ ନିଶାର୍ଦ୍ଧରେ
ସମ୍ପୂର୍ଣ୍ଣ ଅନ୍ଧାର ରାଜ୍ୟରେ
ମୋବାଇଲ୍ ଆଲୋକରୁ
ମୋତେ ଟିକେ ଦେଖ
ଅଭିମାନ ଭରା ସ୍ୱରରେ
କହି ଉଠିଲା ଯେମିତି
ନାୟିକା ସେ ସଜ୍ଞା ଖଦ୍ୟୋତଟି!

ଭୁବନେଶ୍ୱର
ମୋ – 8249850832

ମାର୍ଚ୍ଚ – ୨୦୨୨
www.vedantimagazine.com
ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

### ୧୭. ଆଧାତ୍ମବାଦ ଏକ ବିଷାକ୍ତ ଭୂତାଣୁ

ଏହି ଭୂତାଣୁ କିଛି ଜାଣି ନଥିବା, କଥା କହି ଶିଖି ନଥିବା ପିଲାଙ୍କ ମସ୍ତିଷ୍କକୁ ସଂକ୍ରମିତ କରିଥାଏ । ସେ କିଛି ଜାଣିବା ପୂର୍ବରୁ ତାର ବ୍ରେନ ୱାସ୍ କରିଦିଏ । ଏହି ଭୂତାଣୁ ସଂକ୍ରମଣ କଲା ପରେ ସେ ତର୍କକୁ ଉପେକ୍ଷା କରି ପ୍ରମାଣ ବିହୀନ ତଥ୍ୟଗୁଡିକୁ ବିଶ୍ୱାସ କରିବାକୁ ବାଧ୍ୟ ହୋଇଯାଏ । ତା ଭିତରେ ଏକ ପ୍ରକାର ଅବୈଜ୍ଞାନିକ ବିଚାର ଜନ୍ମ ହୁଏ, ଯାହା ଫଳରେ ସେ ନିଜକୁ ଧାର୍ମିକ ବୋଲି ଆତ୍ମଅହଂକାର ଅନୁଭବ କରେ । ସେଥିପାଇଁ ସେ ବଡ ହେବାପରେ ନିଜ ଧର୍ମର ଭୂତାଣୁ ସଂକ୍ରମିତ ଲୋକମାନଙ୍କ ରକ୍ଷା କରିବାପାଇଁ ଅନ୍ୟ ଧର୍ମର ଲୋକମାନଙ୍କ ପ୍ରତି ଅସହିଷ୍ଣୁ ହୋଇ ହିଂସା ପ୍ରଦର୍ଶନ କରେ । ଏହି ଭୂତାଣୁ ମଣିଷକୁ କ୍ରମାଗତ ଭାବେ ସ୍ନେହ, ପ୍ରେମ, ଭାଇଚାରା, ମାନବୀୟ ସମ୍ବେଦନଶୀଳତା ଇତ୍ୟାଦି ସମାପ୍ତ କରି, ପରସ୍ପର ଠାରୁ ଦୂରେଇ ରଖିବାରେ ମୂଖ୍ୟ ଭୂମିକା ଗ୍ରହଣ କରିଥାଏ ।

### ୧୮. ଆଧାତ୍ମବାଦ ଓ ବିଜ୍ଞାନ

ଏହି ଦୁଇଟି ଭିତରେ ମୌଳିକ ପ୍ରଭେଦ ହେଉଛି – ଆଧ୍ୟାତ୍ମବାଦ ଜଣେ ଜଣେ ସର୍ବଶକ୍ତିମାନ ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରଣ ହେଉଛି । ତଥାପି ପ୍ରକୃତି କିମ୍ବା ମଣିଷଙ୍କ ଉପରେ କୌଣସି ପ୍ରଗତିଶୀଳ ପ୍ରଭାବ ପଡେନାହିଁ । ବିଜ୍ଞାନବାଦ ପ୍ରକୃତିକୁ ଅନୁସନ୍ଧାନ, ଅନ୍ୱେଷଣ, ବିଶ୍ଳେଷଣ କରି କାରଣ ବା ସତ୍ୟକୁ ପ୍ରମାଣିତ କରିଥାଏ । ସେଥିପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଉଦ୍ଭାବନ ହୋଇ ନିର୍ମାଣ ହୋଇଥିବା ପ୍ରତ୍ୟେକ

ISSN NO.
2582-208X

ଭୌତିକ ସାଧନ ମଣିଷର ମଙ୍ଗଳ ସାଧନରେ ବ୍ୟବହାର ହେଉଛି । ସେଥିପାଇଁ ସମସ୍ତ ଯୁଗରେ ବିଜ୍ଞାନ ହିଁ ପ୍ରଗତି ପଥରେ ଆଧ୍ୟାତ୍ମବାଦ ଠାରୁ ଆଗରେ ରହିଛି ।

### ୧୯. ଅନ୍ଧବିଶ୍ୱାସ ବୃଦ୍ଧିର ଅସଲ କାରଣ

ଯେତେବେଳେ ଦେଶରେ ଔଷଧ ଏବଂ ଚିକିତ୍ସା ବ୍ୟବସ୍ଥା ମହଙ୍ଗା ହୋଇଯାଏ, ସେତେବେଳେ ଗରିବ ରୋଗୀ ଲୋକମାନେ ତନ୍ତ୍ରଶକ୍ତି, ମନ୍ତ୍ରଶକ୍ତି, ମନ୍ତ୍ରସିଦ୍ଧ ତାବିଜ ଓ ଡେଉଁରିଆ ଆଦି ଉପରେ ଗଭୀର ବିଶ୍ୱାସ କରୁଛନ୍ତି । ଏହିଠାରୁ ଅନ୍ଧବିଶ୍ୱାସ ବୃଦ୍ଧି ପାଏ । "ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ?" ଏହି ବିଶ୍ୱାସ ଦୃଢ ହୁଏ । ହେତୁବାଦୀ ବିଚାର ସେମାନଙ୍କର କୌଣସି କାମରେ ଲାଗେନାହିଁ ।

### ୨୦. ଅନ୍ଧବିଶ୍ୱାସର ପ୍ରଚ୍ଚର

ଯେଉଁ ଦେଶରେ ପ୍ରତିଦିନ ସକାଳ ପହରୁ ଅନ୍ଧବିଶ୍ୱାସର ପ୍ରଚାର ହେଉଛି ସେହି ଦେଶ ପ୍ରଗତି କରିବ କିପରି ?

କ. ପ୍ରାତଃ କାଳରେ ସବୁଠାରୁ ଲୋକପ୍ରିୟ ଗଣମାଧ୍ୟମ ଟିଭି ଖୋଲିଲେ ଦେଖିବେ, ଅଧିକାଂଶ ଚ୍ୟାନଲରେ ବାବା କିମ୍ବା ମାତାମାନେ ବସି ଆଜିର ରାଶିଫଳ ଶୁଣାଉଛନ୍ତି (ସତେ ଯେମିତି ସେମାନେ ସମସ୍ତଙ୍କର ଚରିତ୍ର ଓ କର୍ମଶୈଳୀ ଜାଣିଥାନ୍ତି)

ଖ. ଖବର କାଗଜର କୌଣସି ଗୋଟିଏ ପୃଷ୍ଠାରେ ଦୈନିକ ରାଶିଫଳ ପଢିବାକୁ ମିଳିଥାଏ । (ସମଗ୍ର ମାନବ ଜାତିକୁ ମାତ୍ର ୧୨ ଗୋଟି ଭାଗରେ ବାଣ୍ଟି ଦେଉଛନ୍ତି କିପରି ?)

ଗ. ଧର୍ମସ୍ଥଳମାନଙ୍କରେ ଶଙ୍ଖ, ଘଣ୍ଟ ସହିତ ଉଚ୍ଚ ଧ୍ୱନିରେ ବିଭିନ୍ନ ଧର୍ମର ଭଜନ ଓ ଜଣାଣ ପ୍ରସାର ହେଉଥିବ । (ସତେ ଯେମିତି ସୁପ୍ତ ଠାକୁରମାନଙ୍କୁ ନିଦରୁ ଜାଗ୍ରତ କରିବା ପାଇଁ ଘଣ୍ଟ, ଥାଳି, ଶଙ୍ଖ ବଜାଇ ଲାଉଡ ସ୍ପିକରରେ ପ୍ରାର୍ଥନା କରିବା ନିହାତି ଆବଶ୍ୟକ)

ISSN NO.
2582-208X

ଗ. ଅସାଧୁ ବ୍ୟବସାୟ କରୁଥିବା ବେପାରୀମାନେ ମଧ୍ୟ ଦୋକାନ ଖୋଲି ଧୂପ ଦୀପ ଜଳାଇ ଅଧିକ ଲାଭ ପାଇଁ ପୂଜା ଅର୍ଚ୍ଚନା କରୁଛନ୍ତି । (ଗ୍ରାହକଙ୍କୁ ଠକୁଥିବା ଦୋକାନୀ ଭଗବାନଙ୍କୁ ଲାଞ୍ଚ ଦେଇ, ପ୍ରାର୍ଥନା କରି, ନିଜ ସପକ୍ଷରେ କରିବାର ଇଚ୍ଛା)

ଚ. ସରକାରୀ ଅଫିସ ଓ ସାର୍ବଜନିକ ଅନୁଷ୍ଠାନ ଯଥା: ସ୍କୁଲ, କଲେଜ ଓ ହସ୍ପିଟାଲ ଆଦି ମାନଙ୍କରେ କୌଣସି ଏକ ନିର୍ଦ୍ଦିଷ୍ଟ ଦେବୀ ଦେବତା କିମ୍ବା ବାବାଙ୍କ ଫୋଟ ବା ମୂର୍ତ୍ତି ସ୍ଥାପନ ହୋଇଥାଏ । (ନିଜ ଧର୍ମସମ୍ପ୍ରଦାୟର ଭକ୍ତଙ୍କ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବା ପାଇଁ ଏହା ଏକ ସ୍ୱାର୍ଥପର ଉଦ୍ୟମ)

## ୨୧. ଅନ୍ଧବିଶ୍ୱାସୀଙ୍କ ସଂଖ୍ୟା ଅଧିକ କାହିଁକି

ବିଜ୍ଞ ଦ୍ୱାରା ଗବେଷଣା କରି ପ୍ରକାଶ କରିଥିବା ତଥ୍ୟ ଭୁଲ ପ୍ରମାଣିତ ହେଲେ ବୈଜ୍ଞାନିକ ନମ୍ରତାର ସହ ଭୁଲକୁ ସ୍ୱୀକାର କରନ୍ତି । କିନ୍ତୁ ଆଧ୍ୟାତ୍ମିକ ଧର୍ମରେ ଯଦି କେହି କିଛି ଭୁଲ ଅଛି ବୋଲି କହେ ତେବେ ଧର୍ମଗୁରୁ ତଥା ତାଙ୍କର ସମର୍ଥକ ମାନେ ତାକୁ ଅପମାନିତ କରିବା ସହ ଶାରୀରିକ ଯନ୍ତ୍ରଣା ଦିଅନ୍ତି । ଏପରିକି ତାକୁ ହତ୍ୟା କରିବାପାଇଁ ମଧ୍ୟ ପଛାନ୍ତିନାହିଁ । ଏହି ଗୋଟିଏ କାରଣରୁ ଦୁନିଆରେ ଅନ୍ଧବିଶ୍ୱାସୀଙ୍କ ସଂଖ୍ୟା ଅଧିକ ।

## ୨୨. ଅଭିବ୍ୟକ୍ତର ସ୍ୱାଧୀନତା

ଆସ୍ତିକମାନେ ଯାହାକୁ ଯେପରି ଭାବେ ବିଶ୍ୱାସ କରିବାକୁ ଚାହୁଁଛନ୍ତି ସେହି ସ୍ୱାଧୀନତା ସେମାନଙ୍କୁ ମିଳିବା ଉଚିତ । ଠିକ ସେହିପରି କାହାରି ଅବୈଜ୍ଞାନିକ, ଅବିଶ୍ୱାସନୀୟ ଓ ଭିତ୍ତିହୀନ ବିଶ୍ୱାସକୁ ନେଇ ତର୍କସଙ୍ଗତ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ସମାଲୋଚନା କରିବା ଏବଂ ପ୍ରଶ୍ନ କରିବାର ସ୍ୱାଧୀନତା ମଧ୍ୟ ନାସ୍ତିକମାନଙ୍କୁ ମିଳିବା ଉଚିତ । କାରଣ ଭାରତୀୟ ସମ୍ବିଧାନରେ ଅଭିବ୍ୟକ୍ତିର ସ୍ୱାଧୀନତା ଉଭୟଙ୍କ ପାଇଁ ସମାନ ଦିଆଯାଇଛି ।

ISSN NO.
2582-208X

ଆଧ୍ୟାତ୍ମବାଦୀଙ୍କ ବିଜ୍ଞାନ ବିଷୟରେ ଅଜ୍ଞାନତା ଇଶ୍ୱରଙ୍କ ଅସ୍ତିତ୍ୱକୁ ସିଦ୍ଧ କରୁନାହିଁ। ସେମାନେ ସବୁ କାଳ୍ପନିକ ପରୀ କାହାଣୀଗୁଡିକୁ ସତ୍ୟ ପ୍ରମାଣିତ କରିବା ପାଇଁ କୌଣସି ତର୍କ ସଙ୍ଗତ ଉତ୍ତର ଦେଇପାରୁନାହାନ୍ତି ।

## ୨୩. ଅଶାନ୍ତିର ମୂଳ କାରଣ ଧର୍ମ

ଧାର୍ମିକ ଲୋକମାନଙ୍କୁ ଲଢେଇ କରିବାପାଇଁ ଅନ୍ୟ ଧର୍ମର ଲୋକ ଆବଶ୍ୟକ ନାହିଁ। ସେମାନେ ନିଜ ଧର୍ମର ଲୋକମାନଙ୍କ ସହିତ ମଧ୍ୟ ଲଢେଇ କରିପାରିବେ। କାରଣ ପ୍ରତ୍ୟେକ ଧର୍ମରେ ଜାତି ଓ ସମ୍ପ୍ରଦାୟ ଗଢି ପରସ୍ପରଙ୍କ ଠାରୁ ଅଲଗା ବିଚାର ଓ ଆଚରଣ ତିଆରି କରିଥାନ୍ତି, ତେଣୁ ମତାନ୍ତର ହେବା ସ୍ୱାଭାବିକ। ସେଥିପାଇଁ ଯଦି ବା ସାରା ପୃଥିବୀରେ ଗୋଟିଏ ମାତ୍ର ଧର୍ମ ରହିବ, ତଥାପି ମଣିଷ ସମାଜରେ ସୁଖ ଓ ଶାନ୍ତି ରହିବ ନାହିଁ। ଅସଲ କଥା ହେଉଛି ଧର୍ମ ହିଁ ଅଶାନ୍ତିର ମୂଳ କାରଣ ।

କ୍ରମଶଃ.....

Mob:9482016260

ISSN NO.
2582-208X

# ଶୀତ



କରଣ ମନଷା ମହାନ୍ତ

ଶୀତ ଖୁବ୍ ଗୋଟେ ଜିଦିଆ ପ୍ରେମିକ
ଭାରି ତା'ର ଜିଦି
ତା' ପାଖରେ
ତା' ବାହୁରେ ପାଇବାକୁ ମତେ

ଯେମିତି ସନ୍ଧ୍ୟା ନଇଁ ଆସେ
ଚଗଲା ପ୍ରେମିକ ସେ
ଆଖିରେ ଆଖି ମିଶେଇ
ଚୁପ ଚାପ ଧାଇଁ ଆସେ

ତା' ସ୍ପର୍ଶରେ ଆତ୍ମୀୟତାପଣ
ଆଲିଙ୍ଗନରେ ମଧୁରତା ଭରି
କୋଳେଇ ନିଏ ବିଶାଳ ହୃଦୟରେ

ମୁଠା ମୁଠା ପ୍ରେମ ଆଣି
ସେ ଗୀତ ଗାଏ ମୋ' ଲାଗି
ଖୁବ୍ ଭଲପାଏ ମତେ
ଗେଲ କରି ରାତି ରାତି

ISSN NO.
2582-208X

ସଂସାର ରେ ଖୁବ୍ ନିଆରା ତା ପ୍ରେମ
ଛଳନା ନଥିବା ଏକ ପାଗଳ ପ୍ରେମି ସେ
ଆହାଃ..! ତା'ର ନରମ ସେ ସ୍ପର୍ଶ

ଛୁଇଁ ଯାଏ ଦେହ ଯେବେ
ଦେହେ ଖେଳେ ନୂଆ ଶିହରଣ
ଟାଙ୍କୁରି ଉଠଇ ଲୋମ
ତଥାପି କି..! ଜିଦି ତା'ର ଛାଡେ
ସମଗ୍ର ଶରୀର ମୋ'ର
ପାଇ ସେ ସାରିବା ପରେ
ଭୁଲେ ନାହିଁ ଦୁଷ୍ଟାମି ତା ଟାଣ ପଣେ ଭିଡେ

ଭାରି ଅଲାଜୁକ ଗୋଟେ ପାଗଳ ପ୍ରେମିକ
ପ୍ରତିଶ୍ରୁତି ଦେଇଛି ଯେମିତି
ଭିଜେଇବ ସାରା ରାତି
ମତେ ତା ପ୍ରେମରେ

ମାର୍ଚ୍ଚ – ୨୦୨୨
www.vedantimagazine.com
ISSN NO.
2582-208X
ବେଦାନ୍ତି

# ମୋ ଭାଗ୍ୟ



ରାଧାରାଣୀ ରାଉଳ

ଏଇ ଯେ ଭାଗ୍ୟ ମୋର ଭାଗ ଭାଗ ହୋଇ
କେବେ ମିଶିଯିବ ମାଟିରେ
ମାଟିର ବନ୍ଧୁଟେ କେବେ ହୋଇ
ମାଟି ସିନା ବୁଝେ ମଣିଷ ଭାଗ୍ୟର ମହତ୍ୱ
ହେଲେ ଏ ଦୁନିଆ କେବେ ବୁଝେନାହିଁ
ଭାଗ୍ୟର ଦୁଃଖ କାହାଣୀକୁ କେବେ ବୁଝେନି
ଭାଗ୍ୟ କେବେ ଥରୁଟେ କାହିଁ
ଅନେକ ଲୁହରେ ଭାସିଭାସି ଯାଏ ସିଏ
ଭାଗ୍ୟ ମୋର କେଉଁ ଆଡେ ନିଏ ଟାଣି
ନିତି ସାଜେ ମୁଁ ଯେ ଗୀତର ସ୍ୱରଟେ
ସ୍ମୃତି ଶୂନ୍ୟତାର ସାଥୀଟେ
ଭାଗ୍ୟ କେବେ ଭାବେ କୋଟିପତି ହେବାପାଇଁ
କେବେ ପୁଣି ପାଲଟି ଯାଏ ସେ
ଦୁଃଖୀଙ୍କର ଉପକାରୀ
କାହା ଭାଗ୍ୟ ଏଠି କେମିତି ଗଢା
କିଏ ବା ପାରିବ କହି
କିଏ ପୁଣି ସାଜେ ଦିନ ଭିକାରୀ ତ
କେବେ ଝୁରେ ପୁଣି ଭୋକ ଉପାସରେ
ସରି ସରି ଯାଏ ଜୀବନର ଲକ୍ଷ୍ୟ
ଅଳପ ଦିନରେ ପୁଣି
ଜାଣେନା ମୋ ଭାଗ୍ୟ କେଉଁଆଡେ
ନିଏ ଟାଣି ଟାଣି ॥

କଟିକଟା, ଯାଜପୁର

ISSN NO.
2582-208X

# ଗଛ ତୁମେ
# ମୋ ବନ୍ଧୁ



ଦୁଷ୍ମନ୍ତ ବେହେର୍

ମୁଁ ତୁମରି କୋଳେ ବସି
ଭାବୁଛି ମୋ ଅତୀତ
ମୋ ସ୍ୱପ୍ନ ଲକ୍ଷ୍ୟ !!

ଆଜି ଦେଖୁଛି କାଲି ବି
ଦେଖୁଛି ତୁମ କୋଳେ
ଖେଳନ୍ତୁ ନାନା ଖେଳ !!

ଗଛ ତୁମେ ଆମ ବନ୍ଧୁ
କେତେ ଅତୀତ ଯେ ଗଲେଣି
ତମେ ଅଛ ସାକ୍ଷୀ !!

ତୁମ ସ୍ୱପ୍ନ ଏଠି ବୁଝୁଛି କଏ
ସ୍ୱାର୍ଥ ପର ଏ ଯେ ମଣିଷ
ନଜ ଭବିଷ୍ୟତ ଦେଖେ !!

ଆଜି ଖେଳେ ତୁମ ସାଙ୍ଗେ
ଗଛ ବନ୍ଧୁ ସମୟ ଆସିଲେ
ବୁଝିବ ଦିନେ ସେ !!

ISSN NO.
2582-208X

ମୂଲ୍ୟ କାହାର କେତେ
ନଥିବ ପ୍ରକୃତି କୋଳେ
ହସ ଆଉ ହସ ବିନ୍ଦୁ !!

ଦରକାର ବେଳେ ଆଦର
କରନ୍ତୁ ତୁମକୁ ଗଛ ବନ୍ଧୁ
ସ୍ୱାର୍ଥ ପାଇଁ କରେ କାମ !!

ମଣିଷ ବନ୍ଧୁ ଡାଳ ପତ୍ର
ସହ ଖେଳ ଦେଇ ମୂଳରୁ
କରେ ଖେଳ ଶେଷ !!

ବନ୍ଧୁ ବନ୍ଧୁ କହି ଶୋଷି ନଏ
ସଂପର୍କ ରେ ଦିଏ ଦାଗ
ବନ୍ଧୁ ଯଦି ବଇରୀ ସାଜିବ !!

ଗଛ ବନ୍ଧୁ ତୁମ ଦୁଃଖ
କଏ ଶୁଣିବ କହ
ଏ ତ ଦୁନଆ ଖେଳ !!

ଗଛ ବନ୍ଧୁ ମୋ ଜୀବନ ବଞ୍ଚେଇବା
ପାଇଁ ବନ୍ଧୁ ଡାକ ତୁମ ଉପରେ
ଟିକେ ଦାଉ ସାଜେ !!

ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଫେସବୁକ



କଷାନ ମହାକୁର

ପାଟପୁର ଗାଁର ଗହୀରର ଦୃଶ୍ୟ। ପ୍ରାୟ ବିଲରୁ ଧାନ କଟା ସରିଲାଣି। କିଛି ଲୋକଙ୍କର ଧାନ କଟା ଚାଲିଛି। ମିଟୁଆ ଧାନ କଟାରେ ଲାଗିଛି, ପାଖାପାଖି ବିଲରେ କିଛି ଲୋକ ବି ନିଜ ନିଜର ଧାନ କାଟୁଛନ୍ତି। ମିଟୁଆ ମଝିରେ ମଝିରେ ଧାନ କଟାକୁ ବନ୍ଦ କରି ନିଜର ସ୍ମାର୍ଟ ଫୋନରେ ଫେସବୁକ କୁ ଟିକେ ଦେଖିନେଉଛି। ପାଖପାଖି ଲୋକମାନେ ଇସାରାରେ ଟାହି ଟାହିଟାପରା କରୁଛନ୍ତି, ମିଟୁଆର ଅଜଣାତରେ। ଜଣେ କହୁଛି "ତାର ଆଜି ସରିବନି ଏ ବିଲଟା, ଫୋନ ତାକୁ ବାଇଆ କରିଛି"। ଆର ଜଣଙ୍କ କହୁଛି "ନୂଆ ନୂଆ ଫୋନ କିଣିଛି ତ କାମରେ କଣ ମନ ଲାଗୁଛି ପୁଅର"। ମିଟୁଆ ଭାବୁଛି ଗାୟତ୍ରୀ ଦେବୀଙ୍କ ବିଷୟରେ। କଣ କାରଣ ହୋଇପାରେ, କଣ ପାଇଁ ଗାୟତ୍ରୀ ଦେବୀଙ୍କ ମତାମତ ଆସିଲାଣି। ବୋଧେ ଲେଖାଟି ସେତେ ଭଲ ହୋଇନି। ଆଜି ଆଉ ସରିବନି ବିଲଟା, ମୁହଁ ସଞ୍ଜ ତ ହେଲାଣି ।

ମିଟୁଆ ୩୫ ବର୍ଷର ଯୁବକ। ଅଳ୍ପ ଶିକ୍ଷିତ, ଚାଷ ବାସ କାମ କରି ଗୁଜୁରାଣ ମେଣ୍ଟାଏ। ସହର ଠୁ କାହିଁ କେତେ ଦୂର ଏକ ନିପଟ ମପସଲ ଗାଁ ପାଟପୁର ର ବାସିନ୍ଦା। ପିଲା ଦିନରୁ କବିତା ଗପ ପ୍ରତି ବହୁତ ଆଗ୍ରହ। ବୟସ ୮, ୯ ବର୍ଷରୁ ମାଙ୍କ ପାଖରୁ କବିତା ଶୁଣିବାକୁ ବହୁତ ଭଲପାଏ। ମା ବି ପଢ଼ା ବହିର କିଛି ଧାଡି ଶୁଣାଇ ଦିଅନ୍ତି ପୁଅକୁ ବୁଝାଇବାକୁ। ମିଟୁଆ ର ଏବେ ବି ମନେ ଅଛି, କବିତାର କେଇ ଧାଡି।

"ମୁଁ ଗୋଟିଏ ଦୁଷ୍ଟ ପିଲା ଠାପୁଆଙ୍କର ଗୁରୁ
ଗୁଣ୍ଡୁଚି ମୂଷା ନେଉଳ ଦେଖି ଗୋଡ଼ାଏ ତାକୁ ଦୂରୁ।

କୁମାର ପୂର୍ଣ୍ଣିମାରେ ସେ ସମୟରେ ଝିଅ ମାନେ ଗାଉଥିବା ଗୀତ:

ISSN NO.
2582-208X

"କେଉଁ ଦେଶେ ଥିଲୁ ଲୋ ତୁ ଶରତ ସୁନ୍ଦରୀ
ନପାଇଁ ବାରତା ହେଲୁ ଉପଗତ"

ଏମିତି ଅନେକ ଗୀତ ମାଙ୍କ ଠୁ ମିଟୁଆ ଶୁଣି ବଡ ହୋଇଛି। ମିଟୁଆ କୁ ବହୁତ ଭଲ ଲାଗେ "କୋଇଲି ଲୋ କେଶବ ଯେ ମଥୁରାକୁ ଗଲା" ହନୁମାନ ସୀତା ଠାବ ର "ଶିଶଂପା ବୃକ୍ଷର ଡାଳେ ହନୁ ମନେ ମନେ ଭାଳେ। ଏସବୁ ଭିତରେ ପଢ଼ାରେ ସେତେ ମେଧାବୀ ହୋଇ ନ ଥିବାରୁ, ଅଧା ବାଟରୁ ବାଟ ବଣା ହୋଇ ଆଜି ସାମାନ୍ୟ ଗରିବ ଚାଷୀ ରେ ପରିଣତ ହୋଇଛି ମିଟୁଆ ଓରଫ ମିଟୁ। ତେଲ ଲୁଣ ର ସଂସାର ଭିତରେ ଭୁଲି ଯାଇଛି ତାର ଅତୀତକୁ। ସକାଳ ମୁହଁ ଅନ୍ଧାରୁ ଉଠି ପୁଣି ମୁହଁ ସଞ୍ଜ ଯାଏଁ ଲାଗିଥାଏ ତାର ବିଲ ବାଡ଼ିରେ। ଗାଁ ଗଣ୍ଡାରେ ସବୁ ଲୋକଙ୍କ ପରି ସନ୍ଧ୍ୟା ପରେ ବି ଗାଇ ଦୁହାଁ ପୁଣି କ୍ଷୀର ନେଇ ଷ୍ଟୋର ଦେବା ଠୁ ସଉଦା ପତ୍ର ସବୁ କାମ ସରିଲା ବେଳକୁ ରାତି ନଟା।

କିଛି ଦିନ ହେବ ମିଟୁ ବହୁ କଷ୍ଟରେ ଫୋନ ଖଣ୍ଡେ କିଣିଛି। ଫୋନ ନୁହେଁତ ସ୍ମାର୍ଟ ଫୋନ। ଫେସବୁକ ବ୍ୟବହାର କରିବା ପରେ ଧୀରେ ଧୀରେ ପୁଣି ଅନେକ କବିତା ଓ ଗଳ୍ପ ପଢିବାକୁ ପାଇଛି। ବହୁତ ଆଗ୍ରହରେ ପଢ଼ିଛି ଅନେକ କବିତା ଆଉ ଗଳ୍ପ। ହେଲେ ଚାଷୀ ବାସୀ ଲୋକଙ୍କ ପାଇଁ ଏସବୁ "ଅଜାତି କି ବଣିଜ ଅଡୁଆ" ନ୍ୟାୟ ରେ ବହୁତ ଅସୁବିଧା ରେ ପକାଇଛି। ବିଲ ବାଡ଼ି କୁ ଫୋନ ନେଇ ଗଲେ ନିଜ କାମରେ ବିଳମ୍ବ, ତା ସାଙ୍ଗକୁ ପାଣି କାଦୁଅ। ଏସବୁ ପରେ ବି ମିଟୁ ଫୋନ ଟିକୁ ପାଖରେ ରଖିଥାଏ। ଏବେ ଘରଣୀ ସହ ବି କଳି, ସ୍ତ୍ରୀ ର ସଦାବେଳେ ଅଭିଯୋଗ "ଫୋନ ଟା ଏବେ ସବୁ କିଛି, କଣ ଲାଭ ପାଉଛ ସେଥିରୁ" ।

ଦିନେ ମିଟୁ ଫେସବୁକ ରେ ଏକ ସୁନ୍ଦର କବିତା ପଢିବାକୁ ପାଇଛି। ତାକୁ ଲାଗିଛି ଆଜି ସବୁ କିଛି ପାଇଯାଇଛି। କବିତାର ବିଷୟ ବସ୍ତୁ ମହା ପୁରୁଷଙ୍କ ଜୀବନ ଉପରେ ଆଲୋକପାତ। କବିତାର ଲେଖିକା ଗାୟତ୍ରୀ ଦେବୀ। ମିଟୁର ଗାୟତ୍ରୀ ଦେବୀଙ୍କ ସହ ବନ୍ଧୁତା ହୋଇଛି। ଗାୟତ୍ରୀ ଦେବୀଙ୍କ ବ୍ୟକ୍ତିତ୍ୱ, ପ୍ରତିଭା, ଜ୍ଞାନ ଓ ଆଦର୍ଶ ରେ ବହୁତ ପ୍ରଭାବିତ ହୋଇଛି ଗାଉଁଲି ମିଟୁ। ନିଜର ଅଜଣାତରେ ଗାୟତ୍ରୀ ଦେବୀଙ୍କ ଜଣେ ମହାନ ଅନୁଚର ବା ଶିଷ୍ୟ ଭାବିନେଇଛି ନିଜକୁ। କବିତାର ମତାମତ ଜରିଆରେ ଲେଖା ଲେଖି କରିବାର କଳା ଶିଖିନେଇଛି। ଗାୟତ୍ରୀ ଦେବୀଙ୍କ ମହତପୂର୍ଣ୍ଣ ଉପଦେଶ "ଲେଖକର

ISSN NO.
2582-208X

ଆଗ୍ରହ ହେଉଛି ତା ଗୁରୁ"। ସଦାବେଳେ ନିଜ ପାଇଁ ଲେଖ, ଅନ୍ୟ ମାନଙ୍କ କଥାକୁ ଶୁଣ ନାହିଁ। ଲେଖକ ଓ ପାଠକ ମଧ୍ୟରେ ଗୋଟିଏ ସାମଞ୍ଜସ୍ୟ ହେଉଛି "ରୁଚି" ମତାମତ ମାଧ୍ୟମରେ ମିଟୁ ଜାଣିପାରିଛି। ଏବେ ଗାୟତ୍ରୀ ଦେବୀଙ୍କୁ ନିଜର ମାର ସଂମାନ ଦେଉଛି ମନେ ମନେ। ଏସବୁ ପରେ ବି ମିଟୁ ଦୁଇ ଧାଡି ରୁ ବେଶି ଲେଖି ପାରେନି ଶତ ଚେଷ୍ଟା ସତ୍ୱେ।

ଏବେ ମିଟୁ ଫେସବୁକ ରୁ ନିଜକୁ ଦୂରେଇ ପାରୁନି କ୍ଷଣେ ମାତ୍ର। ନିଜର ଆଦର୍ଶ, ନିଜର ମା ଗାୟତ୍ରୀ ଦେବୀଙ୍କ ଘର କଟକରେ ଜାଣିବାକୁ ପାଇଛି। ମଳି ମୁଣ୍ଡିଆ ମିଟୁ କେବେ ସାହସ କରିନି ଗାୟତ୍ରୀ ମାଆଙ୍କ ସହ କଥା ହେବା ପାଇଁ, କି ମେସେଞ୍ଜର ରେ ସମ୍ପର୍କ ସ୍ଥାପନ କରିବା ପାଇଁ। କେବଳ ଭଲ ପାଇଛି, ଭକ୍ତି କରିଛି, ଅନେକ ସମ୍ମାନ ଦେଇଛି ଅନ୍ତରରେ। କେବେ କେବେ କଟକ ଗଲେ ମାଙ୍କୁ ଖୋଜିବୁଲେ ରାସ୍ତା ଘାଟ, ଗଳି କନ୍ଦି ଓ ସମସ୍ତ ଜନ ବହୁଳ ସ୍ଥାନରେ, କିନ୍ତୁ ତାର ସବୁ ଚେଷ୍ଟା ବିଫଳ ହୁଏ। ଏତେ ବଡ ସହରରେ ଜଣେ ଲୋକକୁ ଖୋଜିବା ବି ବହୁତ ବଡ଼ ମୂର୍ଖାମୀ, ତା ସହିତ ଜଣେ ସାମାନ୍ୟ ଚାଷୀ କଟକ ବାରମ୍ବାର କଣ ପାଇଁ ବା ଆସିବ।

ବାସ୍ତବରେ ନ ହେଲେ ବି ସପ୍ନରେ ମିଟୁ ଅନେକ ଥର ଭେଟିଛି ନିଜର ଅତି ଆଦରଣୀୟ ମାଙ୍କୁ। ହେଲେ ସବୁ ସପ୍ନ ଥାଏ ଭିନ୍ନ ଭିନ୍ନ। କେଉଁ ସ୍ୱପ୍ନରେ ଗାୟତ୍ରୀ ଦେବୀ ଆଦରରେ ପାଛୋଟି ନିଅନ୍ତି ତ କେତବେଳେ ଅପମାନିତ କରି ଘରୁ ବିଦା କରିଦିଅନ୍ତି। ପାଛୋଟି ନେବା ସପନରେ ମିଟୁ ଖୁସି ହୁଏ ଏବଂ ଅପମାନିତ କରିଥିବା ସପ୍ନ ରେ, ସପ୍ନ ଭାବି ଭୁଲିଯାଏ। ହେଲେ ମିଟୁର ଶ୍ରଦ୍ଧା ଭକ୍ତି କେବେ ବି କମ ହୁଏନି।

କଟକର କୃଷି ଉର୍ଣ୍ଣୟନ କେନ୍ଦ୍ରରେ ମାଗଣା ବିହନ ମିଳିବା ଖବର ଶୁଣି ମିଟୁ ଆନନ୍ଦ ବିଭୋର ହୋଇଯାଇଛି। ପ୍ରଥମେ ମାଗଣାରେ ବିହନ ମିଳିବ, ଯଦି ଭାଗ୍ୟରେ ଥିବ ମାଙ୍କ ଦେଖାବି ମିଳିଯିବ। ରାତିରେ ମିଟୁକୁ ନିଦ ନାହିଁ କେମିତି ସକାଳୁ କଟକ ଯିବ। ବିହନ ଗଣ୍ଡାଏ ପାଇଁ ଏତେ ବାଟ ନ ଯିବାକୁ ବାରଣ କରିଛି ତା ସ୍ତ୍ରୀ। ସବୁ କାମ କୁ ପଛରେ ପକାଇ ସକାଳ ସାତ ଟା ବସ ରେ ମିଟୁ ଚାଲିଛି କଟକ ବିହନ କେନ୍ଦ୍ରକୁ। ବିହନ ନେବାକୁ ଅନେକ ଲୋକଙ୍କ ଧାଡ଼ି ଲମ୍ବିଛି। ମିଟୁର ପାଳି ପଡିଲା ବେଳକୁ ଦିନ ୨ଟା। ଭୋକରେ ଚାରିଦିଗ ଅନ୍ଧାର ଦେଖାଗଲାଣି। ବିହନ କେନ୍ଦ୍ରରେ ଥିବା କର୍ମଚାରୀ ବସ୍ତା ପିଛା ଶହେ

ISSN NO.
2582-208X

ଟଙ୍କା ନେଉଛନ୍ତି। କଣ କରିବ ମିଟୁ, ପାଖରେ ବେଶି ଟଙ୍କା ନାହିଁ। କେବଳ ଶହେ ତିରିଶ ଟଙ୍କା ପଡିଛି ପାଖରେ। ବିହନ ନ ନେଲେ ଗୋଟେ ଦିନ ବେକାର ଯିବ। ଗୋଟେ ଦିନ ଭୋକରେ ରହିବ ସିନା ବିହନ ନେଇ ଯିବ ଘରକୁ ନ ହେଲେ କେମିତି ମୁହଁ ଦେଖାଇବ ଘରେ, ସ୍ତ୍ରୀ ତ ପ୍ରଥମରୁ ମନା କରିଥିଲା। ଶେଷରେ ଶହେ ଟଙ୍କା ଦେଇ ବିହନ ଆଣି ଫେରିଛି ମିଟୁ।

ଫେରିବା ବାଟରେ ରାସ୍ତା ପାଖ ଦୋକାନରେ ପାଣି ଗ୍ଲାସ ପିଇଛି। ସକାଳୁ କଣ ଗଣ୍ଡେ ଖାଇଥିଲା, ଭୋକରେ  ଜ୍ଞାନ ହାଜିଲାଣି। ପାଖରେ ପଇସା ଟିଏ ନାହିଁ, ପକେଟରେ ତିରିଶଟି ଟଙ୍କା ପଡିଛି। ଯଦି କଣ ଟିକିଏ ଖାଇ ଦିଏ ବସ ଭଡା କେମିତି ଦେବ। ଏସବୁ ଭାବିବା ଭିତରେ କେତେବେଳେ ଆସି ରାସ୍ତା ପାଖ ଗଛ ମୂଳେ ପହଂଚିଲାଣି ନିଜେବି ଜାଣିନି। ଏସବୁ ଭିତରେ ହଠାତ ଦେଖିବାକୁ ପାଇଛି ମା ଗାୟତ୍ରୀ ଦେବୀଙ୍କୁ। ନିଜକୁ ବିଶ୍ୱାସ କରିପାରି ନାହିଁ ମିଟୁ। ଗାୟତ୍ରୀ ଦେବୀ ଏକ ସୁନ୍ଦର କାର ରେ ଅତିକ୍ରମ କରିଛନ୍ତି, ଏବଂ ପାଖରେ ଥିବା ସୁରମ୍ୟ ଅଟାଳିକା ରେ ପ୍ରବେଶ କରିଛନ୍ତି।

କଣ ଠିକ କଣ ଭୁଲ ଚିନ୍ତା ନ କରି ମିଟୁ ଆଗେଇଛି ଅଟାଳିକା ଭିତରକୁ। ଏତିକି ଭାବି ନେଇଛି କିଛି ନ ହେଲେବି ଜଳଖିଆ ଗଣ୍ଡେ ନିଶ୍ଚିନ୍ତ ମିଳିବ। ପେଟ ପାଇଁ ସବୁ ନାଟ, ଭୋକ ବିକଳରେ ସବୁ କିଛି ଭୁଲିଯାଇଛି ମିଟୁ। ଧାନ ବିହନ ତାଙ୍କ ଫାଟକ ପାଖରେ ରଖିଦେଇ ଡୋର ବେଲ କୁ ଦବାଇଛି ବଡ ସଙ୍କୋଚରେ। ମନରେ ବହୁତ ଭୟ, କଣ ହେବ କଣ ନାଇଁ। କିଛି ସମୟ ପରେ ଗାୟତ୍ରୀ ଦେବୀ ଆସିଛନ୍ତି। ସେଇ ସୁନ୍ଦର ରୂପ, ମନରେ ଆତ୍ମବିଶ୍ୱାସ ଭରପୁର। ପାଖକୁ ଆସି ମିଟୁ କୁ ପଚାରିଛନ୍ତି "କାହାକୁ ଖୋଜୁଛ"। ଭୟ ମିଶା କଣ୍ଠରେ ମିଟୁ ନିଜର ପରିଚୟ ଦେଇଛି। ଗାୟତ୍ରୀ ଦେବୀ ପୁଣି ପଚାରିଛନ୍ତି "କଣ କିଛି କାମ ଥିଲା"। ମିଟୁର ମନ ଭାଙ୍ଗି ଯାଇଛି, ଭୟ ମିଶା କଣ୍ଠରେ କହିଛି "କଟକ ଆସିଥିଲି, ଆପଣଂକୁ ଦେଖିବାରୁ ଏମିତି ଚାଲି ଆସିଲି"। ଗାୟତ୍ରୀ ଦେବୀ କହିଲେ "ମୁଁ ଏବେ ବହୁତ ବ୍ୟସ୍ତ, ପରେ କେବେ ଆସ"। ଏତିକି କହି ଘରକୁ ଫେରୁ ଫେରୁ ମିଟୁ ପ୍ରଣାମ କରିଛି ମାଙ୍କୁ। ଆଖିରୁ ଦୁଇଟୋପା ଲୁହ ଝରି ଯାଇଛି ଅଜଣାତରେ। ମା ଙ୍କ ପାଦ ଧୂଳି ବଦଳ ରେ ମିଟୁ ଆଣିଛି ମାଙ୍କ ଚପଲରୁ ଧୂଳି ଟିକେ।

ସୋନପୁର, ନୂଆଁପାଲି

ISSN NO.
2582-208X

# ମୋ ଗାଁ



ପ୍ରକାଶ ନାଗ

ସକାଳୁ ସକାଳୁ ସୁରୁଜ ଉଇଲେ
ଲାଗଇ ଭାରି ସୁନ୍ଦର
କୋଇଲି ଗାନ କରେ ମଧୁର ସୁରେ
ପର ଲୋକ ହୁଅନ୍ତି ନିଜର ।।

ପାହାଡ଼ ତଳର ଛୋଟ ମୋର ଗାଁଟି
ଦିସଇ ଭାରି ସୁନ୍ଦର
କେମିତି ବନ୍ଦନା କରିବି ଡର ଲାଗୁଛି
କାଲେ ଶବ୍ଦ କମ ପଡ଼ିଯିବ ।।

ପଶ୍ଚିମ ଦିଗରେ ଗୋଟିଏ ସୁନ୍ଦର ପାହାଡ଼
ଦିସଇ ଭାରି ସୁନ୍ଦର
ତା ତଳରେ ଗୋଟିଏ ସୁନ୍ଦର ପଦ୍ମ ବନ
ନିତି ଫୁଟଇ ପଦ୍ମ ଫୁଲ ।।

ଗାଁ ଚାରି ପାର୍ଶ୍ୱରେ ସବୁଜ ଜିମା
ଦିସଇ ଭାରି ସୁନ୍ଦର
ପ୍ରକୃତି ରାଣୀ କୁ ଦେଖିଲେ ଥରେ
ଆଖି ଯାଇଥାଏ ଲାଖି ।।

ISSN NO.
2582-208X

ପୂର୍ବ ଦିଗରେ ମାଁ ବୁଢିଆଇ ମନ୍ଦିର
ଦିସଇ ଭାରି ସୁନ୍ଦର
ସମସ୍ତଙ୍କୁ ତାଙ୍କ ପନତ କାନି ତଳେ
ଘୋଡି ରଖିଛନ୍ତି ମାଁ ବୁଢିଆଇ ।।

ଗାଁ ମାଟି କାଠି ଛପର ଘର
ଦିସଇ ଭାରି ସୁନ୍ଦର
ଗାଁ ପରିବେଶ
ଲାଗଇ ଭାରି ସୁନ୍ଦର ।।

ବାରମାଷ ଚାଷ କାମ ହୁଏ
ଦିସଇ ଭାରି ସୁନ୍ଦର
ସବୁଜ ବସ୍ତ୍ର ପିନ୍ଧିଛି ମୋ ଗାଁ
ଛୋଟ ମୋର ଗାଁଟି ।।

ଗାଁ ରେ ସମସ୍ତେ ମିଳିମିସି ରହନ୍ତି
ସେହ୍ନ ସରଧା ଭରପୁର ଅଛି
ମୋ ଗାଁ ମୋର ଜୀବନ
ଏମିତି ଥାଉ ସବୁ ଦିନ ।।

ତଣ୍ଡାମୁଣ୍ଡା, ବଲାଙ୍ଗୀର

ISSN NO.
2582-208X

# ମୋ କୃଷ୍ଣ ରେ



ଗୋପାଳ ଭ୍ରଟି

କହ୍ନାଇ ହେ ---- କହ୍ନାଇ-----କହ୍ନାଇ-----
ଦୁଃଖି ସଙ୍ଖାଳି ମୋ ନୀଳମଣି ମୋର (୨ଥର)
ନ ଯା ବାପ ଧନ ଧେନୁ ଚରେଇ -------
କହ୍ନାଇ ମୋ କହ୍ନାଇ ମୋ କହ୍ନାଇ------'
ରବି ର ତାପରେ ଝାଉଁଳି ଯିବୁ ରେ (୨ଥର)
ନୟନ ପିତୁଳି ଦୁଃଖି ସଙ୍ଖାଳି ---- ।
ବନମାଳୀ ବନମାଳୀ----
ରହିଲା ମୋ ରାଣ ନ ଯା ବାପ ବନ
ଅବୁଝା ହେଲେ ମୋ ଯିବ ରେ ଜୀବନ

ଜଦି ଯିବୁ ବନ ହାରି ଦେବି ପ୍ରାଣ
କେତେ କଷ୍ଟେ ତତେ ପାଇଛି ଧନ
ବନେ କିଏ ଦେବ ତୋ ସର ଲବଣୀ (୨ଥର)
ଅଝଟ ନ ହୁଅ ରଖ ମୋ ବାଣୀ-----
ବେଣୁପାଣୀ ବେଣୁପାଣୀ—

ISSN NO.
2582-208X

କଣ୍ଟା ଲାଗି ଯିବ କୋମଳ ପାଦକୁ
ଫିଟାଇବା ପାଇଁ କହିବୁ କାହାକୁ

ଭୟ ଆସିଲାଣି ମନ ରେ ମୋହର
କେମିତି ଛାଡିବି ତତେ ବଂଶୀଧର
କହେ ଗୋପାଳ ଭାଟି ଅମାନ୍ୟ ହୁଅନା (୨ଥର)
ଜଞ୍ଜାଲିଆ ମୋର କାଳିଆସୁନା -----
କାଳିଆସୁନା ମୋ ସୁନା-----

ISSN NO.
2582-208X

# ପ୍ରତିଶ୍ରୁତି

ସୂରଜ କୁମାର ମେହେର

ପ୍ରତିଶ୍ରୁତି ବୋଲି ଚାରିଟି ଅକ୍ଷର
ଯାହା ତୁମେ ଦେଇଥିଲ,
ସେତିକି ହୃଦୟେ ସାଇତି ରଖିଛି
ଭାବି ମୋ ପ୍ରେମର ମୂଲ ।

ଦେବାକୁ, ନେବାକୁ, ଶୁଣିବାକୁ ସିନା
ଏ ଚାରି ଅକ୍ଷର ମିଠା
ଦେଇ ଚାଲିଗଲେ, ଦେବା ଲୋକ ଭୁଲେ
ଦେଇଥିଲା ବୋଲି କଥା ।

ଦିଆ-ନିଆ ର ଏକ-ଶୂନ ଖେଳ
କାହୁଁ ବୁଝିବ ଏ ମନ,
ସେଥିପାଇଁ ତୁମ ଅଫେରା ପଥରେ
ବସି ଗଣୁଥାଏ ଦିନ ॥

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ପ୍ରାକୃତିକ ଉପାୟରେ ଦୀର୍ଘ ଦିନ ବଞ୍ଚି ରହିବାର ଉପାୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସମଗ୍ର ପୃଥିବୀ ରେ ଯେତେ ପ୍ରଜାତିର ପ୍ରାଣୀ ଅଛନ୍ତି ସମସ୍ତଙ୍କ ଠାରୁ ମନୁଷ୍ୟ ବୁଦ୍ଧିମାନ ତଥା ହିତାହିତ ଜ୍ଞାନ ରହିଥିବା ପ୍ରାଣୀଭାବେ ବିବେଚିତ। ମନୁଷ୍ୟ ଅତି ବୁଦ୍ଧିମାନ, ଚତୁର, ଜ୍ଞାନୀ ହୋଇଥିଲେ ସୁଦ୍ଧା ନିଜର ହେୟଜ୍ଞାନ, ଖାମଖିଆଲ ମନୋଭାବ ତଥା ଅବହେଳା ହେତୁ ନିଜର ଦୈନନ୍ଦିନ  ଖାଦ୍ୟ ସେବନ ପ୍ରଣାଳୀ ଓ ଜୀବନ ଶୈଳୀ କୁ ଏପରି ଢଙ୍ଗରେ ବିତାଇ ଥାଏ ଯାହାକି ନିଜର ସ୍ୱାସ୍ଥ୍ୟ ଉଚ୍ଚ ରକ୍ତଚାପ, କ୍ୟାନ୍ସର, କିଡନୀ, ଲିଭର ଜନିତ ରୋଗ ପେଟରେ ଏସିଡ୍, ବଦହଜମି, ପାକସ୍ଥଳୀ ରେ ଗ୍ୟାସ ସୃଷ୍ଟି ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହ, ମାରାତ୍ମକ ରୋଗ ସୃଷ୍ଟି ହୋଇ ଆମର ସ୍ୱାସ୍ଥ୍ୟ ସମସ୍ୟା କୁ ଜଟିଳତା ଆଡ଼କୁ ନେଇ ଅର୍ଥ ଖର୍ଚ୍ଚାନ୍ତ ହୋଇ ବେଳେ ବେଳେ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ। ଆମର ପୂର୍ବ ପୁରୁଷ, ବୁଢାପା ମାନେ ଦୀର୍ଘାୟୁ ହୋଇ ଶତାୟୁ ବର୍ଷ ଯାଏଁ ବଞ୍ଚି ରହୁଥିଲେ, କିନ୍ତୁ ଆଜିକାଲି ମାତ୍ର 50ରୁ 60ବର୍ଷ ବୟସ ରେ ହିଁ ମନୁଷ୍ୟ ନାନାଦି ଜଟିଳ ରୋଗରେ ପଡି ମୃର୍ତ୍ୟୁ ବରଣ କରୁଛି ।

ମନୁଷ୍ୟ ଧରାପୃଷ୍ଠରେ ସୁସ୍ଥ, ଆରୋଗ୍ୟ ଭାବେ ଶତାୟୁ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିବା ପାଇଁ ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଖାଦ୍ୟ ଦ୍ରବ୍ୟକୁ ଦୈନନ୍ଦିନ ଜୀବନ ଶୈଳୀରେ ଖାଦ୍ୟ ରୂପେ ସେବନ କରିବା ଦ୍ୱାରା ଆମେ ଦୀର୍ଘାୟୁ ହେବା ସହ ପ୍ରାୟତଃ ଶତାୟୁ ବର୍ଷ ପର୍ଯ୍ୟନ୍ତ ଦୁନିଆରେ ନିରୋଗୀ ଭାବେ ବଞ୍ଚି ରହିବାର ବିଭିନ୍ନ ଉପାୟ ଲେଖା ଯାଇଅଛି। ଉକ୍ତ ଦେଶୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ଖାଦ୍ୟ ସାମଗ୍ରୀର କରାମତି ଓ ଫଳପ୍ରଦ ଉପାୟକୁ ସଦ୍ୟତମ ଗବେଷଣା ଦ୍ୱାରା ବହୁ ପରୀକ୍ଷା ନିରୀକ୍ଷା କରାଯାଇ ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ପୁରାତନ ଚିକିତ୍ସା ଶାସ୍ତ୍ର ର ସ୍ୱାସ୍ଥ୍ୟ ସମ୍ବନ୍ଧିତ ଜୀବନ ଶୈଳୀ ପ୍ରଣାଳୀକୁ ସତ ବୋଲି ସହମତି ପ୍ରଦାନ କରିଛନ୍ତି।

ISSN NO.
2582-208X

ମନୁଷ୍ୟ ଦୈନନ୍ଦିନ ଖାଦ୍ୟ ପ୍ରଣାଳୀରେ ଆଧୁନିକ ଖାଦ୍ୟ ଶୈଳୀକୁ ଆପଣେଇ ଖାଦ୍ୟରେ ବ୍ୟାପକ ପରିବର୍ତ୍ତନ କରି କୃତ୍ରିମ ପ୍ରଣାଳୀରେ ପ୍ରସ୍ତୁତି ବର୍ଗର, ପିଜ୍ଜା, ଜେଲି, ଜାମ, କୁରକୁରି, ପାଉଁରୁଟି, କେକ୍, ଚୌମିନ, ମେଗି, ଗୁପଚୁପ ତଥା କମ ଦାମର ତେଲେରେ (ଅତ୍ୟଧିକ କୋଲଷ୍ଟ୍ରୋଲ ଥିବା) ପ୍ରସ୍ତୁତି କରାଯାଇ ବଜାରରେ ମିଳୁଥିବା ବିଭିନ୍ନ ଛଣା ଖାଦ୍ୟକୁ ଆଗ୍ରହ ସହକାରେ ଖାଇବା ଦ୍ୱାରା ପରୋକ୍ଷ ଭାବେ ଶରୀରର ଅଭୂତପୂର୍ବ କ୍ଷତି ହେବାସହ ପେଟରେ ଏସିଡ୍ ସୃଷ୍ଟି ହେବା, ବଦହଜମି, ପେଟରେ ବାୟୁ ସୃଷ୍ଟି ହେବାସହ ଉଚ୍ଚ ରକ୍ତଚାପ, କିଡନୀ, ଲିଭର ଆଦି ରେ ନାନାଦି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଉକ୍ତ ଖାଦ୍ୟ ସାମଗ୍ରୀରେ ଯେତିକି ଅର୍ଥ ବ୍ୟୟ ହୋଇଥାଏ ତାର ପ୍ରତିବଦଳରେ ପ୍ରାକୃତିକ ଉପାୟରେ ମିଳୁଥିବା ବିଭିନ୍ନ ରକମର ସବୁଜ ପନିପରିବା, ପାଚିଲା ଫଳ, କ୍ଷୀର, ଘିଅ, ମହୁ ଆଦିକୁ ଦୈନନ୍ଦିନ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି (IMMUNO POWER) ବୃଦ୍ଧି କରାଇ ଦୀର୍ଘ ବର୍ଷ ବଞ୍ଚିରହିବାରେ ସାହାଯ୍ୟ କରିଥାଏ।

ଆମ ହାତ ପାହାନ୍ତାରେ ମିଳୁଥିବା କେତେକ ପ୍ରକୃତିଦତ୍ତ ଖାଦ୍ୟ ପଦାର୍ଥ ଉପାଦେୟ ମାଧ୍ୟମରେ ଏବଂ ଦୈନନ୍ଦିନ ଉପଯୁକ୍ତ ଭାବେ ସୂର୍ଯ୍ୟକିରଣ ଗ୍ରହଣ କରିବା, ଯୋଗ, ଆସନ, ପ୍ରଣାୟମ କରିବା ସହ କେତେକ ନିର୍ଦ୍ଦିଷ୍ଟ ସବୁଜ ପନିପରିବା, କଞ୍ଚା କଦଳୀ, ବିନିସ, ଛେଳି କ୍ଷୀର, ଗାଈ କ୍ଷୀର, ଗାଈ ଘିଅ, "ଖଜରା" ଆଦି ଖାଦ୍ୟ ଦ୍ରବ୍ୟକୁ ସେବନ କରିବା ଦ୍ୱାରା ମନୁଷ୍ୟ ଧରା ପୃଷ୍ଠରେ ଦୀର୍ଘାୟୁ ଭାବେ ବଞ୍ଚିରହିପାରିବ। ପ୍ରାତଃ କାଳରେ ସୂର୍ଯ୍ୟକିରଣରେ ପ୍ରଚୁର ପରିମାଣରେ ଭିଟାମିନ୍-D ରହିଥାଏ, ଯାହାକି ଶରୀର ପାଇଁ ଅମୃତ ତୁଲ୍ୟ ଫଳପ୍ରଦ ଅଟେ। ଯୋଗ, ଆସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ ଆଦି କରିବା ଦ୍ୱାରା ଶରୀରର ମାଂସପେଶୀ ସୁସ୍ଥ ରହିବା, ସଠିକ ଭାବେ ରକ୍ତ ସଞ୍ଚାଳନ ହେବା ସହ ଫୁସଫୁସ ରେ ଅମ୍ଳଜାନ ପରିମାଣ ସଠିକ ଭାବେ ସନ୍ତୁଳିତ ହୋଇଥାଏ।

କଞ୍ଚା କଦଳୀ :- ସବୁଜ ପନିପରିବା ମଧ୍ୟରେ କଞ୍ଚା କଦଳୀ ରେ ଭିଟାମିନ, ମିନେରାଲ, "ଫାଇବାର" ଭରପୁର ପରିମାଣରେ ରହିଥାଏ।ଏହାକୁ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ କିଡନୀ କ୍ୟାନ୍ସର ପ୍ରାୟତଃ ଅର୍ଦ୍ଧ ପ୍ରତିଶତ କମ ହୋଇଥାଏ। ମନୁଷ୍ୟ ଶରୀରରେ ରକ୍ତଶର୍କରା ପରିମାଣକୁ କମ କରାଇବା ସହ ମେଦ ବହୁଳତାକୁ ହ୍ରାସ କରାଇଥାଏ। ବର୍ତ୍ତମାନ ସମାଜରେ ମନୁଷ୍ୟ ହୃଦରୋଗ, ମଧୁମେହ, ଉଚ୍ଚ ରକ୍ତଚାପ,

ISSN NO.
2582-208X

କେନ୍ସର ଭଳି ବହୁ ଜଟିଳ ରୋଗରେ ବହୁଳ ପରିମାଣରେ ଆକ୍ରାନ୍ତ ହୋଇ ମୃତ୍ୟୁର ଆଶଙ୍କା ରହୁଛି। କଞ୍ଚା କଦଳୀ ରେ ରେଜିଷ୍ଟେନ୍ସ ଷ୍ଟାର୍ଚ୍ଚ,ଏବଂ ପେକଟିନ ନାମକ ପୋଷକ ତତ୍ୱ ରହିଥିବାରୁ ଶରୀରରେ ରକ୍ତ ଶର୍କରାକୁ ସନ୍ତୁଳିତ କରିଥାଏ। ଶରୀରରେ ଜୀବନିୟ ଶକ୍ତିକୁ ବୃଦ୍ଧି କରାଇ ଥାଏ।

ବିନସ:- ବିନ୍ସ ଶୀତଦିନେ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ, ଏଥିରେ ଭିଟାମିନ-A, ଭିଟାମିନ-C, ଭିଟାମିନ-B6 ସହ କ୍ୟାଲସିୟମ, ମ୍ୟାଗନେସିୟମ, ଫଲିକ ଏସିଡ୍, ଆଇରନ, ପ୍ରୋଟିନ, ପୋଟାସୀୟମ, କପର ଆଦି ଭରପୁର ରହିଥାଏ । ଏହା ଖାଦ୍ୟ ରୂପେ ଖାଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣ କୁ ସନ୍ତୁଳିତ କରିବା, ଅସ୍ଥିକୁ ମଜବୁତ କରିବା, ହୃଦ ରୋଗକୁ ହ୍ରାସ କରାଇବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ। ମହିଳା ମାନଙ୍କ ର ଋତୁ ସ୍ରାବ ଜନିତ ସମସ୍ୟା କୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ ।

ଡାଳିମ୍ବ:- ପାଚିଲା ଫଳ ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପକାରୀ ଅଟେ । "ଡାଳିମ୍ବ" ରେ ପ୍ରଚୁର ଫାଇବର ସହ ଭିଟାମିନ-A,C,D ଆଦି ଭରିରହିଥାଏ। ତେଣୁ ଡାଳିମ୍ବ କୁ ଖାଦ୍ୟ ରୂପେ ଖାଇବା ଦ୍ୱାରା ବିଭିନ୍ନ ବାତ ଜନିତ ସମସ୍ୟା ଦୂର ହେବାସହ ପାଚନ ଶକ୍ତି ବୃଦ୍ଧି କରିବା ଡ଼ାଇରିଆ, ଅଲସର, ପ୍ରୋଟେଷ୍ଟ କ୍ୟାନସର, ସ୍କିନ କ୍ୟାନସର ହ୍ରାସ କରାଇଥାଏ। ଦୁର୍ବଳ ମାଂସପେଶୀ କୁ ସୁଦୃଢ଼ କରି ମାଂସପେଶୀ ଜନିତ ଜଏଣ୍ଟ ପେଇନ କୁ ଦୂର କରେ। ଶରୀରରେ ପ୍ରଜନନ କ୍ଷମତା କୁ କ୍ରିୟାଶୀଳ କରାଇଥାଏ, ତେଣୁ ଡାଳିମ୍ବ କୁ ଖାଦ୍ୟରେ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି।

ଛେଳି କ୍ଷୀର:- ଆୟୁର୍ବେଦ ଶାସ୍ତ୍ରରେ ଛେଳି କ୍ଷୀର ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପକାରି ବୋଲି ବର୍ଣ୍ଣନା କରାଯାଇଛି। ଛେଳି ସାଧାରଣତଃ ପ୍ରତ୍ୟକ ଗଛର ପତ୍ରକୁ ହିଁ ଖାଇଥାଏ, ତେଣୁ ଛେଳି କ୍ଷୀରରେ ପ୍ରଚୁର ପରିମାଣରେ ଜୀବନିୟ ଶକ୍ତି ରହିବା ସହ କ୍ୟାଲସିୟମ, ଫସଫରସ, ପୋଟାସିୟମ, ଆଇରନ, ମ୍ୟାଗନେସିୟମ, ସୋଡିୟମ, କାର୍ବୋହାଇଡ୍ରେଟ, ପ୍ରୋଟିନ, ସୁଗର, ଖଣିଜ ପଦାର୍ଥ,କପର, ଜୀଙ୍କ ସହ ଭିଟାମିନ -A,B,C ଆଦି ପ୍ରାକୃତିକ ଉପାୟରେ ମିଳିଥାଏ। ଶରୀର ପାଇଁ ଛେଳି କ୍ଷୀର ମୋହଷଧି ସଦୃଶ ଅଟେ।

ISSN NO.
2582-208X

ମହୁ:- ମହୁକୁ ଆମେ ବିଭିନ୍ନ ପୂଜା ପାର୍ବଣ ଓ ଶୁଭ କାର୍ଯ୍ୟରେ ବ୍ୟବହାର କରିଥାଉ। ମହୁ ସେବନ କରିବା ଦ୍ଵାରା କ୍ୟାନସର, ହୃଦ ରୋଗ, ଲିଭର କୋଲେଷ୍ଟରଲ, ବ୍ରେଷ୍ଟ କ୍ୟାନସର, ଟ୍ୟୁମର ସୃଷ୍ଟି ଆଶଙ୍କାକୁ ହ୍ରାସ କରାଇଥାଏ । ମହୁକୁ ଉଷୁମ ପାଣିରେ ପକାଇ ସକାଳୁ ସକାଳୁ ପିଇବା ଦ୍ଵାରା ଥଣ୍ଡା ଜନିତ ସମସ୍ୟାରୁ ରକ୍ଷା ପାଇବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ରେ "ମହୁ" ସେବନ କରିବା ଉଚିତ।

ଗାଈ କ୍ଷୀର:- ଗାଈ କ୍ଷୀର ରେ ପ୍ରଚୁର ପରିମାଣରେ ଜୀବନୀୟ ଶକ୍ତି ରହିଥାଏ। ଗାଈ ଘିଅ ରେ କୋଲେଷ୍ଟରଲ "0" ପ୍ରତିଶତ" ରହିଥାଏ। ଗାଈ କ୍ଷୀର ଓ "ଗାଈଘିଅ" କୁ ଦୈନନ୍ଦିନ ଖାଦ୍ୟରେ କିଛି କିଛି ପରିମାଣ ଗ୍ରହଣ କରିବା ଉଚିତ। "ଗାଈଘିଅକୁ" ନାକର ଦୁଇ ପୁଡ଼ାରେ ୧ ରୁ ୨ ଟୋପା "ନସ୍ୟ" ଭାବେ ଦିନରେ ଥରେ କିମ୍ବା ଦୁଇ ଥର ପକକାଇବା ଉଚିତ ଯଦ୍ଵାରା କଣ୍ଠ ପ୍ରଦେଶ ରେ ବିଭିନ୍ନ ଭୁତାଣୁ ଓ ଜୀବାଣୁ ଯନୀତ ସଂକ୍ରମଣ ହ୍ରାସ ପାଇଥାଏ ଯଦ୍ଵାରା ମନୁଷ୍ୟ ଦୀର୍ଘାୟୁ ନିମନ୍ତେ ସାହାଯ୍ୟ କରିଥାଏ।

ଖଜୁରି :- 'ଖଜୁରି" ରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ, ଏହା ଖାଦ୍ୟ ରୂପେ ଆମେ ଖାଇବା ଦ୍ଵାରା କଫ ଓ ଥଣ୍ଡା ଜନିତ ସମସ୍ୟା କୁ ଦୂର କରିଥାଏ।

ଦୈନନ୍ଦିନ ଜୀବନଶୈଳୀ ରେ ଆମେ ଉପରୋକ୍ତ ଖାଦ୍ୟ ଦ୍ରବ୍ୟ ଗୁଡିକୁ ଖାଦ୍ୟ ଭାବେ ଗ୍ରହଣ କରିବାଦ୍ଵାରା ମନୁଷ୍ୟ ପ୍ରାୟତଃ ଶତାୟୁ ବର୍ଷ ବଞ୍ଚିରହିପାରିବ ବୋଲି ଆମର ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ଲିପି ବଦ୍ଧ ହୋଇ ରହିଛି। ସଦ୍ୟତମ ଚିକିତ୍ସା ଶାସ୍ତ୍ର ଗବେଷଣା କରି ମନୁଷ୍ୟ ଉକ୍ତ ଖାଦ୍ୟ ପଦାର୍ଥ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ଵାରା ଦୀର୍ଘ ବର୍ଷ ବଞ୍ଚି ରହିପାରିବ ବୋଲି ଏକମତ ହୋଇଛନ୍ତି। ସାମ୍ପ୍ରତିକ ପରିସ୍ଥିତି ରେ ମନୁଷ୍ୟ ଅତିକମ ବୟସ ରେ ନାନାଦି ଜଟିଳ ରୋଗରେ ପଡି ହଟାତ ମୃତ୍ୟୁ ବରଣ କରୁଛି, ତେଣୁ ଏପରି ଅସ୍ଵାଭାକିକ ମୃର୍ତ୍ତୁକୁ ପ୍ରତିରୋଧ ନିମାନେ ଆମେ ଯତ୍ନବାନ ହେବା ଜରୁରୀ ହୋଇପଡ଼ିଛି ।

ଗୋଷ୍ଠି ସ୍ଵାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# କାଠି ରୋଲ୍



ଜୟନ୍ତୀ ଦେବୀ

ସାମଗ୍ରୀ : ଅଟା – ୧ କପ୍, ମଇଦା – ୧ କପ୍
ଦେଶୀ ଘିଅ – ୨-୩ ଚାମଚ, କଟା ହୋଇଥିବା ଟମାଟୋ – ୧ଟା
ଶିମଳା ଲଙ୍କା, ପନିର – ୨୦୦ ଗ୍ରାମ
ଛୋଟ ଛୋଟ କଟା ହୋଇଥିବା ପତ୍ରକୋବି – ୧ କପ୍
ଗ୍ରୀନ ମଟର – ୧ କପ୍, ତେଲ, ଜୀରା
ହେଙ୍ଗୁ – ଛୋଟ ଚାମଚ, ହଳଦୀ ଗୁଣ୍ଡ – ୧/୪ ଚାମଚ
ଧନିଆ ଗୁଣ୍ଡ – ୧ ଚାମଚ, କଞ୍ଚାଲଙ୍କା – ୧/୨ ଟି
ଛୋଟ ଛୋଟ ହୋଇ କଟା ହୋଇଥିବା ଅଦା, କଟା ହୋଇଥିବା ଧନିଆପତ୍ର କିଛି
ଲଙ୍କା ଗୁଣ୍ଡା – ୧/୪ ଚାମଚ, ଲୁଣ ସ୍ୱାଦ ଅନୁସାରେ

ପ୍ରସ୍ତୁତି ପ୍ରଣାଳୀ : ଏକ ପାତ୍ରରେ ଅଟା ଏବଂ ମଇଦା ନିଅନ୍ତୁ । ସେଥିରେ ଲୁଣ ଏବଂ ପାଣି ମିଶାଇ ଭଲଭାବରେ ଦଳି ଦିଅନ୍ତୁ । ଏବେ ଏକ ପ୍ୟାନରେ ତେଲ ଗରମ କରନ୍ତୁ ଏବଂ ଗ୍ରୀନ ମଟର ପକାଇ ୧-୨ ମିନଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ପରେ ପତ୍ର କୋବି ଏବଂ ଶିମଳା ଲଙ୍କା ପକାଇ ୫ ମିନଟ୍ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । କଳ୍ପ କଞ୍ଚା ରଖି ଏହାକୁ ଏକ ପ୍ଲେଟରେ ବାହାର୍ କରିଦିଅନ୍ତୁ । ଏଥର ପ୍ୟାନରେ ତେଲ ଗରମ କରି ଜୀରା ଏବଂ ହେଙ୍ଗୁ ପକାନ୍ତୁ । ପରେ ହଳଦୀ ପାଉଡର, ଧନିଆ ପାଉଡର, କଟା ହୋଇଥିବା ଟମାଟୋ, କଞ୍ଚା ଲଙ୍କା, ଅଦା ଏବଂ ଲଙ୍କା ଗୁଣ୍ଡା ପକାଇ କିଛି ସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ସେଥିରେ ପନିର ଲୁଣ ଏବଂ ଭଜା ହୋଇଥିବା ପରିବା ପକାଇ ଭଲଭାବରେ ଘାଣ୍ଟି ଦେବା ପରେ ଧନିଆ ପତ୍ର ପକାଇ ଦିଅନ୍ତୁ । ପରେ ପରଠା ମଧ୍ୟରେ ପୂର୍ବରୁ ପ୍ରସ୍ତୁତ ମସଲା ରଖି ଟୁଥ୍ ପିକ୍ ରେ ବନ୍ଦ କରି କାଠି ରୋଲ ପ୍ରସ୍ତୁତ କରନ୍ତୁ ।

ମଧୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ସୁଜି ଗୋଲାପଜାମୁନ୍



ଅଧ୍ୟାପିକା ରେଜାଲିନ୍ ବାରିକ୍

ସାମଗ୍ରୀ: ସୁଜି – ଅଢେଇ କପ୍
ଘିଅ – ୩ ଚାମଚ
ଗୁଜୁରାତି ପାଉଡର – ୧ ଚାମଚ,
ଚିନି – ୨ କପ୍
କ୍ଷୀର – ୨ କପ୍

ପ୍ରଣାଳୀ: ଗୋଟିଏ ପ୍ୟାନ ଗରମ କରନ୍ତୁ । ଏଥିରେ ଚିନିକୁ ପାଣି ସହ ଢାଳନ୍ତୁ । ଏହା ପେଷ୍ଟ ହେଲା ପର୍ଯ୍ୟନ୍ତ ଏହାକୁ ଘାଣ୍ଟାନ୍ତୁ । ଏଥିରେ ଅଧା ଚାମଚ ଗୁଜୁରାତି ଗୁଣ୍ଡ ଓ ଏକ ଚାମଚ କ୍ଷୀର ମିଶାନ୍ତୁ । ଏହା ପରେ ଚିନି ସିରା ପ୍ରସ୍ତୁତ ହୋଇଗଲା । ଏହାକୁ ଅଲଗା ରଖନ୍ତୁ । ଆଉ ଏକ ପ୍ୟାନରେ ଘିଅରେ ସୁଜି ପକାଇ ଭାଜନ୍ତୁ । ଏହାର ରଙ୍ଗ ହାଲୁକା ବଦଳିବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ଓ ସିଝା କ୍ଷୀର, ଗୁଜୁରାତି ଗୁଣ୍ଡ ମିଶାନ୍ତୁ । କ୍ଷୀର ଶୁଖିଲା ଯାଏଁ ଏହାକୁକ୍ ଭାଜନ୍ତୁ । ଏହା ପରେ ମିଶ୍ରଣକୁ ଥଣ୍ଡା କରନ୍ତୁ । ଏହା ପରେ ହାତରେ ଘିଅ ଲଗାଇ ଛୋଟ ଛୋଟ ବଲ ଆକାର ଦିଅନ୍ତୁ । ତା ପରେ ଏହାକୁ ଛାଣନ୍ତୁ । ଛଣା ହୋଇଥିବା ସୁଜି ଗୁଳାକୁ ସିରାରେ ବୁଡାନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଗୋଲାପ ଜାମୁନ୍ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ସମର୍'ପଣ୍



ବାଙ୍କାବିହାରି ମହାକୁର

ଗୁପର୍ ଗୁପିଯେତେଁ ଫୁସୁର୍'ଟାପୁର୍
ବଢେ କପ୍'ଟି ଆନ୍ କାଲିଆ ସୁନା,
ବାଟେଁଘାଟେଁ ଟାକ ଭାଁଗ୍'ସି ମଠିଆ
ତାହାକେ କହେଲେ କରୁଥିସି ମନା ।

ଘର୍'କେ ଢୁକ ଖାଏସି ସର୍'ଲବଣୀ
ସାଁଗ୍'ମେଲେ ନ ପଡେ କେଭେଁ ଧର୍,
ପଡ୍'ଲେ ଧର୍ କେତେଁ ଦେଖାସି ନଖର୍
ନଟ୍'ଖଟିଆ ତାହାର୍ ଚେହେର୍ ।

ବଏଁଶୀ ସୁର୍'ଥି ଆମ୍'କୁ ନଚ୍ସି
କବାର୍'ବୁତା ସବ୍ ଦେସି ଭୁଲାଇ,
ପାସ୍'କେ ଆଏଲେ କର୍'ସି ବାହାନା
ଆମର୍'ଠାନୁ ଦୁରିଆକେ ପଲାଇ ।

ସମ୍'କର୍'ଠାନୁ ବଏଁଶୀକେ ଜହଁ
କର୍'ସି ଅଧ୍'କା ସେନେହୋ ଆଦର୍,
ଜଣା ନାଇଁ ପଡୁଛେ ତାର୍ ମହେମା
ଗୁଁଦଲ୍‌ଗୁପା ଲାଗୁଛେ ଭବ୍'ଡୁର୍ ।

ସମିଆ ଠବ୍'କେଇ ସବ୍ ହେଲେଁ ଠୁଲ୍
ବଏଁଶୀକେ କହେବେ ମନ୍ ଖୁଲି ,
କାଏଁଥିର୍ ଲାଗି ତତେ ନଁଦର୍ ବେଟା
ମନ୍'ଭିତ୍'ରୁ ନ ପାରୁଛେ ଭୁଲି ।

ISSN NO.
2582-208X

ସର୍‌ଗ୍'ନେ ତତେ ଟୁଁଡେ ଧରି ଫୁଙ୍କ
ଆମର୍ ମନ୍'କେ କର୍'ସି ବାଇଆ,
ଆର୍ ଘଡ୍'କେ ଅଁଟାନେ ଖୁଁଚଥିସି
କାଏଁ ମହ୍'ନୀ ଲଗାସୁ ଟିକେ କହିଜା ।

ବଏଁଶୀ କହେଲା ହୁରୁଦ୍'କେ ଖୁଲି
ମୁଇଁ ନଜର୍ ହେଲି ବଲି
ନାଇଁହେଇ ଦୁଖ୍'ମନା,
ଛଁଦ୍ କପଟ୍'କେ ହୁର୍'ଦୁଁ ପାସ୍'ରି
ସମ୍'କର୍ ଲ୍‌ଗି ଗହ୍'କନେ ଥାପ
ସେନେହୋ,ପେରମ୍ ସଦ୍'ଭ୍ବନା ।

ମୁଇଁ ନାଇନ ଆରୁ ମୋର୍ ହେଇ
ସବ୍'କେ ମନ୍'ଭିତ୍'ରୁ ଦେଲି ପାସରି ,
ହିନ୍'ସା ଅଁହ୍'କାର୍ ଲୁଭ୍ ଗରବ୍
ଦିହ୍'କେ ପାର୍'ବେ କାଏଁ ଆରୁ ଆବ୍'ରି ।

ଯେତେଁ ନୁର୍'ଲେ ପାଏବି କାଏଁ ଆରୁ
ପହେଲାର୍ ସେ ମୁଲ୍ ରୁପ୍'କେ ମୋର୍,
ସମର୍'ପି ଦେଲି ଦିହ୍ ତାର୍'ଠାନେ
ଯିବି ତରି ଭଜିଭଜି ନାଁକେ ତାର୍ ।

ବଏଁଶୀର୍ କଥା ଶୁନ ଗୁପିଯେତେଁ
ତହିଁରୁ ବୁଝ୍'ଲେ ମରମ୍'ର ଭ୍ବ୍,
ସମର୍'ପଣ୍ ଭ୍ବ୍ ନଥିଲେ ହୁର୍'ଦେ
ଜୀବ୍'ନେ କେଭେଁ ନ ମିଲନ୍ ମାଧବ୍ ।

ବୁରୁବୁଡା,ବୀରମହାରାଜପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଭାରତ ମାଟିର୍ ଛୁଆ ମୁଇଁ



ଦେବାର୍ଚ୍ଚନ ମେହେର

ଭାରତ୍ ମାଟିର୍ ବୀର୍ ଛୁଆଁ ମୁଇଁ
ଭାରତ୍ ମୋର୍ ମାଁ,
ଦେଶ୍ ଲାଗି ମୋର୍ ଜୀବନ୍ ଦେବି
ଦେଶ୍ ବିଦେଶ୍ ନେ ରଖିମି ନାଁ।।

ମୋର୍ ଭାରତ୍ ମାଟିର୍
ଗୁଣ୍ ଗାଉଁଥିମି,
ଯେତେ ଦିନ ବଞ୍ଚିଥିମି
ମାଟି ମା'ର ସେବା କର୍ ମି।।

ଇ ଭାରତ୍ ଭୂଇଁ ନେ
ଜନମ୍ ନେଇ କେତେ ବୀର୍,
ନିଜର୍ ଜୀବନ୍ ଦେଇ
ଟେକ ରଖିଛନ୍ ଭାରତ ମାଁର୍।।

ତ୍ରିରଙ୍ଗା ପତାକା ଉଡେ ଫର୍ ଫର୍
ପବନର୍ ଲହରିଥି,
ସେଲୁଟ୍ ମାରି ଦେମା ସମ୍ମାନ୍
ବଞ୍ଚିଥିବାରଥି।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ଭାବର ବନ୍ଧନ



ମୀରା ବାଇ ପାଣିଗ୍ରାହୀ

ମୋର୍ କଲିଆ କାହ୍ନୁ ସାଙ୍ଗେ
କରିଛେ ମୁଇଁ ଭାବ୍
ତାର୍ ନାଁ ମତେ କରବା ପାର୍
ନାଁ ଆଏ ମୋର୍ ନାବ୍ (ଡଙ୍ଗା)।
ସମୁଦର୍ କେ ପାର୍ ହେଇଯିମି
ଯେତେ ପଡୁ ବିପଦ୍
ଯେତେ ଆସୁ ଝଡ୍ ଝଞ୍ଜା ହେ।
କହୁଛେ ମୁଇଁ ସତ୍।
ଇ ଭାବ୍ ଲାଗି ବିଦୁର୍ ଘରେ
ଖାଏଲେ ମୋର୍ କାହ୍ନୁ
ପଖାଳ ଶାଗ୍ ଚାଟି ପୁଛି ଖାଇଥିଲେ
ନାଇଁ ଯାଆନ୍ ମୋର୍ ମନୁ।
ଶବରୀ ହାତୁ ଅଏଠା ଫଲ୍ ଖାଇ
ଭାବ୍ କେ ତାକର୍ ବଢାଲେ
ଭାବ୍ ଲାଗି ଗୋପୀ ଗୋପାଳ ସଭେ
ଗିଆନି ଉଦ୍ଧବ୍ କେ ହରାଲେ।
ସୁଦାମା କେ ପାଦ୍ ଧୁଇଦେଲେ
ନିଜର୍ ହାତେ ତାକର୍
ଖୁଦ୍ ଭୁଜା ଖାଇ ଉସତ୍ ମନେ
ଧନ୍ ଦଉଲତେ ଭରଲେ ଘର୍।

ନୁଆପଡା, କୋମନା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ବିଷ ଆଉ ଔଷଧ ମଧ୍ୟ !



ଡ଼ଃ ରଞ୍ଜିତ କୁମାର ସାହୁ

ଡ଼ିଙ୍ଗ ଆଜି ଭାରି ଦୁଷ୍ଟ ହେଉଛି । ଡୁଡୁଲା ଯେତେ ତାହାର ଚେନ ଟାଣିଲେ ମଧ୍ୟ ମାନୁନି । ଶେଷରେ ହାଲିଆ ହେଇକି ଡୁଡୁଲା ବଡ ଭାଇକୁ ଡାକ ପକେଇଲା । ବଡ ଭାଇ ଆସି ଦେଖିଲେ, ବୋଉ ରଖିଥିବା ପରିବା ପତ୍ର ସବୁକୁ ଡିଙ୍ଗ ଘାଣ୍ଟି ଦେଇଛି । ଆଳୁ ପିଆଜ ରସୁଣ ସବୁ ଏପଟେ ସେପଟେ ଗଡୁଛି । ବଜାରରୁ ପରିବା ପତ୍ର ସବୁ ଆଣିକି ବୋଉ ଅଗଣାରେ ଥୋଇ ଦେଇଥିଲା । ଡିଙ୍ଗ ଖେଳ କୁଦରେ ସବୁ ଏପଟେ ସେପଟେ କରି ଦେଇଛି। ପୂର୍ବରୁ ଡିଙ୍ଗ ଏତେ ଦୁଷ୍ଟ ନଥିଲା କିନ୍ତୁ କିଛି ମାସ ମଧ୍ୟରେ ବହୁତ ବଡ ହେଇ ଯାଇଛି ଆଉ ତାହାର ଦୁଷ୍ଟାମୀ ଆରମ୍ଭ କରି ଦେଇଛି । ଗୋଟିଏ ଆଳୁକୁ ପାଟିରେ ଧରି ପକେଇଥିଲା ଡିଙ୍ଗ !

ବଡ଼ ଭାଇ ଡିଙ୍ଗକୁ ବାନ୍ଧି ଦେଲା ଆଉ ଚାଲିଗଲା । ଡୁଡୁଲା ପରିବା ସବୁ ଗୋଟେଇବାରେ ଲାଗିଥିଲା । ରସୁଣଟିଏ ଗଡି ଗଡି ଡିଙ୍ଗ ଆଡକୁ ଚାଲିଗଲା । ଏତିକି ବେଳେ ବାପା ମଧ୍ୟ ଆସିଗଲେ ଆଉ ଡିଙ୍ଗ ଆଡକୁ ଗଡୁଥିବା ରସୁଣଟିକୁ ଉଠେଇ ଆଣିଲେ ।

"ଗୋଟିଏ ଆଳୁ ଖାଇଥିଲା ଏବେ ରସୁଣ ଖାଇ ଦେଇ ଥାନ୍ତା," ଡୁଡୁଲା କହିଲା ।

"ଭଲ ହୋଇଛି, ରସୁଣ ଖାଇନି," ବାପା କହିଲେ ।

"କାହିଁକି ? ଗାଆଁରେ ତ ବଡ଼ମା କୁହନ୍ତି, ରସୁଣ ବହୁତ ଉପକାରି ଜିନିଷ । ମୋତେ ଥଣ୍ଡା ହେଇଥିବାରୁ ରସୁଣ ଫୁଟେଇକି ସେହି ତେଲରେ ମାଲିଶ କରିଥିଲେ ଆଉ କାନରେ ଦରଜ ହେଉଥିବାରୁ କାନରେ ମଧ୍ୟ ଦୁଇ ଟୋପା ପକେଇ ଦେଇଥିଲେ," ଡୁଡୁଲା କହିଲା ।

"ସେହି ସବୁ ପାରମ୍ପରିକ ଘରୋଇ ଚିକିତ୍ସା, କେତେ ଦୂର ପ୍ରକୃତରେ ଲାଭ ହୁଏ କେହି ଜାଣି ନାହାନ୍ତି କି ଗବେଷଣା ହୋଇ ନାହିଁ । କିନ୍ତୁ କେବଳ ଖାଦ୍ୟ ରୂପରେ ନୁହେଁ, ଔଷଧ ରୂପରେ ମଧ୍ୟ ରସୁଣ ଆଦିମ କାଳରୁ ବ୍ୟବହାର ହେଇ ଆସିଛି । ଏହାର ପ୍ରଥମ

ISSN NO.
2582-208X

ବ୍ୟବହାର ଇଜିପ୍ଟ ଦେଶରେ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବରୁ ହୋଇଥିବାର ଅନୁମାନ କରାଯାଏ । ମଧ୍ୟ ଏସିଆରୁ ପ୍ରଥମେ ଏକ ଉପକାରୀ ଉଦ୍ଭିଦ ଭାବରେ ଚିହ୍ନଟ ହେଇଥିବା ରସୁଣ ଆଜି ପୃଥିବୀର ସବୁ ଅଂଚଳରେ ବ୍ୟବହାର କରା ଯାଏ । ଏହାର ଅତୀବ ତୀକ୍ଷ୍ଣ ଗନ୍ଧକୁ ଦୂର କରିବାକୁ ଲେମ୍ବୁ ରସ ବ୍ୟବହାର କରା ଯାଏ । ଔଷଧ ଭାବରେ ରସୁଣ ରକ୍ତଚାପ କୁ ନିୟନ୍ତ୍ରଣ କରିବାର ସମ୍ଭାବନା ଅଛି ଏବଂ ଏହା ଜୀବାଣୁ ଏବଂ ଭୁତାଣୁ ପ୍ରତିରୋଧ ବୃଦ୍ଧି କରିବାରେ ସହାୟକ ବୋଲି ମଧ୍ୟ ମାନ୍ୟତା ପାଇଛି । ଏହା ଦେହରୁ ମେଦ ହ୍ରାସ କରି ପାରେ ବୋଲି ଲୋକେ କୁହନ୍ତି । କିନ୍ତୁ ମଣିଷର ଉପକାରୀ ଏହି ତୃଣ ଗୃହପାଳିତ ପଶୁ ଯଥା କୁକୁର ଏବଂ ବିରାଡ଼ି ପାଇଁ ବିଷମୟ !" ବାପା କହିଲେ ।

"ଓଃ ମୁଁ ତ ଏହି କଥା ଜାଣି ନଥିଲି," ଡୁଡୁଲା କହିଲା ।

"ହଁ ଆଉ ପିଆଜ ଭଳି ରସୁଣ ମଧ୍ୟ ଭୂମି ତଳେ ବଢୁଥିବା କାଣ୍ଡଟିଏ । ଏହାର ଉତ୍ପତି ପ୍ରତିକୂଳ ପାଗରେ ଉଦ୍ଭିଦର ଖାଦ୍ୟ ସଞ୍ଚୟ କରିବା ଲାଗି ଏବଂ ପରେ ଅନୁକୂଳ ପାଗରେ ତାହାର ପ୍ରଜନନ ପାଇଁ ହୋଇଥାଏ," ବାପା କହିଲେ ।

"ମୁଁ ଭାବୁଥିଲି ଏହା ଏକ ପ୍ରକାର କନ୍ଦା ବୋଲି, ଏବଂ ଏହାକୁ ରୋଷେଇରେ ଆଉ ଆଚାର ପାଇଁ ବ୍ୟବହାର କରାଯାଏ ବୋଲି," ଡୁଡୁଲା କହିଲା ।



ISSN NO.
2582-208X

"କେବଳ ରସୁଣ ନୁହେଁ, ଏହାର ପତ୍ର, ଫୁଲ ସବୁ ଖିଆ ଯାଇ ପାରେ । ଅନେକ ଦେଶରେ ଏହାର ପତ୍ରକୁ ଲୋକ ସୁପ ରେ ବ୍ୟବହାର କରନ୍ତି କିନ୍ତୁ ବହୁତ ଉତ୍କଟ ସ୍ୱାଦ ଥିବାରୁ ଅଳ୍ପ ପରିମାଣରେ ବ୍ୟବହାର କରନ୍ତି । ଏହାକୁ ସାଧାରଣତଃ ରୋଷେଇ କରିକି ହିଁ ଖିଆ ଯାଏ କିନ୍ତୁ ଏହାକୁ ଶୁଖେଇ ଏହାର ଚୂର୍ଣ ମଧ୍ୟ ତିଆରି ହୁଏ । ଆଶ୍ଚର୍ଯ୍ୟ ଲାଗେ କିନ୍ତୁ ପୃଥିବୀରେ ପ୍ରାୟ ୬00ରୁ ଅଧିକ କିସମର ରସୁଣ ଅଛି, ଯାହାର ଆକାର, ରଙ୍ଗ ସ୍ୱାଦ ଭିନ୍ନ ଭିନ୍ନ କିନ୍ତୁ ଅଧିକାଂଶ ରସୁଣରେ ଥିବା ରାସାୟନ ସମାନ ଅଟେ," ବାପା କହିଲେ ।

ଏତିକି ଭିତରେ ତୁତୁଲା ସବୁ ତକ ପରିବା ଏକାଠି କରି ସାରିଥିଲା ।

"ସକାଳୁ ଡିଙ୍ଗ ବାହାରକୁ ଯାଇ ନାହିଁ, ତେଣୁ ବ୍ୟସ୍ତ ଆଉ ବିରକ୍ତ ହେଇ ପରିବା ସବୁ ଫୋଫଡା ଫୋଫାଡ଼ି କଲା । ତାକୁ ବାହାରେ ବୁଲେଇକି ନେଇ ଆସେ । ଆମେ କେବଳ କୁକୁର ଆଉ ବିରାଡ଼ିକୁ ପାଳିଲେ ଯଥେଷ୍ଟ ନୁହେଁ, ସେମାନଙ୍କର ଯତ୍ନ ମଧ୍ୟ ନେବାକୁ ପଡେ" ବାପା କହିଲେ ।

"କିନ୍ତୁ ବାପା ଆମ ପାଇଁ ଯଦି ରସୁଣ ଏତେ ଉପକାରୀ ତାହା ହେଲେ କୁକୁର ଆଉ ବିରାଡିଙ୍କ ପାଇଁ କାହିଁକି ରସୁଣ ହାନିକାରକ?" ତୁତୁଲା ପଚାରିଲା ।

"ପ୍ରତ୍ୟେକ ପ୍ରାଣୀର ପାଚନ ଶକ୍ତି ଆଉ ଶରୀରର ଜୈବିକ ପ୍ରଣାଳୀ ଅଲଗା ହୋଇଥାଏ । ଅନେକ ଫଳ ଆମ ଲାଗି ବିଷାକ୍ତ କିନ୍ତୁ ତାହାକୁ କେମିତି ଚଢେଇ ସବୁ ଖାଆନ୍ତି? ଭାବିକି ଦେଖ, ସମସ୍ତଙ୍କ ପାଇଁ ସବୁ ଖାଦ୍ୟ ସମାନ ନୁହେଁ," ବାପା କହିଲେ ।

ବାପା ପରିବା ତକ ନେଇକି ଘର ଭିତରକୁ ଚାଲି ଗଲେ ଆଉ ତୁତୁଲା ଡିଙ୍ଗକୁ ବାହାରକୁ ବୁଲେଇବାକୁ ନେବା ଲାଗି ବାହାରିଲା । ଖୁସିରେ ଡିଙ୍ଗ ତାହାର ଲାଙ୍ଗୁଳ ହଲେଇବାକୁ ଲାଗିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଶିଶୁ ପ୍ରାର୍ଥନା



ଟଙ୍କଧର ଶତପଥି

ଦୟାମୟ ଦୟାସାଗର ଦୟା କର ହେ ମୋତେ ।
ପିତାମାତାଙ୍କର ଆଶିଷେ ଭୟ ଯାଉ ହେ ଯେତେ ॥
ମୁଣ୍ଡ ପରେ ଦିଅ ଚାଳଟେ ମନ ଖୁସିରେ ଥିବି ।
ଓଠରେ ପ୍ରଭୁ ହେ ତୁମ୍ଭର ନାମ ଜପୁଣ ଥିବି ॥
ଚାଲିଚାଲି ଯିବି ପାଦରେ ତୁମ୍ଭ ଆସ୍ଥାନ ସ୍ଥାନେ ।
ଦର୍ଶନ କରିବି ହରଷେ ତୁମ୍ଭ ବିଭୁ ବଦନେ ॥
ମାଧବ ସେବାରେ ହାତକୁ ସଦା ଲଗାଇ ଥିବି ।
ଦୁଃଖିରଙ୍କିଙ୍କର ସେବାରେ ସଦା ସମୟ ଦେବି ॥
ମନକୁ ନ ଆସୁ ପ୍ରଭୁ ହେ କେବେ ପରର ନିନ୍ଦା ।
ବିମୁଖ ନ ହୋଇ ସାରିବି ସଦା ସଂସାର ଧନ୍ଦା ॥
ମାତୃଦେବ ପିତୃଦେବର ଧର୍ମ କରି ପ୍ରଚାର ।
ଦେଶଦଶ ସେବା କରିବି ଛାଡ଼ି ସବୁ ବିକାର ॥
ପାଖରେ ମୋହର ପଡୋଶୀ ସଦା ସୁଖରେ ଥାଉ ।
ରୋଗ ଶୋକ ଦୁଃଖ ପାଖକୁ ଡରି କେବେ ନ ଯାଉ ॥
ଆପଦେ ବିପଦେ ଶକତି ଦିଅ ମୋର ଶରୀରେ ।
ତୁମ୍ଭ ନାମ ମାତ୍ରେ ପ୍ରଭୁ ହେ ସର୍ବ ଯାଆନ୍ତୁ ଦୂରେ ॥

ସୁନ୍ଦରପାଳ, ଅନୁଗୋଳ
ଦୂରଭାଷ :- ୯୯୩୮୨୬୪୪୭୬

ISSN NO.
2582-208X

# ଗୁଡି



ସରୋଜ କୁମାର ସାହୁ

ଗୁଡିରେ ଗୁଡି ଯାଉଛୁ ଉଡି
ଆକାଶେ ପକ୍ଷୀ ସାଜି
ଦେଖୁଛୁ କେତେ ଦେଶ ବିଭବ
କହରେ ପାଖେ ଆଜି ।
ପବନ ସାଥେ ବାରତା ନେଇ
ଯାଉଛୁ ହସି ହସି
ଦୂରରୁ ପାଖ ରଙ୍ଗ ବେରଙ୍ଗ
ଆକାଶେ ପୁଣି ଦିଶି ।
ଧୂଳି ଧୂସର ବାଦଲ ସଙ୍ଗେ
ହେଉଛୁ ତୁହି ଭେଟ
ଫେରାଇ ଆଣୁ ମିଠା ଦରଦ
ନ ଭୁଲି ଯାଇ ବାଟ ।
ଟିକିଏ ନାହିଁ ରାଗ କି ରୁଷା
ଅଭିମାନର ଭାବ
ସ୍ନେହ ପ୍ରେମର ଅମୃତ ଧାରା
ସଭିଁଙ୍କୁ ଖୁସି ଦେବ ।

କୁନି ପିଲାଙ୍କ ସରଗଶଶୀ
ଚାନ୍ଦ ତାରାଠୁ ବେଶି
ଭୁଲି ଯାଅନ୍ତି ଭୋକ କି ଶୋଷ
ସାଥିରେ ଖେଳି ହସି ।
ନିତି ତୁ ଆସୁ କୁନି ସପନେ
ସାଜି ସଙ୍ଗାତ ମିତ
ଅଜାଡି ଦେଉ ଭରା ନିଦରେ
ମହୁଲି ଝରା ଗୀତ ।

ଆଠଗଡ଼, କଟକ
୯୩୪୮୫୭୫୨୨୪

ISSN NO.
2582-208X

# କଚରିମିଚରି ଘରଚଟିଆ



ନୀଳମାଧବ ସାହୁ

ମିତା ରବିବାର ଦିନ ଅଜାଘରକୁ ବୁଲିବାପାଇଁ ଯାଇଥାଏ । ହଠାତ କିଛି ଚଢେଇକୁ ଦେଖି ସେ ଛୋଟବେଳେ ପଢିଥିବା ଗୋଟେ ଛୋଟ ଗୀତଟିକୁ ଗୁଣୁଗୁଣୁ କଲା ।

"କିଚିରି ମିଚିରି କିଚିରି ମିଚିରି କିଚିରି ମିଚିରି ଚଟିଆ,
ଧାନ ଜଗି ଥିଲା ନଟିଆ,
ନଟିଆ ଧରିଲା ବାଡ଼ି ଚଟିଆ ଗଲେ ଉଡି ।"

ମିତା ସହରରେ ରହିଲାପରେ କେବେ ଘରଚଟିଆ ଦେଖିନଥିଲା । ବହୁତଦିନ ପରେ ଅଜାଘର ପାଖରେ, ସେ ଆଜି ଘରଚଟିଆ ଦେଖୁଥାଏ । ତା'ପରେ ଭାବିଲା ଏଠି ଗାଁରେ ଘରଚଟିଆ ଦେଖାଯାଉଛି କିନ୍ତୁ ସେ ରହୁଥିବା ସହରରେ ଦେଖାଯାଉନି କାହିଁକି ? ସେହିକଥା ପୁଣି ତା' ଅଜାଙ୍କୁ ପଚାରିଲା ।

ଅଜା ଛୋଟବେଳୁ ସେହି ଗାଁରେ ଘରଚଟିଆ ଦେଖି ଆସୁଛନ୍ତି । "ଗାଁରେ ଥିବା ସବୁ ଚାଳଘର ତଳେ ସେହି ପକ୍ଷୀ ମୁଖ୍ୟତଃ ଦେଖିବାକୁ ମିଳନ୍ତି ଓ ଏବେ ସହରମାନଙ୍କରେ ସବୁ କୋଠାଘର ହେଲାପରେ ସେମାନଙ୍କ ପାଇଁ ସୁହାଇଲା ପରି ବାସସ୍ଥାନର ଅଭାବ ଦେଖାଦେଇଛି ବୋଧହୁଏ," ଅଜା ଉତ୍ତର ଦେଲେ ।

ISSN NO.
2582-208X



"ଏହି ପକ୍ଷୀ ବିଷୟରେ ଆଉ କଣ ଜାଣିଛନ୍ତି ?" ମିତା ପୁଣି ଅଜାଙ୍କୁ ପ୍ରଶ୍ନକଲା । ଅଜା ତା'କୁ ଜଣେଇଲେ ଯେ, ଘରଚଟିଆ ମାନେ ଜନବସତିରେ ଲୋକବହୁଳ ଅଂଚଳରେ ବି ଖାପଖୁଆଇ ଚଳିପାରନ୍ତି । ଏହି ପକ୍ଷୀର ଦୈର୍ଘ୍ୟ ୧୫ ରୁ ୧୬ ସେମି ହେବାସହ ଏହାର ଓଜନ ୨୪ ରୁ ୪୦ ଗ୍ରାମ ଯାଏଁ ହୋଇଥାଏ । ଅଣ୍ଡିରା ଘରଚଟିଆର ରଙ୍ଗ ମାଇ ପକ୍ଷୀ ଅପେକ୍ଷା ଗାଢ଼ କଳା, ଧୂସର ଓ ମାଟିଆ ହୋଇଥାଏ, ମାଇ ପକ୍ଷୀଟି ଧୂସର ଓ ଈଷତ ମାଟିଆ ରଙ୍ଗର ହୋଇଥାଏ । ମାଇ ଘରଚଟିଆ ଅଣ୍ଡିରା ଘରଚଟିଆଠୁ ଆକାରରେ ଟିକେ ଛୋଟ ହୋଇଥାଏ । ଏମାନେ କିଚିରି ମିଚିରି ଶବ୍ଦ କରିଥାନ୍ତି ।

"ଅଜା, ଏହି ଘରଚଟିଆ କେଉଁକେଉଁ ସ୍ଥାନରେ ଦେଖିବାକୁ ମିଳନ୍ତି ଓ କ'ଣ ଖାଆନ୍ତି ?" ମିତା ପୁଣି ଅଜାଙ୍କୁ ପଚାରିଲା । ଅଜା ପୁଣି ଉତ୍ତରଦେଲେ କି, ଘରଚଟିଆ ପୃଥିବୀର ପ୍ରାୟ ସ୍ଥାନରେ ଦେଖିବାକୁ ମିଳନ୍ତି । ଭାରତ ଓ ଏହାର ପଡୋଶୀ ଦେଶ ବଙ୍ଗଳାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ମିଆଁମାରରେ ମଧ୍ୟ ଦେଖାଯାନ୍ତି । ଏହି ପକ୍ଷୀଙ୍କ ବାସସ୍ଥାନ ମୁଖ୍ୟତଃ ଜନବସତି, ସମତଳ ଅଂଚଳ, ଘାସପଡିଆ, ପାହାଡିଆ ସ୍ଥାନ, ଓ ଶସ୍ୟକ୍ଷେତ ହୋଇଥାଏ । ଏମାନେ ପାଳକୁଟାରେ ନିଜ ବସା ବନାଇଥାନ୍ତି । ଗଛ କାରୋଡ଼, ଘର ବାହାରେ ଥିବା ଫାଙ୍କା ସ୍ଥାନ, କାନ୍ଥରେ ଥିବା କଣା, ଇଲେକ୍ଟ୍ରି ଖୁଣ୍ଟ, ଲ୍ୟାମ୍ପ ସେଡର ଫାଙ୍କା ସ୍ଥାନ, ଆଜବେଷ୍ଟ ଓ ଚାଳ ତଳେ ଏମାନେ ବସା ବାନ୍ଧିଥାନ୍ତି । ଘରଚଟିଆ ମାନେ ସର୍ବଭକ୍ଷ

ହୋଇଥାନ୍ତି, ବିଭିନ୍ନ ଶସ୍ୟ, ଫୁଲ କଢି ଖାଇବା ସହ କେତେକ ପ୍ରଜାତିର ଛୋଟ କୀଟପତଙ୍ଗ ମଧ୍ୟ ଖାଇଥାନ୍ତି । ଶସ୍ୟକ୍ଷେତରେ ଏମାନେ ପାକଳ ଶସ୍ୟ ଖାଇଯାନ୍ତି ତେଣୁ ସେଠାରେ ଚାଷୀମାନେ ସେମାନଙ୍କୁ ଘଉଡାଇଥାନ୍ତି ଓ ଅଜା ମଧ୍ୟ ତାଙ୍କ କ୍ଷେତରେ ବହୁଥର ଚଟିଆକୁ ଘଉଡାଇଛନ୍ତି ବୋଲି କହିଲେ ।



ପୁଣି ମିତା ମନରେ ଉଙ୍କିମାରିଲା ଘରଚଟିଆ ବିଷୟରେ କେତୋଟି ପ୍ରଶ୍ନ । "ଆମ ବାପା, ଜେଜେବାପା ଅମଳରେ ଦେଖାଯାଉଥିବା ଏହି ଘରଚଟିଆ ଏବେ ବହୁତ ସ୍ଥାନରେ ଦେଖାଯାଉନାହିଁ କାହିଁକି ?", ଏହି ପ୍ରଶ୍ନଟିକୁ ମିତା ତା' ମାଆଙ୍କୁ ପଚାରିଲା । "ବାସସ୍ଥାନ ନଷ୍ଟ, ସହରୀକରଣ, ପ୍ରାକୃତିକ ସମ୍ପଦର ନଷ୍ଟ, ପ୍ରଦୂଷଣ ଓ ସୂକ୍ଷ୍ମ ତରଙ୍ଗ ବିକିରଣ କରୁଥିବା ଟାୱାର ଇତ୍ୟାଦି ଘରଚଟିଆର ବଂଶବିସ୍ତାର କମିବାର ମୁଖ୍ୟ କାରଣ ଅଟେ ", ମିତାର ମାଆ ଜଣାଇଲେ । କେତେ କଗବେଷକଙ୍କ କହିବା ଅନୁସାରେ ପାରାର ବହୁଳ ବଂଶବିସ୍ତାର ଫଳରେ ତାହା ଘରଚଟିଆର ବାସସ୍ଥାନକୁ ଅଧିକାର କରିନେଲା, ଘରଚଟିଆକୁ ବସା ବାନ୍ଧିବାକୁ ସୁଯୋଗ ମିଳିଲା ନାହିଁ ଓ ଏମାନଙ୍କ ସଂଖ୍ୟା କମିବାରେ ଲାଗିଲା ।

ISSN NO.
2582-208X

ମିତାର ଏସବୁ କଥାବାର୍ତ୍ତା ତା' ବାପା ଦୂରରୁ ଶୁଣୁଥିଲେ ଓ ଚଟିଆଙ୍କ ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣକ ରାଯାଇଛି ବୋଲି ଜଣାଇଲେ । ବନ ବିଭାଗ ଓ ବିଭିନ୍ନ ଅଣ-ସରକାରୀ ସଂସ୍ଥା ଦ୍ଵାରା ଘରଚଟିଆ ବଞ୍ଚାଅ ଅଭିଯାନ ଓ ସଚେତନତା ମୂଳକ କାଯ୍ୟକ୍ରମ କରିବା ସହ ସହରାଞ୍ଚଳରେ ଘରଚଟିଆଙ୍କ ପାଇଁ କୃତିମ ବସା ବଣ୍ଟନ କରାଯାଉଛି । ବିଦ୍ୟାଳୟରେ ଛୋଟ ଶିଶୁମାନଙ୍କୁ ବି ଏମାନଙ୍କ ସଂରକ୍ଷଣ ବିଷୟରେ ସଚେତନ କରାଯାଉଛି । ଫଳରେ କେତେକ ସ୍ଥାନରେ ଘରଚଟିଆ ପୁଣି ଫେରି ପାଇଛି ।

ମିତା ଘରଚଟିଆ ବିଷୟରେ ସବୁ ଜାଣିସାରିଲା ପରେ ସହରରେ ଥିବା ତାଙ୍କ ଘରେ ଘରଚଟିଆ ପାଇଁ ବସା ରଖିବା ବୋଲି ତା' ବାପାଙ୍କୁ ଜଣାଇଲା ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ଆମ ଗାଆଁରେ ହୋଲି



ଅମରନାଥ ବାରିକ

ସକାଳୁ ଉଠି ଗାଧୋଇ ପାଧୋଇ ଆମ୍ବଡାଳ, ଅଁଳାଡାଳ, ଦୁବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି । କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି । ବାକି ଥିଲା ସବୁଆଡ଼େ ଚିତାପଇତା ପକେଇବା । ତାହା ବି କାଲି ରାତିରେ ସାରି ଦେଇଥିଲି । ନ ହେଲେ ଆଜି ଆହୁରି ବିଳମ୍ବ ହୋଇ ଥାଆନ୍ତା । ଏତିକି କଥା ମନରେ ଭାବୁ ଭାବୁ, ମୋ ପୁଅ ଆକାଶର ଫୋନ ଆସିଲା ଦିଲ୍ଲୀରୁ । ତା' ବାପା ମୋତେ ଡାକ ଛାଡ଼ିଲେ "ଏ ରେବତୀ କୁଆଡ଼େ ଗଲ ଶୀଘ୍ର ଧାଇଁ ଆସ ଆମ ପୁଅ ଆକାଶ ଫୋନ କରିଛି ଦିଲ୍ଲୀରୁ"। ତାହା ଶୁଣି ମୁଁ କହିଲି ଆଗ ଦିଅ ମୁଁ ଟିକେ କଥା ହୁଏ ! ମୋ ପୁଅ ଦୁଇ ମାସ ପରେ ଫୋନ କରିଛି। ଆକାଶ କହିଲା ବୋଉ ତୁ କଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଞ୍ଚିଲା । ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇ ମାସ ହେଲାଣି ? ଆଜି ତୋ ବୋଉ କଥା ମନେ ପଡ଼ିଲା କେମିତି ଅଛି ! ଆକାଶ କହିଲା "ନାଇଁ ଲୋ ବୋଉ ବାପା ସିନା ପାଠ ପଢ଼ାଇ ଇଂଜିନିୟର କରି ଦିଲ୍ଲୀ ପଠାଇ ଦେଲେ ଲୋ । ହେଲେ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମନେ ପଡ଼େ !! ମୁଁ କ'ଣ କରିବି ଏଠି ତ ଯାବତୀୟ କାମ । ଅଫିସରେ ଏତେ ବ୍ୟସ୍ତରେ ରହୁଛି ଯେ ତୋ ବୋହୂ ଦେଇଥିବା ଟିଫିନ ବି ଖାଇ ପାରୁନାହିଁ । ଛାଡ଼ ସେ ସବୁ କଥା, ତୁ ଆଗ କହ, ଆଜି ପରା ଦୋଳ ପୂର୍ଣ୍ଣିମା ତୁ ପିଠା, କ୍ଷୀରି କରିଛୁନା ? ମୋର ଭାରି ଇଚ୍ଛା ହେଉଛି ତୋ ହାତ ତିଆରି ପିଠା, କ୍ଷୀରି ଖାଇବା ପାଇଁ ! ବାପାଙ୍କର ସେଇ ଓଗାଳ ବୋଲା, ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବୀର ବୋଳା କଥା ବହୁତ ମନେ ପଡୁଛି । ଏଥର ଆମ ଗାଁ ଗୋପବନ୍ଧୁ ଠାକୁର ମୂର୍ତ୍ତି କେତେ ବଡ଼ ତିଆରି ହୋଇଛି କି ବୋଉ" ?

ISSN NO.
2582-208X

ହଁ ରେ ପାଗଳା ସବୁ ତ ଧୁମଧାମରେ ହେଉଛି । ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ । କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ । ତୋ କଥା ପଚାରି ବହୁତ ମନ ଦୁଃଖ କରୁଥିଲେ । କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରି ପାରୁନାହାନ୍ତି । ତା' ବିନା ପଡ଼ିଆରେ ମଞ୍ଚ ଖାଲି ରହିଛି । ଆଉ ଦୋଳ ନାଟକ ହେଉ ନାହିଁ । ହଉ ତୁ ଏବେ କହ ମୋ ବୋହୂ ନନ୍ଦିନୀ, ଆଉ ମୋ ନାତିଟୋକା କ'ଣ କରୁଛନ୍ତି ? ସେ ଭଲରେ ଅଛନ୍ତି ତ !! ମୋ କଥା ପାଟିରୁ ସରିନାହିଁ ଆକାଶ ଟିକେ ମୁରୁକି ହସିଦେଲା । ଠିକ ଏହି ସମୟରେ ତା' ବାପା ମୋତେ ଏପଟରୁ କହିଲେ "ଆରେ ଆମ ଆକାଶ, ବୋହୂ ନନ୍ଦିନୀ ଓ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ କରୁଛନ୍ତି । ସେମାନେ ସମସ୍ତେ କାଲି ଆସି ପହଞ୍ଚିବେ ଘରେ" । ଏତକ ଶୁଣି ସାରିବା ପରେ ଆକାଶର ବାପାଙ୍କଠାରୁ, ମୋ ଗୋଡ଼ ଆଉ ତଳେ ରହିଲା ନାହିଁ । ମୁଁ ଆକାଶକୁ କହିଲି ହଉରେ ଧନ ତୁ ରେଳରେ ବସିଛୁ ବେସି କଥା ହୁଅ ନାହିଁ ଏବେ ଫୋନ ରଖ । ଭଲରେ ଆସି ଘରେ ପହଞ୍ଚେ ।

ମୋତେ ରାତିଟା ଲାଗୁଥାଏ ଯୁଗପରି । ରାତି ପାହି ସକାଳ ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ । ସେଦିନ ଥାଏ ହୋରି ଖେଳ । ସେମାନେ ସମସ୍ତେ ହାତ ଗୋଡ଼ ଧୁଆ ଧୋଇ ହୋଇ ଲୁଗା ପଟା ବଦଳେଇ ଆସିଲେ । ଆମେ ସମସ୍ତେ ଠାକୁର ଘରେ ବସି ରାଧା କୃଷ୍ଣଙ୍କ ପାଦ ଯୁଗଳରେ ଅବୀର ଲଗେଇ ତା' ପରେ ପରସ୍ପର ମଧ୍ୟରେ ଅବୀର ବୋଳି ହେଲୁ । କିନ୍ତୁ ଆକାଶର ମନ ଘରେ ଲାଗୁଥାଏ। ସେ ଖାଲି ତରତର ହେଉଥାଏ । କେମିତି ଗାଁ ସାହିରେ ଯାଇ ତା' ସାଙ୍ଗ ମାନଙ୍କ ମେଳରେ ହୋରି ଖେଳିବ । ଗୋପବନ୍ଧୁ ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲି । ତାହା ସବୁ ଦେଖି ଆମ ଆକାଶର ପୁଅ, ଏଇବା ଆମ ନାତିଟୋକା ସାତ ବରଷର ହେବ । ତା' ମାଆ ନନ୍ଦିନୀକୁ କହିଲା । ମାମା ଏ ସବୁ କ'ଣ ? ତା' ଜେଜେ କହିଲେ "ଆରେ ନାତି ଆଜିପରା ହୋରି ଖେଳ । ପାଞ୍ଚ ଦିନ ପର୍ଯ୍ୟନ୍ତ ଆମେ ମାନେ ସମସ୍ତେ ଏମିତି ଅରୁଆ ଅନ୍ନ, ଡାଲମା, ପୁରି, ଫଳମୂଳ, ଭୋଗ ଆଦି ଖାଇବା । ଗାଁରେ ଦୋଳ ଠାକୁର (ମେଢ଼ରେ ରାଧା କୃଷ୍ଣ ଙ୍କ ଦୁଇ ପାଖରେ ଦୁଇ ସଖି ଏବଂ ଗାଈର ମୂର୍ତ୍ତି) ବସିବେ । ବାଡ଼ି ଖେଳ, ଓଗାଳ ବୋଲା, ଭଜନ କୀର୍ତ୍ତନ, ଅବୀର ବୋଳା, ଗୋ ମାତାଙ୍କୁ ପୂଜା କରିବା, ଭୋଜି ଭାତ

ISSN NO.
2582-208X

ବଣ୍ଟାକୁଣ୍ଟା ଇତ୍ୟାଦି ହେବ । ଏଇଟା ଆମ ଗୋପାଳ ମାନଙ୍କର ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳ ପର୍ବ । ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁ କୁ ଫେରିବେ । ବନ୍ଧୁ ବାନ୍ଧବ ସମସ୍ତେ ଆସନ୍ତି । ପରସ୍ପର ମଧ୍ୟରେ ଭଲ ସଂପର୍କ ସ୍ଥାପନ କରନ୍ତି ।

ନାତି ସବୁ ଶୁଣି ସାରିବା ପରେ କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକମାନେ ହୋଲି ସେଲିବ୍ରେଟ କରନ୍ତି । ଡିଜେ ବଜାଇ ନାଚନ୍ତି । ମୋ ଫ୍ରେଣ୍ଡମାନେ ମୋତେ ରଙ୍ଗ ଲଗାନ୍ତି। ଆଉ ଅଙ୍କଲ ଆଣ୍ଟି ଆସି ପାପା ମାମାଙ୍କ ଉପରେ କଲରଫୁଲ ପାଣି ଢ଼ାଳି ଦିଅନ୍ତି । କିଛି ଲୋକମାନେ ନିଜର କପଡା ଚିରି ଫିଙ୍ଗାଫିଙ୍ଗି କରନ୍ତି ଏବଂ ସମସ୍ତେ ବଡ଼ ପାଟିରେ କୁହନ୍ତି "ହ୍ୟାପି ହୋଲି" । ଶେଷରେ ନାତିଟୋକା କଥା ଶୁଣି ଆମେମାନେ ସମସ୍ତେ ହସି ହସି ମଜା କଲୁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଜେଜୀ ମାଆ



ମୀନାକ୍ଷି ପାଢ଼ୀ

ଜେଜୀମା' କୁ ମୋର ଛୁଇଁବ ଅଶୀ,
ଦେଖାଯାଏ କିନ୍ତୁ ଷୋଳ ବୟସୀ,
ସୁଇଟି ସିକ୍ସଟିନ୍ ଡାକିଦେଲେ ତାକୁ
ଖୁସିରେ ଦିଏ ସେ ମୁରୁକି ହସି ।

ବୟସ ଗଡ଼ିଛି ଦାନ୍ତ ପଡ଼ିନି,
ସିନେମା ସଉକି ନିଶା ଛାଡୁନି,
ପାନ ଖିଲ ଟିଏ ପାଟିରେ ପୁରାଇ
ଚାଲୁଥାଏ ଅବା ସେ ହିରୋଇନି ।

ଦେଖିବାକୁ ବୋକୀ ବଡ଼ ଚତୁରୀ,
ପାନ, ଚୂନ ପୁଣି ଗୁଆ କତୁରୀ,
ଅନ୍ଧାର ରାତିରୁ ନିଦୁଁ ଉଠିପଡ଼ି
ଉଠାଏ ସଭିଙ୍କୁ ପକାଇ ହୁରି ।

ବଡ଼ ସୁଆଦ ତା'ହାତ ରାନ୍ଧଣା,
ଯେତେ ଖାଇଲେ ବି ମନ ବୁଝେନା,
ଭାତ ଖାଉ ଖାଉ ଖାଇଦିଏ ହାତ,
ତୁଣ ଖାଉ ଖାଉ ତାଟିଆ, ଗିନା ।

ISSN NO.
2582-208X

ଯିବାକୁ କହିଲେ ମର୍ଣ୍ଣିଂୱାକ୍,
"ବେକାର କଥା ତୋ ପାଖରେ ରଖ,
ବସି ଖିଆ ଙ୍କ ର ଏଇ ସବୁ କାମ
ଘର କାମ କରି ଅଣ୍ଟା ସଳଖ।

ବାପା, ଦାଦା ଦୁଇ ନୟନ ତାରା,
ମୁଁ ପରା ତାହାର ଗେଲ ପସରା,
ବୋଉଟା ଉପରେ ଗରଗର ହୁଏ
ପଛରେ କହେ, "ମୋ ଲକ୍ଷ୍ମୀ ଟା ପରା।"

ରାତି ହେଲେ କହେ, "ଗୋଡ଼କୁ ମୋଡ଼,"
ମୋବାଇଲ୍ ଛାଡ଼ି ପାଠକୁ ପଢ଼,
ଛତରା ବାତରା ହୋଇ ନ ବୁଲିଲେ
କାଲି ଦିନେ ନିଶ୍ଚେ ହୋଇବୁ ବଡ଼ ।"

ଶିକ୍ଷୟିତ୍ରୀ, ଚକଟୀ,ଗଞ୍ଜାମ
ମୋ: ୯୭୭୬୫୪୫୦୦୧

ISSN NO.
2582-208X

# ଚିତ୍ର



ଅଭିକା ପଟ୍ଟନାୟକ




ପ୍ରେପ୍, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆ ଦିଲ୍ଲୀ

ISSN NO.
2582-208X

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୩/୨୦୨୨ | ମହାଶିବ ର୍ତ୍ରି (ଜାଗର) |
| ୦୨/୦୩/୨୦୨୨ | ଅମାବାସ୍ୟା |
| ୦୫/୦୩/୨୦୨୨ | ପଞ୍ଚାୟତିର୍ଜ ଦିବସ |
| ୧୩/୦୩/୨୦୨୨ | ଫଗୁ ଦଶମୀ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଗ୍ବଚେରୀ ବେଶ |
| ୧୪/୦୩/୨୦୨୨ | ପାପନାଶିନୀ ଏକାଦଶୀ |
| ୧୫/୦୩/୨୦୨୨ | ମୀନ ସଂକ୍ରାନ୍ତ |
| ୧୭/୦୩/୨୦୨୨ | ବର୍ହ ଦୋଳ, ଓଅଳକଣା ମେଲଣ |
| ୧୮/୦୩/୨୦୨୨ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ |
| ୧୯/୦୩/୨୦୨୨ | ହୋଲି ଉତ୍ସବ |
| ୨୨/୦୩/୨୦୨୨ | ତାର୍ତାରେଣୀ ଯାତ୍ରା |
| ୨୩/୦୩/୨୦୨୨ | ପଞ୍ଚୁଦୋଳ ଓ ସ୍କନ୍ଦ ଷଷ୍ଠୀ |
| ୨୮/୦୩/୨୦୨୨ | ପାପମୋଚନୀ ଏକାଦଶୀ |
| ୩୦/୦୩/୨୦୨୨ | ସ୍ନୁହୀ ଚତୁର୍ଦ୍ଦଶୀ, ବାରଣୀ ସ୍ନାନ |

ISSN NO.
2582-208X

# ଚତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଫେବୃୟାରୀ ମାସର ବିଜେତାଙ୍କ ନାମ



ISSN NO.
2582-208X

ଅନ୍ନ ଡାଲି ସାଥେ ବେସର ମହୁର
ମହାପ୍ରସାଦକୁ ଦେଖି,
ମନହୁଏ ଭରି ହାତମୋ ପତେଇ
ଦିଅନ୍ତୁ ଟିକଏ ଗୁଖି,
ଡୋରୀ ମୋ ଲଗିନ ଶ୍ରୀକ୍ଷେତ୍ର ଯାଇନ
ପାଇନ ଦର୍ଶନ ତୋର,
ଅବଢ଼ାଗଣ୍ଡେ ତୁ ଦେଇଛୁ ପଠେଇ
ଅହୋଭାଗ୍ୟ ସତେ ମୋର।।

ଜ୍ୟୋସ୍ନା ରାୟ, ବାଲେଶ୍ୱର

ଏ ମହାପ୍ରସାଦ ଅନ୍ନ ବ୍ୟଞ୍ଜନ
ଦିବ୍ୟ ଅନୁଭବ ଜଗା ଦର୍ଶନ
ଭାଗ୍ୟ ତେଜଥିଲେ ଏସବୁ ମିଳେ,
ସାରା ପୃଥିବୀରେ ନଥାଏ କେଉଁଠି
ଯାହା ମିଳଥାଏ ଏ ନୀଳାଚଳେ ।
ଆନନ୍ଦ ବଜାର ମହାମିଳନ
ବ୍ରାହ୍ମଣ ଚଣ୍ଡାଳ ଭେଦଭାବ ନାହିଁ,
ଅନ୍ନ କଣିକାରେ ଜୀବନ ଧନ୍ୟ ।

ସୁମିତ୍ରା ପଣ୍ଡା, ଶ୍ରୀବିହାର, ପଟିଆ

ISSN NO.
2582-208X

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**